ମେଘମାଳାର ସ୍ୱପ୍ନ

ଚୁଳାମଣି ପାଢ଼ୀ

Source: Author, Digitized by PPRACHIN, SOA

ମେଘମାଳାର ସ୍ୱପ୍ନ

କୁଳମଣି ଷଡ଼ଙ୍ଗୀ

ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର

Source: Author, Digitized by PPRACHIN, SOA

ମେଘମାଳାର ସ୍ୱପ୍ନ
(ଉପନ୍ୟାସ)■
କୁଳମଣି ଷଡ଼ଙ୍ଗୀ
ପ୍ରକାଶକ : ଶାନ୍ତିସେନା ପବ୍ଲିକେଶନ୍ସ,ଜଗତସିଂହପୁର
ପ୍ରଥମ ସଂସ୍କରଣ: କୁମାର ପୂର୍ଣ୍ଣିମା, ୨୦୨୦ ■
ମୂଲ୍ୟ : ଟ ୨୨୦.୦୦

■

MEGHAMALARA SWAPNA
(a novel)
Author: Kulamani Sarangi
Publisher : Shantisena publications,
Jagatsinghpur, Odisha, Ph No: 8249288214
1st Edition : **2020,** Price. **Rs. 220.00**

Source: Author, Digitized by PPRACHIN, SOA

ଉତ୍ସର୍ଗ

ସମସ୍ତ ବାଧାବିଘ୍ନ ଛିନ୍ନ କରି, ଅନ୍ଧକାର ଭିତରୁ ପ୍ରଗତି ଓ ସ୍ୱାଧୀନ ଚେତନାର ମଶାଲ ଧରି ଜୀବନ ଜୟଯାତ୍ରାରେ ଆଗେଇ ଯାଉଥିବା ପ୍ରତ୍ୟେକ ନାରୀ ଶକ୍ତି ହାତରେ ଏହି ଉପନ୍ୟାସଟି ଉତ୍ସର୍ଗୀକୃତ.....

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ଦି'ପଦ କଥା

'ମେଘମାଳାର ସ୍ୱପ୍ନ' ଏକ ସଂସ୍କାରଧର୍ମୀ ଉପନ୍ୟାସ । ମୁଖପୁସ୍ତକରେ ଏହାର ପାଠକୀୟ ସ୍ୱୀକୃତି ସମାଦୃତ । ନୈତିକ ମୂଲ୍ୟବୋଧ ଏବଂ ସଂଯତ ସୁନ୍ଦର ପ୍ରେମ ଉପନ୍ୟାସଟିର ଅନ୍ତଃସ୍ୱର ହୋଇଥିଲେ ମଧ୍ୟ କୃଷିର ବିକାଶ, ମଧ୍ୟଯୁଗୀୟ ସାମନ୍ତବାଦୀ ଚିନ୍ତାଧାରାର ଭୟାବହତା ଏବଂ ଜମିଦାରୀ ଶାସନର ବିଲୋପ ସାଧନ ଏହାର ପ୍ରତିପାଦ୍ୟ ପ୍ରସଙ୍ଗ । ଶିକ୍ଷା, ସଂସ୍କାର, ସଂକଳ୍ପ ଓ ସ୍ୱାଭିମାନ ଏହାର ପ୍ରାଣକେନ୍ଦ୍ର । ସ୍ୱପ୍ନ ଏବଂ ସମ୍ଭାବନାକୁ ନେଇ ଏହା ଗତିଶୀଳ । ଦେଶର ଆର୍ଥନୀତିକ ସ୍ୱାବଲମ୍ବନଶୀଳତା ଏବଂ ଜାତୀୟ ଚରିତ୍ର ଗଠନ କ୍ଷେତ୍ରରେ ଆମ ସମସ୍ତଙ୍କର ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ଥିଲେ ମଧ୍ୟ ଆଜି ତାହା ଭୁଶୁଡ଼ି ପଡୁଥିବାର କ୍ଷୋଭ ଏହି ଉପନ୍ୟାସର ଅନ୍ତଃସ୍ୱର । ଗୋଟାଏ ସ୍ୱାଧୀନ ଦେଶର ଭୌଗୋଳିକ ସ୍ୱାଧୀନତା ଯେପରି ଅପରିହାର୍ଯ୍ୟ ସେହିପରି ଅର୍ଥନୈତିକ ସ୍ୱାଧୀନତା ମଧ୍ୟ ନିହାତି ଆବଶ୍ୟକ । ସେହି ଅର୍ଥନୈତିକ ସ୍ୱାଧୀନତା କେବଳ ସରକାରୀ ଚାକିରିରେ ନଥାଏ, ଥାଏ ସ୍ୱାବଲମ୍ବୀ ଆତ୍ମପ୍ରତିଷ୍ଠାରେ; ଥାଏ ପ୍ରକୃତିର ପ୍ରାଣପ୍ରାଚୁର୍ଯ୍ୟ ଭିତରେ ହଜିଯାଇ, ସମବେତ ବୈଷୟିକ ଜୀବନଯାତ୍ରାରେ; ଥାଏ ଅସହାୟର ହାତଧରି ଚାଲି ଯାଉଯାଉ ଜୀବନର ସ୍ୱାଦ ଚାଖିବାରେ ।

ଉପନ୍ୟାସଟିରେ ବଳିଷ୍ଠ ନାରୀ ଚରିତ୍ରର ଉପସ୍ଥିତି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବାପାଇଁ ଉଦ୍ଦିଷ୍ଟ । ନାରୀର ଜନ୍ମ କେବଳ ଘରକୋଣରେ ବସି ରୋଷେଇ କରିବାପାଇଁ ବା ସନ୍ତାନ ପାଳନ ପାଇଁ ନୁହେଁ । ତା'ମନର କୋମଳତା ଏବଂ ସଙ୍କଳ୍ପରେ ଦୃଢ଼ତା ତାକୁ ସାମାଜିକ ପରିବର୍ତ୍ତନର ମଶାଲଧାରୀ ଭାବରେ ସ୍ୱୀକୃତି ଦେଇଥାଏ ।

ଉପନ୍ୟାସଟି 'ପ୍ରତିଲିପି' ଭଳି ସର୍ବଭାରତୀୟ ସାହିତ୍ୟ ସଂସ୍ଥା ଦ୍ୱାରା ପୁରସ୍କାର ପ୍ରାପ୍ତ । 'ପ୍ରତିଲିପି'ରେ ପ୍ରାୟ ପନ୍ଦର ହଜାର ପାଠକଙ୍କ ଆଦର ଏହି ଉପନ୍ୟାସଟି ପାଇସାରିଲାଣି ଏବଂ ଆଦୃତି ଅଧିକରୁ ଅଧିକ ବଢ଼ିଚାଲିଛି । ଏହି ଭିନ୍ନ ସ୍ୱାଦର ଉପନ୍ୟାସ ପାଇଁ ପାଠକ ମାନଙ୍କର ଆଶୀର୍ବାଦ ଏବଂ ଶ୍ରୀ ଜଗନ୍ନାଥଙ୍କ କରୁଣା ଭିକ୍ଷା କରୁଛି ।

ଲେଖକ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ମେଘମାଳାର ସ୍ୱପ୍ନ

(୧)

ଆଜି ମେଘମାଳା ଆଖିରେ ଆଖିଏ ଲୁହ । ମୁକ୍ତକେଶୀ ମାଳା କାନ୍ଦୁଥିଲା । ଲାଗୁଥିଲା ଶ୍ରାବଣର ବର୍ଷନ୍ତ କଳାଘୁଙ୍ଗୁର ମେଘ ଅଜାଡ଼ି ହୋଇପଡ଼ିବ । ଆଖିରେ ଆଖିଏ ଅଭିମାନ । ମନ ଭିତରେ ଅସରନ୍ତି ଅଭିଯୋଗ । କେତେ ଭଲ ନପାଏ ସତେ ସେ ବିଜୟକୁ ! କିନ୍ତୁ ତା' ମନକଥା ଅଣୁ ମାତ୍ର ବି ବୁଝିପାରିଲାନି ବିଜୟ । ବିଜୟ ତା'ର କୁଆଁରୀ ମନର ପ୍ରଥମ ଦୁର୍ବଳତା । ପଡ଼ିଶାଘରର ପୁଅ ବିଜୟକୁ ହିଁ ମେଘମାଳା ମନ, ପ୍ରାଣ ସମର୍ପଣ କରିଦେଇଛି । ପ୍ରେମର ସଂଜ୍ଞା ଜାଣିବା ପାଇଁ ସେ ଅନ୍ୟ କେଉଁ ଅଭିଧାନ ଖୋଜିବା ପାଇଁ ଯାଇନାହିଁ, ଖୋଜିବାକୁ ଚେଷ୍ଟା କରିଛି ବିଜୟର ହୃଦୟ ଡିକ୍ସନାରିରେ । ପ୍ରତିଥର ସେ ଅଭିଧାନରେ ମେଘମାଳା ପାଇଁ ପ୍ରେମର ଅର୍ଥ ଦୁର୍ବୋଧ ହୋଇ ଉଠିଛି । ତା'ର ମନ କହୁଛି ବିଜୟ ତାକୁ ବହୁତ ଭଲ ପାଏ; କିନ୍ତୁ କାହିଁକି କେଜାଣି ଅନେକ ସମୟରେ ଏକ ପ୍ରଶ୍ନବାଚୀକୁ ଝୁଣ୍ଟିପଡ଼େ ମେଘମାଳା ।

ଗତ କିଛି ଦିନ ହେଲା ବିଜୟ ତା' ପାଇଁ ଆହୁରି ଦୁର୍ବୋଧ ହୋଇପଡିଛି । ପ୍ରତାପଗଡ଼ରୁ ମାସେ ତଳେ ଫେରିବା ପରଠାରୁ ସବୁବେଳେ ଚୁପ୍‌ଚାପ୍ ରହୁଛି ସେ । ମୁହଁରେ ମେଞ୍ଚାଏ ଦାଢ଼ି । ଗୋଲ୍‌ଡେନ୍ ଫ୍ରେମର ଚଷମା ପଛରେ ଆଖି ତଳେ ପଡ଼ିଯାଇଛି କଳାଦାଗ । ଛଅ ଫୁଟ ଲମ୍ବାର ମଣିଷଟା ଆହୁରି ଦିଶୁଛି ଡେଙ୍ଗା, ଆହୁରି ମଳିନ । ସିଗାରେଟ ଧୂଆଁରେ କୋଠରି ତା'ର ଅନେକ ସମୟରେ ରହୁଛି ଧୂମାୟିତ । ମନର କୋଠରି ତା' ଠାରୁ

Source: Author, Digitized by PPRACHIN, SOA

ଅଧିକ ଧୂମାୟିତ । ଯେଉଁମାନଙ୍କର ବିଶ୍ୱାସ ଯେ ସିଗାରେଟ ଧୂଆଁରେ ମନ ଭିତରର ଦୁଃଖ ସବୁ ଉଡ଼େଇ ଦେଇ ହେବ, ସେମାନଙ୍କ ପାଇଁ ଧୂମ୍ରପାନ ସମ୍ବନ୍ଧୀୟ ସଚେତନତାର ମୂଲ୍ୟ କିଛି ନାହିଁ ।

ବିଜୟର କପାଳରେ କୁଞ୍ଚିତ ରେଖା ଉପରେ ପ୍ରଶ୍ନବାଚୀର ପାହାଡ଼ ମାଳା ଦେଖିପାରୁଥିଲା । ସେ ପର୍ବତ ଶ୍ରେଣୀ ତା' ପାଇଁ ଥିଲା ଆଲପସ୍ ଠାରୁ ଆହୁରି ଦୁର୍ଗମ । ତା'କୁ ପାରହୋଇ ବିଜୟର ମନ ପାଖରେ ପହଞ୍ଚି ପାରୁନଥିଲା ମେଘମାଳା । ଏହି ଅସହାୟତା ମାଳାର ମନକୁ ଅଧିକରୁ ଅଧିକ ଯନ୍ତଣା ଦେଉଥିଲା ।

ବିଜୟର ନିରବତା ଭିତରେ ସାହାରାର ନିର୍ଜନତା ଅନୁଭବ କରୁଥିଲା ମେଘମାଳା । ସେ ନିର୍ଜନତା ଦୂର କରିବା ପାଇଁ କେତେ ଚେଷ୍ଟା ନକରିଛି ସେ ! ବିଜୟ ପାଖରେ ବସି କଥାବାର୍ତ୍ତା କରିବାକୁ ଚେଷ୍ଟା କରିଛି । ସ୍ମୃତିର ଫୁଲ ଚାଙ୍ଗୁଡି ମେଲେଇ ଦେଇଛି ବିଜୟ ଆଗରେ । ତା' ଭିତରେ ପ୍ରୀତି କରକାସିକ୍ତ କେତେ ମଲ୍ଲୀ ଚମ୍ପା ସୁଗନ୍ଧରାଜ ଇତ୍ୟାଦିର ମହକ କଥା ମନେ ପକେଇ ଦେଇଛି ବିଜୟ ଆଗରେ । କିନ୍ତୁ ଏ କ'ଣ ! ବିଜୟ ଛୋଟ ପିଲାଙ୍କ ଭଳି ବେଣୀ ଟାଣି ଦେଇନି ମାଳାର, ଆଗଭଳି ମାଳାର କାକକୃଷ୍ଣ କବରୀର ପ୍ରଶଂସାରେ ଶତମୁଖ ହୋଇ ଯାଇ ନାହିଁ ସେ । କେବଳ ଶୁଖିଲା ଏକ ଚାହାଣୀ ପ୍ରତିଦାନରେ ସେ ଦେଇଛି ମେଘମାଳାକୁ ।

କାହିଁକି ବିଜୟ ଏମିତି ବଦଳିଗଲା ! ପ୍ରତାପଗଡ଼ରୁ ଫେରିବା ପରଠାରୁ ବିଜୟର ଏଭଳି ପରିବର୍ତ୍ତନ ଲକ୍ଷ୍ୟ କରିଛି ମେଘମାଳା । ନିଶ୍ଚିତ ଭାବରେ କିଛି ଘଟିଯାଇଛି ତା ଜୀବନରେ ପ୍ରତାପଗଡ଼ ରହଣି ଭିତରେ ।

ସୂର୍ଯ୍ୟ ବୁଡ଼ି ଯାଉଛନ୍ତି ପଶ୍ଚିମ ଆକାଶରେ । ଅସ୍ତଗାମୀ ସୂର୍ଯ୍ୟର ଡାହାଣିଆ ଖରା ବିଞ୍ଚି ହୋଇପଡ଼ିଛି ଗଛପତ୍ର, ଘର ଆଉ ଅଗଣାରେ । ମାଳା ମୁହଁରେ ଚେନାଏ କିରଣ ପଡ଼ି ତା'ର ମୁହଁର ସୁନ୍ଦରତାକୁ ଶତଗୁଣିତ କରୁଥିଲା । କିନ୍ତୁ ବିଜୟର ଧ୍ୟାନ ରୂପସୀ ମାଳା ଉପରେ ନଥିଲା ।

'ମାଉସୀ ମାଉସୀ' ଡାକି ବିଜୟର ଘର ଅଗଣାରେ ଆସି ଠିଆ ହେଲା ମେଘମାଳା । ବିଜୟର ବୋଉ ରୋଷେଇ ଘରେ ଥିଲେ । ପଚାରିଲେ 'କଣ ହେଲାରେ ମାଆ ? କଣ କହୁଚୁ ? ଆ,ଭିତରକୁ ଆ ।'

ମେଘମାଳା ଭିତରକୁ ଯାଇ ବିଜୟର ବୋଉଙ୍କ ପାଖରେ ବସିଲା । ନିଜ ପଣନ୍ତ କାନିରେ ମାଳାର ମୁହଁ ପୋଛିଦେଇ ସେ କହିଲେ...ଜାଣିଛି ଧନ, ତୋ ମନର ପ୍ରତିଟି ପୃଷ୍ଠାକୁ ପଢ଼ିପାରିଛି ମୁଁ । ତୋ ମନରେ ଯେଉଁ ପ୍ରଶ୍ନ ମୋ ମନରେ ମଧ୍ୟ ସେହି ପ୍ରଶ୍ନ

Source: Author, Digitized by PPRACHIN, SOA

ବାରମ୍ଵାର ଉଙ୍କି ମାରୁଛି...ଜାଣେନା କ'ଣ ଘଟିଛି ବିଜୁର ଜୀବନରେ, ତୁ ଟିକେ ତା ପାଖରେ ବସି ପଚାରେ ।

ମାଳା କହିଲା ମୁଁ ହାରିଯାଇଛି ମାଉସୀ । ବିଜୟର ମୌନବ୍ରତ ମତେ ଅତିଷ୍ଠ କରିଦେଇଛି । ବିଜୟର ମାଆ କହିଲେ...କାଲି ପ୍ରତାପଗଡ଼ ଯିବ ବୋଲି କହୁଛି, ସେଠୁ ଫେରି ଆସୁ । ସମୟ ସୁଯୋଗ ଦେଖି ତା' ମନକଥା ଜାଣିବାକୁ ଚେଷ୍ଟା କରିବି । ତତେ ଅତି ଶୀଘ୍ର ବୋହୂ କରି ଆଣିବା ପାଇଁ ମୋର ଇଚ୍ଛା । ଜୀବନରେ କ'ଣ ଭରସା ଅଛିରେ ମା' । ଆଖି ଆଗରେ ବିଜୁର ହସିଲା ଖେଳିଲା ସଂସାର ଦେଖି ମୁଁ ଆଖି ବୁଜିବାକୁ ଚାହେଁ ।

ମାଉସୀଙ୍କ କଥା ଶୁଣି ଲାଜେଇଗଲା ମେଘମାଳା ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨

ସଞ୍ଜ ଗଡି ରାତି ଘଡ଼ିଏ ହେଲାଣି । ବିଜୟର ରୁମ୍ ଆଡ଼କୁ ଚାହିଁଲା ମାଳା । କ'ଣ ଗୁଡ଼ାଏ ଲେଖିବାରେ ବ୍ୟସ୍ତ ଥିଲା ସେ । ଏମିତି ଗତ ମାସଟିଏ ଧରି ଗୋଟାଏ ଡାଏରୀରେ କଣ ସବୁ ଲେଖୁଛି ବିଜୟ । ଦିନେ ଦିନେ ରାତିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ମଧ୍ୟ ଏମିତି ବସି ଲେଖୁଥିବ ସେ, ଖୋଲା ଥିବ ଝରକା । ମନର ଜିଜ୍ଞାସାକୁ ଲୁଚେଇ ନପାରି ମାଳା ବେଳେବେଳେ ପଚାରେ...କଣ ଏମିତି ଲେଖି ଚାଲିଛ ତମେ ଏ ମୋଟା ଡାଏରୀରେ ? ହସିଦିଏ ବିଜୟ । ସେ ହସରେ ସରସତା ନଥାଏ । କହେ ନିଶ୍ଚୟ ମୁଁ ତତେ ଦିନେ ପଢ଼େଇବି ସେ ଡାଏରୀ ।

ଆଜି କିନ୍ତୁ ବିଜୟ ପାଖକୁ ଯାଇ ତାର ଧ୍ୟାନ ଭାଙ୍ଗିବାକୁ ଇଚ୍ଛା କଲାନି ମେଘମାଳା । ମାଉସୀଙ୍କ ସହିତ କଥାହୋଇ ଘରକୁ ଫେରିଆସିଲା । ବାବାଙ୍କୁ ଖାଇବାକୁ ଦେଇ ନିଜ ଶୟନକକ୍ଷରେ ପ୍ରବେଶ କଲା ମାଳା । ଦର୍ପଣ ସାମନାରେ ନିଜକୁ ଦେଖି ଚମକି ପଡ଼ିଲା ସେ । ଉନ୍ମୁକ୍ତ ଘନ କେଶରାଶି ଭିତରେ ଚଂନ୍ଦ୍ର ବିନିନ୍ଦିତ ମୁହଁ ଉପରେ ଆଲୁଳାୟିତ କୁନ୍ତଳ ପଡ଼ି ତା'ର ସୌନ୍ଦର୍ଯ୍ୟକୁ ଚତୁର୍ଗୁଣିତ କରୁଛି । ନିଜକୁ ନିଜେ ପ୍ରଶଂସା ନକରି ରହିପାରିଲାନି ମାଳା । ତା'ର ଏହି ନିତମ୍ବ ଲମ୍ବିତ କେଶରାଶି ବିଜୟକୁ ପ୍ରଲୁବ୍ଧ କରେ । ସେଥିପାଇଁ ଆଜି ସିକାକାଇ ଲଗାଇ ମୁଣ୍ଡ ଧୋଇଥିଲା ମାଳା । କିନ୍ତୁ ବିଜୟ ତା'ଆଡେ ଚାହିଁଲା ବି ନାହିଁ !

Source: Author, Digitized by PPRACHIN, SOA

ମେଘମାଳାର ଏହି ଘନ କେଶରାଶିର ଅନେକଥର ପ୍ରଶଂସା କରେ ବିଜୟ । ଥରେ କହିଥିଲା... 'ମାଳା ତୁ ଆମ ଗାଁର ଆନିବୋଲିନ୍ ।'

ଇତିହାସ ପଢିଥିଲେ ମଧ୍ୟ ନଜାଣିବା ଭଳି ମାଳା ସେଦିନ ପଚାରିଥିଲା...ଏ ଆନିବୋଲିନ୍ କିଏ, ତମର ଗାର୍ଲଫ୍ରେଣ୍ଡ ?

ବିଜୟ କହିଥିଲା.. ସେ ଥିଲେ ଷୋଡ଼ଶ ଶତାବ୍ଦୀର ଇଂଲଣ୍ଡର ଜଣେ ଅପୂର୍ବ ସୁନ୍ଦରୀ ରାଣୀ । ତାଙ୍କ କେଶ ଗୋଇଠି ପର୍ଯ୍ୟନ୍ତ ଲମ୍ବା ଥିଲା । ସେ ଲମ୍ବା କେଶ ବିଛେଇ ସେ ତା ଉପରେ ବସି ପାରୁଥିଲେ ।

ଫେଁ କିନା ହସିଦେଇଥିଲା ମାଳା...କାହିଁକି, ତାଙ୍କର କ'ଣ ମସିଣା କି କାର୍ପେଟ୍ ନଥିଲା ଯେ ସେ ନିଜ ବାଳ ଉପରେ ବସୁଥିଲେ । ରଜାଘର ହେଇ ଏତେ ଗରିବ ଥିଲେ ତମର ସେ ସୁନ୍ଦରୀ ରାଣୀ ଆନି ବୋଲିନ୍ ?

ବିଜୟ କହିଥିଲା...ଧେତ୍ ତୁ ତ ରସଭଙ୍ଗ କରିବୁ । ତାଙ୍କର କାର୍ପେଟ ଥିଲା କି ନଥିଲା ସେଥିରୁ ଆମକୁ କଣ ମିଳିବ ? ମୁଁ ତୋର କଜଳ-କଳା ଘନ କେଶରାଶିର ପ୍ରଶଂସା କରୁଥିଲି ନା ।

କୃତ୍ରିମ କ୍ରୋଧରେ ସେଦିନ ମେଘମାଳା କହିଥିଲା... ହଁ ହଁ, ସେତିକି ପ୍ରଶଂସା ଥାଉ କବିବର । ଆଖି କଲେ ମୋ ବାଳ ଛିଣ୍ଡିବ ।

ରାଗଟା ତା'ର ସେଦିନ ବାସ୍ତବରେ କୃତ୍ରିମ ଥିଲା । ପ୍ରକୃତରେ ସେ ବହୁତ ଖୁସି ହୋଇଥିଲା ସେଦିନ ବିଜୟର ପ୍ରଶଂସା ଶୁଣି । ଆଜି ସେମିତି କିଛି ପ୍ରଶଂସା ଶୁଣିବାକୁ ସେ ବିଜୟ ଘରକୁ, ନିତମ୍ବ ଲମ୍ବିତ କେଶରାଶିକୁ ମୁକୁଳିତ କରି ଯାଇଥିଲା ।

ମୁକୁଳା କେଶକୁ ସଜାଡ଼ିଲା ମେଘମାଳା । ଆଜି ନିଦ୍ରା ଦେବୀ ତା' ଶୟନକକ୍ଷର ବାଟ ଭୁଲି ଯାଇଛନ୍ତି । ଖଟରେ ପଡ଼ିପଡ଼ି କଡ଼ ଲେଉଟାଇଲା ମେଘମାଳା । ରାତି ଅଧା ହେଲାଣି । ବାବା କେତେବେଳୁ ଶୋଇପଡ଼ିଲେଣି । ଶୋଇଲେ ସେ ଆଜିକାଲି ଘୁଙ୍ଗୁଡ଼ି ମାରନ୍ତି । ନିଦ ଗାଢ଼ ହେବା ସଙ୍ଗେ ସଙ୍ଗେ ଘୁଙ୍ଗୁଡ଼ି ମଧ୍ୟ ଜୋର ହୁଏ ।

ବାବାଙ୍କ କଥା ମନେପଡ଼ି ଆଖିରେ ଲୁହ ଆସିଗଲା ମାଳାର । ବୋଉର ଅଚାନକ ବିୟୋଗ ପରେ ବାବା ତା'ର ସବୁ କିଛି । ବୋଉ ଚାଲିଗଲା ଯେତେବେଳେ ମାଳାକୁ ଚାରି ବର୍ଷ । କାଖେଇ କୋଳେଇ ସେ ସମୟରୁ ବାବା ତା'କୁ ମଣିଷ କରିଛନ୍ତି । ସେ ସମୟରେ ଅନେକ ଲୋକ ବାବାଙ୍କୁ ପ୍ରବର୍ତ୍ତାଇଛନ୍ତି ପୁନର୍ବିବାହ କରିବା ପାଇଁ । ବାବା, ମେଘମାଳାର ଭବିଷ୍ୟତକୁ ଆଖି ଆଗରେ ରଖି ମନା କରିଦେଇଛନ୍ତି...ନା ମୋ ମାଳା ଉପରେ ବିମାତାର ଛାଇ ପଡ଼ିବାକୁ ଦେବିନାହି ।

Source: Author, Digitized by PPRACHIN, SOA

କେତେ କଷ୍ଟ ସହି ନାହାଁନ୍ତି ସତେ ବାବା ତାର ଲାଳନପାଳନ ପାଇଁ! ଅଧିକାଂଶ ସମୟ ବିଜୟ-ବୋଉଙ୍କ ପାଖରେ ଛାଡ଼ିଦେଇ ସେ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି । ପିଲାଦିନୁ ଝିଅ ଠାରୁ ବଳି ଅଧିକ ସ୍ନେହ କରିଛନ୍ତି ତାକୁ ମାଉସୀ । ମାଉସୀଙ୍କ ଭିତରେ ନିଜ ବୋଉର ଛବି ଦେଖିପାରିଛି ମେଘମାଳା । ସେଥିପାଇଁ ସେ ତାଙ୍କ ପାଖରେ ଏତେ ସହଜ ହୋଇ ଚଳିପାରେ । ପିଲାବେଳୁ ମାଉସୀ ତାକୁ ମାଗି ନେଇଛନ୍ତି ତା ବାବାଙ୍କ ଠାରୁ । କହିଛନ୍ତି--- 'ବିଷ୍ଣୁପଦ,ଏ ଝିଅଟିକୁ ମୁଁ ତୁମକୁ ଆଉ ଦେବିନି । ବୋହୂ କରିବି ।' ହସିଦେଇ କହିଛନ୍ତି ବାବା...ତୁମ ଝିଅ ସେ ଭାଉଜ । ତା' ଭବିଷ୍ୟତ କଥା ତମେ ଚିନ୍ତା କରିବ । ମତେ କାହିଁକି ପଚାରୁଛ ।

ଗାଁ ପ୍ରାଇମେରି ସ୍କୁଲରେ ଶିକ୍ଷକ ତା'ବାବା । ଆଦର୍ଶ ଶିକ୍ଷକ ଭାବେ ସମଗ୍ର ଜିଲ୍ଲାରେ ଜଣାଶୁଣା । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ । ତାଙ୍କ ଆଦର୍ଶରେ ନିଜକୁ ଗଢ଼ିବାକୁ ଚେଷ୍ଟା କରିଛି ମେଘମାଳା । ବିଜୟର ବାବା ଶୁଭେନ୍ଦୁ ମହାପାତ୍ର ଅକାଳରେ ଚାଲିଗଲେ ପରେ ଦୁର୍ଦ୍ଦିନର ଉତ୍ତାଳ ଲହଡି ମାଡ଼ିଆସିଥିଲା ମହାପାତ୍ର ପରିବାରକୁ । ସେ ସମୟରେ କିଛି ଆର୍ଥିକ ଏବଂ ନୈତିକ ସମର୍ଥନର ଅଭାବରେ ଅକାଳରେ ଭାଙ୍ଗି ପଡ଼ିଥାଆନ୍ତା ଗୋଟିଏ ସଂସ୍କୃତି ସମ୍ପନ୍ନ ପରିବାରର ବିଶାଳ ବୃକ୍ଷ । ସେ ଅସମୟରେ ବାବା ବଳ ଦେଇଥିଲେ ବିଜୟର ବୋଉଙ୍କୁ । କହିଥିଲେ, ଏ ସମୟରେ ତମେ ଭାଙ୍ଗି ପଡ଼ିଲେ ବିଜୟର ଅବସ୍ଥା କଣ ହେବ ଭାଉଜ ? ଅକାଳରେ ଫୁଟିବା ପୂର୍ବରୁ ବୃନ୍ତରୁ କଢ଼ଟି ମଉଳି ଯିବ ସିନା ।

ବାବାଙ୍କ ସହଯୋଗ ପାଇ ଅଣ୍ଟା ଭିଡ଼ିଥିଲେ ବିଜୟର ବୋଉ । ଶୁଭେନ୍ଦୁ ବାବୁ ଥିଲେ ବାବାଙ୍କ ସହକର୍ମୀ । ଶିକ୍ଷା ବିଭାଗକୁ ଦଉଡାଦଉଡ଼ି କରି ତାଙ୍କ ଗ୍ରାଚୁଇଟି ପେନସନ୍ ପେପର ଇତ୍ୟାଦି ଠିକ୍ କରିଥିଲେ ବାବା ।

ସଜମାଛରେ ପୋକ ପକାଇବା ଲୋକଙ୍କର ଅଭାବ ନାହିଁ । ଶୁଭେନ୍ଦୁଙ୍କର କିଛି ତଥାକଥିତ ନିଜ ଲୋକ ପରିସ୍ଥିତିର ଫାଇଦା ନେଇ କିଛି ଅର୍ଥ ହଡ଼ପ କରିବାକୁ ଚାହୁଁଥିଲେ । ତାହା ସମ୍ଭବ ନହେବାରୁ ଅନେକ କୁତ୍ସାରଟନା କଲେ ବାବାଙ୍କ ସହିତ ମାଉସୀଙ୍କ ନାଁ ଯୋଡ଼ି । କିନ୍ତୁ ମିଥ୍ୟାର ମୂଳଦୁଆ ସବୁବେଳେ ଦୁର୍ବଳ । ଖୁବ୍ କମ୍ ସମୟ ଭିତରେ ମିଛର ଇମାରତ୍‌ଟି ଢଳିପଡ଼ିଲା ।

କଡ଼ ଲେଉଟାଇଲା ମାଳା । ସେଆଡେ ବାବାଙ୍କ ଘୁଙ୍ଗୁଡ଼ି କମିଗଲାଣି । ମଶା ଖାଇଲେ ବୋଧେ, ନିଦ ଭାଙ୍ଗିଯାଇଥିବ । ବାବା ଶୁଅନ୍ତି ଖଞ୍ଜା ଘରେ ମଶାରି ପକାଇ । ମଶାରି ତା'ର ସିଏ ପଡିଥିବ, କିନ୍ତୁ ହାତଟି ବାହାରେ ଥିବ । ମଶା ସବୁ ମନବୋଧ କରି ରକ୍ତ

Source: Author, Digitized by PPRACHIN, SOA

ପିଇ ପେଟ ଟୁମୁକା କରି କାନ୍ଥରେ ବସିଥିବେ, ଆଉ ବାବା ଅଧାନିଦରେ ହାତକୁ ନଖରେ ରାମ୍ପୁଥିବେ । ସବୁଦିନ ଏଇ ପାଲା । ସବୁଦିନ ମାଳା ଯାଇ ମଶାରି ସଜାଡ଼ି ଦେଇ ଆସୁଥିବ ।

ଏଥର ଉଠିଲା ମାଳା । ଖଞ୍ଜାଘରେ ବାବାଙ୍କ ମଶାରି ସଜାଡ଼ି ଦେଇ ବିଜୟ ଘର ଆଡ଼କୁ ଅନାଇଲା ମେଘମାଳା । ଏବେ ବି ଲାଇଟ୍ ଜଳୁଛି । ସ୍ୱଗତୋକ୍ତି କଲା ମାଳା....କେତେ ଆଉ ଏମିତି ନିଜକୁ ତିଳ ତିଳ କରି ଜାଳିବ ବିଜୟ, କେତେଦିନ ଏକା ଏକା ଯନ୍ତ୍ରଣାର ବୋଝକୁ ପିଠିରେ ଲଦି ବାଟ ଚାଲିବ ? ମୋ ଆଡ଼କୁ ଟିକିଏ ଅନାଇ ଦେଖ...ବାହୁ ପ୍ରସାରିତ କରି ମୁଁ ଚାହିଁ ରହିଛି ତୁମ ଇଙ୍ଗିତକୁ...ମୋ ହାତରେ ହାତ ରଖି ଦେଖ ଥରେ...ସେ ସ୍ପର୍ଶରେ ତୁମ ମନର ସବୁ ବୋଝ ହାଲୁକା ହୋଇଯିବ ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩

ଗତ ରାତିଟି ଅନିଦ୍ରାରେ ହିଁ କଟିବାର ଥିଲା ମେଘମାଳାର । ଯେତେ ଚେଷ୍ଟା କଲେ ବି ନିଦ ହେଲାନାହିଁ । ଶେଜରେ ପଡ଼ି ପଡ଼ି ପାହାନ୍ତା ପହରକୁ ଟିକିଏ ଆଖି ଲାଗି ଯାଇଥିଲା । ଦାଣ୍ଡଦୁଆରେ ଖଟ୍ ଖଟ୍ ଶବ୍ଦ ଶୁଣି ନିଦ ଭାଙ୍ଗିଗଲା ମାଳାର । ଦିଆଲର ଘଡ଼ିକୁ ଚାହିଁଲା, ପାଞ୍ଚଟା ବାଜିଛି; ଏତେ ସକାଳୁ କିଏ ଡାକୁଛି ? ନିଦ ମଳମଳ ଆଖିରେ ଦାଣ୍ଡ କବାଟ ଖୋଲିଲା ମେଘମାଳା ।

ଦୁଆର ମୁହଁରେ ଠିଆ ହୋଇଥିଲା ବିଜୟ । ଦେହରେ କଳା ରଙ୍ଗର ପ୍ୟାଣ୍ଟ୍ ଉପରେ ଚିରାଚରିତ ଘିଅ ରଙ୍ଗର ପଞ୍ଜାବି, ହାତରେ ସୁଟକେସ୍ । ମାଉସୀଙ୍କ ପାଖରୁ କାଲି ଶୁଣିଥିଲା ମାଳା, ବିଜୟ ପ୍ରତାପଗଡ଼ ଯିବାପାଇଁ ଠିକ୍ କରିଛି । ତାହାହିଁ ହୋଇଥିବ, ନହେଲେ ଏତେ ସକାଳୁ ଡ୍ରେସ୍ ପତ୍ର ହୋଇ ଆଉ କୁଆଡେ ?

ଭିତରକୁ ଆସୁନ...ନିଦୁଆ ଧୀର କଣ୍ଠରେ ବିଜୟକୁ ଡାକିଲା ମାଳା ।

ବିଜୟ କହିଲା... ନାଁ ଆଉ ବସ୍ ଟାଇମ୍ ହେଇଗଲାଣି । ବସ୍ ଫେଲ୍ ହେଲେ ଏଇଲେ ଆଉ ବସ୍ ମିଳିବନି । ମୁଁ ପ୍ରତାପଗଡ଼ ଯାଉଛି ମାଳା; କେବେ ଫେରିବି ଠିକ୍ ନାହିଁ । ତୋର ଅନେକ ପ୍ରଶ୍ନର ଉତ୍ତର ମୁଁ ତତେ ଦେଇପାରିନି । ସବୁ ଉତ୍ତର ଟେବୁଲ୍ ଉପରେ ଥିବା ଡାଏରୀରେ ଅଛି । କେବଳ ତୋ ପାଇଁ ସେ ଡାଏରୀ ମୁଁ ଲେଖୁଥିଲି ମାଳା । ଅନେକ କଥା ତୋପାଖରେ ବସି ତତେ କହିବା ସମ୍ଭବ ନଥିଲା । ସେଥିପାଇଁ ସେହି ଡାଏରୀରେ ସବୁକଥା ଲେଖିଦେଇଛି, ପଢ଼ିବୁ ...ଛଳ ଛଳ ହୋଇ ଉଠିଲା ବିଜୟର ଆଖି ।

Source: Author, Digitized by PPRACHIN, SOA

ମାଳାର ଆଖିକୋଣରେ ଅଶ୍ରୁ । କହିଲା... କାହିଁକି, ପାଖରେ ବସେଇ ମତେ କହି ପାରିଲ ନାହିଁ ମନକଥା ? ଏତେ ପର କରିଦେଲ ମତେ ! ଚିହ୍ନିପାରିନ ମତେ ଆଜି ଯାଏଁ ? ତମ ଖୁସି ପାଇଁ ମୁଁ ଜୀବନ ବି ସମର୍ପଣ କରିଦେଇପାରେ, ଏକଥା କ'ଣ ଜାଣିନ ତମେ ? ବୋଧହୁଏ ଭାବିଲ ମୁଁ ବାସ୍ତବତାକୁ ସହ୍ୟ କରିପାରିବି ନାହିଁ, ନଚେତ୍ ବାସ୍ତବତା ବୟାନ କରିବାର ସତ୍ ସାହସ ତମ ପାଖରେ ନଥିଲା ।

ଅଳ୍ପ ନିରବତା ପରେ ମେଘମାଳା କହିଲା...ଫେରିବ କେବେ ?

ବିଜୟର ଉତ୍ତର ଥିଲା... ଜାଣେନା ମାଳା ।

ଧୀର ଅଥଚ୍ ଦୃଢ଼ କଣ୍ଠରେ ମାଳା କହିଲା... ତମେ ଏମିତି ମୋ ବିଶ୍ୱାସକୁ ଠକିଦେଇ ଯାଇପାରିବ ନାହିଁ ବିଜୟ । ତୁମକୁ ମୁଁ ଏତେ ସହଜରେ ମୁକ୍ତି ଦେବି ନାହିଁ । ବିଶ୍ୱର ଯେଉଁ କୋଣରେ ଲୁଚି ରହିଲେ ମଧ୍ୟ ତୁମକୁ ମୁଁ ମୋ ପାଖକୁ ଟାଣି ଆଣିବି, ଏ ବିଶ୍ୱାସ ମୋର ଅଛି ।

ଶୁଖିଲା ହସଟିଏ ହସିଲା ବିଜୟ...ତୁ କ'ଣ ଭାବୁଚୁ ମୁଁ ତୋ ଠାରୁ ମୁକ୍ତି ପାଇବା ପାଇଁ ଗାଁ ଛାଡି ଚାଲି ଯାଉଛି ? ତୁମେମାନେ ମୋର ଛାଇ । ଛାଇ ଠାରୁ ଶରୀର କେବେ ଅଲଗା ହୋଇପାରେ ମାଳା ?

କିଛି ସମୟର ନିରବତା ପରେ ମେଘମାଳା କହିଲା...ହଉ ଯାଅ, ନହେଲେ ଗାଡ଼ି ଫେଲ୍ ହବ ।

ବିଜୟ ଚାଲିଯିବା ପରେ ମାଉସୀଙ୍କ ପାଖରୁ ଚାବି ନେଇ ବିଜୟର କୋଠରି ଖୋଲିଲା ମେଘମାଳା । ଟେବୁଲ୍ ଉପରେ ଥୁଆ ହୋଇଛି ଗୋଟିଏ ବଡ଼ ଡାଏରୀ । ଉପରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି...ସ୍ନେହର ମାଳା ପାଇଁ ।

ବିଜୟର ଏହି ସ୍ନେହ ବୋଳା ସମ୍ବୋଧନ ପଢ଼ି ଶ୍ରାବଣର ବାରି ଧାରା ପରି ଲୁହ ଝରି ଆସିଲା ମାଳାର ଚିବୁକ ଦେଇ । ଗଣ୍ଡମଣ୍ଡଳ ଅତିକ୍ରମ କରି ମେଘମାଳାର ବକ୍ଷ ଭିଜାଇଦେଲା ସେ ଅସମ୍ଭାଳ ଅଶ୍ରୁ ଝରଣା । ସତେ ଯେମିତି ତା'ର ମନ ଆକାଶରେ ଉଠିଥିବା କଳାଘୁଙ୍ଗୁର ମେଘ ଏଇ ପଦେ କଥାର ଶୀତଳ ସଂସ୍ପର୍ଶକୁ ଅପେକ୍ଷା କରିଥିଲା ଅଜାଡ଼ି ହୋଇଯିବା ପାଇଁ ।

ଡାଏରୀଟି ଛାତିରେ ଚାପି ଧରିଲା ମେଘମାଳା, ମନେହେଲା ତାହା ନିର୍ଜୀବ ଡାଏରୀଟିଏ ନୁହେଁ, ତାହା ବିଜୟର ହାତର ସ୍ପର୍ଶ !!

କାହିଁକି କେଜାଣି, ଲୁହ ଆଜି ମନା ମାନୁନାହିଁ । ତା'ର ମନର ସ୍ତୂପୀକୃତ ବେଦନାକୁ ଲୁହରେ ଝରାଇ ସେ ଡାଏରୀକୁ ସିକ୍ତ କରିଦେବା ପାଇଁ ଇଛା ହେଲା ମାଳାର । ଲୁହ

Source: Author, Digitized by PPRACHIN, SOA

ପୋଛି ଡାଏରୀର ପୃଷ୍ଠା ଲେଉଟାଇଲା ମେଘମାଳା । ବିଜୟ ଲେଖିଥିଲା -

'ମେଘମାଳା,

ପ୍ରାୟ ଏକମାସ ତଳେ ଦିନେ କକ୍ଷଚ୍ୟୁତ ଉଲ୍କା ଭଳି ରାତ୍ରିର ମଧ୍ୟମ ପ୍ରହରରେ ପ୍ରତାପଗଡ଼ ଛାଡି ମୁଁ ଗାଁ କୁ ଚାଲି ଆସିଥିଲି । ମଧ୍ୟରାତ୍ରିରେ ଅଦେଖା ଅଜଣା ହୋଇ ମୋର ସମସ୍ତ ସ୍ମୃତି ଦୂରେଇ ଯାଇଥିଲା ପ୍ରତାପଗଡ଼ ଠାରୁ । ନଥିଲା ସେଠାରେ କାହାର ବିଦାୟ ବେଳର ଅଶ୍ରୁ, କିମ୍ୱା କେହି ଆଗେଇ ଆସି ନଥିଲେ ମତେ ଅଟକାଇବା ପାଇଁ । ଯୁଦ୍ଧରେ ହାରିଯାଇଥିବା ଜଣେ ପଳାତକ ସମ୍ରାଟ ଭଳି ଦୂରେଇ ଯାଉଥିଲି ମୁଁ ପ୍ରତାପଗଡ଼ରୁ । ଷଡଯନ୍ତ୍ରର ଶିକାର ହୋଇଥିବା ନେପୋଲିୟନର ମନସ୍ତତ୍ତ୍ୱ ନେଇ ଚାଲିଆସିଥିଲି ମୁଁ ପ୍ରତାପଗଡ଼ ଛାଡି ।

ଅସ୍ତଗାମୀ ଚନ୍ଦ୍ରକୁ ଅଟକାଇବା ପାଇଁ ଚେଷ୍ଟାକଲେ ସେ କ'ଣ ଅଟକିଯିବ ମାଳା ? ସେଦିନ କେଉଁ ଏକ ଅଜଣା ତିଥିରେ ଚନ୍ଦ୍ର ବୁଡିଯାଉଥିଲେ ପ୍ରତାପଗଡ଼ର ପାହାଡ଼ ସେପାରିରେ, ଠିକ୍ ମୋ ଭଙ୍ଗା ସ୍ୱପ୍ନର ଜହ୍ନ ସମୟର ପାହାଡ଼ ତଳେ ବୁଡ଼ିଗଲା ଭଳି ।

ପ୍ରତାପଗଡ଼ରୁ ଆସି ସେଦିନ ମୁଁ ଯେତେବେଳେ ଗାଁରେ ପହଞ୍ଚିଲି ମୋତେ ଦେଖି ତମେ ସମସ୍ତେ ଚମକି ପଡ଼ିଥିଲ । ମୋ ସୃଷ୍ଟି ଛଡ଼ା ଚେହେରା ଦେଖି ତୁମ ସମସ୍ତଙ୍କ ମନରେ ଗଢ଼ି ଉଠିଥିଲା ପ୍ରଶ୍ନବାଚୀର ପାହାଡ଼ମାଳା । ସେସବୁ ପ୍ରଶ୍ନର ଉତ୍ତର ମୁଁ ଆଜିଯାଏଁ ଦେଇନାହିଁ ମାଳା...ଆଜି ଦେବାକୁ ଯାଉଛି ଏହି ଡାଏରୀ ମାଧ୍ୟମରେ ।

କେଉଁ ସାମୁଦ୍ରିକ ଝଡ଼ ମୋ ସ୍ନାୟୁର ସହରକୁ ବିପର୍ଯ୍ୟସ୍ତ କରିଦେଇଥିଲା ତାହା ତୁ ଜାଣିନୁ ମାଳା ।

ମୁଁ ତୋତେ କହିନାହିଁ 'ସମିତା' ମୋର ହୃଦୟର କେଉଁ ତନ୍ତ୍ରୀର ମଧୁର ଝଙ୍କାର ।

ତୋ ମନର ଯନ୍ତ୍ରଣା ମୋ ପାଖରେ ଅଜଣା ନାହିଁ ମାଳା । ତୋ ଆଖିର ଲୁହରେ ବୋହିଯାଇଥିବା କଜଳ ବୋଲି ହୋଇ ଆଜି ରାତି ଶୋଇଯାଇଛି; ମୋ ଆଖିରୁ କିନ୍ତୁ ନିଦ ଚାଲିଯାଇଛି ଦୂରକୁ, ବହୁ ଦୂରକୁ...ପ୍ରତାପଗଡ଼ ନାମକ ସେହି ବଣ-ପାହାଡ଼ ଘେରା ସ୍ଥାନକୁ ।

ତତେ ପିଲାଦିନୁ କେବେ ମୋ ଆଖି ପ୍ରେମିକା ଭାବରେ ଦେଖିନାହିଁ ମାଳା । ମିଛ କାହିଁକି କହିବି, ଭଉଣୀ ଭାବେ ମଧ୍ୟ ଗ୍ରହଣ କରିପାରିନାହିଁ । ତୁ ମୋ ପାଇଁ ସବୁବେଳ ମନ ନିର୍ମଳ ଥିବା ଚୁଲ୍‌ବୁଲୀ ସୁନ୍ଦରୀ ଝିଅଟିଏ । ବୋଧହୁଏ ଆମ ଦୁଇଜଣଙ୍କ ଭିତରେ ଭଲପାଇବା ପାଇଁ ଯେଉଁ କେମିଷ୍ଟ୍ରିର ଆବଶ୍ୟକ ତାହା ମୋ ପାଖରେ କିଛି କମ୍ ରହିଗଲା ।

ମତେ ଲାଗେ ତୁ ପ୍ରତିଜ୍ଞା କରିଛୁ ଚିରଦିନ ମୋ ପାଖରେ ଛାଇ ହୋଇ ରହିବା ପାଇଁ ।

Source: Author, Digitized by PPRACHIN, SOA

କିନ୍ତୁ ମାଳା, ମୁଁ ଏତେ ହତଭାଗା ଯେ ମୋ ଭାଗ୍ୟ ସହିତ ଆଉ କାହା ଭାଗ୍ୟ ସାମିଲ ହୋଇପାରିବ ନାହିଁ । ମୋର ଭାଗ୍ୟ ଡୋରି ନିୟତି ନିଜେ ନଧରି କେଉଁ ଏକ ସଇତାନ ହାତରେ ଧରାଇ ଦେଇଛନ୍ତି । ତା' ହାତରେ ମାଙ୍କଡ ନାଚ୍ ନାଚି ବିପର୍ଯ୍ୟସ୍ତ ମୋର ଭାଗ୍ୟ । ମୋ ସହିତ ଚାଲିବାକୁ ଚେଷ୍ଟା କଲେ ତୋର ମଧ୍ୟ ସେହି ଦଶା ହେବ ମାଳା । ଯେଉଁ କଠିନ ସମୟ ଭିତରକୁ, ସମିତାକୁ ଦେଇଥିବା ପ୍ରତିଶ୍ରୁତିର ସ୍ୱାକ୍ଷର ନେଇ ମୁଁ ଯାଉଛି ସେଠାରେ ଅଣନିଃଶ୍ୱାସୀ ହୋଇଯିବୁ ତୁ ମାଳା ।

ଯେଉଁ ଦିନ ଝଡ଼ର ଏକ ଇଗଲ୍ ଭଳି ପ୍ରତାପଗଡ଼ରୁ ମୁଁ ଗାଁକୁ ଆସିଲି, ସେଦିନ ଅଦିନ ଝଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା ମୋ ସ୍ୱପ୍ନର ନୀଡ଼ । ରକ୍ତାକ୍ତ ହୋଇଯାଇଥିଲା ପକ୍ଷ ଯୁଗଳ । ଉଡ଼ିବା ପାଇଁ ବାରମ୍ବାର ଚେଷ୍ଟା କରି ମଧ୍ୟ ଆଘାତ ପାଉଥିଲି ମୁଁ ଝଡ଼ ପାଖରୁ । ଏହା ଥିଲା ମୋର ମାନସିକ ଅବସ୍ଥା ।

ବୟସର କଅଁଳ ସକାଳରେ ପାଦ ଦେଇଥିବା ସବୁ କିଶୋରୀଙ୍କ ପରି ଆବେଗର ସହିତ ଭଲପାଇ ବସିଛୁ ତୁ ମତେ । ତା'ର ପ୍ରତିଦାନରେ ମୁଁ ତତେ ଯନ୍ତ୍ରଣା ଛଡ଼ା କଣ ଦେଇଛି ମାଳା !! କେଡେ ସରଳ ତୋର ମନ ! କିନ୍ତୁ ସେହି ସରଳ ମନ ମୋ ପାଖରୁ ଯାହା ଜାଣିବାକୁ ଚାହିଁଛି, ତାହା ସବୁ ଅଜଣା ହୋଇ ରହିଯାଇଛି ।

ଅନେକ ଥର ତୁ ମତେ ପଚାରିଛୁ....ସତ କୁହ ବିଜୟ କିଏ ତୁମ ମନକୁ ଏଭଳି ବିପର୍ଯ୍ୟସ୍ତ କରିପକାଇଛି ? କେଉଁ ଖିଆଲ ପଛରେ ତୁମେ ଏମିତି ଅମଡ଼ା ମାଡି ଚାଲିଛ ?

ଉତ୍ତରରେ ମୁଁ ତତେ ଏତିକି ମାତ୍ର କହିଛି...ମାଳା ! ଯେଉଁ ସଙ୍ଗୀତ ଶୁଣି ପଥର ଦେହରୁ ମଧ୍ୟ ଲୁହ ଝରେ, ସେହିପରି ଏକ ସଙ୍ଗୀତ ପ୍ରତାପଗଡ଼ର କାନନ କନ୍ଦରରୁ ଇଥରରେ ତରଙ୍ଗ ସୃଷ୍ଟି କରି ବେଳେବେଳେ ଭାସିଆସି ମୋ କାନରେ ବାଜେ । ସେ ସଙ୍ଗୀତ ମୋତେ ପାଗଳ କରେ, ଆନମନା କରେ.. ମୋ ଅଜ୍ଞାତରେ ସେ ସଙ୍ଗୀତ ପଛରେ ଚିନ୍ତାଧାରା ମୋର ଅମଡ଼ା ମାଡି ଚାଲେ ।

ମୋର ଏ ଉତ୍ତର ଶୁଣି ମନରେ ତୋର ଗଭୀର ଆଘାତ ଲାଗେ ନିଶ୍ଚୟ; ଯାହାକୁ ତୁ ଏତେ ଅନ୍ତରଙ୍ଗ ଭାବୁ ତା'ଠାରୁ ମନଖୋଲା ଉତ୍ତର ନପାଇ ମନରେ ତୋର ନିଶ୍ଚିତ ଭାବରେ କଷ୍ଟ ହୁଏ ।

ସତରେ ମାଳା ତୋ ନିଷ୍ଠା ପାଖରେ ମୋର ମନ ଦୁର୍ବଳ ହୋଇଯାଏ । ସତ୍ୟର ଅବତାରଣା କରି ତୋ କୋମଳ ମନକୁ କଷ୍ଟ ଦେବାପାଇଁ ଚାହୁଁନଥିଲି ମୁଁ । ତେଣୁ ଏହି ଡାଏରୀରେ ସେ ରହସ୍ୟର ଯବନିକା ଆଜି ଟାଣି ଦେଉଛି....

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪

ବିଜୟ ଲେଖିଥିଲା.......

ମେଘମାଳା,

ରୂପା ଚାମଚ୍ ପାଟିରେ ନେଇ ମୁଁ ଜନ୍ମ ହୋଇ ନଥିଲି । ମୋ ପିଲାଦିନ ଦୁଃଖ ଆଉ ଲୁହର କାହାଣୀ ବ୍ୟତୀତ ଅନ୍ୟ କିଛି ନଥିଲା; ଆଉ ସେ ଦୁଃଖ ଅନ୍ୟ କେହି ନୁହେଁ ମୋ ଦାଦା ପୁଅ ଭାଇ ମତେ ଦେଇଥିଲେ । ଦାଦା ଓ ଖୁଡ଼ୀ ଏକ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ସେମାନଙ୍କ ଏକମାତ୍ର ପୁଅ ଶୁଭାଶିଷର ଦାୟିତ୍ୱ ବାବାଙ୍କ ଉପରେ ପଡ଼ିଲା । ଶୁଭାଶିଷ ମୋଠାରୁ ଆଠ ବର୍ଷ ବୟସରେ ବଡ଼ । ତାଙ୍କର ଲାଳନପାଳନ ପାଇଁ ଦାଦା କିଛି ଧନ ସମ୍ପତ୍ତି ଛାଡ଼ି ଯାଇନଥିଲେ । ବରଂ ଯାହାକିଛି ପୈତୃକ ସମ୍ପତ୍ତି ତାଙ୍କ ଭାଗରେ ପଡ଼ିଥିଲା ସେ ସବୁ ବିକି ଭାଙ୍ଗି ଅୟସରେ ଉଡ଼ାଇ ଦେଇଥିଲେ । ପଛରେ ଛାଡ଼ି ଯାଇଥିଲେ ଶୁଭାଶିଷକୁ ମଣିଷ କରିବାର ଗୁରୁଦାୟିତ୍ୱ ।

ଶୁଭ ଭାଇ ଭଲ ପାଠ ପଢୁଥିଲେ । ପ୍ଲସ୍ ଟୁ ପରେ ମେଡିକାଲ କଲେଜରେ ସିଟ୍ ମଧ୍ୟ ମିଳିଗଲା । କିନ୍ତୁ ମେଡିକାଲ କଲେଜରେ ପାଠ ପଢ଼ାଇବା ଏତେ ସହଜ କଥା ନଥିଲା । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କିପରି ପାଠ ପଢାଇବେ, ଏହି ଚିନ୍ତାରେ ଥିଲେ ବାବା ।

Source: Author, Digitized by PPRACHIN, SOA

ଶୁଭାଶିଷକୁ ପାଖକୁ ଡାକି ବାବା କହିଥିଲେ...ଦେଖ୍ ବାବୁ, ମୁଁ ଗୋଟିଏ ସାଧାରଣ ଅଳ୍ପ ବେତନ ଭୋଗୀ ପ୍ରାଇମେରି ସ୍କୁଲ୍ ଶିକ୍ଷକ । ତତେ ମେଡିକାଲ୍ ପଢାଇବାର ସାମର୍ଥ୍ୟ ମୋର ନାହିଁ । ତୁ ବରଂ ଇଞ୍ଜିନିୟରିଂରେ ନାଁ ଲେଖେଇ ଦେ ।

କିଛି ଉତ୍ତର ଦେଇ ନଥିଲେ ଶୁଭାଶିଷ୍ ଭାଇ । ମୁହଁକୁ ତଳକୁ କରି ଠିଆହୋଇ ବୁଢ଼ା ଆଙ୍ଗୁଠିରେ ମାଟି ଉଖାରିବାରେ ଲାଗିଥିଲେ ଏବଂ ଆଖିରୁ ଧାରଧାର ଲୁହ ବହି ଯାଉଥିଲା । ତାଙ୍କ ମୁହଁର ଅଭିବ୍ୟକ୍ତ କହୁଥିଲା...ବାବା ବୋଉ ବଞ୍ଚିଥିଲେ ମତେ କ'ଣ ମେଡିକାଲ ପଢ଼ାଇ ନଥାନ୍ତେ ?

ମୋ ବୋଉ ସେ ସମୟରେ ଶୁଭାଶିଷକୁ କୋଳକୁ ଭିଡ଼ିନେଇ ଆଖି ଲୁହ ପୋଛି ଦେଇ କହିଥିଲା...ତୁ ଚିନ୍ତା କରେନା ବାବା, ତୁ ମେଡିକାଲ ନିଶ୍ଚୟ ପଢ଼ିବୁ ।

ବୋଉ ବାବାଙ୍କୁ କହିଥିଲା...ତମେ ମୋର ଗହଣା ଓ ଜମିବାଡ଼ି ବିକି ଭାଙ୍ଗି ଶୁଭକୁ ମେଡିକାଲ ପଢାଅ । ମନା କରନି ।

ଶୁଭାଶିଷର ପାଠପଢ଼ାରେ ବାବା ସର୍ବସ୍ୱାନ୍ତ ହୋଇଗଲେ । ସବୁ ଜମିବାଡ଼ି ବନ୍ଧା ପକାଇ, ଓଳିଏ ଖାଇ ଓଳିଏ ନଖାଇ ଶୁଭ ଭାଇଙ୍କୁ ପାଠ ପଢାଇଲେ ।

ଶୁଭ ଭାଇ ପାଇଁ ଏତେ ଅସୁବିଧାର ସମ୍ମୁଖୀନ ହୋଇ ମଧ୍ୟ ବାବାଙ୍କ ମନରେ ଦୁଃଖ ନଥିଲା । ସେ ସବୁବେଳେ କହୁଥିଲେ...ଶୁଭ ଡାକ୍ତର ହେଲେ ଆମ ଦୁଃଖ ଯିବ ।

କିନ୍ତୁ ଶୁଭ ଭାଇଙ୍କ ଉପରେ ମେଡିକାଲ୍ କଲେଜର ପ୍ରଫେସରଙ୍କର ନଜର ପଡିଗଲା । ନିଜର ଏକମାତ୍ର କନ୍ୟା ପାଇଁ ଶୁଭ ଭାଇଙ୍କୁ ସେ ଧନ ଲୋଭ ଦେଖାଇ ନିଜ ଆଡକୁ ଟାଣିନେଲେ । ଶୁଭ ଭାଇ ଏମ୍‌ବିବିଏସ୍ ପାସ୍ କରୁକରୁ ତାଙ୍କ ପାଇଁ କୋଟିଏ ଟଙ୍କା ଖର୍ଚ୍ଚ କରି ଅତ୍ୟାଧୁନିକ ଚିକିତ୍ସାଳୟଟିଏ ସ୍ଥାପିତ କରିଦେଲେ । ଶୁଭ ଭାଇ ସବୁଦିନ ପାଇଁ ଗାଁକୁ ଭୁଲିଗଲେ । ତା' ସଙ୍ଗେ ସଙ୍ଗେ ଭୁଲିଗଲେ ଦାଦା ଖୁଡ଼ୀଙ୍କୁ, ଯେ ନିଜ ପେଟରେ ଓଦା କନା ପକାଇ ତାଙ୍କୁ ଡାକ୍ତରୀ ପଢ଼ାଇଥିଲେ ।

ମୋର ମନେ ଅଛି ମାଳା, ମେଡିକାଲ କଲେଜରେ ଆଡ଼ମିଶନ ନେବା ପରେ ପରେ ଶୁଭ ଭାଇ ବଡ଼ ଆଦର୍ଶବାଦୀଙ୍କ ଭଳି କେତେ ବଡ଼ ବଡ଼ କଥା କହୁଥିଲେ । କହୁଥିଲେ...ସେ କୌଣସି ସରକାରୀ ଚାକିରି କରିବେ ନାହିଁ, ଗାଁ'ରେ କ୍ଲିନିକ୍‌ଟିଏ କରି ବିନା ପଇସାରେ ଲୋକମାନଙ୍କର ସେବା କରିବେ, ଦାଦା ଖୁଡ଼ୀଙ୍କ ବାର୍ଦ୍ଧକ୍ୟ ସମୟରେ ତାଙ୍କ ପାଖରେ ରହି ସେବା କରି ସେମାନଙ୍କ ବଳିଦାନର ଋଣ ଶୁଝିବେ ।

ଶୁଭ ଭାଇଙ୍କର ସେହି ଆଦର୍ଶବାଦୀ କଥା ଶୁଣି ବାବାଙ୍କର ଛାତି କୁଣ୍ଢେମୋଟ ହୋଇଯାଇଥିଲା ସେ ସମୟରେ; ଆଖିରୁ ଆନନ୍ଦର ଲୁହ ଝରିଯାଇଥିଲା । ବାବା ବୋଉଙ୍କୁ

Source: Author, Digitized by PPRACHIN, SOA

କହିଥିଲେ...ଦେଖିଲ ପ୍ରତିମା ! ଶୁଭର କି ଉଚ୍ଚ ଚିନ୍ତାଧାରା ! ଆମ ବଂଶର ନାଁ ସେ ନିଶ୍ଚୟ ରଖିବ । ତା' ପାଠପଢ଼ା ଶେଷ ହେବାପାଇଁ ମୁଁ କାଙ୍ଗାଳ ହୋଇଗଲେ ମଧ୍ୟ ମୋର ଚିନ୍ତା ନାହିଁ । ମୁଁ ହସିହସି ଆଖିବୁଜି ପାରିବି ।

ବାବାଙ୍କର ଭାବପ୍ରବଣତାର ଲୁହରେ ମୁଁ ଭିଜି ଯାଇଥିଲି । ମୋ ମଥାରେ ହାତ ବୁଲେଇ ବାବା କହିଥିଲେ...ତୋ ପାଇଁ ଆଉ ମୋର ଚିନ୍ତା ନାହିଁ ବିଜୁ, ଶୁଭ ଡାକ୍ତର ହୋଇ ଗାଁରେ କ୍ଲିନିକ୍ କଲେ ତୁ ତାକୁ ସାହାଯ୍ୟ କରିବୁ ।

ବାବାଙ୍କ ସ୍ୱପ୍ନକୁ ପ୍ରବଳ ଧକ୍କା ଲାଗିଲା ଯେଉଁ ଦିନ ଶୁଭ ଭାଇ ଡାକ୍ତରୀ ପାସ୍ କରି ବାବାଙ୍କୁ ପାସ୍ କରିଥିବା ଶୁଭ ଖବର ସଙ୍ଗେ ସଙ୍ଗେ ପ୍ରଫେସରଙ୍କ ପାଖରେ ବିକ୍ରି ହୋଇଯାଇଥିବାର ଅଶୁଭ ଖବର ଶୁଣାଇଲେ । ସାଙ୍ଗରେ ନିଜେ ପ୍ରଫେସର୍ ମହାଶୟ କନ୍ୟାରତ୍ନଙ୍କ ସହିତ ଆସିଥିଲେ ଜଣେଇ ଦେବାପାଇଁ ଯେ ଶୁଭାଶିଷ୍ ତାଙ୍କ ଝିଅକୁ ଭଲପାଏ ଏବଂ ସେ ଅତି ଶୀଘ୍ର ବାହାଘରର ଆୟୋଜନ କରିବେ । ବାହାଘର ଦିନ ଶୁଭାଶିଷ ପାଇଁ ନିର୍ମିତ ହୋଇଥିବା ନୂଆ ଚିକିତ୍ସାଳୟର ମଧ୍ୟ ଶୁଭ ଉଦ୍‌ଘାଟନ ହେବ ।

ସେଦିନ ଶୁଭ ଭାଇ, ଏ ପ୍ରସ୍ତାବ ସମ୍ବନ୍ଧରେ ବାବାଙ୍କୁ ତାଙ୍କର ସମ୍ମତି ପଚାରିବାକୁ ଆସି ନଥିଲେ, ବରଂ ଆସିଥିଲେ ତାଙ୍କ ନିଷ୍ପତ୍ତି ଶୁଣାଇବା ପାଇଁ ।

ସେଦିନ ବାବାଙ୍କ ହୃଦୟକୁ ଯେଉଁ ଧକ୍କା ଲାଗିଥିଲା ତାହା, ନିଜ ଆତ୍ମୀୟଙ୍କ ଦ୍ୱାରା ଜୁଆ ଖେଳରେ ଅପମାନିତ ହୋଇ, ଇନ୍ଦ୍ରପ୍ରସ୍ଥ ହରାଇ ବନବାସ ଦଣ୍ଡରେ ଦଣ୍ଡିତ ହୋଇଥିବା ଯୁଧିଷ୍ଠିରଙ୍କୁ ମଧ୍ୟ ଲାଗି ନଥିବ ।

କିଛିଦିନ ପରେ ଶୁଭ ଭାଇଙ୍କର ବିବାହ ନିମନ୍ତ୍ରଣ ପତ୍ର ସହିତ ଚିକିତ୍ସାଳୟ ଉନ୍ମୋଚନର ନିମନ୍ତ୍ରଣ ପତ୍ର ବାବାଙ୍କ ପାଖକୁ ଆସିଲା । ବାବା ତାକୁ ଚିରି ଖଣ୍ଡ ଖଣ୍ଡ କରି ପବନରେ ଉଡ଼ାଇ ଦେଇଥିଲେ ।

ଶୁଭ ଭାଇଙ୍କର ଏପରି ନିଷ୍ପତ୍ତି ଏକ ଅକଳ୍ପନୀୟ ଧକ୍କା ଥିଲା, ତାହା ବାବାଙ୍କ ହୃଦୟର ଗଭୀରତମ ପ୍ରଦେଶକୁ ସ୍ପର୍ଶ କଲା । ତା' ପରଠାରୁ ବାବା ଶଯ୍ୟାଶାୟୀ ହେଲେ । ଧୀରେ ଧୀରେ ଦୁର୍ବଳ ହୋଇଗଲେ । ବାବାଙ୍କର ଏ ଅବସ୍ଥା ଦେଖି ବୋଉର ଆଖିରୁ ଲୁହ ଶୁଖୁନଥାଏ । ଦିନେ ତୋ ବାବାଙ୍କ ପାଖରେ ବୋଉ ଅଶ୍ରୁଳ ଆଖିରେ କହିଲା...ବିଷ୍ଣୁପଦ, ଭାଇନା କ'ଣ ଆଉ ଭଲ ହେବେନି ? ତମେ ଟିକିଏ ତାଙ୍କୁ ନେଇ କଟକ ଯାଅ ।

ମାଳା, ସେଦିନ ତୋ ବାବା ମୋ ବାବାଙ୍କୁ ସାଙ୍ଗରେ ନେଇ କଟକ ଗଲେ । ଯେଉଁ ଚିକିତ୍ସାଳୟକୁ ଗଲେ ତାହା ଯୋଗକୁ ଶୁଭ ଭାଇଙ୍କର ହସ୍ପିଟାଲ୍ ଥିଲା ।

ଶୁଭ ଭାଇ ବାବାଙ୍କୁ ଦେଖି ପାଦ ଛୁଇଁଲେ । ଜଣେ ଆସିଷ୍ଟାଣ୍ଟଙ୍କୁ ସମସ୍ତ ପରୀକ୍ଷା

Source: Author, Digitized by PPRACHIN, SOA

ନିରୀକ୍ଷାର ଦାୟିତ୍ୱ ଦେଇ କହିଲେ...ଏ ମୋର ଦାଦା, ତାଙ୍କର ସବୁ ପ୍ରକାର ଯତ୍ନ ନେଇ ପରୀକ୍ଷା ନିରୀକ୍ଷା କରିବ । ମୁଁ ଗୋଟାଏ ବଡ଼ ଅପରେସନ କାମରେ କଳିଙ୍ଗ ହସ୍ପିଟାଲ୍ ଯାଉଛି, ଫେରୁ ଫେରୁ ସନ୍ଧ୍ୟା ହେବ ।

ସବୁ ପରୀକ୍ଷାନିରୀକ୍ଷା ପାଇଁ ଆସିଷ୍ଟାଣ୍ଟ୍ ମହାଶୟ ପାଞ୍ଚହଜାର ଟଙ୍କାର ବିଲ୍‌ଟିଏ ଧରାଇ ଦେଇ କହିଲେ... କାଉଣ୍ଟର୍‌ରେ ଡିପୋଜିଟ୍ କରିଦିଅନ୍ତୁ ଏବଂ ରିସିପ୍ଟ ସହିତ ଅପେକ୍ଷା କରନ୍ତୁ, ଆପଣଙ୍କ ନାଁ ଡକା ହେଲେ ଭିତରକୁ ଯିବେ ।

ଏହି ପ୍ରକାର ବ୍ୟବହାର ବୋଧହୁଏ ବାବାଙ୍କ ହୃଦୟ ଉପରେ ଅନ୍ତିମ ପ୍ରହାର ଥିଲା । କାନ୍ଦି କାନ୍ଦି କଟକରୁ ଫେରି ଆସିଲେ ବାବା ।

ମାତ୍ର କିଛି ଦିନ ଭିତରେ ସେ ଆଖି ବୁଜିଲେ । ଶେଷ ମୁହୂର୍ତ୍ତରେ ତାଙ୍କର ଅନୁରୋଧ ଥିଲା....ଶୁଭାଶିଷକୁ ମୋ ମୃତ୍ୟୁର ଖବର ଜଣାଇବ ନାହିଁ ।

ତାହାହିଁ ହେଲା...

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪

ବିଜୟ ଲେଖିଥିଲା......

ମେଘମାଳା,

ମୋ ବାବା ଚାଲିଯିବା ପରେ ଆମ ଜୀବନ ନଦୀରେ ଦୁର୍ଦ୍ଦିନର ବନ୍ୟା ମାଡ଼ି ଆସିଲା । ସେହି ସମୟରେ ଆମ ପାଖରେ ବାବା ତୋର ଠିଆ ହେଲେ ଦେବଦୂତ ଭଳି । ବୋଉକୁ ଆଶ୍ୱାସନା ଦେଇ କହିଥିଲେ...ତମେ ଧୈର୍ଯ୍ୟ ଧର ଭାଉଜ । ବିଷ୍ଣୁପଦ ବଞ୍ଚିଥିବା ପର୍ଯ୍ୟନ୍ତ ମହାପାତ୍ର ବଂଶର ଦୀପଶିଖାକୁ ଦୁର୍ଦ୍ଦିନର ଝଡ଼ରେ ଲିଭିଯିବା ପାଇଁ ଦେବନାହିଁ ।

ମାଳା, ସେ ସମୟରେ ମୋର ସ୍କୁଲରେ ଦଶମ ଶ୍ରେଣୀ । ବାବାଙ୍କର ପେନସନ୍ ଘର ଖର୍ଚ୍ଚକୁ ନିଅଣ୍ଟିଆ । ଶୁଭ ଭାଇଙ୍କ ପଢ଼ାଖର୍ଚ୍ଚରେ ବାବା ସର୍ବସ୍ୱାନ୍ତ ହୋଇ ଯାଇଥିଲେ । ମୋର ସ୍କୁଲ ଦିନଗୁଡ଼ିକ ଦୁଇଖଣ୍ଡ ମାଟିଆ ହାଫ୍ ପ୍ୟାଣ୍ଟ୍ ଏବଂ ଦୁଇଖଣ୍ଡ ଫୁଟ୍‌ପାଥ୍‌ରୁ କିଣା ହାଫ୍ ସାର୍ଟରେ ବିତିଗଲା । ଚପଲ ମୋ ପାଇଁ ବିଳାସର ବସ୍ତୁ ଥିଲା । ହାୱାଇ ସ୍ଲିପର୍ ହଳେ ହେଲେ ଦୁଇବର୍ଷ ପିନ୍ଧା ହେଉଥିଲା । ସ୍ଲିପର୍‌ର ଫିତା ଛିଣ୍ଡିଗଲେ ତଳପଟେ ସେଫ୍‌ଟିପିନ୍‌ରେ କଣା କରି ଚପଲଟି କିଛିଦିନ ଘୋଷରା ହେଉଥିଲା ।

ବାବା ଥିବା ସମୟରେ ତାଙ୍କ ଦୃଷ୍ଟିକୁ ଚପଲର ଦୁରାବସ୍ଥା ଆଣିଲେ ମଧ୍ୟ ସେ କହୁଥିଲେ...ଏଇ ମାସଟା ଚଳେଇ ଦେ ବାବା, ଶୁଭର ପରା ଚପଲ ନାହିଁ, ତା'ର ଆଗ ଦରକାର୍, ବିନା ଚପଲରେ ସେ ମେଡିକାଲ କଲେଜରେ ଚଳିବ କେମିତି ? ଆମେ ଗାଁ'ରେ ଚଳେଇ ଦେବା, ସେ ପାରିବନି, ବାପାଟା ପରା ଏଇ ମାସଟା ଅପେକ୍ଷା କରିଯା ।

ପ୍ୟାଣ୍ଟ୍‌ରୁ ବୋତାମ ଛିଣ୍ଡିଗଲେ ମଧ୍ୟ କନାଧଡ଼ି ବାନ୍ଧି ଚଳେଇ ନେବାକୁ ପଡ଼େ ।

Source: Author, Digitized by PPRACHIN, SOA

ବେଲ୍ଟ ଆମ ପାଇଁ ନୁହେଁ, କଲେଜ ପଢୁଥିବା ପିଲାମାନେ କିମ୍ବା ଅଫିସ୍‌ରେ କାମ କରୁଥିବା ବାବୁମାନେ ତାକୁ ପିନ୍ଧନ୍ତି । କନାଧଡ଼ି ନମିଳିଲେ, ଯେଉଁଠାରେ ବୋତାମ ଛିଣ୍ଡିଥାଏ ସେଠାରେ ସେଫ୍ଟିପିନ୍ ଲଗାଇ ଚଳେଇ ନେବାକୁ ପଡ଼େ । ବର୍ଷରେ ଥରେ କୁମାର ପୂର୍ଣ୍ଣିମାରେ ହଜେ ପ୍ୟାଣ୍ଟ୍‌ସାର୍ଟ ଫୁଟ୍‌ପାଥରୁ କିଣା ହୁଏ, ଆଉଥରେ ଗଣେଶ ପୂଜା ବେଳକୁ । ଯେଉଁ ବର୍ଷ ଗଣେଶ ପୂଜା ବେଳକୁ ପଇସା ଅଭାବରେ କିଣା ହୋଇପାରେ ନାହିଁ,ସେ ବର୍ଷ ଗଣେଶ ପୂଜା ଦିନ ସ୍କୁଲ୍ ଯିବା ବନ୍ଦ ।

ଯେଉଁ ସମୟରେ ମାଟ୍ରିକ ପାସ୍ କଲି ସେତେବେଳେ ବାବାଙ୍କର ମୃତ୍ୟୁର ବର୍ଷିକିଆ ଖର୍ଚ୍ଚ କେମିତି ଚଳେଇବ ବୋଲି ବୋଉ ମୁଣ୍ଡରେ ହାତଦେଇ ବସିଥାଏ । ଭାବିଥିଲି ପାଠରେ ଡୋରି ବାନ୍ଧି ଘରେ ବସିବି । କିନ୍ତୁ ତୋ ବାବା କହିଲେ ଏମିତି ଅଧାପାଠୁଆ ହୋଇ ଘରେ ବସିଲେ ଲାଭ କଣ ? ବିଡ଼ି ଗଞ୍ଜେଇ ଟାଣି ଦି'ପହରେ ଗାଁ କୋଠଘରେ ବସି ତାସ୍ ପିଟିବୁ, ବାକି ସମୟ ଘରେ ଶୋଇ ଶୋଇ ସମୟ ବିତିବ । ଅଧା ପାଠୁଆମାନେ ସବୁବେଳେ ବେକାର ବସନ୍ତି, କାରଣ ମଜୁରି ଖଟିବାକୁ ସେମାନଙ୍କୁ ଲାଜ ଲାଗେ, ଛୋଟକାଟିଆ ବ୍ୟବସାୟ କରିବାକୁ ପାଖରେ ପଇସା ନଥାଏ ।

ତୋ ବାବାଙ୍କ କଥା ଶତପ୍ରତିଶତ ଠିକ୍ ଥିଲା; କିନ୍ତୁ ଉପାୟ ?

ଶେଷରେ ମୋ ବୋଉ ମତେ ଗୋଟିଏ ବାଟ ବତେଇଲା । କହିଲା...ବିଜୁ ତୁ ଶୁଭାଶିଷ ପାଖକୁ ଯାଇ ଆମ ସମସ୍ୟା କଥା କହ । ଭଲ ପିଲା ସେ । ଶଶୁରଘର କଥାରେ ସିନା ବିଗିଡି ଯାଇଛି, ଆମଠୁ କେବେହେଲେ ଦୂରେଇ ରହିପାରିବନି ସେ ।

ବୋଉ କଥା ମୋ ମନକୁ ପାଇଲା ନାହିଁ । କହିଲି... କାହିଁକି ସେଠାକୁ ଅପମାନିତ ହେବାପାଇଁ ମତେ ପଠଉଚୁ ବୋଉ ? ଶୁଭାଶିଷ ଭାଇ ସମ୍ପୂର୍ଣ୍ଣ ବିକ୍ରି ହୋଇଯାଇଛନ୍ତି ଶଶୁର ଘର ପାଖରେ ।

ଯିଏ ବାବା ମଲା ପରେ ବି ଖବର ପାଇ ଆସିନାହାନ୍ତି, ସେ ମତେ ସାହାଯ୍ୟ କରିବେ ବୋଲି ତୁ ଆଶା କରୁଛୁ ?

ତୋ ବାବା କହିଲେ...ଚେଷ୍ଟା କରିବାରେ କିଛି ଅସୁବିଧା ନାହିଁ ବିଜୟ । ଆବଶ୍ୟକତା ଆମର ପଡ଼ିଛି । ବୁଡ଼ିଯାଉଥିବା ଲୋକକୁ କୁଟା ଖିଅଟିଏ ମଧ୍ୟ ବଡ଼ ସାହା । ଚେଷ୍ଟା କରିବାରେ କ୍ଷତି କ'ଣ ? ଯଦି ସେମାନଙ୍କ ବ୍ୟବହାରରେ କିଛି ବ୍ୟତିକ୍ରମ ଦେଖାଯାଏ ତା'ହେଲେ ଫେରିଆସିବ । ତାତିଲା ପାଣିରେ ତ ଘର ପୋଡ଼ିଯାଏ ନାହିଁ ।

ଅଗତ୍ୟା ମୁଁ ଶୁଭ ଭାଇଙ୍କ ଘରକୁ ଗଲି । ଘର ସାମନାରେ ଗୋଟାଏ ବିରାଟ ବୈଠକଖାନା । ସେଠାରେ ଅପେକ୍ଷା କରିଛନ୍ତି ଦୁଇ ଡଜନ ରୋଗୀ । ସେଠାରେ ଥିବା

Source: Author, Digitized by PPRACHIN, SOA

ଆଟେଣ୍ଡାଣ୍ଟ୍ ହାତରେ ଖବର ଦେଲି---ବାବୁ ବା ବାବୁଆଣୀ ଯିଏ ଥିବେ କହିବ ବାବୁଙ୍କ ଗାଁ ତୁଳସୀପୁରରୁ ବାବୁଙ୍କର ଜଣେ ଭାଇ ଆସିଛନ୍ତି ।

ପରିଚାରକଟି ଭିତରେ ଯାଇ ଖବର ଦେବା ପରେ ପ୍ରାୟ ଅଧଘଣ୍ଟା ବିତିଗଲା । କାହାର ଦେଖା ଦର୍ଶନ ନାହିଁ । ଶେଷରେ ମୋର ଧୈର୍ଯ୍ୟଚ୍ୟୁତି ଘଟିଲା । ନିଜେ ଘର ଭିତରକୁ ଯିବାରେ କିଛି ଅସୁବିଧା ହେବନାହିଁ ଭାବି ବୈଠକଖାନାରୁ ଉଠି ଘର ପାହାଚରେ ଗୋଡ଼ ଦେଉ ଦେଉ ଗୁରୁଗମ୍ଭୀର କଣ୍ଠରେ ଜଣେ ମହିଳା ଚିତ୍କାର କଲେ- ସେଇଠି ଅପେକ୍ଷା କର । ପାଦେ ମଧ୍ୟ ଆଗକୁ ଆସନାହି । ଗାଁ ଲୋକ କହି କୁଆଡୁ କେତେ ଆସି ବହୁତ ବ୍ୟତିବ୍ୟସ୍ତ କଲେଣି ଏମାନେ...ମଫସଲି କୋଉଠିକାର ।

ମତେ କାନମୂଳରେ ଶକ୍ତ ଚାପୁଡା ଖାଇଲା ଭଳି ଲାଗିଲା ।

ପରିଚାରକଟି ଦଉଡ଼ି ଆସି ଅନୁନୟ କଣ୍ଠରେ କହିଲା... କାହିଁକି ମୋ ଚାକିରି ନଉଚନ୍ତି ଆଜ୍ଞା, ବୈଠକଖାନାରେ ବସନ୍ତୁ । ବାବୁ ପାଞ୍ଚ ଦଶ ମିନିଟରେ ତଳକୁ ଆସିବେ । କଥା କ'ଣ କି ଆଜ୍ଞା, ଆମ ବାବୁ ଭଲ କିନ୍ତୁ ବାବୁଆଣୀ ଭାରି ରାଢ଼ । ମୁଁ ଆପଣଙ୍କ କଥା ବାବୁଙ୍କୁ କହିଛି, ସେ ଆପଣଙ୍କୁ ବସିବା ପାଇଁ କହିଛନ୍ତି ।

ମୋର ଆତ୍ମସମ୍ମାନର ଏଭଳି ଭାବରେ ଧର୍ଷଣ ହେବ ବୋଲି ମୁଁ ଆଶା କରିନଥିଲି । ଏକ ମୁହୂର୍ତ୍ତ ଅପେକ୍ଷା ନକରି ମୁଁ ଚାଲି ଆସିଲି । ବାବୁଙ୍କ ଗେଟ୍ ପାଖରେ ଏକ ଶକ୍ତ ଚାପୁଡା ନିଜକୁ ନିଜେ ମାରି ଶପଥ କଲି..... ପାଠପଢ଼ା ନହେଲା ନାହିଁ ଭବିଷ୍ୟତରେ ଏ ସ୍ଥାନ ଆଉ ମାଡ଼ିବାର ନାହିଁ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୬

ମେଘମାଳା,

ମୋ ବୋଉ ଆଖିରୁ ଯେତେ ଲୁହ ଝରିଛି ତାକୁ ମୁଁ ବାରଣାସୀଠାରେ ଦେଖିଛି ଗଙ୍ଗାନଦୀରେ ସୁଅ ହୋଇ ବହିଯିବାର । ଶୁଣିଛି ମଧ୍ୟ ଯେ ଏପରି କେତେ ଦୁଃଖିନୀର ଲୁହରେ ସାଗର ଜଳ ଲୁଣିଆ ହୋଇଯାଇଛି ।

ବୋଉ ଜୀବନରେ ଶପଥ ନେଇଥିଲା ବାବାଙ୍କ ଅଭାବବୋଧର ଅନୁଭବ ମୋ ମନରେ ନ ଦେବା ପାଇଁ । ସେଥିପାଇଁ ତା'ର ବାପ ଘରୁ ଆଣିଥିବା ଗହଣାଗାଣ୍ଠି ଯାହାକିଛି ବାକି ଥିଲା ସବୁ ବିକି ଭାଙ୍ଗି ଘର ଚଳାଉଥିଲା । ଅନ୍ୟ କାହା ପାଖରେ ହାତ ପତାଇ ନଥିଲା ସେ । ଜମିବାଡ଼ି ସବୁ ଶୁଭ ଭାଇଙ୍କ ପାଠପଢା ପାଇଁ ବନ୍ଧା ପଡ଼ିଥିବାରୁ ସେଥିରୁ ଧାନ ମୁଗ କିଛି ଆସୁନଥିଲା । ବାବାଙ୍କର ଯତ୍ ସାମାନ୍ୟ ପେନସନ୍ ଘର ଖର୍ଚ୍ଚକୁ ନିଅଣ୍ଟ ।

ମତେ ଖାଇବାକୁ ଭାତ ଦେଇ ବୋଉ ଓଳିଏ ମାଣ୍ଡିଆଜାଉ ଖାଇ ଚଳାଇଦିଏ । ବାରିପଟ ଡିହରୁ ବୋଉ ଯେଉଁ ବର୍ଷାଦିନିଆ ମାଣ୍ଡିଆ ଆଦାୟ କରିଥାଏ ସେଥିରେ ତାର ପ୍ରାୟ ଛମାସ ଚଳିଯାଏ । ମାଣ୍ଡିଆ ଜାଉ, ଆମ୍ବିଳି ତୋରାଣିରେ ଖୁଦ ପକା ହୋଇ ରନ୍ଧା ଯାଇଥାଏ । ସେଥିରେ ଟିକିଏ ଲୁଣ ପକାଇ, ଠାକେରା ଆମ୍ବୁଲରେ ହାପୁଡି ସେ ଜାଉ ବୋଉ ଖାଏ । ପ୍ରଥମେ ପ୍ରଥମେ ମୁଁ ଜାଣି ନପାରି ବୋଉକୁ ପଚାରିଥିଲି...ତୁ କାହିଁକି ମାଣ୍ଡିଆ ଜାଉ ଖାଉଚୁ, ମତେ କାହିଁକି ଭାତ ଦଉଚୁ ?

Source: Author, Digitized by PPRACHIN, SOA

ବୋଉର ଉତ୍ତର ଥିଲା...ମୋର ପେଟରେ କଲିକ୍ ରୋଗ ଅଛି ତ, ସେଥିପାଇଁ ଡାକ୍ତର କହିଚ଼ି ମାଣ୍ଡିଆ ଯାଉ ଖାଇବାକୁ ।

ମତେ ମୁଗ ଡାଲି ଭଲ ଲାଗେ ବୋଲି ବୋଉ ମୋ ପାଇଁ ମୁଗଜାଇ ସାଇତି ରଖିଥାଏ । ବୋଉ କେବେ ନିଜେ ଡାଲି ଖାଇବାର ମୁଁ ଦେଖିନି । ପଚ଼ାରିଲେ କହେ...ମତେ ଡାଲି ଭଲ ଲାଗେନି ।

କିନ୍ତୁ ମୁଁ ଠିକ୍ ଜାଣିଥିଲି ମାଳା, ମୁଗ ଡାଲି ସରିଯିବ ବୋଲି ବୋଉ ନିଜେ ନଖାଇ ମୋ ପାଇଁ ରଖିଥାଏ । ସବୁ ବୋଉମାନେ ଏମିତି । ବହୁତ ଏମିତିକା ମିଛ କହି କନ୍ଦାନ୍ତି ।

ବାଡ଼ିରେ ପଟାଳି ପଟାଳି କୋଶଳା/ଖଡ଼ା ଶାଗ ବୋଉ ବୁଣି ଥାଏ । ଗାଁ'ରୁ ଅନେକ ଲୋକ ଆସି ସେ ଶାଗ କିଣି ନିଅନ୍ତି । ସେଥିରୁ ଯେଉଁ ଦି'ପଇସା ମିଳେ ତାହା ଘର ଖର୍ଚ୍ଚକୁ ସାହାଯ୍ୟ କରେ ।

ଶୁଭ ଭାଇଙ୍କ ପାଖରୁ ଅପମାନିତ ହୋଇ ଫେରିବା ପରେ ମୁଁ ନିଶ୍ଚିତ ଥିଲି ଯେ ମୋର ପାଠପଢ଼ା ଆଗକୁ ଆଉ ସମ୍ଭବ ନୁହେଁ ।

ତୋର ବାବା କିନ୍ତୁ ମତେ ଧୈର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲା କରି ପାଠପଢ଼ା ଜାରି ରଖିବା ପାଇଁ ପ୍ରେରଣା ଦେଇଥିଲେ । ପୁରୁଣା ଭୁବନେଶ୍ୱରରେ ଗୋଟିଏ ମଠରେ ଜଣେ ବାବାଜୀଙ୍କ ପାଖରେ ରହିବାର ବ୍ୟବସ୍ଥା ସେ କରିଦେଲେ । ବାବାଙ୍କର ପେନସନ୍‌ରୁ ବୋଉ ଅଧା ମୋ ପଢାଖର୍ଚ୍ଚ ପାଇଁ ପଠାଇଦିଏ । ମଠ ପାଖରେ ଜଣେ ମାରୱାଡ଼ି ବ୍ୟବସାୟୀଙ୍କର ଦୁଇଟି ପିଲାଙ୍କୁ ଟିଉସନ୍ କରି ମତେ ଦୁଇଶହ ଟଙ୍କା ମିଳିଯାଏ । ଏହି ସବୁ ବ୍ୟବସ୍ଥା ଫଳରେ ପ୍ଲସ୍ ଟୁ ସାଇନସ୍ ପାଠ ବଡ଼ କଷ୍ଟରେ ମୁଁ ସମାପ୍ତ କଲି ।

ଦେହ ଢାଙ୍କିବା ପାଇଁ ମୋ ପାଖରେ ଥାଏ ଦୁଇଖଣ୍ଡ ଧୋତି ଏବଂ ଦୁଇଖଣ୍ଡ ଧଳା ପଞ୍ଜାବୀ । ସପ୍ତାହରେ ଅନ୍ୟ ଦିନରେ ସମୟ ହୁଏନାହିଁ ବୋଲି ରବିବାର ଦିନ ସେହି ଚ଼ାରିଖଣ୍ଡ ଧୋଇ ଶୁଖାଇ ଦିଏ । ଲୁଗାପଟା ସମ୍ପୂର୍ଣ୍ଣ ଶୁଖିବା ପର୍ଯ୍ୟନ୍ତ ତିନିହାତି ଖୋର୍ଦ୍ଧା ଗାମୁଛାଟିଏ ପିନ୍ଧି ଘର ଭିତରେ ରହିଥାଏ । ବାହାରକୁ ଯିବା ସମ୍ଭବ ହୁଏ ନାହିଁ ।

ଥରେ ଖୋର୍ଦ୍ଧା ଗାମୁଛାଟି ବାହାରେ ଶୁଖୁଥିବା ବେଳେ ବାରବୁଲା ଗାଈଟିଏ ତାକୁ ଚୋବେଇ ଚୋବେଇ ଅଧା ଖାଇଦେଲା । ବାକି ଅଧକ ଗୋଟିଏ ବାରବୁଲା ଷଣ୍ଢ ମୁହଁରେ ଗଲା । ସେଥର ରବିବାର ଦିନ ଲୁଗାପଟା ସଫାକରି ଶୁଖେଇବା ପରେ ବିନା ବସ୍ତ୍ରରେ ଘର ଭିତରେ ମତେ ଅପେକ୍ଷା କରିବାକୁ ପଡ଼ିଥିଲା, ଶୁଖିବା ପର୍ଯ୍ୟନ୍ତ ।

ମଠର ମହନ୍ତ ମହାଶୟ ମୋର ଦୁରାବସ୍ଥା ଜାଣିପାରି ତାଙ୍କ ଗାମୁଛାରୁ ଗୋଟିଏ ଦାନ କରିବାପରେ ମୋର ଦୟନୀୟ ଅବସ୍ଥାର ଅବସାନ ହେଲା ।

Source: Author, Digitized by PPRACHIN, SOA

ଆଉଥରେ ମାରୁଆଡ଼ି ଘରକୁ ଟିଉସନ କରିବାକୁ ଯାଇଥାଏ । ବାହାରେ ଚ଼ପଲ ହଳଟି ରଖିଦେଇ ଭିତରେ ପିଲାଙ୍କୁ ପାଠ ପଢ଼ାଉଥାଏ । ଏଣେ ବୁଲା କୁକୁରଟିଏ ଆସି ମୋ ଚ଼ପଲରୁ ପଟେ ନେଇ ଚ଼ାଲିଗଲା । ଟିଉସନ ପରେ ପଟେ ଚ଼ପଲ ଦେଖି ବାକି ପଟକ ରାସ୍ତାକଡ ଡ୍ରେନ୍‌କୁ ଫିଙ୍ଗିଦେଲି । ତା' ପରଠାରୁ ଅବଶିଷ୍ଟ ଛାତ୍ରଜୀବନରେ ଚ଼ପଲ ପିନ୍ଧିବା ଛାଡ଼ି ଦେଇଥିଲି ।

ଉପରୋକ୍ତ ଦୁଇଟି ଘଟଣା ମନେ ପଡ଼ିଲେ ମତେ ବହୁତ ହସ ଲାଗେ । ବୁଲା କୁକୁର ଏବଂ ଗାଈର ମୋ ଜିନିଷପତ୍ର ଉପରେ କାହିଁକି ଲୋଭ ହେଲା ବୁଝି ପାରିଲି ନାହିଁ ।

ଥରେ ଭୁବନେଶ୍ୱର ରେଲୱେ ଷ୍ଟେସନରେ ଜଣେ ସାଙ୍ଗକୁ ବିଦାୟ ଦେବାପାଇଁ ଯାଇଥାଏ । ସେଠାରେ ଅକସ୍ମାତ ଶୁଭ ଭାଇଙ୍କ ସହିତ ଦେଖା ହୋଇଗଲା । ମୁଁ ତାଙ୍କୁ ଦେଖି ମଧ୍ୟ ନ ଦେଖିଲା ପରି ରହିଲି । ମୋ ପାଖକୁ ଆସି ସେ ପଚ଼ାରିଲେ...ଆରେ ବିଜୟ, ତୁ ଏଠି କେମିତି ? ମୋ ଠିରୁ କିଛି ଉତ୍ତର ନପାଇ କହିଲେ...ସେ ଦିନ ମୋ ଘରକୁ ଆସି ମତେ ଦେଖାନକରି କୁଆଡେ ଚ଼ାଲିଗଲୁ ତୁ ? ଆଉ ଏମିତି ମୁହଁରେ ମେଞ୍ଚେ ଦାଢ଼ି ରଖିଚୁ କାହିଁକି, ଗୋଡ଼ରେ ବି ଚ଼ପଲ ନାହିଁ, କଥା କ'ଣ ? କୁଆଡ଼େ ଆସିଥିଲୁ ? ଦେଠେଇ ଭଲ ଅଛନ୍ତି ତ ?

ତାଙ୍କଠାରୁ ଏତେ ଗୁଡ଼ାଏ ପ୍ରଶ୍ନ ଶୁଣି ମୁଁ କହିଥିଲି...କ୍ଷମା କରିବେ କିଏ ଆପଣ ?

ଆଶ୍ଚର୍ଯ୍ୟ ହୋଇ ସେ କହିଲେ...ଆରେ ମତେ ଚ଼ିହ୍ନି ପାରୁନୁ ? ମୁଁ ପରା ତୋର ଶୁଭ ଭାଇ !

ମୋ କାନ୍ଧ ଉପରୁ ତାଙ୍କ ହାତ ଆଡ଼େଇ ଦେଇ କହିଲି...କ୍ଷମା କରିବେ ମହାଶୟ, ମୋର କୌଣସି ଭାଇ ନାହାଁନ୍ତି । ଶୁଭାଶିଷ ନାମରେ ଜଣେ ଭାଇଥିଲେ ଯେ ତାଙ୍କର ଜଣେ ଡାହାଣୀ ଆକ୍ରମଣରେ ମୃତ୍ୟୁ ଘଟିଛି । ମୋ ସହିତ କିଛି ସମ୍ପର୍କ ଜାହିର କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

ଶୁଭ ଭାଇ ପୁଣିଥରେ ମୋ କାନ୍ଧରେ ହାତ ରଖି ମୋ ସହିତ କଥାବାର୍ତ୍ତା ହେବାପାଇଁ ଚେଷ୍ଟା କରୁଥିଲେ । ବିନମ୍ରତା ସହିତ ମୋ କାନ୍ଧରୁ ତାଙ୍କ ହାତ ଆଡ଼େଇ ଦେଇ କହିଥିଲି...ମୋ ମଇଳା ଡ୍ରେସ୍‌ରେ ହାତ ଲାଗି ଆପଣଙ୍କର ହାତ ମଇଳା ହେଇଯିବ ଡାକ୍ତର ବାବୁ । ମୋ ପାଖରୁ ଦୂରେଇ ରହନ୍ତୁ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୭

ମାଳା,

ଥରେ ବୋଉ କହୁଥିଲା, ପିଲାଦିନେ ଯେ ଯେତେ ଦୁଃଖ ସହିଥାଏ, ବଡ଼ ହେଲେ ସେ ସେତିକି ସୁଖ ପାଏ । ଏ ଉକ୍ତିର ଯଥାର୍ଥତା ମୁଁ ଏଯାଏ ହୃଦୟଙ୍ଗମ କରିପାରିନାହିଁ । କିନ୍ତୁ କଲେଜ ଜୀବନରେ କଷ୍ଟରେ ପାଠ ପଢ଼ିବା ଯୋଗୁଁ ପାଠର ମହତ୍ତ୍ୱ ମୁଁ ହୃଦୟଙ୍ଗମ କରିପାରିଥିଲି ଏବଂ ମେଧାବୀ ଛାତ୍ର ଭାବେ ଉତ୍ତୀର୍ଣ୍ଣ ହେବା ମୋ ଜୀବନରେ ଏକମାତ୍ର ଲକ୍ଷ୍ୟ ଥିଲା ।

କେବଳ ପାଠରେ ନୁହେଁ, ବକ୍ତୃତା ପ୍ରତିଯୋଗିତାରେ ମୁଁ ସବୁବେଳେ କଲେଜରେ ପ୍ରଥମ ସ୍ଥାନ ଅଧିକାର କରୁଥିଲି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଚ୍ୟାନସେଲର୍ ସିଲ୍ଡ(ଜୁନିୟର) ବକ୍ତୃତା ପ୍ରତିଯୋଗିତାରେ ସେ ବର୍ଷ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିଲି ।

ଚେସ୍, କ୍ୟାରମ, ଟେବୁଲ୍ ଟେନିସ ଇତ୍ୟାଦି ଖେଳରେ ମୁଁ ଥିଲି ଅପ୍ରତିଦ୍ୱନ୍ଦ୍ୱୀ । ବାହାର ଖେଳ (ଆଉଟଡୋର୍)ଖେଳିବା ମୋ ପକ୍ଷରେ ସମ୍ଭବ ନଥିଲା କାରଣ ସେଥିପାଇଁ ଟିଉସନ୍ ଆଦିରୁ ସମୟ ବାହାର କରିବା ମୋ ପାଇଁ ସମ୍ଭବ ନଥିଲା ।

ପ୍ରାକ୍ ବୈଷୟିକ ପରୀକ୍ଷା ଦେଇ ମୁଁ ଯେତେବେଳେ ଗ୍ରୀଷ୍ମଛୁଟି ଅବସରରେ ଗାଁ'କୁ ଆସିଲି, ତତେ ଦେଖି ଆଶ୍ଚର୍ଯ୍ୟରେ ମୋର ଆଖି ବିସ୍ଫାରିତ ହୋଇ ରହିଗଲା । ତୁ ସେତେବେଳେ କଳକଳ ଛଳଛଳ ବଣ ଝରଣା ହୋଇ ରହି ନଥିଲୁ; ପାଲଟି ଯାଇଥିଲୁ ଯୌବନର ପୂର୍ଣ୍ଣଗର୍ଭା ନଦୀ । ବିଡ଼ମ୍ବନା ଦେଖ୍, ଉଭୟେ ପୂର୍ଣ୍ଣିମା ଓ ଅମାବାସ୍ୟା ତୋ

Source: Author, Digitized by PPRACHIN, SOA

ପାଖରେ ଏକାଠି ବସିଥିଲେ । ଜହ୍ନର ଜ୍ୟୋସ୍ନାର ଲହଡ଼ି ପ୍ରଗଲ୍ଭ ହୋଇ ନାଚୁଥିଲେ ତୋ ମୁହଁରେ ତ ଅମାବାସ୍ୟାର ସବୁ କୃଷ୍ଣ ରଙ୍ଗ ତୋ ମୁକ୍ତକେଶର ଶାଢ଼ିଟିଏ ହୋଇ ସେ ଜ୍ୟୋସ୍ନାସ୍ନାତ ମୁହଁକୁ ଘୋଡ଼େଇବାକୁ ଚେଷ୍ଟା କରୁଥିଲେ ।

ଘରକୁ ଆସିଲାବେଳେ ଗାଁ' ମୁଣ୍ଡରେ ଦେଖିଥିଲି ଲାଲ୍ କୃଷ୍ଣଚୂଡ଼ା ଗଛଟିଏ ଫୁଲରେ ବୋଝେଇ ହୋଇ ରହିଥିଲା । ମୋ ଆଖି ତୋ ମୁହଁରେ ପଡ଼ିବା ପରେ କୃଷ୍ଣଚୂଡ଼ାର ସେ ଅପର୍ଯ୍ୟାପ୍ତ ଲାଲ୍ ରଙ୍ଗ ଆସି ତୋ ଗାଲରେ ଅଜାଡ଼ି ହୋଇପଡିଲେ ।

ତୋ ଆଖିର ପଲକ ଲାଜରେ ନଇଁଗଲା ବେଳେ ଆକାଶରେ ଖଣ୍ଡେ କଳା ବାଦଲ କୁଆଡୁ ଆସି ସୂର୍ଯ୍ୟଙ୍କୁ ଘୋଡ଼େଇ ଦେଲା ।

କୁଆଁରୀ କନ୍ୟାର ଲାଜର ଏକ ନୂଆ ସଂଜ୍ଞା ମୁଁ ତୋର ଅବନତ ଆଖି ଭିତରେ ପଢୁଥିଲି ସେଦିନ । ଭାବିଲି...କୁଆଡ଼େ ଗଲା ଚୁଲ୍‌ବୁଲି ମେଘମାଳା, ଯାହାର ରିବନଫିତାରେ ବନ୍ଧା ଲେଣ୍ଟି ବେଣୀ ଟାଣି ଟାଣି ମୋ ହାତ ବିନ୍ଧୁଥିଲା ! ଆଜି ଏ ମୁକ୍ତକେଶା ସ୍ୱପ୍ନପରୀର ବନ୍ଧା ବେଣୀ ସତେ ଅବା ଖୋଲିଯାଇ ସେଥିରୁ ଅପରିସୀମ ସୁଷମାର ରେଣୁ ବୁଣି ହୋଇ ଯାଉଛି !

ଚିହ୍ନି ମଧ୍ୟ ନଚିହ୍ନିଲା ପରି ପଚାରିଲି...ବୋଉ ଏ ପିଲାଟି କିଏ ?

ପର୍ଯ୍ୟାପ୍ତ ଲାଜର ଓଢ଼ଣୀରେ ନିଜକୁ ଲୁଚେଇ ନପାରି ଏପର୍ଯ୍ୟନ୍ତ ତୁ ମୋ ବୋଉର ପଛପଟେ ତା' ପିଠିକି ଲାଗି ଠିଆ ହୋଇଥିଲୁ ।

ଏବେ ମୋର ନଚିହ୍ନିବା ବାହାନା ଶୁଣି, ସବୁ ସନ୍ତ୍ରମତା ଛାଡ଼ି ଆଗକୁ ଆସି ପଚାରିଲୁ...ଏ ମା ସତରେ ମତେ ଚିହ୍ନିପାରୁନ ?

ମୁଁ କହିଥିଲି... କେମିତି ଚିହ୍ନିବି, ତୁ ତ ବଡ଼ ପିଲା ହୋଇଗଲୁ, ଅନେକ ଉପମା ଆଉ ବିଶେଷଣଙ୍କ ଭିତରେ ଲୁଚିଯାଇଛୁ, ସେମାନଙ୍କ ଭିତରୁ ବାହାରକୁ ଆସିଲେ ସିନା ଚିହ୍ନିବି ।

ତୋର ଦୁଧ ଅଳତା ରଙ୍ଗର ଗାଲ ଆହୁରି ଅଳତିଆ ହୋଇଗଲା ।

ଧୀରେ ଧୀରେ ତୁ ମୋ ପାଖରେ ସହଜ ହୋଇ ଉଠୁଥିଲୁ । ଅନ୍ୟ ସମୟ ହୋଇଥିଲେ ମୁଁ ନିଶ୍ଚୟ ତୋ ପ୍ରେମରେ ପଡ଼ିଯାଇଥାନ୍ତି ମାଳା । କିନ୍ତୁ ସେ ସମୟରେ ପ୍ରେମ କରିବାର ମାନସିକତା ମୋର ନଥିଲା । ଲକ୍ଷ୍ୟ ଥିଲା କିପରି କୌଣସି ଇଞ୍ଜିନିୟରିଂ କଲେଜର ପ୍ରବେଶିକା ପରୀକ୍ଷା ପାସ୍ କରି ଉଚ୍ଚଶିକ୍ଷା ଉପରାନ୍ତେ ଭଲ ଚାକିରିଟିଏ କରି ବୋଉର ଦୁଃଖ ଦୂର କରିବି ।

ତେଣୁ ସେଦିନ ତୋ ଆଖିରେ ଏତେ ସୁନ୍ଦର ପ୍ରେମ କବିତା ଦେଖି ମଧ୍ୟ ମୁଁ ଅଣଦେଖା କରିଦେଇଥିଲି । ପଢ଼ିବାର ସୁଯୋଗ ମିଳିଥିଲେ ମଧ୍ୟ ପଢ଼ିନଥିଲି ।

Source: Author, Digitized by PPRACHIN, SOA

ତୁ ଆମ ଘରକୁ ସବୁଦିନ ଆସୁ । ତୁ ତ ମୋ ବୋଉର ଜୀବନ ଥିଲୁ । ପାଖ ଛାଡୁ ନ ଥିଲୁ । ବୋଉ ଥରେ କହିଥିଲା...ଦେଖ୍ ମାଳା, ବିଜୁ ମୋର କେତେ ଝଡ଼ିଗଲାଣି, ମଠରେ କ'ଣ ବା ଖାଇବାକୁ ମିଳୁଥିବ ?

ବୋଉର କଥା ଇସାରା ମାତ୍ର ଥିଲା । ତା'ପରେ ତୁ ଲାଗିପଡିଥିଲୁ ଛୁଟି ଭିତରେ ମତେ ଖୁଆଇ ପିଆଇ ତାଗେଡ଼ା କରିବାପାଇଁ । ବୋଉ ସହିତ ମିଶି ମୋ ପାଇଁ କେତେ କଣ ରୋଷେଇ କରି ମତେ ଖୁଆଉଥିଲୁ । କୁଆଡୁ ଖୋଜି ଖୋଜି ଛତୁ, ସଜନା ଶାଗ, ସଜନା ଛୁଇଁ, ପଦ୍ମନାଡ, ଲେଉଟିଆ ଶାଗ, ବାଉଁଶ କରିଡ, ମଦରଙ୍ଗା ଶାଗ, ସୁନୁସୁନିଆ ଶାଗ ଇତ୍ୟାଦି ଆଣି ତା'ର ଭଜା ସନ୍ତୁଳା କରିବାରେ ବୋଉକୁ ସାହାଯ୍ୟ କରୁଥିଲୁ ଆଉ ବୋଉ ସହିତ ମୋ ପାଖରେ ବସି ଭରାପେଟ୍ ଖୁଆଉଥିଲୁ । ମୋ ବୋଉ ହାତ ବାଜିଲେ ଖାଦ୍ୟ ଅମୃତ ପାଲଟି ଯାଆନ୍ତି । ସେହି ଅମୃତ ସହିତ ତୋର ମିଠା ମିଠା କଥା ଗୋଳି ହୋଇ ମତେ ବନ୍ଦନୀୟ ତୃପ୍ତି ଦେଉଥିଲା ।

ସେ ବର୍ଷ ତୋର ମାଟ୍ରିକ ଶେଷ ବର୍ଷ । କିନ୍ତୁ ପାଠପଢ଼ାରେ ତୋ ମନ ଲାଗୁନଥିଲା । ସବୁବେଳେ ଆମରି ଘରେ ସମୟ ବିତାଉଥିଲୁ । ତୋର ଉପସ୍ଥିତି ମଧ୍ୟ ମୋ ପାଇଁ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତିରେ ଅନ୍ତରାୟ ସୃଷ୍ଟି କରୁଥିଲା । ତେଣୁ ଦିନେ ତୋର କାନମୋଡ଼ି କହିଲି...ଯା,ଘରେ ବସି ପାଠ ପଢ଼ିବୁ, ନହେଲେ ନିଜେ ତ ଫେଲ୍ ହବୁ, ମୋର ବି ଭବିଷ୍ୟତ ନଷ୍ଟ କରିବୁ । ସେଦିନ ତୋ ମନରେ ଗଭୀର ଆଘାତ ଲାଗିଥିଲା ବୋଧହୁଏ । କାନ୍ଦିକାନ୍ଦି ଚାଲିଯାଇଥିଲୁ ଯେ ମୁଁ ଗାଁ'ରେ ଥିବାଯାଏ ପାଖ ମାଡ଼ିଲୁନି ।

ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହେବାପରେ ମୋ ଖୁସି ଠାରୁ ତୋ ଖୁସି ଅଧିକ ଥିଲା । ବିଶ୍ୱବିଦ୍ୟାଳୟରେ ମୁଁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତୀର୍ଣ୍ଣ ହୋଇଥିଲି । ଖବର କାଗଜଟି ଧରି ଦଉଡ଼ି ଦଉଡ଼ି ତୁ ଆମ ଘରକୁ ଆସି ଥିଲୁ । ମତେ ଦୂରରୁ ଦେଖି ଖତେଇ ହେଲାପରି କହିଥିଲୁ... ମୁଁ ତୁମକୁ ଦେବିନି ଯା, ମାଉସୀଙ୍କୁ ଦେବି ।

ଫଳାଫଳ ଜାଣିବାର ବ୍ୟଗ୍ରତା ନେଇ ମୁଁ ତୋଠାରୁ ଖବର କାଗଜ ଛଡ଼ାଇବାକୁ ଚେଷ୍ଟା କଲାବେଳେ ତୋ ହାତ ସହିତ ମୋ ହାତର ସ୍ପର୍ଶରେ ଲାଜକୁଳୀ ଲତା ଭଳି ଆତ୍ମ ସମର୍ପଣ କରିଦେଇଥିଲୁ ତୁ ।

ବୋଉର ଖୁସି କହିଲେ ନସରେ । ଦିନସାରା ଦିଅଁ ଘରେ ବାବାଙ୍କ ଫଟୋ ପାଖରେ ବସି ଢେର୍ କଥାବାର୍ତ୍ତା କରିବା ଆରମ୍ଭ କରିଦେଲା... ଦେଖ, ପୁଅ ଆମର ଫାଷ୍ଟକ୍ଲାସ୍ ଫାଷ୍ଟ ହେଇଚି । ସବୁବେଳେ କହୁଥିଲ ନା...ଏଇଟା ମୂର୍ଖଟେ ହବ । ଏବେ ଦେଖ,ତମ ନାଁ ରଖିଚି । ଆଜି ବଞ୍ଚିଥିଲେ କେତେ ଖୁସି ହେଉ ନଥାନ୍ତ ତମେ !

Source: Author, Digitized by PPRACHIN, SOA

ବୋଉର ଆଖିରୁ ବହି ଚାଲିଥାଏ ଲୁହର ଗଙ୍ଗାଯମୁନା । ଏହା ଥିଲା ଖୁସି ଭିତରେ ଲୁହର ଏକ ଅପୂର୍ବ ସମନ୍ୱୟ ! ମୋ ସଙ୍ଗେ ସଙ୍ଗେ ତୋତେ ମଧ୍ୟ ଖୁବ୍ ଭାବପ୍ରବଣ କରିଦେଇଥିଲା ବାବାଙ୍କ ଫଟୋ ସହିତ ବୋଉର ଏ କଥାବାର୍ତ୍ତା ।

କୃଷି ଇଞ୍ଜିନିୟରିଂର ପ୍ରବେଶିକା ପରୀକ୍ଷାରେ ମୋର ପ୍ରଥମ ତାଲିକାରେ ନାଁ ବାହାରିଗଲା । ବାବାଙ୍କର ମିଳିଥିବା ଗ୍ରାଚୁଇଟି ଟଙ୍କା ବୋଉ ସାଇତି ରଖିଥିଲା ଏଭଳି ସମୟରେ କାମରେ ଲାଗିବ ବୋଲି । ଭବିଷ୍ୟତରେ କୁଆଡୁ ଟଙ୍କା ପଇସା ଆଣି ଚାରି ବର୍ଷ ଇଞ୍ଜିନିୟରିଂ ପଢ଼ିବି, ସେ ଚିନ୍ତା କରିବାର ଅବକାଶ ମୋ ପାଇଁ ନଥିଲା । ପ୍ରଥମେ ନାମ ଲେଖାଇବି, ପରେ ଦେଖାଯିବ ଭାବି ଭୁବନେଶ୍ୱରରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ନାଁ ଲେଖାଇ ଦେଲି ।

ଗାଁର ମଧୁର ସ୍ମୃତି, ମାଟିର ମମତା ଏବଂ ବୋଉର ସ୍ନେହକୁ ପଛରେ ଛାଡ଼ି ଯେଉଁଦିନ ମୁଁ କୃଷି ବିଶ୍ୱ ବିଦ୍ୟାଳୟର ପରିସରରେ ପାଦ ଦେଲି ସେଦିନ ମୋ ଜୀବନରେ ଆସିଥିଲା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ । ବିଶ୍ୱବିଦ୍ୟାଳୟର ପରିସରରେ ସେଦିନ ମୋର ଦୃଷ୍ଟି ବିନିମୟ ହୋଇଥିଲା ଯେଉଁ ନବାଗତା ସହିତ ସେ ମୋ ଭଳି ଅନ୍ୟ ଅନେକ ନବାଗତଙ୍କର ପ୍ରଶ୍ନବାଚୀର କେନ୍ଦ୍ର ବିନ୍ଦୁ ଥିଲା । ନବାଗତାଟିର ନାଁ ଥିଲା 'ସମିତା'...

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୮

ମେଘମାଳା,

ସମିତା କଥା ତୋ ଆଗରେ କହି ମୁଁ ତୋ ମନର ଯେଉଁ ସମ୍ବେଦନଶୀଳ ତନ୍ତ୍ରୀକୁ ଆଘାତ ଦେଇଛି ସେ ବିଷୟରେ ମୁଁ ସମ୍ପୂର୍ଣ୍ଣ ସଚେତନ । ଝିଅମାନେ ଭଲପାଇବା ସନ୍ଦର୍ଭରେ ପୁଅମାନଙ୍କ ଅପେକ୍ଷା ଅଧିକ ସ୍ୱାର୍ଥପର । ଗୋଟିଏ ଝିଅ କେବେ ନିଜ ଜୀବନରୁ ଅଧିକ ଭଲପାଉଥିବା ଗୋଟିଏ ପୁଅ ମୁହଁରୁ ଅନ୍ୟ ଝିଅର ନାଁ ଶୁଣିବା ପାଇଁ ପସନ୍ଦ କରିବ ନାହିଁ । ଏହା ପ୍ରେମର ଅଘୋଷିତ ନିୟମ, ଟିପିକାଲ୍ ମନସ୍ତତ୍ତ୍ୱ । କିନ୍ତୁ କ'ଣ କରିବି ମାଳା, ତୋ ଆଗରେ ସମିତା ବିଷୟରେ କହିବାକୁ ବାଧ୍ୟ ହେଉଛି, କାରଣ ମୋ ଜୀବନରେ ଘଟିଥିବା ଏକ ସମ୍ବେଦନଶୀଳ ଇତିବୃତ୍ତିର ନାୟିକା ହେଉଛି ସମିତା । ଆଶା, ସେଥିପାଇଁ ତୁ ମୋତେ କ୍ଷମା କରିଦେବୁ ।

ସମିତାକୁ ସେଦିନ କୃଷି ବିଶ୍ୱବିଦ୍ୟାଳୟ ପରିସରରେ ଦେଖି ମନରେ ଅପରିସୀମ ପ୍ରଶ୍ନବାଚୀ ଉଠିବାର ଅନେକ କାରଣ ଥିଲା । ଏକେ ତ ସମିତା ଥିଲା ପ୍ରତାପଗଡ଼ ଏକ୍ସଷ୍ଟେଟ୍ ରାଜପରିବାରର ଅଲିଅଳ ରାଜକନ୍ୟା... ଏକମାତ୍ର ଉତ୍ତରଦାୟାଦ । ରାଜୁତା ନଥିଲେ ମଧ୍ୟ ରାଜପରିବାରର ଅହଂ ରହିଛି । କୃଷି ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ପଢ଼ି ତାର କ'ଣ ଉଦ୍ଦେଶ୍ୟ ସାଧିତ ହୋଇପାରେ ? ଦ୍ୱିତୀୟରେ ସାରା କୃଷି ବିଶ୍ୱ ବିଦ୍ୟାଳୟରେ ନାମ ଲେଖାଇବାରେ ସେ ଥିଲା ଏକମାତ୍ର ଝିଅ । ଝିଅ ପିଲାମାନେ ସାଧାରଣତଃ କୃଷି ଇଞ୍ଜିନିୟରିଂ ଭଳି ପାଠ ପଢ଼ିବାରେ ଆଗ୍ରହ ଦେଖାଇ ନଥାନ୍ତି ।

Source: Author, Digitized by PPRACHIN, SOA

ତେଣୁତାକୁ ସାମ୍ନାରେ ଦେଖି କୌତୁହଳ ସମ୍ବରଣ କରି ନପାରି ପଚାରିଦେଲି...କ୍ଷମା କରିବେ ସମିତା ଦେବୀ, ଯଦି କିଛି ମନେ ନକରନ୍ତି ଗୋଟିଏ ପ୍ରଶ୍ନ ପଚାରିବି ।

ମୋର 'ସମିତା ଦେବୀ' ସମ୍ବୋଧନ ଶୁଣି ଫେଁ କିନା ହସିଦେଇ ସମିତା କହିଲା...ହେଲୋ ହେଲୋ, ମୁଁ କୌଣସି ଦେବୀ ବା ଦାନବୀ ନୁହେଁ, ମୋ ନାଁ ବାସ୍ 'ସମିତା' । ମୋ ନାଁ ଆଗରେ ବା ପଛରେ ଏହି 'ଦେବୀ' ଗୌରଚନ୍ଦ୍ରିକାଟି ଯୋଡ଼ନ୍ତୁ ନାହିଁ । ମୁଁ ଆଜିକାର ଝିଅ... ଜେଜେମା ଯୁଗର ବୋହୂ ନୁହେଁ ଯେ ବାପଘରେ ତା' ସାଙ୍ଗିଆକୁ ଛାଡ଼ିଦେଇ ଆସେ ଏବଂ ସ୍ୱାମୀ ଘରେ ମଧ୍ୟ ଶଶୁର ବଂଶର ସାଙ୍ଗିଆ ପାଇ ପାରେ ନାହିଁ । ସେଥିପାଇଁ ତ ସେ ନିଜ ନାଁ ପଛରେ ଦେବୀ ବା ବେଓ୍ବା ଧରି ବୁଲୁଥାଏ ।

ସମିତାର ଏଭଳି ହସିବା ଏବଂ ମନ୍ତବ୍ୟ ଦେବା ମତେ ଅପ୍ରସ୍ତୁତ କରି ଦେଲା ।

ହଠାତ୍ ଆଶ୍ଚର୍ଯ୍ୟ ହେଲାପରି ସମିତା ପଚାରିଲା... ରୁହନ୍ତୁ ରୁହନ୍ତୁ ଆପଣ ମୋ ନାଁ କେମିତି ଜାଣିଲେ ?

ମୁଁ କହିଲି..ଆରେ ବାଃ, ଆପଣଙ୍କ ଭଳି ସୁଶ୍ରୀ ସମ୍ଭ୍ରାନ୍ତ ବଂଶର ତରୁଣୀଙ୍କୁ ଜାଣିବା ପାଇଁ କ'ଣ ପରିଶ୍ରମ କରିବାକୁ ପଡ଼ିବ ? ସେ ତ ଆପେ ଆପେ କାନ ପାଖକୁ ଆସିଯିବ । ତା' ଛଡା ଆପଣ ତ ଏ ବିଶ୍ୱବିଦ୍ୟାଳୟ ପରିସର ଭିତରେ ଏକମାତ୍ର ଝିଅ ପିଲା । ଆପଣଙ୍କ ନାଁ ଯେ ନଜାଣିଥିବ ସେ ନିଜ ନାଁ ଭୁଲିବାର ସମ୍ଭାବନା ଅଧିକ ।

ମୋର ଖୋଲାଖୋଲି ପ୍ରଶଂସାରେ ଅପ୍ରସ୍ତୁତ ହୋଇପଡ଼ିଲା ସମିତା । କହିଲା...ସତରେ ଭାରି କଥା କହିଆସେ ଆପଣଙ୍କୁ । ଅବଶ୍ୟ ଏଭଳି ଖୋଲା କଥାବାର୍ତ୍ତା କରୁଥିବା ଲୋକଙ୍କୁ ମୁଁ ପସନ୍ଦ କରେ । ଆଚ୍ଛା ହଉ, ଆପଣଙ୍କ ପରିଚୟ ପ୍ରଥମେ ଦେଇ ତାପରେ କ'ଣ ପ୍ରଶ୍ନ ପଚାରିବେ ପଚାରନ୍ତୁ ।

ମୁଁ କହିଲି- ମୋ ନାଁ ବିଜୟ ମହାପାତ୍ର, ଗତକାଲି ଇଞ୍ଜିନିୟରିଂ ପ୍ରଥମ ବର୍ଷରେ ନାଁ ଲେଖେଇଚି । ମୋର ଆପଣଙ୍କୁ ପ୍ରଶ୍ନ...ଆପଣ ଏ ବର୍ଷ କୃଷି ବିଶ୍ୱ ବିଦ୍ୟାଳୟରେ ଇଞ୍ଜିନିୟରିଂ କୋର୍ସ କରୁଥିବା ଏକମାତ୍ର ଝିଅ । ମନରେ କୌତୁହଳ ଆସୁଛି ଜାଣିବା ପାଇଁ ଆପଣ କେଉଁ ଉଦ୍ଦେଶ୍ୟରେ କୃଷି ଇଞ୍ଜିନିୟରିଂ ଭଳି କୋର୍ସ ବାଛି ନେଇଛନ୍ତି । ସମ୍ଭ୍ରାନ୍ତ ରାଜପରିବାରର ଝିଅ ଆପଣ, କୃଷିକାର୍ଯ୍ୟ ତ କରିବେ ବୋଲି ଆଶା କରାଯାଏନାହିଁ ।

ମୋ ପ୍ରଶ୍ନ ଉପରେ ପ୍ରତିପ୍ରଶ୍ନ କଲା ସମିତା...ଆଗେ ଆପଣ କୁହନ୍ତୁ ଜୀବନରେ କେଉଁ ଲକ୍ଷ୍ୟ ନେଇ ଆପଣ କୃଷି ଇଞ୍ଜିନିୟରିଂ ପଢ଼ିବାପାଇଁ ଆସିଛନ୍ତି ?

ମୁଁ କହିଥିଲି.. ଦେଖନ୍ତୁ, ମୋ କଥା ଅଲଗା, ମୋ ପାଇଁ ଅନ୍ନଚିନ୍ତା ଚମତ୍କାର । ଏଠାରୁ ପାସ୍ କଲାପରେ ସହଜରେ ଚାକିରିଟିଏ ମିଳିଯିବାର ସମ୍ଭାବନା ଅଛି । ସେଥିପାଇଁ....

Source: Author, Digitized by PPRACHIN, SOA

କଥା ସମ୍ପୂର୍ଣ୍ଣ ହେବାକୁ ନଦେଇ ସମିତା କହିଲା...ଆପଣ ଗୋଟିଏ ପରିବାରର ଅନ୍ନଚିନ୍ତା ଦୂର କରିବା ପାଇଁ କୃଷି ଇଞ୍ଜିନିୟରିଂ କରିବାକୁ ଚାହାଁନ୍ତି କିନ୍ତୁ ମୁଁ, ମୋର ବୈଷୟିକ ଜ୍ଞାନ ଉପଯୋଗ କରି ଶହଶହ ପରିବାର ମୁହଁରେ ହସ ଦେଖିବାପାଇଁ ଏହି ପଥ ବାଛି ନେଇଛି । ମୋର ଜନ୍ମମାଟି ପ୍ରତାପଗଡ଼ରେ କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ମୋ ଜୀବନର ଲକ୍ଷ୍ୟ ।

ସମିତା କଥା ଶୁଣି ମତେ ରାଜନେତାଙ୍କ ଭାଷଣ ଶୁଣିବାଭଳି ଲାଗିଲା । କହିଲି...ଆପଣଙ୍କ କଥା ଶୁଣି ମୋର ଅତୀତରେ ସ୍କୁଲ୍ ଜୀବନରେ ଘଟିଥିବା ଗୋଟିଏ ଘଟଣା ମନେ ପଡିଗଲା । ସ୍କୁଲ୍‌ର ବାର୍ଷିକ ଉତ୍ସବ ପାଇଁ ବକ୍ତୃତା ପ୍ରତିଯୋଗିତା ଚାଲିଥାଏ । ବିଷୟ ବସ୍ତୁ ଥିଲା 'ଜୀବନର ଲକ୍ଷ୍ୟ' । ପ୍ରଧାନଶିକ୍ଷକଙ୍କ ଝିଅ ପ୍ରଗତି ଓଜସ୍ୱିନୀ ଭାଷଣରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ପ୍ରଥମ ପୁରସ୍କାର ମାରିନେଲା । ଭବିଷ୍ୟତରେ ସବୁଜ ବିପ୍ଳବର ନେତ୍ରୀ ହୋଇ କୃଷିକ୍ଷେତ୍ରରେ ପ୍ରଦେଶରେ ସୁବର୍ଣ୍ଣ ଯୁଗର ସୃଷ୍ଟି କରିବ ବୋଲି ପ୍ରଗତି ଯେତେବେଳେ ଟେବୁଲ୍ ବାଡ଼େଇ କହିଥିଲା ସେତେବେଳେ କରତାଳିରେ ହଲ୍ କମ୍ପି ଉଠିଥିଲା । ପ୍ରଗତିର ଗୋରା ଗୋରା ଗାଲ ଉତ୍ତେଜନାରେ ଲାଲ୍ ପଡ଼ିଯାଇଥିଲା ।

ସବୁବେଳେ ଡିବେଟ୍‌ରେ ପ୍ରଥମ ପୁରସ୍କାର ପାଉଥିବା ମୁଁ, ତାକୁ କନଗ୍ରାଚୁଲେସନ୍ ଜଣାଇ ତାର ଲକ୍ଷ୍ୟପଥ ପୁଷ୍ପିତ ହେଉ ବୋଲି ଯେତେ ବେଳେ କହିଥିଲି, ପ୍ରଗତିର ମନଖୋଲା ହସ ମୋତେ ସତେ ଯେମିତି ମହାଶୂନ୍ୟକୁ ଉଡ଼ାଇ ନେଲା । ହସ ଥମିଗଲା ପରେ ପ୍ରଗତି କହିଥିଲା...ତମେ ସତରେ ଏଡ଼େ ସରଳ ବିଜୟ ! ଭାଷଣରେ ଯାହା କୁହାଯାଏ ତାର ବାସ୍ତବ ଜୀବନ ସହିତ ସମ୍ପର୍କ କ'ଣ ? ଭାଷଣ ଉଦ୍ଦିଷ୍ଟ ପୁରସ୍କାର ହାତେଇବା ପାଇଁ । ସତରେ ମୋର ଜୀବନର ଲକ୍ଷ୍ୟ କୃଷକ ହେବାପାଇଁ ବୋଲି ତମେ କିପରି ଭାବିପାରିଲ ବିଜୟ ?

ଭଦ୍ରାମି ଦୃଷ୍ଟିରୁ ମୋର ବୋକାମିକୁ 'ସରଳତା' ବୋଲି ନାମିତ କରିଥିବା ପ୍ରଗତି, ନିକଟ ଅତୀତରେ ଜଣେ ତୁଙ୍ଗ ରାଜନେତାଙ୍କର ଅଙ୍କଲକ୍ଷ୍ମୀ ହୋଇଯାଇଛି । ଆଜି ତା'ର ଡ୍ରଇଂ ରୁମର କାଚ୍ ଆଲମିରା ଭିତରେ ସଜାହୋଇ ରହିଛି ବକ୍ତୃତା ପ୍ରତିଯୋଗିତାରେ ଜିତିଥିବା କପ୍ । ମନୋଜ୍ଞ ମୁହୂର୍ତ୍ତରେ ପ୍ରଗତି ତାର ପତିଦେବଙ୍କୁ କହୁଥିବ କିପରି ସମସ୍ତଙ୍କୁ ବୋକା ବନେଇ ସେ ପୁରସ୍କାର ହାସଲ କରିଥିଲା ।

ମୋର କ୍ଷୁଦ୍ର ଗଳ୍ପଟି ଶୁଣି ସମିତା ଗାଢ଼ ଦୃଷ୍ଟିରେ ମତେ ଚାହିଁଲା ।

କହିଲା ତା'ହେଲେ ଆପଣ ମତେ ଆପଣଙ୍କ ତଥାକଥିତ ବାନ୍ଧବୀ ପ୍ରଗତି ସହିତ ତୁଳନା କରୁଛନ୍ତି ? ଆପଣ ଭାବୁଛନ୍ତି ମୁଁ ଛାଇ ଆଲୁଅ ନିଦରେ ଶୋଇ ଅବାସ୍ତବ ସୁନେଲି

Source: Author, Digitized by PPRACHIN, SOA

ସ୍ୱପ୍ନ ଦେଖୁଛି ? ଆପଣଙ୍କର ମୋ ପ୍ରତି ଧାରଣାରୁ ମତେ କଣ ବା ମିଳିବ ? ତା'ଛଡା ଆପଣ କ'ଣ ଜାଣନ୍ତି ମୋ ବିଷୟରେ ? ଏଭଳି ନଜାଣି ନଶୁଣି କାହା ଉପରେ ମନ୍ତବ୍ୟ ଦେବା କଣ ଠିକ୍ ମିଷ୍ଟର୍ ବିଜୟ ?

ମୁଁ ହୃଦୟଙ୍ଗମ କରିପାରିଲି ସମିତା ମୋ ଉପରେ ଖୁବ୍ ରାଗିଯାଇଛି । ମୋର ଏଭଳି ମନ୍ତବ୍ୟ ଦେବାର ନଥିଲା । ତାର ମନ ପରିବର୍ତ୍ତନ କରିବାପାଇଁ କହିଲି...ପ୍ଲିଜ୍ ଭୁଲ୍ ବୁଝନ୍ତୁନି, ଏଭଳି କହି ମୁଁ ସତରେ ଦୁଃଖିତ । କାହା ବିଷୟରେ ନଜାଣି ମନ୍ତବ୍ୟ ଦେବା ବାସ୍ତବିକ୍ ଠିକ୍ ନୁହେଁ । ତେବେ ଆପଣ ଆପଣଙ୍କ ବିଷୟରେ ସବିଶେଷ କହନ୍ତୁ । ଆଜି ଆମର ଏ ପ୍ରଥମ ଦେଖା ବନ୍ଧୁତ୍ୱରେ ପରିଣତ ହେଉ ।

ସମିତା କହିଲା... ନାଁ ଆଜି ଥାଉ, ଆଉ ଦିନେ ସେ ବିଷୟରେ ଆଲୋଚନା କରିବା ।

ମାଳା,

ସମିତା ଥିଲା ଅପରୂପ ସୁନ୍ଦରୀ । ସୌନ୍ଦର୍ଯ୍ୟ ସହିତ ମୁହଁରେ ତା'ର ଫୁଟି ଉଠୁଥିଲା ସମ୍ଭ୍ରାନ୍ତ ପରିବାରର ଗାମ୍ଭୀର୍ଯ୍ୟ ଏବଂ ମନଛୁଆଁ ସରଳତା । ଏହି ଅଣପାରମ୍ପରିକ ଚରିତ୍ର ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ କାହିଁକି କେଜାଣି ମନ ମୋର ଛଟପଟ ହେଉଥିଲା ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୯

ଦୁନିଆଁ ଏକ 'ଆକର୍ଷଣ' ନିୟମରେ ବନ୍ଧା । ତୁମେ ଜଣକୁ ଭଲ ପାଇଲେ ସେ ତୁମକୁ ଭଲ ପାଇବ । ତୁମେ ଯାହାକୁ ଘୃଣା କରିବ ସେ ତୁମକୁ ମଧ୍ୟ ଘୃଣାକରିବ । ତୁମେ ସୁଖ ବାଣ୍ଟିଲେ ତାହା ଚକ୍ରବୃଦ୍ଧି ସୁଧ ସହିତ ତୁମ ପାଖକୁ ଆକର୍ଷିତ ହୋଇ ଚାଲି ଆସିବ । ତେଣୁ କୁହାଯାଏ ଖୁସି ରହିବା ନରହିବାର ଚାବିକାଠି ଆମ ନିଜ ହାତରେ ସବୁବେଳେ ଥାଏ । ଆମେ ଅଜ୍ଞତା ଯୋଗୁଁ ସେ ଚାବିକାଠି ଅନ୍ୟମାନଙ୍କ ହାତରେ ଧରାଇ ଦେଉ ।

ଏହି ମହାନ୍ ସତ୍ୟକୁ ମତେ ସେଦିନ କଲେଜ କରିଡ଼ରରେ ଠିଆହୋଇ ସମିତା ବୁଝାଉଥିଲା, କାରଣ ମୁଁ ସେଦିନ ମନଦୁଃଖରେ ଆକାଶକୁ ଚାହିଁ ଠିଆ ହୋଇଥିଲି ଏବଂ ଆଗାମୀ ଦିନର ସମସ୍ୟା ସମୂହ ମୋ ମନକୁ ଜାବୁଡ଼ିଧରି ମତେ ଅଣନିଃଶ୍ୱାସୀ କରୁଥିଲେ ।

ସୁଖୀ ରହିବାର ଦର୍ଶନ ତତ୍ତ୍ୱ ସମିତା ଠାରୁ ଶୁଣି ମୁଁ ଟିକିଏ ହସିଦେଇ କହିଥିଲି...ଗରିବର ସୁଖ ଏବଂ ଧନୀର ସୁଖ ଭିତରେ ବହୁତ୍ ପ୍ରଭେଦ ମାଡାମ । ଅନ୍ଧକାରମୟ ଭବିଷ୍ୟତ ଯାହାକୁ ପ୍ରତି ମୁହୂର୍ତ୍ତରେ ଡରାଉଥାଏ, ସେ ଚେଷ୍ଟା କରି କେବେ ସୁଖୀ ହୋଇପାରିବ ? ଆପଣ ଦାରିଦ୍ର୍ୟର ଭୟାବହ ରୂପ ପାଖରୁ ଦେଖି ନାହାନ୍ତି, ସେଥିପାଇଁ...

ସମିତା କହିଲା.. ନାଁ ବିଜୟ ବାବୁ, ଭୁଲ୍ କଥା.. ଦାରିଦ୍ର୍ୟ ମୁଁ ସିନା ଅନୁଭବ କରିନାହିଁ, କିନ୍ତୁ ଅତି ନିକଟରୁ ଦେଖିଛି ତାକୁ ।

ସେ କଥା ଛାଡ଼ନ୍ତୁ, କହନ୍ତୁ ଆପଣଙ୍କର ସମସ୍ୟା କେଉଁଠି, କାହିଁକି ଆପଣ ଏତେ ବିବ୍ରତ ?

ମୁଁ କହିଲି..ମୋ ସମସ୍ୟା ଶୁଣି ଆପଣ କ'ଣ କରିପାରିବେ ? ତାହା ଏକ ବ୍ୟକ୍ତିଗତ ସମସ୍ୟା ।

Source: Author, Digitized by PPRACHIN, SOA

ସମିତା କହିଲା...ଠିକ୍ ଅଛି ଆପଣ ଯଦି ନକହିବାକୁ ଚାହାନ୍ତି ମୁଁ ଆଉ କ'ଣ ବାଧ୍ୟ କରିପାରିବି ? ଆପଣଙ୍କ ଇଚ୍ଛା ।

ଭାବିଲି କେତେ ଆନ୍ତରିକତା ପ୍ରକାଶ କରୁଛି ଝିଅଟି । ସମସ୍ୟାଟି କହିଦେଲେ ତାକୁ ଭଲ ଲାଗିବା ସଙ୍ଗେ ସଙ୍ଗେ ମୋ ମନର ବୋଝ ମଧ୍ୟ ହାଲୁକା ହୋଇଯିବ ।

କହିଲି... ଗୋଟିଏ ସର୍ତ୍ତରେ ମୋ ସମସ୍ୟାଟି କହିବି । ସର୍ତ୍ତଟି ହେଲା ମତେ ଆପଣ 'ଆପଣ' ବୋଲି ସମ୍ବୋଧନ କରିବେ ନାହିଁ ।

ହସିଦେଲା ସମିତା, କହିଲା....ମତେ ଯେହେତୁ ଆପଣ ଆପଣ ବୋଲି ସମ୍ବୋଧନ କରୁଛନ୍ତି ମୁଁ ଆପଣଙ୍କୁ ଆପଣ ବୋଲି କହିବିନି ତ କ'ଣ କହିବି ?

ସମିତାର କହିବା ଭଙ୍ଗୀ ଭିତରେ 'ଆପଣ' ଶବ୍ଦ ସମୂହ ପରସ୍ପର ଭିତରେ ଏତେ ଝଗଡ଼ା କଲେ ଯେ ଆମେ ଦୁହେଁ ହସିହସି ବେଦମ୍ ହେଲୁ । ଠିକ୍ ହେଲା ଯେ କେହି କାହାରିକୁ 'ଆପଣ' ସମ୍ବୋଧନ କରିବେ ନାହିଁ ।

ମୋର ପାରିବାରିକ ପୃଷ୍ଠଭୂମି ଏବଂ ଆର୍ଥିକ ଅସ୍ୱଚ୍ଛଳ ଅବସ୍ଥା ବର୍ଣ୍ଣନା କରିବାପରେ ମୋ ସମସ୍ୟା ସମ୍ପର୍କରେ କହିଲି...ଦେଖ ସମିତା, ଏ କଲେଜରେ ମୁଁ ମାସେ ବା ଦୁଇ ମାସର ଅତିଥି । ଗୋଟାଏ ସାହସ ଯୋଗାଡ଼ କରି ଆଡ୍‌ମିଶନ ନେଇ ଯାଇଛି ସିନା, ଅର୍ଥ ଅଭାବରୁ ପାଠରେ ଡୋର ବାନ୍ଧି ଦୁଇ ଚାରି ମାସ ଭିତରେ ଗାଁ'କୁ ଯିବାକୁ ପଡ଼ିବ ।

ମୋ ସମସ୍ୟା ଶୁଣି ସମିତା କିଛି ସମୟ ଚିନ୍ତା ମଗ୍ନ ରହି କହିଲା... ଗୋଟାଏ ଉପାୟ ଅଛି । ତୁମର ବ୍ୟାଙ୍କରୁ କରଜ କରି ପାଠ ପଢିବାରେ କିଛି ସମସ୍ୟା ନାହିଁ ତ ?

ମୁଁ କହିଲି... ଏଠାରେ କୌଣସି ବ୍ୟାଙ୍କରେ ମୋର ଚିହ୍ନା ପରିଚୟ କେହି ନାହାନ୍ତି । ମତେ କିଏ କାହିଁକି ଋଣ ଦବ ? ସମସ୍ତେ ତ ସେହି ଗୋଟିଏ ପ୍ରଶ୍ନ ପଚାରିବେ...ଶୁଝିବ କିପରି ?

ସମିତା କହିଲା..ତମେ ସେକଥା ଚିନ୍ତା କରନି । ମୋର ଜଣେ ଦାଦାଙ୍କ ପୁଅ ଷ୍ଟେଟ୍ ବ୍ୟାଙ୍କରେ ସିନିଅର ମେନେଜର ଅଛନ୍ତି । ବ୍ୟାଙ୍କ ଗ୍ୟାରେଣ୍ଟର୍ ଚାହିଁବ । ଗ୍ୟାରେଣ୍ଟି ଦେବାକୁ ମୁଁ ପ୍ରସ୍ତୁତ ଅଛି । ମୋ ନେଟ୍‌ଓ୍ୱର୍ଥ ତାଙ୍କୁ ଜଣା । ପାଠପଢ଼ା ପାଇଁ ଋଣ ମଞ୍ଜୁର ହେବାରେ କିଛି ଅସୁବିଧା ହେବନାହିଁ ।

କିଛି ସମୟ ନୀରବ ରହି ମୁଁ ଅଳ୍ପ ହସି କହିଲି...ପାଠପଢା ପରେ ମୁଁ ଯଦି ଲୋନ୍ ଶୁଝି ପାରିବି ନାହିଁ ତାହେଲେ ତୁମକୁ ହାତରୁ ଦେବାପାଇଁ ପଡ଼ିବ । ସେତେବେଳେ ତମେ ମୋଠାରୁ କିପରି ଆଦାୟ କରିବ ?

ସମିତା ହସିହସି କହିଲା...ମତେ ଜଣା କେମିତି ଆଦାୟ କରିବି । ଦୁଇଟି ଗୁଣ୍ଡା ଧରି

Source: Author, Digitized by PPRACHIN, SOA

ତୁମ ଦୁଆରେ ଯାଇ ପହଞ୍ଚିବି । ସେହି ବାହାନାରେ ତୁମ ଘର ଏବଂ ପୂଜନୀୟା ମାଉସୀଙ୍କୁ ତ ଦେଖି ପାରିବି ।

ଏଭଳି ହାଲୁକା ଫୁଲକା କଥାବାର୍ତ୍ତା ଆମ ଦୁହିଁଙ୍କୁ ପରସ୍ପରର ନିକଟବର୍ତ୍ତୀ କରିଦେଇଥିଲା । ବ୍ୟାଙ୍କରୁ ପାଠପଢା-ଲୋନ୍ ମଞ୍ଜୁର କରାଇଦେଇ ସମିତା ମୋ ମୁଣ୍ଡ ଉପରୁ ଚିନ୍ତାର ହିମାଳୟ ଉଠାଇ ନେଇଥିଲା । ମନେ ମନେ କୃତଜ୍ଞତାରେ ତାପାଖରେ ମୋର ମୁଣ୍ଡ ନଇଁ ଯାଇଥିଲା । ଭାବିଲି...କି ଖୋଲା ହୃଦୟର ଝିଅଟିଏ ସତେ ସମିତା ! କିଏ ଏମିତି ଅଜଣା ଅଶୁଣା ଲୋକ ପାଇଁ ଗ୍ୟାରେଣ୍ଟର୍ ପଡ଼ିପାରିବ ?

ବନ୍ଧୁତାର ସୀମା ଡେଇଁ ମୋ ମନ ଦୁର୍ବଳତାର ସୀମାରେଖା ସ୍ପର୍ଶ କରିବାକୁ ବ୍ୟଗ୍ର ହୋଇ ଉଠିଲା । ସମିତାକୁ କଲେଜରେ ଦିନେ ନଦେଖିଲେ ମନ ଭିତରେ ମୋର କିପରି ଏକ ଶୂନ୍ୟତାର ଅନୁଭବ ଆସୁଥିଲା । କିନ୍ତୁ ସମିତାର ମନ କଥା ମୁଁ ଜାଣିନଥିଲି । ଏତିକି ମାତ୍ର ଜାଣିଥିଲି ଯେ ମତେ ଦେଖିବାମାତ୍ରେ ସମିତା ଆଖିରେ ଖୁସି ଝଲକି ଉଠୁଥିଲା । ଆମ ଦୁହିଁଙ୍କର କ୍ଷୀର-ନୀର ବନ୍ଧୁତା କଲେଜରେ ଚର୍ଚ୍ଚାର ବିଷୟ ହୋଇପଡ଼ିଲା । କିନ୍ତୁ ସମିତାର ଚରିତ୍ର ଏତେ ବଳିଷ୍ଠ ଥିଲା ଯେ ତା' ସମ୍ବନ୍ଧରେ କେହି କିଛି ଖରାପ କଥା କହିବା ତ ଦୂରର କଥା, ଚିନ୍ତା କରିବାପାଇଁ ମଧ୍ୟ ଡରୁଥିଲେ । ଅବଶ୍ୟ ମୁଁ କଲେଜରେ ଅନେକଙ୍କର ଈର୍ଷାର ଶରବ୍ୟ ହୋଇପଡିଲି ।

ସମିତା ଧନୀର ସନ୍ତାନ, ବହୁତ କଳ୍ପନା ବିଳାସୀ ମଧ୍ୟ ସେ । ବେଳେ ବେଳେ ତାର ଜନ୍ମଭୂମି ପ୍ରତାପଗଡ଼ କଥା କହୁ କହୁ ଭାବପ୍ରବଣ ହୋଇଯାଏ ସେ । ଇନ୍ଦ୍ରଧନୁ ଭ୍ରୁରୁ ତା'ର ନାଚି ଉଠେ କାବ୍ୟିକ ଛଟାରେ । ସ୍ୱପ୍ନିଳ ଆଖି ତନ୍ଦ୍ରା ବିଜଡିତ ହୋଇଯାଏ ମଧୁର ମୁଦ୍ରାରେ, ମନରେ ଲାଗିଯାଏ ଡେଣା, ଚଢ଼େଇଟିଏ ହୋଇ ସମିତା ଉଡ଼ିଯାଏ ତାର ପାହାଡ଼ୀ ଜନ୍ମମାଟି ପ୍ରତାପଗଡର ସବୁଜ କେଦାର ଉପରକୁ । କି ସୁନ୍ଦର ସେ ଜନ୍ମମାଟିର ବର୍ଣ୍ଣନା ! ନଦେଖି ମଧ୍ୟ କଳ୍ପନାରେ ଦୃଶ୍ୟ ହୁଏ ତାର ବର୍ଣ୍ଣନା ମାଧ୍ୟମରୁ ; ସେଠାରେ ଉପସ୍ଥିତ ନଥାଇ ମଧ୍ୟ ମାଟିର ଗନ୍ଧ ବାରିହୁଏ ତାର ଭାବାବେଗପୂର୍ଣ୍ଣ କଥାରୁ । ଜନ୍ମମାଟିକୁ ଏଭଳି ଭଲପାଇବା ଚରିତ୍ର ମୁଁ କ୍ୱଚିତ ଦେଖିଛି ।

ସମିତାକୁ ଥରେ ମୁଁ କହିଲି...ତୁମର ଜନ୍ମଭୂମିର ବର୍ଣ୍ଣନା ଶୁଣି ବହୁତ୍ ଇଚ୍ଛା ହେଲାଣି ଥରେ ପ୍ରତାପଗଡ଼ ବୁଲି ଆସିବାପାଇଁ । କେଉଁ ଦିନ ନିମନ୍ତ୍ରଣ କରିବ ?

ସମିତା କହିଲା.. ତୁମପାଇଁ କଣ ନିମନ୍ତ୍ରଣ ପତ୍ର ଛାପିବି ? ମୋର ଅନ୍ତରଙ୍ଗ ବନ୍ଧୁ ଭାବରେ ଯେଉଁ ସମୟରେ ଚାହିଁବ ପ୍ରତାପଗଡ଼କୁ ଆସିଯାଅ ବିଜୟ । ପ୍ରତାପଗଡ଼ର ରାଜବାଟି ଦ୍ୱାର ତୁମପାଇଁ ସବୁ ସମୟରେ ଉନ୍ମୁକ୍ତ ।

XXXXXXXXXXXXXXXXXXXXX

Source: Author, Digitized by PPRACHIN, SOA

୧୦

ଥରେ ଦିନର ଏକ ଗତାୟୁ ମୁହୂର୍ତ୍ତରେ କଲେଜ ନିକଟସ୍ଥ ପାର୍କରେ ବସିଥିବା ସମୟରେ ସମିତା, ପ୍ରତାପଗଡ଼ ପାଇଁ ଦେଖୁଥିବା ତା'ର ସ୍ୱପ୍ନ ବିଷୟରେ ମତେ ଆଭାସ ଦେଲା ।

ସମିତା କହିଲା...ପ୍ରକୃତରେ କହିବାକୁ ଗଲେ ମୁଁ ଚାହେଁ ମୋ ଜନ୍ମମାଟି ପ୍ରତାପଗଡ଼ରେ ଏକ ସବୁଜ ବିପ୍ଲବ । ପ୍ରତାପଗଡ଼ କେଦାର ମାଳା ହସି ଉଠିବ ଚିର ସବୁଜ ରଙ୍ଗରେ । ବୈଜ୍ଞାନିକ ପଦ୍ଧତିରେ କୃଷି ଆଣିଦେବ ନୂତନ ଅର୍ଥନୀତିର ଝଲକ । ଗରିବ କୃଷକର କୁଡ଼ିଆ ଘରେ ଜଳି ଉଠିବ ବାୟୋଗ୍ୟାସର ଆଲୋକ । 'ଚମ୍ପାଝର' ପାହାଡ଼ୀ-ନଦୀ ବୁକୁରେ ସୃଷ୍ଟି ହେବ ଜଳ ଭଣ୍ଡାର, ତାହା ପ୍ଳାବିତ କରିବ ପ୍ରତାପଗଡ଼ର ବିସ୍ତୃତ ଉପତ୍ୟକାକୁ । ଲକ୍ଷ୍ମୀ ସଶରୀରେ ଓହ୍ଲାଇ ଆସିବେ ମୋ ଜନ୍ମ ଭୂମି ପ୍ରତାପଗଡକୁ ।

ଶତାବ୍ଦୀ ଧରି ରହିଥିବା ଦରିଦ୍ର ନିଷ୍ପେସିତ ଭାଇ,ଦାଦା କାକାମାନଙ୍କ ମୁହଁରେ ଫୁଟିବ ହସର ଫୁଲଝରି । କୃଷି ବିଦ୍ୟାଳୟରୁ ବୈଷୟିକ ଜ୍ଞାନ ନେଇ ମୁଁ ସେମାନଙ୍କ ଚିନ୍ତାଧାରାକୁ କରିବି ପରିପୁଷ୍ଟ; ପ୍ରେରଣା ଦେଇ ପାଦକୁ କରିବି ଚଳଚଞ୍ଚଳ । ସବୁ କରିବେ ସେମାନେ, ମୁଁ ହେବି ନିମିତ୍ତ ମାତ୍ର ।'

ସ୍ୱପ୍ନର ରେଖାଙ୍କନ କରିବା ସମୟରେ ଭାବପ୍ରବଣ ହୋଇ ଉଠିଥିଲା ସମିତା ।

ସମିତା କହିଲା... ବିଜୟ, ଦଳିତ ପତିତ ନିଷ୍ପେସିତମାନଙ୍କ ଉପରେ ମୋର ପୂର୍ବଜମାନେ ଯେଉଁ ଅତ୍ୟାଚାର କରିଯାଇଛନ୍ତି, ତା'ର ପ୍ରାୟଶ୍ଚିତ ମୁଁ କରିବାକୁ ଚାହେଁ । ସଭ୍ୟତାର ଆଲୋକ ନପାଇ ଥିବା ସେହି ନିଷ୍ପେସିତମାନଙ୍କର ପାରିବାରିକ ଅର୍ଥନୀତିରେ ମୁଁ ପରିବର୍ତ୍ତନ ଆଣିବାକୁ ଚାହେଁ । ସ୍ୱାଧୀନତା ପୂର୍ବରୁ ସେମାନେ ଯେଉଁ ଗରିବ ଥିଲେ

Source: Author, Digitized by PPRACHIN, SOA

ଏବେ ମଧ୍ୟ ସେଇ ଗରିବ । ସେମାନଙ୍କୁ ଜଣାନାହିଁ ଉନ୍ନତିର ଚାବିକାଠି କେଉଁଠାରେ ଅଛି ।

ଜଳ ଅଭାବରେ ଫସଲ ନଷ୍ଟ ହୋଇଯାଏ, ତଥାପି ଚମ୍ପାଝର ଝରଣାର ଜଳକୁ ବାନ୍ଧି ଫସଲ ବଞ୍ଚାଇବା ଉପାୟ ଜାଣିନାହାନ୍ତି ସେମାନେ । ପରିବା ଫସଲ ଅଧିକ ଉତ୍ପାଦନ ହେଲେ ବଜାର ଅଭାବରୁ ସେସବୁ ପଚିସଢିଯାଏ ଏବଂ ଗାଈଗୋରୁଙ୍କ ମୁହଁରେ ଯାଏ ସିନା, ଗାଡ଼ିଘୋଡ଼ା କରି ସେସବୁ ବଜାରକୁ ପଠାଇବା ଉପାୟ ସେମାନଙ୍କୁ ଜଣାନାହିଁ । ମଝିରେ ଦଣ୍ଡିଆ ବା ଲାଭଖୋର୍ ମିଡିଲ୍ ମ୍ୟାନ୍‌ର ତଞ୍ଚକତାର ଶିକାର ହୁଅନ୍ତି ସେମାନେ ।

ଏହି ଦଣ୍ଡିଆମାନେ ଗରିବ ଲୋକଙ୍କର ଅଭାବର ସୁଯୋଗ ନେଇ ଚଢ଼ା ସୁଧ ହାରରେ ସେମାନଙ୍କୁ କରଜ ଦିଅନ୍ତି । ଯାହା ଫସଲ ବିକ୍ରି ହୁଏ ଏହି ଦଣ୍ଡିଆ ମହାଜନକୁ ସୁଧ ବାବଦକୁ ଚାଷୀ ପରିଶୋଧ କରିଦିଏ । ବିଚରା ଗରିବ ଚାଷୀର ବର୍ଷସାରା ଖଟିଖଟି ମଧ୍ୟ ଫସଲରୁ ଟଙ୍କାଟିଏ ହାତକୁ ଆସେନାହିଁ ।

ଏକ ଭୟଙ୍କର ଭଉଁରିର ଆବର୍ତ୍ତ ଭିତରେ ଶେଷ ହୋଇଯାଏ ବିଚାରା ଚାଷୀର ସାରା ଜୀବନ । ଧନୀ ଅଧିକ ଧନୀ ହେଉଥାଏ ଓ ଗରିବ ଅଧିକ ଗରିବ ହେଉଥାଏ । ସେମାନଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେହି ଗୋଷ୍ଠୀଗୁଡ଼ିକୁ ବିତ୍ତୀୟ ସଂସ୍ଥାସହିତ ଯୋଡ଼ି ପାରିଲେ ହୁଏତ ଏହି ଶୋଷଣର କାହାଣୀରେ ପୂର୍ଣ୍ଣଚ୍ଛେଦ ପଡ଼ିବ ।

ଚାଷୀମାନଙ୍କର ଏ ପ୍ରକାର ଦୁର୍ଦ୍ଦଶା ଶୁଣି ସମିତାକୁ ପଚାରିଥିଲି...ସେଠାକାର ସ୍ଥାନୀୟ ନେତାମାନେ କିଛି କରୁନାହାନ୍ତି ସେମାନଙ୍କ ପାଇଁ ?

ସମିତା କହିଲା...ସବୁ ନେତା ଏବଂ ଅମଲାମାନେ ଏହି ମିଡିଲ୍‌ମ୍ୟାନ୍ ଓ ମହାଜନ ଗୋଷ୍ଠୀର ପକେଟ୍ ଭିତରେ ରହିଛନ୍ତି । ସେମାନଙ୍କ ଠାରୁ ଭଲ ଲାଞ୍ଚ ମଧ୍ୟ ପାଆନ୍ତି । ନିର୍ବାଚନ ସମୟରେ, ଭୋଟ ପୂର୍ବଦିନ ନେତାମାନେ ଗାଁ ଗାଁ ବୁଲି ମୁଣ୍ଡପିଛା ଦୁଇଶହ କରି ଟଙ୍କା ଦେଇ ଭୋଟ ଖରିଦ୍ କରନ୍ତି । ଭୋଟରମାନଙ୍କୁ ସେମାନଙ୍କ ପୁଅଝିଅଙ୍କର ମୁଣ୍ଡ ଛୁଆଇଁ ଶପଥ କରାଇ ନିଅନ୍ତି ଭୋଟ ଦେବାପାଇଁ । ଅଭାବରେ ଥିବା ଗରିବ ଲୋକମାନଙ୍କ ପାଇଁ ଦୁଇଶହ ଟଙ୍କାର ମୂଲ୍ୟ କିଛି କମ୍ ନୁହେଁ । ଦାତାଙ୍କ ସପକ୍ଷରେ ଭୋଟ ପିଟନ୍ତି । ତା'ପରେ ଆଗାମୀ ପାଞ୍ଚବର୍ଷ ପାଇଁ ନେତା ଗାୟବ, ଗଧ ମୁଣ୍ଡରୁ ଶିଙ୍ଘ ପରି । କିଛି ସମୟ ନିରବ ରହି ସମିତା କହିଲା.. ବିଜୟ ମୁଁ ଆଜି ସ୍ୱପ୍ନ ଦେଖୁଛି ସେମାନଙ୍କର ହାତ ଧରି ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୧

୧୫୬୮ ଖ୍ରୀଷ୍ଟାବ୍ଦରେ 'ଗୋହିରା ଟିକିରି' ଯୁଦ୍ଧରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବ ବଙ୍ଗଳାର ଆଫାଗାନ୍ ଶାସକଙ୍କ ଦ୍ୱାରା ପରାସ୍ତ ହେବାପରେ ସବୁଦିନ ପାଇଁ ଉତ୍କଳ ଆକାଶରୁ ସ୍ୱାଧୀନତାର ସୂର୍ଯ୍ୟ ବୁଡ଼ି ଗଲେ । ସାଙ୍କେତିକ ଭାବରେ କୁହାଯାଏ 'ସୁବର୍ଣ୍ଣ ଥାଳିରେ ହେଡା (ଅମେଧ,ଗୋମାଂସ) ପରସିଲେ ମୁକୁନ୍ଦଦେବଙ୍କ ରାଣୀ', ଅର୍ଥାତ୍ ମୁସଲମାନ ଶାସନର ଆରମ୍ଭ ହେଲା ଓଡ଼ିଶାରେ ।

ଆଫାଗାନ୍ ଶାସନ ପରେ ପରେ ଓଡ଼ିଶାରେ ମୋଗଲ ଶାସନ ବଳବତ୍ତର ରହିଲା ଏବଂ ପରବର୍ତ୍ତୀ ସମୟରେ ଦୁର୍ବଳ ମୋଗଲ ଉତ୍ତରାଧିକାରୀଙ୍କ ହାତରୁ ଓଡ଼ିଶାର ଶାସନ ମରହଟ୍ଟାମାନଙ୍କ ହାତକୁ ଚାଲିଗଲା । କିଛି କାଳ ପରେ ୧୮୦୩ ମସିହାରେ ଓଡ଼ିଶାର ଶାସନ ବ୍ରିଟିଶ ସରକାରଙ୍କ ହାତକୁ ଚାଲିଗଲା ।

ଏହି ସବୁ ଶାସକମାନେ ଓଡ଼ିଶାର ବା ଏହାର ଜନସାଧାରଣଙ୍କର ମଙ୍ଗଳ ଚାହୁଁ ନଥିଲେ । ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଶୋଷଣ କରି,ମଠ ମନ୍ଦିର ଲୁଣ୍ଠନ କରି ଏବଂ ଜମିଦାର ରାଜା, ଜାଗିରଦାରଙ୍କ ଠାରୁ କର ବା ପେସକସ୍ ଆଦାୟ କରି ସେମାନେ ନିଜ ନିଜର ଖଜଣାଖାନା ପୂର୍ଣ୍ଣ କରୁଥିଲେ ।

ସେମାନଙ୍କ ଖଜଣାଖାନାକୁ ସମୃଦ୍ଧ କରିବାକୁ ଓଡ଼ିଶାର ଜମିଦାର/ଗଡ଼ଜାତ ରାଜା/ ଜାଗିରଦାର୍‌ମାନେ ପ୍ରଜାମାନଙ୍କୁ ଲୁଣ୍ଠନ କରୁଥିଲେ । ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରି କର ଆଦାୟ କଲେ, ଏହି ବିଦେଶୀ ଶାସକମାନେ କୌଣସି ବିରୋଧ କରୁନଥିଲେ ବରଂ ସମର୍ଥନ କରୁଥିଲେ । ବିଶେଷ କରି ବଣପାହାଡ଼ ଘେରା ଗଡ଼ଜାତମାନଙ୍କରେ ରହୁଥିବା ପ୍ରଜାମାନଙ୍କ ଭାଗ୍ୟ ରକ୍ତପିପାସୁ ଜମିଦାର ଏବଂ ବିଦେଶୀ ଶାସକଙ୍କ ଅତ୍ୟାଚାରର ପାହାଡ଼ ତଳେ ନିଷ୍କେସିତ ହୋଇ ରହିଥିଲା ।

Source: Author, Digitized by PPRACHIN, SOA

ବିଜୟ,

ସେହିଭଳି ଏକ ଜମିଦାରୀ ଥିଲା ପ୍ରତାପଗଡ଼ । ସଭ୍ୟତାର ଆଲୋକରୁ ବହୁ ଦୂରରେ ଥିବା,ବଣପାହାଡ ଅଧ୍ୟୁଷିତ ଏହି ପାହାଡ଼ୀ ଜମିଦାରୀର ଜମିଦାର ଥିଲେ ମୋର ପୂର୍ବପୁରୁଷ । ଅନେକ ଛୋଟ ଛୋଟ ଗାଁକୁ ନେଇ ଏହି ଜମିଦାରୀର ସୃଷ୍ଟି । ଜମିଦାରଙ୍କ ରଇତ ଥିଲେ ସେହି ଗାଁ'ଗୁଡିକରେ ଥିବା ଗରିବ ଆଦିବାସୀ କୃଷକ ଶ୍ରେଣୀ । ଜମିଦାରଙ୍କ ଅତ୍ୟାଚାରରେ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିଲା । କର ଖିଲାଫି କଲେ ଦଣ୍ଡ ସ୍ୱରୂପ ଶହେ ଚାବୁକ୍ ମାଡ଼ ବସୁଥିଲା ପିଠିରେ । ଏହା ଥିଲା ଜମିଦାର ଏବଂ ତାଙ୍କ ପାଖ ଲୋକଙ୍କ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ । ଚାବୁକ୍ ମାଡ଼ରେ ଯେତେ ଅଧିକ ଯନ୍ତ୍ରଣା ସେମାନେ ପାଉଥିଲେ ଏବଂ ଯେତେ ଅଧିକ ରକ୍ତ ସେମାନଙ୍କ ପିଠିରୁ ବହୁଥିଲା ସେତେ ଖୁସି ହେଉଥିଲେ ଜମିଦାର । ଏହିଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ବେଳେ ଯଦି ବିଚରା କୃଷକର ମୃତ୍ୟୁ ହୋଇଯାଏ ତାର ଶବକୁ ଜଙ୍ଗଲରେ ବାଘ ମୁହଁରେ ଫିଙ୍ଗି ଦିଆଯାଉଥିଲା । କାହା ଆଗରେ କିଏ ଗୁହାରି କରିବ ? ଶାସନ ଏବଂ ନ୍ୟାୟ ଯେତେବେଳେ ଜଣକ ହାତରେ ରହେ ତାହାହିଁ ଏକଛତ୍ରବାଦକୁ ଜନ୍ମଦିଏ ।

ଜମିଦାରକୁ ଅମାରରୁ ଧାନ ମାପିଦେଇ ପେଟରେ ଓଦାକନା ପକାଇ ଶୋଉଥିଲେ ରଇତମାନେ । କଅଁଳା ଛୁଆ ଭୋକ ଉପାସରେ ମରିଗଲେ ସେମାନେ ଭାବୁଥିଲେ ତାଙ୍କ ଛୁଆକୁ ବାଘ ଖାଇଗଲା...ଜଙ୍ଗଲ ବାଘ ନୁହେଁ, ଜମିଦାର ବାଘ ।

ଜମିଦାରଙ୍କର ଲୋଲୁପ ଦୃଷ୍ଟିର ନିଆଁରେ ସେମାନଙ୍କର ସୁଖ,ସ୍ୱାଚ୍ଛନ୍ଦ୍ୟର କୁଡ଼ିଆ ଘର ଜଳି ପୋଡ଼ି ପାଉଁଶ ହୋଇଯାଉଥିଲା ।

ସେମାନଙ୍କର କୁଆଁରୀ କନ୍ୟାମାନଙ୍କର ଇଜ୍ଜତ ଦଳିତ ମଥିତ ହୋଇ ଲୁଣ୍ଠିତ ହେଉଥିଲା ଏହି କାମାନ୍ଧ ଜମିଦାର ଏବଂ ସେମାନଙ୍କ ଦାୟାଦମାନଙ୍କ ଦ୍ୱାରା । ଆଖପାଖ କେଉଁ ଗାଁରେ ସୁନ୍ଦରୀ ବୋହୂଟିଏ ଆସିଲେ ତାକୁ ପ୍ରଥମେ ସମ୍ଭୋଗ କରିବାର ଅଧିକାର ଥିଲା ଜମିଦାରଙ୍କର । କିଛି ପ୍ରତିବାଦ କଲେ ଗୃହସ୍ୱାମୀଙ୍କୁ ଜଙ୍ଗଲରେ ମାରି, ବାଘ ଖାଇଗଲା ବୋଲି ପ୍ରଚାର କରାଯାଉଥିଲା । ନବବଧୂଟି ପ୍ରତିବାଦ କଲେ ଅକଥନୀୟ ଅତ୍ୟାଚାର ସହିବାକୁ ପଡୁଥିଲା ତାକୁ । ସମ୍ମତି ମିଳିବା ପର୍ଯ୍ୟନ୍ତ ବନ୍ଦିନୀ ହୋଇ ରାଜବାଟିରେ ରହିବାକୁ ପଡୁଥିଲା ତାକୁ । ଜମିଦାରଙ୍କର ମନ ଯଦି ଅଧିକ ଲାଗିଗଲା ସେହି ନବବଧୂ ଠାରେ ତା'ହେଲେ ରାଜବେଶ୍ୟା ହୋଇ ତାକୁ ରହିବାକୁ ପଡୁଥିଲା ଜମିଦାରଙ୍କ ମନୋରଞ୍ଜନ ପାଇଁ ।

ପ୍ରଜାମାନେ ଜମିଦାରଙ୍କର କ୍ରୀତଦାସ ଠାରୁ ମଧ ନ୍ୟୁନ ଥିଲେ । 'ବେଠି' ନାମରେ

Source: Author, Digitized by PPRACHIN, SOA

ଏକପ୍ରକାର ଜୁଲୁମ୍ ପ୍ରଜାମାନଙ୍କ ଉପରେ କରାଯାଉଥିଲା । ବେଠି ଅର୍ଥ ହେଉଛି ବିନା ମଜୁରି ବା ପାଉଣାରେ କାମ କରାଇବା । ଜମିଦାର ତାଙ୍କର ଅଧିକାଂଶ କାମ ବେଠିରେ ଅର୍ଥାତ ବିନା ମୂଲ୍ୟରେ, ପାଉଣାରେ କରାଉଥିଲେ । ଜମିଦାରୀ ଅଧୀନରେ ଥିବା ସବୁ ରାସ୍ତାଘାଟ, ପୋଲ ତିଆରି, ପୋଖରୀ ଖୋଳା, ଘୋଡା, ହାତୀଙ୍କ ପାଇଁ ଖାଦ୍ୟ ସଂଗ୍ରହ ଇତ୍ୟାଦି ବେଠି ଦ୍ୱାରା ହିଁ କରାଯାଉଥିଲା । ଜମିଦାରଙ୍କର ସବୁ ଆବଶ୍ୟକୀୟ ପଦାର୍ଥ ଯଥା ଧାନ, ଚାଉଳ, ମୁଗ ,ବିରି, ଘିଅ, ତେଲ, ଛେଳି, କୁକୁଡା ଇତ୍ୟାଦି ନାମକୁ ମାତ୍ର ପାଉଣା ଦେଇ କିମ୍ୱା ବିନାମୂଲ୍ୟରେ ପ୍ରଜାମାନଙ୍କଠାରୁ ଆଦାୟ କରାଯାଉଥିଲା ।

ଦଶହରା ପୂଜା ସମୟରେ ରାଜାଙ୍କୁ ଭେଟି ଦେବା ବାଧ୍ୟତାମୂଳକ ଥିଲା । ତା'ଛଡା ଏହି ସମୟରେ ଜମିଦାରଙ୍କ ଉଆସ ଆଗରେ ବାଡ଼ି ଖେଳ ଦେଖାଇବା ବାଧ୍ୟତାମୂଳକ ଥିଲା । ଦୁଇ ତିନି ମାସ ଆଗରୁ ବାଡିଖେଳ ପ୍ରସ୍ତୁତି ଆରମ୍ଭ ହେଉଥିଲା । ପେଟରେ ପଛେ ଓଦାକନା ପଡ଼ିଥାଉ, ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ଏହି ପ୍ରସ୍ତୁତି କରିବାକୁ ପଡୁଥିଲା ।

ବାଘ-ଆଡ଼ି ଓ ଶିକାର ପାଇଁ ଜମିଦାର ଅନେକ ସମୟରେ ନିଜର ବନ୍ଧୁବାନ୍ଧବ ଏବଂ ଗୋରା ସାହେବଙ୍କ ସହିତ ଜଙ୍ଗଲକୁ ଯାଉଥିଲେ । ସେ ସମୟରେ ଜମିଦାର ଏବଂ ତାଙ୍କର ନିମନ୍ତ୍ରିତ ବନ୍ଧୁ ନିର୍ମିତ ହୋଇଥିବା ମଞ୍ଚାରେ ଆସୀନ ହୁଅନ୍ତି । ଶିକାର କାମରେ ଯେଉଁମାନେ ବେଠିଆ ଭାବରେ ଆସିଥାନ୍ତି ତାଙ୍କୁ ନିର୍ଦ୍ଦେଶ ଦିଆଯାଏ ଚତୁପାର୍ଶ୍ୱରୁ ଜନ୍ତୁମାନଙ୍କୁ ଘଉଡି, ମଞ୍ଚା ପାଖକୁ ଆଣିବାପାଇଁ । ମଞ୍ଚା ଉପରୁ ଜମିଦାର ବାଘକୁ ଗୁଳି କରନ୍ତି; ଅନେକ ସମୟରେ ବିଚ଼ରା ବେଠିଆ ଦେହରେ ବାଜି ତା'ର ପ୍ରାଣଯାଏ । ମଣିଷ ଜୀବନର ମୂଲ୍ୟ ଏହିଭଳି ଥିଲା ଏହି ପ୍ରତାପଗଡ଼ ଜମିଦାରୀରେ ।

ଏବେ ଦେଶ ବଦଳିଛି । ଜମିଦାରୀ ଓ ସାଆନ୍ତଗିରି ଯାଇଛି । କିନ୍ତୁ ପ୍ରଜାମାନଙ୍କର ଆର୍ଥିକ ଅବସ୍ଥାରେ କିଛି ପରିବର୍ତ୍ତନ ହୋଇନାହିଁ ।

କିଛି ସମୟ ମୌନ ରହି ସମିତା କହିଲା... ମୁଁ ମୋ ପୂର୍ବପୁରୁଷଙ୍କ ଦ୍ୱାରା କରାଯାଇଥିବା ପାପର ପ୍ରାୟଶ୍ଚିତ କରିବାକୁ ଚାହେଁ ବିଜୟ...

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୨

ପ୍ରତାପଗଡର ଲୁହ ଓ ଲହୁର କାହାଣୀ ଶୁଣାଇ କିଛି ସମୟ ଚୁପ୍ ରହିଗଲା ସମିତା । ବୋଧହୁଏ ଅତୀତର ରୋମନ୍ଥନ ତାକୁ ଭାବପ୍ରବଣ କରିଦେଇଥିଲା ।

କିଛି ସମୟର ନିରବତା ପରେ ସମିତା କହିଲା...ଜାଣିଛ ବିଜୟ, ରାଜବାଟିଠାରୁ ଅଳ୍ପଦୂରରେ ଥିବା ହାତୀ-ବଗିଚାରୁ ବେଳେ ବେଳେ ନିରବ ରାତିର ଶୂନ୍ୟତାକୁ ଥରାଇ ଏକ କରୁଣ ସ୍ୱର ଭାସିଆସେ । ସେ ସ୍ୱର ପଛରେ ଏତେ ଯନ୍ତ୍ରଣା ଥାଏ ଯେ ତାହା ଯେ କୌଣସି ଲୋକର ଛାତିର ପିଞ୍ଜରାକୁ ମଧ୍ୟ ଥରାଇ ଦେବ । ତାହା ଏକ ଗରିବ ଶିଳ୍ପୀର କରୁଣ ଚିତ୍କାର । ମୃତ୍ୟୁକାଳୀନ ଚିତ୍କାର; ବଞ୍ଚିବା ପାଇଁ ନେହୁରା ହେଉଥିବା ଆର୍ତ୍ତ କଣ୍ଠସ୍ୱର ।

ସେ କଣ୍ଠସ୍ୱର ଇଥର୍‌ର ତରଙ୍ଗରେ ମହାଶୂନ୍ୟରେ ମିଳେଇ ଯିବା ପୂର୍ବରୁ ହୃଦୟ ତନ୍ତ୍ରୀରେ ଖେଳାଇ ଯାଏ ଏକ ଅବ୍ୟକ୍ତ ଶିହରଣ । ସେ କରୁଣ ସ୍ୱର ଆଉ କାହାର ନୁହେଁ, ଗରିବ ଶିଳ୍ପୀ ଛଗନ ମୁଣ୍ଡା'ର ।

ପ୍ରାୟ ଅଶୀ ବର୍ଷ ତଳର କଥା । ଛଗନ ମୁଣ୍ଡା ଜମିଦାରଙ୍କର ହାତୀଶାଳର ଜଗୁଆଳ ଥିଲା । ହାତୀଶାଳ ପାଖକୁ ଲାଗି ଏବଂ ରାଜବାଟି ହତା ଭିତରେ ସୁନ୍ଦର ଛୋଟ ପଦ୍ମ ପୋଖରୀଟିଏ । ସେ ପୋଖରୀର ପାଣି ବ୍ୟବହାର କରିବା ତ ଦୂରର କଥା, ରାଜ ପରିବାର ବ୍ୟତୀତ ଅନ୍ୟ କେହି ସେ ପାଣିକୁ ଛୁଇଁଲେ ହାତ କାଟି ଦିଆଯାଉଥିଲା । ରାଜ ପରିବାରର ଅନ୍ତେବାସୀ କେବଳ ସେହି ପୋଖରୀରେ ସ୍ନାନ କରୁଥିଲେ ।

ଜମିଦାର ରାଜାଙ୍କର ସୁନ୍ଦରୀ ଝିଅଟିଏ ଥିଲା । ଯୌବନପ୍ରାପ୍ତି ପରେ ତାର ଛଳଛଳ ଯୌବନଦୀପ୍ତିରେ ଆଲୋକିତ ହୋଇ ଉଠିଲା ରାଜବାଟିର ପରିସର । ପଦ୍ମ ପୋଖରୀକୁ ସବୁଦିନ ସ୍ନାନ କରିବାକୁ ଯାଏ ରାଜକନ୍ୟା । ଦିନେ, ପଦ୍ମପୋଖରୀରେ ସ୍ନାନ କରୁଥିବା

Source: Author, Digitized by PPRACHIN, SOA

ରାଜକନ୍ୟାର ରୂପଲାବଣ୍ୟ ଦେଖି ମୋହିତ ହୋଇଯାଇଛି ଛଗନ ମୁଣ୍ଡା । ତାର ଶିଳ୍ପୀ ମନ ଇଚ୍ଛା କରିଛି ସ୍ନାନରତା ରାଜକନ୍ୟାର ଚିତ୍ର ଆଙ୍କିବା ପାଇଁ । ହଠାତ୍ ଦିନେ ରାଜକନ୍ୟା ପାଖରେ ପହଞ୍ଚି ମନର ଅଭିଳାଷ ବ୍ୟକ୍ତକରି ଅନୁରୋଧ କରିଛି ଖଣ୍ଡିଏ କାନଭାସ୍, କିଛି ରଙ୍ଗ ଏବଂ ତୂଳି ଯୋଗାଡ଼ କରିଦେବା ପାଇଁ ।

ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଛି ରାଜକନ୍ୟା । ପରେ ଛଗନର ସରଳତାରେ ମୁଗ୍ଧ ହୋଇଯାଇଛି ସେ । ତୂଳି, ରଙ୍ଗ ଏବଂ କାନଭାସ୍ ଯୋଗାଡ଼ କରି ଛଗନ ହାତରେ ଧରାଇ ଦେଇଛି ରାଜକନ୍ୟା । ଛଗନ ଅନୁରୋଧ କରିଛି ରାଜକୁମାରୀକୁ ସ୍ନାନ ସମୟରେ ଚିତ୍ର ଆଙ୍କିବା ପାଇଁ ଅନୁମତି ଦେବାପାଇଁ ।

ସଲ୍ଲଜ ରାଜକନ୍ୟା ଅନୁମତି ଦେଇଛି ମଧ୍ୟ ।

ଜୀବନ୍ତ ଚିତ୍ର ଅଙ୍କନ କରିଛି ଶିଳ୍ପୀ ଛଗନ । ତୈଳ ଚିତ୍ରଟି ଦେଖି ବିମୁଗ୍ଧ ହୋଇଛି ରାଜକୁମାରୀ । ରାଜକୁମାରୀର ଦୁର୍ବଳତା ଆସିଯାଇଛି ଶିଳ୍ପୀ ପ୍ରତି । ଛଗନର କଳା ମଚ୍‌ମଚ୍ ବଳିଷ୍ଠ ଶରୀର ପ୍ରତି ଆକୃଷ୍ଟ ହୋଇ ଯାଇଛି ରାଜଜେମା । ଦିନେ ନିଶାର୍ଦ୍ଧରେ ଛଗନର କୁଡିଆ ପାଖରେ ପହଞ୍ଚି ଯାଇଛି ଅଭିସାରିକା ଏବଂ ପ୍ରେମ ନିବେଦନ କରିଛି । ଇତି ମଧ୍ୟରେ ଶିଳ୍ପୀର ମନରେ ମଧ୍ୟ ରାଜକୁମାରୀ ପ୍ରତି ଦୁର୍ବଳତା ଆସିଯାଇଛି । ପରସ୍ପରର ନିବିଡ଼ ବାହୁ ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି ସେମାନେ ।

ଗୁପ୍ତ ପ୍ରଣୟ ସବୁବେଳେ ଗୁପ୍ତ ରହିପାରେ ନାହିଁ । ରାଜ ପରିବାରର କାନକୁ ଆସିଛି ଏ ପ୍ରଣୟ କାହାଣୀ । ରାଜକନ୍ୟା ଡରିଯାଇଛି । ଏହାର ପରିଣାମ ତାକୁ ଜଣା । ଛଗନ ସହିତ ତାକୁ ହତ୍ୟା କରାଯିବ ଅଥବା ଛଗନକୁ ହତ୍ୟା କରି ବାଘ ଆଗରେ ଫିଙ୍ଗି ଦିଆଯିବ । ଏଭଳି କିଛି ଘଟିବା ପୂର୍ବରୁ ଛଗନ ସହିତ ପ୍ରତାପଗଡ଼ ଛାଡି ପଳାଇବା ପାଇଁ ରାଜକନ୍ୟା ଛଗନକୁ ପ୍ରସ୍ତାବ ଦେଲା ।

ଛଗନ ପଳାୟନପନ୍ଥୀ ନଥିଲା । ସେ ରୋକଠୋକ୍ ମନା କରିଦେଲା । କହିଥିଲା.... ରାଜକୁମାରୀ, ମୁଁ ଚୋରି କରିନାହିଁ, ତୁମକୁ ଭଲ ପାଇଛି । ସାଆନ୍ତଙ୍କ ଆଗରେ ହାତଯୋଡ଼ି ମୁଁ ତୁମକୁ ମାଗିନେବି, ଚୋର ଭଳି ପଳାୟନ କରିବି ନାହିଁ, ମୁଁ ମୁଣ୍ଡା ପିଲା, ମୁଣ୍ଡ ପଛକେ ମୋର କଟିଯିବ, ମୁଣ୍ଡ ନଇଁବ ନାହିଁ ।

ରାଜକୁମାରୀ କହିଲା...ତୁ ମୋ ଘର ଲୋକଙ୍କୁ ଜାଣିନୁ ଛଗନ । ତତେ ଜୀଅନ୍ତା କାଟି ବାଘ ଆଗରେ ପକାଇ ଦେବେ ।

ବାସ୍ତବରେ ରାଜକୁମାରୀର ଗୁପ୍ତ ପ୍ରଣୟର ପରିଣାମ ଅତି ଭୟଙ୍କର ଥିଲା । ଦିନେ ରାତିରେ ଛଗନକୁ ତା' କୁଡ଼ିଆ ପାଖରେ କାନ୍ଥ ନିର୍ମାଣ କରି ତା' ଭିତରେ ଜୀବନ୍ତ ସମାଧି

Source: Author, Digitized by PPRACHIN, SOA

ଦିଆଗଲା । ରାଜକୁମାରୀକୁ ଜବରଦସ୍ତ ଗୋଟିଏ ରାଜପରିବାରରେ ବିବାହ କରି ଦିଆଗଲା । ଏହି ଗୁପ୍ତ ପ୍ରଣୟର କାହାଣୀ ସମସ୍ତେ ଜାଣିଥିଲେ ମଧ୍ୟ କିଛି ନଜାଣିବା ପରି ରହିଲେ । ରାଜକୁମାରୀ କିଛି ଦିନ ଲୁଚି ଲୁଚି କାନ୍ଦିଲା, ପରେ ଏକ ଦୁଃସ୍ୱପ୍ନ ପରି ଅତୀତକୁ ଭୁଲିଗଲା ।

ମେଘମାଳା,

ସମିତା ଠାରୁ ଏହି କରୁଣ କାହାଣୀ ଶୁଣି ମୋର ଲୋମମୂଳ ଟାଙ୍କୁରି ଉଠିଲା । ମୁଁ କହିଲି..ସମିତା, ସେ ଶିଳ୍ପୀ ପ୍ରତି ମନରେ ମୋର ଗଭୀର ସମବେଦନା ଆସୁଛି, କିନ୍ତୁ ରାଜକନ୍ୟାକୁ ପ୍ରେମକରି ଏବଂ କନ୍ୟାର ପଳାୟନ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ଶିଳ୍ପୀ ପକ୍ଷରେ ଆତ୍ମହତ୍ୟା ସହିତ ସମାନ । ଏହା ଶଶକର ସିଂହ ପାଖରେ ଦୟା ଯାଚ୍‌ନା ବ୍ୟତୀତ ଅନ୍ୟ କିଛି ନୁହେଁ ।

ସମିତା କହିଲା...ଠିକ୍ କଥା ବିଜୟ । ସବୁ ସମୟ ସମୟର କଥା । ସେ ସମୟ ସେହିଭଳି ଅତ୍ୟାଚାରର ଯୁଗ ଥିଲା । ଆଜିକାର ସମୟ ହୋଇଥିଲେ କିମ୍ବା ପାଶ୍ଚାତ୍ୟ ଦେଶ ହୋଇଥିଲେ ଏପରି ହୋଇନଥାନ୍ତା । ତମେ ସ୍ୱିଡେନ ରାଜକୁମାରୀ ଚାରଲୋଟି ଭୋନ୍ ସେଦ୍‌ବିନ୍'ଙ୍କ ସହିତ ଆମ ଓଡ଼ିଆ ପୁଅ ପ୍ରଦ୍ୟୁମ୍ନ ମହାନନ୍ଦିଆଙ୍କ ପ୍ରେମ କାହାଣୀ ବିଷୟରେ ଜାଣିଛ ବିଜୟ ?

ଶୁଣ....

୧୯୪୯ ମସିହାରେ ପ୍ରଦ୍ୟୁମ୍ନ ମହାନନ୍ଦିଆ ଓଡ଼ିଶାରେ ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ । ସେ ସମୟରେ ତାଙ୍କ ସମ୍ପ୍ରଦାୟ ଅସ୍ପୃଶ୍ୟ ବୋଲି ବିବେଚିତ ହେଉଥିଲେ । ଏହି ଅସ୍ପୃଶ୍ୟତା କାରଣରୁ ବହୁସ୍ଥାନରେ ସେ ଅପମାନିତ ହୋଇ ଶେଷରେ ଓଡ଼ିଶା ଛାଡି ଦେଇଥିଲେ ।

ମହାନନ୍ଦିଆ ବିଚକ୍ଷଣ ଶିଳ୍ପୀ ଥିଲେ । ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇ ସେ ନୂଆଦିଲ୍ଲୀର 'କଲେଜ୍ ଅଫ୍ ଆର୍ଟ'ରୁ ତାଲିମ୍ ପ୍ରାପ୍ତ ହୋଇ ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀ ଭାବରେ ପରିଗଣିତ ହେଲେ । ଯେ କୌଣସି ବ୍ୟକ୍ତିଙ୍କର ଚିତ୍ର ସେ କାନଭାସ୍‌ରେ ଅତି ସୁନ୍ଦର ଏବଂ ଜୀବନ୍ତ ଭାବରେ ଆଙ୍କି ପାରୁଥିଲେ । ଏହି ସମୟରେ ଶାନ୍ତି ନିକେତନଠାରେ ତାଙ୍କ ସହିତ ସ୍ୱିଡେନର ରାଜବଂଶର କନ୍ୟା ଚାର୍ଲୋଟିଙ୍କ ସହିତ ସାକ୍ଷାତ ହୁଏ । ରାଜବଂଶଜା ଚାର୍ଲୋଟି ସେ ସମୟରେ ଲଣ୍ଡନରେ ବିଦ୍ୟାଶିକ୍ଷା କରୁଥାନ୍ତି ଏବଂ ଭାରତ ଗସ୍ତରେ ଆସିଥାନ୍ତି । ମହାନନ୍ଦିଆଙ୍କ ପ୍ରତିଭା ବିଷୟରେ ଅବଗତ ହେଲାପରେ ସେ ତାଙ୍କୁ ତାଙ୍କର ଗୋଟିଏ ତୈଳଚିତ୍ର ଆଙ୍କିବାକୁ ଅନୁରୋଧ କରିଥିଲେ ।

Source: Author, Digitized by PPRACHIN, SOA

ସାମ୍ନାରେ ବସିଥିଲେ ଚ଼ାର୍ଲୋଟି ଏବଂ ତାଙ୍କର ସୁନ୍ଦର ଅଙ୍ଗଲତାକୁ ଚ଼ିତ୍ରପଟରେ ଆଙ୍କୁ ଥିଲେ ମହାନନ୍ଦିଆ । ଏହି ତୈଳଚ଼ିତ୍ର ଅଙ୍କନ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଯାଇଥିଲା । ଚ଼ାର୍ଲୋଟି ନିଜର ନାମକୁ 'ଚ଼ାରୁଲତା'ରେ ପରିଣତ କରିଦେଇଥିଲେ ଏବଂ ଭାରତୀୟ ରୀତିରେ ମହାନନ୍ଦିଆଙ୍କୁ ବିବାହ କରିଥିଲେ ।

ଚ଼ାରୁଲତାଙ୍କର ଭାରତ ଛାଡ଼ିବା ସମୟ ଆସିଗଲା । ତେଣୁ ସେ ମହାନନ୍ଦିଆଙ୍କୁ ଅନୁରୋଧ କରିଥିଲେ ତାଙ୍କ ସହିତ ସ୍ୱିଡେନ ଯିବାପାଇଁ । କିନ୍ତୁ ମହାନନ୍ଦିଆଙ୍କର ସେ ସମୟରେ ବିଦ୍ୟାଶିକ୍ଷା ଶେଷ ହୋଇନଥିଲା । ତେଣୁ ସେ ପରେ ଯାଇ ଚ଼ାରୁଲତାଙ୍କ ସହିତ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଲେ । ବିଦାୟ ସମୟରେ ଚ଼ାରୁଲତା ମହାନନ୍ଦିଆଙ୍କୁ ବ୍ୟୋମଯାନ ଟିକେଟ ଖର୍ଚ୍ଚ ଯାଚ଼ିଥିଲେ । କିନ୍ତୁ ମହାନନ୍ଦିଆ ବିନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ସେ ନିଜ ଖର୍ଚ୍ଚରେ ପ୍ରିୟତମାଙ୍କ ପାଖକୁ ଯିବେ ।

କିଛିଦିନ ଚ଼ାଲିଗଲା । ମହାନନ୍ଦିଆଙ୍କ ବିଦ୍ୟାଶିକ୍ଷା ପୂର୍ଣ୍ଣ ହେଲା । କିନ୍ତୁ ସ୍ୱିଡେନ ଯିବାପାଇଁ ପାଖରେ କପର୍ଦ୍ଦକଟିଏ ମଧ୍ୟ ନଥିଲା । ଯାହା କିଛି ତାଙ୍କ ପାଖରେ ଥିଲା ତାକୁ ବିକି ଭାଙ୍ଗି ସେକେଣ୍ଡହ୍ୟାଣ୍ଡ୍ ସାଇକେଲଟିଏ କିଣିଲେ ମହାନନ୍ଦିଆ ଏବଂ ସେହି ସାଇକେଲରେ ତାଙ୍କର ଯାତ୍ରା ଆରମ୍ଭ ହେଲା ସ୍ୱିଡେନ୍ ଅଭିମୁଖେ ପ୍ରିୟତମାଙ୍କ ସହିତ ମିଳନ ପାଇଁ ।

ଦିଲ୍ଲୀରୁ ବାହାରି ସେ ପହଞ୍ଚିଲେ ଅମୃତସର ଏବଂ ସେଠାରୁ ସାଇକେଲ ଚ଼ଲାଇ ଆଗେଇ ଚ଼ାଲିଲେ । ବାଟରେ ପଡ଼ିଲା ଆଫଗାନିସ୍ତାନ, ଇରାକ୍, ତୁର୍କୀ, ବୁଲଗାରିଆ, ଯୁଗୋସ୍ଲୋଭାକିଆ, ଜର୍ମାନୀ ଏବଂ ଅଷ୍ଟ୍ରିଆ, ଡେନମାର୍କ ଭଳି ଅନେକ ଦେଶ । ଅବଶେଷରେ ସେ ପହଞ୍ଚିଲେ ସ୍ୱିଡେନ୍‌ରେ ।

ବାଟରେ ଅନେକ ସ୍ଥାନରେ ତାଙ୍କର ସାଇକେଲ ଖରାପ ହୋଇଯାଇଛି, ଖାଇବା ପିଇବାକୁ ମିଳିନାହିଁ, ଭୋକ ଉପାସରେ ଦିନ ଦିନ କଟିଯାଇଛି, ତଥାପି ତାଙ୍କର ଜୀବନରେ ଏକମାତ୍ର ଲକ୍ଷ୍ୟ କିପରି ପ୍ରିୟତମା ଚ଼ାରୁଲତାଙ୍କ ସହିତ ମିଳିତ ହେବେ ।

ଶେଷରେ ସ୍ୱିଡେନ୍‌ରେ ଯେତେବେଳେ ସେ ଚ଼ାର୍ଲୋଟିଙ୍କ ବାସଭବନ ପାଖରେ ସାଇକେଲ ଚ଼ଢି ପହଞ୍ଚିଲେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ।

ବାଟରେ କିଛି ଲୋକ ତାଙ୍କୁ ପାଗଳ ବୋଲି ଭାବିଥିଲେ । ଯିଏ ଶୁଣିଲା ସେ କହିଲା..ଏ ପାଗଳକୁ କ'ଣ ସତରେ ଚାର୍ଲୋଟି ବିବାହ କରିବେ !

କିନ୍ତୁ ମହାନନ୍ଦିଆଙ୍କ ଚ଼ାରିମାସ ତିନି ସପ୍ତାହର ପରିଶ୍ରମ ବିଫଳ ଗଲାନାହିଁ । ରାଜବଂଶଜା ଚ଼ାରୁଲତା ଆନନ୍ଦ ଗଦ୍‌ଗଦ୍ ହୋଇ ବାସଭବନରୁ ଦଉଡ଼ି ଆସିଲେ ମହାନନ୍ଦିଆଙ୍କୁ ଆଲିଙ୍ଗନ କରି ପାଛୋଟି ନେବାପାଇଁ । ସ୍ୱିଡେନ୍ ରାଜପରିବାର ସଦସ୍ୟ ସାଧାରଣତଃ

Source: Author, Digitized by PPRACHIN, SOA

ଅଣରାଜପରିବାର ବ୍ୟକ୍ତିଙ୍କର ବିବାହ କରନ୍ତି ନାହିଁ । ଏଥିପାଇଁ ରାଜପରିବାର ସମ୍ମତି ଦିଅନ୍ତି ନାହିଁ, କିନ୍ତୁ ଚାରୁଲତା ଏବଂ ମହାନନ୍ଦିଆଙ୍କ ଶାଶ୍ୱତ ପ୍ରେମ ଆଗରେ ରାଜବଂଶର ପରମ୍ପରା ମଥା ନୁଆଇଁ ଦେଇଥିଲା ।

ମହାନନ୍ଦିଆ ସ୍ୱିଡେନ୍‌ରେ ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀ ଭାବରେ ପ୍ରସିଦ୍ଧି ଅର୍ଜନ କଲେ ତଥା ଡକ୍ଟରେଟ୍ ଉପାଧିରେ ଭୂଷିତ ହେଲେ ।

ସମିତା ମୁହଁରୁ ଏ ଅକଳ୍ପନୀୟ ବାସ୍ତବ ପ୍ରେମ କାହାଣୀ ଶୁଣି ମୁଁ ମନ୍ତ୍ରମୁଗ୍ଧ ହୋଇ ଯାଇଥିଲି ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୩

ପ୍ରତାପଗଡ଼ର ପ୍ରଜାମାନଙ୍କ ଉପରେ ଜମିଦାର ରାଜାଙ୍କର ଅକଥନୀୟ ଅତ୍ୟାଚାରର କାହାଣୀ ସମିତା କହିଚାଲିଥିଲା...

ପ୍ରଜାମାନଙ୍କର ନିଜର ବୋଲି କିଛି ସମ୍ପତ୍ତି ନଥିଲା । ସ୍ଥାବର ଅସ୍ଥାବର ସବୁ ସମ୍ପତ୍ତି ଜମିଦାର ରାଜାଙ୍କର । ଜମିଦାରଙ୍କର ଆବଶ୍ୟକ ପଡିଲେ ପ୍ରଜାଙ୍କ ପାଖରୁ ଶବାରୀ, ପାଲିଙ୍କି, ଶଗଡ଼,ସାଇକେଲ, ଛେଳି, ମେଣ୍ଢା ଇତ୍ୟାଦି ଲୋକ ପଠାଇ ଜବରଦସ୍ତ ଉଠାଇ ନେଉଥିଲେ । ଆବଶ୍ୟକତା ପୂରଣ ହେବାପରେ ମଧ୍ୟ ସେସବୁ ପଦାର୍ଥ ଆଉ ଫେରସ୍ତ ମିଳୁନଥିଲା ।

ଏସବୁ ଶୋଷଣ ସମ୍ବନ୍ଧରେ ଯେ ଗୋରା ସରକାର ଅବଗତ ନଥିଲେ ତା' ନୁହେଁ । କିନ୍ତୁ ଯେପର୍ଯ୍ୟନ୍ତ ଜମିଦାରୀର ଖଜଣା ଠିକ୍ ସମୟରେ ମିଳିଯାଉଥିଲା, ଗୋରା ସରକାର କୌଣସି ହସ୍ତକ୍ଷେପ କରୁନଥିଲେ ।

ରଇତମାନେ ଜମିବାଡ଼ି ଚାଷ କରୁଥିଲେ ମଧ୍ୟ ଜମି ଉପରେ ସେମାନଙ୍କର ଅଧିକାର ନଥିଲା । ନାମକୁ ମାତ୍ର ସେମାନେ ସ୍ୱତ୍ୱାଧିକାରୀ ଥିଲେ । ଜମିଦାର ଯାହାଠାରୁ ଚାହୁଁଥିଲେ ଏବଂ ଯେତେବେଳେ ଚାହୁଁଥିଲେ ଜମି ଅନ୍ୟ ଚାଷୀ ନାମକୁ ହସ୍ତାନ୍ତର କରିଦେଉଥିଲେ । କଚେରୀରେ ନିଯୁକ୍ତି ପାଇଥିବା ଅମଲାମାନେ ରାଜାଙ୍କ ନିଜ ଲୋକ, ତେଣୁ ଡର କାହାକୁ ? ସେମାନେ ଏହି କାମରେ ରାଜାଙ୍କୁ ସହଯୋଗ କରୁଥିଲେ ।

Source: Author, Digitized by PPRACHIN, SOA

ଜମିରୁ ଫସଲ ଆଦାୟ ହେଉ ବା ନହେଉ ଧାର୍ଯ୍ୟ ଖଜଣା ଚାଷୀକୁ ଦେବାପାଇଁ ପଡୁଥିଲା । ଫସଲ-ହାନି ଯୋଗୁଁ ଖଜଣା ଦେଇ ନପାରିଲେ ଅକଥନୀୟ ଅତ୍ୟାଚାର ଭୋଗ କରିବାକୁ ପଡୁଥିଲା ବିଚରା ଚାଷୀକୁ । ଜମିଦାରଙ୍କ ଶାସନ ତଦାରଖ କରିବା ପାଇଁ ବ୍ରିଟିଶ ସରକାରଙ୍କ ତରଫରୁ ଜଣେ ଦେବାନ୍ ନିଯୁକ୍ତି ପାଇଥାନ୍ତି, କିନ୍ତୁ ବ୍ୟକ୍ତି ନିର୍ବିଶେଷରେ ସବୁବେଳେ ନିଯୁକ୍ତ ଦେବାନ୍ ନିଜ ସ୍ୱାର୍ଥ ଦୃଷ୍ଟିରୁ ରାଜାଙ୍କର, ନ୍ୟାୟ, ଅନ୍ୟାୟ ସବୁ କାମକୁ ସମର୍ଥନ କରୁଥିଲେ ।

ଜମିଦାରଙ୍କର ନିଜ ବଂଶଧରମାନଙ୍କ ନାମରେ ଅନେକ ଖଞ୍ଜା ଜମି ରହିଥିଲା ଏବଂ ସେହି ଜମିର ମାଲିକାନା ବା ସ୍ୱତ୍ତ୍ୱ ଅନ୍ୟ କାହାକୁ ହସ୍ତାନ୍ତର କରାଯାଉନଥିଲା । ସେହିଭଳି ମନ୍ଦିର ନାମରେ ବା ଦେବତାଙ୍କ ନାମରେ ଥିବା ଜମିବାଡ଼ିରୁ ଆଦାୟ ଫସଲର ବାସ୍ତବ ଅଧିକାରୀ ଥିଲେ ଜମିଦାର ରାଜା ।

ରଇତମାନଙ୍କର ଅବସ୍ଥା ଅତି ଦୟନୀୟ ଥିଲା । ମରୁଡ଼ି ପରିସ୍ଥିତିରେ ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନଥିଲେ ।୧୮୬୬ ମସିହାରେ ଗଜପତି ଦିବ୍ୟସିଂହ ଦେବଙ୍କର ନବମ ଅଙ୍କରେ ଯେଉଁ ଭୟାବହ 'ନଅଙ୍କ ଦୁର୍ଭିକ୍ଷ' ଓଡ଼ିଶା ସହିତ ପୂର୍ବଭାରତର ଅନେକ ଅଂଶରେ ପଡ଼ିଥିଲା, ସେଥିରେ ଓଡ଼ିଶାର ଏକ ତୃତୀୟାଂଶ ଜନସଂଖ୍ୟା ଖାଇବାକୁ ନପାଇ ଭୋକ ବିକଳରେ ପ୍ରାଣ ହରାଇଥିଲେ ।

ପ୍ରତାପଗଡ଼ର ଅର୍ଦ୍ଧାଧିକ ପ୍ରଜା ଏହି ଦୁର୍ଭିକ୍ଷରେ ପ୍ରାଣ ହରାଇଥିଲେ । ଗଛରେ ପତ୍ର ରହିଲା ନାହିଁ, ଭୋକ ବିକଳରେ ଗଛରୁ ପତ୍ର ଛିଣ୍ଡାଇ କଞ୍ଚା ଚୋବାଇ ଖାଇଗଲେ ବୁଭୁକ୍ଷୁ ପ୍ରଜା । ଏଭଳି କି ନିମପତ୍ର ସାହାଡ଼ା ପତ୍ର ମଧ୍ୟ ବାକି ରହିଲା ନାହିଁ । ଗଛରେ କୁଆ, କୁମ୍ଭାଟୁଆ, ମାଟିରେ କୁକୁର ବିଲେଇ,ମୂଷା, ସାପମାନଙ୍କୁ ମଧ୍ୟ ଭୋକ ବିକଳରେ ଖାଇଗଲେ ବୁଭୁକ୍ଷୁ ଜନତା । ରାସ୍ତାଘାଟରେ ସବୁଆଡ଼େ ଶୁଣାଯାଉଥିଲା କଙ୍କାଳର ଆର୍ତ୍ତନାଦ ଏବଂ ହା' ଅନ୍ନ ଚିତ୍କାର ।

ଲୋକଙ୍କ ପାଇଁ ନାଁ ଜମିଦାର କିଛି କଲେ ନା ବ୍ରିଟିଶ ସରକାର । ଦେଶରେ ଏଭଳି ଅବସ୍ଥା ଥିଲେ ମଧ୍ୟ ବ୍ରିଟେନ୍‌କୁ ଚାଉଳ ରପ୍ତାନି ଅବ୍ୟାହତ ରଖିଥିଲେ ଗୋରା ସରକାର । ସେତେବେଳେ 'ଦାଦାଭାଇ ନାରୋଜି' ଏସବୁ ଦେଖି କ୍ରୋଧରେ ବ୍ରିଟିଶ ସରକାରଙ୍କୁ ପ୍ରଶ୍ନ କରିଥିଲେ... ଅମଣିଷ ଗୋରା ଶାସକ, ଭାରତୀୟମାନଙ୍କ ପେଟରେ ଲାତ ମାରି ନିଜର ତିଜୋରୀ କେତେଦିନ ଏଭଳି ପୂର୍ଣ୍ଣ କରି ଚାଲିଥିବ !

ନାରୋଜୀଙ୍କ ସମାଲୋଚନାର କିଛି ପ୍ରଭାବ ହୁଏତ ପଡ଼ିଲା ଏବଂ ବ୍ରିଟିଶ ପାର୍ଲିଆମେଣ୍ଟରେ ତାର ଗୁଞ୍ଜନ ଶୁଣାଗଲା । ସରକାର କିଛି ଚାଉଳ ପଠାଇବା ବ୍ୟବସ୍ଥା

Source: Author, Digitized by PPRACHIN, SOA

କଲେ । କିନ୍ତୁ ରାସ୍ତାଘାଟ ନଥିବାରୁ ରିଲିଫ ଠିକ୍ ସମୟରେ ବିଭିନ୍ନ ସ୍ଥାନରେ ପହଞ୍ଚି ପାରିଲା ନାହିଁ । ସେତେବେଳକୁ ପୂର୍ବ ଭାରତର ଏକ ତୃତୀୟାଂଶ ବୁଭୁକ୍ଷୁ ମାଟି କାମୁଡି ସାରିଲେଣି । ପ୍ରତାପଗଡ଼ରେ ଯାହାକିଛି ରିଲିଫ ପହଞ୍ଚିଲା ତାକୁ ଜମିଦାର ଏବଂ ତାଙ୍କ ପାଖ ଲୋକ ବାଣ୍ଟି ନେଲେ । ବିଚରା ପ୍ରଜା ଯେଉଁ ତିମିରେ ସେହି ତିମିରେ ।

ପରବର୍ଷ ଭଲ ବର୍ଷା ହେବାପରେ, ନୂଆ ଫସଲ ଯୋଗୁଁ ଅବଶିଷ୍ଟ ପ୍ରଜା ବଞ୍ଚିଗଲେ । କିନ୍ତୁ ସେମାନଙ୍କ ଭିତରୁ ଅଧିକାଂଶ ହଇଜା ମହାମାରୀରେ ପ୍ରାଣ ହରାଇଲେ ।

ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ବିଭିନ୍ନ ରୋଗରେ ଲୋକମାନେ ପ୍ରାଣ ହରାଇଲେ । ତା'ର ମୁକାବିଲା କରିବାକୁ ପ୍ରତାପଗଡ଼ରେ ସ୍ୱାସ୍ଥ୍ୟ ସେବାର ସେଭଳି କିଛି ବ୍ୟବସ୍ଥା ନଥିଲା । ଲୋକଦେଖାଣିଆକୁ ଯେଉଁ ଡ଼ାକ୍ତରଖାନାଟି ଥିଲା ତାହା ଅଧିକାଂଶ ସମୟ ବନ୍ଦ ରହୁଥିଲା । ଗୋରା ସରକାରଙ୍କ ଦ୍ୱାରା ନିୟୋଜିତ ଡାକ୍ତର ସବୁବେଳେ ଜମିଦାରଙ୍କ ରାଜବାଟିରେ ଅନ୍ତେବାସୀଙ୍କ ସେବାରେ ବ୍ୟସ୍ତ ଥିଲେ । ବିଦେଶୀ ସରକାରଙ୍କର ଦୟାରୁ ଯାହା କିଛି ଔଷଧପତ୍ର ଆସୁଥିଲା ତାହା ଜମିଦାରଙ୍କ ସେବାରେ ଲାଗୁଥିଲା ।

ଚିକିତ୍ସା ଅଭାବରୁ ଲୋକମାନଙ୍କୁ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରୁଥିଲା । ଅପରିଷ୍କାର କୂଅ, ପୋଖରୀ ପାଣି ପିଇ ଅଧିକାଂଶ ହଇଜା ରୋଗରେ ଆକ୍ରାନ୍ତ ହେଉଥିଲେ ଏବଂ ବାଡି(ହଇଜା) ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବାପାଇଁ ପଣା ପାଣି ଦେଉଥିଲେ । ଥରେ ହଇଜା ବ୍ୟାପିଲେ ଗୋଟିଏ ଗୋଟିଏ ଗାଁରୁ ଅର୍ଦ୍ଧାଧିକ ଲୋକେ ନିଶ୍ଚିହ୍ନ ହୋଇଯାଉଥିଲେ । ସନ୍ଧ୍ୟା ବେଳୁ ତାଟି କବାଟ ପଡିଯାଉଥିଲା । ଔଷଧ ନଥିବାରୁ ପଣା ପାଣି, ଗୁଣି ଗାରେଡ଼ିର ଆଶ୍ରୟ ନେଉଥିଲେ ଜନସାଧାରଣ ।

କୁସଂସ୍କାର ଲୋକମାନଙ୍କର ରକ୍ତରେ ମିଶି ରହିଥିଲା । ଏଥିପାଇଁ ସେମାନଙ୍କୁ ଦୋଷ ଦିଆଯାଇ ପାରିବ ନାହିଁ । ଶିକ୍ଷା କୁସଂସ୍କାର ଦୂର କରିବାରେ ସାହାଯ୍ୟ କରେ । କିନ୍ତୁ ପ୍ରତାପଗଡ଼ରେ ଶିକ୍ଷାର ଆଲୋକ ପଡ଼ିନଥିଲା । ଜମିଦାର ରାଜାଙ୍କର ଭୟ ଲୋକମାନେ ଶିକ୍ଷିତ ହେଲେ ବାହାରେ ଘଟୁଥିବା ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେବେ ଏବଂ ରାଜାଙ୍କ ବିରୋଧରେ ଜନମତ ସୃଷ୍ଟି କରିବେ ।

ତୁମେ ବିଶ୍ୱାସ କରିବ ନାହିଁ ବିଜୟ, ଦେଶ ସ୍ୱାଧୀନ ହେବାର ପାଞ୍ଚବର୍ଷ ପୂର୍ବରୁ ମଧ୍ୟ ପ୍ରତାପଗଡ଼ରେ ହାଇସ୍କୁଲଟିଏ ନଥିଲା । ଯେଉଁ କେତୋଟି ପ୍ରାଇମେରୀ ସ୍କୁଲ ଥିଲା, ସେଗୁଡିକ ବନ୍ଦ କରିଦେବା ପାଇଁ ମସୁଧା ଚାଲିଥିଲା । ତତ୍କାଳୀନ ଜମିଦାର ରାଜା ଶିକ୍ଷା ପରିଦର୍ଶକଙ୍କ ସହିତ ଏ ବିଷୟରେ ଆଲୋଚନା ଜାରି ରଖିଥିଲେ । ଯୋଗକୁ ଦେଶ ସ୍ୱାଧୀନ ହୋଇଗଲା । ତେଣୁ ସେ ସଫଳ ହୋଇପାରିଲେ ନାହିଁ ।

Source: Author, Digitized by PPRACHIN, SOA

ବିଡମ୍ବନା ଦେଖ ବିଜୟ, ଓଡ଼ିଶାରେ ଯେଉଁ ଜମିଦାର ରାଜାମାନେ ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରଜା ଆନ୍ଦୋଳନକୁ ଦମନ କରି ଦେଶରେ ସ୍ୱାଧୀନତା ବିରୋଧରେ କାମ କରୁଥିଲେ ସେମାନଙ୍କ ମଧ୍ୟରୁ ଅନେକ ସ୍ୱାଧୀନ ଭାରତରେ ଜନପ୍ରତିନିଧି ହୋଇ ବିଧାନ ସଭାକୁ ନିର୍ବାଚିତ ହୋଇଗଲେ । କି ଉଦାର ସତେ ଆମ ଜନସାଧାରଣ ! ଯେଉଁ ଦେଶରେ ମାତ୍ର ଦୁଇଶହ ଟଙ୍କାରେ ଏମ୍‌ଏଲ୍‌ଏ ନିର୍ବାଚନ ସମୟରେ ଭୋଟ ବିକ୍ରି ହୁଏ , ସେଠାରେ କେଉଁ ନିକିତିରେ ଗଣତନ୍ତ୍ରର ଓଜନ ତଉଲିବା !

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୪

ସମିତା ତା' ରାଜବଂଶର ଅପକୀର୍ତ୍ତିର ଚିଠା ଗୋଟି ଗୋଟି କରି ମୋ ଆଗରେ ଖୋଲି ଚାଲିଥିଲା । ମନେ ହେଉଥିଲା ସେ ନିଜ ବଂଶଧରମାନଙ୍କ ଅପକୀର୍ତ୍ତି କଥା କହୁ ନଥିଲା; ପ୍ରାକ୍ ସ୍ୱାଧୀନ ଭାରତରେ ରାଜୁଡ଼ା ଶାସନର ଭୟାବହ ଅତ୍ୟାଚାର ଓ ଶୋଷଣର, ଲୋକଲୋଚନ ଅନ୍ତରାଳରେ ରହିଥିବା କାହାଣୀର ବର୍ଣ୍ଣନା ହିଁ କରୁଥିଲା...

ପ୍ରତାପଗଡ଼ର ଛୋଟିଆ ଜମିଦାରୀର ଦାୟିତ୍ୱରେ ଥାଇ ନିଜକୁ ବିଶ୍ୱବିଜେତା ସିକନ୍ଦର ବୋଲି ବିବେଚନା କରୁଥିଲେ ଜମିଦାର । ସେ ଯଦି ଜୁନାଗଡ, ଭରତପୁର୍ ବା ମେବାର୍ ଭଳି ରାଜ୍ୟର ରାଜା ହୋଇଥାନ୍ତେ ତାହେଲେ କ'ଣ ନକରୁ ଥାନ୍ତେ ସେ !!

ଜମିଜମାରୁ କର ଆଦାୟ ନାମରେ, ଗୁମାସ୍ତା, କଟୁଆଳ ଏବଂ ଦଣ୍ଡୁଆସି ନାମକ ରାଜକର୍ମଚାରୀଙ୍କ ଜରିଆରେ ଭୟଙ୍କର ଅତ୍ୟାଚାର କରୁଥିଲେ ଜମିଦାର । ଜମି ବାଲିଚର ହେଲେ ମଧ୍ୟ କର ଆଦାୟ କରାଯାଉଥିଲା, ଦେଇ ନପାରିଲେ ଅକଥନୀୟ ଅତ୍ୟାଚାର ହେଉଥିଲା । କାଶତଣ୍ଡୀ ଉଠିଥିଲେ ତାକୁ ଆଖୁଚାଷ ନାମ ଦେଇ କର ଅସୁଲ ହେଉଥିଲା । ନଦେଲେ ଘର କୋରଖ କରିବା ଏବଂ ଜମି ନିଲାମ କରିବା ସାଧାରଣ କଥା ଥିଲା ।

ଘର କୋରଖି ସମୟରେ କଂସା ବାସନ, ଏବଂ ଛେଳି ମେଣ୍ଢା ଇତ୍ୟାଦି ତ ରାଜ କର୍ମଚାରୀ ଉଠାଇ ନେଉ ଥିଲେ, ତା ସଙ୍ଗେ ସଙ୍ଗେ ଘରୁ ବଢ଼ିଲା ଝିଅ ବୋହୂଙ୍କୁ ମଧ୍ୟ

Source: Author, Digitized by PPRACHIN, SOA

ରାଜାଙ୍କ ଯୌନପିପାସ ମେଣ୍ଟାଇବା ପାଇଁ ଉଠାଇ ନେଉଥିଲେ । ଯାହାଘରେ ଢ଼ିଙ୍କି,ଚ଼କି ବା ପରିବା କାଟିବା ପନିକି ମଧ୍ୟ ନଥିଲା ଏବଂ କବାଟ ନଥିବା ଯୋଗୁଁ ଯେ ହାଣ୍ଡିଶାଳର ପଖାଳ-ଭାତହାଣ୍ଡି, କୁକୁର ବିରାଡି ଖାଇଯିବା ଡରରେ ଶିକାରେ ଓହଳାଇ ରଖେ ସେଭଳି ଗରିବ ମଧ୍ୟ କର ଦାଉରୁ ରକ୍ଷା ପାଉ ନଥିଲା ।

କେବଳ ଚ଼ାଷ ପାଇଁ ନୁହେଁ, ବିଭିନ୍ନ ପ୍ରକାରର କର ଯଥା ବଣ କର, ସୁନିଆ କର, ଖାରପୋଡା କର, ପାଠପଢା କର, ଗୋଚ଼ର କର, ପାଲଗଦା କର ଇତ୍ୟାଦି ପ୍ରଜାମାନଙ୍କ ଉପରେ ଠୁଙ୍କି ଦିଆ ଯାଉଥିଲା । କର ଦାଖଲ କରି ନପାରିଲେ କାନ ମୋଡ଼ା, ବିଧା ଚ଼ାପୁଡା ଠାରୁ ଆରମ୍ଭକରି, ଖଇଫୁଟା ମୁଣ୍ଡଫଟା ଖରାରେ ଉଠାବସା କରାଇବା, ମୁଣ୍ଡ ଲଣ୍ଡା କରି ସାତବେଣ୍ଟିଆ କରିବା, ଖିଲାଫ କରିଥିବା ଲୋକର ଦୁଆରେ ଖପରାଖୁଣ୍ଟି ପୋତିବା ଇତ୍ୟାଦି ଅମାନୁଷିକ ଦଣ୍ଡ ଜମିଦାର ରାଜା ଦେଉଥିଲେ । ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ଯଦି କେହି ଟିକିଏ ସୁଖରେ ରହିବାକୁ ଚେଷ୍ଟା କରୁଥିଲା, ତାହା ରାଜାଙ୍କ ଆଖିରେ ଯାଉ ନଥିଲା । ସମୟ ଦେଖି ତା' ଉପରେ ଦାଉ ସାଧୁଥିଲେ ସେ ।

ପିଆଦା, ଚ଼ପରାସୀଙ୍କ ଦ୍ୱାରା ଗର୍ଭିଣୀ ସ୍ତ୍ରୀ ପେଟକୁ ଲାତ ମାରିବା, ବାପ ଆଗରେ ଝିଅକୁ ବେଇଜ୍ଜତ କରିବା, ସ୍ୱାମୀ ଆଗରେ ସ୍ତ୍ରୀକୁ ଉଲଗ୍ନ କରିବା ଇତ୍ୟାଦି ଅମାନୁଷିକ କାଣ୍ଡ ଦେଖିଲେ ଯେ କୌଣସି ବ୍ୟକ୍ତିର ରକ୍ତ ତାତି ଯିବ ବିଜୟ । କିନ୍ତୁ ନିରୀହ ପ୍ରଜା କରିବେ ବା କ'ଣ ! ଯେଉଁ ।ନେ ରାଜାଙ୍କ ବିରୋଧରେ ସ୍ୱର ଟୋଳୁଥିଲେ ସେମାନଙ୍କୁ ରାଜଦ୍ରୋହୀ ଭାବରେ ନାମିତ କରି ଅତି ଅପମାନଜନକ ଦଣ୍ଡ ଦିଆ ଯାଉଥିଲା । ସେମାନଙ୍କ ପିଠିରେ ତାତିଲା ଲୁହା ରଡ୍‌ରେ 'ନିମକ ହାରାମ' ବୋଲି, ରାଜ କର୍ମଚ଼ାରୀଙ୍କ ଦ୍ୱାରା ଲେଖାଯାଉଥିଲା ।

ଭୟରେ ଗରିବ ଚ଼ାଷୀ ଲୁଚ଼ି ଲୁଚ଼ି ଭିଟାମାଟି ଛାଡ଼ି କଲିକତା କାଳିମାଟି ଚ଼ାଲି ଯାଉଥିଲେ ଜୀବନ ବଞ୍ଚାଇବା ପାଇଁ ତଥା ପେଟ ପାଟଣା ପାଇଁ ।

ଅଦମ୍ୟ ଯୌନ ପିପାସା କିଛି ଜମିଦାରଙ୍କର ଥିଲା । କଲିକତା, ବନାରସ ଇତ୍ୟାଦି ସ୍ଥାନମାନଙ୍କରୁ ବାଈମାନଙ୍କୁ 'ଅଣାଇ ପ୍ରାସାଦ ଭିତରେ ସାଙ୍ଗସାଥୀଙ୍କ ମେଳରେ ଉଲଗ୍ନ ନାଚ଼ଗୀତର ଆସର ଜମଉଥିଲେ ଏହି ତଥାକଥିତ ରାଜାମାନେ । ତିନି, ଚ଼ାରି ଜଣ ରାଣୀ ଥାଇ ମଧ୍ୟ ଗୋରୀ ଚ଼ମଡା ବାଲୀ ବିଦେଶୀ ମହିଳାମାନଙ୍କୁ ମହଲକୁ ଅଣାଇ ଯୌନପିପାସ ମେଣ୍ଟାଉଥିଲେ ସେମାନେ । ନିଜ ରାଜ୍ୟର ଅନେକ ସୁନ୍ଦରୀ ନବଯୌବନା କୁମାରୀଙ୍କୁ ଝିଅ କରି ଉଆସ ଭିତରେ ରଖନ୍ତି ଏହି ତଥାକଥିତ ରାଜାମାନେ । ଯୌନଲାଳସା ଚ଼ରିତାର୍ଥ ହେଲାପରେ ବର ଯୋଗାଡ଼ କରି ବାହାଘର କରାଇ ଦିଅନ୍ତି ସେମାନଙ୍କର । ନିର୍ଲଜ ନୂଆ

Source: Author, Digitized by PPRACHIN, SOA

ଜୋଇଁମାନେ 'ରାଜାଙ୍କ ଜୋଇଁ' କହି ମୁହଁ ଉପରକୁ କରି ବୁଲନ୍ତି । ଆଗରେ ନହେଲେ ମଧ୍ୟ, ଏହି ଚନ୍ଦ୍ରସେଣାମାନଙ୍କୁ ଦେଖି, ନାକରେ କାଠି ପୁରାଇ, ପଛରେ ହସୁଥାନ୍ତି ରାଜ୍ୟର ଲୋକମାନେ ।

ପ୍ରତାପଗଡ଼ର ଅତ୍ୟାଚାରର କାହାଣୀ କହି ବସିଲେ ତ ଏକ ବିରାଟ ମାଦଳା ପାଞ୍ଜି ହେବ ବିଜୟ । ସେ ଲୁହ ଓ ଲହୁର କାହାଣୀ ଶୁଣିଲେ ପଥର ମଧ୍ୟ ତରଳିଯିବ । ମଣିଷ ପୁଣି ମଣିଷ ପ୍ରତି ଏତେ ନିର୍ଦ୍ଦୟ ହୋଇପାରେ !! ଆରେ କି ରାଜା ମ ତମେ ,କି ରାଜୁଡା ତୁମର!! ବ୍ରିଟିଶ ସରକାରଙ୍କ ପାଦଚଟା କୁକୁର, ଉପରକୁ ଗଲାପରେ କି କୈଫିୟତ ତୁମେ ଦେଇଥିବ ଭଗବାନଙ୍କ ଦରବାରରେ !! ମୁଁ ଭାବେ ବିଜୟ, ସେମାନଙ୍କୁ ନିଶ୍ଚୟ ନର୍ଦ୍ଦମାର ଲାଙ୍ଗୁଡା ପୋକ ଭାବରେ ନୂଆଜନ୍ମ ମିଳିଥିବ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୫

ପ୍ରତାପଗଡ଼ ରାଜବଂଶର ଅପକୀର୍ତ୍ତିର କାହାଣୀ ସମିତା ଠାରୁ ଶୁଣିବା ପରେ ମୁଁ କହିଲି...ସମିତା, ସ୍ୱାଧୀନତା ପୂର୍ବରୁ ସବୁ ଗଡ଼ଜାତ ରାଜାମାନେ ଯେ ଏପରି ଅତ୍ୟାଚାରୀ ଥିଲେ ତା' ନୁହେଁ । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଏବଂ ପାରଳାଖେମୁଣ୍ଡିର ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଭଳି ମହାପୁରୁଷମାନେ ମଧ୍ୟ ରାଜବଂଶଜ ଥିଲେ ।

ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେମାନଙ୍କର ଦାନ ଅତୁଳନୀୟ । ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ ପାଇଁ ଗଠିତ କମିଟିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜଣେ ସଦସ୍ୟ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାପରେ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ ।

ସେହିପରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ମୟୂରଭଞ୍ଜ ଏବଂ ଓଡ଼ିଶାର ଉନ୍ନତି ପାଇଁ ଦାନ ଅତୁଳନୀୟ । ଦୁର୍ଭାଗ୍ୟବଶତଃ ମହାରାଜା ରାମଚନ୍ଦ୍ର ଭଞ୍ଜ ମାତ୍ର ୪୨ବର୍ଷ ବୟସରେ ପ୍ରାଣତ୍ୟାଗ କଲେ । ନହେଲେ ଓଡ଼ିଶାର ଉନ୍ନତି ପାଇଁ ଆହୁରି ବହୁତ କିଛି କରିଯାଇଥାନ୍ତେ ସେ ।

ମୋ କଥା ଶୁଣି ସମିତା କହିଲା... ଠିକ୍ କଥା ବିଜୟ । ସମସ୍ତେ ସମାନ ନୁହନ୍ତି, ହାତର ପାଞ୍ଚ ଆଙ୍ଗୁଳି କଣ ସମାନ ? ସବୁ ଯୁଗରେ ଗୌତମଙ୍କ ସହିତ ଦେବଦତ୍ତ ମଧ୍ୟ ରହିଥାନ୍ତି ।

Source: Author, Digitized by PPRACHIN, SOA

ଯୁଗ ବଦଳିଛି । ପ୍ରାକ୍-ସ୍ୱାଧୀନ ପ୍ରତାପଗଡ଼ର ପୂର୍ବତନ ଜମିଦାର ରାୟ ବାହାଦୂର ବ୍ରଜେନ୍ଦ୍ର ସିଂହଙ୍କ ଏକମାତ୍ର ନାତୁଣୀ ସମିତାର ମନ ଆଜି ବିପ୍ଳବ କରିଉଠିଛି ନିଜ ବଂଶର ଅତ୍ୟାଚାରୀ ପୂର୍ବପୁରୁଷ ମାନଙ୍କ ବିରୋଧରେ । ସମିତା ଆଜି ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଚାହୁଁଛି । ଯେଉଁ ବ୍ରଜେନ୍ଦ୍ର ସିଂହଙ୍କ ନାଁ ଶୁଣିଲେ ବାଘ ବାଟ ଭାଙ୍ଗି ଚାଲିଯାଏ, ଗର୍ଭିଣୀ ଗାଇ ବାଟ ଛାଡିଦିଏ, ଯାହାଙ୍କର ଗୋଇଠା ମାଡ଼ରେ କେତେ ପ୍ରଜାଙ୍କର ମେରୁ ହାଡ଼ ଭାଙ୍ଗି ଚୁନା ହୋଇଯାଇଛି, ତାଙ୍କର ପାଦତଳର ପ୍ରଜାମାନଙ୍କୁ ମୁଣ୍ଡରେ ବସାଇ ତାଙ୍କ ନାତୁଣୀ ସମିତା ଆଜି ଦୁନିଆଁ ଦାଣ୍ଡରେ ବୁଲିବା ପାଇଁ ବାହାରିଛି ।

ରାୟବାହାଦୁରଙ୍କ ଦିବଙ୍ଗତ ଆତ୍ମା ଆଜି ଉପରେ ଥାଇ ନାତୁଣୀର ଏହି କାମକୁ କେତେଦୂର ପସନ୍ଦ କରିବ ସେନେଇ ବିବ୍ରତ ନୁହେଁ ସମିତା । ମୃତ୍ୟୁ ଶେଯରେ ମଧ୍ୟ ଯମ ଟାଣୁଥିବା ସମୟରେ ଅହମିକାର ଖୁଣ୍ଟକୁ ଜାବୁଡିଧରି ବ୍ରଜେନ୍ଦ୍ର ସିଂହ ଚିତ୍କାର କରୁଥିଲେ....ସମିତା, ସମୟ ଯେତେ ପରିବର୍ତ୍ତନ ହେଲେ ମଧ୍ୟ ମନେ ରଖିଥିବୁ, ତୋର ଜନ୍ମ ରାଜବଂଶରେ । ବଂଶ ମର୍ଯ୍ୟାଦାକୁ ବଳିଦେଇ କେବେ ହେଲେ ଏ ନିମକହାରାମ ପ୍ରଜାମାନଙ୍କୁ ମୁଣ୍ଡରେ ବସାଇବୁ ନାହିଁ ।

ଏଭଳି ଚିତ୍କାର କରୁ କରୁ ତାଙ୍କ ପ୍ରାଣବାୟୁ ଚାଲିଯାଇଥିଲା ଏବଂ ତା ସଙ୍ଗେ ସଙ୍ଗେ ସମିତା ମଧ୍ୟ ତାଙ୍କ ମଧ୍ୟଯୁଗୀୟ ଚିନ୍ତାଧାରା ଓ ଉପଦେଶକୁ 'ଫୁ' କରି ପବନରେ ଉଡ଼ାଇ ଦେଇଥିଲା ।

ବ୍ରଜେନ୍ଦ୍ର ସିଂହ ଜାଣିଥିଲେ ଦେଶ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ତାଙ୍କର ଶିଲିଙ୍ଗ୍ ବହିର୍ଭୂତ ବିଶାଳ ସ୍ଥାବର ସମ୍ପତ୍ତି ପ୍ରଜାମାନଙ୍କ ହାତକୁ ଚାଲିଯିବ । ସେଥିପାଇଁ ସେ ନିଜ ବଂଶବୃକ୍ଷର ଅତଳ ତଳ ଚେର ଖୋଳି ସେମାନଙ୍କ ମଧ୍ୟରେ ସ୍ଥାବର ସମ୍ପତ୍ତି ବାଣ୍ଟି ଦେଇଥିଲେ । ସମିତା ଭାଗରେ ଯେଉଁ ବିଶାଳ ରାଜବାଟି ଏବଂ ଶହ ଶହ ଏକର ଜମି ପଡ଼ିଥିଲା, ଆଜି ତାହା ସେ ପ୍ରଜାମାନଙ୍କ ହିତ ପାଇଁ ଉପଯୋଗ କରିବାକୁ ଚାହେଁ । ରାଜବାଟିର ଗୋଟିଏ ଅଂଶ ସେ କଲେଜଟିଏ ପ୍ରତିଷ୍ଠା କରିବାପାଇଁ ଦାନ କରିଦେବା ପାଇଁ ମନସ୍ଥ କରିଥିଲା । ଗରିବ ଭୂମିହୀନ ଆଦିବାସୀମାନଙ୍କ ମଧ୍ୟରେ ତା'ଭାଗରେ ପଡ଼ିଥିବା ଜମି ସବୁ ବାଣ୍ଟି ଦେବାପାଇଁ ଚାହୁଁ ଥିଲା ରାଜକନ୍ୟା ।

ଇତିହାସର କିଛି କଥା ମନେ ପଡ଼ିଲା ମୋର । ଫ୍ରାନ୍ସର ତୃତୀୟ ନେପୋଲିୟନ ପ୍ରଜାମାନଙ୍କ ସହିତ ଏପରି ମିଶି ଯାଇଥିଲେ ଯେ ତାଙ୍କୁ ପ୍ରଜାମାନେ ବ୍ୟାରିକେଡ କିଙ୍ଗ ନାମରେ ନାମିତ କରିଥିଲେ । ଆଜି ସମିତା ନାମ୍ନୀ ଏହି ବ୍ୟାରିକେଡ଼ କୁଇନକୁ ବିମୁଗ୍ଧ ଆଖିରେ ଚାହିଁରହିଥିଲି । ତାର ରୂପ ଆଉ ଗୁଣରେ ମୁଗ୍ଧ ମୋ ମନଭିତରୁ ଝଙ୍କାର ଶୁଣି

Source: Author, Digitized by PPRACHIN, SOA

ପାରୁଥିଲି ମୁଁ, ମୋ ପ୍ରିୟା ଠାରୁ କିଏ ଅଧିକ ଗୁଣର, ମୋ ପ୍ରିୟା ଠାରୁ କିଏ ଅଧିକ ସୁନ୍ଦର !

ମେଘମାଳା,

ଏହି ଆଦର୍ଶବାଦୀ ଦୃଢ଼ ବ୍ୟକ୍ତିତ୍ୱର ଝିଅଟି ପାଖରେ ସେଦିନ ମୁଣ୍ଡ ମୋର ଆପେ ଆପେ ନଇଁ ଯାଇଥିଲା । ମୋର ଅଜାଣତରେ କେତେବେଳେ ମୋର ହୃଦୟ ତନ୍ତ୍ରୀରେ ପ୍ରୀତିର ମଧୁଝଙ୍କାର ତୋଳିଥିଲା ତାର ସାନ୍ନିଧ, ମୁଁ ନିଜେ ମଧ ଜାଣି ପାରିନଥିଲି ।

ବିଶ୍ୱବିଦ୍ୟାଳୟରେ ଚ଼ାରୋଟି ବର୍ଷ ମୋର ସମିତାର ସାନ୍ନିଧରେ ମଧୁମୟ ହୋଇ ଉଠିଲା । ସୁସମାର ମଧୁଚ଼କ୍ର ମୋର ମାନସୀ ମୋର ମନର ଦୁର୍ବଳ ପୁରୁଷଟିକୁ ଠିକ୍ ସମୟରେ ଚ଼ିହ୍ନି ପାରିଥିଲା । କିଛି କହିନଥିଲା ସେ । କିନ୍ତୁ ସେ ନକହିବା ଭିତରେ ତା'ର ଆଖି ଅନେକ କଥା କହିଯାଏ । ମୁଁ ଅନ୍ୟ କିଛି ଚ଼ାହୁଁ ନଥିଲି ତା'ଠାରୁ । ତାର ସାନ୍ନିଧ ହିଁ ମତେ ଦେଉଥିଲା ଅଫୁରନ୍ତ ଆନନ୍ଦ । ସେହି ସାନ୍ନିଧ ଦେବାରେ କଦାପି କୃପଣତା କରୁନଥିଲା ସମିତା । ବରଂ ମୋର ମନେହେଲା ମତେ କିଛି ମୁହୂର୍ତ୍ତ ନଦେଖିଲେ ପାଗଳୀ ପରି ହୋଇଯାଉଥିଲା ସମିତା.....

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୬

ବିଜୟର ଡାଏରୀ ପଢୁ ପଢୁ ମେଘମାଳା ଆଖିରେ ଆଖିଏ ଲୁହ ଭରିଯାଇଥିଲା । ସେ ଥିଲା ଅଭିମାନଭରା ଲୁହ । ସମିତା ପ୍ରତି ବିଜୟର ଦୁର୍ବଳତା କଥା ଡାଏରୀରୁ ପଢି ମେଘମାଳା ଆଖିରୁ ଠପ୍ ଠପ୍ ବହିଗଲା ସେ ଲୁହ । ଭିଜାଇଦେଲା ଡାଏରୀର ପୃଷ୍ଠା । ଭାବିଲା.. କେମିତି ମତେ ଭୁଲିଯାଇ ସମିତାକୁ ଭଲ ପାଇ ବସିଲେ ବିଜୟ ? କାହିଁକି ମୋ ମନ କଥା ବୁଝି ପାରିଲେନି ? ପାଟି ଖୋଲି ମୁଁ କଣ କହିଥାନ୍ତି ଯେ ତାଙ୍କୁ ମୁଁ ପ୍ରାଣରୁ ବଳି ଭଲପାଉଥିଲି ? ତାଙ୍କ ବୋଉ ତ ତାଙ୍କୁ ଅନେକ ଥର କହିଛନ୍ତି...ମାଳାକୁ ମୁଁ ଏ ଘରକୁ ବୋହୂ କରି ଆଣିବି; ତଥାପି କାହିଁକି ଭୁଲିଗଲେ ମତେ ବିଜୟ ! ! ମୁଁ କଣ ଏତେ ଖରାପ ?

ଲୁହ ପୋଛି ଆଇନାରେ ନିଜ ମୁହଁକୁ ଚାହିଁଲା ମେଘମାଳା...ମୁକ୍ତ କବରୀରେ ଢାଙ୍କି ହୋଇଥିବା ନିଷ୍କଳଙ୍କ ଚନ୍ଦ୍ରମାକୁ ପଚାରିଲା ମେଘମାଳା...କେତେ ଗର୍ବ କରୁଥିଲୁ ତତେ ପ୍ରଶଂସା କଲାବେଳେ ! ଏବେ ହେଲା ? ତତେ ପଚାରିଲେନି, ତୋଠୁ ସମିତା ନିଶ୍ଚୟ ସୁନ୍ଦର, ନହେଲେ କେମିତି ତତେ ଛାଡ଼ି ତାକୁ ଭଲପାଇ ବସିଲେ ?

ଆଇନା ଭିତରେ ଥିବା ପ୍ରତିବିମ୍ବ କ'ଣ ବା ଉତ୍ତର ଦିଅନ୍ତା ମେଘମାଳାର ପ୍ରଶ୍ନର ? ଆଇନା କ'ଣ କଥା କହେ ?

ଅବାରିତ ବାରିଧାରାରେ ଭିଜିଯାଇଛି ମେଘମାଳାର ବକ୍ଷ ଯୁଗଳ । ବାହାରେ ଶୁଣାଯାଉଛି ବିଜୁଳି ଘଡ଼ଘଡ଼ି । ଅଦିନ ବର୍ଷାଟା କୁଆଡେ ଥିଲା କେଜାଣି, ଆସି ଅଜାଡିଦେଲା । ଡାଏରୀ ଉପରେ ମୁହଁ ରଖି ମେଘମାଳା ଶୋଇଯାଇଛି ।

ଦିନ ଗୋଟାଏ ବାଜିଲାଣି । ବିଜୟର ବୋଉ ପଶିଆସିଲେ ଘର ଭିତରକୁ । ନିଜକୁ ପ୍ରକୃତିସ୍ଥ କରିନେଲା ମେଘମାଳା । ଡାଏରୀ ବନ୍ଦ କରି ଥୋଇଦେଲା । ସେ ଚାହୁଁ ନଥଲା ବିଜୟର ବୋଉ ଏ ଘଟଣାବଳୀ ବିଷୟରେ କିଛି ଜାଣନ୍ତୁ । ଏହା ଜାଣିବାକୁ ପାଇଲେ

Source: Author, Digitized by PPRACHIN, SOA

ତାଙ୍କ ମନରେ ଆସିବ ଗଭୀର ଆଘାତ । ବିଜୟ ଉପରେ ମାନ ଅଭିମାନ, ରାଗ ରୋଷ କରି ନଖାଇ ନପିଇ କନ୍ଦା କଟା କରିବେ । ଉଚ୍ଚ ରକ୍ତଚାପ ଏବଂ ଡାୟାବେଟିସ ରୋଗୀ ସେ । କ'ଣ ନାଇଁ କଣ ହେବ ଠିକଣା ନାହିଁ ।

ନିଜ ଲୁହକୁ ନିଜେ ପିଇ ମୁହଁରେ ହସ ଫୁଟେଇ କହିଲା... ବହୁତ୍ ସମୟ ଶୋଇପଡ଼ିଲି ମାଉସୀ, ମତେ ଟିକେ ଉଠେଇ ଦେଲେନି ?

ବିଜୟ ବୋଉ ପଚାରିଲେ...ତୋ ଆଖି ଏମିତି ଫୁଲିଲା ଫୁଲିଲା ଦେଖାଯାଉଛି କାହିଁକି ମାଳା ? ଦେହ ଭଲ ଅଛିଟି ଧନ ?

ଏ ସ୍ନେହପୂର୍ଣ୍ଣ ସମ୍ବୋଧନରେ ମେଘମାଳାର ହୃଦୟ ଉଦ୍‌ବେଳିତ ହୋଇ ଉଠିଲା । ମନେ ହେଲା ସେ ଛାତିରୁ ଉଠୁଥିବା କୋହକୁ ଆଉ ସମ୍ଭାଳି ପାରିବ ନାହିଁ । ଲୁହର ବନ୍ୟାରେ ପୂର୍ଣ୍ଣ ନଈ ସତେ ଅବା ଉଛୁଳି ପଡ଼ିବ । ବହୁ କଷ୍ଟରେ ନିଜକୁ ସମ୍ଭାଳି ନେଲା ମେଘମାଳା । ଅଳ୍ପ ହସି କହିଲା... ନାଁ ମ ମାଉସୀ, ଶୋଇ ପଡ଼ିଥିଲି ତ, ସେଥିପାଇଁ ମୁହଁଟା ଫୁଲିଲା ଫୁଲିଲା ଦିଶୁଚି ।

ସ୍ନେହରେ ମାଳାର କାନମୋଡ଼ି ବିଜୟର ବୋଉ କହିଲେ...କେତେଥର ତତେ କହିବି ମାଉସୀ ନଡାକିବା ପାଇଁ...ବୋଉ ଡାକଟା ପାଟିରେ ପଶୁନି ? ବୋଉ ଡାକିଲେ ହିଁ ତୋ କାନ ଛାଡ଼ିବି, ନହେଲେ କାନଟା ମୋଡ଼ି ଛିଣ୍ଡେଇ ଦେବି । ଏହା କହି ମେଘମାଳାର କାନକୁ ଟିକିଏ ଜୋରରେ ମୋଡ଼ି ଦେଲେ ବିଜୟ ବୋଉ ।

'ଆଃ,କାଟୁଚି ବୋଉ, ପ୍ଲିଜ୍ ଛାଡ ।

ଜୋରରେ ହସିହସି ମାଳାକୁ କୋଳେଇ ନେଲେ ବିଜୟର ବୋଉ । କହିଲେ... ହଁ ଏଥର ହେଲା । ଆଉ କେବେ ମାଉସୀ ବୋଲି ଡାକିବୁ ତ ତୋର ଦିନେକୁ ମୋର ଦିନେ ।

ବୋଉଙ୍କ କୋଳରେ ମୁଣ୍ଡଗୁଞ୍ଜି ତାଙ୍କ କାନିରେ ଆଖି ପୋଛିଲା ମେଘମାଳା ।

ବିଜୟ ବୋଉ ପଚାରିଲେ...କଣ ହେଇଚି କିଲୋ ତୋର ? କହୁନୁ ।

ନିଜକୁ ସମ୍ଭାଳି ମାଳା କହିଲା... ନାଁ ମ ବୋଉ କିଛି ନାଇଁ ।

ବିଜୟ ବୋଉ କହିଲେ... ମୁଁ ଜାଣିଚି, ବିଜୟ ସକାଳୁ ପ୍ରତାପଗଡ଼ ଚାଲିଗଲା ତ, ସେଥିପାଇଁ ତୋ ମନ ଦୁଃଖ । ସେ ଶୀଘ୍ର ଚାଲି ଆସିବ, ମନ ଦୁଃଖ କରେନା । ମନ ଦୁଃଖ ଯୋଗୁଁ ତୁ ଆଜି ସ୍କୁଲ ଯାଇନୁ ବୋଧହୁଏ ।

ମାଳା କହିଲା... ନାଇଁ ବୋଉ ମୁଁ ଆଜି ସ୍କୁଲରୁ ହାଫ୍ ଛୁଟି ନେଇଛି ।

ବିଜୟ ବୋଉ କହିଲେ... ହଁ ସତକଥା, ପୂରା ଦିନ ଛୁଟି ନେଇ ତୁ କୋଉ ରହିପାରିବୁ ?

Source: Author, Digitized by PPRACHIN, SOA

ପ୍ରଧାନ ଗୁରୁମା ହିସାବରେ ତୋର କେତେ ଦାୟିତ୍ୱ । ତୋ ବାବା କହୁଥିଲେ ତୁ ଘଣ୍ଟାଏ ବି ସ୍କୁଲ୍‌କୁ ନଗଲେ ସ୍କୁଲରେ ଅଚଳ ଅବସ୍ଥା । କ'ଣ ଏମିତି କରୁଚୁ କିଲୋ ସେଠି ଯାହା ଅନ୍ୟ କେହି କରିପାରୁନାହାନ୍ତି ।

ମାଳା କହିଲା... କଥା କ'ଣ କି ବୋଉ, ମୋ ସ୍କୁଲରେ ତାଲିମ୍‌ପ୍ରାପ୍ତ ଶିକ୍ଷକ ନାହାନ୍ତି କହିଲେ ଚଳେ । ପିଲାଙ୍କୁ ପାଠ ପଢେଇବାଠାରୁ ଆରମ୍ଭ କରି ସେମାନଙ୍କ ନିୟମାନୁବର୍ତ୍ତିତା, ଖେଳକୁଦ, ଏବଂ ସ୍କୁଲର ଆକାଉଣ୍ଟିଙ୍ଗ୍ ଇତ୍ୟାଦି ସବୁ କାମ ମତେ କରିବାକୁ ପଡୁଛି । ଅବଶ୍ୟ ବାପା ମତେ ବହୁତ ସାହାଯ୍ୟ କରୁଛନ୍ତି ।

ବିଜୟ ବୋଉ କହିଲେ.. ହଁ ନକରିବେ କେମିତି, ତାଙ୍କ ସ୍ୱପ୍ନ ସାକାର କରିବା ପାଇଁ ତତେ ଶିକ୍ଷକ ତାଲିମ୍ ଦେଇଛନ୍ତି ସେ । ଗାଁ ପିଲାଙ୍କ ପାଇଁ ତୁମ ବାପ ଝିଅଙ୍କ ଅବଦାନ ଅବିସ୍ମରଣୀୟ । ତୁ ଯେମିତି ଭଲ ପାଠ ପଢୁଥିଲୁ ଚାହିଁଥିଲେ ତୁ କଲେଜରେ ଅଧ୍ୟାପନା କାମ କରିପାରିଥାନ୍ତୁ । କିନ୍ତୁ ଗାଁ ପିଲାଙ୍କ ପାଇଁ ଭଲ ପବ୍ଲିକ ସ୍କୁଲଟିଏ ନଥିବାରୁ ସବୁ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜକୁ ସମ୍ପୂର୍ଣ୍ଣ ଭାବେ ସ୍କୁଲ ପାଇଁ ନିୟୋଜିତ କରି ଦେଇଛୁ ତୁ ।

ଆଖପାଖ କୋଡ଼ିଏ ଖଣ୍ଡ ଗାଁ'ର ପିଲାମାନେ ଆଜି ଉଚ୍ଚଶିକ୍ଷା ପାଇ ଭଲ ଭଲ ଚାକିରି ପାଇବାର ସ୍ୱପ୍ନ ଦେଖୁଛନ୍ତି ।

ମେଘମାଳା କହିଲା... ମୁଁ ତାହାଲେ ଆଜି ଆସୁଚି ବୋଉ । ବାପାଙ୍କ ଖାଇବା ବେଳେ ହେଲାଣି । ଭାରି ଭୁଲାମନ ତାଙ୍କର । ପଢ଼ାପଢ଼ିରେ ବସିଥିଲେ ଖାଇବା ପିଇବା ଭୁଲିଯିବେ । ବେଳେ ବେଳେ ଭାତ ବାଢ଼ିସାରି ଡାକିଲେ ପଚାରିବେ... ମୁଁ କଣ ସତରେ ଖାଇନି ମାଳା ? ବୋଉ ବଞ୍ଚିଥିଲା ବେଳେ ତାଙ୍କୁ ଠିକ୍ ପାରୁଥିଲା ।

ଆଉ ଅପେକ୍ଷା ନକରି, ବିଜୟର ଡାଏରୀଟି ଧରି ଘରକୁ ଫେରିଲା ମେଘମାଳା ।

ମନ ଭିତରେ ଶତ ବୃଷ୍ଚିକର ଦଂଶନ । ବାରମ୍ବାର ମନେ ପଡୁଥାଏ ବିଜୟର ଡାଏରୀର ସେହି ପୃଷ୍ଠା, ଯେଉଁଠି ସେ ସମିତା ପ୍ରତି ତା'ର ଦୁର୍ବଳତାକୁ ଖୋଲାଖୋଲି ଉନ୍ମୁକ୍ତ କରିଦେଇଛି ।

ଆଉ ସେ ଡାଏରୀ ପଢି ମନକୁ ଅଧିକ ଭାରାକ୍ରାନ୍ତ କରିବାର ଅର୍ଥ କ'ଣ ଅଛି ?

ମେଘମାଳା ଠିକ୍ କଲା ଡାଏରୀଟି ନେଇ ବିଜୟ ରୁମ୍‌ରେ ରଖିଦେଇ ଆସିବ ।

ମନ ଭିତରୁ ତାର ଯେମିତି କିଏ କହୁଥିଲା... ନାଁ ମେଘମାଳା, ବିଜୟକୁ ତୁ ଏମିତି ଭୁଲିଗଲେ ଚଳିବନି । ଯେଉଁ ପ୍ରକାର ମାନସିକ ଅବସ୍ଥା ନେଇ ସେ ପ୍ରତାପଗଡ଼ ଚାଲି ଯାଇଛି, କ'ଣ ଯେ କରିବସିବ, କିଛି ଠିକ୍ ନାହିଁ ।

Source: Author, Digitized by PPRACHIN, SOA

ସମିତା ସହିତ ବିଜୟର ସମ୍ପର୍କ କିଭଳି ଅଛି ତାହା ଜାଣେନା ମେଘମାଳା । ବିଜୟ ସିନା ତା ମନକଥା ଲେଖିଛି ଡାଏରୀରେ, କିନ୍ତୁ ସମିତା ବିଜୟକୁ ଭଲପାଏ କି ନାହିଁ ସେ କଥା ସମ୍ପୂର୍ଣ୍ଣ ଡାଏରୀ ନପଢିଲେ ଜାଣିହେବ କିପରି ? ମାଳା ଭାବିଲା ଗାଁ ଛାଡ଼ିବା ଆଗରୁ ବିଜୟର ମାନସିକ ସ୍ଥିତି ଯେପରି ଥିଲା, ତାହା କହିଦେଉଥିଲା, ସବୁକିଛି ଠିକ୍ ନାହିଁ ।

ବାପାଙ୍କୁ ଖାଇବାକୁ ଦେଇ, ନିଜ ବେଡ୍ ରୁମ୍'ରେ ବିଜୟର ଡାଏରୀ ପୁଣିଥରେ ଖୋଲିଲା ମେଘମାଳା.....

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୭

ବିଜୟର ଡାଏରୀ'ଟି ଖୋଲି ପଢିବାକୁ ଆରମ୍ଭ କରିଛି ମେଘମାଳା,ଏହି ସମୟରେ ତାର ବାପା ଡାକ ଛାଡିଲେ...ମାଳା,ସ୍କୁଲ ଆଡେ ଯିବୁନି କି, ଆଜି ପରା ଅଧାଦିନ ପାଇଁ ଛୁଟି ନେଇଥିଲୁ । ଆଜି ଡେପୁଟି ଡାଇରେକ୍ଟର ସ୍କୁଲ୍ ବିଷୟରେ କ'ଣ ଆଲୋଚ଼ନା କରିବାପାଇଁ ଆସିବାର ଅଛି । ତୁ ନଗଲେ କେମିତି ହବ ?

ମାଳା ଭାବିଲା...ସତକଥା, ଭାବପ୍ରବଣତା କର୍ତ୍ତବ୍ୟ ବାଟରେ ପ୍ରତିବନ୍ଧକ ହେବା ଉଚ଼ିତ ନୁହେଁ । ସ୍କୁଲ୍ କାମ ଆଗ । ପରେ ଡାଏରୀ ପଢ଼ିଲେ ଚ଼ଳିବ ।

ଅଗତ୍ୟା ଡାଏରୀଟି ବନ୍ଦ କରି ସ୍କୁଲ ଯିବାକୁ ବାହାରିଲା ମେଘମାଳା । ସ୍କୁଲ ଯିବା ବେଳେ ବାଟରେ କେତେ କଣ ଭାବନା ମନକୁ ତାର ଅସ୍ତବ୍ୟସ୍ତ କରିପକାଇଲେ । ବିଜୟ କଥା ମନେପଡି ପୁଣି ଭାରାକ୍ରାନ୍ତ ହୋଇ ଉଠିଲା ମନ । ମାଳା ଭାବିଲା...ସମିତା ଧନୀର ସନ୍ତାନ । ଅକଳନ ସମ୍ପତ୍ତିର ମାଲିକାନା ତା' ହାତରେ । ସୌନ୍ଦର୍ଯ୍ୟ ସହିତ ଧନ ବିଜୟକୁ ସମିତା ପାଖକୁ ଆକର୍ଷିତ କରିନେଇ ନାହିଁ ତ ?

ପୁଣି ଭାବିଲା ମେଘମାଳା...ଛିଃ,ଏମିତି କଣ ଭାବୁଛି ମୁଁ? ବିଜୟ ସେମିତି ଧନ ଲୋଭୀ ନୁହେଁ । ଅଯଥା ତା ଚ଼ରିତ୍ରକୁ ସନ୍ଦେହ କରିବା ମୋର ଉଚ଼ିତ ନୁହେଁ ।

ଧନ କେବେ ପ୍ରକୃତ ପ୍ରେମର ବାଧକ ହୋଇ ନପାରେ । ତା' ନିଜ କଥା ଚ଼ିନ୍ତା କଲା ମେଘମାଳା । ତାର ଅପରୂପ ସୌନ୍ଦର୍ଯ୍ୟ ସହିତ ମାର୍ଜିତ ବ୍ୟବହାର ଏବଂ ଉଚ୍ଚଶିକ୍ଷା ଯୋଗୁଁ କେତେ ବଡ଼ ବଡ଼ ପ୍ରସ୍ତାବ ନଆସିଛି ତା' ପାଇଁ, କିନ୍ତୁ ସବୁ ସେ ପ୍ରତ୍ୟାଖ୍ୟାନ କରିଦେଇଛି ବିଜୟ ପାଇଁ । ବିଜୟର ପ୍ରେମ ତା' ଜୀବନର ଧ୍ରୁବତାରା ।

ଦୁଇମାସ ତଳେ ବରଗଡ଼ର ତହସିଲଦାରଙ୍କୁ ସ୍କୁଲର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ହେବାପାଇଁ ଆମନ୍ତ୍ରଣ କରିଥିଲା ମେଘମାଳା । ନାଁ ତାଙ୍କର ଅଶୋକ । ଅତି ସୁନ୍ଦର ଚେହେରା ତାଙ୍କର । ଦେଖିବାକୁ ଲମ୍ବା ଚ଼ଉଡା 'ଗ୍ରୀକ୍ ଗଡ୍' ଭଳି ବଳିଷ୍ଠ ସୁଶୋଭିତ ଶରୀର । ଡାଇରେକ୍ଟ ଓ ଏ ଏସ୍ ଅଫିସର ଏବଂ ଅବିବାହିତ ।

Source: Author, Digitized by PPRACHIN, SOA

ମେଘମାଳାର ସୌନ୍ଦର୍ଯ୍ୟ ଏବଂ ବ୍ୟବହାରରେ ଏଭଳି ଆକର୍ଷିତ ହୋଇଯାଇଥିଲେ ସେ ଯେ ତାପରଠାରୁ କୌଣସି ନା କୌଣସି ବାହାନାରେ ତୁଳସୀପୁର ଆସି ମେଘମାଳା ସହିତ ଦେଖା କରୁଥିଲେ ସେ । ଏଭଳି ଛୋଟ ଜାଗାରେ ତହସିଲଦାରଙ୍କ ଭଳି ଜଣେ ଅଫିସରଙ୍କର ବାରମ୍ବାର ଆଗମନ ମହୁମାଛି ବସାକୁ ଟେକାମାରିବା ଭଳି ହେଲା । କେତେ ଚୁପ୍‌ଚାପ୍ ଚୁପ୍‌ଚାପ୍ କଥା ଉଠିଲା । ମେଘମାଳା ଦେଖିଲା କଥା ଆଗକୁ ଗଲେ ଅଣାୟତ୍ତ ହୋଇ ପଡ଼ିବ ।

ଦିନେ ମନକଥା ଖୋଲି ଅଶୋକ ବାବୁଙ୍କୁ ଜଣାଇଦେଲା ମେଘମାଳା....ସାର୍ ଆପଣଙ୍କର ଏଭଳି ବାରମ୍ବାର ମୋ ପାଖକୁ ଆସିବା ଠିକ୍ ହେଉନାହିଁ । ପୁଅ ପିଲା ଆପଣ, ଆପଣଙ୍କର କିଛି କ୍ଷତି ହେବନାହିଁ । କୁହାଯାଏ ପୁଅ ପିଲାଙ୍କ ଚ଼ରିତ୍ର ପିତ୍ତଳହାଣ୍ଡି । ସେଥିରେ ଲାଗିଥିବା ଦାଗ ମାଜିଦେଲେ ହାଣ୍ଡି ପୁଣି ଚ଼କଚ଼କ୍ ଦେଖାଯିବ । ଝିଅ ପିଲାଙ୍କ ଚ଼ରିତ୍ର ତ ମାଟି ହାଣ୍ଡି, ଦାଗ ଲାଗିଲେ ସହଜରେ ଧୋଇଯିବ ନାହିଁ । ତା'ଛଡା ଗୋଟାଏ ସ୍କୁଲର ଦାୟିତ୍ୱ ମୋ ଉପରେ । ସତ ହେଉ ବା ମିଛ ହେଉ କୌଣସି କାରଣରୁ ମୋ ଚ଼ରିତ୍ର ଉପରେ କାହାର କିଛି ମନ୍ତବ୍ୟ ମୋ ସ୍କୁଲର କ୍ଷତି କରିବ ।

ସେଦିନ ମନର କଥା ଖୋଲି କହିଦେଇଥିଲେ ଅଶୋକ ବାବୁ... ମେଘମାଳା, ମୁଁ ତୁମକୁ ଭଲପାଏ, ପ୍ରାଣରୁ ବଳି ଭଲପାଏ । ତୁମକୁ ଦେଖିବା ପରଠାରୁ ତୁମର ସ୍ୱପ୍ନିଳ ମୁହଁ ମୋ ଆଖି ଆଗରେ ପ୍ରତି ମୁହୂର୍ତ୍ତରେ ଭାସିଯାଏ । ଅଶାନ୍ତ ହୋଇଉଠେ ମନ । ନିଜକୁ ସମ୍ଭାଳି ପାରେନାହିଁ । ସେଥିପାଇଁ ଧାଇଁ ଆସେ ତୁମ ସହିତ ସାକ୍ଷାତ କରିବାପାଇଁ ।

ମୋର ତୁମ ସହିତ ଏଭଳି ମିଳାମିଶା ଯେବେ ତୁମର କ୍ଷତି କରୁଛି ବୋଲି ତୁମେ ଭାବୁଛ ତାହେଲେ ଏହି ଅନିଶ୍ଚିତତାର ପରିସମାପ୍ତି ମୁଁ କରିବାପାଇଁ ଚ଼ାହେଁ । ମୁଁ ତୁମକୁ ବିବାହ କରିବାକୁ ଚ଼ାହେଁ ମେଘମାଳା । ମୋ ବାବାଙ୍କୁ କହି ତୁମ ବାପାଙ୍କ ପାଖକୁ ବିବାହ ପ୍ରସ୍ତାବ ପଠାଇବାକୁ ଚ଼ାହେଁ । କେବଳ ତୁମର ସମ୍ମତି ପାଇଁ ଅପେକ୍ଷା କରିଛି ।

ସେଦିନ ଚ଼ମକି ପଡ଼ିଥିଲା ମେଘମାଳା । କହିଥିଲା...ସାର୍, ଏହା ଅସମ୍ଭବ ।

ଅଶୋକ ବାବୁଙ୍କ ମନ ମରିଯାଇଥିଲା । ପଚ଼ାରିଥିଲେ... କାହିଁକି ଅସମ୍ଭବ ମାଳା ? ତମେ କଣ ମତେ ପସନ୍ଦ କରନାହିଁ ?

ମେଘମାଳା କହିଲା...ପସନ୍ଦ କରେ ସାର୍, ବହୁତ ପସନ୍ଦ କରେ । ଆପଣଙ୍କୁ ପୁଣି କିଏ ପସନ୍ଦ ନକରିବ ? କିନ୍ତୁ ପସନ୍ଦ କରିବା ଏବଂ ଭଲପାଇବା ଭିତରେ ବହୁତ ଫରକ ସାର୍ । ଆପଣଙ୍କ ସହିତ ମୋର ବନ୍ଧୁତା ନିର୍ମଳ । କିନ୍ତୁ ବନ୍ଧୁତା ତ ଭଲପାଇବା ଠାରୁ ଅଲଗା ନା ସାର୍ ।

Source: Author, Digitized by PPRACHIN, SOA

ଅଶୋକ ବାବୁଙ୍କ ଆଖି କୋଣରେ ଲୁହ । କହିଥିଲେ... ମୁଁ ତୁମକୁ ଏତେ ଭଲପାଏ, ତମେ ମତେ କାହିଁକି ଭଲ ପାଇପାରିବ ନାହିଁ ମେଘମାଳା ?

ଅଶୋକ ବାବୁଙ୍କ ଆଖି କୋଣରେ ଲୁହ ଦେଖି ମେଘମାଳାର ମନ ବିଳପି ଉଠିଥିଲା । କେମିତି ବୁଝେଇବା ଏହି ସରଳ, ନିର୍ମାୟା, ସଚ୍ଚା ପ୍ରେମିକଟିକୁ ଯେ ଭଲପାଇବା କେବେ ଏକତରଫା ହୋଇନପାରେ । ତାହା ତ ପରିପୂରକ । ଶେଷରେ ବାଧ ହୋଇ ମେଘମାଳା କହିଥିଲା...ସାର୍ , ମୁଁ ଅନ୍ୟ ଜଣକୁ ଭଲପାଏ । ତା'ଛଡା ମୁଁ ବାଗ୍‌ଦତ୍ତା । ମୋର ଭାବିଶାଶୂ ମତେ ବୋହୂ କରିନେବା ପାଇଁ ମୋ ବାପାଙ୍କ ସହିତ କଥାବାର୍ତ୍ତା କରି ନିଷ୍ପତ୍ତି ନେଇସାରିଛନ୍ତି ।

କିଛି ସମୟ ନିରୁତ୍ତର ରହିଲେ ଅଶୋକ ବାବୁ । ତା'ପରେ କହିଥିଲେ... ମେଘମାଳା, ସେ ବାଗ୍‌ଦତ୍ତା ଫାଗ୍‌ଦତ୍ତା କାହାଣୀରେ ମୋର ବିଶ୍ୱାସ ନାହିଁ । କିନ୍ତୁ ତମେ ଯେବେ ଅନ୍ୟ ଜଣକୁ ଭଲପାଉଛ, ମୁଁ ତୁମ ପ୍ରେମରେ ପ୍ରତିବନ୍ଧକ ହେବା ପାଇଁ ଚାହେଁ ନାହିଁ । କିନ୍ତୁ କେବେ ଯଦି ତୁମେ ମୋ ପ୍ରସ୍ତାବ ସପକ୍ଷରେ ନିଷ୍ପତ୍ତି ନିଅ, ମତେ ଜଣାଇବ । ମୋ ଦ୍ୱାର ତୁମପାଇଁ ସବୁବେଳେ ଖୋଲା ରହିଥିବା ମେଘମାଳା ।

ସେଦିନ ନିରାଶ ହୋଇ ଚାଲିଯାଇଥିଲେ ଅଶୋକ ବାବୁ । ତା' ପରଠାରୁ ଥରକ ପାଇଁ ମଧ୍ୟ ତୁଳସୀପୁରକୁ ଆସି ନାହାଁନ୍ତି ସେ ।

କ'ଣ ନାହିଁ ତାଙ୍କର ଭଲ, ଚାକିରି, ବିପୁଳ ସମ୍ପତ୍ତି, ସମାଜରେ ଆଭିଜାତ୍ୟ ସବୁ କିଛି । କିନ୍ତୁ ମେଘମାଳା ତ କାଇଁ ଧନ ମାନରେ ଆକୃଷ୍ଟ ହୋଇ ତାର ପ୍ରେମକୁ ବଳି ଦେଲା ନାହିଁ । ତା'ହେଲେ ବିଜୟ କାହିଁକି ଏମିତି କଲା ?

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୮

ସ୍କୁଲରୁ ଫେରି ମୁହଁ ହାତ ଧୋଇ ମେଘମାଳା ବିଜୟର ଡାଏରୀ ଓଲଟାଇଲା । ବିଜୟ ଲେଖିଥିଲା...

ମେଘମାଳା,

ସମିତା ଏକ ଭିନ୍ନ ଚରିତ୍ରର ଝିଅ । ଆମ ଭିତରେ ଥିଲା ନିବିଡ଼ ବନ୍ଧୁତା । କିନ୍ତୁ ତାର ମୋ ପ୍ରତି ଦୁର୍ବଳତା କେବଳ ମୋର ଅନୁମାନର ସୀମାରେଖା ଭିତରେ ଥିଲା । କୌଣସି ସମୟରେ ତାର ବ୍ୟବହାରରେ ତାହା ପ୍ରତିଫଳିତ ହେଉନଥିଲା ।

ଯେତେବେଳେ ଦେଖାହୁଏ, ପ୍ରତାପଗଡ଼ ପାଇଁ ଯେଉଁ ଯୋଜନା ସେ ମନ ଭିତରେ ଆଙ୍କିଥିଲା, ମୁଖ୍ୟତଃ ସେହି ବିଷୟରେ ଆଲୋଚନା ଚାଲେ । ଆଲୋଚନା, ପ୍ରତ୍ୟାଲୋଚନା ଏବଂ ସମାଲୋଚନା ତାର ପରିକଳ୍ପିତ ଯୋଜନାର ରୂପାୟନକୁ ଆହୁରି ବାସ୍ତବବାଦୀ କରୁଥିଲା ।

ଭାବପ୍ରବଣ ହୋଇ ଦିନେ ସମିତା କହିଲା...ଜାଣ ବିଜୟ, ଅପରିଚ୍ଛନ୍ନୀ, ଶିଂଘାଣୀନାକୀ ହୋଇ ପ୍ରତାପଗଡ଼ ଭଳି ଅନ୍ୟ ଅନେକ ଅଞ୍ଚଳ କାହିଁକି ଆଜି ଅନ୍ଧାର କୋଣରେ ପଡ଼ିରହିଛନ୍ତି ? କାରଣ ଆଲୋକର ମଣିଷ ସେମାନଙ୍କୁ ସହ୍ୟ କରିପାରନ୍ତି ନାହିଁ । ଗିରି କନ୍ଦରରେ ଥିବା ସେହି କନ୍ଧ,କୋହ୍ଲ, ପରଜାମାନଙ୍କର ରକ୍ତ ଶୋଷଣ କରନ୍ତି ସହରୀ, ସଭ୍ୟ ବୋଲାଉଥିବା ଏନୋଫିଲିସ୍ ମଶାମାନେ । ପ୍ରତାପଗଡ଼କୁ ଆଜି ଯେବେ ଭଲ ରାସ୍ତାଟିଏ ନାହିଁ, କେବଳ ଏଇମାନଙ୍କ ପାଇଁ । ପ୍ରତାପଗଡ଼ ଠାରୁ ଅଦୂରରେ ଥିବା ପଞ୍ଚାୟତ,

Source: Author, Digitized by PPRACHIN, SOA

କୃଷି ଓ ଜଳସେଚ଼ନ ବିଭାଗର କର୍ମଚ଼ାରୀମାନଙ୍କ ଅବହେଳା ଏବଂ ନକାରାତ୍ମକ ମାନସିକତା ପାଇଁ ପ୍ରତାପଗଡ଼ ଆଜି ଅବହେଳିତ ହୋଇ ପଡ଼ି ରହିଛି ।

ଜଳସେଚ଼ନ ବିଭାଗ ପ୍ରତାପଗଡ଼ ଅଞ୍ଚଳରେ ପ୍ରତିଷ୍ଠିତ କରିଛନ୍ତି ଅନେକଗୁଡ଼ିଏ ଉଠା ଜଳସେଚ଼ନ ପଏଣ୍ଟ୍ । କିନ୍ତୁ ସେମାନଙ୍କ ଭିତରୁ ଅଧିକାଂଶ ଆଜି ଅଚ଼ଳ । କେଉଁ ଠାରେ ପମ୍ପ ଚୋରି ତ କେଉଁଠାରେ ଲାଇନ୍ କାଟି ନିଆଯାଇଛି ତ ଅନ୍ୟ କେଉଁଠାରେ ଫିଲ୍ଡ ଚ୍ୟାନେଲ୍ ଭାଙ୍ଗିଯାଇ ସବୁ ଜମି ସବୁ ଏକାକାର ହୋଇ ଯାଇଛନ୍ତି । ପଏଣ୍ଟ ଚ଼ାରିପାଖରେ ବନ୍ଧ୍ୟାମାଟି ପଡ଼ିରହିଛି ନଂପୁସକ ସରକାରୀ କଳକୁ ଅନାଇଁ ।

ଜଳସେଚ଼ନ କାର୍ଯ୍ୟାଳୟର ଷ୍ଟୋର୍ ଘର ଖାଲି ପଡ଼ିଛି । ଦୁର୍ନୀତି ରକ୍ତବୀର୍ଯ୍ୟର ବଂଶଧରମାନେ ହରିଲୁଟ୍ କରିନେଇଛନ୍ତି ସବୁ । ଜଳସେଚ଼ନର ଭିତ୍ତିଭୂମି ପାଇଁ ଆସିଥିବା ଅର୍ଥରୁ ଖର୍ଚ୍ଚ ହୋଇଛି ତିରିଶି ଭାଗ ଏବଂ ବାକି ଅର୍ଥ ବଣ୍ଟା ହୋଇଯାଇଛି ନେତା, ଅଫିସର୍ ଏବଂ କଣ୍ଟ୍ରାକ୍ଟର ଭିତରେ । ତିରିଶି ବସ୍ତା ବାଲିରେ ବସ୍ତାଏ ସିମେଣ୍ଟ୍ ମିଶାଇ ତିଆରି କରାଯାଇଛି ଜଳସେଚ଼ନ ପ୍ରକଳ୍ପ ଚ଼ାରିପାଖରେ ଥିବା ନାଳଗୁଡିକ । ଗୋଟିଏ ବର୍ଷାରେ ସେଗୁଡିକ ଧୋଇଯାଇଛି । କାମ ସମ୍ପୂର୍ଣ୍ଣ ହୋଇଛି ବୋଲି ସୁପାରିସ୍ କରିଛନ୍ତି ଇଞ୍ଜିନିୟର ବାବୁ ଏବଂ ପଇସା ଖାଇ ନେତାଙ୍କ ମୁହଁ ବନ୍ଦ ହୋଇଯାଇଛି ।

ଓଡ଼ିଆରେ ଆମର ଗୋଟିଏ ଢ଼ଗ ଅଛି ବିଜୟ...'ଆଆଲୋ ମୁତୁରୀ ଶୋଇବା.....' ଢ଼ଗଟିର ବାକି ଅଂଶ ତମେ ଜାଣିଥିବ ବିଜୟ, ତାହା ଉଚ୍ଚାରଣ କରିବାକୁ ମୋର ଭଦ୍ରାମି ମତେ ବାଧା ଦେଉଛି । ନେତା, ଅଫିସର୍ ଏବଂ କଣ୍ଟ୍ରାକ୍ଟରମାନେ ସମସ୍ତେ ସେହି ମୁତୁରୀ ଗୋଷ୍ଠୀର । ପ୍ରତାପଗଡ଼ର ଜଳସେଚ଼ନ କେନାଲ୍‌ଗୁଡ଼ିକ ଧୋଇଯିବା ସହିତ କୃଷକମାନଙ୍କର ସ୍ୱପ୍ନ ମଧ୍ୟ ଧୋଇ ହୋଇ ଯାଇଛି । ଦୁର୍ନୀତିର ଲମ୍ବା ହାତ ଉନ୍ନତିର ବେକକୁ ଚ଼ିପି ଦେଇଛି । ତା'ର ଚ଼ିତ୍କାର ମୋ କାନରେ ସ୍ପଷ୍ଟ ପଡୁଛି ବିଜୟ । ଏ ଯନ୍ତ୍ରଣା ପ୍ରତାପଗଡ଼ କୃଷକମାନଙ୍କ ପାଇଁ ଜମିଦାରର ଚ଼ାବୁକ ମାଡ଼ଠାରୁ ଆହୁରି କଷ୍ଟଦାୟକ ।

ଦେଶ ସ୍ୱାଧୀନ ହେଲା କିନ୍ତୁ ଯେଉଁ ପରାଧୀନକୁ ସେଇ ପରାଧୀନ ହୋଇ ରହିଲେ ପ୍ରତାପଗଡ଼ର ଗରିବ କୃଷକ ସମାଜ । ସେମାନଙ୍କର ଦର୍କାର ଅର୍ଥନୈତିକ ସ୍ୱାଧୀନତା । ଏହି ରକ୍ତପିପାସୁ ଅମଲାତନ୍ତ୍ରର କବଳରୁ ସେମାନଙ୍କୁ ଉଦ୍ଧାର କରିବାକୁ ହେବ । ଯୋଜନାକୁ ସତ୍ୟ ସୁନ୍ଦର ଭଗବାନ ରୂପରେ ଆଙ୍କିବାକୁ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନଙ୍କର ଦୁର୍ନୀତି ପ୍ରବୃତ୍ତି ଯୋଗୁଁ ସବୁ ଯୋଜନା ଆଜି ଭଗବାନ ରୂପ ନନେଇ ମାଙ୍କଡ ରୂପ ଧାରଣ କରିଛନ୍ତି । ଚ଼ରିତ୍ରହୀନ ମଣିଷମାନଙ୍କର ଏକତ୍ରୀକରଣ ଯୋଗୁଁ ଜାତୀୟ ଚ଼ରିତ୍ର ମଧ୍ୟ ଚ଼ରିତ୍ର ହୀନ ହୋଇଯାଇଛି ।

Source: Author, Digitized by PPRACHIN, SOA

ପୃଥିବୀର ଅନେକ ରାଷ୍ଟ୍ରଙ୍କ ଆଗରେ ଆମେ ଏକ ପ୍ରମୁଖ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବରେ ପରିଗଣିତ । ଜାତୀୟ ଚରିତ୍ରର ବଡ଼ ଦେଉଳ ଆଜି ଦୁର୍ନୀତିର ସାଗର ବାଲିରେ ପୋତି ହୋଇଯାଇଛି । ତାକୁ ଉଦ୍ଧାର କରିବାକୁ ହେଲେ ଜଣେ ନୁହେଁ, ଶହ ଶହ ଗାଲମାଧବଙ୍କର ଆବଶ୍ୟକତା ପଡ଼ିବ ।

ସମିତା ସହିତ କଲେଜ ଲାଇବ୍ରେରୀରେ ମୋର ଏହି କଥାବାର୍ତ୍ତା ଚାଲିଥିବା ସମୟରେ ଜଣେ ଜୁନିଅର ଛାତ୍ର ଗୋଟିଏ କମେଣ୍ଟ୍ ମାରିଦେଲା...ନିଜ ଚରିତ୍ର ଆଗେ ଠିକ୍ କର, ପରେ ଜାତୀୟ ଚରିତ୍ର ଠିକ୍ କରିବ ।

ସମିତାର ମୁହଁ ରାଗରେ ଲାଲ୍ ପଡିଗଲା । ଜଣେ ଜୁନିଅର ଛାତ୍ର ଏଭଳି ଅଭଦ୍ର କମେଣ୍ଟ୍ କରିବ ବୋଲି ଆଶା କରାଯାଉନଥିଲା । ପିଲାଟି କଲେଜକୁ ନୂଆ ନୂଆ ଆସିଥିଲା ନିଶ୍ଚୟ, କାରଣ ସମିତାର ବ୍ୟକ୍ତିତ୍ୱ ବିଷୟରେ କାହାକୁ ବା ଅଜଣା ଥିଲା ? ଯେତେ ସିନିଅର ପିଲା ସମସ୍ତେ ସମିତାକୁ ଡରନ୍ତି, ସମ୍ମାନ ଦିଅନ୍ତି ମଧ୍ୟ ।

ସମିତା ଆଖି ବଡ଼ ବଡ଼ କରି ସେ ପିଲାକୁ ଚାହିଁଲା । ଉତ୍'ଫଣ ନାଗୁଣୀର ସେ ଚାହାଁଣୀ । ସେତେବେଳକୁ ପ୍ରମାଦ ଗଣିଲିଣି ମୁଁ ।

ବଡ଼ ପାଟିରେ ସମିତା ଡାକିଲା ସେ ପିଲାକୁ...ଏ ଅଭଦ୍ର, ଶୁଣୁ, କେଉଁ ଆଇଏଏସ୍ ଅଫିସର୍‌ର ବିଗିଡା-ପିଲା ତୁ ?

ପିଲାଟା ମୁହଁ ହୁରୁଡୁ ମାରିଲା.. ମୁଁ କଣ ତୁମକୁ କହୁଛି ?

ସମିତା ଆହୁରି ରାଗିଯାଇ କହିଲା...ଅଭଦ୍ର, ପୁଣି ଗାଲୁ ମାରୁଚୁ ? ଆଉ କେଉଁ ମାଆ ଭଉଣୀ ଏଠାରେ ତୋର ଅଛନ୍ତି ଯେ ଚରିତ୍ର ପାଠ ପଢାଉଥିଲୁ ?

ପିଲାଟା ଗାଳିଗୁଲଜ କରିବା ଆରମ୍ଭ କଲା । ପର ମୁହୂର୍ତ୍ତରେ ସମିତାର ପାଦର ଚପଲ ପିଲାଟାର ଗାଲ ସ୍ପର୍ଶ କଲା । ଗୋଟିଏ ପାହାର ଚପଲ ମାଡ଼ରେ ଅଣ୍ଡା ପଡ଼ିଗଲା ପିଲାଟା । ପାଖରେ ଥିବା କିଛି ସିନିଅର ଛାତ୍ର ପରିସ୍ଥିତିକୁ ସମ୍ଭାଳି ନେଲେ ।

ସମିତା ଡିନ୍‌ଙ୍କ ଅଫିସରେ ସଙ୍ଗେ ସଙ୍ଗେ ଅଭିଯୋଗ ପତ୍ର ଦାଖଲ କଲା ।

ଡିନ୍ ସେ ପିଲାଟିକୁ ନିଜ ଅଫିସକୁ ଡକାଇ ପଚରା ପଚରି ଆରମ୍ଭ କରିଦେଲେ । ଖବର ପାଇ ପିଲାର ବାପା ଆସି ପହଞ୍ଚିଗଲେ । ସେ ରାଜ୍ୟ ସରକାରଙ୍କର ଜଣେ ପଦସ୍ଥ କର୍ମଚାରୀ । ଆସିଥିଲେ ତମ୍ଭି ତୋଫାନ କରିବା ପାଇଁ । କିନ୍ତୁ ଯେତେବେଳେ ଜାଣିଲେ ଯେ ସମିତା ପ୍ରତାପଗଡ଼ର ଉତ୍ତର ଦାୟାଦ, ସେତେବେଳେ ଗନ୍ଧ ଶୁଙ୍ଘିଥିବା ସାପ ପରି ଭିଡ଼ିମୋଡି ହୋଇ ରହିଲେ । ପୁଅର କୃତକର୍ମ ପାଇଁ କ୍ଷମା ମାଗିଲେ ବିଚରା । ସମିତା କହିଲା...ନା ନା, ପ୍ଲିଜ୍ ସେପରି କରନ୍ତୁ ନାହିଁ, ଆପଣ ମୋର ପିତୃ ସ୍ଥାନୀୟ । ମତେ କ୍ଷମା

Source: Author, Digitized by PPRACHIN, SOA

ମାଗି ଲଜ୍ଜା ଦିଅନ୍ତୁ ନାହିଁ । ବରଂ ଆପଣ ପୁଅକୁ ସଂସ୍କାର ଶିଖାନ୍ତୁ । ସେ ଏଠାକୁ ପାଠ ପଢ଼ିବା ଉଦ୍ଦେଶ୍ୟରେ ଆସିଛି, ଝିଅ ପିଲାଙ୍କୁ କମେଣ୍ଟ ମାରିବାକୁ ନୁହେଁ ।

ଡିନ୍‌ଙ୍କ ପାଖରେ ପହଞ୍ଚି ଭଦ୍ରଲୋକ କ୍ଷମା ମାଗିଲେ । ଡିନ୍ କହିଲେ..କ୍ଷମା ଦେବାର ଅଧିକାର ମୋର ନାହିଁ । ଆପଣଙ୍କ ପୁଅ ଯାହା ପାଖରେ ଭୁଲ୍ କରିଛି ତାକୁ କ୍ଷମା ମାଗୁ । ସମିତା ତାକୁ କ୍ଷମା ଦେଲେ ସେ ଏ କଲେଜରେ ରହିବ, ନହେଲେ କାଲିଠାରୁ ସେ ଆସିବା ଆବଶ୍ୟକ ନାହିଁ । ତାକୁ କଲେଜ ସବୁଦିନ ପାଇଁ ଛାଡ଼ିବାକୁ ପଡ଼ିବ ।

ଭଦ୍ରଲୋକ ତାଙ୍କ କୁଳ ନନ୍ଦନକୁ ଆଣି ସମିତା ପାଖରେ ଠିଆ କରାଇଲେ । କାନ ଧରି ପିଲାଟି କହିଲା...ଦିଦି,ମତେ କ୍ଷମା କରିଦିଅ । ଏଭଳି ଭୁଲ୍ ଆଉ ଜୀବନରେ କେବେ ହେବନାହିଁ ।

ସେଦିନ ସମିତାର ମୁଁ ଏକ ନୂଆ ରୂପ ଦେଖିଲି । ବଡ଼ ଭଉଣୀର ସ୍ନେହ-ଭିଜା ଆଖିରେ ପିଲାଟିର ମୁଣ୍ଡରେ ହାତ ବୁଲାଇ ସମିତା କହିଥିଲା....ହଉ ହେଲା । ପାଗେଲାଟା,ତୁ ଆଜିଠାରୁ ମୋର ସାନଭାଇ । ଯା, ଆଜି କନକ ଦୁର୍ଗାଙ୍କ ମନ୍ଦିରରେ ଘିଅ ଦୀପ ଜଳାଇ ପ୍ରାର୍ଥନା କରିବୁ, କାହିଁକି'ନା ତୋ ଭୁଲ୍ ପାଇଁ ଡିନ୍ ତତେ କଲେଜରୁ ବିତାଡିତ କରି ନାହାଁନ୍ତି । ଶପଥ ନେବୁ ଭଲ ପାଠ ପଢି ବଡ଼ ମଣିଷ ହେବାପାଇଁ ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୧୯

ବିଜୟ ଲେଖିଥିଲା.....

ସେଦିନ ମୁଁ କଲେଜ ଲାଇବ୍ରେରୀରେ ପହଞ୍ଚିଲା ବେଳକୁ ବହୁ ଆଗରୁ ସମିତା ଆସି ଟିପା ଖାତାରେ କଣ ସବୁ ମନଧ୍ୟାନ ଦେଇ ଲେଖି ଯାଉଥିଲା। ଭାବିଲି, ମୋ ଉପସ୍ଥିତି ଜାଣିପାରି ନାହିଁ ସମିତା ।

ଲାଇନ୍ ଚାଲିଯାଇଥିବାରୁ ଫ୍ୟାନ କାମ କରୁ ନଥିଲା। ଗୋରା ତକ୍ ତକ୍ ସ୍ୱପ୍ନିଳ ମୁହଁରେ ବିନ୍ଦୁ ବିନ୍ଦୁ ଝାଳ। ନାକରେ ମୋତିର ନାକଚଣାଟି ଅପରିସୀମ ସୌନ୍ଦର୍ଯ୍ୟମୟ କରି ତୋଳି ଥିଲା ଏହି ସ୍ୱପ୍ନସୁନ୍ଦରୀର ଭାବନାଗ୍ରସ୍ତ ମୁହଁକୁ।

ସମିତାର ଧ୍ୟାନ ନଭାଙ୍ଗି କିଛି ସମୟ ମନଭରି ତାକୁ ଚାହିଁ ରହିଲି। ସେତେବେଳେ ନିଜ ଆୟତ୍ତରେ ନଥିଲି ମୁଁ। ମନ ମୋର କେଉଁ କଳ୍ପନା-ରାଜ୍ୟରେ ଘୂରି ବୁଲୁଥିଲା ସମିତାର ହାତକୁ ନିଜ ହାତରେ ଆବେଗର ପ୍ରୀତି ବନ୍ଧନର ଜାବୁଡ଼ି ଧରି।

ବାସ୍ତବରେ ସମିତା କିନ୍ତୁ ମୋର ଉପସ୍ଥିତି ଜାଣି ପାରିଥିଲା। ମୁହଁ ଟେକି ଅଳ୍ପ ହସି କହିଲା..କଣ ଦେଖୁଛ ବିଜୟ ?

ମୁଁ ଚମକି ପଡ଼ିଲି। କହିଲି... ନାଁ ନାଁ କିଛି ନୁହେଁ। ସମିତା କହିଲା...ମିଛୁଆ, ତମେ ଅନେକ ବେଳୁ ଆସି ଏଠି ମତେ ଅନେଇ ଠିଆ ହେଲଣି। କୁହ କ'ଣ ଭାବୁଥିଲ ?

ସେଦିନ ମୁଁ ମୋ ମନକଥା ସମିତାକୁ କହି ପାରିନଥିଲି। ବୋଧହୁଏ ସେ ଶୁଣିବାକୁ ଚାହୁଁଥିଲା ଯେ ମୁଁ ତାକୁ ଭଲପାଏ।

Source: Author, Digitized by PPRACHIN, SOA

ମୋଠାରୁ କୌଣସି ଉତ୍ତର ନପାଇ କଥାର ମୋଡ଼ ବୁଲେଇଦେଲା ସମିତା । କହିଲା...ଚାଲ ବିଜୟ ଆଜି କୃଷିମନ୍ତ୍ରୀଙ୍କ ଘରଆଡ଼େ ଯିବା । ଗୋଟାଏ ବଡ଼ କାମ ଅଛି ।

ଅବଳାମାନଙ୍କୁ ଯେଉଁମାନେ ଦୁର୍ବଳା ବୋଲି ଭାବିବାର ଭୁଲ୍ କରନ୍ତି ସେମାନେ ସମିତାକୁ ଦେଖିବା ଦରକାର । ସେଦିନ ହଠାତ୍ କୃଷିମନ୍ତ୍ରୀଙ୍କ ପାଖକୁ ଯିବା ପଛରେ ଥିବା ଉଦ୍ଦେଶ୍ୟ ମୁଁ ଜାଣିବା ପୂର୍ବରୁ ସେ ମତେ ଟାଣି ଟାଣି ଅଟୋ ରିକ୍ସାରେ ବସାଇ ସାରିଥିଲା ।

କୃଷିମନ୍ତ୍ରୀଙ୍କ ବୈଠକ ଖାନାରେ ଦୀର୍ଘ ଏକ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା । କୃଷିମନ୍ତ୍ରୀଙ୍କ ଆଲସେସିଆନ କୁକୁରଟି ଚାଖେଣ୍ଡେ ଲମ୍ବ ଜିଭ ଲହ ଲହ କରି ବଡ଼ ଉତ୍ସୁକତା ସହିତ ଅନାଇ ରହିଥିଲା ଆମକୁ ତଥା ଉପସ୍ଥିତ ଅନ୍ୟ ଅଭ୍ୟାଗତଙ୍କୁ ।

ସମିତା କେଉଁ ଉଦ୍ଦେଶ୍ୟରେ କୃଷିମନ୍ତ୍ରୀଙ୍କ ପାଖକୁ ଆସିଥିଲା, ପୂର୍ବରୁ ତିଳେ ମାତ୍ର ଆଭାସ ଦେଲା ନାହିଁ । ତେଣୁ ଅଗତ୍ୟା ନିରବରେ ଆଲସେସିଆନ୍‌ର କୌତୁହଳପୂର୍ଣ୍ଣ ଚାହାଣୀକୁ ତର୍ଜମା କରୁକରୁ ଚଉକିରେ ଘୁମେଇ ପଡ଼ିଥିଲି ମୁଁ ।

ସମିତା ବୋଧହୁଏ କେଉଁ ଏକ ଗଭୀର ଚିନ୍ତାରେ ମଗ୍ନ ଥିଲା । କିଛି ସମୟ ପରେ ମତେ ଟିକିଏ ହଲେଇ ଦେଇ ଚମକେଇ ଦେଲା ସେ । କହିଲା..ହେ ବିଜୟ, ଶୋଉଚ କଣ ମ ? ଦିନ ଦି'ପହରଟାରେ ତୁମକୁ ଏମିତି ନିଦ ଲାଗୁଚି ? ବୋଧହୁଏ ମେସ୍'ର ପୂଜାରୀ ଭାଇନାକୁ ହାତକରି କିଛି ବାସି ପଖାଳ ପକେଇ ଦେଇଚ, ନହେଲେ ଏମିତି ନିଦ ମାଡ଼ନ୍ତା କାହିଁକି ?

ସମିତା କଥା ଶୁଣି ନହସି ରହିପାରିଲି ନାହିଁ ? ପଚାରିଲି...ବାସି ପଖାଳ ଖାଇଲେ ନିଦ ଲାଗେ ବୋଲି ତମେ କେମିତି ଜାଣିଲ ସମିତା ? ରାଜବାଟିରେ ପଖାଳ ଖାଅ କି ବେଳେ ବେଳେ ?

ସମିତା କହିଲା...ଆରେ ବାବା, ଜଗନ୍ନାଥଙ୍କ ଖନ୍ଦାରେ ଯୋଉଠି ପଖାଳ ପ୍ରସ୍ତୁତ ହୁଏ, ଆମଭଳି କୁଜି ଜମିଦାର ରାଜାଙ୍କ ଘରେ ନହେବ କେମିତି ? ଆମେ ପରା ଓଡ଼ିଆ । ଆମେ ଓଡ଼ିଆ, ଆମ ପଖାଳ ବଢିଆ ।

ମୁଁ କହିଲି..ମୋର ଏଇଟା କିନ୍ତୁ ପଖାଳ ନିଶା ନୁହେଁ । ଆମ ହଷ୍ଟେଲରେ ପଖାଳ ହୁଏନାହିଁ । ଏଠାରେ ମନ୍ତ୍ରୀ ମହାଶୟଙ୍କର ବୈଠକ ଖାନାର ବାୟୁମଣ୍ଡଳରେ କିଛି ନିଶା ପ୍ରଭାବ ଅଛି ।

ହସି ଉଠିଲା ସମିତା, କହିଲା... ନାଁ ନାଁ ଏ ମନ୍ତ୍ରୀ ମହାଶୟ ନିଶା ପାଣି କରନ୍ତି ନାହିଁ । ତା' ଛଡା ଯଦି ଏଠାର ନୈଶିକ ବାୟୁମଣ୍ଡଳର ପ୍ରଭାବରେ ନିଦ ଲାଗୁଥାନ୍ତା ତାହେଲେ ମତେ କାହିଁକି ନିଦ ମାଡୁନି, ତୁମକୁ ଏକା କାହିଁକି ଧରିଲା ? ଏଠାରେ ଥିବା

Source: Author, Digitized by PPRACHIN, SOA

ଆଲସେସିଆନକୁ କାହିଁକି ଧରୁନି ? ତମେ ନିଶ୍ଚୟ ବାସି ପଖାଳ ଖାଇଚ୍, ନହେଲେ ଆସ୍କା ଫର୍ଟି ଦେଶୀ ପାଉଚ୍ ଗୋଟିଏ କଣ୍ଠସ୍ଥ କରିଦେଇଚ୍ ।

ବ୍ୟଙ୍ଗ ପରିବେଶକୁ ଆହୁରି ରସମୟ କରିବାପାଇଁ କହିଲି...ତମେ ଆସ୍କା ଫର୍ଟି କଥା କେମିତି ଜାଣିଲ ? ନିଶ୍ଚୟ ଅଭ୍ୟାସ ଅଛି । ସବୁଦିନ ଗୋଟେ ଗୋଟେ ପାଉଚ୍ ସେବନ କର ବୋଧହୁଏ ।

ଏଭଳି କଞ୍ଚା ଦେଶୀ ଥଟ୍ଟା ତାମସାରେ ଅପେକ୍ଷାରତ ସମୟ କଟିଯାଉଥିଲା । ମତେ ଭଲ ଲାଗୁଥାଏ, କାରଣ ଏଭଳି ଖୋଲା କଥାବାର୍ତ୍ତା ଆମକୁ ପରସ୍ପରର ନିକଟବର୍ତ୍ତୀ କରିଦେଇଥିଲା ।

ଆମ ଅପେକ୍ଷାର ପରିସମାପ୍ତି ଘଟାଇ ମନ୍ତ୍ରୀ ମହାଶୟଙ୍କ ଡାକରା ଆସିଲା । ସମିତା ଯେଉଁ ପରିଚୟ ଚିଠାଟି ଭିତରକୁ ପଠାଇଥିଲା ତାର ପ୍ରଭାବରେ ମନ୍ତ୍ରୀ ମହାଶୟ ଚଉକିରୁ ଉଠି ଦୁଆର ପର୍ଯ୍ୟନ୍ତ ଚାଲି ଆସିଥିଲେ ଆମକୁ ପାଛୋଟି ନେବାପାଇଁ । ଚଉକିରେ ବସୁବସୁ କହିଲେ...କି ଭାଗ୍ୟ ! ନିଜେ ପ୍ରତାପଗଡର ରାଜକୁମାରୀ ମୋ ପାଖରେ ଉପସ୍ଥିତ । ମୁଁ ବଡ଼ ଦୁଃଖିତ ଆପଣଙ୍କୁ ବାହାରେ ଅପେକ୍ଷା କରିବାକୁ ପଡ଼ିଲା । କଥା କ'ଣ କି, କୋଷ୍ଠକାଠିନ୍ୟ ଯୋଗୁଁ ମୋର ନିତ୍ୟକର୍ମ ସବୁଦିନ ଡେରି ହୋଇଯାଏ । ତା'ସହିତ ବିଧାନସଭା କ୍ଷେତ୍ରରୁ ଆସିଥିବା ଲୋକଙ୍କ ସହିତ ସାକ୍ଷାତକାର ମଧ୍ୟ ସବୁଦିନ ଏଭଳି ଡେରିରେ ହୁଏ । ମୁଁ ଆପଣଙ୍କ ଚିଠା ଦେଖି ସଙ୍ଗେ ସଙ୍ଗେ ଆପଣଙ୍କୁ ଡକେଇଲି, କହନ୍ତୁ ମୁଁ ଆପଣଙ୍କ ପାଇଁ କଣ କରିପାରିବି ?

ମତେ ହସ ଲାଗୁଥିଲା । ମନ୍ତ୍ରୀ ମହାଶୟଙ୍କର କୋଷ୍ଠକାଠିନ୍ୟ ତା'ହେଲେ ଦିପହର ପର୍ଯ୍ୟନ୍ତ ଲାଗି ରହିଥିଲା ?

ସମିତା ମନ୍ତ୍ରୀ ମହୋଦୟଙ୍କର ନମ୍ରତାରେ ପ୍ରଭାବିତ ହୋଇଯାଇଥିଲା । ହାତଯୋଡ଼ି କହିଲା- ସାର୍,ମତେ ଆପଣ ବୋଲି କିମ୍ବା ରାଜକୁମାରୀ ବୋଲି କହି ଲଜ୍ଜିତ କରନ୍ତୁ ନାହିଁ । ମୁଁ ପ୍ରଥମତଃ କୌଣସି ରାଜ୍ୟର ରାଜକୁମାରୀ ନୁହେଁ; ସ୍ୱାଧୀନ ଭାରତର ଜଣେ ନାଗରିକ । ଦ୍ୱିତୀୟରେ ମୁଁ ଆପଣଙ୍କ ଝିଅ ବୟସର, ତେଣୁ ମତେ ଆପଣ ବୋଲି ସମ୍ବୋଧନ କରି ଲଜ୍ଜିତ କରନ୍ତୁ ନାହିଁ ।

ମନ୍ତ୍ରୀ ମହୋଦୟ କହିଲେ,ଏହା ରାଜକୁମାରୀଙ୍କର ମହାନତା । ମୁଁ ଆପଣଙ୍କ ବିଷୟରେ ସମ୍ପୂର୍ଣ୍ଣ ଅବଗତ । ପ୍ରତାପଗଡ଼ ଇଷ୍ଟେଟ୍‌ର ଏକମାତ୍ର ଉତ୍ତରାଧିକାରୀ ଆପଣ । ରାଜା ସବୁବେଳେ ରାଜା । ଜଙ୍ଗଲରେ ଥାଉ ବା ଯନ୍ତାରେ, ସିଂହ ସବୁବେଳେ ସିଂହ ।

ମନ୍ତ୍ରୀ ମହୋଦୟଙ୍କ ଯୁକ୍ତି ମତେ ବେଶ୍ ଆମୋଦିତ କରୁଥିଲା । ରାଜବଂଶ ପ୍ରତି

Source: Author, Digitized by PPRACHIN, SOA

ଆନୁଗତ୍ୟ କିଛି ନୂଆ କଥା ନୁହେଁ । ସମିତା ପ୍ରତି ମନ୍ତ୍ରୀ ମହୋଦୟଙ୍କ ସମ୍ମାନ ପ୍ରଦର୍ଶନ କିଛି ଅସ୍ୱାଭାବିକ ନଥିଲା ।

ମନ୍ତ୍ରୀ ପଚାରିଲେ... କହନ୍ତୁ କେମିତି ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ ?

ସମିତା ମନ୍ତ୍ରୀ ମହାଶୟଙ୍କୁ ପ୍ରତାପଗଡ଼ ପାଇଁ ପ୍ରସ୍ତୁତ କରିଥିବା ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଜଣାଇଲା । ଆଲୋଚନା ପ୍ରାୟ ଏକ ଘଣ୍ଟା ଚାଲିଲା । ମନଧ୍ୟାନ ଦେଇ କୃଷିମନ୍ତ୍ରୀ ସମିତା କଥା ଶୁଣୁଥାନ୍ତି । ଚମ୍ପାଝର ନଦୀ ଉପରେ ସେତୁ ନିର୍ମାଣ ପ୍ରସଙ୍ଗଟି ଆଲୋଚନାର କେନ୍ଦ୍ରବିନ୍ଦୁ ଥିଲା । ପ୍ରକଳ୍ପ ପୂର୍ଣ୍ଣ ହେବାପରେ ତା'ର କମାଣ୍ଡ ଏରିଆରେ ଗୋପାଳନ, ପଶୁପାଳନ, ଉଦ୍ୟାନ-କୃଷିର ସମ୍ପ୍ରସାରଣ, ସ୍ୱୟଂସେବୀ ଗୋଷ୍ଠୀ ସଂଗଠନ ଇତ୍ୟାଦି ବିଭିନ୍ନ ଆନୁସଙ୍ଗିକ ଯୋଜନା ବିଷୟରେ ମଧ୍ୟ ସବିଶେଷ ଆଲୋଚନା କରିଥିଲା ସମିତା ।

ସମିତାର ଏ ସମ୍ବନ୍ଧରେ ଜ୍ଞାନର ଗଭୀରତା, କେବଳ ମୋତେ ନୁହେଁ ମନ୍ତ୍ରୀ ମହୋଦୟଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଦେଇଥିଲା ।

ସମିତା କହିଥିଲା ଯେ ପରିକଳ୍ପନାର ରୂପାୟନ ସଙ୍ଗେ ସଙ୍ଗେ ସେ ସମବାୟ ସଂସ୍ଥାଗୁଡ଼ିକର ଦୃଢ଼ୀକରଣ ଚାହେଁ, କାରଣ ଗ୍ରାମ୍ୟ ଅର୍ଥନୀତିର ଉନ୍ନତିର ଚାବିକାଠି ଏକ ସଫଳ, ଦୃଢ଼ ସମବାୟ ବିପ୍ଳବ ପାଖରେ ହିଁ ରହିଛି । ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାପନ କରି ସେଗୁଡିକ ପଞ୍ଜୀକରଣ କରି, ଆର୍ଥିକ ସହାୟତା ପାଇଁ ସେଗୁଡିକୁ କିପରି ସମବାୟ ବ୍ୟାଙ୍କ ସହିତ ଯୋଡ଼ିବାକୁ ପଡ଼ିବ, ସେ ବିଷୟରେ ସବିଶେଷ ଆଲୋଚନା କରିଥିଲା ସମିତା ।

ସବୁ ଶୁଣିବା ପରେ ଖୁବ୍ ପ୍ରୀତ ହୋଇଥିଲେ ମନ୍ତ୍ରୀ ମହୋଦୟ । ଚମ୍ପାଝର ଡ୍ୟାମ ନିର୍ମାଣ ପାଇଁ ବିତ୍ତ ବିଭାଗ ସହିତ ଉପଯୁକ୍ତ ଆଲୋଚନା କରି ମନ୍ତ୍ରିମଣ୍ଡଳ ବୈଠକରେ ସୁପାରିଶ କରିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ କୃଷିମନ୍ତ୍ରୀ ।

ସମୟ ବାହାର କରି ପ୍ରତାପଗଡ଼ ଯାଇ ପରିଦର୍ଶନ କରି ଆସିବାପାଇଁ ମନ୍ତ୍ରୀଙ୍କୁ ନିମନ୍ତ୍ରଣ ଜଣାଇଥିଲା ସମିତା । ମନ୍ତ୍ରୀ ମହୋଦୟ ସମ୍ମତି ଦେଲେ ।

ମନ୍ତ୍ରୀଙ୍କ ପାଖରୁ ବିଦାୟ ନେଇ ଫେରିବା ସମୟରେ ମୁଁ ସମିତାକୁ କହିଥିଲି... ମନ୍ତ୍ରୀଙ୍କ ଗସ୍ତ କେତେଦୂର ସାହାଯ୍ୟ କରିବ ଜଣାନାହିଁ । ଆଜିକାଲି ମନ୍ତ୍ରୀମାନଙ୍କର ଗସ୍ତ ଏବଂ ଯୋଜନା ପାଇଁ ଶୁଭ ଦେବା କାମର ସୀମା ନାହିଁ । ପ୍ରକୃତି ଡାକରାରେ ବୁଲା କୁକୁର ଢିପ ସ୍ଥାନ ଦେଖି ଟିକିଏ ଟିକିଏ ଏକ କଲାପରି ମନ୍ତ୍ରୀମାନେ ବିଭିନ୍ନ ସ୍ଥାନରେ ଶୁଭ ଦିଅନ୍ତି । ତାହା କାର୍ଯ୍ୟକାରୀ ହୁଏନାହିଁ ।

Source: Author, Digitized by PPRACHIN, SOA

ମୋର ଏ ଉପମା ଦେବାଟା ସମିତାକୁ ପସନ୍ଦ ଆସିଲା ନାହିଁ ବୋଧହୁଏ । କହିଲା... ବାଃ କି ଉପମା ଦେଲ ମ ବିଜୟ, ତୁମ ଆଗରେ ଫତୁରାନନ୍ଦ ହାର ମାନିଯିବେ ।

କିନ୍ତୁ ଗଭୀର ଭାବରେ ଟିକିଏ ଚିନ୍ତା କରି ଦେଖ, ମନ୍ତ୍ରୀ ଗସ୍ତ କଲେ ପ୍ରତାପଗଡ଼ର କେତେ ଉପକାର ହେବ । ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଠିକ୍ ହୋଇଗଲେ ପ୍ରତାପଗଡ଼କୁ ଭଲ ରାସ୍ତାଟିଏ ଖୋଲିଯିବ, ନହେ୍ଲେ ମନ୍ତ୍ରୀଙ୍କ ଗାଡ଼ି ସେଠାକୁ ଯିବ କିପରି ? କୃଷି ବିଭାଗ ଏବଂ ସମବାୟ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ପାଦ ପଡ଼ିବ ସେଠାରେ । ମୁଁ ତାହାହିଁ ଚାହେଁ । ସେମାନେ ଦେଖନ୍ତୁ ପ୍ରତାପଗଡ଼ ବାହାର ଦୁନିଆଁରୁ କିପରି ବିଛିନ୍ନ ହୋଇ ରହିଛି ।

କୃଷିର ଆଧୁନିକୀକରଣ କରିବାକୁ ହେଲେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କର ସାହାଯ୍ୟ ଆମପାଇଁ ଅପରିହାର୍ଯ୍ୟ । ରାସ୍ତା ଘାଟ ନହେଲେ ପ୍ରତାପଗଡ଼କୁ ସେମାନେ ଯିବେ କିପରି ? ପ୍ରତାପଗଡ଼ ପାଇଁ ଗୋଟିଏ ଭଲ ରାସ୍ତା ହେଉଛି ତା’ ପାଇଁ ଗୋଟିଏ ଶିରା, ଯା’ଦ୍ୱାରା ଉନ୍ନତିର ରକ୍ତ ତା ଦେହରେ ପଶିପାରିବ ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୦

ବିଜୟର ଡାଏରୀଟି ପଢୁ ପଢୁ ମେଘମାଳା ପୁଣି ଥରେ ଆନମନା ହୋଇଗଲା । ବିଜୟ ସମିତାର ପ୍ରଶଂସାରେ ଶତମୁଖ ହେବା ମେଘମାଳାକୁ ଦୁଃଖ ଦେଉନଥିଲା, ବରଂ ସମିତା ପ୍ରତି ବିଜୟର ଭଲପାଇବାର ସ୍ୱୀକାରୋକ୍ତି ତାକୁ କଷ୍ଟ ଦେଇଥିଲା । ମନ ତା'ର ବିଳପି ଉଠୁଥିଲା । ମେଘମାଳା ଭାବିଲା..ସତରେ କ'ଣ ତା ଭଲ ପାଇବାର ପରିସମାପ୍ତି ହୋଇଯାଇଛି ! ସତରେ କ'ଣ ସେ ବିଜୟକୁ ହରାଇ ବସିଛି ଚିରଦିନ ପାଇଁ !

ପିଲାଦିନୁ କେବେହେଲେ ବିଜୟ ବ୍ୟତୀତ ଅନ୍ୟ କାହା କଥା ଚିନ୍ତା କରି ପାରିନାହିଁ । ସ୍କୁଲ୍ ଓ କଲେଜ ଜୀବନରେ ଅନେକ ପୁଅ ପିଲା ତାର ନିକଟବର୍ତ୍ତୀ ହେବାପାଇଁ ଚେଷ୍ଟା କରିଛନ୍ତି । ସମସ୍ତଙ୍କୁ ଦୂରେଇ ଦେଇଛି ମେଘମାଳା । ମନ ଭିତରେ ବିଜୟ ନାମକ ଯେଉଁ ଦୃଢ଼ ବଳୟ ସେ ସୃଷ୍ଟି କରିଛି ତା'ର ସୀମା ରେଖାକୁ ସ୍ପର୍ଶ କରିବା ପାଇଁ ମଧ୍ୟ କାହାକୁ ଦେଇନାହିଁ । ଯେତେ ପୁଅ ପିଲା ତାର ନିକଟବର୍ତ୍ତୀ ହେବାପାଇଁ ଚେଷ୍ଟା କରିଛନ୍ତି, କାହାପ୍ରତି ସେ ଖରାପ ବ୍ୟବହାର କରିନାହିଁ ବରଂ ବିନମ୍ରତା ସହିତ ପ୍ରତ୍ୟାଖ୍ୟାନ କରିଦେଇଛି ।

କଲେଜରେ ଯେଉଁ ଦିନ ସେ ଶ୍ରେଷ୍ଠ ସୁନ୍ଦରୀ ବା 'କଲେଜ୍ କୁଇନ୍' ଭାବରେ ବିବେଚିତ ହୋଇଥିଲା, ସେ ଦିନ କଥା ଆଜି ମନେପଡେ । 'କଲେଜଶ୍ରୀ' ଭାବରେ

Source: Author, Digitized by PPRACHIN, SOA

ବିବେଚିତ ହୋଇଥିବା ଶ୍ରୀକାନ୍ତ ନାମକ ଯୁବକଟି ତା'ର ପିଛା କରି ଘର ପର୍ଯ୍ୟନ୍ତ ଆସିଥିଲା । କହିଥିଲା... ମେଘମାଳା, ମୁଁ ତୁମକୁ ଭଲପାଏ, ଜୀବନରୁ ବଳି ଭଲପାଏ । ଅନେକ ଦିନ ଧରି ତୁମ ଚିନ୍ତା ମୋର ନିଦ ହଜାଇ ଦେଇଛି । ତୁମେ ମୋ ଭଲ ପାଇବାର ପ୍ରତିଦାନ ନଦେଲେ ମୁଁ ଆତ୍ମହତ୍ୟା କରିବି । ଏଇ ଦେଖ ତାର ନମୂନା । ଏହା କହି ବାଁ ହାତ ସାର୍ଟର ସ୍ଲିଭ୍ ଖୋଲି ଦେଖାଇଲା ଶ୍ରୀକାନ୍ତ । ବ୍ଲେଡ୍‌ରେ ଚିରି ହାତରେ ଲେଖିଛି ମେଘମାଳାର ନାଁ । ଆଶ୍ଚର୍ଯ୍ୟ ହୋଇଗଲା ମେଘମାଳା, କି ପାଗଳ ସତେ !

ଘରକୁ ଡାକି ପାଖରେ ବସାଇ ଶ୍ରୀକାନ୍ତକୁ ବହୁତ୍ ବୁଝାଇଲା ମେଘମାଳା । କହିଥିଲା...ଦେଖ ଶ୍ରୀକାନ୍ତ, ଫୁଲ ଥରେ ଦେବତାଙ୍କ ମଥାରେ ଚଢ଼ିବା ପରେ ତାହା କଣ ଆଉ କେଉଁ ଦେବତା ପାଇଁ ପୂଜାଯୋଗ୍ୟ ହୋଇ ରହେ ? ମୁଁ ମୋର ମନ ପ୍ରାଣ ଜଣକୁ ଦେଇସାରିଛି, ଫେରାଇ ଆଣି ପାରିବି ନାହିଁ । ମୋ ହୃଦୟ ଭିତରେ ଆଉ ଗୋଟିଏ ଭଲ ପାଇବାର ଜାଗା ଖାଲି ଅଛି । ତାହା ଭାଇର ଜାଗା । ମୋର ଭାଇ ନାହାଁନ୍ତି ଶ୍ରୀକାନ୍ତ । ତମେ ମୋ ହୃଦୟର ସେହି ସ୍ଥାନ ପୂରଣ କର ପ୍ଲିଜ୍ ।

ଝଡ଼ ବେଗରେ ସେ ସ୍ଥାନ ଛାଡି ଚାଲିଯାଇଥିଲା ଶ୍ରୀକାନ୍ତ । ଏହି ଘଟଣାର ଆଠ ଦିନ ପରେ ପଡିଥିଲା ରାକ୍ଷୀ ପୂର୍ଣ୍ଣିମା । ସେଦିନ ସକାଳୁ ସକାଳୁ ଗୋଟିଏ ବଡ଼ ସାଇଜ୍‌ର ରାକ୍ଷୀ ଧରି ମେଘମାଳା ଘରେ ପହଞ୍ଚିଥିଲା ଶ୍ରୀକାନ୍ତ । ଶ୍ରୀକାନ୍ତ ହାତରେ ରାକ୍ଷୀ ବାନ୍ଧିଦେଇ ଆନନ୍ଦରେ ସେଦିନ ବହୁତ ଲୁହ ଝରାଇ ଥିଲା ମେଘମାଳା । କହିଥିଲା...ତୁ ଆଜି ଏ ଭଉଣୀର ମଥା ଗର୍ବରେ ଉଚ୍ଚା କରିଦେଇଛୁ ଭାଇ । ଭାଇର ଶୂନ୍ୟସ୍ଥାନ ପୂରଣ କରି ମତେ ମାଟିରୁ ନେଇ ସ୍ୱର୍ଗରେ ବସାଇ ଦେଇଛୁ । କିପରି ମୁଁ ତୋର ଏ ଋଣ ଶୁଝିବି ଜାଣିପାରୁନି ।

ଶ୍ରୀକାନ୍ତ, ଭାଇର କର୍ତ୍ତବ୍ୟ ସବୁବେଳେ ପାଳନ କରି ଆସିଛି । ଥରେ କଲେଜର ଇଂରାଜି ପ୍ରଫେସର ମେଘମାଳା ଉପରେ ଖରାପ ଦୃଷ୍ଟି ପକାଇଲେ । ଘରେ ସୁନ୍ଦରୀ ପତ୍ନୀ ଥାଇ ମଧ୍ୟ ଲୁଙ୍ଗୁଡାମି କରୁଥିବା ଏହି ଭଅଁରଟିକୁ ଉପଯୁକ୍ତ ଶାସ୍ତି ଦେବାପାଇଁ ଠିକ୍ କଲା ମେଘମାଳା । ପ୍ରଫେସର୍ ମହାଶୟ ବାରମ୍ବାର ତାକୁ ଚିଠି ଦେଉଥିଲେ ଏବଂ କଲେଜ ପରେ ନିଜ ଚ୍ୟାମ୍ବରକୁ ଡାକୁଥିଲେ । ତାଙ୍କ କଥାରେ ରାଜି ନହେଲେ ଇଂରାଜି ପେପରରେ ଫେଲ୍ କରିଦେବେ ବୋଲି ଧମକ ଦେଉଥିଲେ । ଏ କଥା ଶ୍ରୀକାନ୍ତକୁ ଜଣାଇଦେଲା ମେଘମାଳା ।

ପ୍ରଫେସରଙ୍କୁ ତାଙ୍କ ଧର୍ମପତ୍ନୀଙ୍କ ଆଗରେ କିପରି ନଗ୍ନ କରାଯିବ ସେ ପ୍ଲାନ୍ ପ୍ରସ୍ତୁତ କରିଥିଲେ ଶ୍ରୀକାନ୍ତ ଓ ମେଘମାଳା ।

ସେଦିନ ଥାଏ ଶୁକ୍ରବାର । ପ୍ରଫେସର୍ ଆଗଭଳି ସମିତାକୁ ଚିଠିଟିଏ ଧରେଇ ଦେଲେ ।

Source: Author, Digitized by PPRACHIN, SOA

ସନ୍ଧ୍ୟାରେ ତାଙ୍କ ଅଫିସକୁ ଏକା ନଆସିଲେ ଫଳାଫଳ ପାଇଁ ପ୍ରସ୍ତୁତି ରହିବାକୁ ଧମକ ଦେଇଥିଲେ ମହାଶୟ ସେ ଚିଠିରେ । ପ୍ଲାନ୍ ଅନୁସାରେ, ମେଘମାଳା ଯିବାପାଇଁ ସମ୍ମତି ଜଣାଇ କହିଲା...ଆପଣ ରୁମର ଲାଇଟ୍ ବନ୍ଦ କରି ଭିତରେ ଥିବେ । ମୁଁ ସୁଯୋଗ ଦେଖି ପହଞ୍ଚି ଯିବି ।

ପକ୍ଷୀ ଯେ ପଞ୍ଜୁରୀରେ ଏତେ ସହଜରେ ଧରାପଡ଼ିବ, ଆଶା କରି ନଥିଲେ ଇଂରାଜି ପ୍ରଫେସର୍ । ମନ କୁରୁଳି ଉଠିଲା । କଲେଜ କୁଇନ୍ ଆଜି ତାଙ୍କର ଅଙ୍କବିଳସିନୀ ହେବ ଭାବି ଉତ୍ସୁକତା ସହିତ ନିର୍ଦ୍ଧାରିତ ସମୟକୁ ଅପେକ୍ଷା କରି ରହିଥିଲେ ପ୍ରଫେସର୍ । ଶ୍ରୀକାନ୍ତ ଶାଢ଼ିଟିଏ ପିନ୍ଧି ପ୍ରଫେସରଙ୍କ ରୁମ୍‌ରେ ସନ୍ଧ୍ୟା ସମୟରେ ପହଞ୍ଚିଲା । ଏଣେ ମେଘମାଳା ପ୍ରଫେସର୍‌ଙ୍କ ପତ୍ନୀ ଏବଂ କଲେଜ ପ୍ରିନ୍ସପାଲ୍‌ଙ୍କୁ ସାଙ୍ଗରେ ନେଇ ନିର୍ଦ୍ଧାରିତ ସମୟରେ ଇଂରାଜି ପ୍ରଫେସରଙ୍କ ରୁମରେ ପହଞ୍ଚିଲା ।

ଶ୍ରୀକାନ୍ତ ଶାଢ଼ି ପିନ୍ଧି ପ୍ରଫେସର୍‌ଙ୍କ ରୁମରେ ପ୍ରବେଶ କରୁ କରୁ ପଶୁ ପ୍ରକୃତି ଆରମ୍ଭ କରିଦେଲେ ପ୍ରଫେସର୍ ।

ଲାଇଟ୍ ଜଳି ଉଠିଲା ଏବଂ ଶ୍ରୀକାନ୍ତ ଉପରେ ପ୍ରଫେସରଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ଠାବ କଲେ ସମସ୍ତେ ।

ଏଭଳି ଧରାପଡ଼ି ଅପମାନିତ ହେବାପରେ ମହାଶୟ ଆଉ କ'ଣ କଲେଜରେ ରହନ୍ତେ ! ଶୀଘ୍ରାତିଶୀଘ୍ର ବ୍ୟବସ୍ଥା କରି ଅନ୍ୟ କଲେଜକୁ ଚାଲିଗଲେ ।

ଆଗରୁ ପ୍ରଫେସରଙ୍କର ଯୌନ ଲାଳସାର ଶିକାର ହୋଇଥିବା ଅନେକ ଝିଅଙ୍କ ମନ ଖୁସିରେ ଭରିଯାଇଥିଲା । କଲେଜରେ ମେଘମାଳା ଏକ ଆଦର୍ଶ ଝିଅ ଏବଂ ଶ୍ରୀକାନ୍ତ ହିରୋ ଭାବରେ ପରିଗଣିତ ହେଲେ । ଏହି ଘଟଣା ପରଠାରୁ ମେଘମାଳାକୁ ଆଡ଼ ଆଖିରେ ଚାହିଁବା ପାଇଁ କେହି ସାହସ କଲେନାହିଁ । ସମସ୍ତେ ଜାଣିଗଲେ ଯେ ମେଘମାଳା କଣ୍ଟା ଭିତରେ ଥିବା ପୂଜା ପାଇଁ ଏକ ଉଦ୍ଦିଷ୍ଟ ଫୁଲ । ତୋଳିବାକୁ ଚେଷ୍ଟାକଲେ କଣ୍ଟା ଫୋଡ଼ି ହୋଇ ରକ୍ତାକ୍ତ ହେବା ସାର୍ ହେବ ।

ଫୁଲ ଫୁଟିଲେ ତ ତା'ର ସୁବାସରେ ଆକୃଷ୍ଟ ହୋଇ ଅନେକ ଭ୍ରମର ତା' ପାଖରେ ଘୂରି ବୁଲିବେ । ଫୁଲ ସିନା ମନା କରିପାରିବେ ନାହିଁ କାରଣ ସେ ବୃନ୍ତସହିତ ବାନ୍ଧି ହୋଇ' ନାଚାର, କିନ୍ତୁ ଝିଅଟିଏ ତ ମନା କରି ପାରିବ । ନହେଲେ ଜୀବନ ନର୍କରେ ପରିଣତ ହୋଇଯିବ । ପିଲାଦିନୁ ମେଘମାଳା ବାପାଙ୍କଠାରୁ ଯେଉଁ ସଂସ୍କାର ପାଇଛି ଏବଂ ବିଜୟର ବୋଉଙ୍କ ଠାରୁ ଯେଉଁ ଶିକ୍ଷା ପାଇଛି, ତାହା ତାର ଚରିତ୍ରକୁ ସ୍ୱଚ୍ଛ ସୁନ୍ଦର ପବିତ୍ର କରି ସାଇତି ରଖିବାରେ ସାହାଯ୍ୟ କରିଛି । ବିଜୟର ବୋଉ ସବୁବେଳେ

Source: Author, Digitized by PPRACHIN, SOA

କହିଛନ୍ତି...ମା୍‌ଆଲୋ, ଝିଅ ଜୀବନରେ ସଂସାର ପଥ ବଡ଼ ପିଚ୍ଛିଳ । ଟିକିଏ ଅସାବଧାନ ହେଲେ ଗୋଡ଼ ଖସିଯାଇ କେଉଁ ଅଥଳ ଖାଇରେ ପକାଇଦିଏ, ଜାଣି ହୁଏନାହିଁ । ଥରେ ବଦନାମ୍ ହେଲେ ବାଟ ଚ଼ାଲିବା ଦୁର୍ବିସହ ହୋଇଯାଏ ।

ସେଥିପାଇଁ ବିଜୟକୁ ଜୀବନରୁ ବଳି ଭଲ ପାଇଲେ ମଧ୍ୟ, ମେଘମାଳା କେବେହେଲେ ତା'ପ୍ରେମର ଡିଣ୍ଡିମ ପିଟି ନାହିଁ । କାହାକୁ କିଛି କହିବାର ସୁଯୋଗ ଦେଇନାହିଁ ।

ଆଉ ଆଜି !, ଯେଉଁ ଦେବତା ପାଇଁ 'ମେଘମାଳା' ନାମ୍ନୀ ଫୁଲଟି ଏତେ ସୁରକ୍ଷିତ ହୋଇ ରହିଛି, ସେ ଦେବତା ତାହା ବୁଝି ପାରୁନାହାନ୍ତି ! ଦୀର୍ଘ ନିଶ୍ୱାସ ପକାଇଲା ମେଘମାଳା ।

ସଞ୍ଜ ଗଡି ରାତି ଦି'ଘଡି ହେଲାଣି । ତେଣେ ରୋଷେଇ କରିବାକୁ ହେବ । ବାପା ଆଜିକାଲି ଶୀଘ୍ର ଖାଉଛନ୍ତି । ଡେରି ହେଲେ ଶୋଇପଡ଼ିବେ । ଅଗତ୍ୟା ଡାଏରୀଟି ବନ୍ଦକରି ଉଠିଲା ମେଘମାଳା ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୧

ମେଘମାଳାର ମନ ଅଶାନ୍ତ ଓ ଉଦ୍‌ବେଳିତ । ବିଜୟ ଛାଡ଼ି ଯାଇ ଥିବା ଡାଏରୀଟି ପଢି ଶେଷ ନକରିବା ଯାଏ ମନ ତାର କେଉଁଠି ବି ଲାଗୁ ନାହିଁ । ତରତରରେ ରୋଷେଇକାମ ଶେଷ କରି, ବାବାଙ୍କୁ ଖାଇବାକୁ ଦେଇ ଡାଏରୀଟି ଖୋଲି ବାକି ଅଂଶ ପଢିବାକୁ ଆରମ୍ଭ କଲା ମେଘମାଳା ।

ବିଜୟ ଲେଖିଥିଲା...

'ସମିତାର ଚିନ୍ତାଧାରା ଥିଲା ଦୂରଦର୍ଶୀ । ସେ ଠିକ୍ ଅନୁମାନ କରିଥିଲା । କୃଷିମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଯିବା ପରେ ସୁନ୍ଦର କଚ୍ଚା ରାସ୍ତାଟିଏ ନିର୍ମିତ ହୋଇଗଲା ପ୍ରତାପଗଡ଼କୁ ।

ପବିତ୍ର ସୁନିଆ ଦିନଟିକୁ ତାର 'ସବୁଜ ବିପ୍ଳବ'ର ଶୁଭାରମ୍ଭ ପାଇଁ ନିର୍ଦ୍ଧାରିତ କଲା ସମିତା । ଏଇଟା ଥିଲା କଲେଜରେ ଆମର ଶେଷ ବର୍ଷ । ପାଠପଢା କିନ୍ତୁ ସମିତା ପାଇଁ ଗୌଣ କାମ ଥିଲା, ପ୍ରତାପଗଡ଼ରେ ସବୁଜ ବିପ୍ଳବର ମୂଳଦୁଆ ପକାଇବା ଥିଲା ତାର ମୁଖ୍ୟ କାମ ।

Source: Author, Digitized by PPRACHIN, SOA

ସଭାର ଆୟୋଜନ ପାଇଁ ପ୍ରତାପଗଡ଼ ଯିବା ପୂର୍ବରୁ ସମିତା ମତେ ନିମନ୍ତ୍ରଣ ଜଣାଇଥିଲା । କହିଥିଲା....ସାତ ଦିନ ଆଗରୁ ଯାଇ ପହଞ୍ଚିବ ବିଜୟ । ସବୁ ଯୋଗାଡ଼ ଯନ୍ତ କରିବାରେ ସାହାଯ୍ୟ କରିବ ମତେ । ଫେରି ଆସିବା ପାଇଁ ତରତର ହେବନାହିଁ । ଅତି କମରେ ପନ୍ଦରଟି ଦିନ ରହିବାପାଇଁ ମାନସିକ ପ୍ରସ୍ତୁତି ନେଇ ଯିବ ।

ମୁଁ କହିଥିଲି... ଯଥା ଆଜ୍ଞା ରାଜକୁମାରୀଜୀ ।

ହସି ଦେଇଥିଲା ସମିତା । ହାତକୁ ମୋର ମୋଡି ଦେଇ କହିଥିଲା.. ରାଜକୁମାରୀ କେ ଚ଼ମଚେ, ନଯିବ ତ ଦେଖିବ ପୁଣି ।

ନିର୍ଦ୍ଧାରିତ ସମୟରେ ମୁଁ ପ୍ରତାପଗଡ଼ରେ ପହଞ୍ଚିଲି । ସେଦିନ ସଭାରେ ଓଜସ୍ୱିନୀ ଭାଷଣ ଦେଲେ ମନ୍ତ୍ରୀ ମହାଶୟ । ପ୍ରକୃତିର ପ୍ରାଣପ୍ରାଚୁର୍ଯ୍ୟ ଭିତରେ ଥାଇ ମଧ୍ୟ ପ୍ରତାପଗଡ଼ ଯେ ଦରିଦ୍ର ହୋଇ ରହିଛି, ସେଥିପାଇଁ ଆଶ୍ଚର୍ଯ୍ୟ ହେଲେ କୃଷିମନ୍ତ୍ରୀ, ଦୁଃଖ ପ୍ରକାଶ କଲେ ମଧ୍ୟ ।

ଚ଼ମ୍ପାଝରେ ଜଳସେଚ଼ନ ଯୋଜନାକୁ ଶୀଘ୍ର ବିଭାଗୀୟ ସ୍ୱୀକୃତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ସମିତାର ଉଦ୍ୟମର ଭୂୟସୀ ପ୍ରଶଂସା କଲେ କୃଷିମନ୍ତ୍ରୀ । ଉପସ୍ଥିତ ଜନତା ସମିତାକୁ ରାଜୋଚ଼ିତ ସମ୍ମାନ ଦେଲେ । ହୁଳହୁଳି ହରିବୋଲ ଶବ୍ଦରେ ବାୟୁମଣ୍ଡଳ କମ୍ପି ଉଠିଲା । ସମସ୍ତଙ୍କ ମୁହଁରେ ଥିଲା ସମିତାର ନାଁ । ଆବାଳ ବୃଦ୍ଧ ବନିତା, ସମସ୍ତଙ୍କ ଭିତରେ ଭିଡ଼ ଲାଗିଗଲା 'ଜେମା'ଙ୍କୁ ବନ୍ଦାପନା କରି ପାଦ ଛୁଇଁବା ପାଇଁ । ଆଶ୍ଚର୍ଯ୍ୟ !

ମନ୍ତ୍ରୀଙ୍କ ଆଗମନ ଯୋଗୁଁ ଯେଉଁ ଉଚ୍ଚପଦସ୍ଥ ପଞ୍ଚାୟତ କର୍ମକର୍ତ୍ତାମାନେ ପ୍ରତାପଗଡ଼ ଯାଇଥିଲେ, ସ୍ଥାନଟି ସେମାନଙ୍କ ପାଇଁ ପ୍ରଥମ ଦର୍ଶନ ଥିଲା । ତା'ର ପ୍ରାକୃତିକ ଅବସ୍ଥିତର ସେମାନେ ଭୁୟସୀ ପ୍ରଶଂସା କଲେ । କେହି କେହି କହିଲେ ପ୍ରତାପଗଡ଼ ୟୁରୋପର ସୁଇଜରଲ୍ୟାଣ୍ଡ୍ ସହିତ ତୁଳନୀୟ ତ ପୁଣି କିଏ କହିଲା କାଶ୍ମୀରର ସୌନ୍ଦର୍ଯ୍ୟର ଝଲକ ଏଠାରେ ପରିଦୃଷ୍ଟ ।

ସମସ୍ତଙ୍କ ଆଖି ପଡ଼ିଲା ଏହି ଅନ୍ଧାରୀ ପାହାଡ଼ୀ ମୁଲକର ପ୍ରାକୃତିକ ସୁଷମା ଉପରେ । ଆଖି ପୂରେଇ ଉପଭୋଗ କରିଥିଲେ ସେମାନେ ପ୍ରତାପଗଡ଼କୁ । କିନ୍ତୁ ଏଇ ପ୍ରକୃତି କୋଳରେ ଯେଉଁ ଶହ ଶହ ପରିବାର ଜରାଜୀର୍ଣ୍ଣ କୁଡ଼ିଆ ଭିତରେ ଭୋକିଲା ପଡ଼ିଥିଲେ, ସେମାନଙ୍କ ଉପରେ କାହାର ଦୃଷ୍ଟି ପଡ଼ିଲା କି ନାହିଁ ଜଣାନାହିଁ । କେଉଁ କାରଣରୁ ସେମାନେ ଦାରିଦ୍ର୍ୟର ଭୟଙ୍କର ବଳୟ ଭିତରେ ରୁନ୍ଧି ହୋଇ ରହିଛନ୍ତି, ଖାଇବା ପାଇଁ ଦାନା ନାହିଁ, ପିନ୍ଧିବାକୁ ନାହିଁ କନା, ଶିକ୍ଷା କଣ ଜାଣିନାହାନ୍ତି ସେମାନେ; ସେସବୁ ପ୍ରଶ୍ନ କାହାର ମନକୁ ଛୁଇଁଲା କି ନାହିଁ କିଏ ଜାଣେ ?

Source: Author, Digitized by PPRACHIN, SOA

ଅତିଥିମାନେ ଚାଲିଯିବା ପରେ ଶୂନ୍ୟ ପେଣ୍ଡାଲରେ ବସିଥିବା ସମୟରେ ସମିତା କହିଲା...ବିଜୟ,ଦେଖୁଛ ଏହି ଦରିଦ୍ର ଲୋକଙ୍କୁ, ସେମାନେ ସମସ୍ତେ ସଭାକୁ ଆସିଥିଲେ ଦୁଇଟି ସିଙ୍ଗଡ଼ା ଏବଂ ଗୋଟିଏ ମିଠା ଲୋଭରେ । ସଭାରେ ଜନସଂଖ୍ୟା ବଢ଼ାଇବା ପାଇଁ ମନ୍ତ୍ରୀଙ୍କ ଲୋକମାନେ ଆଗୁଆ ଏହି ବ୍ୟବସ୍ଥା କରାଇଥିଲେ । ମନ୍ତ୍ରୀଙ୍କ ଭାଷଣ କ'ଣ ବା ବୁଝିଥିବେ ସେମାନେ ?

ଏଠାରେ ପ୍ରକୃତିର ଏତେ ପ୍ରାଚୁର୍ଯ୍ୟ ପରିପୂର୍ଣ୍ଣ, କିନ୍ତୁ ତାକୁ ସ୍ପର୍ଶ କରିବାର ଅଧିକାର ସେମାନଙ୍କର ନାହିଁ । ଅଧିକାଂଶ ସ୍ଥାନ ଅନାବାଦୀ ସରକାରୀ ପଡ଼ିଆ । ଯାହାକିଛି ପାହାଡ଼ୀ ଜମି ଅଛି, ତାହା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ । ବର୍ଷାଦିନେ ମାଣ୍ଡିଆ ଏବଂ ହଳଦୀ ଛଡ଼ା ଆଉ କିଛି ଉତ୍ପାଦନ ହୁଏନାହିଁ ସେଥିରେ । ତାହା ମଧ୍ୟ ଅମଳ ପରେ ଚାଷୀର ଘରକୁ ଆସେନାହିଁ । ମହାଜନ ଜମି ମୁଣ୍ଡରୁ ଋଣ ପରିଶୋଧ ବାବଦକୁ ତାହା ନେଇଯାଏ । ତଥାପି ଋଣ ଶୁଝାଯାଏନି । ଚକ୍ରବୃଦ୍ଧି ହାରରେ ସୁଧ ବଢ଼ିଚାଲେ । ତା' ପରବର୍ଷ ଫସଲ ହେଲାବେଳକୁ ଜମି ମୁଣ୍ଡରୁ ପୁଣି ଚାଷୀ ହାତରୁ ଫସଲ ଚାଲିଯାଏ ମହାଜନ ହାତକୁ । ଏ ଭୟଙ୍କର ବଳୟ ଭିତରୁ କିଏ ସେମାନଙ୍କୁ ଉଦ୍ଧାର କରିବ ?

ମୁଁ ପଚାରିଲି...ସମିତା, ସ୍ୱୟଂ ସହାୟକ ଗୋଷ୍ଠୀମାନେ ପରା ଆଜିକାଲି ଋଣ ଦେଉଛନ୍ତି ପଶୁପାଳନ, ବ୍ୟବସାୟ ଇତ୍ୟାଦି କରିବା ପାଇଁ ।

ସମିତା କହିଲା...ଜାଣିଛ ବିଜୟ, ସେ ଏକ ବଡ଼ ଧୂଆଁବାଣ । କିଛି 'ମାଇକ୍ରୋ କ୍ରେଡିଟ' ସଂସ୍ଥା ଏହାକୁ ବ୍ୟବସାୟରେ ପରିଣତ କରି ଦେଲେଣି । ତିରିଶି ପର୍ସେଣ୍ଟ୍ ପର୍ଯ୍ୟନ୍ତ ସୁଧ ହାଙ୍କିବେ । ସପ୍ତାହକୁ ସପ୍ତାହ ଚାଷୀ ଦୁଆରେ ଆସି ବସିବେ କିସ୍ତି ଅସୁଲ ପାଇଁ । ଦେଇ ନପାରିଲେ ଗାଈ ଗୋରୁ ଛେଳି ମେଣ୍ଢା ଯାହାଥିବ ବାନ୍ଧି ନେଇଯିବେ ।

ବାସ୍ତବରେ ଏହି ଗରିବ ଲୋକମାନେ ନିଜ ନିଜର ଗୋଷ୍ଠୀ ପ୍ରତିଷ୍ଠା କରି, ନିଜ କ୍ଷୁଦ୍ର ସଞ୍ଚୟରୁ ପାଣ୍ଠି ଗଢ଼ି ପରସ୍ପରକୁ ସାହାଯ୍ୟ କରିପାରିଲେ ଏହି 'ମାଇକ୍ରୋ କ୍ରେଡିଟ' ମହାଜନ ଦାଉରୁ ରକ୍ଷା ପାଇପାରନ୍ତେ । ସେଥିପାଇଁ ସେମାନଙ୍କୁ ହାତ ଧରି ଆଗେଇ ନେବାର ଆବଶ୍ୟକତା ରହିଛି ।

'ଚମ୍ପାଝର ଜଳ ଯୋଜନା' ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଅନେକଗୁଡ଼ିଏ ସମାଜ-ଉନ୍ନତିମୂଳକ କାମ ଗାଁ ଗଣ୍ଡା ମାନଙ୍କରେ କରିବାକୁ ପଡ଼ିବ ବିଜୟ ।

ସମିତାର ସାନ୍ନିଧ୍ୟ ପ୍ରତାପଗଡ଼ରେ ମୋର ରହଣିକୁ ମଧୁମୟ କରି ଦେଇଥିଲା । ପ୍ରଥମ ଦିନ ହିଁ ସମିତା ମୋତେ ପାଛୋଟି ନେଇ ଯାଇଥିଲା ରାଜବାଟି ଭିତରକୁ । ରାଜବାଟିରେ ମୁଁ ତା'ର ଥିଲି ସ୍ୱତନ୍ତ୍ର ଅତିଥି ।

Source: Author, Digitized by PPRACHIN, SOA

ପ୍ରତାପଗଡ଼ ଠାରୁ ଅଳ୍ପ ଦୂରରେ ଅବସ୍ଥିତ ଥିଲା ଏହି ପୁରୁଣା ଢାଞ୍ଚାର ରାଜପ୍ରାସାଦଟି । ବାହାରକୁ ପୁରାତନ ଢାଞ୍ଚା ଦେଖାଯାଉ ଥିଲେ ମଧ୍ୟ ଭିତରର ସାଜସଜ୍ଜା ସମ୍ପୂର୍ଣ୍ଣ ଆଧୁନିକ ଥିଲା । ଏତେ ବଡ଼ ରାଜପ୍ରାସାଦର ରକ୍ଷଣାବେକ୍ଷଣ କିପରି ହେଉଛି ଏବଂ ସମିତା ଏହାର ପରିଚାଳନା କିପରି ଏକା କରିପାରୁଛି, ଏହି ପ୍ରଶ୍ନ ବାରମ୍ବାର ମନରେ ମୋର ଉଠୁଥିଲା । ସମିତା ମୋ ମନକଥା ଜାଣିଲା ପରି କହିଲା..ଏତେ ବଡ଼ ରାଜପ୍ରାସାଦର ଦାୟିତ୍ୱ ମୁଁ ଗୋଟିଏ ଟ୍ରଷ୍ଟ ଗଠନ କରି ସେମାନଙ୍କ ହାତରେ ଛାଡ଼ି ଦେଇଛି । ରାଜବାଟିର ଜମିଜମା, ସୁନାରୂପା ଏବଂ ଟଙ୍କାପଇସା ସବୁ ସେହି ଟ୍ରଷ୍ଟ ପରିଚାଳନା କରନ୍ତି । ସ୍କୁଲ୍, କଲେଜ୍, ବ୍ୟାଙ୍କ୍ ଅଫିସ ଏବଂ ଡାକ୍ତରଖାନା ପ୍ରତିଷ୍ଠା ଦିଗରେ ଯାହାକିଛି ପଦକ୍ଷେପ ଆବଶ୍ୟକ ହେବ ସବୁ ସେହି ଟ୍ରଷ୍ଟ୍ ହିଁ କରିବେ । ଯେଉଁ ପ୍ରଜାମାନଙ୍କ ରକ୍ତରେ ଗଢା ଏହି ଇମାରତ ଏବଂ ଧନସମ୍ପଦ, ସେହି ପ୍ରଜାମାନେ ହିଁ ତା'ର ଅଧିକାରୀ ।

ଶହେଟି ରୁମ୍ ଥିବା ଏହି ରାଜବାଟିରୁ ମୁଁ ମୋ ପାଇଁ ରଖିବି ମାତ୍ର ଦୁଇଟି ରୁମ୍ । ବାକି ସବୁ ପ୍ରଜାମାନଙ୍କ ପାଇଁ ଦାନ କରିଦେବି ବୋଲି ନିଷ୍ପତ୍ତି ନେଇଛି ବିଜୟ ।

ସମିତାକୁ ବିମୁଗ୍ଧ ଆଖିରେ ଚାହିଁ ରହିଥିଲି ମୁଁ । କେତେ ନିରାସକ୍ତ ସତେ ଏ ଝିଅଟି ! ସମ୍ପୂର୍ଣ୍ଣ ଭାବରେ ଲୋଭଶୂନ୍ୟ ମନଟିଏ । ନିଜ ପୂର୍ବପୁରୁଷଙ୍କର ଅନ୍ୟାୟ ପାଇଁ ଜଣେ କ'ଣ ଏଭଳି ପ୍ରାୟଶ୍ଚିତ କରିପାରେ !

ପ୍ରତାପଗଡ଼ରେ ମୋର ରହଣି ଭିତରେ ରାୟ ବାହାଦୂର ବଂଶ ସହିତ ଜଡ଼ିତ କେତୋଟି ଚରିତ୍ର ସହିତ ମୋର ପରିଚୟ କରାଇ ଦେଇଥିଲା ସମିତା । ତା'ଭିତରୁ ଜଣେ ପ୍ରମୁଖ ଚରିତ୍ର ଥିଲେ ସମିତାର ଦାଦା ତଥା ସ୍ୱର୍ଗତ ପିତାଙ୍କର ସାନଭାଇ ରାଜେନ୍ଦ୍ର ସିଂହ । ରାଜବାଟିର ସମ୍ପତ୍ତି ଉପରେ ତାଙ୍କର କିଛି ଦାବି ନଥିଲେ ମଧ୍ୟ ରାଜବାଟିକୁ ଯିବାଆସିବା ତାଙ୍କର ଲାଗି ରହିଥିଲା । ସମିତା ତାଙ୍କୁ ସମ୍ମାନ ଜଣାଉଥିଲା ଏବଂ ଆବଶ୍ୟକ ସ୍ଥଳେ ପରାମର୍ଶ ମଧ୍ୟ ନେଉଥିଲା । ସେ ଥିଲେ ଏକ ଗମ୍ଭୀର ପ୍ରକୃତିର ବ୍ୟକ୍ତିତ୍ୱ । ତାଙ୍କର ପ୍ରଶସ୍ତ କପାଳ, ଖଣ୍ଡାଧାର ନାକ, ଲମ୍ବିଳିଆ ମୁହଁରେ ମୋଟା ମୋଟା ମାଗୁର ନିଶ ସାଙ୍ଗକୁ ସାମନ୍ତବାଦୀ ଚାହାଁଣୀ ଭିତରେ ଏକ ଭୂଲୁଣ୍ଠିତ ରାଜ ବଂଶର ଆହତ ଅହଂକାର ସ୍ପଷ୍ଟ ପଢ଼ି ହେଉଥିଲା ।

ସମିତାର ଏଭଳି ରାଜ ପରିବାରର ଧନ ସମ୍ପତ୍ତି ସମାଜ ସେବାରେ ନିୟୋଜିତ କରିବା ନିଷ୍ପତ୍ତି ସପକ୍ଷରେ ସେ ନଥିଲେ । ଏକାନ୍ତ ମୁହୂର୍ତ୍ତରେ ଥରେ ମତେ କହିଥିଲେ...ବିଜୟ,ତୁମ ବନ୍ଧୁ ସମିତାକୁ ଟିକିଏ ବୁଝାଅ,ଏ ଭଳି ଲୋକଦେଖାଣିଆ ବଦାନ୍ୟତାର ମୂଲ୍ୟ କିଛି ନଥାଏ । ସମୟ ଆସିବ ଯେତେବେଳେ ନିଃସ୍ୱ ହୋଇ ଅନ୍ୟ ଆଗରେ ହାତ ପତାଇବାକୁ ପଡ଼ିବ ।

Source: Author, Digitized by PPRACHIN, SOA

ବିନମ୍ରତାର ସହିତ ମୁଁ କହିଥିଲି.... ମୁଁ ସମିତାର ବନ୍ଧୁ ବ୍ୟତୀତ ଅନ୍ୟ କିଛି ନୁହେଁ। ସମିତା ସହିତ ଏଭଳି ଅନଧିକାର ଚର୍ଚ୍ଚା ମୁଁ କରିବା ଠିକ୍ ହେବନାହିଁ।

'ମଳୟେନ୍ଦୁ'ନାମକ ଆଉ ଏକ ଅଦ୍ଭୁତ ଚରିତ୍ର ସହିତ ମଧ୍ୟ ମୋର ପରିଚୟ ହୋଇଥିଲା ସେଠାରେ। ମଳୟେନ୍ଦୁ ଥିଲା ରାଜେନ୍ଦ୍ର ସିଂହଙ୍କର ଦୂର ସମ୍ପର୍କୀୟ ଶାଳକ। ତାର କୃଷ କଦାକାର ଶରୀର, ଜଳନ୍ତ ଆଖି, ଏବଂ ରୁକ୍ଷ ବ୍ୟବହାର ସୂଚାଇ ଦେଉଥିଲା ଯେ କେଉଁ ଏକ ପ୍ରଳୟଙ୍କାରୀ ଝଡ଼ରୁ ତାର ଜନ୍ମ। ଚନ୍ଦନଗଡର ପୁରାତନ ଜମିଦାରଙ୍କର ସେ ପଞ୍ଚମ ପୁତ୍ର। ଜମିଦାରୀ ଉଚ୍ଛେଦ ପରେ ଯେତେବେଳ ଚନ୍ଦନଗଡର ଜମିଦାର ଦାଣ୍ଡର ଭିକାରୀ ହୋଇଯାଇଥିଲେ ସେହି ସମୟରେ ମଳୟେନ୍ଦୁର ଜନ୍ମ। ଅନ୍ୟ ଚାରିଭାଇ କଲିକତା, ମାଡ୍ରାସ ଆଦି ଅଞ୍ଚଳରେ ଲାଲବତୀ ଏରିଆରେ ମଦବୋତଲ ଧରି ବୁଲୁଥିବା ବେଳେ ମଳୟେନ୍ଦୁ ଶରଣ ପଶିଥିଲା ଆସି ରାଜେନ୍ଦ୍ର ସିଂହଙ୍କ ପାଖରେ। ରାଜେନ୍ଦ୍ର ସିଂହଙ୍କର ସମ୍ପର୍କୀୟ ଭାବରେ ରାଜବାଟିକୁ ତାର ଅବାଧ ପ୍ରବେଶ ଥିଲା। ତା'ର ସୁଯୋଗ ନେଇ ସେ ନିଜକୁ ରାଜପୁତ୍ର ଭାବରେ ଜନସାଧାରଣଙ୍କ ସମକ୍ଷରେ ନିଜକୁ ପରିବେଷିତ କରୁଥିଲା।

ସେଦିନ ରାଜବାଟିର ଅତିଥି କକ୍ଷରେ ସମିତା ସହିତ ମତେ ଆଲୋଚନାରେ ମଗ୍ନ ଥିବା ଦେଖି ମଳୟେନ୍ଦୁର ବିକୃତ ମୁଣ୍ଡକୁ କଣ ଜୁଟିଲା କେଜାଣି, ଭ୍ରୂକୁଞ୍ଚନ କରି କହିଥିଲା.....ଭାଗ୍ୟରେ ନଥିଲେ ସାଧାରଣ ଲୋକ କଣ ରାଜବାଟି ଅତିଥି ଗୃହରେ ରହିପାରେ ?

ଉତ୍କ୍ଷିପ୍ତ ହୋଇ ସମିତା କହିଥିଲା...ମାଇଣ୍ଡ୍ ଇୟୋର୍ ଓନ୍ ବିଜିନେସ୍ ମଳୟେନ୍ଦୁ।

ଅଧିକ କିଛି ଘଟିବା ପୂର୍ବରୁ ମଳୟେନ୍ଦୁ ଅତିଥି କକ୍ଷ ଛାଡି ଚାଲି ଯାଇଥିଲା।

ସମିତା ମତେ କହିଥିଲା....ମଳୟେନ୍ଦୁର ବ୍ୟବହାର ପାଇଁ ମୁଁ ବାସ୍ତବିକ୍ ଦୁଃଖିତ ବିଜୟ। ସେ ଗୋଟାଏ ମାନସିକ ଭାରସାମ୍ୟ ବିହୀନ ମଣିଷ। କ'ଣ ବା କରାଯାଏ, କେବଳ ଦାଦାଙ୍କ ସମ୍ପର୍କୀୟ ହୋଇଥିବା ଯୋଗୁଁ ମୁଁ ତାକୁ ରାଜବାଟି ମନା କରିପାରୁନାହିଁ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୨

ମେଘମାଳା,

ପ୍ରତାପଗଡରେ ସେ'ଥର ଆମେ ପନ୍ଦର ଦିନ ରହିଥିଲୁ । ସମିତାର ସାହଚର୍ଯ୍ୟ ଏବଂ ଆତିଥ୍ୟ ଯୋଗୁଁ ପନ୍ଦର ଦିନ ପନ୍ଦରଟି ମୁହୂର୍ତ୍ତ ଭଳି ଲାଗିଥିଲା । ବେଳେବେଳେ ଗପସପ ହସଖୁସିରେ ରାତି ପାହିଯାଏ, ଜଣାପଡ଼େ ନାହିଁ ।

କୃଷିମନ୍ତ୍ରୀ ଚାଲି ଯାଇଥିଲେ । ତଥାପି ତାଙ୍କର ସାଧାରଣ ସଭାଟି ପ୍ରତାପଗଡ଼ରେ ନୂତନ ସୂର୍ଯ୍ୟ ଉଦୟର ସମ୍ଭାବନା ସୃଷ୍ଟି କରିଥିଲା । ଏହି ଆୟୋଜନ ପଛରେ ସମିତାର ଯେଉଁ ଆଗ୍ରହ ଥିଲା ତାହା ଅନୁଭବ କରିପାରିଥିଲେ ପ୍ରତ୍ୟେକ ପ୍ରତାପଗଡ଼ ବାସୀ । ମନ୍ତ୍ରୀ ଯିବାର ଦୁଇ ଦିନ ପରେ ହଠାତ୍ ଦିନେ ସନ୍ଧ୍ୟା ସମୟରେ ସମିତା ମତେ କହିଲା...ଚାଲ ବିଜୟ, ଆଜି ଗାଁ ବାଲାଙ୍କୁ ଭେଟିବା ।'

ସନ୍ଧ୍ୟା ସମୟରେ ଗାଁ ମଝିରେ ଥିବା ଭାଗବତ ଟୁଙ୍ଗି ଘରେ ଆମେ ଯେତେବେଳେ ପହଞ୍ଚିଲୁ, ସେତେବେଳେ ତାସ୍ ଖେଳ ଚାଲିଥିଲା । ସମିତାକୁ ସେଠାରେ ହଠାତ୍ ଦେଖି ସେମାନେ ନିଜ ନିଜର ଆଖିକୁ ବିଶ୍ୱାସ କରି ପାରୁନଥିଲେ । ସମିତା ଯେ ରାଜପରିବାର ବ୍ୟତିକ୍ରମ, ଏକଥା ସେମାନେ ଜାଣିଥିଲେ । କିନ୍ତୁ ସେମାନେ ବିଶ୍ୱାସ କରିପାରୁ ନଥିଲେ ଯେ ସେବା ମନ୍ତ୍ରରେ ଦୀକ୍ଷିତା ଏହି ରାଜକନ୍ୟା ନିଜର ବଂଶ ଆଭିଜାତ୍ୟ ଓ ଅଭିମାନର ନୀଳ-ଚଷମାଟି ଫିଙ୍ଗିଦେଇ ସେମାନଙ୍କ ପାଖକୁ ଚାଲିଆସିବ ।

ଚହଳ ପଡିଗଲା ସେମାନଙ୍କ ଭିତରେ । ତାସ୍ ଖେଳ ସଙ୍ଗେ ସଙ୍ଗେ ବନ୍ଦ୍ । କିଏ କହିଲା, ଶୀଘ୍ର ଚଉକିଟେ ଆଣ ଜେମା ବସିବେ ତ କିଏ ତାଳପତ୍ର ତିଆରି ପଙ୍ଖା ଆଣି ବିଞ୍ଚିବା ଆରମ୍ଭ କରିଦେଲା ।

Source: Author, Digitized by PPRACHIN, SOA

ସମିତା ତଳେ ପଡିଥିବା ମସିଣା ଉପରେ ବସୁ ବସୁ କହିଲା.. ନା ନା ମୁଁ ଆପଣମାନଙ୍କ ସହିତ ତଳେ ବସିବି । ହେ ମୋର ଭାଇ ଦାଦା କାକାମାନେ, ମୁଁ ଆପଣମାନଙ୍କର ଅତିଥି ନୁହେଁ, ଆପଣଙ୍କ ପରିବାରର ଜଣେ ସଦସ୍ୟ । ମୁଁ ଏଇଠି ବସିବି, ଆପଣମାନେ ଦୟାକରି ମତେ ଅତିଥି ଆସନ ଦେଇ ପର କରି ଦିଅନ୍ତୁ ନାହିଁ ।

ତାପରେ ସମିତା ପଚାରିଲା... ଆଚ୍ଛା,ଏଇ ଭାଗବତ ଟୁଙ୍ଗିରେ କଣ ଆଜିକାଲି ସନ୍ଧ୍ୟା ବେଳେ ଭାଗବତ ବୋଲା ହେଉନାହିଁ, ଖାଲି ତାସ ଖେଳ ହେଉଛି ?

ସେଠାରେ ଉପସ୍ଥିତ ଥିବା ସାତ ଆଠ ବର୍ଷର ପିଲାଟିଏ କହିଲା... ନାଇଁ ଦିଦି, ଖାଲି କ'ଣ ତାସ ବାଡିଆ ହଉଚି, ଗଞ୍ଜେଇ ଟଣା ବି ହଉଚି ।

ବଡ଼ମାନଙ୍କ ଭିତରୁ ଜଣେ ବାରଣ କରି ପିଲାଟିକୁ କହିଲା...ଏ ମାଆଙ୍କୁ ମିଛ ସତ କରି କ'ଣ କହୁଚୁ, ଯା ଏଠୁ ।

ସମିତା ହସିଲା, କହିଲା.. ପିଲାଟାର ମୁହଁ ବନ୍ଦ କଲେ କ'ଣ ହବ ? ସତ କଥା ସେ କହିଚି । ଭାଗବତ ଟୁଙ୍ଗି କଣ ଆଉ ଆଗର ଭାଗବତ ଟୁଙ୍ଗି ହୋଇ ରହିଛି ? ଏହା ସବୁପ୍ରକାର ଅସାମାଜିକ କାମର କେନ୍ଦ୍ର ସ୍ଥଳ ପାଲଟିଛି । ଆମକୁ ଭାଗବତ- ଟୁଙ୍ଗି ସମୟକୁ ଫେରିଯିବାକୁ ହେବ । ସନ୍ଧ୍ୟା ସମୟରେ ସବୁଦିନ ଅଧାୟେ ଭାଗବତ ପଢ଼ା ହେଲେ କେମିତି ହୁଅନ୍ତା ? ଗାଁ ଲୋକମାନେ ଏଠାରେ ଏକାଠି ହୁଅନ୍ତେ । ପିଲା ଓ ବଡ଼ ସମସ୍ତେ ନୀତି ଶିକ୍ଷା ପାଆନ୍ତେ । ଗାଁର ନିତିଦିନିଆ ସମସ୍ୟାର ଆଲୋଚ଼ନା ବି ହୋଇପାରନ୍ତା । ସେମିତି ଭଲ ହେବ ନା ବର୍ତ୍ତମାନ ଯାହା ଚ଼ାଲିଚ଼ି ଭଲ ହେଉଛି ?

ଦୁଇଜଣ ବୟସ୍କ ଲୋକ କହିଲେ...ମା' ଆପଣଙ୍କ କଥା ଆମ ପାଇଁ ଆଦେଶ । ଆପଣ ଯାହା କହିବେ ଆମେ କରିବୁ । ଉଆସ ଛାଡ଼ି ଆପଣ ଆସିଛନ୍ତି, କାଦୁଅରେ ଲଟପଟ ହେଉଥିବା ଆମଭଳି ଘୁଷୁରିଙ୍କୁ ଉଦ୍ଧାର କରିବାକୁ, ଆମେ ଆପଣଙ୍କ କଥା ଅନ୍ୟଥା କରିବୁ ମା ? ଆପଣ ଦେଖିବେ କାଲିଠାରୁ ସନ୍ଧ୍ୟା ବେଳେ ଏଠାରେ ଭାଗବତ ପଢ଼ା ଆରମ୍ଭ ହେଇଯିବ ।

ଏହି ସମୟରେ ଜଣେ ପଇଡ଼ ପାଣି ଗ୍ଲାସରେ ଧରି ପହଞ୍ଚି କହିଲା...ମା'ନିଅନ୍ତୁ । ଆପଣଙ୍କ ସାଙ୍ଗ ବାବୁଙ୍କ ପାଇଁ ମୁଁ ଆଉ ଗୋଟେ ପଇଡ଼ କାଟି ପାଣି ନେଇ ଆସୁଛି ।

ସମିତା କହିଲା...ତୁମକୁ କିଏ କହିଲା ଦାଦା ପଇଡ଼ ପାଣି ଆଣିବାକୁ ? ମୁଁ ତ ବଡ଼ ଆଶାରେ ଆସିଥିଲି ଗୁଡ଼ ପକା ଚ଼ା' ପିଇବାକୁ । ଦବନି ?

ସମିତା କଥା ଶୁଣି ଉପସ୍ଥିତ ବୁଢ଼ାଟିଏ କାନ୍ଦି ପକେଇ କହିଲା...ମାଆ ଆପଣଙ୍କ ପାଦ ତଳର ଚ଼ାକର ଆମେ । କି ଭାଗ୍ୟ ଆମର ! ଆଜି ଲକ୍ଷ୍ମୀ ଠାକୁରାଣୀ ଚ଼ଣ୍ଡାଳ ହାତରୁ

Source: Author, Digitized by PPRACHIN, SOA

ଖାଇବେ । ଆରେ କିଏ ଅଛରେ ନଡ଼ିଆ କ୍ଷୀରରେ ଚା' ବନେଇ ମୋ ମାଆଙ୍କୁ ଆଣି ଦିଅ ।

ସମିତା କିନ୍ତୁ ଅଡ଼ି ବସିଲା... ନାଁ ମୁଁ ଆଜି ଗୁଡ଼ ପକା ନାଲି ଚା ପିଇବି, ବହୁତ୍ ଦିନ ଧରି ମୋର ଏ ଅଭିଳାଷ ଅଛି । ଆଜି ପୂରଣ ହେବ ।

ଶେଷରେ ତାହା ହିଁ ହେଲା । ସମିତା ଗୁଡ଼ ପକା ନାଲିଚା'ପିଇଲା । ମୋ ପାଇଁ ସେ ଚା କିଛି ନୂଆ ନଥିଲା । ଗାଁ ରେ ଅନେକ ଥର ତୁ ସେ ଚା' କରି ଦେଇଛୁ ମେଘମାଳା; ତୋର ମନେଥିବ ।

ମେଘମାଳା,

ସେଦିନ ସମିତା, ଗାଁର ସେହି ଲୋକମାନଙ୍କୁ ଏକତାର ମନ୍ତ୍ର ଶିଖାଇଥିଲା । ଅତି ଉତ୍ସୁକତାର ସହିତ ସେମାନେ ସମିତାର କଥା ପିଇ ଯାଉଥିଲେ । ସମିତା କହିଥିଲା.... ମୁଁ ଆପଣମାନଙ୍କ ଆଗରେ ଛୋଟ ଛୁଆ । ବୁଦ୍ଧିରେ କାମରେ ଆପଣମାନେ ମୋଠାରୁ ସରସ । ତଥାପି ମୋ ଛୋଟ ବୁଦ୍ଧିରେ ମୁଁ ଯାହା ଜାଣିଛି ଆମ୍ଭମାନଙ୍କ ଭିତରେ ଏକତା ଆସିଲେ ହିଁ ପ୍ରତାପଗଡ଼ ସ୍ୱର୍ଗରେ ପରିଣତ ହେବ । ମହାଜନର ଶୋଷଣରୁ ମୁକ୍ତି ପାଇବାକୁ ହେଲେ ଆମକୁ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ିବାକୁ ହେବ । ସେଥିପାଇଁ ମୁଁ ଆପଣମାନଙ୍କୁ ସାହାଯ୍ୟ କରିବି ।

ଅଳିଆ ଆବର୍ଜନାମୟ ହୋଇ ପଡ଼ିରହିଛି ଆମର ବାସସ୍ଥାନର ଚ଼ତୁର୍ଦ୍ଦିଗ । ଗାଁ ଦାଣ୍ଡରେ ପାଣି ଜମି ମଶା ମାଛିରେ ଭରିଯାଉଛି ସମସ୍ତଙ୍କ ଘରଦ୍ୱାର । ଅର୍ଥ ଅଭାବରୁ କାହା ଘର ଛପର ହୋଇ ପାରୁନାହିଁ ତ କାହାର କୁଡିଆ ଭୁଶୁଡି ପଡୁଛି । ଗାଁ ପୋଖରୀରେ ଭରି ରହିଛି ପଙ୍କ, କାଦୁଅ, ଅଳିଆ, ଆବର୍ଜନା । ଅନେକ ରୋଗ ବ୍ୟାଧିର ଘର ହୋଇପଡିଛି ଆମର ଏହି ଗାଆଁଟି । ଏସବୁ ଦୂର କରିବାକୁ ହେଲେ ଭେଦଭାବ ଭୁଲି ହାତରେ ହାତ ଧରି ଆମକୁ ଆଗେଇ ଯିବାକୁ ପଡିବ ।

ଏକତା ଆଗରୁ ସିନ୍ଧୁ ଘୁଞ୍ଚିଯିବ । ପର୍ବତ ନଇଁଯିବ ଏକତା ଆଗରେ । ଏକତାର ମନ୍ତ୍ର ନେଇ ଆମେ ସମବାୟ ବିପ୍ଳବର ସୂତ୍ରପାତ କରିବା । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପଞ୍ଜୀକରଣ କରି ସମବାୟ ବିପ୍ଳବ ସହିତ ସେଗୁଡିକ ଆମେ ଯୋଡ଼ିବା । ଆମେ ଆମର ମାଲିକ ହେବା । କେଉଁ ମହାଜନ ବା ମାଇକ୍ରୋ ଫାଇନାନ୍ସ ସଂସ୍ଥା ଆମକୁ ଶୋଷଣ କରିପାରିବେ ନାହିଁ । କେବଳ ଏହି ଗାଁ ନୁହେଁ, ପ୍ରତାପଗଡ଼ ବ୍ଲକ୍ ଅନ୍ତର୍ଗତ ଆଖପାଖ ପଚ଼ାଶ ଖଣ୍ଡ ଗାଁରେ ଏହି ବିପ୍ଳବର ସୂତ୍ରପାତ ହେବ ।

ଚ଼ମ୍ପାଝରର ଜଳ ଯୋଜନା, ଭଗବାନଙ୍କ ଦୟାରୁ ଯଦି କାର୍ଯ୍ୟକାରୀ ହୋଇଯାଏ

Source: Author, Digitized by PPRACHIN, SOA

ତାହେଲେ ଆମ ଅଞ୍ଚଳର ସାମଗ୍ରିକ ଉନ୍ନତି ଘଟିବ । କୃଷିର ଆଧୁନିକୀକରଣ ପାଇଁ ଆମେମାନେ ଟ୍ରାକ୍ଟର, ପାୱାର ଟିଲର, ଟ୍ରେସର ଇତ୍ୟାଦି, ଆଗ୍ରୋ ସର୍ଭିସ୍ ସେଣ୍ଟର୍ ଗଠନ କରି ତା' ଜରିଆରେ ଚାଷୀମାନଙ୍କ ପାଖରେ ପହଞ୍ଚାଇ ପାରିବା ।

ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ ସେଠାରେ ଉପସ୍ଥିତ ଗାଁର ଜନ ସାଧାରଣ । ସମିତା କହି ଚାଲିଥିଲା... ମୁଁ ଜାଣେ, ଯୁଗ ଯୁଗ ଧରି ହୋଇଥିବା ଅତ୍ୟାଚାରରେ ଆପଣମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି । ମନ ଭିତରେ ଆତ୍ମ ପ୍ରବଞ୍ଚନା, ଶିଥିଳତା ଏବଂ ହୀନମନ୍ୟତା ଭରିଯାଇଛି । ନିଜକୁ ହେୟ ମନେ କରୁଛନ୍ତି ଆପଣମାନେ ।

କିନ୍ତୁ, ମନେରଖନ୍ତୁ ମୋର ଭାଇ, ଦାଦା,କାକାମାନେ; ଆପଣମାନେ ଅମୃତର ସନ୍ତାନ । କୃଷକ ପୃଥିବୀର ଅନ୍ନଦାତା । ଆପଣମାନଙ୍କର ବାହୁର ଶକ୍ତିର ଭରସାରେ ଏ ଦୁନିଆ ବଞ୍ଚିଛି । ତେଣୁ ମନରୁ ସବୁ ଆତ୍ମଶ୍ଲାଘା ଦୂର କରିଦିଅନ୍ତୁ । ମୋ ହାତ ଧରି ଚାଲିଆସନ୍ତୁ । ମୁଁ ଆପଣ ମାନଙ୍କୁ ଏକ ଭିନ୍ନ ପୃଥିବୀକୁ ନେଇଯିବି । ସେଠାରେ ଅଭାବ,ଅନାଟନ କିଛି ରହିବ ନାହିଁ । ସମାଜବାଦ ସେ ନୂତନ ପୃଥିବୀର ହେବ ରାଜଧାନୀ, ମାନବ ଧର୍ମ ହେବ ତାର ଧର୍ମ । ଶୋଷଣ, ହିଂସା,ପରଶ୍ରୀକାତରତାର ପୁତିଗନ୍ଧମୟ ନର୍କଠାରୁ ଅନେକ ଦୂରରେ ରହିଥିବା ସେହି ସ୍ୱର୍ଗ ଆପଣମାନଙ୍କୁ ହାତଠାରି ଡାକୁଛି । ଆସ ମୋ ହାତଧର, ସମସ୍ତେ ସେହି ସ୍ୱର୍ଗ ପଥରେ ଆଗେଇଯିବା ।

ନୂତନ ପ୍ରେରଣା, ନୂତନ ଉଦ୍ଦୀପନାରେ ଉଦ୍‌ବୁଦ୍ଧ ହୋଇ ଯାଇଥିଲେ ପ୍ରତାପଗଡ଼ର ଜନସାଧାରଣ । ସମିତା ଗୋଟିଏ କଥା ପ୍ରଥମରୁ ସ୍ପଷ୍ଟ କରିଦେଇଥିଲା... ରାଜନୀତି ଠାରୁ ସେ ବହୁ ଦୂରରେ । ମାନବ ସେବା ତାର ଧର୍ମ ଏବଂ ଜନସାଧାରଣଙ୍କ ସହଯୋଗ ହିଁ ଆବଶ୍ୟକ ସ୍ଥଳରେ ରାଜନେତାମାନଙ୍କୁ ଶିଡ଼ି କରି ଲକ୍ଷ୍ୟ ହାସଲ କରିବାରେ ତାକୁ ସାହାଯ୍ୟ କରିବ ।

ସେ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ସେବା ସଂସ୍ଥାର କ୍ୟାମ୍ପ ପଡ଼ିଥାଏ ପ୍ରତାପଗଡ଼ରେ । ସେମାନଙ୍କ ସେବା-ଦାନର ପୂର୍ଣ୍ଣ ସଦୁପଯୋଗ କରିଥିଲୁ ଆମେ । ଗାଁ ଲୋକମାନେ ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସିଥିଲେ । ପ୍ରଥମ ଦିନ ଭାଗବତ ଘର ଚାରି ପାଖରେ ଥିବା ଆବର୍ଜନା ସଫା କରାଗଲା । ଦ୍ୱିତୀୟ ଦିନ ଗାଁ ଚାରିପଟେ ଥିବା ଅନାବନା ଗଛ ଓ ଅଳିଆ ଅରମା ଏବଂ ତୃତୀୟ ଦିନରେ ଗାଁ ପୋଖରୀରେ ଥିବା ଦଳ ସଫା କରାଗଲା । ପ୍ରତାପଗଡ ନୂଆ ରୂପରେ ଚମକି ଉଠିଲା । ତା'ପରେ ସମିତା ପ୍ରତାପଗଡ଼ ଚାରିପାଖରେ ଥିବା ଗାଁ ଗଣ୍ଡା ବୁଲି ବୁଲି ତାର ବିପ୍ଳବର ମନ୍ତ୍ର ପ୍ରସାର କରିବାରେ ଲାଗି ପଡ଼ିଲା ।

Source: Author, Digitized by PPRACHIN, SOA

ପ୍ରତାପ ଗଡ଼ରୁ ଫେରିବା ଦିନ ପାଖେଇ ଆସିଲା । ସମିତାର କାର୍ଯ୍ୟକଳାପରେ ପ୍ରବଳ ଅସନ୍ତୁଷ୍ଟ ଥିଲା ମଳୟେନ୍ଦୁ । ସେ ଥିଲା ମହାଜନୀ କାରବାରର ଜଣେ ପ୍ରମୁଖ ହିତାଧିକାରୀ । ମହାଜନର ଗୁଣ୍ଡା ସାଜି ସେ ଗରିବ ଅସହାୟ କୃଷକଙ୍କୁ ଶୋଷଣ କରୁଥିଲା ।

ସମିତାର ସଚେତନ ବାର୍ତ୍ତା ମଳୟେନ୍ଦୁର ସ୍ୱାର୍ଥରେ ବାଧା ସୃଷ୍ଟି କଲା । ସେ ଭାବିଲା ଯେ ମୋ ପ୍ରରୋଚନାରେ ସମିତା ଏସବୁ କରୁଛି । ଦ୍ୱିତୀୟରେ ସମିତାକୁ ବିବାହ କରି ରାଜବଂଶର ସମ୍ପତ୍ତିର ମାଲିକାନା ପାଇବ ବୋଲି ଦିବାସ୍ୱପ୍ନ ଦେଖୁଥିଲା ମଳୟ । ତେଣୁ ମୋର ସମିତା ସହିତ ଏତେ ଆତ୍ମୀୟତାକୁ ହଜମ କରିପାରୁନଥିଲା ସେ । ଦିନେ ସେ ମୋତେ ଏକା ଭେଟି ଧମକ ଦେଇଥିଲା...ମୋ ରାସ୍ତାରୁ ଭଲରେ ଭଲରେ ହଟିଯାଅ ବିଜୟ, ନହେଲେ ତୁମ ଭଳି ଲୋକଙ୍କୁ କିଭଳି ଦୁଧରେ ପଡ଼ିଥିବା ମାଛି ଭଳି ବାହାର କରି ଦଳି ଫୋପାଡ଼ି ଦିଆଯାଏ ତାହା ମତେ ଭଲଭାବେ ଜଣା ।

ଏଭଳି ଅପ୍ରତ୍ୟାଶିତ ଧମକରେ ମୁଁ ବା ଡରିବି କାହିଁକି ? ସିଧାସିଧା ଶୁଣେଇ ଦେଇଥିଲି...ହାଲୋ,ମିଷ୍ଟର୍ ! ଏଭଳି ଫାଙ୍କା ଆବାଜ୍ ଆଉ କାହାକୁ ଶୁଣାଇବ । ମୁଁ ତୁମ ରାସ୍ତାରେ ଠିଆହେଲା ପରି ମତେ ତ କାଇଁ ଲାଗୁନି, ଘୁଞ୍ଚିଯିବି କୁଆଡ଼କୁ ?

ମଳୟେନ୍ଦୁ କହିଥିଲା... ମୁଁ ଛୋଟ ଛୁଆ ନୁହେଁ ବିଜୟ । ମୁଁ ଜାଣେ ତୁମେ ସମିତାକୁ ଜାଲରେ ପକାଇ ରାଜବାଟିର ସମ୍ପତ୍ତି ହଡ଼ପ କରିବାକୁ ଚାହୁଁଛ । କିନ୍ତୁ ମୁଁ ତାହା କରିବାକୁ ଦେବି ନାହିଁ । ସମିତା ମୋର । ମୁଁ ସମିତାକୁ ଆଉ କାହାର ହେବାପାଇଁ ଦେବି ନାହିଁ ।

ସେଦିନ ମନଖୋଲି ଅଟ୍ଟହାସ୍ୟ କରି ମଳୟେନ୍ଦୁକୁ କହିଥିଲି... ଓହୋଃ ତାହେଲେ କଥାଟା ଏଇଠି ଅଛି; ଖିଆଲ ମନ୍ଦ ନୁହେଁ । ଆଇନାରେ କେବେ ନିଜ ରୂପକୁ ଦେଖିଛ ମଳୟ ବାବୁ ? ତୁମର ସ୍ୱପ୍ନ ମର୍କଟର ମୁକ୍ତାହାର ପାଇବାର ପ୍ରୟାସ ସହିତ ସମାନ । ବହୁତ ବଢିଆ ସ୍ୱପ୍ନ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୩

ମେଘମାଳା,

ପ୍ରତାପଗଡ଼ରୁ ସମିତା ଏବଂ ମୁଁ ଏକ ସଙ୍ଗରେ, ଗୋଟିଏ ଟାକ୍ସିରେ କୃଷି ବିଶ୍ୱବିଦ୍ୟାଳୟକୁ ଫେରିଲୁ । ବାଟରେ ଆସିବା ବେଳେ ସମିତାକୁ ମୁଁ ମଳୟେନ୍ଦୁର ଧମକପୂର୍ଣ୍ଣ ଆସ୍ଫାଳନ କଥା କହିଲି । ସବୁ ଶୁଣିବା ପରେ ସମିତା କହିଲା...ତମେ ମତେ ଏକଥା ପ୍ରତାପଗଡ଼ରେ କାହିଁକି କହିଲ ନାହିଁ ବିଜୟ ? ଚପଲ ମାଡ଼ରେ ସେଇଠି ତାର ପ୍ରେମ ଛଡ଼େଇ ଦେଇଥାନ୍ତି ।

କିଛି ସମୟ ନିରବ ରହି ସମିତା କହିଲା...ଜାଣ ବିଜୟ, ମୁଁ ପ୍ରତାପଗଡ଼ରେ ନିଜକୁ କେତେ ଏକା ଏବଂ ଅସହାୟ ମନେକରେ ? ମୋ ସ୍ୱପ୍ନ ସାକାର କରିବାରେ ଏହି ତଥାକଥିତ ସମ୍ପର୍କୀୟମାନେ ହେଉଛନ୍ତି ଅନ୍ତରାୟ । ମୋର ନିଜ ଦାଦା ଏବଂ ତାଙ୍କର ଏହି ସମ୍ପର୍କୀୟ ଶାଳକ ମଳୟ ମତେ ସାହାଯ୍ୟ କରିବା ପରିବର୍ତ୍ତେ ମୋର କ୍ଷତି କରିବାକୁ ଚାହିଁ ବସିଛନ୍ତି । ମଳୟର ମୁଁ ହିସାବରେ ଭାଣେଜୀ, ଅଥଚ୍ ସେ ମତେ ବାହାହେଇ ରାଜବାଟିର ମାଲିକାନା ହାତେଇବାପାଇଁ ଚାହିଁ ବସିଛି । କେମିତି ମୁଁ ଲକ୍ଷ୍ୟପଥରେ ଆଗେଇ ଯିବି କୁହ ବିଜୟ ।

ସମିତାକୁ ଉତ୍ସାହିତ କରିବା ପାଇଁ ମୁଁ କହିଲି...ପାରିବ,ତମେ ସବୁ କରିପାରିବ ସମିତା । ତମେ ସାଧାରଣ ଝିଅ ନୁହଁ,ତମେ 'ଜୋଆନ୍ ଅଫ୍ ଆର୍କ' । ତମେ ପ୍ରଗତିର ମଶାଲ୍ । ତମର ଲକ୍ଷ୍ୟ ପଥ ସୁନିର୍ଦ୍ଧାରିତ ଏବଂ ବିବେକ ସମ୍ପୂର୍ଣ୍ଣ ନିର୍ମଳ । ତୁମ ପଛରେ ପ୍ରତାପଗଡର

Source: Author, Digitized by PPRACHIN, SOA

ଜନତାର ଆଶୀର୍ବାଦ ରହିଛି,ଆଉ କ'ଣ ଦରକାର ?

ଅଳ୍ପ ହସି ସମିତା ମତେ ଗଭୀର ଦୃଷ୍ଟିରେ ଚାହିଁ କହିଲା...ତମେ ମତେ ସତରେ ଆଜି କେତେ ତେଲ ମାରିଲଣି ବିଜୟ ! କିଛି ପାଇବାର ଅଛିକି ?

ମୁଁ ସଙ୍ଗେ ସଙ୍ଗେ କହିଲି... ମୁଁ କଣ ପାଇବାକୁ ଚାହେଁ ତମକୁ କ'ଣ ଅଜଣା ଅଛିକି ସମିତା ?

ଲାଲ୍ ପଡିଗଲା ସମିତାର ମୁହଁ,କହିଲା...ଧେତ୍ କୁଆଡ଼ର କଥା କୁଆଡ଼କୁ ନେଲଣି । ହଉ ଛାଡ଼ । କିନ୍ତୁ ସିରିଅସଲି ବିଜୟ, ସତରେ ମୁଁ ଏସବୁ କାମ ଏକା କରିପାରିବି ? ତମେ କଣ ଭାବୁଛ ?

ମୁଁ କହିଲି...ତମେ ସବୁ କାମ ଠିକ୍ ଠିକ୍ କରିପାରିବ ସମିତା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

କିଛି ସମୟ ନିରବରେ ରହି ସମିତା ପଚାରିଲା..ଆବଶ୍ୟକ ପଡ଼ିଲେ ତମେ ମୋ ପାଦ ସହିତ ପାଦ ମିଳାଇ ଲକ୍ଷ୍ୟ ପଥ ହାସଲ କରିବାରେ ମତେ ସାହାଯ୍ୟ କରିପାରିବ ବିଜୟ ?

ମୁଁ କହିଥିଲି...ମୋ ଉପରେ ତୁମର ସେ ବିଶ୍ୱାସ ଅଛି ସମିତା ?

ସମିତାର ଉତ୍ତର ଥିଲା... ମୁଁ ତୁମକୁ ନିଜ ଅପେକ୍ଷା ମଧ୍ୟ ଅଧିକ ବିଶ୍ୱାସ କରେ ବିଜୟ ।

ମୁଁ କହିଥିଲି... ତାହେଲେ ତୁମ ପ୍ରଶ୍ନ ନିରର୍ଥକ ସମିତା । ତୁମ ବିଶ୍ୱାସ ହିଁ ମତେ ବାଧ୍ୟ କରିବ ତୁମ ପାଦ ସହିତ ପାଦ ମିଳାଇ ଚାଲିବା ପାଇଁ ।

ବାକି ରାସ୍ତା ଉଭୟଙ୍କର ନିରବତାରେ କଟିଥିଲା । କିନ୍ତୁ ସମିତାର ହାତର ସ୍ପର୍ଶ ମୁଁ ମୋ ହାତ ଉପରେ ଅନୁଭବ କରୁଥିଲି । ସେ କୋମଳ ସ୍ପର୍ଶରେ ଉଭୟଙ୍କର ମନ ଆକାଶରେ ଉଠିଥିବା ମେଘ ବର୍ଷଣମୁଖର ହୋଇ ଉଠିଲେ । ନାଚି ଉଠିଲେ ପ୍ରଣୟ ମୟୂର-ମୟୂରୀ । ଉଭୟେ ନୀରବ ରହିଥିଲେ ମଧ୍ୟ ଦୁଇ ହୃଦୟର ପ୍ରୀତିର ଫଲ୍‌ଗୁଧାରା ଏକତ୍ରିତ ହୋଇଯାଇଥିଲେ ।

କୃଷି ବିଶ୍ୱବିଦ୍ୟାଳୟର ଗେଟ୍ ପାଖରେ ଟାକ୍ସି ପହଞ୍ଚିବା ପରେ ଆମେ ସ୍ୱପ୍ନ ଦେଶରୁ ଫେରି ଆସିଥିଲୁ । ସମିତା ତା ଘରକୁ ଗଲା; ମୁଁ ମୋ ହଷ୍ଟଲକୁ । ଦୁଇଶହ କିଲୋମିଟର ବାଟ ଦୁଇ ମୁହୂର୍ତ୍ତରେ କଟିଗଲା ଭଳି ଲାଗିଥିଲା ।

କଲେଜରେ ଚତୁର୍ଥ ବର୍ଷଟି ଏକ ମଧୁର ସ୍ୱପ୍ନ ପରି ବିତି ଯାଇ ଥିଲା । ବିଟେକ୍ ଶେଷ ବର୍ଷ ପରୀକ୍ଷା ସମାପ୍ତ ହେବା ପରେ ବିଦାୟ ସମୟ ଯେତିକି ପାଖେଇ ଆସୁଥିଲା ମନରେ ଅସୀମ ଯନ୍ତ୍ରଣା ଭରିଯାଉଥିଲା । ଶେଷରେ ଅଶ୍ରୁ ଆଉ ଆବେଗର ଅନେକ ଭାବପ୍ରବଣ

Source: Author, Digitized by PPRACHIN, SOA

ମୁହୂର୍ତ୍ତର ଅବସାନ ପରେ ସମିତାଠାରୁ ବିଦାୟ ନେଇ ଗାଁ କୁ ଫେରିଥିଲି । ବିଦାୟ ରଜନୀ ଆମପାଇଁ ଥିଲା ଭାବାବେଗ ପୂର୍ଣ୍ଣ ବିନିଦ୍ର ରଜନୀ । କଲେଜ ବଗିଚ଼ାର ସିମେଣ୍ଟ୍ ବେଞ୍ଚରେ ବସି ଆମେ ଦୁହେଁ କଥା ହେଉ ହେଉ କେତେବେଳେ ସକାଳ ହୋଇଗଲା ଜଣାପଡ଼ିଲା ନାହିଁ ।

ବସଷ୍ଟାଣ୍ଡକୁ ମତେ ବିଦାୟ ଦେବା ପାଇଁ ଆସିଥିଲା ସମିତା । ବସ୍ ଛାଡିବା ସମୟ ଥିଲା ଭାବପ୍ରବଣ ମୁହୂର୍ତ୍ତର ସମୟ । ଅଜାଣତରେ ଉଭୟଙ୍କ ଆଖି କୋଣରେ ଥିଲା ଅଶ୍ରୁ । ମୋ ହାତ ଉପରେ ହାତ ରଖି ସମିତା କହିଥିଲା...ଖୁବ୍ ଶୀଘ୍ର ମୁଁ ପ୍ରତାପଗଡ଼ରେ ପ୍ରୋଜେକ୍ଟ କାମ ଆରମ୍ଭ କରି ତୁମକୁ ଖବର ଦେବି ବିଜୟ । ବସ୍ ଛାଡି ଦେଇଥିଲା ।

ତାପରେ ସବୁବେଳେ ସମିତା ମୋ ଆଖି ଆଗରେ ନାଚି ଉଠିଲା । ତାର ଚ଼ନ୍ଦ୍ର ବିନିନ୍ଦିତ ମୁହଁ ଓ ଛନ୍ଦାୟିତ ଅଙ୍ଗଲତା, ଯାହା ମୋ ମନରେ ମଧୁର ମୂର୍ଚ୍ଛନା ସୃଷ୍ଟି କରିଥିଲେ ମଧ୍ୟ ସର୍ବଦା ମୋ ପ୍ରସାରିତ ବାହୁଠାରୁ ଦୂରେଇ ଯାଇଥିଲେ, ସବୁବେଳେ ମନେପଡ଼ି ମନକୁ ମୋର ଉଦ୍‌ବେଳିତ କରୁଥିଲେ ।

ବିଚ଼ିତ୍ର ଏ ସମୟରେ ଗତି । ସମୟକ୍ରମେ ପ୍ରତାପଗଡ଼ରେ ଦିନେ ଜଳସେଚ଼ନ ବିଭାଗରେ ଯେ ଆସିଷ୍ଟାଣ୍ଟ୍ ଇଞ୍ଜିନିୟର ଭାବରେ ମୋର ନିଯୁକ୍ତି ହେବ, ସେକଥା ଭାବି ପାରିନଥିଲି । ଇଞ୍ଜିନିୟରିଂ ପାସ୍ ପରେ ଖବର କାଗଜରୁ ବିଜ୍ଞାପନ ପଢ଼ି ଦରଖାସ୍ତଟିଏ ପକାଇ ଦେଇଥିଲି । ଚ଼ାକିରି ପାଇବା ସନ୍ଦେହଜନକ ଥିଲା । ହଠାତ୍ ଦିନେ ନିଯୁକ୍ତି ପତ୍ରପାଇ ଆଶ୍ଚର୍ଯ୍ୟ ହୋଇଗଲି । ପୋଷ୍ଟିଙ୍ଗ୍ ପ୍ରତାପ ଗଡ଼ରେ, ତାହା ପୁଣି ସେଠାରେ 'ଚ଼ମ୍ପାଝର ଯୋଜନାର ପରିଚ଼ାଳକ ଭାବରେ ! ! ସମିତାର ସ୍ୱପ୍ନ ସାକାର ହେବା ସମୟ ମତେ ପ୍ରତାପଗଡ଼କୁ ଆହ୍ୱାନ କରୁଥିଲା ।

ଆନନ୍ଦର ସୀମା ରହିଲା ନାହିଁ । ଆଖି ଆଗରେ ଭାସିଗଲା ସମିତାର ସ୍ୱପ୍ନିଳ ମୁଖ ମଣ୍ଡଳ,ଦୀପ୍ତ ଅଥଚ଼ ସୁନ୍ଦର ଚ଼ାହାଣୀ ଏବଂ ସର୍ବୋପରି ତାର ଚ଼ୁମ୍ବକୀୟ ବ୍ୟକ୍ତିତ୍ୱ । ମନ ଭିତରେ ଏକ ଶିହରଣର ତରଙ୍ଗ ଛୁଟିଗଲା । ସ୍ୱପ୍ନରେ ମଧ୍ୟ ଚ଼ିନ୍ତା କରିନଥିଲି ସମିତାର ସାନ୍ନିଧ୍ୟ ପୁଣି ଥରେ ଜୀବନରେ ଏତେ ଶୀଘ୍ର ପାଇବି ।

ଭାବିଲି, ମୋ ପୋଷ୍ଟିଙ୍ଗରେ ସମିତାର ହାତ ନାହିଁ ତ ?

ସମିତା ଠାରୁ ଶୁଣିଥିଲି ପ୍ରତାପଗଡ଼ ଜଳସେଚ଼ନ ସବ୍‌ଡିଭିଜନର ଦୁର୍ନୀତି କଥା । ସହକର୍ମୀ ମାନେ ମଧ୍ୟ ସେଭଳି କିଛି ସୂଚ଼ନା ଦେଲେ । ଯେଉଁଦିନ ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟରଙ୍କ ଅଫିସରେ ଯୋଗଦେଇ, ତାଙ୍କଠାରୁ ଆଦେଶ ନେଇ ପ୍ରତାପଗଡ଼ ବାହାରିଲି ସେଦିନ କିଛି ସହକର୍ମୀ କହିଥିଲେ... ଆଜ୍ଞା, ପ୍ରତାପଗଡ଼ ଥରେ ଗଲେ ଫେରିବା ପାଇଁ କେହି

Source: Author, Digitized by PPRACHIN, SOA

ଚ଼ାହାନ୍ତି ନାହିଁ । ସେଠାରେ ପୋଷ୍ଟିଙ୍ଗ ପାଇଁ ମାଲ୍ ଖର୍ଚ୍ଚ କରିବାକୁ ପଡ଼େ । ଆପଣ କେମିତି ବିନା ମାଲ୍'ରେ ଏଭଳି ପୋଷ୍ଟିଙ୍ଗ୍ ପାଇଗଲେ ? ବଡ଼ ଭାଗ୍ୟବାନ୍ ଆପଣ ।

ଅନ୍ୟ ଜଣେ କର୍ମଚ଼ାରୀ କହିଥିଲେ..,ଜଣେ ଭିକାରିକୁ ଯଦି ପ୍ରତାପଗଡ ଜଳସେଚ଼ନ ବିଭାଗରେ ଇଞ୍ଜିନିୟର ଭାବେ ନିଯୁକ୍ତି ମିଳେ ସେ କୋଟିପତି ହୋଇ ଫେରିବ । ଯାଆନ୍ତୁ ଆଜ୍ଞା, କିନ୍ତୁ ମହାପାତ୍ରଙ୍କ ରାସ୍ତା ବଡ଼ ଖସଡ଼ା, ଖାଉଥିବେ,ଖୁଆଉଥିବେ, ନହଲେ ବେଶି ଦିନ ତିଷ୍ଠି ପାରିବେନି ଆଜ୍ଞା ।

ସେମାନଙ୍କ କଥାରେ ଥିଲା ଅନେକ ସୂଚ଼ନା, ଅନେକ ଆକ୍ଷେପ । ସେମାନଙ୍କ ଆଖି ଭିତରେ ସେଦିନ ମୁଁ ପଢିପାରିଥିଲି ଈର୍ଷାର ଭାଷା । ସେମାନେ ଭାବୁଥିଲେ ଉତ୍କୋଚ଼ ଦେଇ ମୁଁ ପ୍ରତାପଗଡ଼ରେ ନିଜର ନିଯୁକ୍ତି କରାଇ ନେଇଛି । ସେମାନଙ୍କର ଆକ୍ଷେପ ମୋ ଆଦର୍ଶବାଦୀ ମନକୁ ସୁଦୃଢ କରିଦେଇଥିଲା । ସେଦିନ ମନେ ମନେ ମୁଁ ଶପଥ ନେଇଥିଲି ଯେ ମୋର ଆଦର୍ଶବାଦରୁ ମୁଁ ତିଳେ ମାତ୍ର ବିଚ୍ୟୁତ ହେବିନାହିଁ । ପ୍ରତାପଗଡ଼ ଜଳସେଚ଼ନ ବିଭାଗରୁ ଦୁର୍ନୀତିର ଅକ୍ଟୋପାସକୁ ସମୂଳେ ବିନାଶ କରିବି ଏବଂ ସମିତାକୁ ତା'ର ସବୁଜ-ବିପ୍ଳବ ଅଭିଯାନରେ ଅକୁଣ୍ଠ ଚ଼ିତ୍ତରେ ସହଯୋଗ କରିବି ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୪

ପ୍ରତାପ ଗଡ଼ରେ ପହଞ୍ଚି ମୁଁ ପ୍ରଥମେ ସମିତା ପାଖକୁ ଗଲି । ମତେ ଦେଖି ପ୍ରଗଳ୍ଭା ବଣ ଝରଣା ପରି ନାଚି ଉଠିଲା ସମିତାର ମନ । ହସି ହସି କହିଲା.. ମୁଁ ଜାଣିଥିଲି ବିଜୟ ତୁମେ ଦିନେ ନା ଦିନେ ପ୍ରତାପଗଡ଼ ଆସିବ ।

ମୁଁ କହିଲି...ମୋର ଏଠାରେ ପୋଷ୍ଟିଙ୍ଗରେ ନିଶ୍ଚୟ ତୁମର କିଛି ନା କିଛି ହାତ ଅଛି ସମିତା ।

ସମିତା ହସିଲା । କହିଲା... ନା ନା ବିଜୟ, ତମେ ତମର ନିଜ ପ୍ରତିଭା ବଳରେ ଚାକିରି ପାଇଛ । ମୁଁ କେବଳ ମନ୍ତ୍ରୀଙ୍କୁ କହିଥିଲି ଯଦି ସମ୍ଭବ ହୁଏ ଏଠାରେ ତୁମର ପୋଷ୍ଟିଙ୍ଗ୍ କରାଇବା ପାଇଁ, କାରଣ ଏହା ଆମର ଚମ୍ପାଝର ଜଳ ଯୋଜନାର ସଫଳ ରୂପାୟନରେ ସାହାଯ୍ୟ କରିବ ।

ମୁଁ କହିଲି.. ଠିକ୍ ମୁଁ ସେହି କଥା ଭାବୁଥିଲି । ଏବେ ତମ ମନ ଖୁସି ତ ସମିତା ?

ସମିତା କହିଲା.. ଖୁସି ମାନେ ? ଏମିତି ସେମିତି ଖୁସି ନୁହେଁ; ଏତେ ଖୁସି ଯେ ମନ ପୂର୍ଣ୍ଣ ହୋଇ ଉଛୁଳି ଯାଉଛି । କେଉଁଠି ରଖିବି ଜାଣିପାରୁନି ।

ମୁଁ କହିଲି...ତମ ମନ ଆଉ ମୋ ମନ ଭିତରେ କ'ଣ ଫରକ ଅଛି ସମିତା, ସେ ଉଛୁଳା ଖୁସି ମତେ ଦେଇଦିଅ ମୁଁ ମନରେ ସାଇତି ରଖିବି । ତମେ ତ ସବୁବେଳେ କୁହ,ଖୁସି ବାଣ୍ଟିଲେ ବଢ଼େ ।

Source: Author, Digitized by PPRACHIN, SOA

ସମିତା ଖୁସି ହେଲେ ଖୁବ୍ ସୁନ୍ଦର ଦେଖାଯାଏ । ମୁହଁରେ ଖୁସି ଏକ ଅପୂର୍ବ ଜ୍ୟୋତି ଆକାରରେ ଝଲକି ଉଠେ । ସେହି ଅମୀୟ ସୌନ୍ଦର୍ଯ୍ୟ ମୋର ଦୁଇ ଆଖି ଆକଣ୍ଠ ପାନ କରନ୍ତି । ଆଜି ମୁଁ ଚାହୁଁଥିଲି ଏତେ ଦିନର ବିଧୁରତା ପରେ ମିଳନର ବଂଶୀ ସ୍ୱନର ମଧୁର ଝଙ୍କାରରେ ସମିତାକୁ ପ୍ରଗଲ୍ଭା କରିଦେବା ପାଇଁ । ଗଭୀର ଆଶ୍ଳେଷରେ ବାହୁରେ ଭିଡ଼ି ଧରି ତାର ସ୍ୱପ୍ନିଳ ମୁଖରେ ଆଙ୍କି ଦେବାପାଇଁ ମଧୁର ଚୁମ୍ବନ । କିନ୍ତୁ ସମିତା ସେଭଳି ଝିଅ ନୁହେଁ । ପାଖରେ ଧରାଦେଇ ମଧ ସେ ଧରା ଦିଏ ନାହିଁ । ଡାକିଥିଲି... ପାଖକୁ ଆସ ସମିତା, ଶୁଣ ।

ପାଖକୁ ଡାକିବାର ଉଦ୍ଦେଶ୍ୟ ବୁଝିପାରିଥିଲା ସମିତା । କହିଲା.. ହଁ, ଜାଣିଛି କାହିଁକି ପାଖକୁ ଡାକୁଛ । ତା'ପୂର୍ବରୁ ତୁମକୁ ଗୋଟିଏ ଭଲ କାହାଣୀ କହିବି । କାହାଣୀଟି ମନଦେଇ ଶୁଣ । ମଝିରେ ହୁଁ ମାରୁଥିବ । ଘୁମେଇ ପଡ଼ିବନି । କଥା ଶୁଣିବା ପରେ ମୁଁ କେତେଗୁଡ଼ିଏ ପ୍ରଶ୍ନ ପଚାରିବି । ଠିକ୍ ଠିକ୍ ଉତ୍ତର ଦେଇ ପାରିଲେ ତୁମ ଇଚ୍ଛା ପୂରଣ କଥା ଚିନ୍ତା କରାଯିବ ।

ସମିତା କଥାଶୁଣି ମୁଁ ଖୁସି ହୋଇଯାଇଥିଲି...ସତ କହୁଚ଼ ସମିତା ଇଚ୍ଛା ପୂରଣ ହେବ ?

ସମିତା କହିଲା... ହଁ ନିଶ୍ଚିତ ଭାବରେ । ତେବେ ଆଗେ କଥା ଶୁଣ... ..ଏକ ସମୟରେ ରାଜଗୃହରେ ଗୌତମ ବୁଦ୍ଧ ଏବଂ ଦେବଦତ୍ତ ଅବସ୍ଥାନ କରୁଥିଲେ । ଦେବଦତ୍ତ, ମଗଧର ଭାବି ସମ୍ରାଟ ଅଜାତଶତ୍ରୁଙ୍କର ବନ୍ଧୁ ଭାବରେ ନିମନ୍ତ୍ରଣ ପାଇ ଆସିଥିଲେ । ଗୌତମଙ୍କୁ ଦେଖି ଦେବଦତ୍ତଙ୍କ ମୁଣ୍ଡରେ ଏକ କୁଟିଳ ଚକ୍ରାନ୍ତ ଜୁଟିଲା । ସେ ଗୌତମଙ୍କୁ ଜୀବନରେ ମାରିଦେବା ପାଇଁ ନୀଳଗିରି ନାମକ ଏକ ହାତୀକୁ ସୁରା ପାନ କରାଇ ଗୌତମ ଆସୁଥିବା ରାଜ-ପଥରେ ଛାଡ଼ିଦେଲେ । ମଦମତ୍ତ ହସ୍ତୀ ପ୍ରବଳ ବେଗରେ ମାଡି ଚାଲିଥାଏ । ହାତୀ ଆଗରେ ଗୋଟିଏ ଛୋଟ ପିଲା ଆସିଗଲା । ଉପସ୍ଥିତ ଜନତା ପ୍ରମାଦ ଗଣିଲେ । ଗୌତମ ବିଚଳିତ ନହୋଇ ହାତୀ ସାମ୍ନାକୁ ଆସି କହିଲେ...ସ୍ଥିର ହୁଅ ନୀଳଗିରି । ତୁମେ ବୁଦ୍ଧିମାନ ପ୍ରାଣୀ । ଛୋଟ ପିଲାଟିକୁ ପାଦରେ ଦଳି ଦେଇ କି ଲାଭ ପାଇବ ?

ଆଶ୍ଚର୍ଯ୍ୟ କଥା । ନୀଳଗିରି କାହାର କିଛି କ୍ଷତି ନକରି ଗୌତମଙ୍କ ପାଦ ତଳେ ଶୋଇଗଲା ।

ଗପଟି କହିସାରି ସମିତା ମୋ ମୁହଁ କୁ ଚାହିଁଲା । ମୁଁ ପଚାରିଲି... ହଁ ତାପରେ ?

ସମିତା କହିଲା..ତାପରେ ଆଉ କ'ଣ ? ତମେ ଯେବେ ଗୌତମ ତା'ହେଲେ ପ୍ରତାପଗଡ଼ କଣ ?

ମୁଁ କହିଲି...ରାଜଗୃହ ?

Source: Author, Digitized by PPRACHIN, SOA

ସମିତା କହିଲା... ଠିକ୍ କହିଛ,ଆଉ ଏଠାରେ ଥିବା ମଳୟ ହେଉଛି ଦେବଦତ୍ତ ତଥା ଦୁର୍ନୀତିଗ୍ରସ୍ତ କର୍ମଚାରୀମାନେ ହେଉଛନ୍ତି ନୀଳଗିରି ହାତୀ । ସେମାନଙ୍କୁ ତମେ ବାଟକୁ ଆଣିବ, ଦୁର୍ନୀତିକୁ ଆୟତ୍ତ କରିବ । ଠିକ୍ ସେମିତି ଆମ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ତମେ ଗୌତମ ହୋଇ ରହିବ ଏବଂ ମୁଁ ଯଶୋଧାରା । ଗୌତମଙ୍କ ମହାନତା ପଛରେ ମଧ୍ୟ ଯଶୋଧରାଙ୍କର ପ୍ରଚ୍ଛନ୍ନ ହାତ ରହିଥିଲା । ଏବେ କୁହ, କାହିଁକି ପାଖକୁ ଡାକୁଥିଲ ?

ମୁଁ କହିଲି .... ନାଁ ନାଁ, କାହିଁକି ଡାକୁଥିଲି ଭୁଲିଗଲିଣି । ଆଉ ମନେ ପଡୁନି ।

ସମିତା ହସିଲା, କହିଲା...ହେ ମୋର ପ୍ରୀତିରାଜ୍ୟର ଧୈର୍ଯ୍ୟହୀନ ରାଜକୁମାର, ଏ ରାଜବାଟିର କାନ୍ଥରେ ମଧ୍ୟ ଆଖି କାନ ଥାଇପାରେ । ମଳୟ ଯେ ଗୁପ୍ତ କ୍ୟାମେରା କେଉଁଠି ଲଗାଇ ନଥିବ ତାର କିଛି ମାନେ ନାହିଁ । ଆମକୁ ବହୁତ୍ ବହୁତ ସଂଯମ ହୋଇ କାମ କରିବାକୁ ପଡ଼ିବ । ଉଇ ହାଭ୍ ଟୁ ବି ଭେରି କେୟାରଫୁଲ୍ । ଆଜି ମୁଁ ମନଖୋଲି ତୁମକୁ କହୁଚି, ତୁମେ ମୋର ହୃଦୟର ଧଳା କାଗଜ ଉପରେ ଏକମାତ୍ର ସ୍ୱାକ୍ଷର ବିଜୟ । ସାଗର ସହିତ ମିଳନ ପାଇଁ ନଦୀ ମଧ୍ୟ ଅଧୀର । କିନ୍ତୁ ସବୁ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ସମୟ ନିର୍ଦ୍ଧାରିତ ହୋଇଥାଏ । ଆମ ଦୁହିଁଙ୍କ ପାଇଁ ବର୍ତ୍ତମାନ ଯେଉଁ ସମୟ ନିର୍ଦ୍ଧାରିତ ହୋଇଛି ତା'ଉପରେ ପ୍ରତାପଗଡର ସମ୍ପୂର୍ଣ୍ଣ ଅଧିକାର ରହିଛି । ଆମ ମିଳନର ବଂଶୀ ଏବେବି ବହୁ ଦୂରରେ କ୍ଷୀଣ ସ୍ୱରରେ ଶୁଣାଯାଉଛି ବିଜୟ । ଶୁଣିପାରୁଛ ତମେ !!

ଏତେ ସୁନ୍ଦର ଭାବରେ ସମିତା ମତେ ପ୍ରେମର ପ୍ରଥମ ଉପପାଦ୍ୟ ବୁଝେଇ ଦେଲା ଯେ ଆଉ କିଛି ଅବୁଝା ନଥିଲା ମୋ ପାଇଁ ।

ସମିତା କିଛି ସମୟ ଚୁପ୍ ରହି କହିଲା...ଚାଲ ବିଜୟ, ଆଜି ବହୁତ୍ କାମ । ତମ ରହିବା ପାଇଁ ସରକାରୀ କ୍ୱାଟରଟି ସଫାସଫି କରିବାକୁ ହେବ । ତୁମପାଇଁ ମୁଁ ଗୋଟିଏ ରୋଷେୟା ଯୋଗାଡ଼ କରିଦେଇଛି । ସେ ଉପରବେଳା ଠାରୁ ରୋଷେଇ କରିବ, ତମେ ଲଞ୍ଚ୍ ମୋ ସହିତ ଆଜି ରାଜବାଟିରେ କରିବ,ହେଲା ?

ପ୍ରତାପଗଡ଼ ସବ୍ ଡିଭିଜନରେ ଯୋଗ ଦେବାର ଚାରିମାସ ଭିତରେ ଚମ୍ପାଝରର ଜଳସେଚନ ଯୋଜନା ବିଭାଗୀୟ ସ୍ୱୀକୃତି ପାଇଯାଇଥିଲା । ସୂର୍ଯ୍ୟଚୂଡ ଏବଂ ଚନ୍ଦ୍ରଚୂଡ଼ ପାହାଡର ଦୂରତା ମାତ୍ର ପାଞ୍ଚଶହ ମିଟର । ଦୁଇ ପାହାଡ଼ ମଝିରେ ବହିଯାଇଛି ଚମ୍ପାଝର ଝରଣା । ଦୁଇ ପାହାଡ଼କୁ ଯୋଗ କରିଦେଲେ ସୃଷ୍ଟି ହେବ ଶହ ଶହ ଏକର ବ୍ୟାପି ଜଳାଶୟ । ଏହି ଯୋଜନାର ପରିକଳ୍ପନା, ଯାହା ଦିନେ ସମିତା କୃଷି ମନ୍ତ୍ରୀଙ୍କୁ ଦେଇଥିଲା ତାହା ଆଜି ବାସ୍ତବତାରେ ରୂପାୟନ ହେବାପାଇଁ ଯାଉଛି । ମନ୍ତ୍ରୀଙ୍କର ମହାନୁଭବତାରୁ ଅନ୍ଧକାର ଗର୍ଭରେ ସୁପ୍ତ ପ୍ରତାପଗଡ଼ ଭାଗ୍ୟ ଆକାଶରେ ଆଜି ଉଇଁବା ପାଇଁ ଯାଉଛି

Source: Author, Digitized by PPRACHIN, SOA

ଉନ୍ନତିର ବାଳଭାନୁ । ସେହି ଆଗାମୀ ସୂର୍ଯ୍ୟଙ୍କୁ ମୁଁ ଯୋଡ଼ହସ୍ତରେ ନମସ୍କାର ଜଣାଇଲି । ଏହି ଜଳସେଚ଼ନ ଯୋଜନାର ସ୍ୱୀକୃତି ସଙ୍ଗେ ସଙ୍ଗେ ପ୍ରତାପଗଡ଼ ଜଳସେଚ଼ନ ସବଡିଭିଜନର ଗୁରୁତ୍ୱ ଏବଂ ଦାୟିତ୍ୱ ବଢ଼ିଯାଇଥିଲା । ସୁପରିନଟେଣ୍ଡିଙ୍ଗ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପର ବାସ୍ତବ ରୂପାୟନ ପାଇଁ ମନ ମୋର ବ୍ୟଗ୍ର ହୋଇ ଉଠିଲା ।

ସମିତାକୁ ମୁଁ ଯେତେବେଳେ ଏ ସୁଖବର ଦେଲି ଆନନ୍ଦରେ ଆତ୍ମବିଭୋର ହୋଇଯାଇଥିଲା ସେ । ଖୁସିର ଲୁହ ବହି ଯାଇଥିଲା ତାର ସୁନ୍ଦର ଗାଲ ଉପର ଦେଇ । ଖୁସିର ଲୁହର ମୂଲ୍ୟ ଆକଳଣ କରିବା ସହଜ ନୁହେଁ,ତାହା ସଂକ୍ରମିତ ହୋଇ ମୋ ଆଖି କୋଣରେ ବି ଦେଖା ଦେଇଥିଲା ।

ସେଦିନ ସମିତା କହିଥିଲା...ସମୟର ବିଚ଼ିତ୍ର ଗତି ଦେଖ ବିଜୟ । ମନ୍ତ୍ରୀଙ୍କ ସହିତ ଯେଉଁଦିନ ଆମେ ମିଟିଂକୁ ଆସିଥିଲେ, ସେଦିନ କଳ୍ପନାରେ ମଧ୍ୟ କିଏ ଭାବିଥିଲା ଯେ ତୁମରି ହାତରେ ପ୍ରତାପଗଡ଼ ଭାଗ୍ୟ ରେଖା ଟଣାହେବ !!

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୪

ବିଜୟର ଡାଏରୀ ପଢୁ ପଢୁ କେତେବେଳେ ଶୋଇଯାଇଛି ମେଘମାଳା ନିଜେ ଜାଣିନି । ଏଣେ ଆସି ସକାଳ ସାତଟା ହେଲାଣି । ବହୁତ ଡେରି ହେଇଗଲା ଆଜି । ତରତରରେ ଉଠି ଆଇନାରେ ନିଜ ମୁହଁକୁ ଚାହିଁଲା ମେଘମାଳା । ଦି'ଧାର ଲୁହ ଶୁଖି ଯାଇଛି ଗାଲରେ । ଶୁଖିଲା ହସ ଟେନାଏ ଖେଳିଗଲା ମୁହଁରେ ତାର । ଆଇନାରେ ନିଜକୁ ଚାହିଁ ପଚାରିଲା ମେଘମାଳା... କାହିଁକି ଆଉ ମୁହଁ ଶୁଖେଇଚୁ ହତଭାଗିନୀ ? ବିଜୟ ଆଉ ତୋର ହୋଇ ନାହିଁ । ତାକୁ ପାହାଡ଼ବାଲୀ ରାଜକୁମାରୀ କିମିଆ କରି ରଖି ସାରିଲାଣି । ତୋର ମୁଠାଏ ଆକାଶ ଉପରେ ଏ ଯେଉଁ ମେଘ ଦେଖୁଛୁ ସେ ତୋର ସ୍ୱପ୍ନର ଜହ୍ନକୁ ଘୋଡ଼ାଇ ପକାଇଲାଣି । ଏବେ ତୁ ତୋ ନିଜ ବାଟ ଦେଖ ।

ନିଜ କଥାରେ ନିଜେ ଚମକି ପଡ଼ିଲା ମେଘମାଳା ଭାବିଲା...ମୋର ତ ସେଇ ଗୋଟିଏ ବାଟ, ଆଉ ବିକଳ୍ପ ତ କିଛି ନାହିଁ । ମନ ପ୍ରାଣ ସବୁ ସମର୍ପଣ କରିଦେଇଥିଲି ତାଙ୍କ ପାଖରେ । ସେ ଯଦି ନଚାହିଁଲେ,ତାଙ୍କ ସ୍ମୃତିକୁ ପାଥେୟ କରି ଜୀବନ ବିତାଇ ଦେବି ସିନା, ଆଉ ବିକଳ୍ପ ବାଟ ବାଛି ପାରିବି ନାହିଁ । ପ୍ରଥମ ଭଲ ପାଇବାଟା ଗୋଟାଏ କାଚ୍ ଆଇନା । ଥରେ ଭାଙ୍ଗିଗଲେ ଫେଭିକଲ୍‌ରେ ଯୋଡ଼ିଲେ ବି ଦାଗ ରହିଯିବ । ଚେଷ୍ଟାକରି ଆଉ କାହାକୁ ଭଲ ପାଇଲେ ତାହା ଭଙ୍ଗାଆଇନାର କାଚ୍‌କୁ ଯୋଡିବା ସହିତ ସମାନ । ଭଲ ପାଇବାଟା ସ୍ୱତଃପ୍ରବୃତ୍ତ କଥା । ଭଲପାଇବାଟା ତ ବିଏଡ୍ ଟ୍ରେନିଂ ଭଳି ନୁହେଁ ତା ଅବଲମ୍ବନରେ ଗୋଟାଏ ପ୍ରେମ-ସ୍କୁଲ୍ ଛାଡ଼ି ଆଉ ଗୋଟାଏରେ ଜଏନ୍ କରିହେବ ।

Source: Author, Digitized by PPRACHIN, SOA

ପୁଣି ଭାବିଲା..

କଣ ମୁଁ କରିଥିଲେ ବିଜୟ ମୋ ଭଲପାଇବା ଡୋରିରେ ବାନ୍ଧି ହୋଇ ରହିଥାନ୍ତେ ? ବିଜୟଙ୍କୁ ମୁଁ କଣ ମନଖୋଲି ନିର୍ଲଜ୍ଜୀଙ୍କ ଭଳି ପ୍ରେମ ନିବେଦନ କରିଥାନ୍ତି ? ସେଭଳି କରିଥିଲେ ତାହା ହୁଏତ ମୋ ପବିତ୍ର ପ୍ରେମର ଅପମାନ ହୋଇଥାନ୍ତା । ସତରେ ଝିଅ ପିଲା ଜୀବନ କେତେ ଅସହାୟ !

ଏମିତି ଭାବୁ ଭାବୁ ତାର ଅତି ନିଜର ସାଙ୍ଗ ପ୍ରଣତି କଥା ମନେ ପଡ଼ିଲା । କେତେ ଭଲ ପାଉନଥିଲା ସତେ ପ୍ରଣତି ତାର ବୟଫ୍ରେଣ୍ଡ୍‌କୁ ! ଖୋଲା ଖୋଲି ମନ, ପ୍ରାଣ ଏବଂ ଛଳଛଳ ଯୌବନ ପସରା ଅର୍ପଣ କରି ଦେଇଥିଲା ପ୍ରଣତି ତା’ ପ୍ରେମିକ ପାଖରେ । କିନ୍ତୁ ଜାଣି ମଧ୍ୟ ଅଜଣା ହେଲାଭଳି ରହିଲା ପ୍ରଣତି ଯେ ପ୍ରେମିକ ପ୍ରବରଙ୍କ ପାଇଁ ଏହା ଥିଲା ଦେହ-ସର୍ବସ୍ୱ ପ୍ରେମ । ପ୍ରଣତିକୁ ସେ ପ୍ରେମିକ କହିଥିଲା....ଦେଖ ପ୍ରଣତି, ମୋର ବାପା ମାଆ ତୁମକୁ ବୋହୂ କରିବାକୁ ରାଜି ନୁହଁନ୍ତି । ତମେ ଯଦି ମୋ ସହିତ ଘର ସଂସାର କରିବାକୁ ଚାହଁ ଆମକୁ ଘରଛାଡି ବହୁ ଦୂରକୁ ଚାଲିଯିବା ପାଇଁ ପଡ଼ିବ । ସମସ୍ତଙ୍କୁ ଛାଡ଼ି ମୋ ସହିତ ଯାଇପାରିବ ତ ?

ପ୍ରେମ ପାଗଳିନୀ ପ୍ରଣତି କହିଥିଲା...ତମେ ମତେ ଯେଉଁଆଡେ ନେବାକୁ ଚାହୁଁଛ, ନିଅ, ମୁଁ ତୁମ ପ୍ରେମରେ ପାଗଳ ହୋଇଯାଇଛି । ମୁଁ ସାରା ସଂସାର ଛାଡ଼ି ଚାଲିଯିବା ପାଇଁ ପ୍ରସ୍ତୁତ ।

ଦିନେ ବାପା ମାଆ ଘରଦ୍ୱାର ଛାଡ଼ି ପ୍ରେମିକ ସହିତ ଚାଲିଗଲା ପ୍ରଣତି । ଗାଁ ସାରା ଡିବି ଡିବି ବାଜିଲା । କିଏ କେତେ ତା ଚରିତ୍ର ଉପରେ ଆକ୍ଷେପ କଲେ ।

ପ୍ରେମିକ ସହିତ ପଳାଇଯାଇ ଗାଁ ବାଲାଙ୍କ ଆଖିରେ ‘ପଳେଇ’ଉପାଧି ପାଇଲା ପ୍ରଣତି । ବାପା ମାଆ ତାର ବାଟରେ ମୁହଁ ଟେକି ଚାଲି ପାରିଲେ ନାହିଁ । ବାପା ତାର ହୃଦ୍‌ରୋଗୀ ଥିଲେ । ଅପମାନ ତାଙ୍କ ହୃଦୟ ଉପରେ ଶେଷ ପ୍ରହାର ଥିଲା । ପ୍ରଣତି ଘର ଛାଡ଼ିବାର ମାସେ ଭିତରେ ହୃଦ୍‌ଘାତରେ ପ୍ରାଣ ହରାଇଲେ ବିଚ୍ରା । ଘରେ ବିଧବା ମାଆ । ସାହା ଭରସା ଆଉ କେହି ନାହାନ୍ତି ।

ପ୍ରଣତି ପ୍ରେମିକ ସହିତ ଯାଇ ପ୍ରଥମେ ମନ୍ଦିରରେ ମାଳା ବିନିମୟ କରି ବିବାହ କଲା । ହୋଟେଲରେ ଚଉଠି ରାତି ପାଳନ କଲା । ପ୍ରେମିକ ବାବୁ ଘରୁ ଯାହାକିଛି ଟଙ୍କାପଇସା ନେଇଥିଲେ ଦୁଇମାସରେ ଶେଷ ହୋଇଗଲା । ହାତରୁ ଧନ ଶେଷ ହୋଇଯିବା ପରେ ପ୍ରେମର ପ୍ରକୃତ ରଙ୍ଗ ବାହାରିଲା । ପ୍ରଣତିର ପ୍ରେମିକ କୋର୍ଟରେ ମ୍ୟାରେଜ ରେଜିଷ୍ଟ୍ରେସନ ପାଇଁ ଧରା ଛୁଆଁ ଦେଲା ନାହିଁ । ମିଠା ସରିଗଲା ପରେ ସିଠାରେ ଆଉ କ’ଣ ଥାଏ ?

Source: Author, Digitized by PPRACHIN, SOA

ଏହା ହିଁ ଶସ୍ତା ପ୍ରେମର ଚିରନ୍ତନ ସଂଜ୍ଞା ।

ପ୍ରେମ ଯେବେ ଦୃଢ଼ ନଥାଏ ତାହା ଝଗଡ଼ାରେ ପରିଣତ ହେଲେ ଅବସ୍ଥା ଭୟାବହ ହୁଏ । ଶେଷରେ ଦିନେ ପ୍ରଣତିକୁ ତାର ପ୍ରେମିକ ଚରିତ୍ରହୀନା ବୋଲି ଅପବାଦ ଦେଲା ।

ପ୍ରଣତିର ଅନ୍ତର କାନ୍ଦି ଉଠିଲା । ଯାହା ପାଇଁ ସେ ଘରଦ୍ୱାର ଛାଡ଼ି, ବାପାମାଆଙ୍କୁ ଦୟନୀୟ ଓ ଅପମାନିତ ଅବସ୍ଥାରେ ଛାଡ଼ି ଚାଲି ଆସିଲା, ସେ ପୁଣି ତାକୁ ଚରିତ୍ରହୀନା ବୋଲି କହିଲା !

ପ୍ରଣତି ଆଗରେ ସମଗ୍ର ବିଶ୍ୱ ଅନ୍ଧକାରମୟ ଦେଖାଗଲା ।

ଦିନେ ସକାଳୁ ଉଠି ଦେଖିଲା ଚଢେଇ ଉଡ଼ିଯାଇଛି ।

ଯେଉଁ ବସାରେ ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ସେମାନେ ରହିଥିଲେ ତା'ର ତିନିମାସର ଭଡ଼ା ନଦେଇ ଧୋକାବାଜ୍ ପ୍ରେମିକ ଚାଲିଯାଇଥିଲା । କ'ଣ କରେ ବିଚାରୀ ପ୍ରଣତି ? ଭୋକରେ ପେଟ ଜଳୁଛି । ଖାଇବାକୁ ହାତରେ ପଇସା ନାହିଁ । ଘରଭଡ଼ା ନପାଇ ଘରବାଲା ତମ୍ବି ତୋଫାନ ଆରମ୍ଭ କରିଦେଲାଣି । ବାଧ ହୋଇ ମେଘମାଳା ପାଖକୁ ଫୋନ୍ କଲା ପ୍ରଣତି ।

ଆଜି ମନେପଡ଼େ ମେଘମାଳାର,ସ୍କୁଲରେ ଷ୍ଟାଫ୍ ମିଟିଙ୍ଗରେ ବସିଥାଏ ସେ । ପ୍ରଣତିର ଫୋନ୍ ଆସିଲା । ଫୋନରେ ସେପଟୁ କଇଁ କଇଁ ହୋଇ କାନ୍ଦୁଛି ପ୍ରଣତି । ଅତି ଅସହାୟ କଣ୍ଠରେ କହୁଛି...ମାଳା ! ତୁ ହିଁ ମୋର ଆଶା ଭରସା । ମତେ ଏଠାରୁ ଉଦ୍ଧାର କର ।

ପ୍ରଣତି ଠାରୁ ଧୈର୍ଯ୍ୟର ସହିତ ସବୁ ଶୁଣିଥିଲା ମେଘମାଳା । କହିଥିଲା... ଠିକ୍ ଅଛି ତୁ ଚିନ୍ତା କରେନା, ମୁଁ ଯାଉଚି ତୋ ପାଖକୁ ।

କହିଦେଲା ସିନା, କିନ୍ତୁ ଏକା କିପରି ଯାଇଥାନ୍ତା ସେ ? ମନେପଡିଲା ଶ୍ରୀକାନ୍ତ କଥା । ଫୋନ୍ କରି ସବୁକଥା ତାକୁ କହିସାରିବା ପରେ ପଚାରିଲା... ମୋ ସହିତ ଟିକେ ବରଗଡ଼ ଯାଇପାରିବୁ ଭାଇ ? ପ୍ରଣତିକୁ ଉଦ୍ଧାର କରିବାର ଅଛି ।

ଶ୍ରୀକାନ୍ତ କହିଥିଲା...ପଚାରୁଚୁ କ'ଣ ଦିଦି,ତୁ ମତେ ଆଦେଶ ଦେ । ମୁଁ କଣ ତୋର ଏମିତି ସେମିତି ଭାଇ? ତୋ ପାଇଁ ଜୀବନ ଦେଇପାରେ ଦିଦି । ମୁଁ ସାଙ୍ଗେ ସାଙ୍ଗେ ଆସୁଚି ।

ସେଦିନ ଶ୍ରୀକାନ୍ତ ସହିତ ବରଗଡ଼ ଯାଇ ପ୍ରଣତିକୁ ଉଦ୍ଧାର କରିଥିଲା ମେଘମାଳା । ଘରଭଡ଼ା ବାବଦକୁ ଅଠର ହଜାର ପଇଠ କରି ପ୍ରଣତିକୁ ମୁକୁଳେଇ ଥିଲା ସେ ।

ଶ୍ରୀକାନ୍ତ କହିଥିଲା...ଦିଦି,ଆମେ ସେ ଫଟା ରସିକକୁ ଛାଡ଼ିବାନି । ପୋଲିସରେ ଦବା ।

ଶ୍ରୀକାନ୍ତ ପାଟିରୁ 'ଫଟାରସିକ' ଶବ୍ଦଟି ଶୁଣି ଏତେ ଦୁଃଖ ସମୟରେ ମଧ୍ୟ ନହସି

Source: Author, Digitized by PPRACHIN, SOA

ରହିପାରିଲେନି ମେଘମାଳା ଓ ପ୍ରଣତି । ମେଘମାଳା ପଚ଼ାରିଲା.... 'ଫଟାରସିକ' ମାନେ କ'ଣ କିରେ ?

ଶ୍ରୀକାନ୍ତ କହିଲା.. ମୁଁ କଣ ଜାଣିଚ଼ି ଦିଦି । ସମସ୍ତେ କହନ୍ତି ବୋଲି କହିଲି ନା । ଏଇଟା ବୋଧହୁଏ 'ଗୋଟା ରସିକ'(ଗୋଟାପଣେ ରସିକ)ର ଅପୋଜିଟ୍ ।

ମେଘମାଳା କହିଲା..ହଉ,ଛାଡ଼ ସେ କଥା । ଏଭଳି କେଶ୍‌ରେ ଏଠାରେ ଆମକୁ ସାହାଯ୍ୟ କରିବ କିଏ ? ପୋଲିସ ତ ଶୁଣୁ ଶୁଣୁ ଏଫ୍‌ଆଇଆର୍ ନବନି । ଆଗେ ମାଗିବ ମ୍ୟାରେଜ୍ ସାର୍ଟିଫିକେଟ୍ ।

ଶ୍ରୀକାନ୍ତ କିଛି ସମୟ ଚ଼ିନ୍ତା କରି କହିଲା...ଦିଦି ଏଠାରେ ତହସିଲଦାର ଅଶୋକ ବାବୁ ତୋର ଚ଼ିହ୍ନା ପରିଚ଼ିତ ପରା, ଚ଼ାଲୁନୁ ତାଙ୍କୁ ସବୁକଥା କହିବା । ସେ ଯଦି ପଦେ କହିବେ ଥାନାରେ ଇନ୍ସପେକ୍ଟର୍ କଣ ତାଙ୍କ କଥା ଅନ୍ୟଥା କରିବେ ?

ମେଘମାଳା କହିଥିଲା.. ଠିକ୍ କହିଚୁ ଶ୍ରୀକାନ୍ତ । ଚ଼ାଲ୍ ତାଙ୍କୁ ଭେଟିବା ।

ଅଶୋକ ବାବୁ ମେଘମାଳାକୁ ଦେଖି ବହୁତ ଖୁସି ହୋଇ ଯାଇଥିଲେ । ମୁହଁରୁ ଝରି ପଡୁଥିବା ହସରୁ ତାହା ସ୍ପଷ୍ଟ ବାରି ହୋଇଯାଉଥିଲା । ସମସ୍ତଙ୍କୁ ଚ଼ା'ରେ ଆପ୍ୟାୟିତ କରିବାପରେ ପଚ଼ାରିଲେ..ଆଉ ସବୁ ଭଲ ତ ମେଘମାଳା ? କେମିତି ଚ଼ାଲି ଆସିଲ, କିଛି କାମ ଥିଲା ?

ମେଘମାଳା ପ୍ରଣତିର ପରିଚ଼ୟ ଦେଇ ସାରିବା ପରେ ତା ସହିତ ଘଟିଥିବା ସବୁ ଅନ୍ୟାୟର ଅବତାରଣା କଲା । ଅଶୋକ ବାବୁ ସଙ୍ଗେ ସଙ୍ଗେ ଥାନା ଇନ୍‌ଚ଼ାର୍ଜଙ୍କୁ ଡକାଇ ଏଫ୍‌ଆଇଆର୍ ଲେଖାଇବାର ବ୍ୟବସ୍ଥା କଲେ ।

ଅଶୋକ ବାବୁଙ୍କୁ ଧନ୍ୟବାଦ୍ ଜଣାଇ ଯେତେବେଳେ ମେଘମାଳା ଫେରିବା ପାଇଁ ବସିଲା, ତାକୁ ଏକାନ୍ତରେ କଡ଼କୁ ଡାକି ଅଶୋକ ବାବୁ କହିଥିଲେ...ମାଳା, ତୁମ ସାଙ୍ଗର କେଶ୍ ବହୁତ ଦୁର୍ବଳ । ମ୍ୟାରେଜ ସାର୍ଟିଫିକେଟ ନଥାଇ ସେ କେମିତି ତଥାକଥିତ ସ୍ୱାମୀ ସହିତ ରହୁଥିଲେ ? ହଉ ଦେଖିବା କଣ ହଉଚ଼ି । ଏ ବିଷୟରେ ଯାହା କିଛି ସାହାଯ୍ୟ ଆବଶ୍ୟକ ମତେ ବିନା ସଙ୍କୋଚ଼ରେ ଜଣାଇବ ।

ଶ୍ରୀକାନ୍ତ ଅଶୋକ ବାବୁଙ୍କ ଅମାୟିକ ବ୍ୟବହାର ଯୋଗୁଁ ତାଙ୍କ ପାଖରେ ସହଜ ହୋଇ ଉଠୁଥିଲା । କଥାବାର୍ତ୍ତା ଛଳରେ ପଚ଼ାରିଥିଲା...କେବେ ଆପଣଙ୍କ ବାହାଘର ଭୋଜି ଖାଇବାର ସୌଭାଗ୍ୟ ଆମକୁ ମିଳିବ ସାର୍ ?

ଅଶୋକ ବାବୁ କହିଥିଲେ.. ମୁଁ ଜଣେ ବାନ୍ଧବୀଙ୍କର ନିଷ୍ପତ୍ତିକୁ ଅପେକ୍ଷା କରିଛି ଶ୍ରୀକାନ୍ତ ବାବୁ । ସେ ଯଦି ମନା କରିବେ, ତା' ପରେ ଦେଖିବା ।

Source: Author, Digitized by PPRACHIN, SOA

ମେଘମାଳା କିଛି ନକହି ମୁହଁକୁ ତଳକୁ ପୋତି ଦେଇଥିଲା ।

ପ୍ରଣତି ଆଜି ପ୍ରତ୍ୟାଖ୍ୟାନର ନିଆଁରେ ଜଳୁଛି । ତାର ପ୍ରେମିକର ଦେଖାନାହିଁ । ସତେ ଅବା କେଉଁ ମହାଶୂନ୍ୟର ପବନରେ ଉଭେଇ ଯାଇଛି ସେ । ପ୍ରେମର ଏ ବି ଏକ ରୂପ ! ଅପମାନର ଲୁହ ପିଇ ବଞ୍ଚିଛି ସେ । ସେଥିପାଇଁ ତା'ର ଉଚ୍ଛୃଙ୍ଖଳ ପ୍ରେମ ଦାୟୀ ।

ଏଭଳି ଉଚ୍ଛୃଙ୍ଖଳ ପ୍ରେମ ନିବେଦନ କରି ମେଘମାଳା କ'ଣ ବିଜୟକୁ ତା' ଯୌବନପସରା ସମର୍ପଣ କରି ପାରିଥାନ୍ତା ? ଛିଃ ।

ଦୀର୍ଘନିଃଶ୍ୱାସ ଛାଡ଼ିଲା ମେଘମାଳା । ପ୍ରେମର ତିନି ପ୍ରକାର ରଙ୍ଗ ତା' ଆଖି ଆଗରେ ଭାସି ଉଠିଲା...ଅଶୋକ ବାବୁଙ୍କର ତାକୁ ଭଲ ପାଇବା, ସେ ବିଜୟକୁ ଏବଂ ପ୍ରଣତି ତାର ଦେହ-ସର୍ବସ୍ୱ ପ୍ରେମିକକୁ ଭଲପାଇବା ।

ଏଣେ ସ୍କୁଲ୍ ବେଳ ହେଇଯିବ । ବାବାଙ୍କର ଆଜି ଏକାଦଶୀ । ଜଳଖିଆ ଖାଇବେ । ଜଣକ ପାଇଁ କିଏ ରୋଷେଇ କରୁଚି, ଜଳଖିଆ ଖାଇଦେଇ ସ୍କୁଲକୁ ବାହାରିଲା ମେଘମାଳା । ବିଜୟ ଦେଇଥିବା ଡାଏରୀର ବାକି ଅଂଶ ସ୍କୁଲରୁ ଫେରିଲେ ପଢ଼ିବ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୬

ମେଘମାଳା ସ୍କୁଲରୁ ଫେରି, ଗୋଡ଼ ହାତ ଧୋଇ ଷ୍ଟଡି ରୁମ୍‌ରେ ବିଜୟର ଡାଏରୀଟି ଖୋଲି, ଯେଉଁଠି ଛାଡିଥିଲା, ସେଠାରୁ ପଢ଼ିବା ଆରମ୍ଭ କଲା । ବିଜୟ ଲେଖିଥିଲା...

'ପ୍ରତାପ ଗଡ଼ ଜଳଯୋଜନା'ର ସଫଳ ରୂପାୟନର ଶ୍ରେୟ ମତେ ସମିତା ଦେବାକୁ ଚେଷ୍ଟା କରୁଥିଲା । ବାସ୍ତବରେ ଏ ସଫଳ କାହାଣୀର ସ୍କ୍ରିପ୍ଟ ଲେଖିବାର ଶ୍ରେୟ ସମିତାର ହିଁ ପ୍ରାପ୍ୟ ।

ମୁଁ କହିଥିଲି...ତମେ ଏ କଣ କହୁଛ ସମିତା ? ସରକାରୀ କର୍ମଚାରୀ ଭାବରେ ମୁଁ ମୋର କର୍ତ୍ତବ୍ୟ କରିଛି ଏବଂ ଭବିଷ୍ୟତରେ ସୂଚାରୁ ଭାବରେ ସମ୍ପାଦନ କରିବି ମଧ୍ୟ । କିନ୍ତୁ ବାସ୍ତବରେ ତୁମେ ହେଉଛ ପ୍ରତାପଗଡ଼ର ଭାଗ୍ୟ ବିଧାତ୍ରୀ । ପ୍ରୋଜେକ୍ଟ ମ୍ୟାପ୍‌ର ସଫଳ ରୂପାୟନ ସିନା ମୁଁ ପ୍ରତାପଗଡ଼ ଉପକଣ୍ଠରେ ଦେବି, ତୁମର ପ୍ରୟାସ ତ ତାକୁ ଲକ୍ଷ୍ମୀଙ୍କର ସବୁଜ ଶାଢ଼ିରେ ପରିଣତ କରିଦେବ । ମତେ ସଫଳତାର ଶ୍ରେୟ ଦେବା ତମର ମହାନୁଭବତା ରାଜକୁମାରୀଜୀ । ଏହି ଭଲ ପାଇବାର ପରିଚୟପତ୍ର ପାଇଁ ଧନ୍ୟବାଦ ।

ମୋର କହିବା ଢଙ୍ଗ ଭିତରେ ଯେଉଁ 'ପ୍ୟାର୍' ଲୁଚି ରହିଥିଲା, ତାହା ଚଟାପଟ୍ ସମିତାର ମନକୁ ଛୁଇଁ ଦେଇ ସ୍ମିତ ହସର ମଧୁର ମନ୍ଦ ମଳୟରେ ପରିଣତ ହୋଇଗଲା । ଭଲ ପାଇବାର ଅଙ୍ଗୀକାର ଝିଅପିଲାମାନଙ୍କର ଆଖିରେ ମଧ୍ୟ ଏଭଳି ଝଲକିଯାଏ, ପ୍ରଥମ ଥର ପାଇଁ ଦେଖିଲି ।

Source: Author, Digitized by PPRACHIN, SOA

ସେହିଭଳି ସ୍ମିତ ହସର ଝରଣା ଜାରି ରଖି ସମିତା କହିଥିଲା...ଆଜି ଇଞ୍ଜିନିୟର ସାହେବ୍ ଏତେ ପ୍ରଶଂସା କାହିଁକି କରୁଛନ୍ତି ? କିଛି ପୁରସ୍କାର ଦରକାର କି ?

ମୁଁ କହିଥିଲି...ଲକ୍ଷ୍ମଣ ଗାର କାଟିଦେଇ ପୁରସ୍କାର ପାଇବାର ସବୁ ବାଟ ତ ତମେ ବନ୍ଦ କରିଦେଇଛ ସମିତା । ଯଦି ଦୟାପରବଶ ହୋଇ କିଛି ଦେବାପାଇଁ ଚାହଁ ତେବେ କଫି ଦୁଇକପ୍ କରି ନେଇଆସ । ମୁଁ ପକୋଡ଼ା ମଗାଉଛି ।

ସମିତା କହିଲା... ହଁ ଠିକ୍, ପାଗଟା ବି ମେଘୁଆ ହେଇଚି । କଫି ସହିତ ପକୋଡ଼ା ବେଶ୍ ଜମିବ ।

ପ୍ରତାପଗଡ଼ରେ ବିଜୁଳି ବେଗରେ ପ୍ରଚାରିତ ହୋଇଯାଇଥିଲା ଚମ୍ପାଝର ଜଳ ଯୋଜନାର କାହାଣୀ । ଛୋଟ ଶିଶୁଟିଏ ଭଳି ପ୍ରତାପଗଡ଼ ଆନନ୍ଦରେ ନାଚି ଉଠିଲା ।

ପ୍ରୋଜେକ୍ଟ କାମର ଠିକା ପାଇଁ ଟେଣ୍ଡର ବାହାରି ଗଲା । ଦଶକୋଟି ଟଙ୍କାର ଟେଣ୍ଡର । ଅନେକ ନାମୀ/ ବେନାମୀ/ବଦନାମୀ କଣ୍ଟ୍ରାକ୍ଟରମାନଙ୍କର ଭିଡ଼ ଜମି ଗଲା । ସେମାନଙ୍କ ଭିତରେ ମଧ୍ୟ ଥିଲା ସମିତାର ତଥାକଥିତ ମାମୁ ମଳୟେନ୍ଦୁ । ଯେଉଁ ମଳୟେନ୍ଦୁ ଥରେ ରାଜବାଟି ଭିତରେ ମତେ ଅପମାନିତ କରିଥିଲା, ଆଜି ତାକୁ ଏକ ଭିନ୍ନ ରୂପରେ ଆବିଷ୍କାର କଲି । ମୋ ପାଖରେ ପୋଷା କୁକୁର ଭଳି ଲାଞ୍ଜ ହଲେଇ ଏପଟ ସେପଟ ହେଉଥାଏ ମଳୟେନ୍ଦୁ । କାନରେ ଆସି ଧୀର ସ୍ୱରରେ କହିଲା...ଏ କଣ୍ଟ୍ରାକ୍ଟଟା ରାଜ ପରିବାରର ଲୋକଙ୍କୁ ମିଳିବା ଦରକାର । ଭିଣେଇ ଏକଥା ଚାହାନ୍ତି, ସମିତା ମଧ୍ୟ ଚାହେଁ ।

ମୁଁ କୌତୁହଳବଶତଃ ପଚାରିଥିଲି... ଓଃ,ସମିତା ତାହେଲେ ଏଇ ନିର୍ଦ୍ଦେଶ ଦେଇ ଆପଣଙ୍କୁ ମୋ ପାଖକୁ ପଠାଇଛି ? ଠିକ୍ ଅଛି, ମୁଁ ସାଙ୍ଗେ ସାଙ୍ଗେ ସମିତାକୁ ଫୋନ୍ କରି ପଚାରୁଛି । ଫୋନ୍ କରିବାକୁ ମୁଁ ପ୍ରୟାସ କରିବା ଦେଖି ମଳୟ କହିଲା... ନା ନା ପ୍ଲିଜ୍ ଫୋନ୍ କରନ୍ତୁ ନାହିଁ । ସେ ମତେ ଖୋଲାଖୋଲି ସେକଥା କହିନାହିଁ, କିନ୍ତୁ ଏହା ତା ମନର କଥା ।

ମୁଁ କହିଥିଲି... ଓଃ, ତାହେଲେ ରାଜକୁମାରୀଙ୍କ ମନକଥା ଆପଣ ଜ୍ୟୋତିଷ ବିଦ୍ୟା ବଳରେ ଜାଣିପାରିଛନ୍ତି ? ମଳୟ ବାବୁ, ପ୍ରୋଜେକ୍ଟ ପାଇଁ ଠିକା ଦେବାର ନିଷ୍ପତ୍ତି ମୋ ହାତରେ ନାହିଁ । ତାହା ମୋର ଉଚ୍ଚତମ କାର୍ଯ୍ୟାଳୟର ସର୍ବ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ । ମୋର ଏଭଳି ରୋକ୍‌ଠୋକ୍ ଜବାବ ମଳୟକୁ ସନ୍ତୁଷ୍ଟ କରି ପାରିଲା ନାହିଁ । ଉତ୍କୋଚର ଲୋଭ ଦେଖାଇ କହିଥିଲା... ପ୍ରୋଜେକ୍ଟ କଷ୍ଟର ଦୁଇ ପର୍ସେଣ୍ଟ ଆପଣ ପାଇବେ । ମାଲାମାଲ୍ ହୋଇଯିବେ ବିଜୟ ବାବୁ । ଖାଲି ଆପଣ ମୋ ଟେଣ୍ଡର ଉପରକୁ ସୁପାରିସ୍ କରିଦିଅନ୍ତୁ । ବାକି କାମ ମୋର ।

Source: Author, Digitized by PPRACHIN, SOA

ଇଚ୍ଛା ହେଉଥିଲା ମଳୟଙ୍କୁ ଏକ ବ୍ରହ୍ମଚାପୁଡା ମାରି ବିଦା କରି ଦେବା ପାଇଁ । କିନ୍ତୁ ସମ୍ଭାଳି ନେଲି ନିଜକୁ । ଦୁଷ୍ଟ ଚରିତ୍ରର ଲୋକଟା, ମୋ ନାଁ ସହିତ ସମିତାକୁ ଯୋଡ଼ି ବଦନାମ୍ କରିବ ।

କହିଥିଲି....ମଳୟ ବାବୁ, ମୁଁ ଶୁଣିଥିଲି ଆପଣଙ୍କ ପୂର୍ବପୁରୁଷ ଜମିଦାର ରାଜାମାନେ ଅର୍ଥ ନେଇ ଉପାଧି ବିତରଣ କରୁଥିଲେ । ଯୋଗ୍ୟତା ନଥାଇ ମଧ୍ୟ ଶ୍ରୁତିମଧୁର ଉପାଧି ଅର୍ଥ ବିନିମୟରେ ହସ୍ତଗତ କରିଛନ୍ତି ଅନେକ ଅକାଳ କୁଷ୍ମାଣ୍ଡ । 'ଘର ଛୁଆଇବା' ଅର୍ଥାତ୍ ଛପର କରିବା ଯୋଗ୍ୟତାକୁ ଦେଖି 'ଛୁଆଳ ସିଂହ' ଉପାଧି ଦିଆଯାଉଥିଲା । ସର୍ବଦା ଗୁଣ୍ଡି ଦଳିବା ଅଭ୍ୟାସ ଥିବା ଲୋକକୁ 'ଦଳବେହେରା' ଉପାଧି ମିଳୁଥିଲା । ଜମିଦାରଙ୍କ ପାଟିରୁ କଥା ବାହାରୁ ବାହାରୁ ଯେ ଦଉଡ଼ି ଆସୁଥିଲା ବା ଝପଟି ଆସୁଥିଲା, ସେ 'ଝପଟ ସିଂହ' ଉପାଧିରେ ବିଭୂଷିତ ହେଉଥିଲା ।

ଆପଣ କ'ଣ ଏହି କଣ୍ଟ୍ରାକ୍ଟକୁ ସେହିଭଳି ଏକ ଉପାଧି ବୋଲି ମନେ କରିଛନ୍ତି ମଳୟ ବାବୁ ?

ରାଗରେ ଗର୍ଜନ କରି ଉଠିଲା ମଳୟେନ୍ଦୁ । କହିଥିଲା...ଦେଖିବା ମୋ ଛଡ଼ା କେମିତି କିଏ ଏ କଣ୍ଟ୍ରାକ୍ଟ ପାଇବ ? ନିଆଁ ଲଗାଇ ଦେବି, ସବୁ ଧ୍ୱଂସ କରିଦେବି, ଆରେ ଚିହ୍ନିନ ମତେ ମୁଁ କିଏ ?

ଧୀର କଣ୍ଠରେ କହିଥିଲି...ଚିହ୍ନେଇଲେ ସିନା ଚିହ୍ନିବୁ; କହୁନାହାନ୍ତି କିଏ ଆପଣ ? ଆପଣଙ୍କର ବିଶେଷ ପରିଚୟ କ'ଣ କହନ୍ତୁ ।

ଆଉ ବିଶେଷ ହାଓ୍ୱା କରନ୍ତୁ ନାହିଁ ମହାଶୟ, ଆପଣଙ୍କର ଏ ନାଟକ କିଏ ଯଦି ରେକର୍ଡିଙ୍ଗ କରୁଥିବ, ସରକାରୀ କର୍ମଚାରୀଙ୍କୁ ବାଧା ଦେବା ଅଭିଯୋଗରେ ପାଞ୍ଚବର୍ଷ ଜେଲରେ ସଢ଼ିବେ ।

ଖଣ୍ଡିଆ ଭୂତ ଝଡ଼ ପରି ଚାଲିଯାଇଥିଲା ମଳୟେନ୍ଦୁ । ପରେ ସମିତାକୁ ଯେତେବେଳେ ମଳୟେନ୍ଦୁର ଏଭଳି ନାଟକ କଥା କହିଥିଲି, ସେ କହିଥିଲା...ସେଇଟା ଗୋଟାଏ ବିଷଦାନ୍ତ-ହୀନ ସାପ । ସେ ଆମର କିଛି କ୍ଷତି କରି ପାରିବ ନାହିଁ । ତଥାପି ଦାଦାଙ୍କୁ କହି ତାକୁ ସାବାଡ୍ କରିବାର ଚେଷ୍ଟା କରିବି । ବେଶି ଉତ୍ପାତ ହେଲେ ହାଜତରେ ପୁରେଇ ଦି'ଚାରି ପାହାର ବସେଇବା ବ୍ୟବସ୍ଥା କରିବା ।

କହିବା ବାହୁଲ୍ୟ,କଣ୍ଟ୍ରାକ୍ଟ ମଳୟଙ୍କୁ ମିଳି ନଥିଲା । ଏକ ନାମୀ କଣ୍ଟ୍ରାକ୍ଟ ହାଉସ୍ ହାତରେ ଯୋଜନାକୁ ସାକାର କରିବା ଦାୟିତ୍ୱ ମିଳିଥିଲା ।

ଯୋଜନାର ଆଦିପର୍ବର ଅୟମାରମ୍ଭ ପାଇଁ ସୂଚନା ଆସି ଯାଇଥିଲା କେନ୍ଦ୍ରୀୟ

Source: Author, Digitized by PPRACHIN, SOA

କାର୍ଯ୍ୟାଳୟରୁ । ପୂର୍ଣ୍ଣମୀ ପଥଗାମୀ ବର୍ଦ୍ଧିଷ୍ଣୁ ଚନ୍ଦ୍ର ଭଳି ଧୀରେ ଧୀରେ ସାକାର ହୋଇ ଉଠୁଥିଲା ପ୍ରତାପଗଡ଼ର ସ୍ୱପ୍ନ । ଘରବାହୁଡା ବାଟୋଇ ପରି ଉଛୁଳି ଯାଉଥିଲା ପ୍ରତାପଗଡ଼ବାସୀଙ୍କର ମନ ।

ରେସ୍‌କୋର୍ସର ଘୋଡା ପରି ଚମ୍ପାଝର ଯୋଜନାର କାମ ଆଗେଇ ଚାଲିଥାଏ । ଜୁଲାଇର କଳାଘୁମ୍ଭୂର ବାଦଲ ପ୍ରତାପଗଡର ମାଟି ସ୍ପର୍ଶ କରିବା ପୂର୍ବରୁ ପ୍ରୋଜେକ୍ଟ କାମ ଶେଷ ହେବା ଆବଶ୍ୟକ । ସେଥିପାଇଁ ସମିତା ଆଖିରେ ନଥାଏ ନିଦ ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୭

ବିଜୟର ଡାଏରୀ ପଢୁପଢୁ ମେଘମାଳାର ମନ ସେଥିରେ ବର୍ଣ୍ଣିତ ଘଟଣାବଳୀର ଉଦ୍‌ବିଗ୍ନତା ଭିତରେ ହଜିଯାଇଥିଲା ।

ସମୟ ବେଶି ନୁହେଁ, ସନ୍ଧ୍ୟା ଆଠଟା ହେବ । ଦିଦି ଦିଦି ବୋଲି କେହି ଜଣେ ବାହାରେ ଡାକୁଛି । ଝରକା ଦେଇ ଚ଼ାହିଁଲା ମେଘମାଳା, ଆରେ ଏ ତ ଶ୍ରୀକାନ୍ତ ।

କବାଟ ଖୋଲିଲେ ମେଘମାଳାର ବାବା । ଶ୍ରୀକାନ୍ତ ପାଦ ଛୁଇଁ ଆଶୀର୍ବାଦ ନେଲା । ମେଘମାଳା ପଚ଼ାରିଲା...ଆରେ ଶ୍ରୀକାନ୍ତ,ଏ ଅବେଳଟାରେ କୁଆଡ଼େ ଭାଇ ?

ଶ୍ରୀକାନ୍ତ କହିଲା.. ଗୋଟାଏ ବଡ଼ ସମସ୍ୟା ଦିଦି । ଘରେ ଆମର ଦୁଇଦିନ ହେଲା ଭଲରେ ଖିଆପିଆ ନାହିଁ । କ'ଣ କରିବୁ ଜାଣି ପାରୁନୁ ଆମେ । ସେଥିପାଇଁ ତୋ ପାଖକୁ ଚ଼ାଲି ଆସିଲି ବିଚ଼ାର ବିମର୍ଷ କରିବା ପାଇଁ ।

ମେଘମାଳା କହିଲା...ଭିତରକୁ ଆସୁନୁ, ବାହାରେ କାହିଁକି ଠିଆ ହେଇଚୁ ।

ଶ୍ରୀକାନ୍ତ ଭିତରକୁ ଆସିବାପରେ ବାରଣ୍ଡାରେ ବସିଲା । ମୁହଁରେ ଚ଼ିନ୍ତା ପରିସ୍ଫୁଟ, କପାଳର ରେଖା କୁଞ୍ଚିତ । ମେଘମାଳା ପଚ଼ାରିଲା...କଣ ହେଇଚ଼ି କିରେ ? କିଛି ପ୍ରେମ ବ୍ୟାପାର ନୁହଁ ତ ?

Source: Author, Digitized by PPRACHIN, SOA

ଶ୍ରୀକାନ୍ତ କହିଲା ଧେତ୍ ଦିଦି, ସବୁବେଳେ ଖାଲି ସେଇ କଥା । ବଡ଼ ଭାଇ ବଡ଼ ଅସୁବିଧାରେ ପଡ଼ିଯାଇଛନ୍ତି ଦିଦି । ଆମେ ତାଙ୍କୁ ଏ ପରିସ୍ଥିତିରୁ ଉଦ୍ଧାର କରିବାକୁ ପଡ଼ିବ । ନହେଲେ ସେ ଏଭଳି ମାନସିକ ଯନ୍ତ୍ରଣା ଭିତରେ ଗତି କରୁଛନ୍ତି ଯେ କେତେବେଳେ କଣ କରିପକାଇବେ କହି ହେବନାହିଁ ।

ମେଘମାଳା କହିଲା.. ସମସ୍ୟାଟା ମତେ କହିବୁ ଯେ, ତାପୂର୍ବରୁ ଶୁଣ, ତୁ ଆଜି ଆମ ଘରେ ଡିନର୍ କରି ଯିବୁ । ସେମିତି ତତେ ବେଶି କିଛି ଖାଇବାକୁ ଦେବିନି; ରୁଟି ଡାଲମା ଖାଇବା । ଡାଲମା କରିସାରିଛି, ଖାଲି ରୁଟି କରିବାର ଅଛି । ତୁ ମୋ ସାଙ୍ଗରେ ରୋଷେଇ ଘରକୁ ଆ । ମୁଁ ରୁଟି କରୁଥିବି, ତୁ ମତେ ତୋର ସମସ୍ୟା କହୁଥିବୁ । ନହେଲେ ବାବାଙ୍କ ଖାଇବାରେ ଡେରି ହେଇଯିବ ।

ଶ୍ରୀକାନ୍ତ କହିଲା----ଠିକ୍ ଅଛି ଦିଦି, ଚ଼ାଲ୍ ।

ରୋଷେଇ ଘରେ ପଶୁ ପଶୁ ମେଘମାଳା ବାବାଙ୍କୁ ବଡ଼ ପାଟିରେ କହିଲା..ବାବା, ମୁଁ ସାଙ୍ଗେ ସାଙ୍ଗେ ରୁଟି କରିଦେଉଛି, ଶୋଇ ପଡ଼ିବନି ।

ଶ୍ରୀକାନ୍ତ ଆରମ୍ଭ କଲା...ତୁ ତ ଜାଣୁ ଦିଦି, ମୋ ବଡ଼ଭାଇ ପଦ୍ମାଦେବୀପୁର କଲେଜରେ ପ୍ରିନ୍ସପାଲ୍ । କଲେଜଟି ରାଜ୍ୟ ସରକାରଙ୍କ ସାହାଯ୍ୟପ୍ରାପ୍ତ କଲେଜ । କଲେଜର ଯେଉଁ ମ୍ୟାନେଜମେଣ୍ଟ୍ କମିଟି ଅଛି, ତାର ପ୍ରେସିଡେଣ୍ଟ୍ ହେଉଛି ଜଣେ ରାଜନେତା, ପଦ୍ମାବତୀପୁର ଗାଁର ସରପଞ୍ଚ । ପାଠରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଗତି, କିନ୍ତୁ ଗୁଣ୍ଡାମିରେ ଗୋଲ୍ଡ ମେଡାଲିଷ୍ଟ ।

ସେ କୁଆଡେ ବଡ଼ଭାଇଙ୍କର କ୍ଲାସ୍‌ମେଟ୍ ଥିଲା । ପିଜୁଳି ଚୋରି ଠାରୁ ଆରମ୍ଭ କରି ଟିଭି, ମୋବାଇଲ, ବାଇକ୍ ପର୍ଯ୍ୟନ୍ତ ବହୁତ୍ ଛୋଟମୋଟ ଚୋରିରେ ସମ୍ପୃକ୍ତ ଥିଲା । ନାଁଟି ଥିଲା ‘କାନଫୋଡା ବେନୁଆ’ । କଥା କ’ଣ କି ଗାଁରେ ସେ ସମୟରେ ତିନିଜଣ ବେନୁଆ ଥିଲେ । ଚିହ୍ନିବାକୁ ସୁବିଧା ହେବ ବୋଲି ଗାଁ ଲୋକମାନେ ଜଣକ ନାଁ ଦେଇଥିଲେ ଦାନ୍ତୁରା ବେନୁଆ(ବଡ଼ ଦାନ୍ତ ଥିବାରୁ),ଆଉ ଜଣକ ନାଁ ଘଡ଼ିହଗା ବେନୁଆ(ପଦାକୁ ନଯାଇ ଘଡ଼ିରେ ଦୁଇ କରିଦେଇ ଥିବାରୁ) ଆଉ ଯା ନାଁ କାନଫୋଡା ବେନୁଆ, କାନରେ ଗୋଟିଏ ବଡ଼ କଣା ଥିବାରୁ ।

ସ୍କୁଲ୍ ଜୀବନରେ ଭାଇ କ୍ଲାସରେ ଫାଷ୍ଟ ହେଲାବେଳକୁ କାନଫୋଡା ବେନୁଆ ଲାଷ୍ଟ୍ ହେଉଥିଲା । ଥରେ କାନଫୋଡା ବେନୁଆକୁ ଇଂରାଜି ସାର୍ ପ୍ରବଳ ମାଡ଼ ଦେଲେ, କାରଣ ସେ ଇଂରାଜି ଭଳି ପାଠରେ ଶୂନ୍ୟ ରଖୁଥିଲା । ରାଗରେ ରାତିରେ ଇଂରାଜି ସାର୍‌ଙ୍କ ଘରେ କାନଫୋଡା ବେନୁଆ ଧଣ୍ଡସାପ ଦୁଇଟି ଛାଡ଼ିଦେଲା । ସାପକୁ ଦେଖି ସାରଙ୍କର ଚେତା ବୁଡ଼ିଗଲା ଯେ ପାଞ୍ଚଦିନ ବେହୋସ୍ ହୋଇ ରହିଲେ ।

Source: Author, Digitized by PPRACHIN, SOA

ସାପ ଛାଡ଼ିବା କଥା ବଡ଼ଭାଇ ଦେଖିଥିଲେ ଏବଂ ସ୍କୁଲରେ ହେଡମାଷ୍ଟରଙ୍କୁ ଜଣାଇ ଦେଇଥିଲେ । ହେଡମାଷ୍ଟର୍ କାନଫୋଡା ବେନୁଆକୁ ସ୍କୁଲରୁ ବିଦା କରିଦେଇଥିଲେ । ଅଷ୍ଟମ ଶ୍ରେଣୀରେ ପାଠରେ ଡୋରି ବାନ୍ଧି ରାଜନୀତିରେ ପଶିଲା ବେନୁଆ । କଥାରେ ଅଛି ...ନଥାଏ ଯହିଁ ଅନ୍ୟ ଗତି, ତହିଁ କରିବ ରାଜନୀତି ଅଥବା ହୋମିଓପାଥି ।

ସେହି ଦିନଠାରୁ ବଡ଼ଭାଇଙ୍କ ଉପରେ ତାର ପ୍ରବଳ ରାଗ ।

ମୋ ବଡ଼ ଭାଇ ଏମ୍ ଏ ପାସ କରି, ପିଏଚ୍‌ଡ଼ି କରି ସମୟକ୍ରମେ ପଦ୍ମାବତୀପୁର କଲେଜରେ ପ୍ରିନ୍ସପାଲ୍ ହେଲା ବେଳକୁ କାନଫୋଡା ବେନୁଆ ବିପୁଳ ପଇସା ଖର୍ଚ୍ଚକରି ପଞ୍ଚାୟତ ଇଲେକ୍ସନ ଜିତି ଗାଁ ସରପଞ୍ଚ ହୋଇସାରିଛି । ଏବେ ସରପଞ୍ଚ, ମ୍ୟାନେଜମେଣ୍ଟ୍ କମିଟିର ପ୍ରେସିଡେଣ୍ଟ ଭାବରେ ମୋ ବଡ଼ଭାଇଙ୍କୁ ବଡ଼ ହଇରାଣ କରୁଛି ।

ମେଘମାଳା ପଚାରିଲା... କେଉଁ ପ୍ରକାର ହଇରାଣ ?

ଶ୍ରୀକାନ୍ତ କହିଲା.. ଦିଦି, ପ୍ରଥମରୁ ତାର ଗୋଟାଏ କମ୍ପ୍ଲେକ୍ସ ରହିଛି; ନିଜକୁ ସେ ଭାଇଙ୍କ ଠାରୁ ବଡ଼ ବୋଲି ପ୍ରମାଣିତ କରିବାକୁ ଚାହେଁ । ଯେଉଁ ଦିନ ସେ ନୂଆ ସରପଞ୍ଚ ଭାବରେ ସ୍ୱତଃ ପ୍ରେସିଡେଣ୍ଟ୍ ହୋଇ ମ୍ୟାନେଜମେଣ୍ଟ କମିଟିର ମିଟିଙ୍ଗ୍‌କୁ ପରିଚାଳନା କଲା, ସେ ଦିନ ହିଁ ତାଚ୍ଛଲ୍ୟ କରି ମୋ ବଡ଼ ଭାଇଙ୍କୁ କହିଲା...କିରେ ଆନନ୍ଦ ,ଏତେ ପାଠ ପଢି ପିଏଚ୍‌ଡି କରି କି ଲାଭ ? ଏବେ ଦେଖ୍ ମୁଁ ତୋର ବସ୍ ।

ମେଘମାଳା ପଚାରିଲା...ଇଏ ତା'ହେଲେ ଆତ୍ମ ସମ୍ମାନ ସମ୍ବନ୍ଧୀୟ ଝଗଡ଼ା ?

ଶ୍ରୀକାନ୍ତ କହିଲା..ନାଁ ଦିଦି,ଭାଇ ଆତ୍ମ ସମ୍ମାନ ପାଇଁ ବ୍ୟସ୍ତ ନୁହଁନ୍ତି । ସେ ଲୋକଟା ବହୁତ୍ ହଇରାଣ କରୁଛି । ସେ ଚାହେଁ ପ୍ରତିଦିନ କଲେଜରୁ ଦୁଇଜଣ ପିଅନ ଯାଇ ତା'ଘରେ ସାରାଦିନ ଖଟିବେ । ତା'ନିଜ ଲୋକମାନଙ୍କୁ କଲେଜରେ, ବିନା ଇଣ୍ଟରଭିଉରେ ପିଅନ ଭାବରେ ନିଯୁକ୍ତି ଦେବ । କଲେଜରେ ରାଜନୀତି କରି କିଛି ଶିକ୍ଷକଙ୍କୁ ତା'ପଟକୁ ଟାଣିନେବାରୁ ଅଧ୍ୟାପକମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । ତାକୁ ସମର୍ଥନ କରୁଥିବା ଶିକ୍ଷକମାନେ ପ୍ରିନ୍ସପାଲଙ୍କୁ ମାନୁନାହାନ୍ତି । କଲେଜରେ ଖାତା ଦେଖାରେ ମଧ୍ୟ ସେ ରାଜନୀତି ପୂରେଇଛି । ତା ଇଚ୍ଛା ଅନୁସାରେ ପିଲା କ୍ଲାସ୍‌ରେ ଫାଷ୍ଟ, ସେକେଣ୍ଡ ବା ଅନ୍ୟାନ୍ୟ ପୋଜିସନ୍ ରଖନ୍ତୁ ବୋଲି ତାର ଇଚ୍ଛା । ଫେଲ୍ ପିଲାକୁ ପାସ୍ କରାଇବା ପାଇଁ ସେ ଶିକ୍ଷକମାନଙ୍କ ଉପରେ ଚାପ ପକାଉଛି । କଲେଜ ୟୁନିୟନ ଭିତରେ ତା' ଦଳର ଗୁଣ୍ଡା ପଶି କଲେଜ ଇଲେକ୍ସନ ରିଗିଙ୍ଗ୍ କରି ଜିତିଛନ୍ତି । ତେଣୁ ୟୁନିୟନର ପ୍ରେସିଡେଣ୍ଟ୍ ତା' ହାତରେ । କଲେଜ ୟୁନିୟନ ସବୁବେଳେ ପ୍ରିନ୍ସପାଲକୁ ଚାପରେ ରଖିଛନ୍ତି ଏବଂ କଲେଜର ଦୈନନ୍ଦିନ କାର୍ଯ୍ୟ ସେମାନଙ୍କ ଯୋଗୁଁ ପ୍ରଭାବିତ ।

Source: Author, Digitized by PPRACHIN, SOA

ସେହି ଗୋଟିଏ ଲୋକ ଯୋଗୁଁ କଲେଜଟି ପୁରା ଅଚଳ ।

ମେଘମାଳା ପଚାରିଲା... ମ୍ୟାନେଜମେଣ୍ଟ୍ କମିଟିର ଅନ୍ୟ ସଭ୍ୟମାନେ କିଛି କହୁନାହାନ୍ତି ?

ଶ୍ରୀକାନ୍ତ କହିଲା...ସମସ୍ତେ ପ୍ରେସିଡେଣ୍ଟଙ୍କୁ ଡରିମରି ଅଛନ୍ତି । ଶାସକ ଦଳର ଜଣେ ଟାଣୁଆ କୁଜିନେତା ସେ । କିଛି ଦିନ ତଳେ ଗୋଟାଏ ଗୁଣ୍ଡାକୁ ପଠାଇ ଭାଇଙ୍କୁ ଧମକ ଚମକ ଦେଇ କହିଛି ମ୍ୟାନେଜମେଣ୍ଟ୍ କମିଟିରେ ତାକୁ ବିରୋଧ କଲେ ପରିଣାମ ଠିକ୍ ହେବନାହିଁ । ଭାଇଙ୍କର ମାନସିକ ଅବସ୍ଥା ଭାରି ଖରାପ୍ । କହୁଛନ୍ତି ରିଜାଇନ୍ କରିଦେବେ ।

ମେଘମାଳା କହିଲା...ରିଜାଇନ୍ କରିବାଟା କଣ ସମାଧାନ ? ପ୍ରିନ୍ସପାଲ୍ ହିସାବରେ ବଡଭାଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ । ଆଚ୍ଛା, କଣ କଲେ ଏ ସମସ୍ୟାର ସମାଧାନ ହେବ ବୋଲି ତୁ ଭାବୁଛୁ ?

ଶ୍ରୀକାନ୍ତ କହିଲା...ଭାଇ କହିବା ଅନୁଯାୟୀ ମ୍ୟାନେଜମେଣ୍ଟ୍ କମିଟିର ପ୍ରେସିଡେଣ୍ଟ୍ ଜଣେ ଉଚ୍ଚପଦସ୍ଥ ଜିଲ୍ଲାସ୍ତରୀୟ ଅଫିସର ହେଲେ ଏ ସମସ୍ୟାର ସମାଧାନ ହୋଇ ପାରନ୍ତା । କି ଲଜ୍ଜାଜନକ କଥା ! ଜଣେ ମାଟ୍ରିକ ଫେଲ୍ ବ୍ୟକ୍ତି, କଲେଜ ପ୍ରିନ୍ସପାଲଙ୍କ ବସ୍ ହୋଇ ତାଙ୍କୁ ନିର୍ଦ୍ଦେଶନାମା ଜାରି କରିବ ଏବଂ ଧମକ ଚମକ ଦେବ !

ମେଘମାଳା ପଚାରିଲା...ଏ ପରିସ୍ଥିତିରେ କ'ଣ କରିବା ଉଚିତ ବୋଲି ତୁ ଭାବୁଛୁ ଶ୍ରୀକାନ୍ତ ? ଶ୍ରୀକାନ୍ତ କହିଲା ...ଦିଦି ତହସିଲଦାର ଅଶୋକ ବାବୁଙ୍କୁ ପଚାରିଲେ ସେ ଟିକିଏ ମାର୍ଗଦର୍ଶନ କରାଇ ପାରନ୍ତେ । ମତେ ତ ଆଉ କିଛି ବୁଦ୍ଧି ବାଟ ଦେଖାଗଲା ନାହିଁ ବୋଲି ତୋ ପାଖକୁ ଆସିଲି ।

ମେଘମାଳା କହିଲା... ଶ୍ରୀକାନ୍ତ,ସବୁ କଥାରେ କଣ ଆମେ ଅଶୋକ ବାବୁଙ୍କୁ ହଇରାଣ କରିବା ଠିକ୍ ହେବ ? ଆଉ କ'ଣ ଉପାୟ ଅଛି ଭାବି ଦେଖ୍ ।

ଶ୍ରୀକାନ୍ତ ନିରବ ହୋଇ ରହିଲା । କିଛି ସମୟ ଚିନ୍ତା କରି ମେଘମାଳା କହିଲା...ଠିକ୍ ଅଛି, ଅଶୋକ ବାବୁଙ୍କୁ କହିବା । ମୋ ପାଖରେ ତ ତାଙ୍କ ଫୋନ୍ ନମ୍ବର ନାହିଁ, ତୋ ପାଖରେ ଅଛି କି ?

ଶ୍ରୀକାନ୍ତ କହିଲା.. ହଁ ଫୋନ୍ ନମ୍ବର ତ ଅଛି, କିନ୍ତୁ ଫୋନ୍ କରିବାକୁ ଡର ଲାଗୁଛି ।

ମେଘମାଳା କହିଲା...ମତେ ଡର ନୁହେଁ ଯେ ସଙ୍କୋଚ ଭାବ ଆସୁଛି, ଝିଅ ପିଲା ନା ସେଥିପାଇଁ ।

ସେତେବେଳକୁ ରାତି ନଅଟା ବାଜିବାକୁ ଯାଉଛି । ସଙ୍କୋଚ ମନୋଭାବ ନେଇ ଅଶୋକ ବାବୁଙ୍କ ପାଖକୁ ଫୋନ୍ ଲଗାଇଲା ମେଘମାଳା ।

Source: Author, Digitized by PPRACHIN, SOA

ଖାଇବସିଥିଲେ ବୋଧହୁଏ ଅଶୋକ ବାବୁ, ପାଟି ଗହଳିଆ ଶୁଣା ଯାଉଥିଲା । ଫୋନରେ ମେଘମାଳାର କଣ୍ଠ ଶୁଣି ଖୁସି ହୋଇ କହିଲେ...ଆରେ, ମେଘମାଳା, ତମେ ! କି ଭାଗ୍ୟ ମୋର ଆଜି ! କୁହ କଣ କହୁଚ ।

ମେଘମାଳା ଶ୍ରୀକାନ୍ତ ଠାରୁ ଯାହା ଶୁଣିଥିଲା ଆମୂଳଚୂଳ ବର୍ଣ୍ଣନା କଲା ।

ଅଶୋକ ବାବୁ କହିଲେ...ଦେଖ ମେଘମାଳା, ମୁଁ ପଦ୍ମାବତୀପୁର କଲେଜ ବିଷୟରେ ଭଲ ଭାବରେ ଜାଣେ କାରଣ ମୋ ଭଣଜା ସେ କଲେଜରେ ପଢ଼େ । ସେ କଲେଜର ସବୁ ସମସ୍ୟା ପଛରେ ସେହି ସରପଞ୍ଚର ହାତ ଅଛି । ଏ ବିଷୟରେ ମୁଁ କଲେକ୍ଟରଙ୍କ ସହିତ କଥା ହେଉଥିଲି । ସେ ମଧ୍ୟ ଏକମତ ଯେ ଏହି ମୂର୍ଖ ରାଜନେତାମାନଙ୍କୁ କଲେଜର ପ୍ରେସିଡେଣ୍ଟ୍ କରି ଆମେ ପିଲାମାନଙ୍କର ଭବିଷ୍ୟତ ନଷ୍ଟ କରୁଛେ । ତାଙ୍କ କହିବା ଅନୁଯାୟୀ ଏଡେଡ୍ କଲେଜ ପାଇଁ ସରକାର ନୂଆ ନିୟମ ପ୍ରଣୟନ କରିଛନ୍ତି । କଲେଜର ମ୍ୟାନେଜମେଣ୍ଟ କମିଟିର ପ୍ରେସିଡେଣ୍ଟ୍ ନନ୍ ଅଫିସିଆଲ୍ ନହୋଇ ଜିଲ୍ଲାର ଜଣେ ପଦସ୍ଥ ଅଫିସର ହେବେ । ସେ ଅର୍ଡର କୁଆଡ଼େ ଆସିଯାଇଛି । କାଲି ମୁଁ ତାଙ୍କ ସହିତ ଆଉଥରେ କଥା ହେବି । ତାଙ୍କ ପାଖରୁ ସରକାରୀ ଆଦେଶର ସେ କପି ମୁଁ ତୁମ ପାଖକୁ ପଠାଇବି ।

ସବୁ ଶୁଣିବା ପରେ ମେଘମାଳା କହିଲା.. ସାର୍ ସେ ସରପଞ୍ଚ ପ୍ରିନ୍ସିପାଲଙ୍କୁ ଗୁଣ୍ଡା ଲଗାଇ ହଇରାଣ କରୁଛି । ସ୍ଥାନୀୟ ପୋଲିସ ସରପଞ୍ଚ ହାତରେ ହାତବାରିସି ଭଳି କାମ କରୁଛନ୍ତି । ଆପଣ ଏସ୍‌ପିଙ୍କୁ କହି କଲେଜ ଅଧ୍ୟକ୍ଷଙ୍କ ଘର ଆଗରେ କିଛି ପେଟ୍ରୋଲିଙ୍ଗ୍ ବ୍ୟବସ୍ଥା କରାଇ ପାରିଲେ ଭଲ ହୁଅନ୍ତା ।

ଅଶୋକ ବାବୁ କହିଲେ.. ଠିକ୍ ଅଛି ମେଘମାଳା, ତମେ ନିଶ୍ଚିନ୍ତ ରୁହ । ଏସ୍ ପି ଙ୍କୁ କହି ମୁଁ ସବୁ ବ୍ୟବସ୍ଥା କରୁଛି ।

ମେଘମାଳା ଅଶୋକ ବାବୁଙ୍କୁ ଧନ୍ୟବାଦ ଜଣାଇ ଫୋନ୍ ରଖିବା ପୂର୍ବରୁ ଅଶୋକ ବାବୁ ପଚାରିଲେ.. ଆଚ୍ଛା ମାଳା,ତୁମେ ପ୍ରଣତି ବୋଲି ଯେଉଁ ଝିଅଟି ସହିତ କିଛି ଦିନ ତଳେ ମୋପାଖକୁ ଆସିଥିଲ, ତା' ସମସ୍ୟାର କିଛି ସମାଧାନ ହେଲା ?

ମେଘମାଳା କହିଲା... ନାଁ ସାର୍ ତାର ବୟଫ୍ରେଣ୍ଡ୍‌ର ଅତାପତା ନାହିଁ । ବଡ଼ କଷ୍ଟରେ ଅଛି ଝିଅଟି । ରୋଜଗାରର ପନ୍ଥା ନାହିଁ । ବିଧବା ମାଆ ସହିତ ବଡ଼ କଷ୍ଟରେ ସମୟ ବିତାଉଛି ବିଚାରୀ ।

ଅଶୋକ ବାବୁ କହିଲେ... ଗୋଟାଏ କାମ କର ମେଘମାଳା । ଏବେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଇଚ୍ଛୁକ ପ୍ରାର୍ଥୀ ମାନେ ବିନା ବନ୍ଧକରେ ପଚାଶ ହଜାରରୁ ଆରମ୍ଭ କରି ପାଞ୍ଚଲକ୍ଷ, ଦଶଲକ୍ଷ ବା ଅଧିକ ଟଙ୍କା ପର୍ଯ୍ୟନ୍ତ ଋଣ ପାଇ ପାରୁଛନ୍ତି । ପ୍ରଣତି କିଛି

Source: Author, Digitized by PPRACHIN, SOA

ତାଲିମ୍ ନେଇ ଧୂପକାଠି ମେସିନ୍ ବା ଖଲି ତିଆରି ମେସିନ ବା ଅନ୍ୟକିଛି, ବ୍ୟାଙ୍କ ଋଣରେ ନିଜର ଲଘୁ ଉଦ୍ୟୋଗ ସ୍ଥାପନ କରିପାରିବ । ତମେ ତାକୁ ଶ୍ରୀକାନ୍ତ ସହିତ ମୋ ପାଖକୁ ପଠାଇଲେ ମୁଁ ଏଠାରେ ବ୍ୟାଙ୍କ ଏବଂ ସମ୍ପୃକ୍ତ ବିଭାଗ ସହିତ କଥାବାର୍ତ୍ତା କରି ଋଣ ଏବଂ ତାଲିମ ପାଇଁ ବ୍ୟବସ୍ଥା କରିବି ।

ଅଶୋକ ବାବୁଙ୍କ କଥା ଶୁଣି କୃତଜ୍ଞତାରେ ମଥା ନଇଁ ଯାଇଥିଲା ମେଘମାଳାର । କେଉଁ ଭାଷାରେ ସେ ତାଙ୍କର ପ୍ରଶଂସା କରିବ ଜାଣି ପାରୁ ନଥିଲା । ଅଶେଷ ଧନ୍ୟବାଦ ଜଣାଇ ଫୋନ୍ ରଖିଲା ମେଘମାଳା ।

ଶ୍ରୀକାନ୍ତ ମେଘମାଳା ଠାରୁ ଅଶୋକ ବାବୁଙ୍କ ବିଷୟରେ ସବୁ ଶୁଣି କହିଲା...ଦିଦି ଅଶୋକ ବାବୁ ମଣିଷ ନୁହଁନ୍ତି, ଦେବତା ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୮

ପ୍ରଣତିର ଥଇଥାନ ବିଷୟରେ ଅଶୋକ ବାବୁ ଯାହା କହିଥିଲେ ଶ୍ରୀକାନ୍ତ ସହିତ ଆଲୋଚ଼ନା କଲାପରେ ମେଘମାଳା କହିଲା......ତୁ କାଲି ଟିକିଏ ପ୍ରଣତି ସହିତ ବରଗଡ଼ ଯାଇ ପାରିବୁ ଶ୍ରୀକାନ୍ତ ? ବିଚ଼ାରୀର ଲୋନ୍‌ଟା ଯେବେ ମଞ୍ଜୁର ହୋଇଯାଆନ୍ତା କିଛି ଗୋଟେ କାମ ଧନ୍ଦାରେ ଲାଗିଗଲେ ପେଟ ଅପୋଷା ରହନ୍ତାନି; ତା'ଛଡ଼ା ଗାଁ'ରେ ଯେମିତି ବାରକଥା ଶୁଣି ତାର ମୁଣ୍ଡ ଖରାପ ହେଉଛି, କାମରେ ବ୍ୟସ୍ତ ରହି ସେଥିରୁ ଟିକିଏ ମୁକ୍ତି ମିଳନ୍ତା । ଶ୍ରୀକାନ୍ତ କହିଲା... ଠିକ୍ ଅଛି, ମୁଁ କାଲି ପ୍ରଣତିକୁ ନେଇ ଅଶୋକ ବାବୁଙ୍କ ପାଖକୁ ଯିବି ।

ଖିଆପିଆ ସାରି ଶ୍ରୀକାନ୍ତ ଯାଉଯାଉ ରାତି ଦଶଟା । ମେଘମାଳା ତାକୁ ବିଦାୟ ଦେଇ, ବେଡ୍‌ରୁମ୍‌କୁ ଗଲା । ବିଜୟର ଡାଏରୀଟି ପଢି ଶେଷ ନକରିବା ପର୍ଯ୍ୟନ୍ତ ଶାନ୍ତି ନାହିଁ ତା' ମନରେ । ଡାଏରୀ ଖୋଲି, ପୂର୍ବରୁ ଛାଡ଼ିଥିବା ସ୍ଥାନରୁ ପଢ଼ିବା ଆରମ୍ଭ କଲା ମେଘମାଳା । ବିଜୟ ଲେଖିଥିଲା..........

'ଚ଼ମ୍ପାଝରର ଜଳ-ପ୍ରକଳ୍ପ'ର କାମ ଖୁବ୍ ଜୋର୍‌ରେ ଚ଼ାଲିଥାଏ । ସମିତା ଆଖିରେ ନିଦ ନଥାଏ । ଠିକାଦାର ଉପରେ ସମ୍ପୂର୍ଣ୍ଣ ନିର୍ଭର କଲେ ତ ଚ଼ଳିବ ନାହିଁ । ସିମେଣ୍ଟ୍ ଓ ଛଡ଼ ଠିକ୍ ସମୟରେ ନପହଞ୍ଚିଲେ ଏବଂ ଆବଶ୍ୟକ ଶ୍ରମିକଙ୍କର ଅଭାବ ହେଲେ କାମ ଆଗେଇ ପାରିବ ନାହିଁ । ସେଥିପାଇଁ ସମିତା ଏବଂ ମୁଁ ଭୋକ ଶୋଷ ଭୁଲି ଠିକାଦାରକୁ ସବୁପ୍ରକାର ସାହାଯ୍ୟ କରୁଥିଲୁ ଏବଂ ଚେଷ୍ଟା କରୁଥିଲୁ ଯେପରି ବର୍ଷାଦିନ ପୂର୍ବରୁ ଜଳସେଚ଼ନ ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହୋଇପାରିବ ।

ସେଦିନ ଏପ୍ରିଲର ଏକ ଗତାୟୁ ସନ୍ଧ୍ୟା । ପ୍ରୋଜେକ୍ଟରେ କାମ ଶେଷକରି ଶ୍ରମିକମାନେ ଚ଼ାଲିଯାଇଥାନ୍ତି ବସ୍ତିକୁ । ପାହାଡ଼ ତଳେ ଠିକାଦାରର ତମ୍ବୁ ଭିତରେ ସମିତା, ମୁଁ ଏବଂ

Source: Author, Digitized by PPRACHIN, SOA

ଆକାଉଣ୍ଟାଣ୍ଟ ବସିଥାଉ । ମଝିରେ ରଖାଯାଇଥାଏ ପ୍ରୋଜେକ୍ଟ ମ୍ୟାପ୍ । ଏପ୍ରିଲ ମଧ୍ୟାହ୍ନର ଉତ୍ତାପର ସ୍ପର୍ଶ ଦେହ ଓ ମନରୁ ଦୂରେଇ ଦେଉଥିଲା ପାହାଡ଼ ଉପତ୍ୟକାରୁ ବହି ଆସୁଥିବା ଝିଲିଝିଲି ପବନ । ଆମ ଭିତରେ ଆଲୋଚ଼ନା ଚ଼ାଲିଥାଏ ସିମେଣ୍ଟ ମିକ୍ସିଙ୍ଗ୍ ମେସିନ୍‌ର ଅଭାବ ନେଇ । ତା'ଛଡ଼ା ଯୋଜନାର ଗୁରୁତ୍ୱକୁ ଆଖି ଆଗରେ ରଖି ଠିକାଦାରର ବିଲ୍ କିଭଳି ଠିକ୍ ସମୟରେ ମଞ୍ଜୁର ହୋଇ ତାକୁ ପେମେଣ୍ଟ୍ ଦିଆଯିବ ସେ ଆଲୋଚ଼ନା ମଧ୍ୟ ଆକାଉଣ୍ଟାଣ୍ଟ୍ ସହିତ ଚ଼ାଲିଥାଏ । ଶେଷରେ ବସାକୁ ଫେରିବାକୁ ପ୍ରସ୍ତୁତ ହେଉଥିଲୁ ଆମେ ।

ହଠାତ୍ ଏ ସମୟରେ ସେଠାରେ ମଳୟେନ୍ଦୁର ଆବିର୍ଭାବ ହେଲା । କୃଷ୍ଣ କଦାକାର ଶରୀର, ଆକଣ୍ଠ ଆସ୍କାଫଟି ପିଇ ଆଖି ଲାଲ୍ ଲାଲ୍ ଦେଖାଯଉଥାଏ । ପାଦ ଏପଟ ସେପଟ ପଡୁଥାଏ ।

ହଠାତ୍ ଭାଷଣ ଆରମ୍ଭ କରିଦେଲେ ମହାଶୟ... ଇଞ୍ଜିନିୟର ସାହେବ, ଚ଼ମ୍ପାଝରେ ଜଳଯୋଜନା ବିଷୟରେ ରାୟବାହାଦୁର ରାଜେନ୍ଦ୍ର ସିଂ, ମାନେ ମୋର ଭିଣୋଇ-ରାଜା ଖୁସି ନୁହନ୍ତି ।

ମୁଁ କହିଲି....ରାୟବାହାଦୁରଙ୍କ ଖୁସି ହେବା ନହେବାରେ ସରକାର ବାହାଦୁରଙ୍କର କ'ଣ ଯାଏ ଆସେ ?

ସମିତା ସେତେବେଳକୁ ମୁରୁକି ମୁରୁକି ହସୁଥାଏ ।

ମଳୟ ଚ଼ଢା ଗଳାରେ ଆକ୍ରମଣାତ୍ମକ ଢଙ୍ଗରେ କହିଲା... ଆପଣଙ୍କୁ କ'ଣ ଜଣାନାହିଁ ଇଞ୍ଜିନିୟର ସାହେବ ଯେ ଏ ଯୋଜନା କାର୍ଯ୍ୟକାରୀ ହେଲେ ରାଜେନ୍ଦ୍ର ସିଂଙ୍କର ପ୍ରାୟ ପଚ଼ାଶ ଏକର ଜମି ଜଳମଗ୍ନ ହୋଇଯିବ ?

ନିର୍ଲିପ୍ତ ଅଥଚ଼ ଦୃଢ଼ କଣ୍ଠରେ ମୁଁ ପଚ଼ାରିଥିଲି...ମଳୟ ବାବୁ, ଯୋଜନାର ଠିକା ନେବାପାଇଁ ଯେଉଁ ଦିନ ଆପଣ ମୋ ପାଖକୁ ଆସିଥିଲେ ସେଦିନ କ'ଣ ଆପଣ ଏକଥା ଜାଣି ନଥିଲେ ? କାଇଁ ସେତେବେଳେ ତ ଏ ପ୍ରଶ୍ନ ଉଠାଇନଥିଲେ ଆପଣ ।

ସେ ଯାହା ହେଉ, କ୍ଷତିପୂରଣ ସରକାର ଦେବେ ।

ପାଟିରୁ କଥା ଛଡ଼ାଇ ମଳୟ କହିଥିଲା...ସେ କ୍ଷତିପୂରଣ ଟଙ୍କା ଯୋଜନା କାର୍ଯ୍ୟକାରୀ ହେବା ଆଗରୁ ରାୟବାହାଦୁର ରାଜେନ୍ଦ୍ର ସିଂ ଚ଼ାହାନ୍ତି ।

ମଳୟେନ୍ଦୁ କଥା ଶୁଣି ହସ ମାଡୁଥିଲା ମୋତେ । କହିଥିଲି....ମଳୟ ବାବୁ, ଧମକ ଦେଇ ପ୍ରଜାଙ୍କଠାରୁ ଖଜଣା ଆଦାୟ କଲାପରି, କ୍ଷତିପୂରଣ ଟଙ୍କା କ'ଣ ଆମ ପାଖରୁ ଆଦାୟ କରିବାପାଇଁ ଆପଣ ଆସିଛନ୍ତି ନାଁ କଣ ? ଆଜି ଆପଣଙ୍କର ଜମିଦାରୀ ନାହିଁ କି ସରକାର ଆପଣଙ୍କ ପ୍ରଜା ନୁହଁନ୍ତି । ଆପଣଙ୍କର ଏ ଧମକଚ଼ମକ ଶୀତଳଭଣ୍ଡାରରେ ଗଚ୍ଛିତ

Source: Author, Digitized by PPRACHIN, SOA

କରି ରଖନ୍ତୁ, ଭବିଷ୍ୟତରେ କାମରେ ଆସିପାରେ । କ୍ଷତିପୂରଣ ଟଙ୍କା ପାଇବାପାଇଁ ହୁଏତ ବର୍ଷ ବର୍ଷ ଲାଗିଯାଇପାରେ; ଏଭଳି ମଦ୍ୟପାନ କରି ଏଠାରେ ଆସି ବେଙ୍ଗ-ଡ୍ୟାନସ୍ କଲେ କିଛି ଲାଭ ନାହିଁ ।

ମଳୟେନ୍ଦୁର ଅଯଥା ବାଚାଳାମିରେ ବିରକ୍ତ ହୋଇ ସମିତା କହିଲା....ରାୟ ବାହାଦୂର ପରିବାରର ଇଜ୍ଜତ ଏଭଳି ପଦାରେ ପକାଇବାର ଅଧିକାର ତୁମକୁ କିଏ ଦେଲା ମଳୟ ? ଦାଦା କ'ଣ କ୍ଷତି ପୂରଣ ମାଗିବାପାଇଁ ତୁମକୁ ଏଠାକୁ ପଠାଇଛନ୍ତି ? ତମେ ଦାଦାଙ୍କ ଘରେ ଗଳିପଶା ବନ୍ଧୁ । ତାଙ୍କ ଜମିବାଡ଼ି ବିଷୟରେ ତୁମର ମୁଣ୍ଡ ଖେଳାଇବା କ'ଣ ଦରକାର ?

ବାଣରେ ନିଆଁ ଲଗାଇଲା ଭଳି ବିସ୍ଫୋରଣ କରି ଉଠିଲା ମଳୟେନ୍ଦୁ । କହିଲା.... ଲଜ୍ଜାହୀନା ମହିଳା, ପରିବାରର ଇଜ୍ଜତ ପାଠ ମତେ ଶିଖାଉଛୁ ? ପ୍ରତାପଗଡ଼ ଶବର ସାହିରେ ନାଳନର୍ଦ୍ଦମା ସଫା କଲାବେଳେ, କୁଲି ଘରର ସ୍ତ୍ରୀ ଭଳି ଝୁଡ଼ିରେ ରାସ୍ତା ଉପରେ ମାଟି ପକାଇବା ବେଳେ କୁଆଡ଼େ ଘାସ ଚରି ଯାଇଥିଲା ତୋ ବଂଶ ଇଜ୍ଜତ ? ବିଜୟ ଭଳି ଗୋଟାଏ ଲଫଙ୍ଗା ସହିତ ପ୍ରେମ ଖେଳ ଖେଳିବା ସମୟରେ କେଉଁଠି ବନ୍ଧା ପକାଇଥିଲୁ ତୋ ବଂଶ ମର୍ଯ୍ୟାଦା ?

ସହନୀୟତାର ସବୁ ସୀମା ପାର ହୋଇ ଯାଇଥିଲା ସମିତାର ମାନସିକ ଅବସ୍ଥାର । ବିଜୁଳି ବେଗରେ ତାର ହାତ ଯାଇ ବାଜିଥିଲା ମଳୟେନ୍ଦୁର ଗାଲରେ । ଅତ୍ୟଧିକ ମଦ୍ୟପାନ ଯୋଗୁଁ ନିଜ ଶରୀରକୁ ସମ୍ଭାଳି ପାରିଲା ନାହିଁ ମଳୟେନ୍ଦୁ । ଗଛ କାଟିବା ପରି କଚାଡ଼ି ହୋଇ ତଳେ ପଡ଼ି ଚେତାଶୂନ୍ୟ ହୋଇଗଲା ।

ଏଭଳି ପରିସ୍ଥିତି ପାଇଁ ମୁଁ ପ୍ରସ୍ତୁତ ନଥିଲି । ସେଠାରେ ଉପସ୍ଥିତ ଥିବା ଜଗୁଆଳିକୁ ଡାକି ମଳୟର ମୁହଁରେ ପାଣି ଛିଞ୍ଚି ତାକୁ ସାଷ୍ଟାଙ୍ଗ କରାଗଲା । ଦୁଇଜଣ ଲୋକ ଟେକାଟେକି କରି ତାକୁ ନେଇ ରାଜେନ୍ଦ୍ର ସିଂଙ୍କ ଦୁଆରେ ଛାଡ଼ିଦେଇ ଆସିଲେ ।

ଝଡ଼ ପରେ ସବୁ ଶାନ୍ତ ହେଲାପରି ସମିତାର ମନ ମଧ୍ୟ ଶାନ୍ତ ହୋଇଯାଇଥିଲା । ସମିତାର ମୁହଁ ପ୍ରତିକ୍ରିୟାବିହୀନ ଦେଖି ମୁଁ ପଚାରିଲି...କଣ ଭାବୁଛ ସମିତା ? ଭୁଲିଯାଅ ଯାହା ଘଟିଗଲା । ଅଯଥା ମୁଣ୍ଡଭିତରେ ଏସବୁ ରଖି ମନକୁ ଭାରାକ୍ରାନ୍ତ କରନାହିଁ ।

ସମିତା କହିଲା... ନାଁ ନାଁ ମୁଁ ମୋଟେ ମନ ଭାରାକ୍ରାନ୍ତ କରୁନି । ଗୋଟାଏ ମଦୁଆ କଥାକୁ ଧରି ବସିଲେ ଆମେ ଆଗେଇ ପାରିବା ନାହିଁ ।

ମୁଁ କହିଥିଲି...ସମିତା, ଏ ଲୋକଟା କିନ୍ତୁ ଭୟଙ୍କର ମାରାତ୍ମକ ମନେହେଉଛି । ଜଗିରଖି ଚଳୁଥିବ ।

ନିର୍ଜୀବ ହୋଇ ପଡ଼ିଥିବା ଉଠାଜଳସେଚନ ପଏଣ୍ଟଗୁଡ଼ିକ ସକ୍ରିୟ ହୋଇଉଠିଛନ୍ତି

Source: Author, Digitized by PPRACHIN, SOA

ଏହା ଭିତରେ । ଚୋରି ଯାଇଥିବା ଷ୍ଟାର୍ଟର୍ ସ୍ଥାନରେ ନୂଆ ଷ୍ଟାର୍ଟର୍ ଲଗାଇଛନ୍ତି ବିଜୁଳି ବିଭାଗ । ଭାଙ୍ଗିଯାଇଥିବା ଫିଲ୍ଡ ଚ୍ୟାନେଲ୍‌ଗୁଡ଼ିକୁ ମରାମତି କରାଇଦେଇଛି ମୁଁ । ପ୍ରତ୍ୟେକ ପଏଣ୍ଟରୁ ଛୁଟିଛି ଜଳର ଉତ୍ସ । ପଏଣ୍ଟ୍ ଚ୍ୟାରିପାଖରେ ହସିଉଠିଛି ସବୁଜ କେଦାର । ଯେଉଁ ସ୍ଥାନଗୁଡିକ ଚ୍ମାଝର ବନ୍ଧର ଜଳ ଭିତରେ ବୁଡ଼ିଯିବାର ସମ୍ଭାବନା ଅଛି ସେଠାରୁ ଉଠା ଜଳସେଚ୍ନ ପଏଣ୍ଟ୍‌ଗୁଡିକ ଉଠାଇ ନେଇ ଅନ୍ୟ ସ୍ଥାନରେ ସ୍ଥାପିତ କରିବାର ବ୍ୟବସ୍ଥା କରାଯାଇଛି ।

ସମିତା କୃଷି ବିଭାଗର କର୍ମଚ୍ୟାରୀମାନଙ୍କୁ ପ୍ରତାପଗଡ଼ ଆଣି ବୈଜ୍ଞାନିକ କୃଷି ପ୍ରଣାଳୀର ଜାଗରୁକତା ଲୋକଙ୍କ ମନରେ ସୃଷ୍ଟି କରିଛି ।

ମୁଁ, ମୋ କାର୍ଯ୍ୟାଳୟରୁ ଦୁର୍ନୀତି ନିବାରଣ କରିବା ପ୍ରୟାସ ଯୋଗୁଁ ଅସନ୍ତୋଷର ନିଆଁ ଜଳିଉଠିଛି ଅନେକ କର୍ମଚ୍ୟାରୀଙ୍କ ମନରେ ।

ସେ ଅସନ୍ତୋଷ କେବଳ ପ୍ରତାପଗଡ କାର୍ଯ୍ୟାଳୟରେ ସୀମିତ ନହୋଇ ମୁଖ୍ୟ କାର୍ଯ୍ୟାଳୟକୁ ଚ୍ହଟି ଯାଇଛି । ଅନ୍ତରୀଣ ଅଡିଟରମାନେ ମୋ ଉପରେ ଅସନ୍ତୁଷ୍ଟ କାରଣ ଅଡିଟ ସମୟରେ ମୁଁ ସେମାନଙ୍କ ପାଇଁ ଖାଦ୍ୟ ଓ ମଦ୍ୟ- ମାଂସର ବ୍ୟବସ୍ଥା କରୁନାହିଁ । ପ୍ରତାପଗଡ଼ର ଛୋଟବଡ଼ ଟାଉଟର୍‌ମାନେ ମୋ ଉପରେ ଅସନ୍ତୁଷ୍ଟ କାରଣ ମୁଁ ଆସିବା ପରେ ସେମାନଙ୍କୁ ଅର୍ଥ ବିନିମୟରେ ଛୋଟ ବଡ଼ ଠିକା ମିଳୁନାହିଁ । ଏ ସମସ୍ତେ ମିଶି ଯେଉଁ ଚ୍‌କ୍ରବ୍ୟୂହ ରଚ୍ନା କରିବାପାଇଁ ଯାଉଥିଲେ, ତାକୁ ମୋତେ ଏକା ଅଭିମନ୍ୟୁ ସାଜି ପ୍ରତିହତ କରିବାପାଇଁ ପଡ଼ିବ ବୋଲି ମୁଁ ଜାଣିଥିଲି । ସେଥିପାଇଁ ମୁଁ ପ୍ରସ୍ତୁତ ଥିଲି ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୨୯

ରାତି ଆସି ଏକାରଟା ବାଜିବାକୁ ବସିଲାଣି । ତଥାପି ମେଘମାଳା ଆଖିରୁ ନିଦ କିଏ ଚୋରାଇ ନେଇଛି ଆଜି । ଡାଏରୀର ପୃଷ୍ଠା ଭିତରେ ହଜି ଯାଇଛି ସେ । ବିଜୟ ଲେଖିଥିଲା-

ଚକ୍ରବ୍ୟୂହ ମୋ ପାଇଁ ପ୍ରସ୍ତୁତ ଥିଲା ଜାଣି ମଧ୍ୟ ମୁଁ ବିବ୍ରତ ନଥିଲି । ଦିନକର କଥା । ମୁଖ୍ୟ କାର୍ଯ୍ୟାଳୟରୁ ଅଡିଟରମାନେ ଆସିଥାନ୍ତି ମୋ କାର୍ଯ୍ୟାଳୟର ହିସାବ ତନଖି ପାଇଁ । ମୋ କାର୍ଯ୍ୟାଳୟର ହିସାବ ରକ୍ଷକ ଆସି କହିଲେ...ସାର୍, ଅଡିଟର୍‌ମାନଙ୍କର ଗେଷ୍ଟ ରୁମ୍‌ରେ ରହିବାର ବ୍ୟବସ୍ଥା ହୋଇଛି । ସେମାନଙ୍କର ଖାଇବା ପିଇବା ବ୍ୟବସ୍ଥା ଆମକୁ କରିବାକୁ ପଡ଼ିବ । ଆଖପାଖରେ ଭଲ ହୋଟେଲ ନାହିଁ; ତିରିଶି କିଲୋମିଟର ଗାଡ଼ିରେ ଯାଇ ସେମାନଙ୍କ ପାଇଁ ଖାଦ୍ୟ ଆଣିବାକୁ ପଡ଼ିବ । ଆପଣ କହିଲେ ମୁଁ ଡ୍ରାଇଭରକୁ ପଠାଇବି ।

ମୁଁ କହିଲି...ଅଡିଟର ବାବୁମାନଙ୍କର ମଧ୍ୟାହ୍ନ ଓ ରାତ୍ରିଭୋଜନ ପାଇଁ ଆମ ଅଫିସ୍ ଗାଡ଼ିରେ ୧୨୦ କିଲୋମିଟର ସବୁଦିନ ଯିବା ଆସିବା କରିବାକୁ ପଡ଼ିବ; ସେ ତେଲ ଖର୍ଚ୍ଚ କିଏ ଦବ ?

ଆକାଉଣ୍ଟାଣ୍ଟ କହିଲେ...ସାର୍ ଆଗରୁ ଯେତେବେଳେ ସେମାନେ ଆସନ୍ତି,ଆମକୁ ସବୁ ଖର୍ଚ୍ଚ ବହନ କରିବାକୁ ପଡ଼େ । ଆମକୁ ଅନ୍ୟ କିଛି ଖର୍ଚ୍ଚ ଦେଖାଇ ଆଡଜଷ୍ଟ୍ କରିବାକୁ ପଡେ ।

ମୁଁ କହିଲି... ସେମାନେ ନିଜ ଖର୍ଚ୍ଚରେ ହୋଟେଲକୁ ଯାଇ ଖାଇବା ବ୍ୟବସ୍ଥା କରନ୍ତୁ ଅଥବା ଗୋଟିଏ ରୋଷେୟା ସେମାନଙ୍କ ପାଇଁ ଯୋଗାଡ଼ କରିଦିଅନ୍ତୁ । ସେମାନେ ରୋଷେଇ ସରଞ୍ଜାମ କିଣି ନିଜ ବ୍ୟବସ୍ଥା ନିଜେ କରିପାରିବେ ।

ଟିକିଏ ଥତମତ ହୋଇ ଆକାଉଣ୍ଟାଣ୍ଟ କହିଲେ...ମଟନ, ଚିକେନ ଭଲ ରୋଷେଇ କରିବା ପିଲା ଏଠି କୁଆଡେ ମିଳିବେ ସାର୍ ? ତା' ଛଡା ରୋଷେଇ ସରଞ୍ଜାମ ତ ଆମକୁ କିଣି ଦବାକୁ ପଡ଼ିବ ନା ସାର୍ । ତେଣୁ ସବୁଠାରୁ ଭଲ ସେମାନଙ୍କୁ ଗାଡ଼ିରେ ପଠେଇ ହୋଟେଲରେ ଖୁଆଇ ଆଣିବା । ଆଗରୁ ଏମିତି ଚାଲୁଥିଲା ଯେତେବେଳେ...

Source: Author, Digitized by PPRACHIN, SOA

କଥା ଛଡ଼ାଇ ନେଇ ମୁଁ କହିଲି... ମୁଁ ଜାଣେ ସେମାନଙ୍କର ଖାଦ୍ୟ ଏବଂ ମଦ୍ୟର ବ୍ୟବସ୍ଥା ମୋ ପୂର୍ବରୁ ଆପଣମାନେ ଅଫିସ ତରଫରୁ କରୁଥିଲେ । ଏଠାରେ ଯେଉଁ ଦୁର୍ନୀତି ହେଉଥିଲା ବାଟେଘାଟେ ତାର ଚର୍ଚ୍ଚା ଚାଲିଛି । ବାବୁମାନଙ୍କର ଯେବେ କୁକୁଡ଼ା ଖାଇବା ଏବଂ ମଦ ପିଇବା ଇଚ୍ଛା ନିଜ ଖର୍ଚ୍ଚରେ ସେମାନେ ତାହା କରନ୍ତୁ, ଆମେ କାହିଁକି କରିବା ?

ତଥାପି ଆକାଉଣ୍ଟାଣ୍ଟକହିଲେ...ଆପଣ ବୁଝୁ ନାହାଁନ୍ତି ସାର୍, ସେମାନଙ୍କ ରିପୋର୍ଟ ଉପରେ...

କଥା ଛଡ଼ାଇ ନେଇ ମୁଁ କହିଥିଲି...ଆପଣ ରିପୋର୍ଟ୍ ପାଇଁ ଏତେ ବ୍ୟସ୍ତ କାହିଁକି ? ସେମାନଙ୍କ ଅଡିଟ୍‌ରେ ଯଦି କିଛି ଦୁର୍ନୀତି କାର୍ଯ୍ୟ ପଦାକୁ ଆସେ, ସମ୍ପୃକ୍ତ ବ୍ୟକ୍ତି ସେଥିପାଇଁ ଉତ୍ତରଦାୟୀ ହେବେ । ମୁଁ ତ ଚାହେଁ ସେମାନେ ଠିକ୍ ଭାବରେ ଅଡିଟ୍ କରି କ୍ଷୀରକୁ କ୍ଷୀର ପାଣିକୁ ପାଣି ଅଲଗା କରି ଦେଖାନ୍ତୁ । ମୁଁ ଦୁଃଖିତ ଆକାଉଣ୍ଟାଣ୍ଟବାବୁ, ମୁଁ ସେମାନଙ୍କ ଖାଇବା ଏବଂ ପିଇବା ବ୍ୟବସ୍ଥା କରିପାରିବି ନାହିଁ ।

ମୋର ଏହି ନିଷ୍ପତ୍ତି ପରେ ସେଦିନ ଚା କପରେ ଭୀଷଣ ଝଡ଼ ସୃଷ୍ଟି ହୋଇଥିଲା । ଅଡିଟର୍ ମହାଶୟମାନେ ନିଜ ନିଜ ହାତରୁ ଖର୍ଚ୍ଚ କରି ନିଜର ଖାଦ୍ୟ ମଦ୍ୟର ବ୍ୟବସ୍ଥା କରିଥିଲେ । ସେଦିନ ସଂଧ୍ୟା ସମୟରେ ସମିତା ସହିତ ଆଲୋଚନା ସମୟରେ ସେ ମୋ ନିର୍ଣ୍ଣୟ ବିଷୟରେ ଶୁଣି କେବଳ ଖୁସି ହୋଇ ନଥିଲା, ହସିହସି ବେଦମ୍ ହୋଇ କହିଥିଲା ...ଆହା, ବିଚ଼ରାମାନଙ୍କର ଦାନାପାଣି ତମେ ବୁଡ଼େଇଲ,ଏବେ ଦେଖ , ତମ ନିଜ ଅଫିସରୁ କେତେ ଶତ୍ରୁ ବାହାରୁଛନ୍ତି ତମର ।

ତା' ପରେ ଚିରାଚରିତ ଢଙ୍ଗରେ ଅଡିଟ୍ କାମ ଆଗେଇ ଚାଲିଥାଏ । ଦିନେ ଅଫିସ ପରେ ବସାକୁ ଫେରି ବିଶ୍ରାମ ନେଉଥାଏ । ଏସମୟରେ ସମିତା ଫୋନ କରି ଜଣାଇଲା ଯେ ସେ ବିଶେଷ କାରଣରୁ ସଂଧ୍ୟା ବେଳେ ଆସିପାରିବ ନାହିଁ । ସେ ଦିନର ଖବରକାଗଜ ପଢ଼ା ଶେଷକରି ବିଶ୍ରାମ ନେବାକୁ ଯାଉଥାଏ; ରାତି ଆଠଟା ହେବ । ଦୁଆର ଖଟ୍ ଖଟ୍ ଶୁଣି ଖୋଲି ଦେଖିଲି ଦଶ ବାର ବର୍ଷର ପିଲାଟିଏ । ଗୋଟିଏ ଟିଫିନ୍ ବକ୍ସରେ ଦୁଇଟି ମାଲପୁଆ ମୋ ହାତକୁ ଧରାଇ ଦେଇ କହିଲା.. ଜଗନ୍ନାଥଙ୍କ ଭୋଗ, ସମିତା ଜେମା ଦେଇ ପଠେଇଛନ୍ତି ।

ମୁଁ ଭାବିଲି ଫୋନ୍ କଲାବେଳେ ସମିତା ତ କାଇଁ ଭୋଗ କଥା କିଛି କହୁ ନଥିଲା । ସେ ଯା'ହେଉ ପିଲାଟିକୁ ବିଦାୟ ଦେଇ ମୁଁ ଟିଫିନ୍ ଭିତରେ ଥିବା ଭୋଗକୁ ଆଘ୍ରାଣ କଲି, ଆଃ,କି ମହ ମହ କର୍ପୁର ବାସ୍ନା ବାହାରୁଥିଲା ସେ ଭୋଗରୁ! ଲୋଭ ସମ୍ଭାଳି

Source: Author, Digitized by PPRACHIN, SOA

ପାରିଲି ନାହିଁ । ଜୟ ଜଗନ୍ନାଥ ନାମ ଉଚ୍ଚାରଣ କରି ମାଲପୁଆ ଦୁଇଟି ଗର୍ଭସ୍ଥ କଲି । ଦଶ ପନ୍ଦର ମିନିଟ୍ ପରେ ମୁଣ୍ଡ ଟିକିଏ ବୁଲେଇ ହେଲାଭଳି ଲାଗିଲା । ତା'ପରେ ଖଟରେ ବିଶ୍ରାମ ନେଉ ନେଉ ମହାଶୂନ୍ୟରେ ଘୂରିବା ଭଳି ମତେ ଲାଗିଲା । ତା'ପରେ ଆଉ ମୁଁ କିଛି ଜାଣିନାହିଁ ।

ମୋର ଚେତା ଆସିବା ପରେ ମୁଁ ଦେଖିଲି ମୁଁ ଆମ୍ବୁଲାନ୍ସରେ ଶୋଇଛି,ସାଲାଇନ୍ ଲାଗିଛି ମୋ ବାଁ ହାତରେ । ସମିତା କୋଳରେ ମୋର ମୁଣ୍ଡ ରହିଛି । ଧାର ଧାର ହୋଇ ଲୁହ ବହି ଯାଉଛି ସମିତା ଆଖିରୁ ।

ଆଖି ଖୋଲି ପଚାରିଲି...କଣ ହେଲା ସମିତା ? ମୁଁ ଏ ଆମ୍ବୁଲାନ୍ସ ଭିତରେ କେମିତି ?କୁଆଡେ ଯାଉଛେ ଆମେ ?

ଉଠିବାକୁ ଚେଷ୍ଟାକରି ପାରୁନଥିଲି ମୁଁ । ମୁଣ୍ଡ ଭାରି ଭାରି ଲାଗୁଥିଲା ।

ସମିତା ମତେ ଚୁପ୍ ହେବାପାଇଁ ନିର୍ଦ୍ଦେଶ ଦେଇ କହିଲା...ଚୁପ୍‌ଚାପ୍ ଶୋଇରହ ବିଜୟ । ତମେ ଗତ କେତେ ଘଣ୍ଟା ଧରି ଯେ ବେହୋସ୍ ହୋଇପଡ଼ିଥିଲ ଠିକଣା ନାହିଁ । ଆଜି ଦିନ ଦଶଟା ବେଳେ ତୁମ ପାଖକୁ ଯାଇ, ଅଫିସରେ ତୁମକୁ ନ ପାଇ ବସାକୁ ଯାଇ ଥିଲି । କବାଟ ବାଡ଼େଇବା ପରେ ତୁମଠାରୁ କିଛି ଉତ୍ତର ନପାଇ ବାଧ୍ୟ ହୋଇ କବାଟ ଭାଙ୍ଗିବା ବ୍ୟବସ୍ଥା କରିଥିଲି । ତମେ ସେତେବେଳକୁ ବେହୋସ୍ ହୋଇ ବେଡ୍‌ରୁମରେ ପଡ଼ିଥିଲ । ଡାକ୍ତର କହିବା କଥା ତୁମକୁ ବିଷ ଦିଆଯାଇଛି । ତମେ କାଲି ରାତିରେ କ'ଣ ଖାଇଥିଲ ?

ମୁଁ କହିଲି...ତମେ ଯେଉଁ ଜଗନ୍ନାଥ ଭୋଗ ମାଲପୁଆ ପଠାଇଥିଲେ, ତା' ଛଡା ଅନ୍ୟ କିଛି ଖାଇ ନାହିଁ ।

ସମିତା ଆଶ୍ଚର୍ଯ୍ୟ ହୋଇ ପଚାରିଲା.. କାଇଁ ମୁଁ ତ ତମପାଖକୁ କିଛି ପଠାଇନଥିଲି ।

ମୋର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ମୁଁ ଏକ ଭୀଷଣ ଷଡ଼ଯନ୍ତ୍ରର ବଳୟ ଭିତରକୁ ମୋ ଅଜ୍ଞାତରେ ପ୍ରବେଶ କରିଯାଇଛି ।

ସମିତାର ଆଖିରୁ ଟୋପାଏ ଲୁହ ମୋ ଗାଲରେ ପଡ଼ିଲା । ଡାହାଣ ହାତରେ ଆଖିରୁ ତାର ଲୁହ ପୋଛି ଦେଉ ଦେଉ କହିଲି...ଏ ଲୁହ ମୋ ପାଇଁ ଅମୂଲ୍ୟ ସମିତା । ପ୍ଲିଜ୍ ସମ୍ଭାଳ ନିଜକୁ ।

ପ୍ରିୟତମାର କୋଳରେ ମୁଣ୍ଡ ରଖି ଶୋଇବାର ଅପୂର୍ବ ଶିହରଣ ମୋ ଅଙ୍ଗେ ଅଙ୍ଗେ ଖେଳିଯାଇଥିଲା । ଏହା ମୋ ପାଇଁ ପ୍ରିୟତମା ଅଙ୍ଗର ପ୍ରଥମ ସ୍ପର୍ଶ । ଯେ ବି ମତେ ବିଷ ଦେଇ ମାରିବାକୁ ଚେଷ୍ଟା କରିଥାଉନା କାହିଁକି, ତାକୁ ମନେମନେ ଧନ୍ୟବାଦ ଜଣାଇଲି ।

Source: Author, Digitized by PPRACHIN, SOA

ସମିତା ଆଖିରୁ ଲୁହ ତଥାପି ବନ୍ଦ ହୋଇନଥାଏ ।

କହିଲି... ତମ ଅଙ୍ଗସ୍ପର୍ଶରେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲିଣି ସମିତା । ଆଉ ଡ଼ାକ୍ତର ଖାନାକୁ ଯିବା ଆବଶ୍ୟକ ନାହିଁ । ଚାଲ ପ୍ରତାପଗଡ଼ ଫେରିଯିବା ।

ସମିତା କହିଲା...ଚୁପ୍‌ଚାପ୍ ଶୋଇ ରହ । ତୁମକୁ ଭୁବନେଶ୍ୱର ନେଇ ସମ୍ପୂର୍ଣ୍ଣ ସୁସ୍ଥ କରି ମୁଁ ଫେରିବି ।

ଯେତେ କହିଲି ମୁଁ ସମ୍ପୂର୍ଣ୍ଣ ସୁସ୍ଥ, ସମିତା ମାନିବାକୁ ପ୍ରସ୍ତୁତ ନଥିଲା । ସେଦିନ ନାରୀର ପ୍ରେମିକା ରୂପ ଭିତରେ ଲୁଚି ରହିଥିବା ମମତାମୟୀ ରୂପକୁ ଅନୁଭବ କରିଥିଲି ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୦

ରାତି ବାରଟା । ସମଗ୍ର ପୃଥିବୀ ଶୋଇଯାଇଛି । ଏକା ମେଘମାଳା ଆଖିରୁ ନିଦ କୁଆଡ଼େ ଉଭେଇ ଯାଇଛି । ଆଖିର ଲୁହରେ ଭରି ରହିଛି ଅସରନ୍ତି କ୍ଷୋଭ, ଅଭିମାନ ଏବଂ ଅଭିଯୋଗ । ବିଜୟକୁ ପ୍ରତାପଗଡ଼ରେ ବିଷ ଦେଇ ମାରିବାକୁ ଚେଷ୍ଟା କରାଯାଇଛି, ଅଥଚ୍ ମୁହଁ ଖୋଲି ଦିନେ ବି ବିଜୟ ଏକଥା କାହାକୁ କହିନାହିଁ । ମେଘମାଳାକୁ ନହେଲେ ବି ନିଜ ବୋଉଙ୍କୁ ତ କହି ପାରିଥାନ୍ତା ବିଜୟ । ଏମିତିରେ କାହା ମନରେ ଅଭିମାନ ନ ଆସିବ ? ମେଘମାଳାକୁ ବିଜୟ ସବୁବେଳେ ଅତି ଆପଣାର ବୋଲି କହେ । କି ଲାଭ ଏଭଳି ଉପର ଠାଉରିଆ ଆପଣାପଣିଆ ଦେଖେଇ ହେଇ ? ମେଘମାଳା ଭାବିଲା, ସତରେ ବଡ଼ ଆତ୍ମକୈନ୍ଦ୍ରିକ ଚ଼ରିତ୍ର ବିଜୟର ।

ବିଜୟ ସହିତ ଘଟିଥିବା ଏହି ଦୁର୍ଘଟଣା ବିଷଯରେ ଡାଏରୀରୁ ପଢ଼ିବା ପରଠାରୁ ମନରେ ଉଦ୍‌ବିଗ୍ନତା ବଢ଼ିଯାଇଛି ମେଘମାଳାର । ରାତି ଅଧିକ ହେଲେ ବି ରାତିର ବୟସ ପ୍ରତି ନଜର ନାହିଁ ତାର । ଆଜି ସେ ଡାଏରୀ ପଢ଼ା ଶେଷ କରିବ ହିଁ କରିବ । ତା' ମନର ଚ଼ଞ୍ଚଳତାରେ ପର ଲାଗିଯାଇଥିଲା । ଆଗକୁ ପଢ଼ିବା ଆରମ୍ଭ କଲା । ବିଜୟ ଲେଖିଥିଲା....

ମେଘମାଳା,

ଭୁବନେଶ୍ୱରରେ ଚ଼ାରିଦିନ ରହି ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ଆମେ ପ୍ରତାପଗଡ଼କୁ ଫେରି ଆସିଲୁ । ସମିତା ମତେ ଆଉ ଏକା ରହିବା ପାଇଁ ଦେଲା ନାହିଁ । ରାଜବାଟି ଭିତରେ

Source: Author, Digitized by PPRACHIN, SOA

ମୋର ରହିବା ବ୍ୟବସ୍ଥା କରିଦେଲା । ସକାଳୁ ବେଡ୍ ଟି ଠାରୁ ଆରମ୍ଭ କରି ରାତ୍ରି-ଭୋଜନ ପର୍ଯ୍ୟନ୍ତ ସବୁ ନିଜ ହାତରେ, ନିଜ ତତ୍ତ୍ୱାବଧାନରେ ତିଆରି କରି ମତେ ସେ ଖାଇବାକୁ ଦେଲା । ଶବରୀ ଫଳ ଚାଖିବା ପରେ ରାମଚନ୍ଦ୍ରଙ୍କୁ ଖୁଆଇଲା ପରି, ସମିତା ରନ୍ଧାଯାଇଥିବା ଖାଦ୍ୟକୁ ଆଗେ ଖାଇ ତାର ଘଣ୍ଟାଏ ପରେ ମୋ ପାଇଁ ସେଥିରୁ ଖାଇବାକୁ ବାଢ଼େ । ତା'ର ଯୁକ୍ତି ଥିଲା ଯେ ମୋ ପାଇଁ ପ୍ରସ୍ତୁତ ଖାଦ୍ୟରେ ଯଦି କେହି ବିଷ ମିଶାଇ ଥିବ ତାହେଲେ ପ୍ରଥମେ ତା'ଦେହରେ କାମ କରିବ ।

ବାସ୍ତବ ପ୍ରେମର ସଜ୍ଞା ମୁଁ ସମିତା ଠାରୁ ହିଁ ସେଦିନ ଜାଣିଲି । ବାଘୁଣୀ ଛୁଆକୁ ନିରାପତ୍ତା ଦେଲାଭଳି ସମିତା ମୋ ନିରାପତ୍ତାର ସବୁ ବ୍ୟବସ୍ଥା କରିଥିଲା ।

ଦିନେ କହିଲି....ସମିତା,ଏଭଳି କରି ତମେ ନିଜ ଉପରକୁ ଦୁର୍ନାମର ଝଡ଼କୁ ଡାକି ଆଣୁଛ । ଡିବି ଡିବି ବାଜିବ ତମ ନାଁ ରେ ପ୍ରତାପଗଡ଼ରେ ମୋ ସହିତ ତୁମ ସମ୍ପର୍କକୁ ଯୋଡ଼ି । କେମିତି ସମ୍ଭାଳିବ ତମେ ସେ ସମୟରେ ପରିସ୍ଥିତିକୁ ?

ମୋ କଥାକୁ ପବନରେ ଶିମିଳି ତୁଳା ଭଳି ଉଡ଼େଇ ଦେଇଥିଲା ସମିତା । କହିଲା...କିଏ ଖାତିର କରୁଛି ସେସବୁ ବାଜେ କଥାକୁ ବିଜୟ ? ପାଣିକୁ ତମେ ବଏଲିଙ୍ଗ୍ ପଏଣ୍ଟ୍‌ରେ ମଧ୍ୟ ଗରମ କରି ଚାଳ ଉପରକୁ ପକାଇଲେ ସେଥିରେ କ'ଣ ଘର ପୋଡ଼ିଯିବ ?

ସତରେ ସମିତା 'ଜୋଆନ୍ ଅଫ୍ ଆର୍କ' ଥିଲା । ପ୍ରତାପଗଡ଼ରେ ସାମାଜିକ ବିପ୍ଳବର ଶଙ୍ଖଧ୍ୱନି ବାଜି ଉଠିଥିଲା । ବାହାରେ ଥିବା ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ସହିତ ସମନ୍ୱୟ ରଖି ପ୍ରତାପଗଡରେ ସ୍ୱାସ୍ଥ୍ୟ,ଶିକ୍ଷା, ଶିଶୁ ଏବଂ ମହିଳାମାନଙ୍କର ଉନ୍ନତି, ବୃଦ୍ଧ ଏବଂ ଅସହାୟମାନଙ୍କର ଥଇଥାନ ସମ୍ବନ୍ଧରେ ଅନେକ ସମାଜ-ସୁଧାର କାମରେ ନିଜକୁ ନିୟୋଜିତ କରିଦେଇଥିଲା ସମିତା ।

ସମବାୟ ବିପ୍ଳବର ଯେଉଁ ମଞ୍ଜିଗୁଡ଼ିକ ସମିତା ପ୍ରତାପଗଡ଼ରେ ପୋତି ଥିଲା, ସେଥିରୁ ଅଙ୍କୁରୋଦ୍‌ଗମ୍ ହୋଇ ଜନ୍ମ ନେଇଥିଲେ ତିନୋଟି ବୃକ୍ଷ । ସମିତାର ରକ୍ଷଣାବେକ୍ଷଣରେ ସେମାନେ ଫଳପୁଷ୍ପ ବିମଣ୍ଡିତ ତିନୋଟି ସହକାରରେ ଅର୍ଥାତ୍ ତିନୋଟି ସମବାୟ ସମିତିରେ ପରିଣତ ହୋଇଥିଲେ । ଗୋଟିଏ ଥିଲା କୃଷି ସେବା ସମବାୟ ସମିତି, ଦ୍ୱିତୀୟଟି ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତି ଏବଂ ତୃତୀୟଟି ମତ୍ସ୍ୟଜୀବୀ ସମବାୟ ସମିତି । ମତ୍ସ୍ୟଜୀବୀ ସମବାୟ ସମିତିର କାର୍ଯ୍ୟ ଥିଲା ସବୁଠାରୁ ଆକର୍ଷଣୀୟ । ପ୍ରାୟ ଦୁଇଶହ ଏକର ପାଟଜମିକୁ ନେଇ, ସମବାୟ ବ୍ୟାଙ୍କରୁ ଋଣ ଆଣି ସମିତି ସୃଷ୍ଟି କରିଥିଲା 'ରାଣୀ ପୋଖରୀ' ମତ୍ସ୍ୟ ଉତ୍ପାଦନ ଯୋଜନା । ବିଭିନ୍ନ କିସମର ଉନ୍ନତ ମାଛ ଜାଆଁଳା କ୍ରୟ କରି ଛାଡ଼ି ଦିଆଯାଇଥିଲା ସେଥିରେ । ଏହି ସରକାରୀ ପାଟଜମିକୁ ପଞ୍ଚାୟତ ନାମରେ ଲିଜ୍ କରାଇବା ଏବଂ ପଞ୍ଚାୟତ

Source: Author, Digitized by PPRACHIN, SOA

ଠାରୁ ସମିତି ହାତକୁ ଲିଜ୍ ହସ୍ତାନ୍ତର କରିବା ଇତ୍ୟାଦି କାମରେ ଅନଭିଜ୍ଞ ସମିତିର କର୍ମକର୍ତ୍ତା ମାନଙ୍କୁ ସାହାଯ୍ୟ କରୁଥିଲୁ ଆମେ ।

କୃଷକ, ମତ୍ସ୍ୟଜୀବୀ ଏବଂ ଗୋପାଳକମାନଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ପାଇଁ ମାର୍କେଟିଙ୍ଗ୍ କମିଟିମାନଙ୍କ ସହିତ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ କରିବାକୁ ପଡୁଥିଲା । କହିବା ବାହୁଲ୍ୟ, ବହୁ ଆୟାସ ସ୍ୱୀକାର କରିବାକୁ ପଡୁଥିଲା ସମିତାକୁ ଏହି ସବୁ କାମରେ ।

ସବୁଠାରୁ କଷ୍ଟକର କାମ ଥିଲା ଗାଁ ଗଣ୍ଡାମାନଙ୍କରେ ବୁଲି ମହିଳାମାନଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଷ୍ଠା କରିବା । ଖାଲି ଗୋଷ୍ଠୀ ଗଠନ କରିଦେଲେ ତ ଯଥେଷ୍ଟ ହେବନାହିଁ, ସେ ଗୁଡ଼ିକର ପଞ୍ଜୀକରଣ ଏବଂ ବ୍ୟାଙ୍କମାନଙ୍କ ସହିତ ସେମାନଙ୍କୁ ଋଣୋପଯୋଗୀ କରି ଯୋଡ଼ିବା ଆୟାସସାଧ୍ୟ କାମ ଥିଲା । ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କିପରି ରକ୍ତପିପାସୁ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକର କବଳରେ ନପଡ଼ନ୍ତି ସେଥିପାଇଁ ସେମାନଙ୍କୁ ଆର୍ଥିକ ଦିଗରେ ଦୃଢ଼ କରିବାର ପଣ ନେଇଥିଲା ସମିତା । ଆବଶ୍ୟକ ସ୍ଥଳରେ ଗରିବ ମହିଳାମାନଙ୍କ ପାଇଁ ଆନୁସଙ୍ଗିକ ସଭ୍ୟ-ଦେୟ ଅର୍ଥ ନିଜ ହାତରୁ ଦେଉଥିଲା ସେ ।

କୃଷି କ୍ଷେତ୍ରରେ ସମିତାର ଜ୍ଞାନ ଏବଂ ପ୍ରତାପଗଡ଼ର ରାଜକନ୍ୟା ଭାବରେ ତା'ର ସାମାଜିକ ସ୍ୱୀକୃତି ତାକୁ ପଞ୍ଚାୟତ ସମିତି ଠାରୁ ଆରମ୍ଭକରି କଲେକ୍ଟର ଅଫିସ୍ ଏବଂ ସେକ୍ରେଟେରିଏଟ୍ ପର୍ଯ୍ୟନ୍ତ ସବୁଠାରେ କୃତକାର୍ଯ୍ୟ କରାଇ ପାରିଥିଲା । ସମିତା କଥାରେ ଥିଲା କାଉଁରୀ ସ୍ପର୍ଶ । ତା'ର ଏହି ନେତୃତ୍ୱ ନେଇପାରିବା ଗୁଣ ଅବଶ୍ୟ ବହୁଆଗରୁ ମୁଁ ଜାଣିଥିଲି, କାରଣ କଲେଜ ନିର୍ବାଚନ ସମୟରେ ସମିତା ବିପୁଳ ଭୋଟରେ ବିଜୟୀ ହୋଇ ଷ୍ଟୁଡେଣ୍ଟସ୍ ୟୁନିୟନର ସମ୍ପାଦିକା ହୋଇଥିଲା ।

'ରାଣୀ ପୋଖରୀ' ବନ୍ଧର ଗୋଟିଏ ପାଖରେ ନଡ଼ିଆ ଗଛ ରୋପଣ କରାଯାଇଥିଲା । ଠିକ୍ ବିପରୀତ ପାଖ ବନ୍ଧରେ ଥିଲା କଦଳୀ ଗଛର ବଗିଚା । ତୃତୀୟ ବନ୍ଧରେ ଥିଲା ସମିତିର କାର୍ଯ୍ୟାଳୟ ଏବଂ ଚତୁର୍ଥ ବନ୍ଧରେ ଗଢି ଉଠିଥିଲା ଲକ୍ଷ୍ମୀ ନାରାୟଣ ମନ୍ଦିର ।

ସମିତା ଧୀରେ ଧୀରେ ମୋ ପାଖରେ ସହଜ ହୋଇ ଉଠୁଥିଲା । ମନ ଭିତରର କଥାକୁ ମୋ ଆଗରେ ପ୍ରକାଶ କରିବାକୁ ଆଉ ସଙ୍କୋଚ କରୁନଥିଲା ସେ ।

ଯେତେବେଳେ ସଞ୍ଜ ନଇଁ ଆସେ ପ୍ରତାପଗଡ଼ରେ; ରାଣୀ ପୋଖରୀର ଜଳ ସ୍ପର୍ଶ କରି ବହି ଆସୁଥିବା ମୃଦୁ ମନ୍ଦ ସମୀରଣ ଦେହ ଓ ମନକୁ ରୋମାଞ୍ଚିତ କରିପକାଏ ଓ ଲକ୍ଷ୍ମୀ ନାରାୟଣ ମନ୍ଦିରରୁ ଭାସିଆସେ ସନ୍ଧ୍ୟା ଆରତିର ଘଣ୍ଟାରବ, ସେ ସମୟରେ ସ୍ୱପ୍ନ ବିଭୋର ସମିତା କହେ....କୁହ ତ ବିଜୟ ! ପୃଥିବୀର କେଉଁ ସମ୍ପଦର ଶକ୍ତି ଅଛି ଏହି ଶାନ୍ତି ଓ

Source: Author, Digitized by PPRACHIN, SOA

ତୃପ୍ତି କୁ କ୍ରୟ କରିବା ପାଇଁ ? ମୁଁ ଚାହେଁ ରାଜବାଟିର ସବୁ ସମ୍ପତ୍ତି ପ୍ରତାପଗଡ଼ର ହିତ ପାଇଁ ଟ୍ରଷ୍ଟକୁ ଦାନ କରି ଗୋଟିଏ ଛୋଟ ଘର ଏଠାରେ ତିଆରି କରି ତୁମ ସହିତ ରହିବି । ମୁଁ ଖୁସିରେ ଆତ୍ମହରା ହୋଇଯାଏ,କାରଣ ସମିତା ମୋ ଆଖିରେ ଏ ସବୁ ସ୍ୱପ୍ନ ଦେଖେ ।

ଏ ଭିତରେ ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତିଟି ମଧ୍ୟ ପ୍ରତାପଗଡ଼ବାସୀଙ୍କ ମନରେ ଉଦ୍ଦୀପନା ଓ ଆଖିରେ ସଫଳତାର ଝଲକ ଆଣି ଦେଇଥିଲା । ସତେ ଅବା 'ଧବଳ ବିପ୍ଳବ'ର ମଶାଲ ଧରି ସମିତା ଆଗେ ଆଗେ ଚାଲିଥିଲା ସଙ୍ଗୀତ ଗାଇ ଗାଇ । ଦୁଧ ଘିଅର ପ୍ରାଚୁର୍ଯ୍ୟରେ ଭାସି ଉଠିଲା ଏହି ପାହାଡ଼ୀ ଉପତ୍ୟକା ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୧

ବିଜୟ ଲେଖିଥିଲା.....

ମାଳା,

ପ୍ରତାପଗଡ଼ର ଜନସାଧାରଣ ସମିତାକୁ ମହାରାଣୀର ସମ୍ମାନ ଦେବା ଆରମ୍ଭ କରିଦେଲେ । ଯେଉଁଆଡେ ସେ ଯାଉଥିଲା, ଗାଁ ଗଣ୍ଡାରେ ହରିବୋଲ ହୁଳହୁଳି ସହିତ ଲୋକମାନେ ତାକୁ ସ୍ୱାଗତ ଜଣାଉଥିଲେ । ତା'ର ପୂର୍ବଜ ଜମିଦାର ରାଜାମାନଙ୍କର ଅତ୍ୟାଚାର କଥା ସମସ୍ତେ ଭୁଲିଗଲେ । ସମିତା ମଧ୍ୟ ପୂର୍ବଜମାନଙ୍କର ପାପର ପ୍ରାୟଶ୍ଚିତ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ସେବାରେ ନିୟୋଜିତ କରି ଦେଇଥାଏ ।

ସମିତାକୁ ସେମାନେ 'ଜେମା ଦେଈ' ବୋଲି ସମ୍ବୋଧନ କରିବା ସଙ୍ଗେ ସଙ୍ଗେ ମତେ ମଧ୍ୟ 'ରାଜାବାବୁ' କହିବା ଆରମ୍ଭ କରିଦେଲେ । ବଡ଼ ସଙ୍କୋଚ଼ ଲାଗୁଥାଏ ମତେ ଏଭଳି ସମ୍ବୋଧନ ଶୁଣି । ମୋର ଅପ୍ରସ୍ତୁତ ହେବା ଦେଖି ସମିତା ମନେ ମନେ ହସୁଥାଏ ।

ଦିନେ ସମିତାକୁ ମୁଁ କହିଲି...ଏମାନେ ମତେ ଏମିତି କଣ ଡାକୁଛନ୍ତି ? ବଡ଼ ଅବାଗିଆ ଲାଗୁଛି ମତେ ସତରେ ।

ସମିତା ହସିଦେଇ କହିଲା...କ'ଣ ହେଲା ସେଇଠୁ ? କିଛି ଭୁଲ ତ କହୁନାହାନ୍ତି । ଆଜି ହେଇନ, କିନ୍ତୁ କାଲି ତ ହବ ନାଁ 'ରାଜା ବାବୁ' ।

ଏମିତି ତ ତମେ ମୋ ମନର ରାଜା ହୋଇ ସାରିଲଣି ବିଜୟ । ଖାଲି ଲୌକିକତା ଯାହା ବାକି ଅଛି ।

ମୁଁ ସେଦିନ କହିଥିଲି......ତମେ ଜାଣିଶୁଣି ଲକ୍ଷ୍ମଣରେଖା ପାର ହେବାପାଇଁ ମତେ ବାଧ୍ୟ କରୁଛ ସମିତା । ପରେ ମତେ ଦୋଷ ଦବନି । ଅଳ୍ପ ହସି ଦେଇ ମୋର ପ୍ରସାରିତ

Source: Author, Digitized by PPRACHIN, SOA

ବାହୁରୁ ସବୁବେଳ ପରି ଦୂରେଇ ଯାଇ ସମିତା କହିଲା... ଉହୁଁ, ସେ ସମୟ ଏବେ ଆସିନାହିଁ ବିଜୟ ।

ମନ ମୋର ଏମିତି ସବୁବେଳେ ଖୋଜେ ସମିତାର ଉପସ୍ଥିତି । ରାତ୍ରିର ନିର୍ଜନ ପ୍ରହରରେ ଆଖି, ମନ ଓ ହୃଦୟ ସମସ୍ତେ ଖୋଜନ୍ତି ସମିତାକୁ । ମିଳେ ନାହିଁ ସମିତା, ଯନ୍ତ୍ରଣା ବଢିଚାଲେ । ସମିତାର କଠୋରତା ଦେଖି ବେଳେ ବେଳେ ମନରେ ପ୍ରଶ୍ନ ଆସେ...ସତରେ କ'ଣ ସମିତା ମତେ ଭଲପାଏ ? ଛଳନା ନୁହେଁ ତ ?

ସେଦିନ ରବିବାର । ମଧ୍ୟାହ୍ନ ଭୋଜନ ମୋ ସହିତ ଶେଷ କରି ସମିତା ଚାଲିଯାଇଥିଲା । ଡ୍ରଇଂରୁମ୍‌ରେ ବିଶ୍ରାମ ନେଉ ନେଉ ମୋର ଆଖି ଲାଗିଯାଇଥିଲା । ସ୍ୱପ୍ନ ଦେଖିଲି...ଆକାଶରେ ହସୁଛି ଭଙ୍ଗା ଜହ୍ନ । ଶୁଭ୍ର ଜୋସ୍ନାରେ ହସି ଉଠୁଛି ସବୁଜ ଧରଣୀ । କେଉଁ ଏକ ନିର୍ଜନ ସବୁଜ ଉପତ୍ୟକାରେ ଠିଆ ହୋଇଛି ମୁଁ । ସୁଲୁସୁଲୁ ପବନ ଦେହ ଓ ମନକୁ ତନ୍ଦ୍ରିଳ କରି ପକାଉଥାଏ । କାହାର ହାତର ଧୀର ସ୍ପର୍ଶରେ ଫେରି ଚାହିଁଲି ...ଅପରୂପ ଲାବଣ୍ୟ ଭରା ମଧୁଝରା କଳିଟିଏ ପରି ଠିଆ ହୋଇଥିଲା ମୋପାଖରେ ସମିତା । ଚାରୁ ନିତମ୍ବ ଉପରେ ମୁକ୍ତକେଶ ଲୋଟି ଯାଉଥିଲା । ଜୋସ୍ନାର ଆଲୋକରେ ଉଦ୍ଭାସିତା ଦେବୀଟିଏ ପରି ଠିଆ ହୋଇଥିଲା ମୋ ଆଗରେ ସମିତା । ଅବୁଝା ମୂର୍ଚ୍ଛନା ତୋଳୁଥିଲେ ମୋର ସ୍ନାୟୁର ସମସ୍ତ ସମ୍ବେଦନଶୀଳ ତନ୍ତ୍ରୀ । ଇଚ୍ଛା ହେଉଥିଲା ସୁବାସିତ ଏହି କଳିଟିର ଆଘ୍ରାଣରେ ମୁଁ ହଜିଯିବି କେଉଁ ଏକ ଅଜଣା ରାଜ୍ୟରେ । ଆବେଗରେ ବାହୁ ବନ୍ଧନ ଭିତରେ ଭିଡ଼ି ଧରିବା ପାଇଁ ଯାଉଥିଲି ପ୍ରିୟତମାକୁ, ଏହି ସମୟରେ ଏକ କୃଷ୍ଣ କଦାକାର ରାକ୍ଷସର ହାତ ଲମ୍ବି ଆସିଲା ଏବଂ ଟାଣିନେଲା ସମିତାକୁ ମୋ ଆଗରୁ ।

'ସମିତା'...ବୋଲି ଚିତ୍କାର କରି ଉଠିଲି ମୁଁ । ମୋର ତନ୍ଦ୍ରା ଭାଙ୍ଗିଗଲା । ଆଖି ଖୋଲି ଦେଖିଲି ସମିତା ମୋ ସାମ୍ନାରେ ଠିଆ ହୋଇ ମନ୍ଦ ମନ୍ଦ ହସୁଛି ।

ସମିତା କହିଲା... ଏମିତି ମୋ ନାଁ ଧରି କାହିଁକି ଚିଲ୍ଲଉଥିଲ ?

କହିଲି..ଏକ ଭୟଙ୍କର ସ୍ୱପ୍ନ ସମିତା; ସ୍ୱପ୍ନରେ ମଧ ତୁମକୁ ହରାଇବାର ଯନ୍ତ୍ରଣା ମୁଁ ସହ୍ୟ କରି ପାରିଲିନି ।

ସମିତା କହିଲା... ନିଶ୍ଚିତ ଭାବରେ ଏହା ତୁମ ମନରେ ଅସୁରକ୍ଷିତ ଭାବନାର ପ୍ରତିଫଳନ । ତୁମ ମନରେ ମତେ ହରାଇବାର ଭୟ ଆସୁଛି କାରଣ ତୁମର ମୋ ଭଲପାଇବା ଉପରେ ସନ୍ଦେହ ଆସୁଛି । ଦେଖ ବିଜୟ, ମୁଁ କଣ ତୁମର ଚିରସାନ୍ନିଧ ଚାହେଁ ନାହିଁ ? ମୋ ମନ କଣ ଛଟପଟ ହୁଏ ନାହିଁ ମିଳନର ସ୍ୱପ୍ନିଳ ମୁହୂର୍ତ୍ତଟିକୁ ଭେଟିବା ପାଇଁ ? କିନ୍ତୁ ମତେ ଭୟ ଲାଗେ ବିଜୟ । ବିବାହ ବନ୍ଧନ ଭିତରେ ଥରେ ପ୍ରବେଶ

Source: Author, Digitized by PPRACHIN, SOA

କରିଗଲେ ଆମେ ଲକ୍ଷଚ୍ୟୁତ ହୋଇଯିବା । ପ୍ରତାପଗଡ଼ର ସ୍ୱପ୍ନ ଅଧୁରା ରହିଯିବ । ଲକ୍ଷ୍ୟ-ଗିରିର ସ୍ୱର୍ଣ୍ଣଚୂଡ଼ାରେ ପହଞ୍ଚି ସେଠାରେ ବିଜୟର ଧ୍ୱଜା ବାନ୍ଧିବା ପୂର୍ବରୁ ଆମକୁ ଭାବପ୍ରବଣତାକୁ ଦୂରେଇ ଦେବାପାଇଁ ପଡ଼ିବ । ପ୍ରତାପଗଡ଼ ଆମକୁ 'ଆଦର୍ଶ' ଓ 'କର୍ତ୍ତବ୍ୟ' ନାମରେ ନାମିତ କରୁ, ଏକଥା କଣ ତମେ ଚାହଁ ନାହିଁ ବିଜୟ ?

ମନରୁ ମୋର ସବୁ ଦ୍ୱିଧା ଦୂରେଇ ଯାଇଥିଲା । ନିର୍ମଳ ଏବଂ ତାରକିତ ହୋଇ ଉଠୁଥିଲା ମନର ଆକାଶ । ସମିତାକୁ ଚାହିଁ ହସିଦେଇ କହିଥିଲି...ତମେ ଠିକ୍ କହିଛ ସମିତା, ମୋର ଲଗାମ ଛଡ଼ା ମନଘୋଡାକୁ ଠିକ୍ ଶୃଙ୍ଖଳିତ କରିପାରିଛ ତମେ ।

ସମିତା କହିଥିଲା...ଦେଖ ବିଜୟ, ପ୍ରତାପଗଡ଼ ଏବେ ବି ଶିଶୁଟିଏ ପରି । ଭଲ ଭାବରେ କଥା କହି ଶିଖିନାହିଁ । ଭଲ ଭାବରେ ଚାଲି ଶିଖିନାହିଁ । ପ୍ରତାପଗଡ଼ ମୋର ଜନ୍ମମାଟି, ଏମାନେ ସମସ୍ତେ ମୋ ଲୋକ । ଏମାନଙ୍କୁ ଏମିତି କେମିତି ଛାଡ଼ିଦେବି ବିଜୟ ? ମୋ ନିଜପାଇଁ ମୋର ତିଳେ ମାତ୍ର ଚିନ୍ତା ନାହିଁ । କର୍ତ୍ତବ୍ୟ ପଥରେ ଯାଉ ଯାଉ ଏମିତି କେଉଁଠି ଯେବେ ଝୁଣ୍ଟିପଡ଼ିଲି ତାହେଲେ ତମେ ମୋର ହାତ ଧରିନେବ । ସେ ଆତ୍ମପ୍ରତ୍ୟୟ ମୋର ଅଛି ବିଜୟ ।

ମୋ ଖାଦ୍ୟରେ ବିଷ ମିଶାଇ ମତେ ଜୀବନରେ ମାରି ଦେବା ପାଇଁ ଯେଉଁ ଚକ୍ରାନ୍ତ ହୋଇଥିଲା, ତାର ଖୋଳତାଡ଼ ପୋଲିସ ଦ୍ୱାରା ଚାଲିଥାଏ । ଯେଉଁ ପିଲାଟି ମତେ ବିଷମିଶା ମାଲପୁଆ ଦେଇଥିଲା ତା'ର ଅତାପତା ମିଳୁନଥାଏ । ଅବଶ୍ୟ ପୋଲିସ ହାତ ଉପରେ ହାତ ପକାଇ ବସି ନଥାଏ । ଯେହେତୁ ସମିତା ପୋଲିସ ବିଭାଗର ସର୍ବୋଚ୍ଚ ସ୍ତରରେ ଚାପ ପକାଉଥାଏ, ଲୋକାଲ୍ ପୋଲିସ ବାଧ୍ୟ ହୋଇ ତଦନ୍ତରେ ଗୁରୁତ୍ୱ ଦେଇ ଚକ୍ରାନ୍ତର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଚେଷ୍ଟା ଚଳାଇଥାନ୍ତି ।

ପ୍ରତାପଗଡ଼ରେ ଘରେ ଘରେ ସେହି ଚକ୍ରାନ୍ତର ଆଲୋଚନା ଚାଲିଯାଏ । 'ରାଜା ବାବୁ'ଙ୍କ ବିରୋଧରେ ଷଡ଼ଯନ୍ତ୍ର, ଲୋକେ ଛାଡ଼ିବେ ? ସମସ୍ତେ ସେହି ରହସ୍ୟମୟ ପିଲାଟିକୁ ଖୋଜିବାରେ ଲାଗିପଡିଥାନ୍ତି । ଦିନେ ହଠାତ୍ ରାୟବାହାଦୁର ମହେନ୍ଦ୍ର ସିଂଙ୍କ ଜଣେ ପଡ଼ୋଶୀ ସମିତା ସହିତ ମୋ ପାଖରେ ପହଞ୍ଚିଲେ । ସମିତା କହିଲା... ବିଜୟ ଯେଉଁ ପିଲାଟି ତୁମକୁ ବିଷମିଶା ମାଲପୁଆ ଦେଇଥିଲା ତା' ବିଷୟରେ ଟିକିନିଖି ଏହି ବାବୁଙ୍କୁ କୁହ । ଏ ହେଉଛନ୍ତି ମୋ ଦାଦାଙ୍କ ପଡ଼ୋଶୀ । ତାଙ୍କର ସନ୍ଦେହ ଯେ ମଳୟେନ୍ଦୁ, ଦାଦାଙ୍କ ଚାକର ଦ୍ୱାରା ଏ କାମ କରି ଥାଇପାରେ । ଗତ କିଛିଦିନ ହେଲା ତାଙ୍କ ଚାକର ପିଲାଟିର ଦେଖାଦର୍ଶନ ନାହିଁ ।

ମୁଁ କହିଲି.. ପିଲାଟିର ବୟସ ଦଶ ବାର ବର୍ଷ ହେବ । କୁଞ୍ଚୁକୁଞ୍ଚିଆ ବାଳ, କଳା ରଙ୍ଗ,

Source: Author, Digitized by PPRACHIN, SOA

ଉଚ୍ଚତା ସେତେ ବେଶି ନୁହେଁ, ବାଙ୍ଗରା ଚେପାନାକିଆ, ଗୋଲ ମୁହାଁ ପିଲାଟି । ନାଲି ହାଫ୍ ଗଞ୍ଜିଟିଏ ପିନ୍ଧି ଥିଲା ।

ଏକଥା ଶୁଣି ଭଦ୍ରଲୋକ କହିଲେ... ହଁ,ସେଇ ତ । ସେ ହେଉଛି ମଳୟର ଚାକର, ତା' ଗାଁ ପିଲା । ଘଟଣା ଘଟିବା ପରଠାରୁ ତାର ଦେଖାଦର୍ଶନ ନାହିଁ ।

ସମିତା ଏହି ତଥ୍ୟ ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇଦେଲା । ସାଙ୍ଗେ ସାଙ୍ଗେ ପୋଲିସ୍ ଗାଡ଼ି ପଠାଇ ମଳୟେନ୍ଦୁକୁ ସରକାରୀ ଅତିଥି କରି ମାମୁମାନଙ୍କ ଗହଣରେ ଥାନାକୁ ଟାଣି ନେଲେ । ଥାନାରେ ବହୁତ୍ ତୋଫାନ କଲା ମଳୟ । ରାଜେନ୍ଦ୍ର ବାବୁ ସମିତାକୁ ଫୋନ କରି ମଳୟକୁ ଥାନାରୁ ଛାଡ଼ିଦେବାର ବ୍ୟବସ୍ଥା କରିବାକୁ ଏକ ପ୍ରକାର ଆଦେଶ ଦେଲେ । ସମିତା କହିଲା...ଦାଦା, ଆପଣ ଏଥିରେ ହସ୍ତକ୍ଷେପ କଲେ ଭଲ ହେବନାହିଁ । ଜାଣିଶୁଣି ଆପଣ ଘଟଣା ଚପାଇ ରଖିଥିବା ଅଭିଯୋଗରେ ଥାନାକୁ ଟଣାହେବେ । ନିଜର ସୁରକ୍ଷା ଦୃଷ୍ଟିରୁ ଚୁପ୍ ରହନ୍ତୁ । ଆଇନ୍ ତା ବାଟରେ ଯାଉ ।

ପୋଲିସ ଷ୍ଟେସନରେ ଦୁଇ ଚାରି ପାହାର ବସିଗଲା ପରେ ସବୁ ଠିକେ ଠିକେ ମାନିଗଲା ମଳୟ । ପୋଲିସ ମଳୟର ଗାଁ'କୁ ଯାଇ ପିଲାଟିକୁ ନେଇ ଆସିଲା । ପିଲାଟା ମାନିଗଲା ଯେ ମଳୟର ଆଦେଶ ଅନୁଯାୟୀ ସେ ମାଲପୁଆ ଥିବା ଟିଫିନ୍ ବାକ୍ସଟି ମତେ ଦେଇଥିଲା । ବିଷ ମିଶିବା କଥା ସେ ଜାଣିନଥିଲା ବୋଲି କହିଲା । ଅଗତ୍ୟା ପୋଲିସ ପିଲାଟିକୁ ଛାଡ଼ିଦେଇ ମଳୟକୁ ବିଚାରବିଭାଗୀୟ ହାଜତକୁ ପଠାଇଦେଲେ । ରାଜେନ୍ଦ୍ର ବାବୁ ଅନେକ ଚେଷ୍ଟା କଲେ ଜାମିନ ପାଇଁ । କିନ୍ତୁ ଜାମିନ ମିଳିଲା ନାହିଁ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୨

ରାତି ଦୁଇଟା । ତୁଳସୀପୁର ଗାଁ ରେ ଅଖଣ୍ଡ ନିରବତା । ମଝିରେ ମଝିରେ ବୁଲା କୁକୁରଙ୍କର ସାମୟିକ ଭୁକିବା ଶବ୍ଦ ଛଡ଼ା ଆଉ କିଛି ଶୁଣା ଯାଉନଥାଏ । ବାହାରେ ଶୂନ୍ୟତାର ରାଜତ୍ୱ ଥିଲେ ମଧ୍ୟ ମେଘମାଳା ମନ ଭିତରେ ଭରି ରହିଥିଲା ଅପରିସୀମ ଆନ୍ଦୋଳନ । ବିଜୟର ଡାଏରୀର ବାକି ଅଂଶ ପଢିବାକୁ ଆରମ୍ଭ କଲା ମେଘମାଳା । ବିଜୟ ଲେଖିଥିଲା......

'ତ୍ରମ୍ପାଝରେ ଜଳଯୋଜନ' ଏ ଭିତରେ ପୂର୍ଣ୍ଣ ହୋଇଯାଇଛି । ସୃଷ୍ଟି ହୋଇଛି ବିଶାଳ ଜଳଭଣ୍ଡାର । ସିମେଣ୍ଟ୍ ଓ କଙ୍କ୍ରିଟରେ ନିର୍ମିତ ବନ୍ଧ ଉପରେ ଠିଆ ହେଲେ ଆଖି ପାଉନି ସୃଷ୍ଟି ହୋଇଥିବା ବିଶାଳ ଜଳରାଶିକୁ । ଜଣାଯାଉଛି ସତେ ଅବା ଦିଗ୍‌ବଳୟ ତଳେ ମିଳନର ଆବେଗରେ ମିଶିଯାଇଛନ୍ତି ନୀଳ ଜଳରାଶି ଓ ନୀଳ ଆକାଶ । ସୁଦୀର୍ଘ ଓ ସୁନିୟନ୍ତ୍ରିତ କେନାଲମାନେ ହୋଇଛନ୍ତି ପୂର୍ଣ୍ଣଗର୍ଭା । ସାକାର ହୋଇଛି ପ୍ରତାପଗଡ଼ର ସ୍ୱପ୍ନ ।

Source: Author, Digitized by PPRACHIN, SOA

ପ୍ରତାପଗଡ଼ ଆଜି ସାଜିଛି ଷୋଡ଼ଶୀ ରୂପକୁମାରୀ । ସୋରିଷ ଫୁଲରେ ଖିଲିଖିଲି ହୋଇ ହସିଉଠିଛି ସେ, ପାଚିଲା ଧାନର ସେ ପିନ୍ଧିଛି ସୁନାରଙ୍ଗୀ ଶାଢ଼ି । ସବୁଜଶ୍ରୀରେ ଫାଟି ପଡୁଛି ତାର ଯୌବନଦୀପ୍ତ ଦେହ ।

ଏ ଭିତରେ ସଚେତନ ହୋଇ ଉଠିଛନ୍ତି ପ୍ରତାପଗଡର କୃଷକ ସମାଜ । ସୁପ୍ତ ମନ ସେମାନଙ୍କର ଜାଗି ଉଠିଛି । ସେମାନଙ୍କୁ ଉଠାଇବା ପାଇଁ ଯେଉଁ କାଉଁରୀ କାଠି ସ୍ପର୍ଶର ଆବଶ୍ୟକତା ଥିଲା ତାହା ପାଇଛନ୍ତି ସେମାନେ ସମିତାଠାରୁ ।

କାଠ ଲଙ୍ଗଳ ଛାଡ଼ି ସେମାନେ ଆପଣେଇ ଛନ୍ତି କଳ ଲଙ୍ଗଳ । ଅଧିକମାତ୍ରାରେ ରାସାୟନିକ ସାର ବ୍ୟବହାର ନକରି ଜୈବିକ ସାର ଏବଂ ଜୈବିକ ରୋଗ ପୋକ ମରା ଔଷଧ ବ୍ୟବହାର କରି କିପରି ମାଟିର ସାରବତ୍ତା ଅକ୍ଷୁର୍ଣ୍ଣ ରଖାଯାଇ ପାରିବ, ସମିତା ସେମାନଙ୍କୁ ଭଲଭାବରେ ବୁଝାଇ ଦେଇଛି ।

ଗାଁ ଗାଁ ବୁଲି ସମିତା ତାଲିମ ଦେଇଛି କୃଷକମାନଙ୍କୁ । କୃଷିବିଭାଗ ସହିତ ଉଦ୍ୟାନ-କୃଷି, ସମବାୟ ସମିତି,ବିତ୍ତୀୟ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ସେବା ସଙ୍ଗଠନ ଇତ୍ୟାଦିର ସମନ୍ୱୟ ପ୍ରତିଷ୍ଠା କରିବାପାଇଁ ଏକ ସଙ୍ଗଠନ ଗଢାଯାଇଛି ଏବଂ ତାର ଆବାହିକା ଅଛି ନିଜେ ସମିତା ।

ଗୋପାଳନକୁ ଅଧିକ ଲାଭଦାୟକ କରିବାପାଇଁ ଗୋଶାଳାକୁ କିପରି ଗୋବରଗ୍ୟାସ୍ ପ୍ଲାଣ୍ଟ୍ ସହିତ ଯୋଡି ବିଜୁଳି ଓ ରୋଷେଇ ଗ୍ୟାସ୍ ଉତ୍ପାଦନ କରାଯାଇପାରିବ ତଥା ଗୋଶାଳାକୁ ମାଛଚାଷ ହେଉଥିବା ପୋଖରୀ ସହିତ ସଂଲଗ୍ନ କରି କିପରି ଅଧିକ ମାଛ ଉତ୍ପାଦନ କରାଯାଇପାରିବ ସେ ବିଷୟରେ ଗାଁ ଗାଁ ବୁଲି ସଚେତନତା ସୃଷ୍ଟି କରିଚାଲିଲା ସମିତା ।

କାମ ସହଜ ନଥିଲା । ଚାଷୀ ଉପଯୁକ୍ତ ପ୍ରଶିକ୍ଷଣ ନପାଇଲେ ଏହି ଯୋଜନାଗୁଡିକ ବିଫଳ ହେବାର ସମ୍ଭାବନା ଅଧିକ ଥିଲା । ଗୋଟିଏ ସଫଳ ଯୋଜନା ହଜାରେ ସଫଳ ଯୋଜନା ସୃଷ୍ଟି କରିବାରେ ସକ୍ଷମ, ଏକଥା ସମିତା ଭଲଭାବରେ ଜାଣିଥିଲା । ସେଥିପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି, ସେମାନଙ୍କୁ ପ୍ରତାପଗଡ଼ ଆଣି, ଚାଷୀମାନଙ୍କ ଗହଣରେ ଉପସ୍ଥିତ କରାଇ, ସଚେତନତା ସୃଷ୍ଟି କରିବାର ଦାୟିତ୍ୱ ନେଇଥିଲା ସେ । ହିତାଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇ, ବ୍ୟାଙ୍କମାନଙ୍କ ସହିତ ସଂଯୋଜନ କରି, ଉନ୍ନୟନମୂଳକ କାମଗୁଡିକ କରାଇବା ଏକ ବଡ଼ ଆହ୍ୱାନ ଥିଲା ଏବଂ ସେହି ଆହ୍ୱାନକୁ ସମିତା ସୁଚାରୁରୂପେ ଚଳାଉଥିଲା ।

ପ୍ରତାପ ଗଡ଼ରେ ସମିତା ହୋଇଉଠିଲା ପରମ ଆରାଧ୍ୟା । ପ୍ରତାପଗଡ଼, ଗ୍ରାମ୍ୟ-ବିକାଶ

Source: Author, Digitized by PPRACHIN, SOA

ବିପ୍ଳବର ପାଞ୍ଚଜନ୍ୟ ବଜାଇ ଏକ ଆଦର୍ଶ ପଞ୍ଚାୟତରେ ପରିଣତ ହୋଇଗଲା । ଯେଉଁ ପ୍ରତାପଗଡ଼ ଦିନେ ଥିଲା ଅଗମ୍ୟ, ଅବହେଳିତ ଏବଂ ସଭ୍ୟତାର ଆଲୋକ ଠାରୁ ବହୁଦୂରେ, ତାହା ଏବେ ସମସ୍ତଙ୍କର ଲକ୍ଷ୍ୟସ୍ଥଳ ହୋଇଉଠିଲା ।

ସବୁ କୁଜିନେତା, ନେତା, ମହାନେତାମାନେ ଏବଂ ସ୍ୱାର୍ଥନ୍ୱେଷୀ ସମାଜ ସୁଧାରକ ସଂସ୍ଥାମାନେ ପ୍ରତାପଗଡ଼ ସଫଳତାର ଶ୍ରେୟ ନିଜେ ନେବାପାଇଁ ପ୍ରୟାସ ଆରମ୍ଭ କରିଦେଲେ ।

ସମିତା ଜାଣିଥିଲା ଏମାନେ ମହୁ ଆସ୍ୱାଦନକାରୀ ମହୁମାଛି ନୁହନ୍ତି ବରଂ ମହୁଫେଣା ଭାଙ୍ଗିବା ଶିକାରୀ । ସମସ୍ତଙ୍କର ଆଖି ଥିଲା 'ପ୍ରତାପଗଡ଼ ଉନ୍ନୟନ ଟ୍ରଷ୍ଟ' ଉପରେ । ସମିତା ରାଜପ୍ରସାଦର ସବୁ ସମ୍ପତ୍ତି ଏହି ଟ୍ରଷ୍ଟ ନାଁରେ କରିଦେଇଥିଲା । ସମିତାର ପ୍ରଚେଷ୍ଟାରେ ପ୍ରତାପଗଡ଼ରେ ପ୍ରତିଷ୍ଠିତ ବାଳାଶ୍ରମ, ବୃଦ୍ଧାଶ୍ରମ ଏବଂ ଆଶ୍ରମସ୍କୁଲମାନଙ୍କର ରକ୍ଷଣାବେକ୍ଷଣ ସଙ୍ଗେ ସଙ୍ଗେ ଅନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏହି ଉନ୍ନୟନ ଟ୍ରଷ୍ଟର ଗଠନ କରାଯାଇଥିଲା । ସମିତାର ନିର୍ଦ୍ଦେଶରେ ଟ୍ରଷ୍ଟର ନିୟମାବଳୀ ଏଭଳି ପ୍ରସ୍ତୁତ ହୋଇଥିଲା ଯେ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ କର୍ମଚାରୀ ଅର୍ଥାତ୍ କଲେକ୍ଟର/ ଡେପୁଟି କଲେକ୍ଟର/ ତହସିଲଦାର୍‌ଙ୍କ ଭଳି ପଦାଧିକାରୀମାନେ ସେହି ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ଭାବରେ କାର୍ଯ୍ୟ କରିବେ । ତେଣୁ ଟ୍ରଷ୍ଟର ଅର୍ଥ ବେଆଇନ ଭାବରେ ରାଜନେତାମାନଙ୍କ ଦ୍ୱାରା ହଡ଼ପ ହେବାର ସମ୍ଭାବନା ଖୁବ୍ କମ୍ ଥିଲା । ଏଭଳି ନିଃସ୍ୱାର୍ଥପର ଭାବରେ ସର୍ବସ୍ୱ ଦାନ କରିଦେବା ଭଳି ଚରିତ୍ର ମୁଁ ଜୀବନରେ କ୍ୱଚିତ ଦେଖିଛି ।

ଅତ୍ୟଧିକ ପରିଶ୍ରମ ଏବଂ ନିଜପ୍ରତି ଅବହେଳା ଯୋଗୁଁ ସମିତାର ଦେହ ଖରାପ ହେବା ଆରମ୍ଭ ହେଲା । କ୍ରମାଗତ ଭାବରେ ଜ୍ୱର ଲାଗି ରହିଲା । ଚିକିତ୍ସା କରୁଥିବା ଡାକ୍ତର ଜ୍ୱରର କାରଣ ଠିକ୍ ଭାବରେ ନିର୍ଣ୍ଣୟ କରି ପାରିଲେ ନାହିଁ । ଶରୀରର ଓଜନ ବିନା କାରଣରେ କମିବାକୁ ଲାଗିଲା । ଯେଉଁ ସୁନ୍ଦର ଆଖି ତଳେ ଆଖିଏ ସ୍ୱପ୍ନ ସବୁବେଳେ ଆସ୍ଥାନ ଜମେଇ ବସିଥାନ୍ତି ସେହି ଆଖି ତଳେ କଳାଗାର ଦେଖାଗଲା । କେତେ ବୁଝେଇଲି ସମିତାକୁ କଟକ ଯାଇ ସବୁପ୍ରକାର ଟେଷ୍ଟ କରି ସ୍ୱାସ୍ଥ୍ୟହାନିର କାରଣ ଜାଣିବାକୁ । କିନ୍ତୁ କାମ ବାହାନାରେ ହେଳାରେ ହେଳାରେ ଦିନ ଗଡ଼େଇ ଚାଲିଲା ସମିତା ।

ଦିନେ ହଠାତ୍ ସମିତାକୁ ଚଷମା-ଆଖିରେ ଦେଖି ବିସ୍ମିତ ହୋଇଗଲି । କିଛି ସମୟ ଚାହିଁ ରହିଲି ତାକୁ ଆଶ୍ଚର୍ଯ୍ୟରେ । ମତେ ଏଭଳି ବିସ୍ମିତ ମୁଦ୍ରାରେ ଦେଖି ସମିତା ପଚାରିଲା....ଆରେ , ଏମିତି ଆଶ୍ଚର୍ଯ୍ୟ ହୋଇ ଅନେଇଚ କଣ ବିଜୟ ? ଏଇଟା ଚଷମା, ମାଇନସ୍ ପାୱାରର, ଅନ୍ୟ କିଛି ନୁହେଁ ।

Source: Author, Digitized by PPRACHIN, SOA

ମୁଁ କହିଥିଲି.... ଚ଼ଷମା ପିନ୍ଧି ତମେ ଖୁବ୍ ସୁନ୍ଦର ଦେଖାଯାଉଚ଼ ସମିତା । ଅନ୍ତତଃ ତୁମ ଚ଼ରିତ୍ରର ଭାବମୂର୍ତ୍ତିକୁ ଦାର୍ଶନିକ ମୁଦ୍ରାରେ ଚ଼ିତ୍ରିତ କରୁଛି ତୁମର ଏ 'ଚ଼ଷ୍‌ମିଷ୍ଟ୍' ମୁହଁ । କିନ୍ତୁ ସମିତା, ଥରେ କେବେ ଦର୍ପଣରେ ନିଜକୁ ଚ଼ାହିଁ ଦେଖିଛ କ'ଣ ହେଲାଣି ତମର ସ୍ୱାସ୍ଥ୍ୟ ?

ସମିତା କହିଲା...ଦର୍ପଣରେ ଦେଖିବା କଣ ଦର୍କାର ? ତମେ ତ ମୋର ଦର୍ପଣ । କୁହ ତ କ'ଣ ଏମିତି ହେଇଯାଇଛି ମୋ ସ୍ୱାସ୍ଥ୍ୟ ? ବିଜୟ, ଝିଅମାନେ କଣ ମୋଟୀ ହେଲେ ଭଲ ?

ମୁଁ ବିରକ୍ତ ହୋଇ କହିଲି...ସିରିଅସ୍‌ଲି ସମିତା,ତମେ ବହୁତ୍ ଝଡ଼ିଗଲଣି । ଅନେକ ସମୟରେ ଜର ଲାଗି ରହୁଛି । କାହିଁକି ନିଜପ୍ରତି ଏତେ ହେଳା କରୁଛ ? ଏତେ ପରିଶ୍ରମ କାହିଁକି ? କାହିଁକି ଏତେ କୃଚ୍ଛ ସାଧନା ? ପ୍ରତାପଗଡକୁ ତମେ ବାଟ ଦେଖାଇ ଦେଇଛ । ସେ ତା' ବାଟରେ ଯିବ । ନିଜକୁ ଆଉ ଏତେ ଯନ୍ତ୍ରଣା ଦିଅନି ।

ସମିତା ପଚ଼ାରିଲା...ସତରେ ବିଜୟ, ମୁଁ ଏତେ ଖରାପ ଦେଖାଯାଉଛି ? ଆଚ୍ଛା କହିଲ, ତମେ କ'ଣ ମୋର ଯୌବନଦୀପ୍ତ ଶରୀରଟାକୁ ଭଲପାଅ, ମନକୁ ନୁହେଁ ?

ସମିତା ଏତିକି କହି ମତେ ଭାବବିହ୍ୱଳ କରିଦେଲା । ମୁଁ କହିଥିଲି...ସମିତା, ସମୟ ତାର ତୂଳିରେ ତୁମକୁ, କୌଣସି କାରଣରୁ କୁତ୍ସିତ, କଦାକାର କରି ପରିବର୍ତ୍ତନ କରିଦେଲେ ମଧ୍ୟ, ପ୍ରାଣ ବିନିମୟରେ ମୁଁ ତୁମକୁ ଚ଼ିରଦିନ ଭଲ ପାଇବି । ତୁମର ଏ ଅମୂଳକ ପ୍ରଶ୍ନ କାହିଁକି କୁହ ତ ? ଆଜି ତୁମ ଆତ୍ମା ସହିତ ମୋ ଆତ୍ମାର ମିଳନ ହୋଇଯାଇଛି । ସମସ୍ତ ଚେତନାର ଊର୍ଦ୍ଧ୍ୱରେ ଦୁଇ ଆଦର୍ଶର ମିଳନ ହୋଇଯାଇଛି । ସେ ମିଳନର ବେଣୁ ବଜାଇ କାଳର ଏକ ପବିତ୍ର ମୁହୂର୍ତ୍ତ ଆଜି ପ୍ରତାପଗଡ଼ରେ ନାଚ଼ି ଉଠୁଛି । ମୋ ଭଲପାଇବାକୁ ସନ୍ଦେହ କରି ସେ ମୁହୂର୍ତ୍ତ କୁ ଅପମାନିତ କରନାହିଁ ସମିତା ପ୍ଲିଜ ।

ସମିତା ମୋ ହାତ ଧରି ପକାଇଲା । କହିଲା....ତମ ମନରେ ଦୁଃଖ ଦେଲି, ମତେ କ୍ଷମା କରିଦିଅ ବିଜୟ । ଠିକ୍ ଅଛି, ଆସନ୍ତା ରବିବାର କଟକ ଯିବା । ସବୁ ପ୍ରକାର ଟେଷ୍ଟକରି ଦେଖିବା । ତମ ମନ ବି ଖୁସି ହବ । ମୁଁ ବି ନିଶ୍ଚିତ ହୋଇଯିବି ଯେ ମୋର କିଛି ହୋଇନାହିଁ ।

ପରବର୍ତ୍ତୀ ରବିବାର ଦିନ ସମିତାକୁ ନେଇ କଟକ ଗଲି । କିନ୍ତୁ ମେଘମାଳା, ସେଠାରେ ମୋ ପାଇଁ କାଳର କ୍ରୂର ଅଟ୍ଟହାସ୍ୟ ଅପେକ୍ଷା କରିଥିଲା ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୩

ବିଜୟ ଲେଖିଥିଲା.....

ମେଘମାଳା,

ପ୍ରତାପଗଡ଼ରୁ କଟକ ବଡ଼ ଡ଼ାକ୍ତରଖାନାକୁ ଯିବାପାଇଁ ଗୋଟିଏ କାର ଭଡ଼ା କରି ଆମେ ବାହାରିଲୁ । ସେଦିନ ସମିତାର ଦେହ ବହୁତ୍ ଖରାପ ଥାଏ । ସକାଳୁ ଦୁଇ ତିନି ଥର ବାନ୍ତି ହୋଇଥାଏ । ଦେହରେ ଥାଏ ସାମନ୍ୟ ଜ୍ୱର ଏବଂ ମୁଣ୍ଡରେ ପ୍ରବଳ ଯନ୍ତଣା । କାରରେ ବସୁ ବସୁ ଶୋଇ ପଡ଼ିଥିଲା ସମିତା । ସମିତାକୁ କହିଲି...ମୋ କୋଳରେ ମୁଣ୍ଡରଖି ଶୋଇଯାଅ । ମନା କରିନଥିଲା ସମିତା । ଟିକିଏ ହସିଦେଇ କହିଥିଲା... କିନ୍ତୁ ତୁମକୁ କଷ୍ଟ ହେଲେ କହିବ, ମୁଁ ଉଠିଯିବି ।

ସମିତାର କପାଳରେ ହାତ ବୁଲାଇ କହିଲି..କଣ ହେଲାଣି ତୁମ ସ୍ୱାସ୍ଥ୍ୟ ଅବସ୍ଥା ସମିତା ?

ସମିତା କହିଲା...ମୋର କିଛି ହେଇନି ବିଜୟ, ତମେ ଅଯଥା ବ୍ୟସ୍ତ ହେଉଛ ।

Source: Author, Digitized by PPRACHIN, SOA

ଖାଇବା ପିଇବାରେ ଅନିୟମିତତା ଯୋଗୁଁ ଏବଂ ବିଶ୍ରାମ ଅଭାବରୁ ମୁଁ ଦୁର୍ବଳ ହୋଇ ଯାଇଛି; ଦେଖିବନି ସବୁ ଟେଷ୍ଟ କଲାପରେ କିଛି ବାହାରିବନି ।

କହିଥିଲି.... ପ୍ରତାପଗଡ଼ ପାଇଁ ତୁମ ସାଧନାର ପରିଣତି ଯେ ଏତେ ଭୟାବହ ହେବ, ସ୍ୱପ୍ନରେ ବି ମୁଁ ଚିନ୍ତା କରିନଥିଲି ସମିତା । ତୁମର ଏହି କୃଚ୍ଛ ସାଧନାର ଏକ ଅଂଶୀଦାର ଭାବରେ ମୁଁ ନିଜକୁ ମଧ୍ୟ ଦୋଷୀ ମନେ କରୁଛି । ତୁମକୁ ବହୁ ଆଗରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କଟକ ନେଇ ଯିବାର ଥିଲା ।

କଟକରେ ପହଞ୍ଚି ଡାକ୍ତରଙ୍କ ସହିତ ପରାମର୍ଶ ସମୟରେ ସେ ସମିତାର ପରିଚୟ ପାଇ ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ଯଥାଶୀଘ୍ର କରିବାର ବ୍ୟବସ୍ଥା କରିଦେଲେ । ସମିତା ବିଶ୍ରାମ ନେଉଥାଏ । ଡାକ୍ତର ମୋତେ ବାହାରକୁ ଡ଼ାକିନେଇ କହିଲେ...ଆପଣ ଏ ପର୍ଯ୍ୟନ୍ତ କ'ଣ କରୁଥିଲେ ? ଲକ୍ଷଣ କିଛି ଭଲ ଦେଖାଯାଉନାହିଁ । ଲିଉକୋମିଆର ସବୁପ୍ରକାର ଲକ୍ଷଣ ଦେଖାଯାଉଛି । ଭଗବାନ କରନ୍ତୁ ଲିଉକୋମିଆ ହୋଇନଥାଉ ।

ପ୍ରକୃତ ରୋଗ ଜଣାପଡିବ ସି.ବି.ସି. (କମ୍ପ୍ଲିଟ୍ ବ୍ଲଡ୍ କାଉଣ୍ଟ)ପରୀକ୍ଷା ସହିତ ଅନ୍ୟାନ୍ୟ ଟେଷ୍ଟ୍ ପରେ । ବହୁତ୍ ଦୁର୍ବଳ ହୋଇଯାଇଛନ୍ତି ସମିତା । ମୁଁ ଆପଣଙ୍କ ପାଇଁ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରିଦେଉଛି । ଆପଣଙ୍କୁ କିଛି ଦିନ ରହିବାପାଇଁ ପଡ଼ିପାରେ ।

ମେଘମାଳା,

ଡାକ୍ତରଙ୍କ ଠାରୁ ଏହା ଶୁଣି ମୋ ପାଦ ତଳୁ ପୃଥିବୀ ଘୁଞ୍ଚିଗଲା ଭଳି ଲାଗିଲା । ମହାଶୂନ୍ୟରୁ ମତେ ସତେ କେହି ଭୀଷଣ ପର୍ବତ ଗ୍ୱହରକୁ ଫିଙ୍ଗିଦେଲା ଯେପରି । ହୃଦୟ ମୋର ଧୈର୍ଯ୍ୟହୀନ ହୋଇ ଯାଇଥିଲା । ଆଖିରୁ ଝରିଗଲା ଦୁଇ ଟୋପା ଲୁହ ।

ନିଜକୁ ସମ୍ଭାଳି ସମିତା ପାଖକୁ ଫେରଲି ।

ସମିତା ପଚ଼ାରିଲା...କଣ କହୁଥିଲେ ଡାକ୍ତର ? ଆଜି ଆମେ ପ୍ରତାପଗଡ଼ ଫେରିଯିବା ତ ? କେତେ କାମ ସେଆଡ଼େ ବାକି ପଡ଼ିଛି । କାଲି 'ସମନ୍ୱୟ କମିଟି'ର ମିଟିଙ୍ଗ ଅଛି । ଆଜି ଯଦି ଆମେ ଯାଇ ନପାରିବା ବ୍ୟାଙ୍କ ଏବଂ ଲାଇନ୍ ଡିପାର୍ଟମେଣ୍ଟର ସବୁ ସଭ୍ୟମାନଙ୍କୁ ଜଣାଇବାକୁ ପଡ଼ିବ । ଆଜି ପରୀକ୍ଷା ପାଇଁ ସବୁ ସାମ୍ପଲ୍ ଦେଇ ଯିବା । ପରେ ରିପୋର୍ଟ ମଗାଇ ନେଲେ ହେବନାହିଁ ?

ମୁଁ କହିଲି...ସମିତା, ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ଶେଷ ନହେବା ପର୍ଯ୍ୟନ୍ତ ଆମେ କୁଆଡ଼େ ଯାଉନାହେଁ । ତମ ମନମାନି ଚ଼ଳିବନି, ତୁନି ହୋଇ ଶୋଇଯାଅ ।

ଭାବୁଥିଲି... କି ଉପାଦାନରେ ଗଢ଼ା ଏ ଝିଅଟି ! ! ଏଭଳି ଅବସ୍ଥାରେ ମଧ୍ୟ ତାର ଜନ୍ମମାଟି ପାଇଁ ଚ଼ିନ୍ତା ।

Source: Author, Digitized by PPRACHIN, SOA

ସମିତାର କଟକ ଆସିବା ଖବର ବନଅଗ୍ନି ପରି ପ୍ରତାପଗଡ଼ରେ ଖେଳିଗଲା । ବିଭିନ୍ନ ଗଣ୍ୟମାନ୍ୟ ଲୋକଙ୍କ ଠାରୁ ମୋ ପାଖକୁ ବାରମ୍ବାର ଫୋନ୍ ଆସିବାରେ ଲାଗିଲା । ଖବର ପାଇଲି ଯେ ପ୍ରତାପଗଡ଼ରେ ପ୍ରତି ଗାଁରେ ଘରେଘରେ ସେମାନଙ୍କର ପ୍ରିୟ ଜେମାଦେଈଙ୍କର ଆସୁ ଆରୋଗ୍ୟ କାମନା କରି ପୂଜା ଅର୍ଚ୍ଚନା ଆରମ୍ଭ ହୋଇ ଯାଇଥିଲା ।

ସି.ବି.ସି. ଟେଷ୍ଟ ରିପୋର୍ଟ ମୋ ପାଇଁ ଆକାଶରୁ ବଜ୍ରପାତ ସହିତ ସମାନ ଥିଲା । ଛାତି ଥରାଇ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା । ଯେଉଁ ଡର ଥିଲା ତାହା ହିଁ ରିପୋର୍ଟରେ ଆସିଲା । ସମିତା ଲିଉକୋମିଆ ଅର୍ଥାତ୍ ବ୍ଲଡ୍ କ୍ୟାନ୍ସର ରୋଗରେ ପୀଡ଼ିତା । ବିଭିନ୍ନ ପ୍ରକାରର ଲିଉକୋମିଆ ଥାଏ । ସମିତା ଯେଉଁ ରୋଗରେ ପୀଡ଼ିତା ତାହା ଥିଲା ଏ.ଏମ.ସି. ବା ଆକ୍ଯୁଟ୍ ମାଇଲଏଡ୍ ଲିଉକୋମିଆ । ଡାକ୍ତର କହିଲେ.... ରୋଗ ବହୁତ ଆଡଭାନ୍ସ ଅବସ୍ଥାରେ ପହଞ୍ଚି ଯାଇଛି । ଏ ରୋଗ ଭିତରେ ଭିତରେ ବଢୁଥିଲେ ମଧ୍ୟ ବାହାରକୁ ସହଜରେ ଜଣା ପଡ଼େନାହିଁ । ଜଣାପଡ଼ିଲା ବେଳକୁ ଅବସ୍ଥା ଅଣାୟତ୍ତ ହୋଇଥାଏ । ସ୍ଥିର ନିଶ୍ଚିତ ହେବାପାଇଁ ଆମକୁ ଅନେକଗୁଡ଼ିଏ ପରୀକ୍ଷା ନିରୀକ୍ଷା କରି ବାକୁ ପଡ଼ିବ ।

ସମିତାକୁ ରକ୍ତପରୀକ୍ଷାର ଫଳାଫଳ ମୁଁ ସଙ୍ଗେ ସଙ୍ଗେ ଜଣାଇଲି ନାହିଁ । କିନ୍ତୁ ଏହି ନଜଣାଇବା ହିଁ ତା'ର ସନ୍ଦେହକୁ ଆହୁରି ଦୃଢ଼ୀଭୂତ କଲା । ଡାକ୍ତରଙ୍କୁ ବାରମ୍ବାର ପଚାରିଲା ସମିତା । ଶେଷରେ ଡାକ୍ତର କହିଲେ...ଆଉ ଆପଣଙ୍କୁ ଲୁଚାଇ ଲାଭ କଣ ସମିତା? ଆପଣ ଆକ୍ୟୁଟ୍ ମାଇଲଏଡ୍ ଲିଉକୋମିଆରେ ଆକ୍ରାନ୍ତ । ଏହା ପ୍ରଥମେ ବୋନ୍ ମ୍ୟାରୋରେ ଆରମ୍ଭ ହୋଇ ମ୍ୟାରୋର ସବୁ କୋଷିକାଗୁଡ଼ିକୁ ନଷ୍ଟ କରିଦିଏ । ଲୋହିତ ରକ୍ତ କଣିକା ତ ସୃଷ୍ଟି ହୋଇପାରେ ନାହିଁ, ତା ସଙ୍ଗେ ସଙ୍ଗେ ଧବଳ ରକ୍ତ କଣିକାର ବହୁଳ ବୃଦ୍ଧିହୁଏ । ଶରୀରରେ ଧବଳ ରକ୍ତ କଣିକାର କାମ ହେଉଛି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, କିନ୍ତୁ ଏ.ରୋଗରେ ପ୍ରତିରୋଧକ ଶକ୍ତି କମିଯାଏ । ଫଳରେ ସହଜରେ ବିଭିନ୍ନ ରୋଗ ଶରୀରକୁ ମାଡିବସନ୍ତି । ତାପରେ ଖୁବ୍ ଶୀଘ୍ର ମସ୍ତିଷ୍କ, ପ୍ଲିହା, ସ୍ନାୟୁ ଇତ୍ୟାଦିକୁ ଦୁର୍ବଳ ଓ ଅକର୍ମଣ୍ୟ କରିଦିଏ ଏହି ରୋଗ । ଆପଣଙ୍କର ଏହି ଜ୍ୱର, ଦୁର୍ବଳତା, ଓଜନ କମିବା, ମୁଣ୍ଡବ୍ୟଥା ଏବଂ ଦେହରେ ନାଲି ଦାଗ, ମାଡି-ଫୁଲା ଇତ୍ୟାଦି ଲକ୍ଷଣ ସୂଚନା ଦିଏ ଯେ ଆପଣଙ୍କର ରୋଗ ବହୁତ ଆଗେଇ ଯାଇଛି । ତଥାପି ଆପଣ ଧୈର୍ଯ୍ୟର ସହିତ ମୁକାବିଲା କରନ୍ତୁ । ଆପଣଙ୍କର ଆଉ କେତେଗୁଡ଼ିଏ ପରୀକ୍ଷା କରି ଆପଣଙ୍କୁ କେମୋଥେରାପିରେ ରଖାଯିବ ।

ଏହା ଶୁଣିବା ପରେ ନିର୍ବାକ୍ ହୋଇଯାଇଥିଲା ସମିତା । ଦୁଇଦିନ ଦୁଇ ରାତି କାନ୍ଦିଥିଲା । ମୁଁ ତାକୁ କାନ୍ଦିବାରେ ବାଧା ଦେଇନଥିଲି । ମୁଁ ଚାହୁଁଥିଲି ସେ କାନ୍ଦୁ । ମନଇଚ୍ଛା କାନ୍ଦୁ ।

Source: Author, Digitized by PPRACHIN, SOA

ସେହି କାନ୍ଦ ଭିତରୁ ବଞ୍ଚିବାର ଶକ୍ତି ସେ ଆହରଣ କରୁ ।

ଦୁଇଦିନ ପରେ ସମିତାର ଏକ ସମ୍ପୂର୍ଣ୍ଣ ଅଲଗା ରୂପ ମୁଁ ଦେଖିଲି । ମନରୁ ସବୁ ଦୁଃଖ କୁଆଡ଼େ ଉଭେଇ ଯାଇଥିଲା । ହସୁଥିଲା ସମିତା । ମତେ ପାଖକୁ ଡାକି କହିଲା...ଆସ ବିଜୟ ପାଖରେ ବସ । ଆଉ କେତେ ଦିନର ଏ ଜୀବନ ଯେ ତୁମକୁ ମୋଠାରୁ ଦୂରେଇ ରଖିବି ?

ଦାର୍ଶନିକ ଭଙ୍ଗିରେ ସମିତା କହିଲା...ଦେଖ ନାଁ ବିଜୟ କି ବିଚିତ୍ର ଏ ସଂସାର ! କେତେ ସ୍ୱପ୍ନ ଦେଖେ ମଣିଷ , କିନ୍ତୁ ସବୁ କ'ଣ ସାକାର ହୁଏ ? ସତରେ, ଦଇବ ଦଉଡ଼ି ମଣିଷ ଗାଈ । ଦେଖନା ମୋ ପ୍ରତାପଗଡ଼ର ସ୍ୱପ୍ନ କିପରି ଅଧୁରା ରହିଗଲା ।

ସାନ୍ତ୍ୱନା ଦେଇ କହିଥିଲି...ତମର କିଛି ହେବନାହିଁ ସମିତା, ତମେ ଭଲ ହେଇଯିବ । ଦେଖିବିନି, କେମୋ ନେଲାପରେ ତମେ ପୂରା ସୁସ୍ଥ ହୋଇଯିବ ।

ହସିଦେଲା ସମିତା, ଶୁଖିଲା ହସ । କହିଲା...ମନୋବଳ ବଢ଼ାଇବା ପାଇଁ ଠିକ୍ ଡାଇଲଗ୍ ।

କେମୋଥେରାପି ଆରମ୍ଭ ହୋଇଯାଇଥିଲା । ବଡ଼ କଷ୍ଟକର ସେ ଅନୁଭୂତି ସମିତାର । ତା' ଯନ୍ତ୍ରଣା ଦେଖି ସହିବାର ସବୁ ଆତ୍ମବଳ ମୁଁ ହରାଇ ସାରିଥିଲି ।

'ସ୍ପାଇନାଲ୍ ଟ୍ୟାପ୍' ନାମକ ପରୀକ୍ଷା କରିବା ପାଇଁ ସମିତାର ମେରୁ ହାଡ଼ ଭିତରୁ ଛୁଞ୍ଚିରେ କିଛି ତରଳ ପଦାର୍ଥ ନିଆଯିବାର ଥିଲା । ଏହାର କିଛି ସମୟ ପରେ ସମିତାକୁ ବହୁତ୍ କଷ୍ଟ ହେଲା ବୋଧହୁଏ । ମତେ ପାଖକୁ ଡାକି କହିଲା...ତମେ ମୋ ପାଖରେ ବସ ବିଜୟ । ତମ କୋଳରେ ମୁଣ୍ଡ ରଖି ମୁଁ ଶୋଇବି । ଆଉ ବଞ୍ଚିବାର ଆଶା ନାହିଁ । ତୁମରି କୋଳରେ ମରିଯିବା ପାଇଁ ମୋର ଇଚ୍ଛା ।

ମୁଁ ନିର୍ବାକ ନିସ୍ପନ୍ଦ ହୋଇଯାଇଥିଲି । ସମିତା ମୋ କୋଳରେ ମୁଣ୍ଡ ରଖି ଶୋଇଥିଲା । କେମୋ ପ୍ରଭାବରୁ ତଣ୍ଟି ଶୁଖିଯାଉଥିଲା । ମଝିରେ ମଝିରେ ଅଳ୍ପ ଅଳ୍ପ ଫଳରସ ମୁଁ ଦେଉଥାଏ ।

ସେଦିନ ରାତି ଗୋଟାଏ ପାଖାପାଖି ହେବ । ରୁମରୁ ନର୍ସ ତା' ଡିଉଟି ଶେଷ କରି ଚାଲି ଯାଇଥାଏ । ସମିତା ମୋ କୋଳରେ ମୁଣ୍ଡ ରଖି ଶୋଇବାର ଇଚ୍ଛା ପ୍ରକାଶ କଲା । କୋଳରେ ମୁଣ୍ଡ ରଖିବା ପରେ ସମିତା ମୋ ମୁହଁକୁ ଏକ ନିରୀହ ଦୃଷ୍ଟିରେ ଚାହିଁ କହିଲା... ବିଜୟ, ସତରେ ଯଦି ଭଗବାନ ଥାଆନ୍ତି ଏବଂ ମୋ ଭଲ କାମ ପାଇଁ ତାଙ୍କୁ କିଛି ମାଗିବାର ସୁଯୋଗ ମତେ ମିଳେ ତା' ହେଲେ ପରଜନ୍ମ ପାଇଁ ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ନିଶ୍ଚୟ ମାଗି ନେବି ।

Source: Author, Digitized by PPRACHIN, SOA

ମୋର ଧୈର୍ଯ୍ୟ ବନ୍ଧ ଭାଙ୍ଗିଯାଇଥିଲା । ଆଖିରୁ ଦି'ଟୋପା ଲୁହ ଝରି ପଡ଼ିଲା ସମିତାର କପାଳ ଉପରେ । ସମିତା କହିଲା... ଆଃ ! ତମର ଏ ଦୁଇଟୋପା ଲୁହ ମୋ ଜୀବନକୁ ପବିତ୍ର କରିଦେଲା ବିଜୟ । ଏହା ଲୁହ ନୁହେଁ, ମୋ ମଥାରେ ତୁମର ସିନ୍ଦୂର ବିନ୍ଦୁ ।

କିଛି ସମୟ ସ୍ୱପ୍ନିଳ ଆଖିରେ ମତେ ଚାହିଁ ରହିଲା ସମିତା । ତା'ପରେ ସେ ମତେ ଅନୁରୋଧ ଭରା କଣ୍ଠରେ କହିଲା... ମୁଁ ଯାହା ମାଗିବି ମତେ ଦବ ବିଜୟ ?

ମୁଁ କହିଥିଲି...ମାଗ ସମିତା, ଯାହା ମାଗିବ ନିଶ୍ଚୟ ଦେବି । ତା'ପରେ ସମିତା କହିଲା...ମତେ ଗଭୀର ଆବେଗରେ ତୁମ ବାହୁ ବନ୍ଧନରେ ଭିଡ଼ି ଧରି ଓଠରେ ଚୁମ୍ବନ ଆଙ୍କି ଦିଅ ବିଜୟ, ଜୀବନ ମୋର ସାର୍ଥକ ହୋଇଯାଉ । ଗୋଟାଏ ମୁହୂର୍ତ୍ତ ଭିତରେ ମୁଁ ସାରା ଜୀବନର ତୃପ୍ତି ଆସ୍ୱାଦନ କରିବାକୁ ଚାହେଁ ।

ତା'ପରେ ଗଭୀର ଆଶ୍ଳେଷରେ ବାହୁବନ୍ଧନ ଭିତରେ ହଜାଇ ଦେଲି ସମିତାକୁ । ଚୁମ୍ବନ ପରେ ଚୁମ୍ବନ ଆଙ୍କି ଦେଲି ତା ଓଠରେ । ଦୁଇଜଣଙ୍କର ଲୁହ ଏକାକାର ହୋଇ ଭିଜାଇଦେଲା ଦୁଇଟି ଦେହକୁ, ଦୁଇଟି ପ୍ରାଣକୁ ଏବଂ ଦୁଇଟି ଆବେଗକୁ । ସେହିଭଳି ମୋ କୋଳରେ ଶୋଇ ରହିଥିଲା ସମିତା ।

ଏଣେ ପାହାନ୍ତି ପହରରେ ଅଦୂରରେ ରାଧାଶ୍ୟାମ ମନ୍ଦିରରେ ବାଜି ଉଠିଲା ଆଳତି ଘଣ୍ଟ । ମୋ କୋଳରୁ ଉଠାଇ ଧୀରେ ନେଇ ସମିତାକୁ ବେଡ୍ ଉପରେ ଶୁଆଇ ଦେଲି ।

ସେଦିନ ଆତ୍ମତୃପ୍ତିର ସୀମା ନଥିଲା ସମିତାର । ବହୁ ସମୟ ପରେ ନିଦ ଭାଙ୍ଗିଲା ପରେ ଲାଜୁଆ ଆଖିରେ ମତେ ଚାହିଁଲା ସମିତା । ଓଠରେ ଆଙ୍କି ହୋଇଯାଇଥିଲା ନବବଧୂର ମଧୁମୟ ଚେନାଏ ହସ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୪

ବିଜୟର ଡାଏରୀ ପଢୁ ପଢୁ ମେଘମାଳା ଆଖିରେ ମାଡ଼ି ଆସିଲା ଅସରନ୍ତି ଲୁହର ବନ୍ୟା । ସେ ବନ୍ୟାଜଳରେ ପ୍ଳାବିତ ହୋଇଗଲା ତାର ଚାରୁ ଗଣ୍ଡମଣ୍ଡଳ ଏବଂ ଭିଜିଗଲା ଡାଏରୀର ଅନେକ ପୃଷ୍ଠା । କୁଆଡେ ଚାଲିଗଲା ମନରୁ ଅଭିମାନ, ବିଜୟ ପ୍ରତି ଅଭିଯୋଗ ଏବଂ ସମିତା ପ୍ରତି ରହିଥିବା ଅନିଚ୍ଛାକୃତ ଈର୍ଷା । ବସିବା ସ୍ଥାନରୁ ଉଠିଯାଇ ରାଧା-ଗୋବିନ୍ଦଙ୍କ ମୂର୍ତ୍ତି ଆଗରେ ନତଜାନୁ ହୋଇ ଯୋଗ ହସ୍ତରେ, ଅଶ୍ରୁଳ ନୟନରେ ଅଭିଯୋଗ କଲା ମେଘମାଳା...ହେ ପ୍ରଭୁ ! ଏ କଣ କଲ ପ୍ରଭୁ ! ତୁମ ଉଦ୍ୟାନର ସବୁଠାରୁ ସୁନ୍ଦର ସୁରଭିତ କଳିଟିକୁ ଅକାଳରେ ମଉଳାଇ ଦେଲ ? କାହିଁକି, କାହିଁକି ପ୍ରଭୁ? କି ଦୋଷ କରିଛି ସମିତା ? କି ଦୋଷ କରିଛନ୍ତି ପ୍ରତାପଗଡର ଜନସାଧାରଣ ? କି ଦୋଷ ପାଇଁ ବିଜୟକୁ ଏଭଳି ଦଣ୍ଡ ଦେଲ ପ୍ରଭୁ ?

ଲୁହ ପୋଛି ଉଠିଲା ମେଘମାଳା । ଡାଏରୀର ଅବଶିଷ୍ଟ ଅଂଶ ସେ ଶେଷ କରିବ । ଜାଣିବ ଏ ଝଡ଼କୁ କିଭଳି ସାମନା କରିଛନ୍ତି ସମିତା ଓ ବିଜୟ । ଡାଏରୀର ବାକି ପୃଷ୍ଠା ପଢ଼ିବାକୁ ଆରମ୍ଭ କଲା ମେଘମାଳା । ବିଜୟ ଲେଖିଥିଲା...

ମେଘମାଳା,

ସମିତା ଧୀରେ ଧୀରେ ଆହୁରି ଦୁର୍ବଳ ହୋଇ ଗଲା । ଖାଦ୍ୟ ଖାଇବା ଆସ୍ତେ ଆସ୍ତେ କମିଗଲା । ସବୁବେଳେ ତା' ପାଖରେ ବସି ତା'ର ମନୋବଳ ବଢ଼ାଇବାରେ ଲାଗିଥିଲି ମୁଁ । ଖବର ପାଇ ପ୍ରତାପଗଡ଼ରୁ ଶୁଭେଚ୍ଛୁମାନଙ୍କର ସୁଅ ଛୁଟିଲା । ଏହା ଡାକ୍ତରଖାନା ପାଇଁ

Source: Author, Digitized by PPRACHIN, SOA

ବଡ଼ ଅସୁବିଧା ପରିସ୍ଥିତି ସୃଷ୍ଟି କଲା । ବାଧ୍ୟ ହୋଇ ଯୋଡ଼ହସ୍ତରେ ସବୁ ପ୍ରତାପଗଡ଼ ବାସିନ୍ଦାଙ୍କ ପାଖକୁ ସମିତା ଲିଖିତ ବାର୍ତ୍ତା ପଠାଇଲା କଟକ ନଆସିବା ପାଇଁ ।

ଦିନେ ସମିତା କହିଲା... ବିଜୟ, କେତେ ଇଚ୍ଛା ଥିଲା ତୁମ ଗାଁକୁ ଯାଇ ମାଉସୀଙ୍କ ଚରଣ ଧୂଳି ମଥାରେ ଲଗାଇବା ପାଇଁ । ଯାଇପାରିଲି ନାହିଁ । ମୋ ମୃତ୍ୟୁ ପରେ ମାଉସୀଙ୍କ ଠାରୁ ସେଥିପାଇଁ କ୍ଷମା ମାଗିନେବ । ତମେ ଅନେକ ସମୟରେ କୁହ ଯେ ତୁମ ପଡ଼ିଶା ଘରେ ମେଘମାଳା ବୋଲି ଯେଉଁ ଝିଅଟି ଅଛି ସେ ମାଉସୀଙ୍କ କଥା ସବୁବେଳେ ବୁଝାବୁଝି କରେ । ତା' ବିଷୟରେ ମତେ ଟିକିଏ ଭଲ ଭାବରେ କୁହ ବିଜୟ ।

ସେଦିନ ସମିତା ତୋ ବିଷୟରେ ଜାଣିବା ପାଇଁ ଏତେ ଆଗ୍ରହୀ କାହିଁକି ଥିଲା ପ୍ରଥମେ ମୁଁ ଜାଣିପାରିଲି ନାହିଁ ସିନା କିନ୍ତୁ ପରେ ଦିବାଲୋକ ଭଳି ତାହା ସ୍ପଷ୍ଟ ହୋଇଯାଇଥିଲା । ତୋ ବିଷୟରେ ଟିକିନିଖି ତାକୁ ଜଣାଇଥିଲି । କହିଥିଲି....ସେ ଆମ ଗାଁ ର ଆନିବୋଲିନ୍ । ମେଘମାଳାର କେଶରାଶି ମୁକ୍ତଥିଲେ ଆମ ଗାଁ ଆକାଶରୁ ମେଘମହ୍ଲାରର ସ୍ୱର ଭାସି ଆସେ । ତା' ଓଷ୍ଠରେ ଭରି ରହିଥାଏ କୃଷ୍ଣଚୂଡ଼ାର ପ୍ରାବଲ୍ୟ, ପାଦରେ ବଣମୟୂରୀର ଛନ୍ଦ ଏବଂ ହସରେ ନବମଲ୍ଲିକାର ଚମକ । ଉଚ୍ଚଶିକ୍ଷିତା, ଚାହିଁଥିଲେ କୌଣସି କଲେଜରେ ଅଧ୍ୟାପିକା ହୋଇ ପାରିଥାନ୍ତା, କିନ୍ତୁ ତା'ର ସ୍ୱପ୍ନ ଅଲଗା । ଗାଁ'ରେ ପବ୍ଲିକ ସ୍କୁଲଟିଏ ସ୍ଥାପନା କରି, ଅଞ୍ଚଳର ଗରିବ ପିଲାମାନଙ୍କର ଜୀବନ ଗଢ଼ିବା ତା' ସ୍ୱପ୍ନର ଏକ ପ୍ରମୁଖ ଅଂଶ । ତୁମ ଭଳି, ଅଞ୍ଚଳର ଲୋକମାନଙ୍କର, ବିଶେଷ କରି ଅସହାୟ ବୃଦ୍ଧ, ବିଧବା, ଅକର୍ମଣ୍ୟ, ବ୍ୟକ୍ତିମାନଙ୍କର ଆର୍ଥିକ ଅବସ୍ଥା ସୁଧାରି ସେମାନଙ୍କର ବଞ୍ଚି ରହିବାର ଆଶାକୁ ସୁଦୃଢ଼ କରିବା ତା'ର ଆଦର୍ଶର ଏକ ଅଂଗ ।

ସବୁବେଳେ ମୋ ବୋଉ ପାଖରେ ଛାଇ ଭଳି ରହିଥାଏ । ବୋଉର ଅନେକ ଦିନରୁ ଇଚ୍ଛା ଥିଲା ତାକୁ ବୋହୂ କରିବା ପାଇଁ ।

ସମିତାର ଆଖି ଏହାଶୁଣି ଉଜ୍ଜଳ ହୋଇ ଉଠିଲା ।

କହିଲା..ତା'ହେଲେ ମେଘମାଳା ଠାରେ ତ ଭଲ ପାଇବାର ସବୁ ଉପାଦାନ ଅଛି । ତମେ କେମିତି ଭଲପାଇଲ ନାହିଁ ବିଜୟ ?

ମୁଁ କହିଥିଲି... ମେଘମାଳା ମତେ ଭଲପାଏ, କିନ୍ତୁ ତା'ଆଡୁ କେବେବି ମୁହଁ ଖୋଲି ମତେ ଆଭାସ ଦେଇନାହିଁ । ତା'ଛଡା କଲେଜ ଜୀବନରେ ଥରେ ମୁଁ ତୁମ ଭଲପାଇବା ଭିତରେ ନିଜକୁ ହଜେଇ ଦେବାପରେ ମେଘମାଳାର ଭାବନା ମୋ ମନକୁ ଆସିନାହିଁ । ତୁମକୁ ଭଲପାଇବା ପରେ ମୁଁ ଯେତେଥର ଗାଁ'କୁ ଯାଇଛି ସବୁବେଳେ ମେଘମାଳା ଆଗରେ ମତେ କେମିତି ଗୋଟେ ଦୋଷୀ ଦୋଷୀ ଲାଗେ । ସବୁବେଳେ ଭାବେ କହିବା

Source: Author, Digitized by PPRACHIN, SOA

ପାଇଁ ଯେ ମୁଁ ସମିତାକୁ ଭଲପାଏ, ମାତ୍ର କହି ପାରେ ନାହିଁ । ଏତେ ବଡ଼ ସତ୍ୟ ପ୍ରକାଶ କରି ମେଘମାଳା ମନରେ ଦୁଃଖ ଦେବାପାଇଁ ମୁଁ ଚାହୁଁନଥିଲି ସମିତା । ଏକଥା ଜଣାଇ ବୋଉ ମନରେ ମଧ୍ୟ ଦୁଃଖ ଦେବାପାଇଁ ଚାହିଁ ନାହିଁ ।

ସମିତା ମୋ ଆଖିକୁ ଗଭୀର ଦୃଷ୍ଟିରେ ଚାହିଁ କହିଲା... ବିଜୟ , ମୁଁ ନିଶ୍ଚିତ ଭାବରେ ତୁମ ଦୁଇଜଣଙ୍କ ଭିତରେ ଅଦିନ ମେଘ ହୋଇ ରହିଛି ।

ମୁଁ ସମିତାକୁ କହିଥିଲି...ଛିଃ ସମିତା,ଏସବୁ ବାଜେ କଥା କ'ଣ କହିଯାଉଛ । ତୁମ ସହିତ ମୋର ପ୍ରେମ ଚିରନ୍ତନ । କୌଣସି ପରିସ୍ଥିତିରେ ତାହା ଊଣା ହୋଇନାହିଁ ବା ହେବନାହିଁ ।

କିଛି ସମୟ ନିରବ ରହି ସମିତା କହିଲା... ଗୋଟିଏ ଅନୁରୋଧ ରଖିବ ବିଜୟ ? କଥାଦିଅ ।

ମୁଁ କହିଲି....କୁହ, କଥା ଦେଉଛି ନିଶ୍ଚୟ ରଖିବି ।

ସମିତା କହିଲା...... ମୋ ପରେ ତମେ ବିବାହ କରିନେବ ବିଜୟ । ଅନ୍ୟ କାହାକୁ ନୁହେଁ, ମେଘମାଳାକୁ ବିବାହ କରିବ । ଉପରେ ଥାଇ ତୁମ ଦୁହିଁଙ୍କ ଉପରେ ମୋର ଶୁଭକାମନାର ପୁଷ୍ପାଞ୍ଜଳି ଝରିପଡୁଥିବ ।

ସମିତାର ପାଟିରେ ହାତ ଦେଇ କହିଲି...ତୁମର କିଛି ହେବନାହିଁ ସମିତା, ତମେ ଶୀଘ୍ର ଭଲ ହେଇଯିବ । ବର୍ତ୍ତମାନ ପାଇଁ ତମେ ତୁନି ହୋଇ ଶୋଇପଡ଼, ପ୍ଲିଜ୍ ।

କଟକ କ୍ୟାନସର ହସ୍ପିଟାଲରେ ଦୁଇମାସ ମୃତ୍ୟୁ ସହିତ ଲଢ଼େଇ କରିଥିଲା ସମିତା । ମୃତ୍ୟୁ ସହିତ ସଂଘର୍ଷ ଏତେ ନିକଟରୁ ମୁଁ କେବେବି ଦେଖିନାହିଁ ମେଘମାଳା ।

ସମିତାର ଶେଷ ମୁହୂର୍ତ୍ତ ଯେତେବେଳେ ପାଖେଇ ଆସିଲା ସେ ଜାଣି ପାରିଥିଲା । ତିଳେ ମାତ୍ର ଦୁଃଖ ନଥିଲା ତା' ମନରେ । ମୋ କୋଳରେ ଶୋଇ ରହି ହସୁଥିଲା ଆକାଶର ଧୂସର ଜହ୍ନ ଭଳି ।

ସେଦିନ 'ବୋନ-ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ୍' କଥା ଡାକ୍ତର କହୁଥିଲେ । ତା'ପରଦିନ ସେଥିପାଇଁ କିଛି ପରୀକ୍ଷା ନିରୀକ୍ଷା ହେବାର ଥିଲା । ହଠାତ୍ ସମିତାର ଗ୍ୟାସପିଙ୍ଗ୍ ଆରମ୍ଭ ହୋଇଗଲା । ଡାକ୍ତରଙ୍କୁ ଖବର ଦିଆଗଲା । ସଙ୍ଗେ ସଙ୍ଗେ ସମିତାକୁ ଏମରଜେନ୍ସି ୱାର୍ଡକୁ ନିଆଗଲା । ସମିତା ଜାଣି ପାରିଥିଲା ଏହା ତା'ର ଜୀବନର ଶେଷ ମୁହୂର୍ତ୍ତ । ଷ୍ଟ୍ରେଚରରେ ତାକୁ ଭିତରକୁ ନେବା ସମୟରେ ହାତ ହଲେଇ କହିଥିଲା...ବାଏ ବିଜୟ, ବାଏ ଫର୍ ଦିସ୍ ଲାଇଫ୍ । ଆଖିରୁ ମୋର ବହି ଯାଉଥିଲା ଧାରଧାର ଅଶ୍ରୁ ।

ସେ ଥିଲା ସମିତା ସହିତ ମୋର ଶେଷ ଦେଖା । କିଛି ଘଣ୍ଟା ପରେ ସମିତାକୁ ଷ୍ଟ୍ରେଚରରେ

Source: Author, Digitized by PPRACHIN, SOA

ବାହାରକୁ ଅଣାଗଲା । ମୁହଁ ଉପରେ ଘୋଡା ଯାଇଥିବା ଧଳା ଚ଼ାଦର କାଢି ମୁଁ ଶେଷ ଦର୍ଶନ କରିବାକୁ ଚ଼ାହିଁଲି । ତା' ମୁହଁରେ ଭରି ରହିଥିଲା ଅପୂର୍ବ ପ୍ରଶାନ୍ତି । ମୁହଁରେ ତାର ନଥିଲା ମୃତ୍ୟୁର କ୍ରୂର ସ୍ପର୍ଶ । ମୃତ୍ୟୁ ସତେ ଯେମିତି ହାରିଯାଇଛି ସମିତା ପାଖରେ । ୱାର୍ଡକୁ ନେବା ପୂର୍ବରୁ ସେହି ଭଳି ପ୍ରଫୁଲ୍ଲତା ଲାଗି ରହିଥିଲା ତା' ମୁହଁରେ । ରୁଦ୍ଧ ହୋଇଯାଇଥିଲା ମୋର କଣ୍ଠ, ଆଖିରୁ ଝରିଯାଉଥିଲା ଅବାରିତ ଅଶ୍ରୁ । ଶେଷରେ ସମିତା ମତେ ଏଭଳି ଠକିଦେଇ ଚ଼ାଲିଗଲା ! ବିଶ୍ୱାସ କରିପାରୁନଥିଲି ମୁଁ ।

ଇଚ୍ଛା ହେଉଥିଲା କଣ୍ଠ ଫଟାଇ ଚ଼ିତ୍କାର କରିବା ପାଇଁ, କହିବା ପାଇଁ...ତମେ ଏମିତି ମତେ ଠକି ଦେଇ ଯାଇପାରିବ ନାହିଁ ସମିତା । ପ୍ରତାପଗଡ଼ର ଜନସାଧାରଣଙ୍କୁ ମୁଁ ଯାଇ କଣ କହିବି ? ଯେତେବେଳେ ପ୍ରତାପଗଡ଼ ଆବାଳ ବୃଦ୍ଧ ବନିତା ଛାତି ପିଟି ମୁଣ୍ଡକୋଡି ଭୂଇଁରେ ଗଡ଼ିଯାଉଥିବେ ଏବଂ ପଚ଼ାରିବେ...ଆମ ଜେମାଦେଈଙ୍କୁ କେଉଁଠି ଛାଡ଼ି ଆସିଲ ବାବୁ ? କ'ଣ ଉତ୍ତର ମୁଁ ସେମାନଙ୍କୁ ଦେବି ? ପ୍ରତାପଗଡକୁ ତମେ ଏଭଳି ଅନାଥ କରିଦେଇ କେମିତି ଚ଼ାଲି ଯାଇପାରିବ ସମିତା ? ?

ମୋ ହଜାର ପ୍ରଶ୍ନର କୌଣସି ଉତ୍ତର ମତେ ମିଳୁନଥିଲା । ମୋ କଲେଜ ଜୀବନରେ ସାଥୀ, ମୋ ଆଦର୍ଶର ସାଥୀ, ମୋ ପ୍ରଣୟିନୀ, ମୋ ପ୍ରିୟତମା, ମୋ ଜୀବନସାଥୀ ସମିତା ମତେ ସବୁଦିନ ପାଇଁ ଏକା କରିଦେଇଥିଲା ମେଘମାଳା, ଅସହାୟ କରି ଛାଡି ଚ଼ାଲି ଯାଇଥିଲା ।

ମେଘମାଳା,

ମୋ ଜୀବନର ଏ କରୁଣ ଅଧ୍ୟାୟ ପଢ଼ିବା ବେଳେ ତୋ ଆଖିରେ ଆସିଯାଇଥିବ ଲୁହର ବନ୍ୟା । ସେଦିନ ସମିତାର ମୃତ୍ୟୁରେ ଅତି କରୁଣ ଭାବରେ କାନ୍ଦିଥିଲା ପ୍ରତାପଗଡ଼ । ସମିତାର ମୃତ୍ୟୁ ଖବର ବିଜୁଳି ବେଗରେ ପ୍ରତାପଗଡ଼ର ଘରେ ଘରେ ପହଞ୍ଚି ଯାଇଥିଲା । ସମିତାର ଶବ ପ୍ରତାପ ଗଡ଼ରେ ପହଞ୍ଚିବା ସମୟରେ ଗାଁ ଗଣ୍ଡାରୁ ଜନସମୁଦ୍ର ମାଡ଼ି ଆସିଥିଲା ସେମାନଙ୍କ ପ୍ରିୟ ରାଜକୁମାରୀର ଶେଷ ଦର୍ଶନ ପାଇଁ । ଛାତି ପିଟି ମୁଣ୍ଡକୋଡ଼ି କାନ୍ଦୁଥିଲେ ଅସଂଖ୍ୟ ନରନାରୀ । ବହି ଯାଉଥିଲା ଲୁହର ବନ୍ୟା । ସବୁଆଡେ ଶୁଣାଯାଉଥିଲା ଗୋଟିଏ କଥା... 'ରାଜକୁମାରୀ ଅମର ରହେ'

ପ୍ରତାପଗଡ଼ର ସବୁ ଗାଁ ଗଣ୍ଡାରେ ସମିତାର ଶବଯାତ୍ରା ବୁଲିଥିଲା । ସମିତାର ଶେଷ ଇଚ୍ଛାଥିଲା ଚ଼ମ୍ପାଝରର ଡ଼୍ୟାମ ପାଖରେ ତାର ଶବ ସଂସ୍କାର ହେବ । ତାହା ହିଁ ହେଲା ।

ସମିତା ଚ଼ାଲିଯିବା ପରେ ମୁଁ ମନକୁ ଦୃଢ଼ କଲି । ଭଙ୍ଗା ବୀଣା ତାରକୁ ଯୋଡ଼ି ସେଥିରେ

Source: Author, Digitized by PPRACHIN, SOA

ସ୍ୱର ସୃଷ୍ଟି କରିବାପାଇଁ ନିଷ୍ଫଳ ଚେଷ୍ଟା କଲି । କିନ୍ତୁ ସମ୍ଭବ ହେଲାନାହିଁ । ସମିତା ବିନା ମତେ ସବୁ ଅସମ୍ଭବ ଲାଗିଲା ।ମନେହେଲା ମୋର ସବୁ ପ୍ରେରଣା, ଧୈର୍ଯ୍ୟ ଓ କର୍ମନିଷ୍ଠା ପଛରେ ସମିତା ହିଁ ଥିଲା । ବିଜୟ ଆଉ ବିଜୟ ହୋଇ ରହିପାରିଲା ନାହିଁ ମାଳା । ସେ ଗୋଟାଏ ସାଧାରଣ ଭାବପ୍ରବଣ ମଣିଷରେ ପରିଣତ ହୋଇଗଲା ।

ସେ ଅସହ୍ୟ ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇବାପାଇଁ ମୁଁ ପ୍ରତାପଗଡ଼ ଛାଡି ଧାଇଁ ଆସିଲି ଗାଁ କୁ । କିନ୍ତୁ ଗାଁ ରେ ମଧ୍ୟ ଶାନ୍ତି ମିଳିଲା ନାହିଁ ମତେ ମେଘମାଳା । ମନ ମୋର ଅଣନିଃଶ୍ୱାସୀ ହୋଇ ଧାଇଁଲା ସେହି ପ୍ରତାପଗଡକୁ, ଯେଉଁଠାରେ ସମିତାର ସ୍ୱପ୍ନ ସହିତ ତାର ସ୍ମୃତି ବିଜଡିତ ହୋଇରହିଛି ।

ମୃତ୍ୟୁ ପୂର୍ବରୁ ସମିତା ମତେ କହିଥିଲା...ବିଜୟ ତୁମ ହାତରେ ମୋ ସ୍ୱପ୍ନ-ଶିଶୁକୁ ଅର୍ପଣ କରିଯାଉଛି । ପ୍ରତାପଗଡ଼ ପାଇଁ ଦିନେ ଆମେ ଦୁଇଜଣ ମିଶି ସ୍ୱପ୍ନ ଦେଖିଥିଲେ । ଆମର ସେହି ଶିଶୁକୁ ହାତଧରି ଚାଲିବା ଶିଖାଇବ । ତା' ପରେ ନିଜ ଗନ୍ତବ୍ୟ ପଥରେ ତୁମେ ଚାଲିଯାଇପାର ବିଜୟ । ସେତେବେଳେ ମୁଁ ତୁମକୁ ମନା କରିବି ନାହିଁ ।

ସମିତାର ସେହି ଅଧାଗଢ଼ା ସ୍ୱପ୍ନର କୋଣାର୍କକୁ ସମ୍ପୂର୍ଣ୍ଣ କରିବାକୁ ମୁଁ ଯାଉଛି ମେଘମାଳା । ଭାବିବୁନି ମୁଁ ଅନ୍ୟ କେଉଁଆଡେ ଚାଲିଯାଇଛି । ବିଜୟ ପଳାତକ ନୁହେଁ । ବିଜୟ ବଞ୍ଚିବା ଜାଣେ ।

ଗାଁରେ ଥିବା ସମୟରେ ତୋ ଆଗରେ ମୋ ଜୀବନରେ ଘଟିଯାଇଥିବା ଝଡ଼ର ଇତିବୃତ୍ତି କହିବା ପାଇଁ ମତେ ଭଲ ଲାଗିଲା ନାହିଁ । ତୁ ମତେ କେତେ ଭଲପାଉ ମତେ ଅଜଣା ନାହିଁ । କିନ୍ତୁ ସମିତାର ମୋ ଜୀବନରେ ପ୍ରବେଶ ପରେ ତତେ ସେସବୁ କହି ମନରେ କଷ୍ଟ ଦେବାପାଇଁ ଚାହୁଁ ନଥିଲି । ପାରିଲେ ମତେ କ୍ଷମା କରିଦେବୁ ମେଘମାଳା ।

ବୋଉକୁ ଏସବୁ କହିବାର ସତ୍‌ସାହସ ମୋର ନଥିଲା । ବୋଉକୁ ସବୁ ଜଣେଇ ଦେବୁ ।

ଏ ଝଡ଼ର ଇଗଲକୁ, ନିଜକୁ ସମ୍ଭାଳି ପୁଣି ଥରେ ନୀଳ ଗଗନର ସ୍ୱପ୍ନରେ ହଜିଯିବା ପାଇଁ କେତେ ଦିନ ଲାଗିବ ଜଣାନାହିଁ ମେଘମାଳା ।

ମୋ ସ୍ୱପ୍ନ ଓ ତୋ ସ୍ୱପ୍ନ ଏମିତି କଟି ପକାପକି ହୋଇଛନ୍ତି ଯେ ତତେ ମୋ ସ୍ୱପ୍ନର ଅଂଶୀଦାର କରିବା ପାଇଁ ଡର ଲାଗୁଛି ମାଳା । ତୋ ନିଜର ମନର ମଣିଷ ବାଛିନେଇ ତୁ ସୁଖର ସଂସାର ଗଢିବାର ସ୍ୱାଧୀନତା ମୋ ତରଫରୁ ମୁଁ ତତେ ଦେଉଛି ମାଳା । ଆଶାକରେ ମତେ ଭୁଲ ବୁଝିବୁ ନାହିଁ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୫

ତୁଳସୀପୁର ଗାଁର ସକାଳ ସେଦିନ ମେଞ୍ଚାଏ ଯନ୍ତ୍ରଣା ନେଇ ଆସିଥିଲା । ରାତିର କାକରରେ କାନ୍ଦୁଥିଲେ ବୃକ୍ଷଲତା,ଡାଳପତ୍ର, ଫୁଲଗଛ, ବିସ୍ତୀର୍ଣ୍ଣ କେଦାର ମାଳା ଆଉ ପଡ଼ିଆର ଶିଶିର ଭିଜା ଘାସମାନେ । ଏଣେ ସମିତାର ଆଖିରୁ ଝରିଯାଇଥିବା ଲୁହରୁ ତା' ଓଠମାନେ କିଛି ପିଇ ନେଇଥିଲେ, ବାକି କିଛି ସେ ପୋଛି ଦେଇଥିଲା ପଣନ୍ତ କାନିରେ ।

ଡାଏରୀଟା ତ ଅଧା ଭିଜିଯାଇଥିଲା ଲୁହରେ; ବାକି ପୃଷ୍ଠା ଗୁଡ଼ିକୁ ମେଘମାଳା ଭିଜେଇ ଦେଲା ସମିତା ପାଇଁ ଝରିଯାଇଥିବା କୋହରେ ଏବଂ ବିଜୟ ପାଇଁ ଉତୁରି ପଡ଼ିଥିବା ଅଭିମାନରେ । ବିଚ଼ରା ଡାଏରୀ, ଥିଲା କିଛି କାଗଜର ସମାହାର; ଏବେ ପାଲଟିଗଲା ଅପରିସୀମ ଦୁଃଖ, ଯନ୍ତ୍ରଣା ଓ ଅଭିମାନର ଉପନ୍ୟାସ ।

ସେ ଉପନ୍ୟାସକୁ ଆଉ ଥରେ ପଢ଼ିବାର ଛାତି ନଥିଲା ମେଘମାଳାର । ଡାଏରୀର ପ୍ରଥମ ପୃଷ୍ଠା ଖୋଲିବା ପୂର୍ବରୁ ନିଜକୁ ସେ ବିଜୟର ବାଗ୍‌ଦତ୍ତା ପ୍ରିୟତମା ବୋଲି ମନେ କରୁଥିଲା । ତାର ମନ ଜାହିର୍ କରୁଥିଲା ବିଜୟ ଉପରେ ଅଧିକାର । ଡାଏରୀର ଶେଷ ପୃଷ୍ଠା ବେଳକୁ ସେ ନିଜକୁ ବିଜୟର ବିକଳ୍ପ ପ୍ରେମିକା ଭାବରେ ଆବିଷ୍କାର କଲା । ମନ ତାକୁ ବାରମ୍ବାର ପ୍ରଶ୍ନ କରିବାକୁ ଆରମ୍ଭ କଲା...ବିଜୟ ପାଖରେ ତୋର ସ୍ଥାନ କେଉଁଠାରେ ମେଘମାଳା ? ତୁ ବିଜୟର କ'ଣ ?

ଗୋଟିଏ ଖୋଳ ଭିତରେ ଦୁଇଟି ଖଣ୍ଡା କଣ ରହି ପାରନ୍ତି ?

ଜଣେ ପୁରୁଷ ହୃଦୟରେ ଗୋଟିଏ ନାରୀ ହିଁ ପ୍ରଥମ ପ୍ରେମ ହୋଇପାରେ ।

Source: Author, Digitized by PPRACHIN, SOA

ସମିତା ବିଜୟର ପ୍ରଥମ ପ୍ରେମ । ତା'ର ଅବର୍ତ୍ତମାନରେ ମଧ୍ୟ ସେ ସାମ୍ରାଜ୍ୟର ସୀମାରେଖାକୁ କେଉଁ ଅଧିକାରରେ ଛୁଇଁବ ମେଘମାଳା ? ବିଜୟକୁ ବାହାହେଲେ ସମିତାର ସ୍ମୃତିର ଗଛଛାଇ ତଳେ ସତେ କଣ ପଲ୍ଲବିତ ଏବଂ କୁସୁମିତ ହୋଇ ପାରିବ ମେଘମାଳାର ପ୍ରେମ ?

ହଠାତ୍ ଗୋଟିଏ ରାତି ଭିତରେ ତା'ର କୁଆଁରୀ ଜୀବନ ଏଭଳି କଡ଼ ଲେଉଟାଇବ ବୋଲି ସତେ କଣ ଭାବି ପାରିଥିଲା ମେଘମାଳା ? କେତେ ଗର୍ବରେ ସେ ସାରା ପୃଥିବୀରେ ଡେଙ୍ଗୁରା ପିଟୁଥିଲା ଯେ ବିଜୟର ସେ ବାଗ୍‌ଦତ୍ତା ! ଯେତେବେଳେ ନେହୁରା ହୋଇ ଅଶୋକ ବାବୁ କହିଥିଲେ ଯେ ସେ ତାକୁ ପ୍ରାଣରୁ ବଳି ଭଲ ପାଆନ୍ତି, ସେତେବେଳେ ମେଘମାଳା ତାଙ୍କୁ କହିଥିଲା, ସେ ଅନ୍ୟ ଜଣକୁ ଭଲପାଏ । ଏହି ଏକତରଫା ଭଲ ପାଇବା କଥା ଶୁଣି କଣ ଭାବିବେ ଆଜି ଅଶୋକ ବାବୁ! ସମାଜ ଆଗରେ ତା'ର ଏହି ଭଲପାଇବାକୁ କି ସଂଜ୍ଞା ଦେବ ମେଘମାଳା ! !

ଆଖି କୋଣରୁ ଝରି ଆସୁଥିବା ଦି'ଟୋପା ଅଭିମାନକୁ ପଣନ୍ତ କାନିରେ ଅଟକାଇ ଦେଲା ମେଘମାଳା ।

ସ୍ୱର୍ଣ୍ଣକାତର ମନ ଗୁଡ଼ିକ ସବୁ ଏହିପରି ବିଚିତ୍ର । ବିଜୟ, ତା'ର ସମିତା ସହିତ ସମ୍ପର୍କକୁ ବିବସନ କରିଦେଇ ମେଘମାଳାର ହୃଦୟର ଅତି ସମ୍ବେଦନଶୀଳ ତନ୍ତ୍ରୀକୁ ଆଘାତ ଦେଇଛି ।

ମନକୁ ଦୃଢ଼ କଲା ମେଘମାଳା... ନାଁ ଆଉ ବିଜୟ କଥା ଭାବିବ ନାହିଁ ସେ । ବିଜୟକୁ ଛାଡ଼ିଦେବ ତା' ବାଟରେ । ସଂସାରରେ ଖାଲି ପ୍ରେମ କଣ ସବୁ କିଛି ? ପ୍ରେମ ଅପେକ୍ଷା ଦର୍ଶନ ଶାସ୍ତ୍ର ଭଲ ବୋଲି ତାର ମନେ ହେଲା ।

ଡାଏରୀଟି ଧରି ମେଘମାଳା ବିଜୟ-ବୋଉଙ୍କ ପାଖରେ ପହଞ୍ଚି କହିଲା ...ବୋଉ,ବିଜୟ ଏହି ଡାଏରୀଟି ମତେ ଦେଇ ଯାଇଛନ୍ତି । ପଢ଼ିବା ପାଇଁ କହିଥିଲେ, ମୁଁ ପଢିସାରିଛି । ଆପଣ ପଢ଼ିବାପାଇଁ ଏଠାରେ ଛାଡ଼ିଯାଉଛି । ପଢ଼ିନେବେ । ଅନେକ ଘଟଣା ଏ ଭିତରେ ତାଙ୍କ ଜୀବନରେ ଘଟିଯାଇଛି, ଆପଣଙ୍କୁ ସେ ସବୁ କହିବାର ସତ୍‌ସାହସ ସେ ଜୁଟାଇ ପାରି ନାହାନ୍ତି । ଆପଣଙ୍କୁ ସେ ସବୁ ଜଣାଇବା ପାଇଁ ମତେ ଅନୁରୋଧ କରିଛନ୍ତି । ଆପଣ ଏହି ଡାଏରୀଟି ସମ୍ପୂର୍ଣ୍ଣ ପଢ଼ିଲେ ସବୁ ଜାଣିପାରିବେ ।

ବିଜୟର ବୋଉ ମେଘମାଳା କଥା ଶୁଣି ଅନୁମାନ କଲେ ଯେ ସବୁ କିଛି ଠିକ୍ ନାହିଁ । ଅଭିମାନର କଳା ବାଦଲଟିକୁ ମେଘମାଳାର ମୁହଁ ଉପରେ ଆସ୍ଥାନ ଜମେଇ ବସିବାର ଠିକ୍ ଅନୁଭବ କରିପାରିଥିଲେ ସେ । ମେଘମାଳାର ମୁଣ୍ଡ ଆଉଁସି ପଚାରିଲେ... କହୁନୁ

Source: Author, Digitized by PPRACHIN, SOA

ଧନ, କ'ଣ ହେଇଚି । ତୋ କଥା ଶୁଣି ମତେ ବହୁତ ଡର ଲାଗୁଛି । ସବୁ ଠିକ୍ ଠାକ୍ ଅଛି ତ ? ବିଜୟ ଭଲ ଅଛିଟି ?

ମେଘମାଳା କହିଲା... ହଁ ବୋଉ,ସେ ଭଲ ଅଛନ୍ତି । ଏଇନେ ସେ ସବୁ କହି ବସିଲେ ମୁଁ ଆଜି ସ୍କୁଲକୁ ଯାଇ ପାରିବି ନାହିଁ । ଆପଣ ଆଜି ଦି'ପହରେ ଏ ଡାଏରୀଟି ପଢ଼ିନିଅନ୍ତୁ । ସଞ୍ଜ ବେଳକୁ ମୁଁ ସ୍କୁଲରୁ ଫେରିଲେ କଥା ହେବା ।

ବିଜୟର ବୋଉଙ୍କୁ ଡାଏରୀଟି ଧରେଇ ଦେଇ ମେଘମାଳା ଘରକୁ ଆସିଲା । ସାରା ରାତି ଶୋଇପାରିନି ସେ । ମୁଣ୍ଡଟା ବୁଲେଇ ହଉଚି । ସବୁଠୁଁ ବଡ଼କଥା ଏକ ଅଜବ ଅସହାୟତା ତା' ମନକୁ ଜାବୁଡ଼ି ଧରିଛି ।

ବାବାଙ୍କ ପାଇଁ ଖାଇବା ପିଇବା ବ୍ୟବସ୍ଥା କରିଦେଇ ଶୀଘ୍ର ସ୍କୁଲକୁ ବାହାରି ଗଲା ମେଘମାଳା । ସ୍କୁଲରେ ଆଜି ବହୁତ୍ କାମ । କାମ ଭିତରେ ଏମିତି ବ୍ୟସ୍ତ ରହିଗଲା ମେଘମାଳା ଯେ କାଲି ରାତିରେ ଡାଏରୀ ଭିତରେ ଭେଟିଥିବା ଭୟଙ୍କର ଦୁର୍ଘଟଣା ଏବଂ ତା' ଚେତନା ମଝିରେ ଏକ ସାମୟିକ ସୂକ୍ଷ୍ମ ପରଦା ପଡ଼ିଯାଇଥିଲା ।

ଦି'ପହର ବେଳକୁ ତହସିଲଦାର ଅଶୋକ ବାବୁଙ୍କ ପାଖରୁ ଫୋନ୍ ଆସିଲା । ସେପଟୁ ଅଶୋକ ବାବୁ ପଚାରିଲେ....

ମାଳା, କେମିତି ଅଛ ?

ମେଘମାଳା କହିଲା... ନମସ୍କାର ସାର, ମୁଁ ଭଲ ଅଛି । କୁହନ୍ତୁ ସାର୍ ।

ଅଶୋକ ବାବୁ କହିଲେ...ମାଳା,ତୁମ ସାଙ୍ଗ ପ୍ରଣତି ସହିତ ଶ୍ରୀମାନ୍ ଶ୍ରୀକାନ୍ତ ମୋ ପାଖକୁ ସକାଳେ ଆସିଥିଲେ । ମୁଁ ଷ୍ଟେଟବ୍ୟାଙ୍କର ମ୍ୟାନେଜରଙ୍କ ସହିତ ଆଲୋଚ଼ନା କରି ତାଙ୍କ ପାଇଁ ଲୋନର ବ୍ୟବସ୍ଥା କରି ଦେଇଛି । ତାଙ୍କୁ ଏଠାକୁ ଆସି ପନ୍ଦର ଦିନ ବୈଷୟିକ ପ୍ରଶିକ୍ଷଣ ନେବାକୁ ପଡ଼ିବ । ତାପରେ ଛୋଟ, ମଧ୍ୟମ ବା କ୍ଷୁଦ୍ର କୁଟୀର ଉଦ୍ୟୋଗ, ଯାହା ଚ଼ାହିଁବେ ସେ କରିପାରିବେ । ସେଥିପାଇଁ ଗୋଟିଏ ଭଲ ସ୍ଥାନର ଆବଶ୍ୟକତା ରହିଛି । ସେ କହୁଥିଲେ ଯେ ତାଙ୍କ ରହିବା ଘରଟି ଗାଁ ଭିତରେ ଏବଂ ବହୁତ ଛୋଟ ।

ମେଘମାଳା କହିଲା... ଠିକ୍ କଥା ସାର୍ । ସେ ଚ଼ାହୁଁଛି ପ୍ରେସ୍-ଖଲି ବା ଧୂପକାଠି ତିଆରି ସହିତ ଗୋପାଳନ ଓ ଛତୁ ଚ଼ାଷ ଭଳି କିଛି କରିବା ପାଇଁ । ତା' ସହିତ କଥାବାର୍ତ୍ତା ହେଲା ପରେ ମୁଁ ଆପଣଙ୍କୁ ଜଣାଇବି ନିର୍ଦ୍ଦିଷ୍ଟ ଭାବରେ ସେ କେଉଁ ଧନ୍ଦା ଆପଣେଇବ ।

ଜାଗା ପାଇଁ ଚ଼ିନ୍ତା କରନ୍ତୁ ନାହିଁ ସାର୍ । ମୋ ପାଖରେ ଯାଗାରେ ଅଭାବ ନାହିଁ । ପାଞ୍ଚ ଏକର ଜାଗା ଆମର ଗୋଟିଏ ଚ଼କବନ୍ଦୀରେ ଅଛି । ସେଠାରେ ମୁଁ ମାଛଚ଼ାଷ,ଡାଇରୀ ଫାର୍ମ ଏବଂ କଦଳୀ ଚ଼ାଷ ପାଇଁ ଭିତ୍ତିଭୂମି ତିଆରି କରିବାରେ ଲାଗି ପଡ଼ିଛି । ସେଠାରେ

Source: Author, Digitized by PPRACHIN, SOA

ଆମର ଗୋଟିଏ ଫାର୍ମ ହାଉସ୍ ଅଛି । ମୁଁ ଚ଼ାହେଁ ପ୍ରଣତି ତା' ବୋଉଙ୍କ ସହିତ ସେଠାରେ ରହି ତା'ର ବୈଷୟିକ କର୍ମସଂସ୍ଥାନ ଜାରି ରଖୁ । ଏହାଦ୍ୱାରା ତାକୁ ମଧ୍ୟ ମାନସିକ ଶାନ୍ତି ମିଳିବ କାରଣ ଗାଁରେ ତାକୁ ତାର ଚ଼ରିତ୍ର ନେଇ ବହୁତ କିଛି ଏଣୁତେଣୁ ଶୁଣିବାକୁ ପଡୁଛି ।

ଅଶୋକ ବାବୁ କହିଲେ...ମାଳା, ତୁମ ସାଙ୍ଗ ପ୍ରଣତି ବହୁତ ଭଲ ପିଲା । ଦେଖିବାକୁ ତ ସୁନ୍ଦର, ତା'ଛଡା ମାର୍ଜିତ କଥାବାର୍ତ୍ତା, ଉଚ୍ଚଶିକ୍ଷିତା ମଧ୍ୟ । ଜୀବନରେ କିଛି କରି ଦେଖାଇବାର ଅଦମ୍ୟ ଇଚ୍ଛା ଅଛି ତାଙ୍କ ପାଖରେ । ଭାଗ୍ୟ ଖରାପ ଯୋଗୁଁ ସିନା କେଉଁ ଏକ ଲଫଙ୍ଗା ପାଲରେ ପଡ଼ିଗଲେ ।

ମେଘମାଳା କହିଲା...ସାର୍,ଏବେ କିନ୍ତୁ ପୁରା ଚୁପଚ଼ାପ୍ ହେଇଯାଇଚ଼ି ପ୍ରଣତି । ଆଗବେଳର ଚୁଲବୁଲି ପ୍ରଣତି ହୋଇ ନାହିଁ ସେ । ଆଚ୍ଛା ସାର୍ ତା'ର ତଥାକଥିତ ପଳାତକ ପ୍ରେମିକ ବିଷୟରେ କିଛି ଖବର ମିଳିଲା ?

ଅଶୋକ ବାବୁ କହିଲେ... ନାଁ ମେଘମାଳା, ପୋଲିସ ତାର କିଛି ଟେର୍ ପାଉନି । କୁଆଡ଼େ ପବନରେ ମିଳେଇ ଯାଇଛି ସେ ।

କିଛି ସମୟ ରହି ଅଶୋକ ବାବୁ କହିଲେ... ତାକୁ ପୋଲିସ ଧରି ପାରିଲେ କ'ଣ ବା ଲାଭ ହେବ ? ସେମାନଙ୍କର ବିବାହ ରେଜିଷ୍ଟ୍ରେସନ ତ ହୋଇନାହିଁ; ତା' ଛଡା ମନ୍ଦିରରେ ମାଳା ବିନିମୟରେ ଯେଉଁ ତଥାକଥିତ ବିବାହ ହୋଇଥିଲା ତାର ଫଟୋ ମଧ୍ୟ ତୁମ ସାଙ୍ଗ ପ୍ରଣତି ପାଖରେ ନାହିଁ ।

ମେଘମାଳା କହିଲା... ପ୍ରଣତିର ଥଇଥାନ ବିଷୟରେ କିଛି ଆମକୁ କରିବାକୁ ପଡ଼ିବ ସାର୍ । ଅଶୋକ ବାବୁ କହିଲେ... ହଁ ଦୁନିଆଁରେ ସମସ୍ତଙ୍କ ଥଇଥାନ କଥା ଚ଼ିନ୍ତା କରୁକରୁ ତମେ ତମର ନିଜ ଘର ସଂସାର କଥା ଭୁଲି ନଯାଅ ଯେମିତି ।

ମେଘମାଳା ନିରବ ରହିଗଲା ।

ଅଶୋକ ବାବୁ କହିଲେ..ମାଳା, ତୁମ ପାଖରେ ମୁଁ ଯେଉଁ ଦରଖାସ୍ତଟି ଦେଇ ଆସିଥିଲି ତମେ ତାକୁ ଚ଼ିରି ଫିଙ୍ଗି ଦେଇ ନାହଁ ତ ?

ଫୋନରେ ମଧ୍ୟ ହସ ରୋକି ପାରିଲା ନାହିଁ ମେଘମାଳା । ହସିହସି କହିଲା...ତ୍ରୟାରରେ କେଉଁଠି ଅଛି ଖୋଜିଲେ ଜଣା ପଡ଼ିବ ସାର୍ ।

ଅଶୋକ ବାବୁ କହିଲେ...ଓ ମାଇଁ ଗଡ୍ ! ତା ହେଲେ ଆଳି ମାଳି ଭିତରେ ପଡ଼ିଛି ମୋ ଦରଖାସ୍ତଟି ? ମଞ୍ଜୁର କର କି ନକର, ମୋ ଦରଖାସ୍ତଟିକୁ ଟିକିଏ ସମ୍ମାନ ଦିଅ ମେଘମାଳା ।

Source: Author, Digitized by PPRACHIN, SOA

ମେଘମାଳା କହିଲା... ସେମିତି କୁହନ୍ତୁନି ସାର୍, ମୁଁ ଆପଣଙ୍କ ଭାବନାକୁ ପୂଜା କରେ । ଆପଣ ମୋର ଆଦର୍ଶ । ସମ୍ପର୍କ ଆମର ଯାହା ହେଉନା କାହିଁକି ବନ୍ଧୁତା ଆମର ଚିରନ୍ତନ । ବିବାହ ତ ସ୍ୱର୍ଗରେ ସ୍ଥିର ହୁଏ । କିଏ ଜାଣେ ଆମ ମାନଙ୍କର ଭାଗ୍ୟ ଡୋରି କାହା ସହିତ କେବେ ବନ୍ଧା ହେବାପାଇଁ ଯାଉଛି । କିନ୍ତୁ ମୋ ଦେବତାଙ୍କୁ ତ ମୁଁ ଅନ୍ତରର ଭାବନାର ଫୁଲ ଦେଇ ପୂଜା ଅର୍ଘ୍ୟ ଅର୍ପଣ କରିବି ନାଁ ସାର୍ ।

କିଛି ସମୟ ନିରବ ରହି ମେଘମାଳା କହିଲା...ସାର୍, ଅନେକଙ୍କ ମତରେ ପୁଅ-ଝିଅ, ସ୍ତ୍ରୀ-ପୁରୁଷଙ୍କ ସମ୍ପର୍କ ସେକ୍ସର ବଳୟ ବାହାରେ ସମ୍ଭବ ନୁହେଁ । ମୁଁ କିନ୍ତୁ ସେ ପ୍ରକାର ଭାବନାର ପରିପନ୍ଥୀ । ଆମର ସମ୍ପର୍କର ଫୁଲଟି ସୁନ୍ଦର ସୁଗନ୍ଧିତ ତଥା କୀଟଦ୍ରଂଷ୍ଟ ନୁହେଁ, ସେକଥା ମୁଁ ଅନୁଭବ କରେ ଏବଂ ଆପଣ ନିଶ୍ଚୟ ଅନୁଭବ କରି ଥିବେ ସାର୍ ।

ଅଶୋକ ବାବୁଙ୍କ ଆଖିରେ ଲୁହ ଆସିଯାଇଥିଲା । କହିଲେ... ବହୁତ ବହୁତ ଧନ୍ୟବାଦ୍ ମେଘମାଳା, ମୋ ବନ୍ଧୁତାକୁ ସମ୍ମାନିତ କରିଥିବାରୁ ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୬

ମେଘମାଳା ସ୍କୁଲର ଶେଷ ପିରିୟଡ୍ ପରେ ଘରକୁ ଯିବାପାଇଁ ବାହାରିଲା । ସ୍କୁଲ୍ ହତା ଡେଇଁଲେ ନଈବନ୍ଧ ଆଉ ତା' ଉପରୁ ଦେଖାଯାଏ ଚିତ୍ରୋତ୍ପଳାର ବିସ୍ତୃତ ସିକତା ଉପରେ ଦିନାନ୍ତର ଚମ୍ପାଫୁଲିଆ ଖରାର ଖେଳ । ଚମ୍ପାଗୋରୀ ମେଘମାଳା ଆଗରେ ଫୁଲେଇ ଖରାକୁ ଲାଜ ମାଡ଼େ ବୋଲି, ମେଘମାଳା ନଈବନ୍ଧ ଉପରକୁ ଉଠୁ ଉଠୁ ସବୁଦିନ ଖରା ତରତର ହୋଇ ବୁଡ଼ିଯାଏ ନଦୀ ଆରପାରିରେ । ବନ୍ଧ ପାର ହେଲାବେଳକୁ ବେଳ ରତରତ ହେଉଥାଏ ଆଉ ଉଆଡ଼େ ଗୋଧୂଳି ପ୍ରଗଲ୍ଭ ହୋଇ ମେଘମାଳାର ଗାଲକୁ ଛୁଇଁ ଦେଇ ଚାଲିଯାଏ । ଆଜି କିନ୍ତୁ ମେଘମାଳା ଶୀଘ୍ର ଆସିଯାଇଛି ବୋଲି ଖରାକୁ ଚାଲି ଯିବାକୁ ଅବସର ନାହିଁ କିମ୍ବା ଗୋଧୂଳିକୁ ଦୁଷ୍ଟାମି କରିବାକୁ ସୁଯୋଗ ନାହିଁ ।

ମେଘମାଳା ସବୁଦିନ ସ୍କୁଲ ପରେ କିଛି ସମୟ ରହି କିଛି ଅଫିସ୍ କାମ ଶେଷକରି ଆସେ । ଆଜି ସେ ଶୀଘ୍ର ଫେରିବାର କାରଣ ଅଛି । ସେ ଜାଣେ ଯେ ଡାଏରୀଟି ପଢ଼ି ବିଜୟର ବୋଉଙ୍କ ମନରେ ଗଭୀର ଆଘାତ ଲାଗିଥିବ ଏବଂ ତାଙ୍କୁ ସମ୍ଭାଳିବାକୁ କେହି ନଥିବେ । ଠିକ୍ ଅନୁମାନ କରିଥିଲା ମେଘମାଳା । ଘରେ ପହଞ୍ଚିଲା ବେଳକୁ ବିଜୟର

Source: Author, Digitized by PPRACHIN, SOA

ବୋଉ ବସି କାନ୍ଦୁଛନ୍ତି ଏବଂ ତାଙ୍କୁ ପ୍ରବୋଧନା ଦେଉଛି ଶ୍ରୀକାନ୍ତ । ଶ୍ରୀକାନ୍ତକୁ ଦେଖି ମେଘମାଳା ପଚାରିଲା...ଆରେ,ତୁ କେତେବେଳେ ଫେରିଲୁ ବରଗଡ଼ରୁ? ପ୍ରଣତିର କାମ ସବୁ ହେଇଗଲା ତ?

ଶ୍ରୀକାନ୍ତ କହିଲା...ସେ କଥା ପରେ ଦିଦି, ଆଗେ କହ ତ,ଏସବୁ ମୁଁ କଣ ଶୁଣୁଚି? ମାଉସୀ ଯାହା କହୁଛନ୍ତି କଣ ସବୁ ସତ?

ମେଘମାଳା କହିଲା... ହଁ ଯାହା ଡାଏରୀରେ ଲେଖା ହୋଇଛି ସବୁ ଅକ୍ଷରେ ଅକ୍ଷରେ ସତ । ବିଜୟଙ୍କ ଜୀବନରେ ବହି ଯାଇଛି ଏକ ଅଦିନିଆ କାଳବୈଶାଖୀ ।

ଶ୍ରୀକାନ୍ତ ପଚାରିଲା... ଏକଥା କାଇଁ ତୁ ମତେ ଆଗରୁ ତ କହିନୁ ଦିଦି । ତୋ ଜୀବନରେ ଏତେ ଝଡ଼ଝଞ୍ଜା ବହି ଯାଇଛି ଅଥଚ୍ ତୋର ଏ ଭାଇ ଆଗରେ ସବୁ ଲୁଚାଇ ରଖିଛୁ! ମୁଁ କଣ ଏଡ଼େ ପର ହେଇଗଲି ଦିଦି?

ମେଘମାଳା କହିଲା.. ମୁଁ ଜାଣିଥିଲେ ସିନା ତତେ କହିଥାନ୍ତି ; ଡାଏରୀ ପଢ଼ିବା ପରେ ହିଁ ମତେ ସବୁ ଜଣାପଡ଼ିଲା ।

ଶ୍ରୀକାନ୍ତ ଆଶ୍ଚର୍ଯ୍ୟ ହୋଇ ପଚାରିଲା...ତା ମାନେ ତୋ ଭଲପାଇବା ଏକତରଫା ଥିଲା ଦିଦି? ତୋ ଅଜଣାରେ ବିଜୟ ଭାଇ ଅନ୍ୟ ଜଣକୁ ଭଲ ପାଉଥିଲେ ଅଥଚ୍ ଦୁନିଆଁ ସାରା ତୁ କହିବୁଲୁଥିଲୁ ଯେ ବିଜୟ ଭାଇ ହିଁ ତୋ ଜୀବନର ସବୁକିଛି!

ବିଜୟ ବୋଉ କହିଲେ...ଆଉ ସେସବୁ ଏବେ ଆଉ ଫେଣେଇ ଲାଭ କଣ? ସମିତା ତ ବିଜୁ ଜୀବନରୁ ସବୁଦିନ ପାଇଁ ଚାଲିଯାଇଛି । ଏବେ ଆମକୁ ବିଜୟର ନିରାପତ୍ତା ବିଷୟରେ ଚିନ୍ତା କରିବାକୁ ହେବ । ମୋର ମାଆ ମନ କହୁଚି ବିଜୁ ମୋର ସେଠାରେ ନିରାପଦରେ ନାହିଁ । ଷଡ଼ଯନ୍ତ୍ରର ଭୀଷଣ ବଳୟ ଭିତରେ ଅଭିମନ୍ୟୁ ପରି ଏକାକୀ ଯୁଦ୍ଧ କରୁଛି ମୋ ବିଜୟ ।

ଶ୍ରୀକାନ୍ତ କହିଲା...ଆପଣ ଜଣେ ମାଆର ମନସ୍ତତ୍ତ୍ୱ ଦୃଷ୍ଟିରୁ ଠିକ୍ କହୁଛନ୍ତି ମାଉସୀ । ମୁଁ ମେଘମାଳା ଦିଦିକୁ ଯେଉଁ ପ୍ରଶ୍ନ କରୁଥିଲି ତାହା ଭାଇର ଆବେଗ ନେଇ ଗୋଟିଏ ମିଛ ସ୍ୱପ୍ନରେ ବଞ୍ଚିଥିବା ନିରୀହା ଭଉଣୀ ପ୍ରତି ଥିଲା ।

ସେତେବେଳକୁ ଲୁହମାନେ ମେଘମାଳାର ଆଖିରେ ଆସି ବିନା ନୋଟିସରେ ମିଟିଙ୍ଗ୍ କରିବାକୁ ବସିଗଲେଣି । ସେମାନଙ୍କୁ ସେ ଅବସର ନଦେଇ ମେଘମାଳା କହିଲା.....ଥାଉ ଶ୍ରୀକାନ୍ତ, ଏଇଟା ମୋକଥା ଆଲୋଚନା କରିବା ସମୟ ନୁହେଁ । ବୋଉ ଯାହା କହୁଛନ୍ତି ଠିକ୍ । ସମିତା ଚାଲିଯିବା ପରେ ବିଜୟ ସେଠାରେ ସମ୍ପୂର୍ଣ୍ଣ ଏକା । ଥରେ ସେ ଷଡ଼ଯନ୍ତ୍ରର ଶିକାର ହୋଇ ମୃତ୍ୟୁମୁଖରୁ ଫେରି ଆସିଛନ୍ତି । ବିଷ ଦେଇ ମାରିବାକୁ ଚେଷ୍ଟା କରି

Source: Author, Digitized by PPRACHIN, SOA

ଚ୍ଚକ୍ରାନ୍ତକାରୀମାନେ ବିଫଳ ହୋଇଛନ୍ତି, କାରଣ ସେତେବେଳେ ସମିତା ତାଙ୍କର ସୁରକ୍ଷା ବଳୟ ଥିଲା । ତା'ର ଅବର୍ତ୍ତମାନରେ ବିଜୟଙ୍କୁ ବାଟରୁ ହଟାଇ ଟ୍ରଷ୍ଟକୁ ହାତେଇ, ସମିତା ଛାଡ଼ିଯାଇଥିବା ବିପୁଳ ଧନରାଶି ହଡ଼ପ କରିବାପାଇଁ ସକ୍ରିୟ ହୋଇ ଉଠିଥିବେ ପ୍ରତାପଗଡ଼ରେ ତାଙ୍କର କାର୍ଯ୍ୟାଳୟ ଏବଂ ବାହାରେ ଥିବା ସମସ୍ତ ଶତ୍ରୁ । ଯେଉଁ ମାନସିକ ସ୍ଥିତି ଦେଇ ସେ ଗତି କରୁଛନ୍ତି, ଏ ସମୟରେ ତାଙ୍କର ନୈତିକ ସମର୍ଥନ ଏବଂ ସାହାରା ନିହାତି ଆବଶ୍ୟକ ।

ସେତେବେଳକୁ ବିଜୟର ବୋଉଙ୍କର ଆଖିରୁ ଲୁହର ଝରଣା ବହି ଚାଲିଛି । ମେଘମାଳାକୁ ଚାହିଁ କହିଲେ...ମତେ କାଲି ହିଁ ସାଙ୍ଗରେ ନେଇ ପ୍ରତାପଗଡ଼ ଚାଲ୍ ମାଳା । ସେଠାରେ ମୋ ବିଜୁକୁ ଏମିତି ବିପଦ ଭିତରେ ଛାଡ଼ି ଏଠି ଦଣ୍ଡେ ରହିବାକୁ ମୋର ଇଚ୍ଛା ନାହିଁ ।

ମେଘମାଳା କହିଲା... ଠିକ୍ ଅଛି ବୋଉ, କାଲି ମୁଁ ଆପଣଙ୍କର ପ୍ରତାପଗଡ଼ ଯିବାର ବ୍ୟବସ୍ଥା କରୁଛି ।

ବିଜୟର ବୋଉଙ୍କୁ ସାନ୍ତ୍ୱନା ଦେଇ ଶ୍ରୀକାନ୍ତ ସହିତ ନିଜ ଘରକୁ ଫେରିଲା ମେଘମାଳା । ଶ୍ରୀକାନ୍ତକୁ କହିଲା...ଆ ଭାଇ, ମୁଁ ରୋଷେଇ ଘରେ ତୋ ପାଇଁ କୋବି ପକୋଡ଼ା ଛାଣିବି, ତୁ ମୋ ପାଇଁ ତୋର ସ୍ପେସିଆଲ୍ କଫି ବନେଇବୁ ଆଉ କହିବୁ ପ୍ରଣତି ସହିତ ବରଗଡ଼ ଯାଇ କେତେ ବଡ଼ ପାହାଡ଼ ତାଡ଼ି କେତୋଟି ମୂଷା ମାରିଚୁ ।

ଶ୍ରୀକାନ୍ତ କହିଲା..ଏଁ, ସେମିତି କହିବୁନି ଦିଦି, ବହୁତ କାମ ହେଇଚି ଆଜି ।

ପକୋଡ଼ା କଡ଼େଇରେ ପକାଉ ପକାଉ ମେଘମାଳା କହିଲା... ଟିକି ନିଖି ବକି ଯା କ'ଣ କ'ଣ ହେଲା ।

ଶ୍ରୀକାନ୍ତ କହିଲା...ଦିଦି,ସବୁ ତୋର କମାଲ । ମୁଁ ନିମିତ୍ତ ମାତ୍ର । ଅଶୋକ ବାବୁ ତୋ କଥା ଶୁଣୁ ଶୁଣୁ ସବୁ କାମ ଛାଡ଼ିଦେଇ ଆମ କାମରେ ଲାଗିଗଲେ । ପ୍ରଣତିର ଲୋନ୍ ମଞ୍ଜୁରି ହୋଇଗଲା ବୋଲି ଜାଣ । ଆର ସପ୍ତାହରେ ବରଗଡ଼ ଯାଇ ଛତୁ ଚାଷ ଓ ଗୋପାଳନ ଉପରେ ବୈଷୟିକ ଟ୍ରେନିଂ ନେବ ପ୍ରଣତି । ଅଶୋକ ବାବୁ କହୁଥିଲେ ଜାଗା ବିଷୟରେ ସେ ତୋ ସହିତ କୁଆଡ଼େ କଥା ହୋଇଛନ୍ତି । ସତ ଦିଦି ?

ମେଘମାଳା କହିଲା.. ହଁ ଆମ ଫାର୍ମରେ ପ୍ରଣତି ପ୍ରଥମେ ତାର ଉଦ୍ୟୋଗ ଆରମ୍ଭ କରିବ । କିନ୍ତୁ ମୁଁ ଗୋଟିଏ ସମସ୍ୟା ବିଷୟରେ ଭାବୁଥିଲି, ସେଠାରେ ଏକା ଝିଅପିଲାଟା କେମିତି ରହିପାରିବ ? ବଢ଼ିଲା ଝିଅମାନଙ୍କ ଉପରେ ଆଜିକାଲି ସବୁ ଲଫଙ୍ଗାଙ୍କର ଆଖି । ସହଜରେ ତ ତାର ସମାଜରେ ବଦନାମ ହେଇଯାଇଛି । ତୁ କ'ଣ ଭାବୁଚୁ ଶ୍ରୀକାନ୍ତ ?

Source: Author, Digitized by PPRACHIN, SOA

ଶ୍ରୀକାନ୍ତ କହିଲା... ମୁଁ ତାକୁ ସାହାଯ୍ୟ କରିବି ଦିଦି । ଦିନ ସାରା ଫାର୍ମରେ ରହିବି । କିନ୍ତୁ ରାତିରେ ରହିବା ଠିକ୍ ହେବନାହିଁ । ଅଯଥାରେ ଝିଅଟା ନାଁ ରେ ଡିବିଡିବି ବାଜିବ ?

ମେଘମାଳା କହିଲା... ରାତି ପାଇଁ ଗୋଟିଏ ଲୋକ ମୁଁ ବ୍ୟବସ୍ଥା କରୁଚି । ଫାର୍ମରେ ଦିନ ସାରା କାମ କରିବ । ରାତିରେ ଜଗିବ ।

କିଛି ସମୟ ନିରବତା ପରେ ମେଘମାଳା କହିଲା...ତୁ କ'ଣ ଏମିତି ସୋସିଆଲ ସର୍ଭିସ୍ କରୁଥିବୁ, ଚାକିରି ବାକିରି କରିବୁନି କିରେ ?

ଶ୍ରୀକାନ୍ତ କହିଲା... ଚାକିରି କୋଉଠି ମିଳୁଚି ଦିଦି । ମୁଁ ତ ତୋ ଭଳି ବ୍ରାଇଟ୍ ଷ୍ଟୁଡେଣ୍ଟ୍ ନଥିଲି । ମିଳିଲେ ମିଳିବ କୋଉଠି ଗୋଟେ କିରାଣୀ ଚାକିରି । ତା' ଅପେକ୍ଷା ଏଭଳି ସମାଜ ସେବା ଭଲ । ମୋର ଯଦି ତୁମ ଭଳି ପାଞ୍ଚ ଏକର ଜମି ଥାଆନ୍ତା ନା, ମୁଁ ଗୋଟିଏ ବଢିଆ ଫାର୍ମ କରି ନିଜ ମାଲିକାନାରେ ଆଉ ଦି'ଚାରିଜଣଙ୍କୁ କର୍ମନିଯୁକ୍ତି ଦିଅନ୍ତି । ଚାଷ ଅଛି ଯାହାର, କି ଚିନ୍ତା ତାହାର ?

ମେଘମାଳା କହିଲା...ତୁ ମୋର ଭାଇଟି ? ମୋ ଜମି କ'ଣ ତୋ ଜମି ନୁହେଁ? ତୁ ଯଦି ପ୍ରକୃତରେ ଚାକିରି ଅପେକ୍ଷା ଫାର୍ମକୁ ଏତେ ଗୁରୁତ୍ୱ ଦେଉଛୁ ତା'ହେଲେ ଆଜିଠାରୁ ଆମ ଫାର୍ମର ସମ୍ପୂର୍ଣ୍ଣ ଦାୟିତ୍ୱ ତୋ ଉପରେ । ସ୍କୁଲ୍ କାମ ସହିତ ଫାର୍ମ କାମ ମତେ ବଳେଇ ପଡୁଚି । କରିବୁ ନା ମତେ ସାହାଯ୍ୟ ?

ଲମ୍ବ ହୋଇ ତଳେ ଦଣ୍ଡ ପ୍ରଣାମ ମୁଦ୍ରାରେ ମୁଣ୍ଡିଆ ମାରି ଶ୍ରୀକାନ୍ତ କହିଲା...ମୋର ଆଭୂମ ପ୍ରଣାମ ଗ୍ରହଣ କରେ ଦିଦି । ତୁ ମୋର ଭଉଣୀ ଥିଲୁ ଆଜିଠାରୁ ତୁ ମୋର ମାଆ । କାଲିଠାରୁ ତୋର ଏ ମ୍ୟାନେଜର ଡିଉଟିରେ ଯୋଗ ଦେବ ।

ଶ୍ରୀକାନ୍ତର କାନମୋଡ଼ି ତଳୁ ଉଠାଉ ଉଠାଉ ମେଘମାଳା କହିଲା...ଉଠ୍ ବେ ଡହରା, କହିଲା କ'ଣ ନା ମାଆ ।

କଫି-ପର୍ବ ପରେ ମେଘମାଳା କହିଲା...କଣ କରିବି ଭାଇ, ମତେ କିଛି ବୁଦ୍ଧିବାଟ ଦେଖାଯାଉ ନାହିଁ । ମାଉସୀଙ୍କ ମାନସିକ ଅବସ୍ଥା ଯାହା ତାଙ୍କୁ କୌଣସି ପ୍ରକାର କାଲି ପ୍ରତାପଗଡ଼ ପଠାଇବାକୁ ପଡ଼ିବ । ସ୍କୁଲ୍ କାମ ଓ ଫାର୍ମ କାମ ଛାଡ଼ି, ତାଙ୍କ ସାଙ୍ଗରେ ଯାଇ ସେଠାରେ ଛାଡ଼ି ଆସିବା ମତେ ସମ୍ଭବ ଲାଗୁନି ।

ଶ୍ରୀକାନ୍ତ ମେଘମାଳା କୁ କହିଲା...ମୋ ଦେହ ଛୁଇଁ ସତ କହ ଦିଦି, ବିଜୟ ଭାଇଙ୍କର ଏଭଳି ଅବସ୍ଥାରେ ତୋର କ'ଣ ଇଚ୍ଛା ହେଉନାହିଁ ତାଙ୍କ ପାଖକୁ ଯାଇ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ? ତାଙ୍କୁ ମାନସିକ ଶକ୍ତି ଦେବାପାଇଁ ବା ତାଙ୍କ ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବା ପାଇଁ ?

Source: Author, Digitized by PPRACHIN, SOA

କିଛି ସମୟ ନିରବ ରହି ମେଘମାଳା କହିଲା....ଭଲ ପାଇବାର ଏ ଅଦ୍ଭୁତ ବର୍ଣ୍ଣବିଭାରେ ମୁଁ ଜଳକା ହେଇଯାଇଛି ଭାଇ; ସାତ ରଙ୍ଗର ଆଲୁଅ ଭିତରେ ମୁଁ ଜାଣି ପାରୁନାହିଁ କେଉଁ ଠାରେ ମୋର ଭଲପାଇବାର ଆଲୁଅଟି ହଜିଯାଇଛି ? ଯାହାଙ୍କୁ ମୁଁ ପ୍ରାଣରୁ ବଳି ଭଲ ପାଉଥିଲି, ସେ ଦିନେ ବି ମତେ ସୂଚନା ଦେଲେ ନାହିଁ ଯେ ସେ ଅନ୍ୟ ଏକ ସବୁଜ ମାୟାରେ ହଜିଯାଇଛନ୍ତି । ମୁଁ ଡାଏରୀ ନପଢ଼େ କି ଏତେ କଥା ନଜାଣେ । ସବୁ ଭଲପାଇବା ତ ସେ ଜଣଙ୍କୁ ଦେଇ ଦେଇଛନ୍ତି ଏବଂ, ମୋ ସ୍ୱପ୍ନକୁ ଅଣଦେଖା କରି ପ୍ରଣୟିନୀର ସ୍ୱପ୍ନ ସାକାର କରିବା ପାଇଁ ପ୍ରତାପଗଡ଼ ଚାଲି ଯାଇଛନ୍ତି ; କେଉଁ ଭରସାରେ ମୁଁ ତାଙ୍କପାଖରୁ ଭଲପାଇବାର ତଣ୍ଡୁଳ ଆଶା କରିବି ? ଯଦି ମନା କରିଦେବେ ସେ ?

ଆଖିରୁ ଝରିଆସୁଥିବା ଲୁହକୁ କାନିରେ ପୋଛି ମେଘମାଳା କହିଲା...ତାଙ୍କ ପ୍ରୀତିର ସ୍ମୃତି ଏତେ ବିରାଟ ଦ୍ରୁମ ଯେ ମୋ ଛୋଟିଆ ପ୍ରେମ ତା' ତଳେ ନଗଣ୍ୟ ଚାରାଟିଏ ମାତ୍ର । ସେ ଛାଇ ତଳେ ମୋ ଭଲପାଇବା-ଚାରାର ଅପମୃତ୍ୟୁ ହେବ । ସେ ଅପମୃତ୍ୟୁର ଯନ୍ତ୍ରଣା ମୁଁ ସହିପାରିବି ନାହିଁ ।

ଶ୍ରୀକାନ୍ତ କହିଲା...ତୁ ଥରେ ତାଙ୍କ ପାଖକୁ ଯାଆ ଦିଦି । ମୁଁ ଭାବୁଚି, ଏକାଠି କିଛିଦିନ ରହିଲେ ତୁମ ଦୁଇଜଣଙ୍କର ମନ ଆକାଶରୁ ଅବୁଝାମଣାର ବାଦଲ ଦୂରେଇ ଯିବ । ସବୁ ଠିକ୍ ହେଇଯିବ ।

ମେଘମାଳା କହିଲା..ଏ ଚିନ୍ତାଧାରା ଯେବେ ତାଙ୍କ ମନକୁ ଆସେ ତା'ହେଲେ ସେ ନିଜେ ମୋ ପାଖକୁ ଆସିବେ । ତାହା ହିଁ ହେବ ମୋ ପ୍ରେମର ପ୍ରକୃତ ପରୀକ୍ଷା ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୭

ସକାଳର କଅଁଳ କିରଣ ଝରକା ବାଟେ ହାତ ବଢେଇ ମେଘମାଳାକୁ ଛୁଇଁବା ପୂର୍ବରୁ ସେ ଉଠି ପଡ଼ିଥିଲା । କିରଣର ଟିକିଏ ମନ ଦୁଃଖ ହେଲା, କାରଣ ଏ ସୁନ୍ଦରୀ ଝିଅଟିକୁ ସେ ଚୁମାଟିଏ ଦେବାପାଇଁ ଚାହୁଁ ଥିଲା । ଘଣ୍ଟାରେ ବାଜିଲାଣି ଛଅଟା । ମେଘମାଳା କାଲି ପ୍ରତିଜ୍ଞା କରି ଶୋଇଥିଲା ପାଞ୍ଚଟା ବେଳକୁ ଉଠିବ ବୋଲି । ନିଜକୁ ନିଜେ ଗାଳି ଦେଇ ମେଘମାଳା କହିଲା... କେଡେ ଅଳସେଇ ତୁ ହୁଣ୍ଡି ! କେତେ କାମ ପଡ଼ିଚି । ଫାର୍ମ ଆଡୁ ଫେରିଲେ ବିଜୟ ବୋଉଙ୍କର ପ୍ରତାପଗଡ଼ ଯିବାର ସବୁ ଆୟୋଜନ କରିବାକୁ ପଡ଼ିବ, ତାପରେ ସ୍କୁଲ ।

ଏକ ପ୍ରକାର ଖଟ ଉପରୁ ଡେଇଁ ପଡ଼ି ବ୍ରସ୍‌ରେ ପେଷ୍ଟ ଲଗେଇ ପାଟିରେ ମାଡ଼ିଦେଇ ଦଉଡିଲା ବେସିନ ପାଖକୁ । ଶଙ୍କି ବିଲେଇଟା ଅପେକ୍ଷା କରି ଥିଲା କବାଟ ଖୋଲୁ ଖୋଲୁ ଗୋଡ଼ରେ ଆସି ଛନ୍ଦି ହେବାପାଇଁ । ତାର ସକାଳୁ ସକାଳୁ ଦରକାର ଦୁଧଭାତ । ତଳୁ ଉଠେଇ ତାକୁ ଆଉଁସି ଦେଲା ମେଘମାଳା । ତା'ର ବି ଇଚ୍ଛା ମେଘମାଳାର କଅଁଳ ଗାଲକୁ ଟିକିଏ ଚାଟିଦବ । ତଳେ ତାକୁ ରଖି ଚାପୁଡାଟିଏ ଦେଇ ମେଘମାଳା କହିଲା..ଯା'ମ, ଗାଲକୁ ଚାଟୁଚି । ମନେ ମନେ ଭାବିଲା ମେଘମାଳା...ଯାହା ପାଇଁ ଏ ଗାଲ ତାଙ୍କର ତ ଦେଖାନାହିଁ ।

Source: Author, Digitized by PPRACHIN, SOA

ଚମ୍ପାଗଛ ଉପରେ ଚିହ୍ନା ପରିଚିତ ଶାରୀଟିଏ ଆସି ଡାକିଲାଣି..ମାଳା ମାଳା । ତା'ର ଦରକାର କଇଁଚି କାକୁଡିଟିଏ ନହେଲେ ଖଣ୍ଡେ ଜହ୍ନି ବା ଭେଣ୍ଡି ବା କାକୁଡ଼ି । ଏ ଅଭ୍ୟାସଟି ତା'ର ବିଗତ ଗୋଟିଏ ବର୍ଷର । ଥରେ ଗୋଟିଏ ଲୋକ ଶାରୀଟିଏ ବିକିବାକୁ ଆଣିଥିଲା । ମେଘମାଳା ଶାରୀଟିକୁ କିଣି ପଞ୍ଜୁରୀରୁ ଖୋଲିଦେଇ ଆକାଶରେ ଉଡ଼େଇ ଦେଇଥିଲା ସେତେବେଳେ । ତା' ପରଠାରୁ ସବୁବେଳେ ସକାଳେ ଆସି ଚମ୍ପା ଗଛରେ ବସେ ଶାରୀଟି । ତାକୁ ଦେଖି ବାବା କହନ୍ତି ..ମାଳା ତୋ ଶାରୀ ଆସିଲା । ବାବାଙ୍କ ଠାରୁ ଶୁଣି ଶୁଣି ଶାରିଟି ତା ନାଁ ମନେ ରଖିଚି । ବାବା ନଥିଲେ ବି ସକାଳୁ ଆସି ଡାକିବ... 'ମାଳା ମାଳା, ତୋ ଶାରୀ ଆସିଲା ।'

ବିଲେଇକୁ ଏବଂ ଶାରୀକୁ ଖାଇବାକୁ ଦେଇ ସବୁ କାମ ଶୀଘ୍ର ଶୀଘ୍ର ଶେଷକରି ମେଘମାଳା ବିଜୟର ବୋଉଙ୍କ ପାଖରେ ପହଞ୍ଚି କହିଲା...ବୋଉ,ଦଶଟା ବେଳ ବସ୍‌ରେ ମୁଁ ତୁମର ପ୍ରତାପଗଡ଼ ଯିବାର ବ୍ୟବସ୍ଥା କରୁଚି । ବାଟରେ ବସ୍ ବଦଳାଇବାକୁ ପଡ଼ିବ । ତେଣୁ ମୁଁ ତୁମକୁ ଏକା ଛାଡ଼ିବି ନାହିଁ । ଶ୍ରୀକାନ୍ତକୁ ଅନୁରୋଧ କରିବି ଯିବାପାଇଁ । ସେ ଯିବାରେ କିଛି ଅସୁବିଧା ହେଲେ, ବାବା ତ ଅଛନ୍ତି ଛାଡି ଦେଇ ଆସିବେ, ତମେ ବ୍ୟସ୍ତ ହୁଅନି ।

ବିଜୟ ବୋଉ କହିଲେ...ତୁ ଆସୁନୁ ମୋ ସାଙ୍ଗରେ ।

ମେଘମାଳା କହିଲା...ଏବେ ବହୁତ୍ କାମ ବୋଉ, ଯାଇ ପାରିବି ନାହିଁ । ତମେ ସେଠାରେ ପହଞ୍ଚି ସେଠାକାର ଭଲମନ୍ଦ ସଙ୍ଗେ ସଙ୍ଗେ ଫୋନରେ ଜଣାଇବ । ମୁଁ ଟିକିଏ ଫାର୍ମ ଆଡୁ ଆସୁଚି ।

ଫାର୍ମ ରେ ପହଞ୍ଚି ମେଘମାଳା ଦେଖିଲା ସକାଳୁ ସକାଳୁ ଶ୍ରୀକାନ୍ତ ଡିଉଟିରେ ଜଏନ କରିସାରିଛି । ଫାର୍ମର ଗେଟ୍ ପାଖରେ ଗୋଟିଏ ବିରାଟ ହୋର୍ଡିଙ୍ଗ୍ ଲଗେଇଚି ଶ୍ରୀକାନ୍ତ । ଲେଖା ଅଛି... ମେଘମାଳା ଏଗ୍ରିକଲ୍‌ଚର୍ ଫାର୍ମ, ପ୍ରୋ: ମେଘମାଳା ମହାପାତ୍ର; ମ୍ୟାନେଜର: ଶ୍ରୀକାନ୍ତ ପ୍ରଧାନ ।

ବୋର୍ଡଟି ଦେଖି ହସ ରୋକିପାରିଲା ନାହିଁ ମେଘମାଳା । ଫାର୍ମରେ କାମ କରୁଥିବା ଶ୍ରମିକଟିକୁ ପଚାରିଲା...ବୋର୍ଡ ଲଗେଇଥିବା ବାବୁ ଜଣକ କୁଆଡେ ଗଲେ ?

ଲୋକଟି କହିଲା...ସେଇ ପାହାଡ଼ ପାଖ ଝରଣା ଆଡ଼କୁ ଯାଇଛନ୍ତି ।

ଫାର୍ମ ଭିତର ଦେଇ ଝରଣା ଆଡ଼କୁ ଆଗେଇଲା ମେଘମାଳା । ଲିଚୁ ଆଉ କଲମୀ ଆମ୍ବର ବଗିଚା ଭିତରେ ଯାଉ ଯାଉ ଖୁସିରେ ପେଟ ପୂରି ଯାଉଥାଏ । ଗତ ପାଞ୍ଚ ବର୍ଷ ଭିତରେ କେତେ ଉନ୍ନତି ହେଇଚି ସତେ ବଗିଚାଟିରେ ! ଛୋଟ ଟୁବୁରି ମୁଣ୍ଡିଆ ତଳେ ଆମ୍ବ

Source: Author, Digitized by PPRACHIN, SOA

ଲେମ୍ବୁ ଲିଚୁ କଦଳୀ ଏବଂ ପନିପରିବାରେ ପରିପୂର୍ଣ୍ଣ ଏଇ ପାଞ୍ଚ ଏକର ପରିମିତ ବଗିଚାର ଗୋଟିଏ କୋଣରେ ଏକ ଏକର ପରିମିତ ପୋଖରୀଟିଏ ମାଛରେ ପୂର୍ଣ୍ଣ ହୋଇ ରହିଛି । ଚାରୋଟି ଜର୍ସି ଗାଈ ବିଶିଷ୍ଟ ଛୋଟିଆ ଡାଇରୀ ଫାର୍ମଟିଏ ମଧ୍ୟ ଅଛି ତା' ଭିତରେ । ପୋଖରୀର କଡ଼େକଡ଼େ ଡ୍ୱାର୍ଫ ଭେରାଇଟିର ନଡ଼ିଆ ଗଛଗୁଡ଼ିକ ଫଳରେ ପରିପୂର୍ଣ୍ଣ ହୋଇ ରହିଛନ୍ତି । କାନ୍ଧି କାନ୍ଧି କଦଳୀ ଝୁଲୁଛି ଗଛମାନଙ୍କରୁ ।

ପାହାଡ଼ ଉପରୁ କୁଳୁକୁଳୁ ନାଦରେ ବହି ଆସୁଥିବା ଝରଣାଟିଏ ଫାର୍ମକୁ ଛୁଇଁ ଦେଇ ଚାଲିଯାଇଛି । ପ୍ରକୃତିର ସବୁଜିମାରେ ପରିପୂର୍ଣ୍ଣ ଏଇ ବଗିଚାଟି । ଏଠାକୁ ଆସି ଦଣ୍ଡେ ବସିଗଲେ ପେଟ ପୂରିଯାଏ । ମନର ସବୁ ଦୁଃଖ ନିମିଷକେ ଦୂର ହୋଇଯାଏ । ମେଘମାଳା ଭୁଲିଯାଏ ଯେ ଏହା ବାହାରେ ଅନ୍ୟଏକ ପୃଥିବୀ ଅଛି । ସବୁ ସମ୍ଭବ ହୋଇପାରିଛି ବାବାଙ୍କ ଯୋଗୁଁ । ବାବାଙ୍କର ଏହି ତପସ୍ୟାର ପୂଜାରିଣୀ ମେଘମାଳାର ଏହାହିଁ ହେଉଛି ସ୍ୱପ୍ନର ବାସ୍ତବ ରୂପାୟନ ।

ମାଆଠାରୁ କ୍ଷୀର ପିଇସାରି କଅଁଳା ବାଛୁରୀଟିଏ ଡେଇଁ ଡେଇଁ ମେଘମାଳା ପାଖକୁ ଆସିଲା । ତାର ବେକ ତଳ କମଳକୁ ଆଉଁସି ଦେଇ ମେଘମାଳା ଗୁଲୁଗୁଲିଆ ବାଛୁରୀଟିର ମୁହଁରେ ଚୋକ ଦେଲା ।

ଶ୍ରୀକାନ୍ତକୁ ଭେଟିବାକୁ ଝରଣା ଆଡ଼କୁ ଗଲା ମେଘମାଳା । ସେତେବେଳେ ଶ୍ରୀକାନ୍ତ ହଜିଯାଇଥିଲା କେଉଁ ସୁଦୂର କଳ୍ପନା-ରାଜ୍ୟରେ । ଝରଣା କୂଳରେ ବସି ଗୁଣୁ ଗୁଣୁ ହୋଇ ଗୀତ ଗାଉଥିଲା ଶ୍ରୀକାନ୍ତ........... 'କୁଳୁ କୁଳୁ ଝରଣା, ସୁଲୁ ସୁଲୁ ପବନ, ମନରେ ନିଆଁ ଲାଗେ/ ନୂଆ ବୟସୀ ଦେଖିଲେ ତତେ କେମିତି କେମିତି ଲାଗେ ଲୋ.....କୁଳୁ କୁଳୁ ଝରଣା...

ମେଘମାଳାର ଉପସ୍ଥିତି ଜାଣି ପାରି ନଥିଲା ଶ୍ରୀକାନ୍ତ ।

ମେଘମାଳା ଗୀତ ଶୁଣି ହସି ଉଠିଲା । ତାକୁ ଦେଖି ଚମକି ପଡ଼ିଲା ଶ୍ରୀକାନ୍ତ ।

ମେଘମାଳା କହିଲା...ଭଲ ଗୀତ ତ ଗାଉଚୁ । କିଏ ତୋର ସେ ନୂଆ ବୟସୀ ଟିକେ ଶୁଣେ । ଜାଣିଲେ ସିନା ମୋ ଭାଇ ପାଇଁ ନୂଆ ବୟସୀ ଘରକୁ ପ୍ରସ୍ତାବ ପଠାଇବା ବ୍ୟବସ୍ଥା କରିବି ।

ସମ୍ପୂର୍ଣ୍ଣ ଲାଜେଇ ଗଲା ଶ୍ରୀକାନ୍ତ । କହିଲା.... ସେମିତି କିଛି ନାଇଁମ ଦିଦି । ଏ ସୁନ୍ଦର ପରିବେଶ ଦେଖି ଗୀତ ପଦେ ମନେପଡ଼ିଲା । ତୁ କେତେବେଲୁ ଆସି ମୋ ଗୀତ ଶୁଣୁଥିଲୁ ?

ମେଘମାଳା କହିଲା.. ନାଇଁରେ, ଏଇ ସାଙ୍ଗେ ସାଙ୍ଗେ ଆସିଲି ।

ତୁ ଯେଉଁ ବୋର୍ଡଟି ବନେଇଚୁ ଭାରି ବଢିଆ ହେଇଚି । କାଲି କେତେବେଳେ

Source: Author, Digitized by PPRACHIN, SOA

ତିଆରି କଲୁ ସେଇଟା ?

ଶ୍ରୀକାନ୍ତ କହିଲା...ତୋର ଏ ମ୍ୟାନେଜର କରିତ୍ କର୍ମା ଦିଦି । କାଲି ରାତି ଗୋଟାଏ ପର୍ଯ୍ୟନ୍ତ ବସି ବୋର୍ଡଟି ତିଆରି କରେଇଲି ।

ମେଘମାଳା କହିଲା...ହଉ ମୋ କରିତ୍‌କର୍ମା ଭାଇ, ମୋ ପାଇଁ ଆଉ ଗୋଟିଏ କାମ କରିଦେ । ଆଜି ବୋଉଙ୍କୁ ନେଇ ପ୍ରତାପଗଡ଼ରେ ଛାଡି ଦେଇ ଆସିବୁ । ବୁଢୀ ଲୋକ, ମୁଁ ତାଙ୍କୁ ଏକା ଯିବାକୁ ଦେବି ନାହିଁ ।

ଶ୍ରୀକାନ୍ତ କହିଲା... ଠିକ୍ ଯେ ଦିଦି, ହେଲେ ଏପଟ କାମ କିଏ ସମ୍ଭାଳିବ ?

ମେଘମାଳା କହିଲା...ତୁ ସେକଥା ଚିନ୍ତା କରେନା । ମୁଁ ସମ୍ଭାଳି ନେବି । ଆଉ କ'ଣ ଗୁରୁତ୍ୱପୂର୍ଣ୍ଣ କାମ ଥିଲା କି ତୋର ?

ଶ୍ରୀକାନ୍ତ କହିଲା... ନାଁ ମ ସେଇ ପ୍ରଣତିର ପ୍ରଶିକ୍ଷଣ କଥା ।

ମେଘମାଳା କହିଲା...ତୁ ତ ଦି'ଚାରି ଦିନରେ ଫେରିଆସିବୁ, ତା ଭିତରେ ଦରକାର ହେଲେ ମୁଁ ପ୍ରଣତି ସହିତ ବରଗଡ଼ ଯାଇ ତା'ର ପ୍ରଶିକ୍ଷଣ ବ୍ୟବସ୍ଥା କରିବି । ପ୍ରଣତି ପ୍ରଶିକ୍ଷଣ ପାଇଁ ଚାଲିଗଲେ ତା' ବୋଉଙ୍କୁ ଆଣି ଆମର ଏଇ ଫାର୍ମ ହାଉସ୍‌ରେ ରହିବାର ବ୍ୟବସ୍ଥା ମୁଁ କରି ଦେବି । ଏଠି ଆମର ଯେଉଁ ଜଗୁଆଳି ଶୁକୁରିଆ କାକା ଅଛନ୍ତି ଭାରି ଭଲ ମଣିଷ ସେ । ମାଉସୀଙ୍କର ଭଲ ମନ୍ଦ ସବୁ ଖିଆଲ ରଖିବେ ସିଏ । ମୁଁ ମଧ୍ୟ ସବୁଦିନ ସକାଳେ ସଞ୍ଜରେ ଆସି ମାଉସୀଙ୍କ କଥା ବୁଝି ଯାଉଥିବି ।

ଶ୍ରୀକାନ୍ତ କହିଲା...ତାର ସେ ପଳାତକ ପ୍ରେମିକ ବିଷୟରେ କିଛି ତ ସୂଚନା ମିଳିଲାନି ଦିଦି । କ'ଣ କରିବା ?

'କଣ ଆଉ କରିପାରିବା ଆମେ ? ଯାହା ତା ଭାଗ୍ୟରେ ଥିବ । ଅଶୋକ ବାବୁ କହୁଥିଲେ ସେ ପିଲାର ସନ୍ଧାନ ମିଳିଲେ ମଧ୍ୟ ତା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ କରିବାକୁ ଆମ ପାଖରେ କିଛି ପ୍ରମାଣ ନାହିଁ'...କହିଲା ମେଘମାଳା

କିଛି ସମୟ ନିରବ ରହି ଶ୍ରୀକାନ୍ତ କହିଲା...ଭାରି ଭଲ ପିଲାଟିଏ ପ୍ରଣତି । ତା' ଭାଗ୍ୟରେ ଏମିତି ଦୁଃଖ କ'ଣ ଚିରଦିନ ପାଇଁ ରହିବ ? ତା' ଭାଗ୍ୟ କ'ଣ ନିଜେ ସେ ବଦଳାଇ ପାରିବନି ? ସେ ଲଫଙ୍ଗାକୁ ଭୁଲି ଅନ୍ୟ କାହାକୁ ବାହା ହେଇ ଘରସଂସାର କରି ପାରିବନି ସିଏ ?

ମେଘମାଳା କହିଲା...ସେ ନିର୍ଣ୍ଣୟ ପ୍ରଣତି ନିଜେହିଁ ନେଇ ପାରିବ । ତାକୁ କେହି ବାଧ୍ୟ କରିପାରିବେ ନାହିଁ । ଗୋଟିଏ ଝିଅର ମନ କୌଣସି ମନ୍ଦିରର ଘଣ୍ଟା ନୁହେଁ ଯେ ଯିଏ ଯେତେବେଳେ ଆସିବ ବଜେଇ ଦେଇ ଚାଲିଯିବ ।

Source: Author, Digitized by PPRACHIN, SOA

କିଛି ନିରବତା ପରେ ମେଘମାଳା ପଚାରିଲା...ତତେ ସେ ଏ ବିଷୟରେ କିଛି କହୁଥିଲା କି ?

ଶ୍ରୀକାନ୍ତ କହିଲା...ଅଶୋକ ବାବୁ ଯେତେବେଳେ କହିଲେ ଯେ ସେହି ପଳାତକ ପ୍ରେମିକ ଧରାପଡ଼ିଲେ ମଧ୍ୟ ପ୍ରମାଣ ଅଭାବରୁ ସମ୍ପର୍କକୁ ପ୍ରତ୍ୟାଖ୍ୟାନ କରିପାରେ ସେତେବେଳେ ପ୍ରଣତି କହିଥିଲା......ଅଶୋକ ବାବୁ, ସେକଥା ମୁଁ ତା' ମୁହଁରୁ ଶୁଣିବାକୁ ଚାହେଁ । ଯେଉଁ ବ୍ୟକ୍ତି ମତେ ଏତେ ସ୍ୱପ୍ନ ଦେଖାଇଥିଲା ସେ ଯେବେ ମୋ ସାମ୍ନାରେ ସେହି ସ୍ୱପ୍ନର ଗଳା ଚିପି ହତ୍ୟା କରେ, ତାହେଲେ ମୁଁ ଅନ୍ତତଃ ସେହି ମୃତ ସ୍ୱପ୍ନ ପାଇଁ କିଛି ଶୋକ କରି ଭୁଲିଯିବାକୁ ଚେଷ୍ଟା କରିବି । ହଜି ଯାଇଥିବା ସ୍ୱପ୍ନ ପାଇଁ ଯେଉଁ ଅପେକ୍ଷା ତା'ର ଯନ୍ତ୍ରଣା ତ ସହିବାକୁ ପଡ଼ିବନି ।

ମେଘମାଳା କହିଲା... ଠିକ୍ କଥା । ସେ ପଳାତକ ପ୍ରେମିକକୁ କୌଣସି ପ୍ରକାର ଖୋଜି ବାହାର କରିବାକୁ ପଡ଼ିବ । ତା'ପରେ ପ୍ରଣତିର ଭବିଷ୍ୟତ ସେ ନିଜେ ନିର୍ଣ୍ଣୟ କରିବ ।

କିଛି ନିରବତା ପରେ ମେଘମାଳା କହିଲା... ମୁଁ ଦେଖୁଚି ଆଜିକାଲି ତୁ ପ୍ରଣତିର ବହୁତ ଖିଆଲ ରଖୁଚୁ ଆଉ ପ୍ରଶଂସା ବି କରୁଚୁ । ତା' ଆଡ଼କୁ ମନ ଢଳିଲାଣି କିରେ ?

ଶ୍ରୀକାନ୍ତ ହସି ଦେଇ କହିଲା...ଧେତ୍ ଦିଦି । ତୁ ଏମିତି କହିଲେ କେମିତି ହବ ? ତୁ କହିବା ଯୋଗୁଁ ମୁଁ ତାକୁ ସାହାଯ୍ୟ କରୁଚି । ଆଉ ପ୍ରଶଂସା କଥା ଯାହା କହିଲୁ ଯିଏ ପ୍ରଶଂସାଯୋଗ୍ୟ ତାକୁ ସମସ୍ତେ ତ ପ୍ରଶଂସା କରିବେ ।

ମେଘମାଳା କହିଲା...ହଉ ତୁ ଶୀଘ୍ର ବାହାରି ପଡେ ପ୍ରତାପଗଡ଼ ଯିବାପାଇଁ । ଦଶଟା ବେଳକୁ ବସ୍ ଅଛି । ବରଗଡ଼ରେ ଓହ୍ଲେଇ ପ୍ରତାପଗଡ଼କୁ ବସ୍ ଧରିବୁ । ପହଞ୍ଚୁ ପହଞ୍ଚୁ ସଞ୍ଜ ହେଇଯିବ । ସେଠାରେ ପହଞ୍ଚି ତୁ ମତେ ଫୋନ୍ କରିବୁ, ହେଲା ?

ଶ୍ରୀକାନ୍ତ ପଚାରିଲା... ବିଜୟ ଭାଇଙ୍କୁ ତୋ ବିଷୟରେ କ'ଣ କହିବି ଦିଦି ?

ମେଘମାଳା କହିଲା... କିଛି କହିବା ଆବଶ୍ୟକ ନାହିଁ । ତୁ ତ ଦେଖୁଚୁ ମୋ ଦୁନିଆଁ...ଏ ଫାର୍ମ, ସ୍କୁଲ, ଆଉ ବାବାଙ୍କ ଦାୟିତ୍ୱ ସହିତ ବିଜୟ-ବୋଉଙ୍କର ଦାୟିତ୍ୱ ; ବୃଦ୍ଧାଶ୍ରମଟିଏ ଖୋଲିବାର ଯୋଜନା ମଧ୍ୟ ଅଛି । ଏ ସବୁ ଛାଡ଼ି କୁଆଡେ ଯିବି ମୁଁ କହ ଶ୍ରୀକାନ୍ତ ! ଏଇ ହିଁ ମୋ ସ୍ୱପ୍ନ, ଏଇ ମୋର ଦୁନିଆଁ । ନିଜ ସ୍ୱାର୍ଥ ପାଇଁ ଏ ସ୍ୱପ୍ନର ତଣ୍ଟି ଚିପି ମୁଁ କୁଆଡ଼େ ବି ଯାଇପାରିବି ନାହିଁ ।

ବିଜୟ ଯଦି ମତେ ପ୍ରକୃତରେ ଭଲ ପାଉଥିବେ ସମିତାର ଅଧାଗଢ଼ା କୋଣାର୍କକୁ ସମ୍ପୂର୍ଣ୍ଣ କରି ମୋ ପାଖକୁ ଫେରିଆସିବେ । ଏଠାରେ ମଧ୍ୟ ଅଳ୍ପ ଦୂରରେ ତାଙ୍କର ପୈତୃକ

Source: Author, Digitized by PPRACHIN, SOA

ସମ୍ପତ୍ତି ସାତ ଏକର ଅଛି । ସେ ସବୁ ଆଗରୁ ବନ୍ଧା ପଡ଼ିଥିଲା, ଏବେ ମୁକୁଳା ହେଇଚି । କରିପାରିଲେ ସେଠାରେ ସୁନା ଫଳିବ । ସେ ଯଦି ଚାହିଁବେ ମୋ ପରିକଳ୍ପନା ସହିତ ନିଜ ପରିକଳ୍ପନାର ସାକାର ରୂପାୟନ ଏଠାରେ ମଧ୍ୟ ଦେଇ ପାରିବେ । ତାଙ୍କୁ ଯେବେ ଜନ୍ମମାଟିର ମୋହ ଆକର୍ଷଣ କରି ନପାରିବ, ତେବେ କୌଣସି ବାଧ୍ୟବାଧକତା କ'ଣ କରିପାରିବ ବୋଲି ତୁ ଭାବୁଛୁ ଶ୍ରୀକାନ୍ତ ?

ତାଙ୍କ ଜନ୍ମମାଟି, ତାଙ୍କ ଜନନୀ ଏବଂ ମୋ ଭଲପାଇବାର ଆକର୍ଷଣର ପ୍ରଭାବ ତାଙ୍କ ଉପରେ ପଡୁଛି ନାଁ ନାହିଁ ମୁଁ ଦେଖିବାପାଇଁ ଅପେକ୍ଷା କରିଛି । ମୋର ଆଉ ତାଙ୍କ ପଛରେ ଧାଇଁବାର ନାହିଁ । ଏବେ ପାଳି ତାଙ୍କର, ପରୀକ୍ଷା ତାଙ୍କ ପ୍ରେମର...ମୋ ପ୍ରେମର ପରୀକ୍ଷା ସରିଯାଇଛି ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୮

ଶ୍ରୀକାନ୍ତର ପ୍ରତାପଗଡ଼ ଯାତ୍ରା ବହୁତ କଷ୍ଟଦାୟକ କାମ ଥିଲା । ଛଅ ଘଣ୍ଟାର ବସ୍‌ଯାତ୍ରା । ବସରେ ବସି ବସି କ'ଣ ବା କରିବ, ଆପେ ଆପେ ବିଗତ କିଛି ଦିନର ଘଟଣାବଳୀ ମନ ଭିତରେ ଉଙ୍କି ମାରିଲା ଶ୍ରୀକାନ୍ତର । ପ୍ରଣତି ସହିତ, ଗତ କିଛିଦିନ ଧରି ବରଗଡ଼ ଯିବା ଆସିବା କରିବା ଭିତରେ, ସାନ୍ନିଧ ଯୋଗୁଁ ଅଜ୍ଞାତରେ କିପରି ଏକ ଆକର୍ଷଣର ବଳୟ ଭିତରକୁ ଟାଣି ହୋଇ ଚାଲିଯାଇଛି ସେ । ପ୍ରଣତିର ସୌନ୍ଦର୍ଯ୍ୟ, ବ୍ୟବହାର ଓ ଶାଳୀନତା ତାକୁ ମୁଗ୍ଧ କରିଛି । ହାତୀ ସାମାନ୍ୟ ଲୁହା ଶିଙ୍କୁଳିର ଇଚ୍ଛାକୃତ ବଶ୍ୟତା ସ୍ୱୀକାର କରିବା ଭଳି ତା'ର ଯୁବକସୁଲଭ ମନ ପ୍ରଣତିର ନାକ ଗୁଣାରେ ବିନା ପ୍ରତିରୋଧରେ ବାନ୍ଧି ହୋଇ ସତେ ଅବା ଅଟକିଯାଇଛି !

ମନେ ମନେ ହସିଲା ଶ୍ରୀକାନ୍ତ । କବି ସତ କଥା କହିଛନ୍ତି... ରମଣୀ ଅପାଙ୍ଗ ଲୀଳା ବିଲୋଳ ଦୃଷ୍ଟିରେ/ ତୁଚ୍ଛ ତୁଳା ପରି ଉଡ଼ିଗଲେ ମହାବୀରେ !

ପ୍ରଣତି ପ୍ରତି ତା'ର ଆକର୍ଷଣର ପରିଣତି କଣ ହେବ ସେ ଜାଣେନା କିନ୍ତୁ କେମିତି ଅଟକେଇବ ସେ ତାର ଯୁବକସୁଲଭ ମନକୁ ? କେମିତି ରୋକିବ ସେ ତା'ର ପ୍ରଣତି

Source: Author, Digitized by PPRACHIN, SOA

ପ୍ରତି ମନର ରୋମାଞ୍ଚ ଭରା ଆକର୍ଷଣକୁ ? ଆଜି ସକାଳେ ମେଘମାଳା ତା' ମନର ଚୋରକୁ ଠିକ୍ ଧରି ପାରି ପଚାରିଥିଲା... ତୋର ମନ କଣ ପ୍ରଣତି ଆଡ଼କୁ ଢଳିଗଲାଣି କିରେ ?

ମେଘମାଳା ଆଗରେ ସିନା ଗାଲୁ ମାରିଦେଲା, ନିଜେ ନିଜକୁ ପ୍ରଶ୍ନକରି ଏବେ ଶ୍ରୀକାନ୍ତ ଯେଉଁ ଉତ୍ତର ପାଉଛି ତାହା ପ୍ରଣତି ଜାଣିଲେ କ'ଣ ହେବ ତାର ପ୍ରତିକ୍ରିୟା କେଜାଣି ? ଜଣକଠାରୁ ଧୋକା ଖାଇବା ପରେ ପ୍ରଣତି କାହିଁକି ଶ୍ରୀକାନ୍ତକୁ ଭଲପାଇ ବସିବ ? ମେଘମାଳା ସତ କହିଥିଲା...ଝିଅପିଲାର ମନ ମନ୍ଦିରର ଘଣ୍ଟା ନୁହେଁ ଯେ ଯେ କେହି ବଜେଇ ଦେଇ ଚାଲିଯିବ । ପ୍ରଣତି ଯେଉଁ ପରିସ୍ଥିତି ଭିତରେ ଗତି କରୁଛି, ତା ହୃଦୟ ବଗିଚାରୁ ପ୍ରେମ ନାମକ ଫୁଲଗଛଟି ମଉଳି ଗଲା ଭଳି ଜଣାଯାଉଛି ।

ଏ ସବୁ ଚିନ୍ତାର ଶେଷ ହିଁ ନଥାଏ । ପ୍ରଣତି ବିଷୟରେ ଯେତେ ଚିନ୍ତା କରୁଥାଏ ଶ୍ରୀକାନ୍ତକୁ ସେତେ ଭଲ ଲାଗୁଥାଏ । ପରିଣତି କଥା ଚିନ୍ତା କରି ବିଷାଦ ଆସୁଥାଏ ମନରେ । ଏଇତ ପ୍ରେମର ଖଟାମିଠା ଅନୁଭବ ! ଅନିଶ୍ଚିତ ପରିଣତି କଥା ଚିନ୍ତା କରି ଦୀର୍ଘନିଃଶ୍ୱାସ ପକାଇଲା ଶ୍ରୀକାନ୍ତ; ଭାବିଲା...ଯାହା ହେବାର ଥିବ ହେବ ।

ବସ୍ ଦିନ ଚାରିଟା ବେଳକୁ ପହଞ୍ଚିଲା ପ୍ରତାପଗଡ଼ରେ । ଆଗରୁ ବିଜୟକୁ ଫୋନ୍ କରି ଜଣାଇ ଦେଇଥିଲା ଶ୍ରୀକାନ୍ତ । ବିଜୟ ବସ୍‌ଷ୍ଟାଣ୍ଡକୁ ଆସିଥିଲା ସେମାନଙ୍କୁ ନେବାପାଇଁ । ଘରେ ପହଞ୍ଚୁ ପହଞ୍ଚୁ ବିଜୟ-ବୋଉଙ୍କର କାନ୍ଦର ପାହାଡ଼ ଭୁଶୁଡ଼ି ପଡ଼ିଲା । ବିଜୟ ଯେତେ ସାନ୍ତ୍ୱନା ଦେଲେ ମଧ୍ୟ ଲୁହ ଶୁଖୁ ନଥାଏ ଆଖିରୁ । ଅଭିଯୋଗ ପରେ ଅଭିଯୋଗ; କହିଲେ.. କାହିଁକି ତୋ ଜୀବନରେ ଘଟିଯାଇଥିବା ଏତେ ବଡ଼ ଘଟଣା ଓ ଦୁର୍ଘଟଣାକୁ ତୁ ମୋ ପାଖରେ ଲୁଚେଇ ରଖିଥିଲୁ ?

ସବୁ ଅଭିମାନ ଓ ଅଭିଯୋଗ ଶୁଣିବାପରେ, ବୋଉଙ୍କ ପାଦ ତଳେ ପଡ଼ିଯାଇ ବିଜୟ କହିଲା...ବଡ଼ ଭୁଲ୍ ହେଇଯାଇଛି ମୋର ବୋଉ । ସେଥିପାଇଁ ତୁ ମତେ କ୍ଷମା କରିଦେବୁ ବୋଲି ମୋର ବିଶ୍ୱାସ ।

ବିଜୟର ବୋଉ କହିଲେ... ମୁଁ ସିନା ତତେ କ୍ଷମା କରିଦେବି ? ମେଘମାଳା ଠାରୁ କେଉଁ ମୁହଁରେ ତୁ କ୍ଷମା ମାଗିବୁ ? ତା' ପାଖରେ ଯେଉଁ ଅପରାଧ ତୁ କରିଛୁ, ତା'ଆଗରେ ଠିଆ ହେବାର ସତ୍‌ସାହସ ତୋର ଅଛି ତ ? ଆଜିଯାଏଁ ତତେ ସେ ଦେବତା ଆସନରେ ବସେଇଥିଲା । ଦିନ ରାତି ତୋ ନାଁ'କୁ ଜପାମାଳି କରିଥିଲା । ତା' ମନରେ ଧାରଣା ଥିଲା ଯେ ତୁ ତାକୁ ନିବିଡ଼ ଭାବରେ ଭଲପାଉ । କିନ୍ତୁ ତୁ ତାକୁ ତୋର ସମିତା ସହିତ ସମ୍ପର୍କର ତିଳେ ମାତ୍ର ସୂଚନା ଦେଲୁନାହିଁ । ତୋ ଜୀବନରେ ପ୍ରତାପଗଡ଼ରେ ଏତେ ବଡ଼

Source: Author, Digitized by PPRACHIN, SOA

ଝଡ଼ ବହିଗଲା, ତତେ ବିଷ ଦେଇ ମାରିଦେବାର ଷଡ଼ଯନ୍ତ ହୋଇଥିଲା, ତାର ମଧ ଆଭାସ ଦେଲୁ ନାହିଁ । ଶେଷରେ ଡାଏରୀ ପୃଷ୍ଠାରେ ସବୁ ଲେଖି ତା ପାଖରେ ଥୋଇଦେଇ ଆସିଲୁ ଏବଂ ତାକୁ ତା' ମନପସନ୍ଦ ଜୀବନସାଥୀ ବାଛି ନେବାପାଇଁ କହିଲୁ ! ଏମିତି କିଏ କରେ ?

ମନର କଣ୍ଢେଇଟି ତା'ର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଏତେ ହସଖୁସିର ଝିଅଟା ସ୍ଥାଣୁ ପାଲଟିଯାଇଛି । ଭଲପାଇବା ପ୍ରତି ସବୁ ବିଶ୍ୱାସ ତୁଟି ଯାଇଛି ତା'ର ।

ବିଜୟ କହିଲା... ମୁଁ ଆଉ କ'ଣ କରିଥାନ୍ତି ବୋଉ । ମନ ଉପରେ ମୋର ଜୋର୍ ଚ଼ଳିଲାନି, ସମିତାକୁ ଭଲ ପାଇ ବସିଲି । ଜାଣୁଥିଲି ମେଘମାଳା ପ୍ରତି ଅନ୍ୟାୟ କରୁଛି କିନ୍ତୁ ନିଜକୁ ଅଟକାଇ ପାରିଲିନାହିଁ । ସମିତା ସହିତ ମୋର ସମ୍ପର୍କ ବିଷୟରେ କିପରି ମୁଁ ମେଘମାଳାକୁ କହି ତା'ର ମନରେ ଦୁଃଖ ଦେଇଥାନ୍ତି ? ତତେ ଜଣାଇ କେମିତି ତୋ ମନକୁ ଆଘାତ ଦେଇଥାନ୍ତି ବୋଉ ? ମେଘମାଳାକୁ ବୋହୂ କରିବାର ଯେଉଁ ଆଶା ବଲ୍ଲରୀ ତୋ ମନରେ ବହୁଦିନ ଧରି ପଲ୍ଲବିତ ହୋଇ ରହିଛି ତାକୁ କିପରି ଉପାଡ଼ି ଫିଙ୍ଗି ଦେଇଥାନ୍ତି କହ ତ ?

କିଛି ନିରବତା ପରେ ବିଜୟ କହିଲା... ପ୍ରତାପଗଡ଼ରେ ମୋ ଉପରେ ଯେଉଁ ମରଣାନ୍ତକ ଷଡ଼ଯନ୍ତ ହୋଇଥିଲା ତାହା କହି ତୁମମାନଙ୍କ ମନରେ ଦୁଃଖ ଆଉ ବ୍ୟଗ୍ରତା ସୃଷ୍ଟି କରିବାକୁ ସେତେବେଳେ ମୁଁ ଚ଼ାହୁଁ ନଥିଲି । ସେଥିପାଇଁ କହି ନଥିଲି ।

ଶ୍ରୀକାନ୍ତ କହିଲା... ବିଜୟ ଭାଇ, ତମେ ଦିଦିକୁ କହିଲ ଯେ ସେ ତା'ର ଜୀବନସାଥୀ ବାଛିନେଇ ଘର ସଂସାର କରୁ; ତାହା ତା ମନରେ ଗଭୀର ଆଘାତ ଦେଇଛି । ତା' ମନ ଭିତରୁ ସବୁ ସମ୍ବେଦନଶୀଳତାକୁ ସୁପ୍ତ କରିଦେଇଛି ।

ବିଜୟର ବୋଉ କହିଲେ...ବିଜୁ, ତୁ ହିଁ ତା' ଓଠରେ ହସ ଫେରାଇ ଆଣିପାରିବୁ । ତତେ ଗାଁକୁ ଫେରିଯିବାକୁ ପଡ଼ିବ ।

ବିଜୟ କହିଲା... କିନ୍ତୁ ଏସବୁ ଛାଡ଼ି ମୁଁ ଯିବି କୁଆଡ଼େ ! ଚ଼ମ୍ପାଝରେ କାମ ସମ୍ପୂର୍ଣ୍ଣ ହୋଇନାହିଁ । ଅନେକ କେନାଲ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ସମିତା ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗଠନ କରି ଥିଲା ସେଗୁଡ଼ିକର ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚ଼ାଲୁ ରହିଛି । ସମିତା ଯେଉଁ ଉନ୍ନୟନ ଟ୍ରଷ୍ଟ ଗଢ଼ିଥିଲା ସେଥିରେ, ଜଣେ ଟ୍ରଷ୍ଟି ଭାବରେ ମୋର ଅନେକ ଗୁରୁ ଦାୟିତ୍ୱ ରହିଛି । ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର୍ ସେହି ଟ୍ରଷ୍ଟର ମୂଖ୍ୟ ଟ୍ରଷ୍ଟି ହେବାକଥା । ତାହା ହୋଇ ନଥିବାରୁ, ମୋ ଅନୁପସ୍ଥିତିରେ ଟ୍ରଷ୍ଟର ଅର୍ଥ ତୋଷରପାତ ହେବାର ସମ୍ଭାବନା ଅଧିକ । ଆଗକୁ ବିଧାନସଭା ନିର୍ବାଚ଼ନ ଅଛି । ଏଠାରେ

Source: Author, Digitized by PPRACHIN, SOA

ମଳୟେନ୍ଦୁ ନାମକ ଗୋଟାଏ ଗୁଣ୍ଡା ନିର୍ବାଚନରେ ଜିତି ବିଧାୟକ ହୋଇ ସମିତା କରି ଯାଇଥିବା ସବୁ ଉନ୍ନୟନମୂଳକ କାମକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କରିବା ମତଲବରେ ଅଛି । ତା' ବିରୋଧରେ ଭଲ ପ୍ରାର୍ଥୀ ଜଣକୁ ଠିଆ କରାଇ ଜିତାଇବାକୁ ପଡ଼ିବ । ଏ ସମସ୍ତ କାମ ଶେଷ ନକରି ମୁଁ ତୁଳସୀପୁର କିପରି ଚାଲିଯିବି ବୋଉ ?

ବିଜୟର ବୋଉ ବ୍ୟସ୍ତ ହୋଇ ପଡ଼ିଲେ । କହିଲେ...ତୁ ଖାଲି ପ୍ରତାପଗଡ଼ ପାଇଁ ତୋ କର୍ତ୍ତବ୍ୟ କଥା ଚିନ୍ତା କରୁଥା,ଆମ ପ୍ରତି ତୋର କ'ଣ କିଛି କର୍ତ୍ତବ୍ୟ ନାହିଁ ? ଜନ୍ମମାଟି ପାଇଁ ନାହିଁ ? ତୋ ମନରେ ମେଘମାଳା ପ୍ରତି କିଛି ଭାବନା ନାହିଁ ?

ବିଜୟ କହିଲା...ମୋ ସୁନା ବୋଉ, ତୁ ରାଗେନା, ମୁଁ ଏସବୁ କାମ ଶେଷ କରି ଅତି ଶୀଘ୍ର ଗାଁ କୁ ଆସିବି । ମେଘମାଳାକୁ ସବୁ ବୁଝେଇ ଦେବି । ବୁଝିବା ପିଲା ସିଏ, ନିଶ୍ଚୟ ବୁଝିଯିବ ।.

ଶ୍ରୀକାନ୍ତ କହିଲା...ମାଳା ଦିଦିକୁ ତମେ କଣ ବୁଝେଇବ ବିଜୟ ଭାଇ ? ତମେ ତାକୁ ସତରେ ଯେବେ ଭଲ ପାଅ ତାହେଲେ ସେ ବିଶ୍ୱାସ ତା' ମନରେ ତୁମକୁ ସୃଷ୍ଟି କରିବାକୁ ପଡ଼ିବ, କାରଣ ତୁମର ସମସ୍ତ କାର୍ଯ୍ୟ ତା'ର ସେ ବିଶ୍ୱାସର ନିର୍ମମ ହତ୍ୟା କରିସାରିଛି ।

ବିଜୟ ବୋଉ କହିଲେ.. ମୁଁ ତତେ ଗୋଟାଏ କଥା ସ୍ପଷ୍ଟ ଭାବରେ ପଚାରୁଛି ବିଜୁ, ତୁ ମେଘମାଳାକୁ ବାହା ହେବୁ ନା ଅନ୍ୟ କେଉଁଠାରେ ଠିକ୍ କରିଚୁ ?

ବିଜୟ କହିଲା...କି କଥା କହୁଚୁ ବୋଉ ?ତୁମ ଦୁଇ ଜଣଙ୍କ ଛଡ଼ା କିଏ ଆଉ ଅଛି ମୋ ଜୀବନରେ ? ତୋ କଥା ମୁଁ କେବେ ଅନ୍ୟଥା କରିବି ବୋଲି ତୁ ଭାବୁଛୁ ?

'ତା ହେଲେ ତତେ ଗାଁକୁ ଆସି ମେଘମାଳା ମନରେ ସେ ପ୍ରତ୍ୟୟ ସୃଷ୍ଟି କରିବାକୁ ପଡ଼ିବ', ବିଜୟର ବୋଉ କହିଲେ ।

ବିଜୟ କହିଲା...ଦେଖ୍ ବୋଉ, ପ୍ରତାପଗଡ଼ରେ ସବୁ କାମ ବାଟକୁ ଆସିଯିବା ପରେ ମୁଁ ଗାଁକୁ ଯାଇ ତତେ ଆଉ ମେଘମାଳାକୁ ପାଖକୁ ନେଇ ଆସିବି ।

ବିଜୟର ବୋଉ କହିଲେ...ତୁ କ'ଣ ଭାବୁଚୁ ମେଘମାଳା ତା ସ୍କୁଲ୍, ଫାର୍ମ, ବାବାଙ୍କୁ ଛାଡ଼ି ତୋ ପାଖକୁ ଡାକିଦେଲେ ଚାଲି ଆସିରହିବ ? ମେଘମାଳା କ'ଣ ଗାଈ ନା ଛେଳି ଯେ ତୁ ତାକୁ ଆଣି ଗୁହାଳରେ ବାନ୍ଧି ଦବୁ ଆଉ ତା ଉପରେ ମାଲିକାନା ଜାହିର୍ କରିବୁ ? ସେ ଏକ ଶିକ୍ଷିତା ସ୍ୱାଧୀନଚେତା ସମ୍ବେଦନଶୀଳା ଝିଅ । ତୁ ଯେବେ ବାସ୍ତବରେ ମେଘମାଳାକୁ ତୋ ଜୀବନର ଅଭିନ୍ନ ଅଙ୍ଗ କରିବାକୁ ଚାହୁଁ ତା ହେଲେ ତତେ ତା ମନକୁ ଜିଣିବାକୁ ହେବ । ହୃଦୟର ସବୁଠାରୁ ସମ୍ବେଦନଶୀଳ ତନ୍ତ୍ରୀକୁ ସ୍ପର୍ଶ କରିବାକୁ ହେବ ।

ବିବାହ ଖାଲି ଦୁଇଟି ଜୀବନର ବନ୍ଧନ ନୁହେଁ, ଦୁଇଟି ଭାବନାର ବନ୍ଧନ ମଧ୍ୟ; ଦୁଇ

Source: Author, Digitized by PPRACHIN, SOA

ଜଣଙ୍କର ଜୀବନ-ଆଦର୍ଶ ଭିତରେ ଏକ ରାଜିନାମାର ପବିତ୍ର ସ୍ୱାକ୍ଷରର ଅନ୍ୟନାମ ବିବାହ । ମୁଁ ଚାହେଁ ନାହିଁ ସେ ସ୍ୱାକ୍ଷର ବିନା ତୁମ ଦୁହିଁଙ୍କୁ କୌଣସି ବନ୍ଧନରେ ବାନ୍ଧିବାକୁ ।

ମୁଁ ତାକୁ ମୋ ଝିଅ ଠାରୁ ବଳି ଭଲପାଏ । ତୋର ଉପରଠାଉରିଆ ଭଲପାଇବା ଦେଖି ମୁଁ ତାକୁ ତୋ ସହିତ ଯୋଡ଼ିପାରିବି ନାହିଁ ବିଜୟ । ବାହାଘର ପରେ ତୁ ଏଠାରେ କର୍ମଯୋଗ କରୁଥିବୁ ଆଉ ମେଘମାଳା ସେଠାରେ ଆକାଶର ତାରା ଗଣୁଥିବ, ତାହା କଣ ସମ୍ଭବ ? ତାକୁ ବାହା ହବା ପାଇଁ ଅନେକ ଭଲ ପ୍ରସ୍ତାବ ଆସୁଛି । ତହସିଲଦାର ଅଶୋକ ବାବୁ ମଧ୍ୟ ତାର ସମ୍ମତିକୁ ଅପେକ୍ଷା କରି ବସିଛନ୍ତି । ଏ ବିଷୟରେ ତୁ ଭଲ ଭାବରେ ଚିନ୍ତା କରି ନିଷ୍ପତ୍ତି ନେ ବିଜୟ । ତୋର ଗୋଟିଏ ଭୁଲ୍ ପାଇଁ, ହାତପାଆନ୍ତାରେ ଥାଇ ମଧ୍ୟ ମେଘମାଳା ତୋ ପାଇଁ ଦୂର ଆକାଶର ଜହ୍ନ ହୋଇ ରହି ନଯାଉ ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୩୯

ପ୍ରଣତିକୁ ବୈଷୟିକ ପ୍ରଶିକ୍ଷଣ ପାଇଁ ବରଗଡ ପଠାଇ ଦେଇ ମେଘମାଳା ତା' ବୋଉଙ୍କୁ ଫାର୍ମହାଉସ୍‌କୁ ନେଇ ଆସିଛି। ପ୍ରଣତି ପାଖରେ ଥିଲେ କିଛି ଅସୁବିଧା ନଥିଲା। ଏବେ ତା' ବୋଉ ଏକା ରହିବା ମୁସ୍କିଲ୍। କାଲି ତାଙ୍କୁ ଫାର୍ମହାଉସ୍‌ରେ ଛାଡ଼ିବା ସମୟରେ, ମେଘମାଳା ଜଗୁଆଳି ଶୁକୁରିଆ କାକାଙ୍କୁ କହି ଆସିଥିଲା ମାଉସୀଙ୍କର ସବୁ ଭଲମନ୍ଦ ବୁଝିବା ପାଇଁ। ତଥାପି ମନ ମାନୁନଥିଲା ତାର। ବୁଢୀ ମଣିଷ। ଫାର୍ମରେ ଏକା ରହିବା ତାଙ୍କୁ ନିର୍ବାସନ ଦଣ୍ଡ ଭଳି ଲାଗୁଥିବ। ବାର୍ଦ୍ଧକ୍ୟ ମଣିଷକୁ କେତେ ଅସହାୟ କରି ଦିଏ ସତେ ! ଗରିବ ହେଉ ବା ଧନୀ, ନିଜର ଜୀବନସାଥୀଟି ଏକା ଛାଡ଼ିଦେଇ ଏ ସଂସାରରୁ ଚାଲିଯିବା ପରେ ସବୁ ଲାଗେ ଦୁର୍ବିସହ, ସବୁ ଅନ୍ଧକାରମୟ।

ମାଉସୀଙ୍କର ଏ ସଂସାରରେ ଏକମାତ୍ର ଆଶ୍ରୟ ଝିଅ ପ୍ରଣତି, ବାର୍ଦ୍ଧକ୍ୟର ସେ ଏକମାତ୍ର ଆଶ୍ରାବାଡ଼ି। ସେ ପୁଣି ଆଜି ସଂଗ୍ରାମ କରୁଛି ପ୍ରତିକୂଳ ପରିସ୍ଥିତି ସହିତ। ସମୟର ଏ ଭୟଙ୍କର ଭଉଁରୀ ଭିତରୁ ଏହି ଅଭାଗିନୀ ମାଆଝିଅଙ୍କୁ ଉଦ୍ଧାର କରିବାକୁ ଅଣ୍ଟା ଭିଡିଛି ମେଘମାଳା।

Source: Author, Digitized by PPRACHIN, SOA

ସକାଳୁ ସକାଳୁ ବାହାରି ପଡ଼ିଲା ସେ ଫାର୍ମହାଉସ୍‌ରେ ମାଉସୀଙ୍କୁ ଭେଟିବା ପାଇଁ । ଫାର୍ମ ଗେଟ୍ ପାଖରେ ପହଞ୍ଚି ଦେଖିଲା ଲୋଳିତ ଚ଼ର୍ମ, ପାକୋଇ, ପତଳୀ ବୁଢ଼ୀଟିଏ ବସିଚ଼ି । ଆଖିରେ ଆଖିଏ ହତାଶା ; ମଇଳା ଚିରାଫଟା ଲୁଗାରେ ଦେହକୁ ଘୋଡ଼େଇବାକୁ ସେ ଅସଫଳ ପ୍ରୟାସ କରୁଛି । ଦେହରେ ଦି'ଖଣ୍ଡ ହାଡ଼ । ପିଠି ସହିତ ପେଟ ଲାଗିଯାଇଛି । ବୟସ ଆନୁମାନିକ ସତୁରୀ ବର୍ଷ । ଆଶ୍ରାବାଡ଼ି ବ୍ୟବହାର ନକଲେ ମଧ୍ୟ ନଇଁ ଯିବା ଅଣ୍ଟା ଜଣେଇ ଦଉଚ଼ି ବୟସର ମାଡ଼ କେତେ ସହିଚ଼ି ବିଚ଼ାରୀ ।

ମେଘମାଳାକୁ ଦେଖି ବୁଢ଼ୀ ପଚ଼ାରିଲା...ମାଆ,ଏଇଟା କ'ଣ ମେଘମାଳା ଦିଦିଙ୍କ ଫାରମ୍ ?

ମେଘମାଳା କହିଲା.. ହଁ, ମୁଁ ମେଘମାଳା, କିଛି କାମ ଥିଲା ମୋ ପାଖରେ ?

ବୁଢ଼ୀଟି କହିଲା... ହଁ ମା ଶୁଣୁଥିଲି ଫାରମ୍‌ରେ କାମ ମିଳୁଚ଼ି । କାମ କରି ଦି'ପଇସା ପାଇଲେ କିଛି ଖାଆନ୍ତି । ଦି'ଦିନ ହେଲା ପେଟରେ ଦାନା ପଡିନି ମା' । ପୁଅବୋହୂ ଘରୁ ତଡ଼ି ଦେଇଚ଼ନ୍ତି ସକାଳୁ । କହିଚ଼ନ୍ତି ମୂଲଲାଗି ଆଣିବୁ ତ ଘରୁକୁ ଆସିବୁ, ନହେଲେ ଘର ମାଡ଼ିଲେ ମାଡ଼ ।

ଭୋକିଲା ବୁଢ଼ୀଟିକୁ ଦେଖି ମେଘମାଳାର ଆଖିରୁ ଝରିଗଲା ଦି'ଟୋପା ଲୁହ । ପଚ଼ାରିଲା...ତମେ ଦିଦିନ ହେଲା କିଛି ଖାଇନ ମାଉସୀ !!

ବୁଢ଼ୀଟି ପିଠି ଦେଖେଇ କହିଲା... ହଁ ଖାଇଚ଼ି, ଦେଖୁନ ?

ମେଘମାଳା ଦେଖିଲା ପାଞ୍ଚଣ ପାହାରରେ ନୋଳା ଫାଟିଚ଼ି ପିଠି ସାରା ।

ପିଠି ଆଉଁସି ଦେଉ ଦେଉ ମେଘମାଳା ପଚ଼ାରିଲା...କିଏ ତମକୁ ଏମିତି ବାଡ଼େଇଚ଼ି ମାଉସୀ ?

ମେଘମାଳାର ହାତର ସ୍ପର୍ଶ ବୁଢ଼ୀର ହୃଦୟକୁ ଛୁଇଁଦେଲା । ଆଖିରୁ ବହିଗଲା ଅବାରିତ ଲୁହ । କାନ୍ଦି କାନ୍ଦି ବୁଢ଼ୀ କହିଲା.....ଆଉ କିଏ, ସେଇ ଆଣ୍ଡର ଝିଅ ମୋ ବୋହୂ ସବୁଦିନ ମତେ ବାଡୋଉଚ଼ି । ଗୋଟିଏ ବୋଲି ମୋର ପୁଅ ଯେ ତାକୁ କିମିଆ କରିଚ଼ି ସବାଖାଇ । ବୋହୂ ପିଟୁଥିବ, ପୁଅ ଉଁ କି ଚୁଁ କରିବନି, ମୁହଁ ବୁଲେଇ ପଳେଇବ ।

ମେଘମାଳା ପଚ଼ାରିଲା...ତମର ଗେରସ୍ତ ନାହାଁନ୍ତି ମାଉସୀ ?

ବୁଢ଼ୀ କହିଲା...ବୁଢ଼ା ମରିବାର ଆଠ ବରଷ ହେଲାଣି ଲୋ ମା' । ବୁଢ଼ା ଥିଲାବେଳେ ମତେ ଘରୁ ବାହାରକୁ ଗୋଡ଼ କାଢ଼ି ଯିବାକୁ ଦଉନଥିଲା । ଘରେ ରାଣୀ କରି ସଜେଇ ରଖିଥିଲା । ମଲା ବେଳେ ମତେ ହେଲେ ସାଙ୍ଗରେ ନେଇ ଯାଇଥାନ୍ତା, ଏତେ କଦର୍ଥନା ହଉନଥାନ୍ତି ଏ ବଅସରେ ।

Source: Author, Digitized by PPRACHIN, SOA

ବୁଢୀ ପିଠିରେ ପାଞ୍ଚଣର ନୋଳା ଦେଖି ହୃଦୟ ବିକଳି ଉଠିଲା ମେଘମାଳାର । ବୁଢୀକୁ ପଚାରିଲା... କାହିଁକି ତମର ବୋହୂ ପିଟୁଛି, କଣ ତମେ ଅପରାଧ କଲ କି ?

'ଅପରାଧ ଆଉ କ'ଣ ଲୋ ମାଆ, ମୁଁ କୁଆଡ଼ ? ବହୁତ ଖାଇଯାଉଚି । ଚଡେଇଟାକର ଖାଦ୍ୟ ମୋର, ମୁଁ କୁଆଡ଼େ ତାର ସବୁ ଖାଇଗଲି । କୁଆଡୁ ବାସି ଗନ୍ଧିଆ ବରା ଆଣି ଦେଲା ଯେ ପେଟ ଖରାପ ହେଇ ନୁଗାପଟାରେ ହେଇଗଲା । ସେଥିପାଇଁ ମୁଁ କ'ଣ କରିଥାନ୍ତି, ମାଡ଼ ଯେ କାହିଁରୁ କଣ ।

ବୁଢୀ ପୁଣି କହିଲା...ଶୁଣିବ ମାଆ, ବାଇରୁ କୋଶଳା ଶାଗ ଉପାଡ଼ି ମତେ କହିବା ଯା ଗାଁ ମୁଣ୍ଡ ଦୋଛକିରେ ବସି ବିକିବୁ । ମତେ ତ ଭଲ ଦୁଶୁନି(ଦିଶୁ ନାହିଁ)ସେ ଯୋଗିନୀଖିଆ କାଳିଆ ଷେଣ୍ଢଟା ଆସି ଅଧା ଟାଣିନେଲା । ମୁଁ ହ- ହ କଲାରୁ ଶିଙ୍ଗରେ ଠେଲି ଦେଲା ଯେ ମୋର ଚକିରୁ(ପିଚ୍ଛା)ଫାଳେ ଉଡ଼ିଗଲା । ଘରୁକୁ ଆଇଲି(ଆସିଲି), ମତେ ଆଉଁସା ଆଉଁସି ଟିକିଏ କରିବ କଣ, କାହିଁକି ଶାଗଯାକ ଷଣ୍ଢକୁ ଖୁଆଇଲୁ ବୋଲି ପାଞ୍ଚଣରେ ଗୋରୁଙ୍କୁ ବାଡ଼େଇଲା ଭଳି ବାଡେଇଚି ଦେଖୁନ । ପୁଅକୁ ଗୁହାରି କଲାରୁ ପୁଅ କହୁଚି.. ଯେମିତି ନୁହା(ଲୁହା)କୁ ସେମିତି ପାଣି ।

ମେଘମାଳା କହିଲା...ହଉ, ତମେ ଫାର୍ମ ଭିତରକୁ ଆସ । ଏ ଭିତରେ ଆମର ଘର ଅଛି । ତମେ ସେଠାରେ ରହିବ । ତମର ଖାଇବା ପିଇବା ବ୍ୟବସ୍ଥା ମୁଁ କରୁଚି ।

ବୁଢୀ କହିଲା... ନାଇଁ ଲୋ ମାଆ, ମୁଁ ଭିକାରୀ ନୁହଁ, କାମ ଦାମ କଣ ଅଛି ବତେଇଲେ ମୁଁ କରିଦେବି । ସେଥିପାଇଁ ପଛେ ମୁଠେ ଖାଇବାକୁ ଦବ ।

ବୁଢ଼ୀର ଆତ୍ମସମ୍ମାନ ଦେଖି ଭାବପ୍ରବଣ ହୋଇ ଉଠିଲା ମେଘମାଳା । ଭାବିଲା...ଏଇମାନେ ହେଉଛନ୍ତି ଆମ ସମାଜରେ ଅମୂଲ୍ୟ ରତ୍ନ । ଏମାନେ ଆମକୁ ଆତ୍ମସମ୍ମାନର ଯେଉଁ ପାଠ ପଢ଼ାନ୍ତି, ତାହା କୌଣସି ସ୍କୁଲ-କଲେଜରେ ବା ଧର୍ମଗୁରୁଙ୍କ ଠାରୁ ମଧ୍ୟ ଶୁଣିବାକୁ ମିଳେ ନାହିଁ ।

ମେଘମାଳା କହିଲା.. ଠିକ୍ ଅଛି ମାଉସୀ । ମୁଁ ତମ କଥାକୁ ସମ୍ମାନ ଦଉଚି । ମୁଁ ତମକୁ ଆଗେ କିଛି ଖାଇବାକୁ ଦେବି । ଦେହରେ ବଳ ପାଇଲେ ତମ ମନଖୁସିରେ ଏଇ ବଗିଚାରେ ଯେଉଁ କାମ ତମେ ପାରିବ କରିବ । ଆଜିଠାରୁ ଏଇ ବଗିଚା ହିଁ ତୁମର ଘର ।

ବୁଢୀକୁ ସାଙ୍ଗରେ ଧରି ଫାର୍ମ ଭିତରକୁ ଗଲା ମେଘମାଳା । ପ୍ରଣତିର ବୋଉ ମେଘମାଳାକୁ ଦେଖି ଖୁସି ହୋଇଗଲେ । କହିଲେ...ମାଆ ଲୋ କାଲିଠୁ ଏକା ଏକା ରହି ଏଠି ଭଲ ଲାଗୁନି ।

ମେଘମାଳା କହିଲା... ମାଉସୀ, ଦେଖ ତୁମ ସହିତ କଥାବାର୍ତ୍ତା କରିବାକୁ ମୁଁ ଆଉ

Source: Author, Digitized by PPRACHIN, SOA

ଜଣେ ମାଉସୀଙ୍କୁ ନେଇ ଆସିଛି । ତମର ସମୟ ଭଲରେ କଟିବ ଏଥର । ତମେ ଆଉ ବୋର୍ ହେବନାହିଁ । ମୁଁ ଘରକୁ ଯାଇ ଏଇ ମାଉସୀଙ୍କ ପାଇଁ କିଛି ଲୁଗାପଟା ପଠେଇ ଦଉଚି । ଆଜିଠାରୁ ସେ ଏଇଠି ରହିବେ ।

ମେଘମାଳା ଭାବିଲା...ତାର ପରିକଳ୍ପିତ ବୃଦ୍ଧାଶ୍ରମର ଅୟମାରମ୍ଭ ଆଜିଠାରୁ ହିଁ ହୋଇଗଲା ।

ମେଘମାଳାକୁ ବୃଦ୍ଧାଶ୍ରମ ପ୍ରତିଷ୍ଠା ଚିନ୍ତା ସାରାଦିନ ଘାରିଲା । ଭାବୁଥାଏ, କିଏ ତାକୁ ଏ ବିଷୟରେ ସାହାଯ୍ୟ କରିପାରିବ । ଯୋଗକୁ ଅଶୋକ ବାବୁଙ୍କର ଫୋନ୍ ଆସିଲା । ଅଶୋକ ବାବୁ କିଛି କହିବା ପୂର୍ବରୁ ମେଘମାଳା ପଚାରିଲା.. ସାର୍ ଗାଁ ଗଣ୍ଡାରେ, ପୁଅବୋହୂଙ୍କ ମାଡ଼ଗାଳି ଖାଇ ପଡିରହିଥିବା ଅସହାୟ ବୁଢ଼ାବୁଢୀଙ୍କ ପାଇଁ, ମୋ ଫାର୍ମ ଭିତରେ ମୁଁ ଗୋଟିଏ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବାକୁ ଚାହୁଁଛି । ସେଥିପାଇଁ କଣ କରିବାକୁ ହେବ ମତେ କିଛି ସୂଚନା ଦେଇ ପାରିବେ କି ?

ଅଶୋକ ବାବୁ କହିଲେ... ସେଥିପାଇଁ ଆପଣଙ୍କୁ ସୋସାଇଟି ଆକ୍ଟ'ରେ ରେଜିଷ୍ଟ୍ରେସନ୍ କରିବାକୁ ପଡ଼ିବ । ମୁଁ ଆପଣଙ୍କ ପାଖକୁ ଡାଉନ୍‌ଲୋଡ୍ କରି ରେଜିଷ୍ଟ୍ରେସନ୍ ଫର୍ମ ପଠାଇ ଦେଉଛି । ସବୁ ତଥ୍ୟ ସେଥିରେ ଭଲ ଭାବରେ ପୂରଣ କରି ମୋ ପାଖକୁ ପଠାଇ ଦେବେ । ତା'ପରବର୍ତ୍ତୀ କାମ ମୋ ଉପରେ ଛାଡ଼ି ଦିଅନ୍ତୁ ।

ଏଭଳି ଆଶ୍ରମରେ କ୍ରମାଗତ ଭାବରେ ଅନ୍ତେବାସୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିହାତି ଗୁରୁତ୍ୱପୂର୍ଣ୍ଣ । ମୁଁ ଆପଣଙ୍କୁ ଦୁଇ ତିନି ଜଣ ଡାକ୍ତର ବନ୍ଧୁଙ୍କର ଠିକଣା ଦେବି । ସେମାନେ କୌଣସି ଫିସ୍ ନନେଇ ହୋମ୍‌ରେ ଥିବା ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ମାସରେ ଦୁଇ ତିନି ଥର ଯାଇ କରିବେ ।

ଏହା ବ୍ୟତୀତ ହୋମ୍ ପାଇଁ ଯାହା କିଛି ସରକାରୀ ସାହାଯ୍ୟ ବା ଅନୁଦାନ ପାଇବା କଥା ସମୟ କ୍ରମେ ତାହା ଆପଣ ପାଇ ପାରିବେ । କିନ୍ତୁ ଏସବୁ କାମ ସହଜ ନୁହେଁ । ଜଣକୁ ପୂରା ସମୟ ଏହି କାମରେ ବ୍ୟସ୍ତ ରହିବାକୁ ପଡ଼ିବ । ସ୍କୁଲ୍ କାମ ସହିତ ଏହି କାମ କରିବା କଷ୍ଟସାଧ ହେବ ମେଘମାଳା ।

ମେଘମାଳା କହିଲା... ସାର୍ ଶ୍ରୀକାନ୍ତକୁ ମୁଁ ଫାର୍ମରେ ମ୍ୟାନେଜର୍ ଭାବରେ ଦାୟିତ୍ୱ ଦେଇସାରିଛି । ଯେହେତୁ ବୃଦ୍ଧାଶ୍ରମଟି ଫାର୍ମ ଭିତରେ ହେବ, ଶ୍ରୀକାନ୍ତ ସେ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ପାରିବ ବୋଲି ମୋର ବିଶ୍ୱାସ ।

ଅଶୋକ ବାବୁ କହିଲେ...ତା ହେଲେ ତ ଆଉ ଚିନ୍ତା ନାହିଁ । ଆପଣ ପ୍ରକୃତରେ ସମାଜ ପାଇଁ ବହୁତ୍ ଭଲ କାମ କରୁଛନ୍ତି ।

Source: Author, Digitized by PPRACHIN, SOA

ମେଘମାଳା କହିଲା...ସାର୍, ମୁଁ ଦେଖୁଚି଼ ଆପଣ ଏ ଭିତରେ ମତେ ଦଶଥର 'ଆପଣ' ବୋଲି ସମ୍ବୋଧନ କରି ସାରିଲେଣି । କେବେଠାରୁ ମୁଁ 'ଆପଣ'ରେ ପରିଣତ ହେଇଗଲି ଦୟାକରି ଜଣାଇବେ କି ?

ଅଶୋକ ବାବୁ ହସି ହସି କହିଲେ...ଯେ ପର୍ଯ୍ୟନ୍ତ 'ତମେ' ବୋଲି ସମ୍ବୋଧନ କରିବାର ଲାଇସେନ୍ସ ନଦେଇଚ଼ ସେ ପର୍ଯ୍ୟନ୍ତ 'ଆପଣ' ବୋଲି ଶୁଣୁଥିବ ।

କଥାଟା ତୀର ହୋଇ ତୀର୍ଯ୍ୟକ୍ ଭାବରେ ଏପରି ଫେରି ଆସିବ ବୋଲି ମେଘମାଳା ଆଶା କରି ନଥିଲା । କଥାର ମୋଡ଼ ବଦଳାଇ ମେଘମାଳା କହିଲା... ହଁ ସାର୍, କାହିଁକି ଫୋନ୍ କରିଥିଲେ ?

ଅଶୋକ ବାବୁ କହିଲେ..'ମାଳା, ଏସ୍.ପି. ଫୋନ୍ କରି କହୁଥିଲେ ସେ କୁଆଡ଼େ ପ୍ରଣତିର ପ୍ରେମିକକୁ ଧରିଛନ୍ତି । ସେ କହୁଛି ସେ ବିବାହିତ ଏବଂ ଗୋଟିଏ କନ୍ୟା ସନ୍ତାନର ବାପ । ତା'ର ପ୍ରଣତି ସହିତ କୌଣସି ସମ୍ପର୍କ ନାହିଁ । ପ୍ରଣତି ସହିତ ତା'ର ବିବାହ ସମ୍ବନ୍ଧରେ ଆମ ପାଖରେ କିଛି ପ୍ରମାଣ ନାହିଁ । ତେଣୁ ତାକୁ ଅଟକେଇ ଆଉ କ'ଣ ଲାଭ ବୋଲି ଏସ୍.ପି. ପଚାରୁଛନ୍ତି ।

ମେଘମାଳା କହିଲା...ସାର୍, ପ୍ରଣତି ସହିତ ସେ ପିଲାର ମୁହାଁମୁହିଁ କଥାବାର୍ତ୍ତା କରାଇବା ନିହାତି ଦରକାର । ତା'ଦ୍ୱାରା ପ୍ରଣତି ମୃଗତୃଷ୍ଣା ପଛରେ ନଗୋଡ଼େଇ କିଛି ଗୋଟାଏ ନିଷ୍ପତ୍ତି ନେବ । ଆପଣ ଏସ୍.ପି.ଙ୍କୁ କହି ସେ ଦୁଇଜଣଙ୍କର ମୁହାଁମୁହିଁ କଥାବାର୍ତ୍ତା ପାଇଁ ବ୍ୟବସ୍ଥା କରନ୍ତୁ । ସେଦିନ ମୁଁ ମଧ୍ୟ ସେଠାରେ ଉପସ୍ଥିତ ରହିବି ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୦

ବିଜୟକୁ ହଠାତ୍ ଚିନ୍ତା ମାଡ଼ି ବସିଲା । କାର୍ଯ୍ୟବ୍ୟସ୍ତତା ଭିତରେ ସେ ଚିନ୍ତା କରିପାରି ନଥିଲା ମେଘମାଳା କଥା । ଭାବି ପାରିନଥିଲା ମେଘମାଳା କେଉଁ ଭଳି ମାନସିକ ସ୍ଥିତି ଭିତରେ ଗତି କରୁଥିବ । ବୋଉ ଠାରୁ ଚେତାବନି ପାଇବା ପରେ ହଠାତ୍ ସକ୍ରିୟ ହୋଇ ଉଠିଛନ୍ତି ତାର ଭାବନାର ତନ୍ତ୍ରୀଗୁଡିକ । ରାତିରେ ଶେଜରେ ଶୋଇ ଚିନ୍ତା କରୁଛି ବିଜୟ । ନିଦ ହଜିଯାଇଛି ତା' ଆଖିରୁ । ସତେ କଣ ସେ ମେଘମାଳାକୁ ହରାଇ ବସିବ ! ସତେ କ'ଣ ମେଘମାଳା କେଉଁ ଅଶୋକ ବାବୁ ବା ଅନ୍ୟ କାହାର ଅଙ୍କଲକ୍ଷ୍ମୀ ହୋଇ ଚାଲିଯିବ !

ମେଘମାଳାର ସରଳ ସ୍ୱପ୍ନିଳ ମୁଖମଣ୍ଡଳ, ଲଜ୍ଜାବନତ ଆଖି, ଗୋଲାପୀ ଓଠ, କଳାମେଘୀ କବରୀ, ଛନ୍ଦାୟିତ ଚାଲି ଏବଂ ମନଭୁଲା ସ୍ମିତ ହସ, ସବୁ ଭାସିଗଲା ବିଜୟର ଆଖି ଆଗରେ । ମେଘମାଳା ଝିଅ ନୁହେଁ, ଗୋଟିଏ କବିତା । ଏକଥା ଏତେ ଡେରିରେ କାହିଁକି ହୃଦୟଙ୍ଗମ କଲା ସେ ! ମେଘମାଳାକୁ ହରାଇବାର ଡର ହିଁ ତାର ମନକୁ ଏବଂ ହୃଦୟକୁ ମେଘମାଳାମୟ କରି ଦେଇଛି ।

ବିଜୟ ଭାବୁଥିଲା...ମେଘମାଳାକୁ କେତେ କଷ୍ଟ ନ ଦେଇଛି ସତେ ସେ ! ଯେତେବେଳେ ମେଘମାଳାର ହୃଦୟ କେବଳ ବିଜୟ କଥା ହିଁ ଚିନ୍ତା କରୁଥିଲା, ସେତେବେଳେ ସମିତାର ପ୍ରେମରେ ହଜିଯାଇ ଏବଂ ତାର ସ୍ୱପ୍ନକୁ ସାକାର କରିବା

Source: Author, Digitized by PPRACHIN, SOA

ଇଚ୍ଛାରେ ମଜ୍ଜିଯାଇ ମାଳାକୁ ଅଣଦେଖା କରିଛି ବିଜୟ । ସମିତା ସହିତ ତା' ପ୍ରଣୟର ବିନ୍ଦୁବିସର୍ଗ ମଧ୍ୟ ଜାଣିବାର ଅବସର ଦେଇନାହିଁ ସେ ମେଘମାଳାକୁ । ଏତେ ସ୍ୱାର୍ଥପର ସେ କେମିତି ହୋଇ ପାରିଲା ? ଶେଷରେ ଡାଏରୀରେ ଲେଖିଦେଇ ଆସିଲା...ତୁ ତୋର ଜୀବନସାଥୀ ବାଛିନେଇ ଘର ସଂସାର କରିବୁ ! ଏତେ ହୃଦୟହୀନତା !

ନିଜକୁ ନିଜେ ଏହି ପ୍ରଶ୍ନ କଲା ବିଜୟ ।

ମେଘମାଳା ଝିଅ ନୁହେଁ, ସଂସାର-ଆଇନାରେ ସଂସ୍କାରର ଏକ ପ୍ରତିଛବି ସେ । ପ୍ରତିଟି କଥା ତାର ଛାଞ୍ଚ-ଗଢ଼ା, ମପାଚୁପା, ଓଜନିଆ, ପ୍ରତିଟି କାମ ତାର ସମର୍ପଣଯୁକ୍ତ ଏବଂ ସମ୍ପୂର୍ଣ୍ଣ, ପ୍ରତିଟି ବ୍ୟବହାର ତା'ର ଶାଳୀନତାର ଗଙ୍ଗାଜଳରେ ସିକ୍ତ । ଯେ କୌଣସି ସୁପୁରୁଷ ପାଇଁ ମେଘମାଳା ଆଦର୍ଶ ଅଙ୍କଲକ୍ଷ୍ମୀଟିଏ ।

ବୋଉର ଆଦର୍ଶରେ ପିଲାଦିନରୁ ଗଢ଼ା ମେଘମାଳା । ବୋଉର ହାତଗଢ଼ା ଜିନିଷ କ'ଣ କେବେ ଭୁଲ୍ ହୋଇପାରେ ! ପିଲାଦିନୁ ବୋଉ ମେଘମାଳାକୁ ବୋହୂ କରିବା ପାଇଁ ସ୍ୱପ୍ନ ଦେଖିଆସିଛି । ତାର ସ୍ୱପ୍ନ କ'ଣ ଏମିତି ଭାଙ୍ଗିଯିବ ? ମେଘମାଳା କ'ଣ ସତରେ ତାକୁ ପ୍ରତ୍ୟାଖାନ କରି ଆଉ କାହାକୁ ବାହା ହେଇଯିବ !

ବୋଉ ତ ଆଜି ନିଜେ କହୁଥିଲା ମେଘମାଳା ପାଇଁ ବର ଅଭାବ ନାହିଁ, ଦରକାର ପଡ଼ିଲେ ବୋଉ ନିଜେ ଭଲ ବର ଖୋଜି ମେଘମାଳାକୁ ବାହା କରିଦେବ । ସତରେ କ'ଣ ବୋଉ ଏଭଳି କରିପାରିବ ?

ଡର ମାଡ଼ି ବସିଲା ବିଜୟକୁ ।

ବିଜୟର ବିବେକ ତାକୁ ପ୍ରଶ୍ନ କରି ଭର୍ତ୍ସନା କଲା...'ଆଉ ଏବେ କାହିଁକି ତାକୁ ହରାଇବାର ଡର ମନକୁ ଘାରୁଛି ! ବୋଉ ଯାହା କହୁଛନ୍ତି ଠିକ୍ । ମେଘମାଳା ଗାଈ ବା ଛେଳି ନୁହେଁ ଯେ ତୁ ତାକୁ ତୋ ଇଚ୍ଛା ପୂର୍ତ୍ତି ପାଇଁ ଗୁହାଳରେ ଆଣି ବାନ୍ଧି ଦେବୁ । ମେଘମାଳାର ତ ପୁଣି ନିଜର ସ୍ୱପ୍ନ ଅଛି,ତୋ ସ୍ୱପ୍ନ ପୂରଣ କରିବା ପାଇଁ ସେ ନିଜ ସ୍ୱପ୍ନକୁ କାହିଁକି ଜଳାଞ୍ଜଳି ଦେବ ?

ଭାବୁଥିଲା ବିଜୟ...ସତରେ କ'ଣ ତା ସ୍ୱପ୍ନ ଆଉ ମେଘମାଳାର ସ୍ୱପ୍ନ ସମାନ୍ତରାଳ ? ସେମାନଙ୍କର ମିଳନବିନ୍ଦୁ ସତରେ କ'ଣ ସମ୍ଭବ ହେବ ନାହିଁ ?

ମେଘମାଳା ଯେବେ ଗାଁ ଛାଡି ଆସିବାକୁ ରାଜି ନ୍ହୁଏ ତାହେଲେ କ'ଣ କରିବ ସେ ? ନିଜ କର୍ତ୍ତବ୍ୟକୁ ପରିତ୍ୟାଗ କରି ସେ କଣ ମେଘମାଳା ପାଖକୁ ଚ୍ହାଲିଯିବ ? ଏପଟେ ଅଧା ରହିଯିବ ସମିତାର ପରିକଳ୍ପନାର ରୂପାୟନ !

ନିଜ ପ୍ରଶ୍ନର ଜାଲରେ ନିଜେ ଛନ୍ଦି ହୋଇଯାଉଥିଲା ବିଜୟ ।

Source: Author, Digitized by PPRACHIN, SOA

ସମିତା ବାସନ୍ତୀ ସନ୍ଧ୍ୟାର ମନଛୁଆଁ ରଙ୍ଗିନ୍ କିରଣ ହେଲେ ମେଘମାଳା ତା' ପାଇଁ ରାକା ନିଶିର ଦଶମୀ ଜହ୍ନର ବିଭୋର ଜ୍ୟୋତ୍ସ୍ନା ସମ୍ଭାର । ସମିତାର ସ୍ୱପ୍ନକୁ ସାକାର କରିବାକୁ ଚ଼ାହେଁ ବିଜୟ; ତା ସଙ୍ଗେ ସଙ୍ଗେ ମେଘମାଳା ଭଳି ଦଶମୀ ଜହ୍ନର ଶୀତଳ ଛୁଆଁ ମଧ୍ୟ ତାର ଆବଶ୍ୟକ । ଦୁଇଟି ବିରୋଧଧର୍ମୀ ସମ୍ଭାବନା କିପରି ବାସ୍ତବରେ ରୂପାନ୍ତର ହେବ, ଭାବୁଥିଲା ବିଜୟ ।

ଦୀର୍ଘଶ୍ୱାସ ନେଲା ବିଜୟ । ନା, ମେଘମାଳା ବିନା ତା' ଜୀବନ ଅଧୁରା, ଏକ ଅସମ୍ପୂର୍ଣ୍ଣ କାବ୍ୟ, ଏକ ବିରହ ବିଧୁର କବିତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ବିଜୟ ଘଡିକୁ ଚ଼ାହିଁଲା...ରାତି ଦଶଟା ବାଜିଲାଣି । ମେଘମାଳା ଶୋଇ ନଥିବ । ତାକୁ ଫୋନ୍ କରି ତା' ମନ କଥା ବୁଝିନେବା ଠିକ୍ ହେବ । ବିଜୟ ଫୋନ୍ ଲଗାଇଲା ମେଘମାଳା ପାଖକୁ ।

ମେଘମାଳା ସତରେ ଶୋଇ ନଥିଲା । ବିଜୟ କହିଲା...ମାଳା, ମୁଁ ବିଜୟ କହୁଚ଼ି ।

କିଛି ସମୟର ନିରବତା ଜଣାଇ ଦେଉଥିଲା ମେଘମାଳାର ମାନସିକ ସ୍ଥିତି । କୋହ ଭରା କଣ୍ଠରେ ମେଘମାଳା କହିଲା... ଏଠାରେ ମାଳା ନାମରେ କେହି ନାହାନ୍ତି । କିଏ ଜଣେ ଥିଲା ଯେ ତା'ର ଜୀବନସାଥୀ ବାଛି କୁଆଡ଼େ ଚ଼ାଲିଯାଇଛି । ଆପଣ ଭୁଲ୍ ନମ୍ବରରେ ଫୋନ୍ କରିଛନ୍ତି ମହାଶୟ ।

ମାଳା ଫୋନ୍ ରଖିଦେଲା । କିଛି ସମୟ ପରେ ପୁଣି ଥରେ ଫୋନ୍ କଲା ବିଜୟ ।

ଏଥର ମାଳା ଫୋନ୍ ଧରିବା ପରେ ବିଜୟ କହିଲା...ମାଳା, ପ୍ଲିଜ୍,ଫୋନ୍ କାଟିବୁ ନାହିଁ । ଶୁଣ ମୋ କଥା । ମୋର ବଡ଼ ଭୁଲ୍ ହେଇଯାଇଛି । ତୋ ସହିତ ମୋର ଅନେକ କଥା ଅଛି ।

ମେଘମାଳା କହିଲା..ମୋର କିନ୍ତୁ ତୁମ ସହିତ କିଛି କଥା ହେବାର ନାହିଁ । ତମେ ଏଠି ଥିବା ସମୟରେ କେତେ ଗୋଡ଼େଇଥିଲି ତମ ପଛରେ ମନକଥା ଜାଣିବାପାଇଁ । ସେତେବେଳେ ତ କିଛି କହିଲ ନାହିଁ । ଏବେ କ'ଣ ଏମିତି କହିବାର ଅଛି ?

ବିଜୟ କହିଲା.. ମଣିଷ ମାତ୍ରେ ତ ଭୁଲ୍ ଥାଏ ନାଁ ମାଳା । ଭାବପ୍ରବଣ ହୋଇ ଡାଏରୀରେ କଣ ଗୋଟାଏ ଲେଖିଦେଲି ଯେ ତାକୁ ଧରି ବସିଛୁ ତୁ । ବହୁତ୍ କଥା ହବାର ଅଛି ତୋ ସହିତ । ମୁଁ ତତେ ବହୁତ୍ ଭଲ ପାଏ । ତୋ ବିନା ମୋ ଜୀବନ ଅସମ୍ପୂର୍ଣ୍ଣ ମେଘମାଳା ।

ମେଘମାଳା କହିଲା...ମିଛୁଆ, ସମିତା ଦିଦିକୁ ତ ଏକଥା ହଜାର ଥର କହିଥିବ । ଆଉ କେତେ ଝିଅଙ୍କୁ ଏଭଳି କହିଚ଼ ଟିକିଏ ହିସାବ ଦିଅ ।

Source: Author, Digitized by PPRACHIN, SOA

ବିଜୟ କହିଲା... ମୁଁ ଜାଣେ ମାଳା, ତୋ ପାଖରେ ସେ ବିଶ୍ୱାସ ମୁଁ ହରାଇ ବସିଛି । ତୁ ମତେ ବିଶ୍ୱାସ ନ କରିବା ସ୍ୱାଭାବିକ ।

କିନ୍ତୁ କେଉଁ ପରିସ୍ଥିତିରେ ମୁଁ ତୋଠାରୁ ଦୂରେଇ ଯାଇଥିଲି ସେ କଥା ତ ମୁଁ ଡାଏରୀରେ ତତେ ସବୁ ଜଣେଇଚି ମାଳା । ଅବଶ୍ୟ ଯେହେତୁ ତୁ ମତେ ଭଲ ପାଉ, ତୋର ଈର୍ଷା ହେବା ଆଉ କ୍ରୋଧ ଆସିବା ସ୍ୱାଭାବିକ ।

ମେଘମାଳା କହିଲା...ତମେ କଣ ଭାବୁଛ ସମିତା ଦିଦି ପ୍ରତି ମୋର ଈର୍ଷା ଭାବ ଅଛି ? ନାଁ, ତାଙ୍କ ପାଇଁ ମୋର ସମ୍ମାନ ଶହେ ଗୁଣ ବଢ଼ିଯାଇଛି । ସେ ମୋ ପାଇଁ ସାଧାରଣ ନାରୀ ନୁହଁନ୍ତି, ଆରାଧ୍ୟା ଦେବୀ ସେ । ମୋର ସବୁ ଅଭିମାନ ତୁମ ଉପରେ ।

ବିଜୟ କହିଲା...ହଉ ପୂର୍ବ କଥା ଭୁଲି ଯା ମାଳା । ଏପଟ କାମ ଟିକିଏ ଆଗେଇଗଲେ ମୁଁ ବୋଉକୁ ନେଇ ଗାଁ କୁ ଯିବି ଆଉ ତୋ ମଥାରେ ସିନ୍ଦୂର ଲଗାଇ ତତେ ପାଖକୁ ନେଇ ଆସିବି ।

ମେଘମାଳା କହିଲା... ତାହା ତ ଆଉ ସମ୍ଭବ ନୁହେଁ ବିଜୟ ।

ବିଜୟ ପଚାରିଲା ... କାହିଁକି ମାଳା,ତୁ କ'ଣ ମତେ ଆଉ ଭଲ ପାଉନୁ ? ଅନ୍ୟ କାହାକୁ....

ମେଘମାଳା କହିଲା...ଜୀବନରେ ତ ଥରେ ଜଣକୁ ହିଁ ଭଲ ପାଇ ହୁଏ ବିଜୟ । ତମେ କେମିତି ଭାବି ପାରିଲ ଯେ ତମ ଛଡା ମୁଁ ଆଉ କାହାକୁ ଭଲପାଇବି ? କିନ୍ତୁ ତମ ସିନ୍ଦୂର ମଥାରେ ଲଗାଇ ତୁମ ସଙ୍ଗେ ଚାଲିଗଲେ ମୋ ସ୍ୱପ୍ନମାନଙ୍କର ଅପମୃତ୍ୟୁ ହେବ । ତାହା ସହ୍ୟ କରିବା ମୋ ପାଇଁ ସମ୍ଭବ ହେବନାହିଁ ।

ବିଜୟ ପଚାରିଲା....କିଏ ସେହି ସ୍ୱପ୍ନମାନେ ତୋର ମାଳା ? ମତେ ବାହାହେଲେ କାହିଁକି ସେମାନଙ୍କର ଅପମୃତ୍ୟୁ ହେବ ?

ମେଘମାଳା କହିଲା...ମୋ ସ୍କୁଲ୍, ମୋ ଫାର୍ମ, ବୃଦ୍ଧାଶ୍ରମ, ଏ ସମସ୍ତେ ହେଉଛନ୍ତି ମୋର ଗୋଟିଏ ଗୋଟିଏ ସ୍ୱପ୍ନ । ସେମାନେ ବର୍ତ୍ତମାନ ମୋ ହୃଦୟର ଅବିଚ୍ଛେଦ୍ୟ ଅଂଶ । ହୃଦୟକୁ ଛାଡ଼ି ଶରୀର କେବେ ଦୂରରେ ରହିପାରେ !

କିଛି ନିରବତା ପରେ ମେଘମାଳା କହିଲା... ମୁଁ ମଧ୍ୟ ଚାହେଁ ନାହିଁ ଯେ ସମିତା ଦିଦିଙ୍କର ପରିକଳ୍ପନା ଅଧୁରା ରହିଯାଉ । ତାକୁ ପୂର୍ଣ୍ଣ କରିବାର ଦାୟିତ୍ୱ ତୁମର । ତାହା ଅପୂର୍ଣ୍ଣ ରହିଲେ ନା ସମିତା ଦିଦି ତୁମକୁ କ୍ଷମା ଦେବେ, ନା ମୁଁ ତୁମକୁ ଗ୍ରହଣ କରିପାରିବି ।

ବିଜୟ ପଚାରିଲା...ତା'ହେଲେ ସମାଧାନ କେଉଁଠାରେ ମେଘମାଳା ?

ମେଘମାଳା କହିଲା...ସମାଧାନ ତୁମ ହାତରେ ହିଁ ଅଛି ବିଜୟ । ମୋ ପାଇଁ ଭଲ

Source: Author, Digitized by PPRACHIN, SOA

ପାଇବା ଠାରୁ ବଳି ପବିତ୍ର ବନ୍ଧନ କିଛି ନାହିଁ । ମୁଁ ବିବାହ ପାଇଁ ଲାଳାୟିତ ନୁହେଁ । ତମେ ମତେ ବିବାହ କର କି ନକର ତୁମକୁ ମୁଁ ଭଲପାଉଛି, ପାଉଥିବି ଜୀବନ ସାରା । କିନ୍ତୁ ତମେ ଯଦି ମତେ ବିବାହର ପବିତ୍ର ବନ୍ଧନରେ ବାନ୍ଧିବାକୁ ଚାହିଁ ତା'ହେଲେ ମୋର ଦୁଇଟି ସର୍ତ୍ତ ପୂରଣ କରିବ ।

ବିଜୟ ପଚାରିଲା...କଣ ସେ ଦୁଇଟି ସର୍ତ୍ତ ମେଘମାଳା ?

ମେଘମାଳା କହିଲା... ପ୍ରଥମ ସର୍ତ୍ତ, ତମେ ସମିତା ଦିଦିଙ୍କର ସ୍ୱପ୍ନ ସାକାର କରିବ...ତାଙ୍କ ଅପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କରିବ ।

ଦ୍ୱିତୀୟ ସର୍ତ୍ତ ହେଲା ତମେ ମୋ ସ୍ୱପ୍ନ ସାକାର କରିବ ଅର୍ଥାତ୍ ପ୍ରଥମ ସର୍ତ୍ତ ପୂରଣ ପରେ ଚାକିରିରୁ ଇସ୍ତଫା ଦେଇ, ଆମ ପାଞ୍ଚ ଏକର ଜମି ସହିତ ତୁମ ସାତ ଏକର ଜମି ମିଶାଇ କୃଷିର ଆଧୁନିକୀକରଣ କରି, କୃଷି, ଉଦ୍ୟାନ କୃଷି, ଗୋପାଳନ, ମାଛଚାଷ, ଫୁଲଚାଷ ଇତ୍ୟାଦି ବହୁବିଧ କୃଷି କାର୍ଯ୍ୟର ଏକ ସମନ୍ୱିତ ତଥା ଆଦର୍ଶ ଫାର୍ମ ପ୍ରତିଷ୍ଠା କରିବ । ତୁମର ଯଥେଷ୍ଟ ବୈଷୟିକ ଜ୍ଞାନ ଅଛି । ତା'ର ଫାଇଦା ନିଜ ଗାଁ ଏବଂ ଆଖପାଖ ଗାଁ ର ଲୋକମାନଙ୍କୁ ଦେଇ ଅଞ୍ଚଳର କୃଷି ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିବ । 'ଫାର୍ମର୍ ସର୍ଭିସ୍ ସେଣ୍ଟର୍' ପ୍ରତିଷ୍ଠା କରି ଅଞ୍ଚଳର ଲୋକମାନଙ୍କର ସେବା କରିବ । ମୋର ସ୍କୁଲ୍ କାମ ଏବଂ ବୃଦ୍ଧାଶ୍ରମ ସେହି ସ୍ୱପ୍ନର ଅଂଶ ବିଶେଷ ହେବ । ଯେତେ ଶୀଘ୍ର ଏହା କରି ପାରିବ ସେତେ ଶୀଘ୍ର ଆମ ବିଚ୍ଛେଦର ଅବଧି ହ୍ରାସ ହେବ । ମୁଁ ଦେଖିବାକୁ ଚାହେଁ ତମେ ମତେ କେତେ ଭଲପାଉଛ । ତୁମ ଜନ୍ମମାଟିକୁ ଭଲ ପାଇବା ସହିତ ମତେ ଭଲପାଇବା ଅଙ୍ଗାଙ୍ଗୀ ଭାବେ ବିଜଡ଼ିତ । ସେ ପର୍ଯ୍ୟନ୍ତ ତୁମର ମୋର ମୁହଁ ଚୁହାଁଚୁହିଁ ନାହିଁ ।

ମୁଁ ନିଶ୍ଚିତ ଯେ ତୁମେ ଚାହିଁଲେ ଏ ସର୍ତ୍ତ ପୂରଣ କରିପାରିବ ।

ଯେଉଁଦିନ ଏହି ସର୍ତ୍ତାବଳୀ ପୂର୍ଣ୍ଣ ହେବ ସେ ଦିନ ଆମ ମିଳନର ମଧୁର ବଂଶୀ ସ୍ୱରର ଅବୁଝା ମୂର୍ଚ୍ଛନାରେ ତୁଳସୀପୁର ବାତାବରଣ ସଙ୍ଗୀତମୟ ହୋଇ ଉଠିବ । ସେ ପର୍ଯ୍ୟନ୍ତ ବିଦାୟ ବିଜୟ । ଆଉ ଫୋନ୍ କରିବ ନାହିଁ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୧

ମେଘମାଳା ଏକ ବ୍ୟତିକ୍ରମ । ସମାଜର ଉନ୍ନତି ପାଇଁ ନିଜର ସବୁ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସାଧନା ଏବଂ ତ୍ୟାଗର କଣ୍ଟକିତ ପଥ ସମସ୍ତେ ବାଛି ପାରନ୍ତି ନାହିଁ । ସମସ୍ତେ ବିଷ ପିଇ ନୀଳକଣ୍ଠ ହୋଇପାରନ୍ତି ନାହିଁ । ମଲ୍ଲୀଫୁଲ ବିନା ତପସ୍ୟାରେ ଦେବତାଙ୍କ ପାଦତଳେ ପହଞ୍ଚି ପାରେନାହିଁ । ଏମିତି ତ ଅନେକ ମଲ୍ଲୀ ଅଛନ୍ତି,ସମସ୍ତେ କଣ ଦେବତାଙ୍କ ପୂଜାରେ ଲାଗିପାରନ୍ତି ?

ବିଜୟକୁ ମନ କଥା ଶୁଣେଇ ଦେଲାପରେ ମେଘମାଳାର ମନ ବହୁତ୍ ହାଲୁକା ଲାଗିଲା । ମନେହେଲା ଗୋଟାଏ ବୋଝ ତା ମୁଣ୍ଡ ଉପରକୁ ଓହ୍ଲେଇ ଗଲା । ତା'ର ଏହି ନିଷ୍ପତ୍ତି ଭିତରେ ରହିଥିଲା ନିଜ ଜନ୍ମମାଟିରେ ନିଜକୁ ଆଜୀବନ ନିୟୋଜିତ କରିବାର ଭୀଷ୍ମପ୍ରତିଜ୍ଞା । ସେ ବିଜୟକୁ ଭଲପାଏ । କିନ୍ତୁ ତା' ଅର୍ଥ ନୁହେଁ ଯେ ସେ ତାର ଖେଳନା ହୋଇ, ତାର ରୋଷେଇ ଘର ସମ୍ଭାଳି, ଅଧ ଡଜନ ପିଲା ଜନ୍ମ କରି, ତା ଚାକିରି କାଳ ଭିତରେ ଏସ୍ଥାନରୁ ସେ ସ୍ଥାନକୁ ବୁଲୁଥିବ ।

Source: Author, Digitized by PPRACHIN, SOA

ତା'ଛଡା ବିଜୟ ଭଳି ଜଣେ କୃଷି ଇଞ୍ଜିନିୟରର ଚାକିରି ପଛରେ ନଦଉଡି,ନିଜ ଅଞ୍ଚଳରେ କୃଷକମାନଙ୍କୁ ବୈଷୟିକ ଜ୍ଞାନ ବିତରଣ କରିବା ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ।

ବିଜୟ ଭଳି ଅନେକ ମେଧାବୀଛାତ୍ର ଏହି ଗାଁ ମାଟି, ପାଣି ପବନରେ ବଡ଼ ହୋଇ ଉଚ୍ଚଶିକ୍ଷା ପରେ ଭୁଲି ଯାଇଛନ୍ତି ଗାଁ ମାଟିକୁ ।

ଗାଁ ଶେଷ ମୁଣ୍ଡ ଘରର ସୁରେଶ ବାବୁ ଆଇ.ଏ.ଏସ. ପାଇ କେତେ ବଡ଼ ବଡ଼ ପଦ ପଦବୀରେ ରହି କେତେ ନାଁ କମେଇଲେ । ଗାଁ ଲୋକଙ୍କର ଆଶା ଥିଲା ତାଙ୍କଠାରୁ କିଛି ସାହାଯ୍ୟ ପାଇବେ । ହେଲେ ଉପରକୁ ଉଠିବା ପରେ ତାଙ୍କ ମୁହଁ ଉପରକୁ ହୋଇଗଲା । ଯେଉଁମାନେ ତାଙ୍କ ପାଖକୁ କିଛି ସାହାଯ୍ୟ ପାଇବା ଆଶାରେ ଗଲେ ସମସ୍ତେ ଅପମାନିତ ହୋଇ ଫେରିଲେ । ସେକ୍ରେଟାରୀ ପୋଷ୍ଟରେ ସେ ସେବା ନିବୃତ୍ତି ନେବାପରେ ରାଜଧାନୀରେ ତିନି ତାଲା କୋଠା ପିଟି, କୋଟି କୋଟି ଟଙ୍କାର ବ୍ୟାଙ୍କ ବାଲାନସ୍ ଧରି ଡ୍ରଇଂରୁମ୍‌ର ଆଲସେସିଆନ୍ କୁକୁର ଭଳି ଜୀବନଯାପନ କରୁଛନ୍ତି । ଗାଁ ରେ ନିଜ ଡିହରେ ବିଲୁଆ ଡେଇଁଛନ୍ତି । ଜମିବାଡ଼ି ଅପର ଲୋକ ଜବରଦଖଲ କରି ନେଇଛନ୍ତି । ବନ୍ଧୁବାନ୍ଧବ କାହା ସହିତ ସମ୍ପର୍କ ନାହିଁ । ଇଂରାଜି ମିଡିୟମରେ ପାଠ ପଢି, ଆଇ.ଆଇ.ଏମ୍.ରୁ ଉଚ୍ଚ ଡିଗ୍ରୀ ହାସଲ କରି ପିଲାମାନେ ଏବେ ବିଦେଶରେ ।

ବୁଢ଼ାବୁଢୀ ଅସହାୟ ଅବସ୍ଥାରେ ଚବିଶି ଘଣ୍ଟା ଟିଭିକୁ ଚାହିଁ, ଚୋର ଭୟରେ ଡରିମରି ବଞ୍ଚିଛନ୍ତି । ଏ କ'ଣ ଜୀବନ ! ଗାଁ ସହିତ ସମ୍ପର୍କ ରଖିଥିଲେ, ଗାଁର ଉନ୍ନତି ହେବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଏକ ସୁନ୍ଦର ଜୀବନ ବିତାଉ ଥାନ୍ତେ ସେ ଗାଆଁରେ । ଲୋକେ ତାଙ୍କୁ ମୁଣ୍ଡରେ ବସେଇ ଥାଆନ୍ତେ ।

ସାଇ ମଝିରେ ବିକାଶ ବାବୁ, ଭଲ ଷ୍ଟୁଡେଣ୍ଟ୍ ଥିଲେ । ଡାକ୍ତରୀ ପଢି ଏମ୍.ଏସ୍. କରି ଲଣ୍ଡନରେ ପ୍ରାକ୍ଟିସ୍ କରୁଥିଲେ । କୋଟି କୋଟି ଟଙ୍କା ରୋଜଗାର କରି ଓଡ଼ିଶା ଫେରି ଆସି ବିରାଟ ପ୍ରାଇଭେଟ୍ ହସ୍ପିଟାଲ ସ୍ଥାପିନ କଲେ ଭୁବନେଶ୍ୱରରେ । ପତ୍ନୀ ମଧ ଡାକ୍ତର । ଗାଁ ଲୋକମାନେ କେତେ ଆଶା ନେଇ ତାଙ୍କ ପାଖକୁ ଯାଆନ୍ତି ଚିକିତ୍ସା ପାଇଁ । ଗାଁର ପିଲା । ତେଣୁ ଆଶା ଥାଏ ଦାୟିତ୍ୱ ସହକାରେ ଚିକିତ୍ସା ପାଇବେ । ଶୋଷଣରୁ ରକ୍ଷା ପାଇବେ । କିନ୍ତୁ ଦୁର୍ଭାଗ୍ୟକୁ ଡ଼ାକ୍ତରାଣୀ ମହାଶୟାଙ୍କୁ ଗାଁ ଲୋକ ଗନ୍ଧେଇଲେ । ନିଜ ବନ୍ଧୁବାନ୍ଧବମାନଙ୍କ ଠାରୁ ହାଙ୍କି କରି ଫିସ୍ ନିଅନ୍ତି ମହାଶୟା ।

ଦୀର୍ଘ କୋଡ଼ିଏ ବର୍ଷରୁ ଅଧିକ ହେଲାଣି ସେ ଶେଷଥର ଗାଁ'କୁ ଆସିବାର । ଅଥଚ ଡାକ୍ତରୀ ପଢ଼ିବା ସମୟରେ ଭାରି ବଡ଼ ବଡ଼ କଥା କହୁଥିଲେ, ଗାଁ'ରେ କ୍ଲିନିକ୍ କରି

Source: Author, Digitized by PPRACHIN, SOA

ଲୋକମାନଙ୍କର ସେବା କରିବେ । ସେବା ଛାଡ଼, ଗାଁକୁ ଆସି ଲୋକମାନଙ୍କ ସହିତ ବସାଉଠା କରି ଭଲ ମନ୍ଦ ଟିକିଏ ପଚାରନ୍ତେ ହେଲେ,ଏତେ ଗାଳି ଶୁଣନ୍ତେ ନାହିଁ ।

ଥରେ ତାଙ୍କ ସହିତ ଦେଖା ହୋଇଥିଲା ଭୁବନେଶ୍ୱରରେ । ବିନମ୍ର ପ୍ରଣାମ କରି ମେଘମାଳା କହିଥିଲା...ସାର୍ ଗାଁ ଲୋକମାନେ ଆପଣଙ୍କୁ ମୁଣ୍ଡରେ ବସେଇବେ । ଖାଲି ମଝିରେ ମଝିରେ ଟିକିଏ ଗାଁ'କୁ ଯାଇ ସେମାନଙ୍କର ଭଲମନ୍ଦ ବୁଝନ୍ତୁ । ମାଗଣାରେ ପାଉଥିବା କିଛି ଫିଜିସିଆନ୍ ସାମ୍ପଲ୍ ଲୋକଙ୍କ ମଧ୍ୟରେ ବାଣ୍ଟନ୍ତୁ । ଆପଣଙ୍କ ଉପରେ ଲୋକମାନଙ୍କର ବହୁତ ଆଶା ଅଛି । ଆପଣଙ୍କ ଶ୍ରଦ୍ଧା ସହିତ ସେମାନଙ୍କର ଆଶା ମିଶିଲେ ଆତ୍ମତୃପ୍ତିର ଯେଉଁ ସୁବାସିତ ଫୁଲଟିଏ ସୃଷ୍ଟି କରିବ, ତାହା ଆପଣଙ୍କ ଜୀବନକୁ ସୁବାସିତ କରିଦେବ । ମାଟିର ମହକର ଆକର୍ଷଣ କେତେ ତାହା ମାଟିକୁ ଆଘ୍ରାଣ ନକଲେ ପାଇବେ କେମିତି ?

ଚୋପା ଛଡ଼ା ହସଟିଏ ହସି ବିକାଶ ବାବୁ କହିଥିଲେ... ଗାଁ କୁ କିଏ ଯିବ ? ସେଠାରେ କିଛି ସୁବିଧା ନାହିଁ,ଦି'ଘଣ୍ଟା ମଧ୍ୟ ରହି ହେବନି ଗାଆରେ ।

ମେଘମାଳା ଭାବିଥିଲା...ମାଇପବୋଲିଆ ଡାକ୍ତର, ଗାଁ'ରେ ଟଙ୍କା ଖର୍ଚ୍ଚ କରି ସବୁ ସୁବିଧା କରୁନାହିଁ କାହିଁକି ? କୋଟି କୋଟି ଟଙ୍କା ରଖି କଣ କରିବ ? ମଲା ବେଳେ ପାଞ୍ଚ ଆଙ୍ଗୁଳିରୁ ପାଞ୍ଚଟା ଯାକ ସୁନା ମୁଦି କାଢ଼ି ରଖିବେ, ଭଲ ଚାଦର ଖଣ୍ଡେ ମଧ୍ୟ ଶବ ଉପରେ ପକାଇବାକୁ ଦେବେ ନାହିଁ ।

ତାଙ୍କ ଘରକୁ ଲାଗି ମୁକୁନ୍ଦ ବାବୁଙ୍କ ଘର । ତାଙ୍କ ମେଲା ଡିହରେ ମଧ୍ୟ ଗୁମ୍ଫଛଡ଼ା କୁତୀ ଶୋଉଛନ୍ତି । ମୁକୁନ୍ଦ ବାବୁ ଓ.ଏ.ଏସ୍. ଅଫିସର । ସେବା ନିବୃତ୍ତି ବେଳକୁ ପ୍ରମୋଟି ଆଇ.ଏ.ଏସ୍. ବୋଲାଉ ଥିଲେ । ନାଁ ତ ସେ ମିଶି ପାରୁଥିଲେ ଓ.ଏ.ଏସ୍. ଗୋଷ୍ଠୀରେ ନାଁ ଆଇ.ଏ.ଏସ୍. ଗୋଷ୍ଠୀରେ । ମଝିରେ ମଝିରେ ସ୍ତ୍ରୀ ସହିତ ଗାଡ଼ିରେ ଗାଁକୁ ଆସି ମେଲା ଡିହଟାରେ କେତେ ସପନ ମଞ୍ଜି ପୋତି ଦେଇଯାଆନ୍ତି...ଘର କରିବି,ଏସା କରିବି, ତେସା କରିବି କହି ବୁଲାବୁଲି କରି ସାଙ୍ଗରେ ଆଣିଥିବା ଚା ବିସ୍କୁଟ ଖାଇ ଫେରି ଯାଆନ୍ତି । ତାଙ୍କ ଗାଡ଼ି ଛାଡ଼ିବା ପରେ ପରେ କିଛି ଟୋକା ବୋଲିବାଣୀ କରନ୍ତି..ଶଳା ନୀଳବର୍ଣ୍ଣ ଶୃଗାଳ । ଏଇଟା କୁଆଡେ ଆଇ.ଏ.ଏସ୍. ?

ମେଘମାଳା ଚାହେଁ ନାହିଁ ବିଜୟ ସେଭଳି ହେଉ । ଯେଉଁ ବୈଷୟିକ ଶିକ୍ଷା ସେ ପାଇଛି ତା'ର ସଦୁପଯୋଗ କରିପାରିଲେ ଗାଁର କୃଷକମାନେ ବହୁଳ ଭାବରେ ଉପକୃତ ହେବେ । ନିଜର ମଙ୍ଗଳ କରିବା ସଙ୍ଗେ ସଙ୍ଗେ ଅଞ୍ଚଳର ପ୍ରଭୂତ ଉନ୍ନତି କରିପାରିବ ବିଜୟ । ମେଘମାଳାର ନିଜର ସ୍ୱପ୍ନ ସାକାର ହେବା ସହିତ ଅଞ୍ଚଳର କୃଷିଜନିତ ସବୁ

Source: Author, Digitized by PPRACHIN, SOA

ପ୍ରକାର ଅଭାବ ଅସୁବିଧା, ବାଧାବିଘ୍ନ ଦୂର ହୋଇ ପାରିବ । ସ୍ୱର୍ଣ୍ଣପ୍ରସୂ ହୋଇପାରିବ ତାର ଅତି ପ୍ରିୟ ଗାଆଁ ତୁଳସୀପୁର । ମେଘମାଳା ଭାବିଲା ବିଜୟ ଆଗରେ ବିବାହ ପାଇଁ ସର୍ତ୍ତ ରଖି କିଛି ଭୁଲ କରିନାହିଁ ସେ ।

ପାହାନ୍ତି ପହରୁ ଏମିତି କେତେ କ'ଣ ଭାବୁ ଭାବୁ ସକାଳ ହୋଇଗଲା । ମେଘମାଳା ବାହାରିଲା ଫାର୍ମ ଆଡ଼େ ଯାଇ, ସେଠାର କାମ ଶେଷ କରି ସ୍କୁଲ ଯିବା ପାଇଁ । ଫାର୍ମରେ ପହଞ୍ଚୁ ପହଞ୍ଚୁ ସୁକୁରିଆ କାକା ଆସି ଅଭିଯୋଗ କଲେ...ମାଆ,ସେ ସଦେଇମାଆକୁ କାହିଁକି ରଖିଚ଼ ଏଠି ? ଖାଇବାକୁ ପାଉ ନଥିଲା ବୋଲି ଦୟାକରି ଏଠି ଆଶ୍ରା ଦେଲ, ତା' ପୁଅବୋହୂ ଆସି ତୋଫାନ କଲେଣି ।

ମେଘମାଳା କହିଲା...କଣ ତୋଫାନ କଲେଣି ଚ଼ାଲିଲ ଦେଖିବା ।

ମେଘମାଳା ଫାର୍ମ ଘରେ ପହଞ୍ଚି ଦେଖିଲା କଳାଭୂଷୁଣ୍ଡା ଗେଡ଼ା ଲୋକଟା, ସାଙ୍ଗରେ ପଚ଼ିଶି ତିରିଶି ବର୍ଷର ସ୍ତ୍ରୀ ଲୋକଟିଏ ସହିତ ଆଶ୍ରିତା ବୁଢୀଟି ସହିତ ଯୁକ୍ତିତର୍କରେ ବ୍ୟସ୍ତ ।

ମେଘମାଳାକୁ ଦେଖି ଲୋକଟି କହିଲା...ଆଜ୍ଞା ଆପଣ କାହିଁକି ମୋ ମାଆକୁ ଏଠି ଜବରଦସ୍ତ ରଖିଚ଼ନ୍ତି ?ଆମେ କାଲି ଖୋଜି ଖୋଜି ତାକୁ ପାଇଲୁ ନାହିଁ । କାଲି କାନ୍ଦି କାନ୍ଦି ମୋ ସ୍ତ୍ରୀ ରାତି ସାରା ଶୋଇନି ।

ମେଘମାଳା ଗାଢ଼ ଦୃଷ୍ଟିରେ ସ୍ତ୍ରୀ ଲୋକଟି ଆଡ଼କୁ ଚ଼ାହିଁ ପଚ଼ାରିଲା... ଏଇ ମହିଳା ତୁମ ସ୍ତ୍ରୀ ?

ଲୋକଟି କହିଲା ଆଜ୍ଞା ହଁ, ମୋ ନାଁ ସଦେଇ ଆଉ ଏ ହେଉଛି ମୋ ସ୍ତ୍ରୀ ସୁଲେଇ ।

ମେଘମାଳା ଆଶ୍ରିତା ବୁଢୀ ସଦେଇ ମାଆକୁ ଚ଼ାହିଁ କହିଲା... ମାଉସୀ ଏଇ ବୋହୂ ତୁମକୁ ପାଞ୍ଚଣରେ ପିଟି ଥିଲା ନା ?

ବୁଢୀ କହିଲା.. ହଁ ମା,ଏଇ ପିତାଶ(ପିଶାଚ଼)ଖାଇ ପାଞ୍ଚଣରେ ମତେ ବାଡ଼ାଏ ସବୁଦିନ ।

ବୁଢ଼ୀର ବୋହୂ ସୁଲେଇ କହିଲା...ଏ ମା, କି ମିଛ କଥା କହୁଚ଼ନ୍ତି ? ହଇହେ ମାଆ, ମୁଁ ତୁମକୁ ମାରେ ? କେତେ ଭଲପାଏ ମୁଁ ତୁମକୁ ।

କହୁ କହୁ ନାଟକ ଆରମ୍ଭ କରି କାନ୍ଦଣା ଲହରୀ ଛୁଟେଇଦେଲା ସୁଲେଇ... ମତେ କେଡ଼େ ଅହ୍ଲବ ଦେଲ ହେ ମାଆ ମୋର । ମୁଁ ବାଡ଼ି, ପିତାଶରେ ନଗଲି କିଆଁ ହେ, ମାଆ ମୋର । ଅଣ୍ଟା ନଡ଼ନଡ଼ ବାଉଁଶ କଣି,ମୋ ମାଆ ରାଣୀ । ମାରିଥିଲେ ତ ହାତେରେ ପୋକ ପଡ଼ି ଯାଆନ୍ତାଣି, ମୋ ମାଆ ରାଣୀ ।

ବୁଢୀ କହିଲା...ଦେଖ ମାଆ କି ସୁଆଙ୍ଗ କରୁଚ଼ି, ଆଣ୍ଠର ଝୁଅ । ଏଇନେ(ଏଇଲେ) ଏ ସବାଖାଇ ସାଙ୍ଗରେ ଗଲେ ଘରେ ପହଞ୍ଚି ପାଞ୍ଚଣରେ ମୋ ପିଠିରେ କୂଅ ଖୋଳିବ ।

Source: Author, Digitized by PPRACHIN, SOA

ସୁଲେଇର ନାଟକ ହଠାତ ବନ୍ଦ ହେଇଗଲା । କହିଲା... ହଁ ମୁଁ ଯେବେ ମିଛ କହୁଥିବି, ଆଠଦିନ ଠେଇ ଭୋଗିବି, ନହେଲେ ତୁ ବୁଢୀ ବାଡ଼ିରେ ଯିବୁ ।

ମେଘମାଳା କହିଲା... ଠିକ୍ ଅଛି,ଏତେ କଥା କାହିଁକି ? ମୁଁ ପୋଲିସକୁ ଫୋନ୍ କରୁଚି । ପୋଲିସ ହାତରେ ଦେଲେ ସତମିଛ ସବୁ ବାହାରି ପଡିବ ।

ପୋଲିସ ନାଁ ଶୁଣି ସିଧା ମେଘମାଳାର ଗୋଡ଼ ତଳେ ପଡ଼ିଗଲା ସଦେଇ । କହିଲା...ଆଜ୍ଞା, ଭୁଲ୍ ହେଇଚି । ପୋଲିସ ଡାକନ୍ତୁ ନାହିଁ । ହେଲେ ମାଆକୁ ଛାଡ଼ି ଦିଅନ୍ତୁ । ମାଆ ନଗଲେ ଗାଁ ରେ ଆମେ ମୁହଁ ଟେକି ଚାଲି ପାରିବୁନି । କାଲିଠାରୁ ଗାଁ ସାରା ଲୋକ ଛି ଛି କରୁସୁନ୍ତି (କରୁଛନ୍ତି) । ଏମିତି କାହା ଘରେ କଳି ନାହିଁ ? ଏଇ ସାମାନ୍ୟ କଥାକୁ ମାଆ କ'ଣ ଘରଛାଡ଼ି ଆସିବାଟା ଠିକ୍ ?

ମେଘମାଳା କହିଲା.....ଏଇଟା ସାମାନ୍ୟ କଥା ? ମାଆକୁ ପାଞ୍ଚଣରେ ଗୋରୁ ଗାଈ ଭଳି ସବୁଦିନ ତୁମ ସ୍ତ୍ରୀ ପିଟିବାଟା ତୁମପାଇଁ ସାମାନ୍ୟ କଥା ? ତୁମ ମାଆ ତୁମର ପିଲାଦିନୁ ଗୁହମୂତ କରି ତୁମକୁ ଏଡ଼େରୁ ଏକୁଟିଆ କଲା; ଆଜି ସେ ପର ହୋଇଗଲା, ତୁମ ସ୍ତ୍ରୀ ତୁମ ଆଗରେ ବଡ଼ ହୋଇଗଲା ? ବୁଝିଲ ମିଷ୍ଟର ସଦେଇ, ପୁଅ ନାଁ ରେ ତମେ ଗୋଟେ କଳଙ୍କ । ସେ ଯାହା ହେଉ, ତମେ ତମ ମାଆଙ୍କୁ ପଚାର । ସେ ଯଦି ଯିବାପାଇଁ ଚାହିଁବେ, ତାଙ୍କୁ ତମେ ନେଇପାର ।

ବୁଢୀ କିନ୍ତୁ ବିଲକୁଲ୍ ରାଜି ହେଲାନାହିଁ । କହିଲା...ଏଠି ଖାଇବାକୁ ମୁଠେ ନଦେଲେ ଶୁଖିଶୁଖି ମରିବି ପଛେ,ଏ ଚୁଲିପଶା ଘରକୁ ଆଉ ଯିବି ନାହିଁ ।

ଆଉ ଉପାୟ ନଥିଲା । ସଦେଇ ତା' ଭାରିଜା ସହିତ ଫେରିବାକୁ ବାହାରିଲା । ଯିବା ପୂର୍ବରୁ ସୁଲେଇ କହିଲା...ତା'ହେଲେ ତାଙ୍କ ମୂଲ ପଇସାଟା ଆମକୁ ଦଉନ ?

ଏଥର ଦେଖ ବୁଢ଼ୀର ଉଗ୍ର ମୂର୍ତ୍ତି । ବାଙ୍କୁଲି ବାଡ଼ିଟି ଉଞ୍ଚେଇ କହିଲା..ଦେବି ଦି' ପାହାରେ ଯେ, ହଇଲୋ ଚୁଲିପଶି, ମୁଁ କଣ ଏଠି ମୂଲ ନାଗୁଚି(ଲାଗୁଚି)ଯେ ତତେ ମୂଲ ପଇସା ଦେବେ ମୋ ମାଆ । ଆଉ ଦିନେ ଏଠିକି ଆସିବୁ ତ ତୋର ଦିନେକୁ ମୋର ଦିନେ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୨

ପ୍ରତାପଗଡ଼ରେ ବିଜୟର ବୋଉଙ୍କୁ ଛାଡ଼ି ଶ୍ରୀକାନ୍ତ ତୁଳସୀପୁର ଫେରି ଆସିଛି । ତୁଳସୀପୁରରେ ପହଞ୍ଚି ତାର ଆଖି ଖୋଜି ବୁଲିଛି ପ୍ରଣତିକୁ । ପ୍ରଣତି ବରଗଡ଼ ଠାରେ ଛତୁଚାଷ ଓ ଗୋପାଳନ ବିଷୟରେ ବୈଷୟିକ ପ୍ରଶିକ୍ଷଣ ନେଉଛି ବୋଲି ମେଘମାଳା ଠାରୁ ଜାଣିବା ପରେ ତାର ଇଚ୍ଛା କେମିତି ଟିକିଏ ଯାଇ ତା' ସହିତ ସାକ୍ଷାତ କରି ଚାଲି ଆସିବ ।

ଶ୍ରୀକାନ୍ତ ମେଘମାଳାକୁ କହିଲା...ଦିଦି, ବରଗଡ଼ରେ କିଛି କାମ ନାହିଁ ?

ମେଘମାଳା ମନେ ମନେ ନହସି ରହିପାରିଲା ନାହିଁ । କହିଲା.. ସେଠାକୁ ଯିବାପାଇଁ ଏତେ ବ୍ୟଗ୍ର କାହିଁକି ହଉଚୁ ? ସେଠାକୁ ଯାଇ ପ୍ରଣତିର ଧ୍ୟାନଭଙ୍ଗ କରିବାକୁ ଇଚ୍ଛା ? ତା' ଟ୍ରେନିଂ ସୁରୁଖୁରୁରେ ଶେଷ କରି ସେ ଫେରି ଆସୁ । ତା'ପରେ ଏଠି ଫାର୍ମରେ ବସି ସବୁଦିନ ତା' ମୁହଁକୁ ଚାହିଁ ସପନର ଗୁଡ଼ି ଉଡ଼ଉଥିବୁ ।

ମେଘମାଳା ତା' ମନର ଚୋରକୁ ଏମିତି ଧରିପକେଇବ ବୋଲି ଶ୍ରୀକାନ୍ତ ଭାବି ପାରି ନଥିଲା । ମୁଣ୍ଡ ଆଉଁସି ଆଉଁସି ମେଘମାଳା ସାମନାରୁ ଚାଲିଯିବା ପାଇଁ ବସିଥିଲା । ମେଘମାଳା କହିଲା..ଯାଉଚୁ କୁଆଡେ..କହୁନୁ କଣ ସବୁ ଦେଖିଲୁ ପ୍ରତାପଗଡ଼ରେ ?

ଶ୍ରୀକାନ୍ତ କହିଲା...ଦିଦି, ସତରେ ପ୍ରତାପଗଡ଼ ଦ୍ୱିତୀୟ ସ୍ୱର୍ଗ ପାଲଟିଯାଇଛି । ବଣ ପାହାଡ ଘେରା ଏହି ପାହାଡ଼ୀ ଅଞ୍ଚଳଟିକୁ ଗୋଟିଏ ଜଳସେଚନ ଯୋଜନା ଯେ ଏତେ ପରିବର୍ତ୍ତିତ କରିଦେବ, ଜଣେ ନଦେଖିଲେ ବିଶ୍ୱାସ କରିବ ନାହିଁ । ଯେଉଁ ଚାରିଦିନ ମୁଁ

Source: Author, Digitized by PPRACHIN, SOA

ସେଠାରେ ରହିଲି ବିଜୟ ଭାଇଙ୍କ ସହିତ ପ୍ରତାପଗଡ଼ର ଗାଁ ଗଣ୍ଡା, ଅନ୍ଦିକନ୍ଦି ଗାଡ଼ିରେ ବୁଲିଲି । ଯେଉଁଆଡେ ଗଲି ସେଠାରେ ସମିତା ଦିଦିଙ୍କର ଉପସ୍ଥିତି ଦେଖି ପାରିଲି । ନଥାଇ ମଧ୍ୟ ସମିତା ଦିଦି ସବୁଠାରେ ଥିଲେ । ସମସ୍ତଙ୍କ ମୁହଁରେ ତାଙ୍କ ନାଁ ଶୁଣିବାକୁ ପାଇଲି । ସମିତା ଦିଦି ପ୍ରତାପଗଡ଼ରେ ଅମର ହୋଇଯାଇଛନ୍ତି ।

ପାହାଡ଼ୀ ଛୋଟ ସହରଟିର ପ୍ରତି ଛକରେ ସମିତା ଦିଦିର ପ୍ରତିମୂର୍ତ୍ତି ସ୍ଥାପିତ ହେଇଛି । ଚ଼ମ୍ପାଝରର ପ୍ରୋଜେକ୍ଟ ଉପରେ ସମିତା ଦିଦିର ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପିତ ହେଇଛି । ଲୋକମାନେ ତାକୁ ଘରେ ଘରେ ଦେବୀ ଭଳି ପୂଜା କରୁଛନ୍ତି ।

ଚ଼ମ୍ପାଝରର ଜଳ ହରିତ, ଧବଳ ଏବଂ ନୀଳବିପ୍ଳବ ସୃଷ୍ଟି କରିଛି ତା'ର କମାଣ୍ଡ ଏରିଆରେ । ଶହ ଶହ ଏକରର ବିଭିନ୍ନ ପ୍ରକାରର ଫୁଲ ଚ଼ାଷ କମାଣ୍ଡ ଏରିଆକୁ ରଙ୍ଗିନ ଶାଢ଼ିରେ ପରିଣତ କରିଦେଇଛି ।

ବିଭିନ୍ନ ପ୍ରକାରର ଗୋଲାପ, ଗେଣ୍ଡୁ, ଜେଲବେରିଆ ଇତ୍ୟାଦି ଫୁଲ ଚ଼ାଷ କରି ସେଠାର ଚ଼ାଷୀମାନେ ବହୁତ ଲାଭବାନ ହେବା ଆରମ୍ଭ କଲେଣି । ସେମାନଙ୍କୁ ବଜାରରେ ଫୁଲ ବିକ୍ରି କରିବା ଦରକାର ପଡୁନାହିଁ । ସହରରୁ ବେପାରୀମାନେ ଗାଡ଼ି ପଠାଇ ସେମାନଙ୍କ ଜମି ପାଖରୁ ଫୁଲ ସଂଗ୍ରହ କରି ନେଇଯାଉଛନ୍ତି ।

ଉଦ୍ୟାନକୃଷି ବିଭାଗର କର୍ମଚ଼ାରୀମାନେ ସେଠାରେ ଚ଼ାଷୀମାନଙ୍କ ପାଖକୁ ଯାଇ ସେମାନଙ୍କ ମନରେ ସଚେତନତା ସୃଷ୍ଟି କରୁଛନ୍ତି । ଅନେକ ଚ଼ାଷୀ ହାଇବ୍ରିଡ୍ ଭେରାଇଟିର କାଜୁ, କଲମୀ ଆମ୍ବ, ଲିଚୁ, କମଳା, ପିଜୁଳି ଆଦି ଫଳଗଛ କରିବା ଆରମ୍ଭ କରିଦେଲେଣି । ତିନି ବର୍ଷ ଭିତରେ ସେଥିରୁ ସେମାନେ ପ୍ରଚୁର ଆମଦାନୀ କରିବେ, ସନ୍ଦେହ ନାହିଁ ।

ଗାଁ ଗଣ୍ଡାରେ ଅନେକଗୁଡ଼ିଏ ସଙ୍କର ଜାତୀୟ ଗୋରୁ ଫାର୍ମ ପ୍ରତିଷ୍ଠିତ ହୋଇଛି । ସେମାନେ ଦୁଗ୍ଧ ଉତ୍ପାଦନ ସମିତିମାନ ଗଠନ କରିଛନ୍ତି । ଫେଡେରେସନ୍ ସେମାନଙ୍କ ଫାର୍ମ ପାଖରୁ ଦୁଧ ସଂଗ୍ରହ କରି ନେଉଛନ୍ତି ଏବଂ ସୁଲଭ ଦାମରେ ଗୋଖାଦ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି । ଛେଳି ପାଳନ ଏବଂ କୁକୁଡା ପାଳନ ପାଇଁ ଅନେକ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି ।

ଲୋକମାନଙ୍କର ଋଣ ପାଇବାରେ କିଛି ଅସୁବିଧା ନାହିଁ । ସମିତା ଦିଦି ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପଞ୍ଜୀକରଣ କରାଇଥିଲେ ସେଗୁଡିକ ସୁଲଭ ସୁଧରେ ଆବଶ୍ୟକ ଅର୍ଥ ଚ଼ାଷୀମାନଙ୍କୁ ଯୋଗାଇ ଦେଉଛନ୍ତି ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପ୍ରତାପଗଡ଼ ଯେ ପର୍ଯ୍ୟଟନ ଶିଳ୍ପର ଏକ କେନ୍ଦ୍ରବିନ୍ଦୁ ହେବ ଏଥିରେ ସନ୍ଦେହ ନାହିଁ ।

Source: Author, Digitized by PPRACHIN, SOA

ବିଜୟ ଭାଇ ଦିନ ରାତି ବିଭିନ୍ନ ସଂସ୍ଥା ସହିତ ସଂଯୋଜକ କାମରେ ବ୍ୟସ୍ତ ରହି ନିଜ ଘରଦ୍ୱାର, ଖାଇବା ପିଇବା ସବୁ ଭୁଲି ଯାଇଛନ୍ତି । ତମେ ଗଲେ ତାଙ୍କୁ ସମ୍ଭାଳିବ ଦିଦି ।

ମେଘମାଳା କହିଲା... ମୁଁ ତାଙ୍କୁ ସମ୍ଭାଳିବାକୁ ଯିବି ତ ମୋ କାମ ଏଠାରେ କିଏ ସମ୍ଭାଳିବ ? ହଉ ସେକଥା ପରେ । ଏ' ଭିତରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଯାଇଛି, ଶୁଣ୍ । ପ୍ରଣତିର ପ୍ରେମିକ ଧରାପଡିଛି ଏବଂ ଗୋଟାଏ ଜାଲିଆ ଧପ୍ପାବାଜ୍ ବୋଲି ଜଣାପଡ଼ିଛି । ସେ ଆଗରୁ ବିବାହିତ ଏବଂ ଗୋଟିଏ ଝିଅର ବାପା ମଧ୍ୟ । ସେ ପ୍ରଣତି ସହିତ ତା'ର ସମ୍ପର୍କକୁ ମାନିବାକୁ ପ୍ରସ୍ତୁତ ନୁହେଁ । ସେ ଦୁହିଁଙ୍କର ମୁହାଁମୁହିଁ କଥାବାର୍ତ୍ତା ମଧ୍ୟ କରାଯାଇଛି । ସେ ଧପ୍ପାବାଜ୍ ପ୍ରଣତିକୁ ଚିହ୍ନେ ନାହିଁ ବୋଲି କହୁଛି । ଥାନାରେ ସେମାନଙ୍କ କଥାବାର୍ତ୍ତା ସମୟରେ ପ୍ରଣତି ସହିତ ମୁଁ ମଧ୍ୟ ଉପସ୍ଥିତ ଥିଲି । ତା'ର ପ୍ରତ୍ୟାଖ୍ୟାନ ପରେ ଥାନା ଇନ୍ସପେକ୍ଟର ଆମକୁ କହିଲେ...ଆଜ୍ଞା,ପ୍ରମାଣ ତ କିଛି ନାହିଁ, ତେଣୁ ଆମେ ଏହାଙ୍କୁ ଆଉ ଅଟକ ରଖି ପାରିବୁ ନାହିଁ । ଅବଶ୍ୟ, ଆପଣ ଚାହିଁଲେ କେଶ୍ କରିପାରନ୍ତି ।

ଶ୍ରୀକାନ୍ତ ପଚାରିଲା... ପ୍ରଣତି କ'ଣ କହୁଛି ?

ମେଘମାଳା କହିଲା...ଲୁହ ଡବଡବ ଆଖିରେ ପ୍ରଣତି ମତେ କହିଲା... କେଶ୍ କରି କ'ଣ ଲାଭ ମେଘମାଳା ? ମତେ ସେ ବାହା ହେଇଥିଲା ବୋଲି ପ୍ରମାଣିତ ହେଲେ ବି ମୋ ମନ ଭିତରେ ପ୍ରତାରଣାର ଯେଉଁ ଗଭୀର କ୍ଷତ ଲାଗିଛି ତା'ର ଯନ୍ତ୍ରଣା କଣ କମିଯିବ । ଅଲଣା ତରକାରୀରେ କ'ଣ ସୁଆଦ ଥାଏ ମେଘମାଳା ? ଭଙ୍ଗା ଆଇନା କଣ ଯୋଡ଼ି ହୁଏ ?

କିଛି ନିରବତା ପରେ ମେଘମାଳା କହିଲା...କେଡେ ସୁନ୍ଦର ଝିଅଟାର ଜୀବନ ନିଜର କିଛି ଭୁଲ୍ ପାଇଁ ନଷ୍ଟ ହୋଇଗଲା ।

ଶ୍ରୀକାନ୍ତ କହିଲା... କିଛି ନଷ୍ଟ ହେବନାହିଁ ଦିଦି, ପ୍ରଣତିର ବୟସ ବା କେତେ ? ଦୀର୍ଘ ଜୀବନ ପଡ଼ିଛି ଆଗକୁ । ସେ କେବଳ ଜୀବନର ଦୃଷ୍ଟିଭଙ୍ଗୀ ବଦଳାଇବାର ଅଛି । ଘଟିଥିବା ଘଟଣାକୁ ଗୋଟାଏ ଦୁର୍ଘଟଣା ବା ଦୁଃସ୍ୱପ୍ନ ବୋଲି ଧରିନେଇ ସେ ଚିରାଚରିତ ଜୀବନ ମାର୍ଗରେ ଆଗେଇଯିବା ଉଚିତ । ଆଉଥରେ ବାହା ହୋଇ ଘରସଂସାର କରିବା ଉଚିତ ।

ମେଘମାଳା କହିଲା...ଭାଷଣ ଦେବା ସହଜ ଶ୍ରୀକାନ୍ତ । ତା'ର ଯେଭଳି ବଦନାମ୍ ହେଇଚି କିଏ ତାକୁ ବାହା ହବ ?

ଶ୍ରୀକାନ୍ତ କହିଲା...ନିଶ୍ଚୟ ବର ମିଳିବେ । କ'ଣ ଏମିତି ହେଇଯାଇଛି କି ?

ମେଘମାଳା କହିଲା...ନିଜ ମନ ଆଇନାରେ ପୂର୍ଣ୍ଣ ଘଟଣାଟି ଦେଖି ତୋ ନିଜକୁ ପ୍ରଶ୍ନ କରି ଦେଖ...ତୁ ହେଇଥିଲେ କ'ଣ ତାକୁ ବାହା ହେଇଥାଆନ୍ତୁ ?

Source: Author, Digitized by PPRACHIN, SOA

ଶ୍ରୀକାନ୍ତ କହିଲା... ନିଶ୍ଚିତ ଭାବରେ ଦିଦି । ପ୍ରଣତି ଯଦି ରାଜି ହୁଏ ମୁଁ ତାକୁ ବାହା ହେବାପାଇଁ ପ୍ରସ୍ତୁତ ।

ମେଘମାଳା କହିଲା... ଆଦର୍ଶବାଦୀ ନହୋଇ ଟିକିଏ ବାସ୍ତବବାଦୀ ହୋଇ କଥା କହ ଶ୍ରୀକାନ୍ତ । ବାହାଘର କିଛି ଖେଳଘର ନୁହେଁ । ଦୁଇ ମନ,ଦୁଇ ହୃଦୟ ଏବଂ ଦୁଇ ପରିବାରର ବନ୍ଧନ ହେଉଛି ବାହାଘର । ତୋ ନିଜ ନିଷ୍ପତ୍ତି ଉପରେ ଏହା ନିର୍ଭର କରେନାହିଁ, ଏହା ତୋ ପରିବାରର ସମସ୍ତଙ୍କ ସମ୍ମତି ଉପରେ ନିର୍ଭର କରେ । ପରିବାରକୁ ଛାଡ଼ି ତୁ କ'ଣ ଅଲଗା ରହିପାରିବୁ ? ରହିବା ଉଚିତ ନୁହେଁ ମଧ୍ୟ । ପରିବାର ଗୋଟିଏ ଅପରିହାର୍ଯ୍ୟ ସାମାଜିକ ସଂସ୍ଥା । ଏହା ମଣିଷ ଜୀବନର ସ୍ଥିରତା, ସନ୍ତୁଳନ ଏବଂ ଶାନ୍ତି ପାଇଁ ଅପରିହାର୍ଯ୍ୟ । ପ୍ରଣତିର ଇତିହାସ ଦେଖି ତୋ ପରିବାରର ସଦସ୍ୟମାନେ ତାକୁ ବୋହୂ କରି ବାକୁ କଦାପି ରାଜି ହେବେ ନାହିଁ ।

ଶ୍ରୀକାନ୍ତ କହିଲା... ସେମାନଙ୍କୁ ରାଜି କରାଇବା ଦାୟିତ୍ୱ ମୋର ।

ମେଘମାଳା କହିଲା...ଏହା ଏତେ ସହଜ କାମ ନୁହେଁ । ଦ୍ୱିତୀୟରେ ଭାବପ୍ରବଣ ହୋଇ ଆଜି ତୁ ପ୍ରଣତିକୁ ବାହା ହେବାପାଇଁ କହୁଛୁ; ହୁଏ ତ ପ୍ରଣତି ତୋ ଉଦାରତାରେ ପ୍ରଭାବିତ ହୋଇ ତତେ ବାହାହେବାକୁ ରାଜି ହେବ । କିନ୍ତୁ କାଲି ସଂସାରର ବାସ୍ତବତାକୁ ସାମ୍ନା କଲାବେଳେ ତୁ ତାକୁ ତାର ଅତୀତର ଆଇନା ନ ଦେଖାଇବୁ ବୋଲି କିଛି ମାନେ ଅଛି ? ସେତେବେଳେ ବିଚାରୀ ପ୍ରଣତିର ଦ୍ୱିତୀୟ ଥର ଧକ୍କା ଖାଇବାର ଛାତି ଆଉ ନଥିବ ।

କିଛି ନିରବତା ପରେ ମେଘମାଳା କହିଲା... ଶ୍ରୀକାନ୍ତ, ଏସବୁ ଆମର ବିଲୁଆ ବିଚାର । ପ୍ରଣତି ମନରେ କ'ଣ ଅଛି ଆମକୁ ଜଣାନାହିଁ । ହୁଏତ ସେ ତତେ ପସନ୍ଦ ନକରି ପାରେ । ତେଣୁ ଅନେକ ପ୍ରଶ୍ନବାଚୀର ବଳୟ ଭିତରେ ବନ୍ଦୀ ହୋଇରହିଛି ତୋର ପ୍ରଣତି ପ୍ରତି ଦୁର୍ବଳତା । ସମୟ ସବୁ ପ୍ରଶ୍ନର ଉତ୍ତର ଦେବ ।

ଶ୍ରୀକାନ୍ତ କିଛି କହିବାକୁ ଯାଉଥିଲା ।

ମେଘମାଳା ବାଧାଦେଇ କହିଲା...ଦେଖ୍ ଶ୍ରୀକାନ୍ତ, ପ୍ରଣତିର ବର୍ତ୍ତମାନ ଯେଉଁ ମାନସିକ ଅବସ୍ଥା, ସେଥିରେ ଏଭଳି ଏକ ସମ୍ବେଦନଶୀଳ ପ୍ରଶ୍ନ, ତା' ଆଗରେ ରଖିବା, ମୋ ମତରେ ଠିକ୍ ହେବନାହିଁ । ଆମେ ତାକୁ ବର୍ତ୍ତମାନର ମାନସିକ ସ୍ଥିତି ସହିତ ଲଢ଼େଇ କରି ସାଲିସ୍ କରିବାପାଇଁ ଛାଡ଼ିଦେବା । ଏ ଭିତରେ ଏ ସମ୍ପର୍କ ନେଇ ତୁ କେତେ ସିରିୟସ୍ ନିଜେ ମଧ୍ୟ ଚିନ୍ତା କରି ସ୍ଥିର କରେ । ସମୟକ୍ରମେ ସବୁ ଠିକ୍ ହୋଇଯିବ ଶ୍ରୀକାନ୍ତ । ତୋର ଇଚ୍ଛା ପୂରଣ ହେଲେ ସବୁଠାରୁ ଖୁସି ହେବି ମୁଁ ।

Source: Author, Digitized by PPRACHIN, SOA

ବର୍ତ୍ତମାନ ଏସବୁ ଛାଡ଼ି ମୁଁ ଯାହା କହୁଛି ଶୁଣୁ । ଗୋଟିଏ ପ୍ରୌଢ଼ାଶ୍ରମ ଆମ ଫାର୍ମରେ ପ୍ରତିଷ୍ଠା କରିବାର ଯୋଜନା ଅଛି । ସେଥିପାଇଁ ମୁଁ ରେଜିଷ୍ଟ୍ରେସନ୍ ପାଇଁ ଦରଖାସ୍ତ ଦେଇଛି । ଆଶ୍ରମ ଅନ୍ତେବାସୀଙ୍କର ଦେଖାଶୁଣାର ଦାୟିତ୍ୱ ତୋ ଉପରେ ।

ଦ୍ୱିତୀୟ କଥା ହେଲା ପ୍ରଣତିର ଗୋଶାଳା ଲୋନ ମଞ୍ଜୁର ହୋଇଯାଇଛି । ସେଥିପାଇଁ କିନ୍ତୁ ଗୋଟିଏ ମୁଣ୍ଡବ୍ୟଥା ଅଛି । ଡାଉନ୍ ପେମେଣ୍ଟ୍ ପନ୍ଦରରୁ କୋଡ଼ିଏ ହଜାର ଲାଗିବ । ତାହା ଯୋଗାଡ଼ କରିବାକୁ ହେବ । ସେ ଦାୟିତ୍ୱ ଅବଶ୍ୟ ମୋର; ଯୋଗାଡିବା ପାଇଁ ଚେଷ୍ଟା କରୁଛି । ତୁ ଏ ଭିତରେ ବରଗଡ଼ ଯାଇ ଉଦ୍ୟାନ କୃଷି ବିଭାଗ ଠାରୁ ଫ୍ଲୋରିକଲଚ଼ର୍ ବିଷୟରେ ଟିକିନିଖି ବୁଝିବୁ । ପ୍ରତାପଗଡ଼ରେ ହେଉଥିବା ଫୁଲଚ଼ାଷ ବିଷୟରେ ତୋଠାରୁ ଶୁଣିଲା ପରେ ମୋର ମଧ୍ୟ ଇଚ୍ଛା ଆମେ ବ୍ୟବସାୟିକ ସ୍ତରରେ ଆମ ଫାର୍ମରେ ମଧ୍ୟ ଫୁଲଚ଼ାଷ କରିବା ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୩

ବିଜୟକୁ ସିନା ମେଘମାଳା ଫୋନ୍ ନକରିବାକୁ କହିଥିଲା, କିନ୍ତୁ ଅନ୍ତର ଭିତରୁ କିଏ ଜଣେ ତାକୁ କହୁଥିଲା ବିଜୟ ଟିକିଏ ଫୋନ୍ କରନ୍ତାକି । ଫୋନ୍ କରି ଆଉଥରେ କ୍ଷମା ମାଗନ୍ତା, ଆଉ କହନ୍ତା... ମେଘମାଳା, ମୁଁ ଅତି ଶୀଘ୍ର ଏପଟ କାମ ଶେଷକରି, ଚାକିରି ଛାଡ଼ିଦେଇ ଗାଁ କୁ ଆସୁଛି । ଆଉଥରେ ହେଲେ ବିଜୟ କହନ୍ତା...ମାଳା, ତୋ ବିନା ମୋ ଜୀବନ ଅଧୁରା । ତୁ ମୋର ସ୍ୱପ୍ନ,ତୁ ମୋର ବାସ୍ତବ ।

ବିଜୟ ଠାରୁ କିଛି ଗୋଟାଏ ନିଷ୍ପତ୍ତି ନଶୁଣିବାଯାଏ ମେଘମାଳାର ମନଟା ଏମିତି ଅନ୍ଧାର ଘର ଭିତରେ ଅଣ୍ଡାଳି ହେଉଥିବ । ମେଘମାଳା ଭାବିଲା...ସତେ କଣ ବିଜୟ ବିନା ତା'ର ସ୍ୱପ୍ନ ସାକାର ହେବା ସମ୍ଭବ ? ତୁଳସୀପୁର କଣ ବିଜୟର ବିନା ସାହାଯ୍ୟରେ ପ୍ରଗତିର ଶିଢି ଚଢ଼ିପାରିବ ?

ପ୍ରଣତି ବୈଷୟିକ ପ୍ରଶିକ୍ଷଣ ନେଇ ଏ ଭିତରେ ଫେରି ଆସିଛି । ଲୋନ୍ ମଧ୍ୟ ମଞ୍ଜୁର ହୋଇଯାଇଛି । ଖାଲି ଡାଉନ୍‌ପେମେଣ୍ଟ ଟଙ୍କା ଯୋଗାଡ଼ ହେଲେ ଗୋପାଳନ ଏବଂ ଛତୁଚାଷ କାମ ସୁରୁଖୁରୁରେ ଆରମ୍ଭ ହୋଇଯିବ ।

ମେଘମାଳା ଘଡିକୁ ଚାହିଁଲା । ସ୍କୁଲ୍ ଶେଷ ହେବା ସମୟ ହେଲାଣି । ଆଜି କିଛି ଭଲ ଲାଗୁନି । ମୁଣ୍ଡଟା ବିନ୍ଧୁଚି । ଟେନସନ୍ ଛଡ଼ା ଅନ୍ୟ କିଛି ନୁହେଁ । ଘରକୁ ଫେରିବା

Source: Author, Digitized by PPRACHIN, SOA

ପାଇଁ ବାହାରିଲା ମେଘମାଳା । ହଠାତ୍‌ଦେଖିଲା କୋଠରି ଦୁଆର ମୁହଁରେ ଜଣେ ଆଗନ୍ତୁକ । ମହିଳା ବେଶରେ ସଜ୍ଜିତ ହୋଇଥିଲେ ମଧ ତୃତୀୟ ଲିଙ୍ଗୀ ବୋଲି ସ୍ପଷ୍ଟ ବାରି ହୋଇଯାଉଥିଲା । ପିନ୍ଧିଛି ରଙ୍ଗିନ୍ ଶାଢ଼ିଟିଏ, ହାତରେ ଦି' ଦି'ପଟ ସୁନା ରଙ୍ଗର କାଚ୍, ରଙ୍ଗ ଗୋରା, ମୁହଁରେ ଲିପଷ୍ଟିକ୍, କପାଳରେ ବିନ୍ଦି, ଉଚ୍ଚତା ଆନୁମାନିକ ପାଞ୍ଚଫୁଟ ଚାରିଇଞ୍ଚ, ବୟସ କୋଡ଼ିଏ ବର୍ଷ ପାଖାପାଖି । ଭିତରକୁ ପଶି ଆସୁଆସୁ କହିଲା...ଦିଦି, ଟିକିଏ କଥା ହେଇ ପାରିବି ?

ମେଘମାଳା ବୁଝିପାରିଲା ନାହିଁ ତା' ପାଖରେ ଏହି ଚରିତ୍ରଟିର କାମ କ'ଣ । ମେଘମାଳା ନିଜ ଚଉକିରେ ବସୁ ବସୁ କହିଲା... ହଁ କହନ୍ତୁ କଣ କାମ ମୋ ପାଖରେ ?

ଆଗନ୍ତୁକଟି ସେହି ଭଳି ଠିଆ ହୋଇ କହିଲା..ଦିଦି ଆପଣଙ୍କୁ ମୁଁ ମୋ ବିଷୟରେ କିଛି କହିବା ପାଇଁ ଆସିଛି ଟିକିଏ ଧୈର୍ଯ୍ୟର ସହିତ ଶୁଣିବାକୁ ସମୟ ଦେଇ ପାରିବେ ?

ମେଘମାଳା ଭାବିଲା କେଉଁ ପିଲାର ଆଡ୍‌ମିଶନ ବିଷୟରେ କିଛି କଥା ଥିବ । ତେଣୁ କହିଲା... ଠିକ୍ ଅଛି, ବସନ୍ତୁ ଏବଂ କହନ୍ତୁ କଣ କହିବାର ଅଛି ।

ଆଗନ୍ତୁକ ଜଣକ କହିଲା...ଦିଦି, ମୁଁ କହିବା ଦରକାର ନାହିଁ, ଆପଣ ତ ଜାଣିପାରୁଥିବେ ମୁଁ ତୃତୀୟ ଲିଙ୍ଗୀ । ପୁରୁଷର ଶରୀର ଭିତରେ ମୁଁ ଗୋଟିଏ ଝିଅ । ମୋ ଦୁଃଖର କାହାଣୀ ଟିକିଏ ଶୁଣନ୍ତୁ ।

ଗୋଟିଏ ସମ୍ପନ୍ନ ବ୍ରାହ୍ମଣ ପରିବାରରେ ମୋର ଜନ୍ମ ହୋଇଥିଲା । ମୁଁ ଜନ୍ମ ହେବାପରେ, କୋଳକୁ ପୁଅଟିଏ ଆସିଛି ବୋଲି ବାପା ମାଆ ମୋର କୁଆଡ଼େ ବହୁତ୍ ଖୁସି ହୋଇଥିଲେ । ଧୁମ୍‌ଧାମ୍‌ରେ ଏକୋଇଶିଆ ପାଳନ କରିଥିଲେ । ମୁଁ ଯେତିକି ଯେତିକି ବଡ଼ ହେଲି ମୋଠାରେ ଝିଅପିଲାର ଚାଲିଚଳଣ ସ୍ପଷ୍ଟ ବାରି ହୋଇଗଲା । ମୋ ବଡ଼ ଭଉଣୀ ମୋଠାରୁ ଦୁଇବର୍ଷ ବଡ଼ ଥିଲା । ତାର ଫ୍ରକ୍ ପିନ୍ଧି ବୁଲିବାକୁ ମତେ ଭଲ ଲାଗେ । ମୁହଁରେ ଲିପଷ୍ଟିକ ଲଗାଇ ଫ୍ରକ୍ ପିନ୍ଧି ଆଇନା ଆଗରେ ନାଚିବାରେ ମୁଁ ବହୁତ ଆନନ୍ଦ ପାଉଥିଲି ।

ମୋର ଏହି ଝିଅ ପିଲା ଗୁଣ ସବୁ ଦେଖି ବାପା ମାଆ ବହୁତ୍ ବ୍ୟସ୍ତ ହୋଇ ପଡ଼ୁଥିଲେ । ମୋ ପ୍ରତି ସେମାନଙ୍କର ବ୍ୟବହାର ଶକ୍ତ ହୋଇ ଉଠିଲା । ଫ୍ରକ୍ ପିନ୍ଧି ଥିଲେ ବହୁତ୍ ମାଡ଼ ଖାଉଥିଲି ବାପାଙ୍କଠାରୁ ।

କିନ୍ତୁ କିଛି ପରିବର୍ତ୍ତନ ହେଲାନାହିଁ ମୋର । ବାପା ସେ ସମୟରେ ଗାଁରୁ ଦୂରରେ ରେଲୱେରେ ଚାକିରି କରୁଥିଲେ । କଲୋନିରେ ମତେ ସମସ୍ତେ ମାଇଚିଆ କହି ଚିଡାଇଲେ । ବାପାଙ୍କୁ ଏବଂ ମାଆଙ୍କୁ ବହୁତ୍ ଛିଗୁଲେଇ କଥାବାର୍ତ୍ତା କଲେ କଲୋନିର ଲୋକମାନେ । ସ୍କୁଲରେ ମଧ ସେହି ଅବସ୍ଥା । ମୁଁ କଣ ବା କରିଥାନ୍ତି, ମୋ ଭିତରର ଝିଅଟି ସବୁବେଳେ

Source: Author, Digitized by PPRACHIN, SOA

ପୁଅପିଲା ଦେହରୁ ବାହାରି ଆସିବାପାଇଁ ଚେଷ୍ଟା କରୁଥିଲା । ଦିନେ ବାପା ଘରେ ଆସି ବହୁତ କାନ୍ଦିଲେ ବୋଉ ପାଖରେ...କହିଲେ....ଏ ମାଇଚିଆଟା ହେଲେ ପେଟ ଭିତରେ ମରି ଯାଇଥାନ୍ତା, ମତେ ଆଜି ଏତେ କଥା ଶୁଣିବାକୁ ପଡ଼ି ନଥାନ୍ତା ।

ବାପାଙ୍କର କାନ୍ଦ ଦେଖି ବଡ଼ ଅସହାୟ ହୋଇ ମୁଁ କାନ୍ଦିଥିଲି । ମନ୍ଦିରକୁ ଯାଇ ଭଗବାନଙ୍କୁ ପ୍ରାର୍ଥନା କରି ବଡ଼ ପାଟିରେ ଚିତ୍କାର କରି ପଚାରିଲି... କାହିଁକି ! କାହିଁକି ଭଗବାନ ମତେ ଏଭଳି ଗଢ଼ିଲ ? ଝିଅପିଲାର ମନକୁ ପୁଅପିଲାର ଶରୀରରେ କାହିଁକି ଦେଲ ପ୍ରଭୁ ? ଯଦି ଏ ସବୁ ତୁମ ଲୀଳା ତାହେଲେ ଆମପାଇଁ ଅଲଗା ଭୂଖଣ୍ଡଟିଏ କାହିଁକି ସୃଷ୍ଟି ନକଲ ଏ ପୃଥିବୀରେ ? ଏ ସମାଜର ତାଚ୍ଛଲ୍ୟ ମତେ ଆଉ ମୋ ବାପାମାଆଙ୍କୁ ଶୁଣିବାକୁ କାହିଁକି ଦେଲ ଭଗବାନ ?

ଏମିତି କିଛି ଦିନ ଚାଲିଗଲା । ଥରେ ମୋ ପରିବାର ବାହାରିଲେ ତିରୁପତି । ମୁଁ, ମୋ ଭଉଣୀ ,ମାଆ ଏବଂ ବାପା ଗୋଟିଏ ଗାଡ଼ି ଭଡ଼ା କରି ତିରୁପତିରେ ପହଞ୍ଚିଲୁ । ମତେ ସେତେବେଳକୁ ଦଶବର୍ଷ ବୟସ । ମୋର ଧାରଣା ଥିଲା ଯେ ବାଳ ପକାଇବା ପାଇଁ ଆମେ ଆସିଛୁ ତିରୁପତି । ସନ୍ଧ୍ୟା ସମୟରେ ଗୋଟିଏ ହୋଟେଲରେ ଆମେ ରହିଲୁ । ସେଦିନ ବାପାମାଆଙ୍କର ସ୍ନେହ ମୋ ଉପରେ ଅଜାଡ଼ି ହୋଇ ପଡୁଥାଏ । ଭଲ ଭଲ ଖାଇବା ପଦାର୍ଥ କିଣି ଆଣି ବାପା ମତେ ଦେଉଥାନ୍ତି । ମାଆ ଖାଲି କାନ୍ଦୁଥାଏ । କାରଣ ମୁଁ ଜାଣି ପାରୁ ନଥାଏ ।

ସେଦିନ ରାତିଟି ମୋର ବାପା ମାଆଙ୍କ ସହିତ ଶେଷ ରାତି ଥିଲା । ସକାଳୁ ଉଠି ଦେଖିଲି ମୋ ବାପା ମାଆ ମତେ ସେଠାରେ ଏକା ଛାଡ଼ି ଚାଲି ଯାଇଛନ୍ତି । ମୋର ଜାଣିବାକୁ ବାକି ରହିଲା ନାହିଁ ଯେ ମତେ ମୋ ବାପାମାଆ ଲୋକ ଲଜ୍ଜାକୁ ଡରି ପରିତ୍ୟାଗ କରିଛନ୍ତି । ମୋର ଜାଣିବାକୁ ବାକି ରହିଲା ନାହିଁ ପୂର୍ବଦିନ ବାପା କାହିଁକି ମତେ ଏତେ ସ୍ନେହରେ ଖୁଆଉଥିଲେ ଏବଂ ମାଆ କାହିଁକି ଏତେ କାନ୍ଦୁଥିଲା ।

ଶୂନ୍ୟ ଆକାଶକୁ କିଛି ସମୟ ଚାହିଁ ରହିଲି । ଭୋକରେ ପେଟ ଆଉଟି ହୋଇ ଯାଉଥାଏ । ହୋଟେଲରେ ଖାଦ୍ୟ ମାଗିବାକୁ ଯାଇ ଗୋଇଠା ଖାଇ ଆସି ରାସ୍ତାରେ ପଡ଼ିଲି । କୁକୁରମାନଙ୍କ ସହିତ ମିଶି ଖଲିପତ୍ର ଚାଟିଲି । ତିନି ଚାରି ଦିନ ଭିତରେ ମୋ ଗୋଷ୍ଠୀର ଲୋକ ମତେ ମିଳିଗଲେ । ମୋ ପିନ୍ଧାରେ ଥିବା ପ୍ୟାଣ୍ଟ୍ କାଢି ଫିଙ୍ଗି ଦେଇ ସେମାନେ ମତେ ଶାଢ଼ି ପିନ୍ଧେଇ ଦେଲେ । ସେହିଦିନ ଠାରୁ ବସ୍‌ଷ୍ଟାଣ୍ଡ୍‌ରେ, ରେଳ ଷ୍ଟେସନରେ ବୁଲି ବୁଲି, ତାଳି ମାରି 'ଏ ରାଜା ଦେନା,ଏ ସଲମାନ୍ ଦେନା, ଏ ରିତିକ୍ ଦେନା' କହି ଭିକ ମାଗି ବୁଲିଲି ।

Source: Author, Digitized by PPRACHIN, SOA

ମୋ ନାଁ ବଦଳେଇ ମୋ ଗୋଷ୍ଠୀର ଲୋକ ମତେ 'ମଳୟ'ରୁ 'ମାଳତି'ରେ ପରିଣତ କରିଦେଲେ । ଯାହା କିଛି ପାଠ ଟିକିଏ ପଢ଼ିଥିଲି ବହୁତ୍ କାମ ଦେଲା । ମୋ ଗୋଷ୍ଠୀର ଲୋକଙ୍କ ଭିତରେ ମୋର ଇଜ୍ଜତ ବଢ଼ିଗଲା । ସେମାନେ ଯେଉଁ ପଇସା ମାଗିଯାଚି ଆଣୁଥିଲେ ତାର ହିସାବ ମୁଁ କରୁଥିଲି ।

ଆସ୍ତେ ଆସ୍ତେ ଧନ୍ଦା ବଢାଇବାକୁ ମୁମ୍ବାଇକୁ ଚାଲିଗଲି ମୋ ଗୋଷ୍ଠୀର କିଛି ଲୋକଙ୍କ ସହିତ ।

ବଡ଼ ହେବାପରେ ଭେଟିବାକୁ ଚାହିଁଲି ମୋ ଘର ଲୋକଙ୍କୁ । ମାଆର ମମତା ମୁଁ ଭୁଲି ପାରି ନଥିଲି । ଭଉଣୀ କଥା ବହୁତ ମନେ ପଡ଼ିଲା । ହାଇଦ୍ରାବାଦର ଯେଉଁ ରେଲୱେ କଲୋନିରେ ଆମେ ରହୁଥିଲୁ ସେଠାରେ ଦିନେ ପହଞ୍ଚିଲି । ସେତେବେଳକୁ ବାପା ସେବିନିବୃତ୍ତ ହୋଇ ସାରିଥିଲେ ଏବଂ ଗାଁ'କୁ ଚାଲିଯାଇଥିଲେ । ଗାଁକୁ ଯାଇ ମୋ ପରିବାର ଲୋକଙ୍କ ମୁଣ୍ଡ ତଳକୁ କରି ବାକୁ ମୁଁ ଚାହୁଁ ନଥିଲି । ତେଣୁ ଫେରିଗଲି ମାୟାନଗରୀ ମୁମ୍ବାଇକୁ ।

ମୁମ୍ବାଇରେ ଗାଆଁ ଆଡ଼ର ଜଣେ ବ୍ୟକ୍ତିଙ୍କ ଠାରୁ ଜାଣିଲି ଯେ ମୋ ପିତା ଆଉ ଏ ସଂସାରରେ ନାହାଁନ୍ତି ଏବଂ ମାଆ ମୋର ଆର୍ଥିକ ଅନାଟନ ଭିତରେ ଗତି କରୁଛି । ମନ ମୋର ସମ୍ଭାଳି ପାରିଲା ନାହିଁ । ମୁଁ ଆସିଥିଲି ମୋ ମାଆକୁ ଟିକିଏ ଦୂରରୁ ଦେଖି ଚାଲି ଯିବାପାଇଁ । ଆସିଥିଲି ମୋ ସ୍ନେହର ଭଉଣୀକୁ ଟିକିଏ ଆଖିପୁରେଇ ଦେଖିବା ପାଇଁ । ସେମାନଙ୍କ ପାଖକୁ ମୁଁ ଗଲିନାହିଁ ; ଗାଁ ଲୋକେ ଜାଣିଲେ ସେମାନେ ଲାଜରେ ବାଟ ଚାଲି ପାରିବେ ନାହିଁ । ସେଥିପାଇଁ ଦୂରରୁ, ଲତା ଉହାଡ଼ରୁ, ଆପଣଙ୍କର ଫାର୍ମରେ ସେମାନଙ୍କୁ ମନ ପୂରେଇ ଦେଖି ନେଇଛି । କିଛି ଟଙ୍କା ସଞ୍ଚୟ କରି ରଖିଥିଲି, ମାଆର ଏ ଦୁର୍ଦ୍ଦିନରେ ତାକୁ ସାହାଯ୍ୟ କରିବି ବୋଲି । ଦିଦି, ଏଇ ପନ୍ଦର ହଜାର ଟଙ୍କା ରଖନ୍ତୁ ମୋ ମାଆ ଓ ଭଉଣୀକୁ ଦେଇଦେବେ । ସେମାନଙ୍କୁ ମୋ ଆସିବା ବିଷୟରେ କିଛି କହିବେ ନାହିଁ । ଗାଁ ଲୋକ ମୋ ବିଷୟରେ କିଛି ଜାଣିବା ପୂର୍ବରୁ ମୁଁ ଆଜି ହିଁ ଚାଲିଯାଉଛି । ମୁଁ ଚାହେଁ ନାହିଁ ମୋ ପାଇଁ ମୋ ମାଆ ଓ ଭଉଣୀ ଲଜ୍ଜିତ ହୁଅନ୍ତୁ ।

ମେଘମାଳା ଆଶ୍ଚର୍ଯ୍ୟ ହୋଇ କହିଲା.... ତମେ ପ୍ରଣତିର ଭାଇ ? କାଇଁ ପ୍ରଣତି ବା ମାଉସୀ କେବେ ତ ତୁମକଥା ମତେ କହି ନାହାଁନ୍ତି ! ଓଃ ମାଇଁ ଗଡ୍ ! ତୁମେ ଚାଲ ମୋ ସହିତ ଫାର୍ମକୁ । ତମେ ଏମିତି ଫେରିଯାଇ ପାରିବ ନାହିଁ । ତୁମ ମାଆ ଏବଂ ଭଉଣୀ ସହିତ ଭେଟ ହୋଇଯିବ ।

ମାଳତି କହିଲା...ଦିଦି, ମୋ ସଂସାର ଅନ୍ଧାର ଭିତରେ । ମତେ ଆଲୁଅକୁ ବହୁତ ଡର

Source: Author, Digitized by PPRACHIN, SOA

ଲାଗେ । ମତେ ସେଇ ଅନ୍ଧାର ଭିତରେ ରହିବାକୁ ଦିଅ । ଛାଇ ଆଲୁଅକୁ କାହିଁକି ଟାଣୁଛ ? ମୁଁ ମୋ ଦୁନିଆରେ ଖୁସିରେ ଅଛି, ମୋ ମାଆ ଓ ଭଉଣୀ ମଧ ଶାନ୍ତିରେ ରହନ୍ତୁ, ମୁଁ ଏହାହିଁ ଚାହେଁ ।

ମେଘମାଳା କହିଲା... କିନ୍ତୁ ତାଙ୍କୁ ଏ ଟଙ୍କା ଦେଲାବେଳେ କ'ଣ କହିବି ? କିପରି କହିବି ଯେ ତୁମେ ଆସିଥିଲ, ଅଥଚ ଦେଖା ନକରି ଚାଲିଗଲ ? ନା ନା ତୁମକୁ ମୋ ସାଥିରେ ଆସିବାକୁ ହେବ ।

ମାଳତି କହିଲା...ମୋ ଆସିବା କଥା ସେମାନଙ୍କୁ କହିବନି ଦିଦି । ପଇସା କିଏ ଦେଇଛି, ଗୁରୁତ୍ୱପୂର୍ଣ୍ଣ ନୁହେଁ, କାମରେ ଲାଗିବାଟା ଗୁରୁତ୍ୱ ପୂର୍ଣ୍ଣ । ତୁମ ଆଶ୍ରୟରେ ସେମାନେ ଭଲରେ ଅଛନ୍ତି, ଏଇ ଆତ୍ମତୃପ୍ତି ନେଇ ମୁଁ ଫେରିଯାଉଛି ।

ଟଙ୍କା ବଣ୍ଡଲ୍‌ଟି ମେଘମାଳାର ଟେବୁଲ୍ ଉପରେ ରଖିଦେଇ ଝଡ଼ ବେଗରେ ଚାଲିଗଲା ମାଳତି । ସନ୍ଧ୍ୟା ନଇଁ ଆସୁଥାଏ । ମେଘମାଳା କିଛି ଭାବିବା ପୂର୍ବରୁ ଅନ୍ଧାର ଭିତରେ ହଜି ଯାଇଥିଲା ମାଳତି । କିଂକର୍ତ୍ତବ୍ୟବିମୂଢ଼ ହୋଇ ତା'ର ଯିବା ବାଟକୁ ଚାହିଁ ରହିଥିଲା ମେଘମାଳା ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୪

ମାଳତିର ଆବିର୍ଭାବ ଏବଂ କରୁଣ କାହାଣୀ ବର୍ଣ୍ଣନା ପରେ ଆକସ୍ମିକ ପ୍ରସ୍ଥାନ ମେଘମାଳାକୁ ଏକ ପ୍ରକାର ସ୍ତମ୍ଭୀଭୂତ କରିଦେଇଥିଲା । କିଭଳି ସେ ଏହା ପ୍ରଣତି ଏବଂ ତା' ବୋଉଙ୍କ ପାଖରେ ପ୍ରକାଶ କରିବ ଜାଣି ପାରୁନଥିଲା । ପ୍ରକାଶ କରିବାକୁ ତ ହେବ, କାରଣ ମାଳତି ଦେଇଥିବା ପନ୍ଦର ହଜାର ଟଙ୍କା, ସେମାନଙ୍କ ଅଜ୍ଞାତରେ, ସେମାନଙ୍କ ନିଜ କାମପାଇଁ ମଧ୍ୟ ଖର୍ଚ୍ଚ କରିବା ବିବେକ ବିରୁଦ୍ଧ ହେବ ବୋଲି ମେଘମାଳାର ମନେ ହେଲା ।

ପରଦିନ ସକାଳୁ ମେଘମାଳା ଫାର୍ମରେ ପହଞ୍ଚି ଗୋଟିଏ ସୁନ୍ଦର ଦୃଶ୍ୟ ଦେଖିବାକୁ ପାଇଲା । ପ୍ରଣତି-ବୋଉଙ୍କର କୋଳରେ ମୁଣ୍ଡ ରଖି ଶୋଇଛି ଶ୍ରୀକାନ୍ତ । ଅଳ୍ପ ଦୂରରେ ବସିଛି ପ୍ରଣତି । ସଦେଇ- ବୋଉ ମାଉସୀଙ୍କ ସୁଲଳିତ କଣ୍ଠରୁ ନିସୃତ 'ଟୀକା ଗୋବିନ୍ଦଚନ୍ଦ୍ର'ର ପଦାବଳୀ ଭାବମୟ ପରିବେଶ ସୃଷ୍ଟି କରିଛି । ଆଃ ! କି ସୁନ୍ଦର ଗାଉଛନ୍ତି ମାଉସୀ !

'କେ କାନ୍ଦିବ ଦିନ ଦଶରେ କୁମର, କେ କାନ୍ଦିବ ଦିନ ବାର,
ମୁହିଁ ମାତା ତୋର ନିରତେ କାନ୍ଦିବି ମରିବାର ଯୁଗାନ୍ତର
ରେ କୁମର, ମରିବାର ଯୁଗାନ୍ତର ।

Source: Author, Digitized by PPRACHIN, SOA

ଗହନ ବନସ୍ତ ପୋଡ଼ିଲେ ଧନରେ ଜନ ଜଗତ ଜାଣନ୍ତି,
ମାତା କ୍ଷୀରବତୀ ହୃଦୟ ପୋଡ଼ିଲେ ତାହା କେହି ନଜାଣନ୍ତି,
ରେ କୁମର ତାହା କେହି ନଜାଣନ୍ତି ।'

ମା ହୃଦୟ ସାଗରର ଗଭୀରତମ ଜଳରେ ଥିବା ବାତ୍ସଲ୍ୟର ମଣିଟିକୁ ଏହି ପଦଗୁଡ଼ିକ ଜାଜ୍ୱଲ୍ୟମାନ କରି ଦେଇଛନ୍ତି ।

ଉପସ୍ଥିତ ଥିବା ସବୁ ଶ୍ରୋତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ବହିଯାଉଛି । ସେଥିରେ ଶୁକୁରିଆ କାକା ମଧ୍ୟ ସାମିଲ୍ ଅଛନ୍ତି ।

ଏ ପରିବେଶକୁ ଆନମନା କରିବାକୁ ଇଚ୍ଛା ହେଲାନାହିଁ ମେଘମାଳାର । ସମସ୍ତଙ୍କର ଭାବାବେଗ ଦେଖି ତା'ର ମନେହେଲା ତାର ତପସ୍ୟା ସଫଳ ହେବାର ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇ ସାରିଛି । ଏହି ପରିବାରଟି ତା'ର ସ୍ୱପ୍ନ ସାକାର କରିବ । କି ପାରସ୍ପରିକ ସ୍ନେହ ଭାବ ଭରି ରହିଛି ସେମାନଙ୍କ ଭିତରେ !

ମେଘମାଳାର ଉପସ୍ଥିତି ଜାଣି ପାରି ସମସ୍ତେ ପ୍ରକୃତିସ୍ଥ ହେଲେ । ମେଘମାଳା ପଚାରିଲା...ଏ କୋଇଲି କଣ୍ଠସ୍ୱର କେଉଁଠୁ ପାଇଲ ମାଉସୀ । ଏଠି ତୁମ ଦରଦୀ କଣ୍ଠସ୍ୱରରେ ହଜିଯାଇ ଆମେ ସମସ୍ତେ ଭୋକ ଶୋଷ ଭୁଲି ଯିବୁ, କାମ ଦାମ ସବୁ ବନ୍ଦକରି ତୁମ ପାଖରେ ବସି ଗୀତ ଶୁଣିବୁ ।

ପ୍ରଣତି କହିଲା... ମାଉସୀ କହୁଥିଲେ ସେ ଆଖପାଖ ଗାଆଁମାନଙ୍କରେ ବୁଲି ଏମିତି ମଧୁର କଣ୍ଠରେ ଗୀତ ଗାଆନ୍ତି ଯେ ଲୋକମାନେ ଆପେ ଆପେ ଆସି ତାଙ୍କୁ ଚାଉଳ, ମୁଗ, ବିରି, ପଇସା ପତ୍ର ସବୁ ଦେଇ ଯାଆନ୍ତି । ଏତେ ମିଳେ ଯେ ଘରକୁ ବୋହି ଆଣିବା ସମ୍ଭବ ହୁଏନାହିଁ ।

ମେଘମାଳା କହିଲା... ଏକଥା କଣ ସତ ମାଉସୀ ? ତମେ ତ କହୁଥିଲ ତମେ କାହାକୁ ମାଗ ନାହିଁ ବୋଲି ।

ସଦେଇ ବୋଉ ମାଉସୀ କହିଲା... ହଁ ଲୋ ମାଆ, ଥରେ ଏମିତି ବେଳ ଆସିଥିଲା । ଗେରସ୍ତ ମରିଯିବା ପରେ ଭେଣ୍ଡା ପୁଅଟାର ଗାଡ଼ି ଦୁର୍ଘଟଣାରେ ଗୋଡ଼ ଭାଙ୍ଗିଗଲା । ଭୂଆଷୁଣୀ ବୋହୂଟାକୁ କଣ ବାହାରକୁ ଛାଡ଼ିଥାନ୍ତି, ନିଜେ ଅଣ୍ଟା ଭିଡ଼ିଲି । ଭାବିଲି ଭିକ ମାଗିବା ଅପେକ୍ଷା ଗୀତଗାଇ ଲୋକଙ୍କ ମନୋରଞ୍ଜନ କରି ଦି'ପଇସା ତ କମେଇ ଘର ଚଳେଇ ପାରିବି । ଲତା ମଙ୍ଗେସକର ସିନା ହେଇପାରିବିନି, କାନ୍ଦଣା ଲହରୀ ତ ଗାଇ ପାରିବି, ଟୀକା ବୋବିନ୍ଦଚନ୍ଦ୍ର ତ ଗାଇ ପାରିବି ।

ପାଖ ଗାଆଁମାନଙ୍କୁ ଯାଇ ଗାଁ ଭାଗବତ ଘର ପାଖରେ ବସି ଗାଏ । ଲୋକମାନେ ଶୁଣି

Source: Author, Digitized by PPRACHIN, SOA

ଖୁସିରେ ଯିଏ ଯାହା ଦେଲା ଆଣେ । ପୁଅ ଭଲ ହୋଇ କାମକୁ ଗଲାପରେ ଅନ୍ୟ ଗାଆଁକୁ ଯାଇ ଗୀତ ବୋଲିବା ଛାଡ଼ିଦେଲି ।

ଅଳ୍ପ ବିରତି ପରେ ସଦେଇମା' ପଚାରିଲା...କହିଲ ମାଆ, ଏଇ କାମଟାକୁ କଣ ଭିକମଗା କୁହାଯିବ ? ଏଇଟା ଯଦି ଭିକମଗା କାମ, ତାହେଲେ ଲତା ମଙ୍ଗେସକର କ'ଣ ଭିକ ମାଗନ୍ତି ?

ମେଘମାଳା କହିଲା, ନାଇଁ ମାଉସୀ, ତମ ମନରେ ଏମିତି ଚିନ୍ତା କାହିଁକି ଆସୁଚି ? ଏହା କଦାପି ଭିକମଗା କାମ ନୁହେଁ, ନିଜର କଳା ପ୍ରଦର୍ଶନ କରି ରୋଜଗାର କରିବା ଇଜ୍ଜତଦାର୍ କାମ । ତମେ କିଛି ଭୁଲ୍ କରିନାହିଁ ମାଉସୀ । କିନ୍ତୁ ମୁଁ ଖାଲି ଏତିକି ଭାବୁଚି, ମାଆ ପିଲାଙ୍କ ପାଇଁ କଣ କରି ନପାରେ !

ଆବଶ୍ୟକ ବେଳେ ଯେଉଁ ପୁଅର ପରିବାରକୁ ତମେ ଗାଁ ଗାଁ ବୁଲି, କଳା ପ୍ରଦର୍ଶନ କରି, ରୋଜଗାର କରି ବଞ୍ଚେଇ ଥିଲ, ସେମାନେ କିପରି ଏତେ କୃତଘ୍ନ ହୋଇ ତୁମକୁ ପାଞ୍ଚଣରେ ପିଟି ପାରିଲେ ! ଏତେ ସତ୍ତ୍ୱେ ମଧ୍ୟ ତୁମ ମୁହଁରୁ ପୁଅ ପାଇଁ କେବେ ପଦେ ଗାଳି କି କିଛି ଅମଙ୍ଗଳ କଥା ବାହାରି ନାହିଁ ।

ସଦେଇ ମାଆ ଆଖିରୁ ଦିଟୋପା ଲୁହ ଝରି ପଡ଼ିଲା । ଉପରକୁ ଚାହିଁ ହାତଯୋଡ଼ି କହିଲା... ଜଗନ୍ନାଥେ ମୋ ପୁଅକୁ ଘଣ୍ଟ ଘୋଡ଼େଇ ରଖିଥାନ୍ତୁ । କୋଟି ପରମାୟୁ ଦେଇଥାଆନ୍ତୁ ତାକୁ ।

ମେଘମାଳା ଭାବିଲା...ମାଆର ମନର ଗଭୀରତାକୁ ଭଗବାନ ମଧ୍ୟ ମାପି ପାରିବେ ନାହିଁ ।

ନିଜେ ମାଆ ଛେଉଣ୍ଡ ହୋଇ, ମେଘମାଳା ପାଇ ପାରି ନାହିଁ ମାଆ ସ୍ନେହର ଅମୃତ ପରଶ । ଏହି ଦୁଇଜଣଙ୍କ ଭିତରେ ସେ ଦେଖିପାରୁଛି ନିଜ ଦିବଙ୍ଗତ ମାଆଙ୍କୁ ।

ଜାଣି ପାରୁ ନ ଥିଲା ମେଘମାଳା, କିପରି ମାଳତିର, ଗତକାଲି ଆସିବା ପ୍ରସଙ୍ଗ ଉଠାଇବ । ତଥାପି କହିବାକୁ ତ ପଡ଼ିବ । ମେଘମାଳା କହିଲା... ମାଉସୀ, କାଲି ତୁମ ପୁଅ ମଳୟ ସହିତ ଦେଖା ହୋଇଥିଲା ।

ମଳୟ ନାଁ ଶୁଣି ସ୍ତମ୍ଭୀଭୂତ ହୋଇଗଲେ ପ୍ରଣତି ଏବଂ ତା'ମାଆ । ତା'ପରେ ମାଆଙ୍କର ଆଖିରୁ ବହି ଯାଉଥାଏ ଅବାରିତ ଅଶ୍ରୁ । ମମତାର ଅତି ସମ୍ବେଦନଶୀଳ ତନ୍ତ୍ରୀକୁ ସତେ କିଏ ଛୁଇଁ ଦେଲା । ବଡ଼ ପାଟିରେ କାନ୍ଦି କାନ୍ଦି ଛାତି ପିଟି କହୁଥାନ୍ତି... କାଇଁ ମୋ ଧନ ? ସତେ କଣ ବଞ୍ଚିଚି ମୋ ଧନ ? ନିଜେ ତ ରାକ୍ଷସୀ ମୁଁ ତାକୁ ଯମ ହାତରେ ଦେଇ ଛାତିକୁ ପଥର କରି ଚାଲି ଆସିଲି । ମରଣ ନହେଲା ମତେ ଯାହା । ତା' ବାପା କଥା ମାନି

Source: Author, Digitized by PPRACHIN, SOA

ଖଲିପତ୍ର ଚାଟିବାକୁ କୁକୁରଙ୍କ ମେଳରେ ଛାଡି ତାକୁ ଚାଲି ଆସିଲି, ଆଉ କୁଆଡ଼େ ପାଇବି ତାକୁ ଲୋ ମାଆ ; କାହିଁକି ମତେ ଥଟ୍ଟା କରୁଚୁ ମେଘମାଳା ?

ମେଘମାଳା ପ୍ରଣତି ବୋଉଙ୍କୁ କୁଣ୍ଢେଇ ଧରି ଆଖିରୁ ଲୁହ ପୋଛି ଦେଇ କହିଲା... ଥଟ୍ଟା କରୁନାହିଁ ମାଉସୀ, ସତରେ ପୁଅ ତୁମର ବଞ୍ଚିଛି । କାଲି ତା' ସହିତ ମୋର ଦେଖା ହୋଇଥିଲା । ସେ ଆଉ ମଳୟ ହୋଇ ନାହିଁ, ମାଳତିରେ ପରିବର୍ତ୍ତିତ ହୋଇଯାଇଛି ।

ପ୍ରଣତିର ବୋଉ କହିଲେ...ସେ ମଳୟ ହଉ କି ମାଳତି ହଉ, ବଞ୍ଚି ଥାଉ ମୋ ଧନ । କାହିଁକି ତାକୁ ଆଣିଲୁ ନାହିଁ ମାଆ ମତେ ଟିକିଏ ଦେଖେଇବାକୁ ? ମନ ତାର ହେଲାନାହିଁ ମତେ ଟିକିଏ ଦେଖିବାକୁ ? ମନ ହେଲାନି ତାର ଭଉଣୀ ସହିତ ଟିକିଏ ଗେଲ ହେବାକୁ ? କେତେ ଭଲପାଏ ସେ ତା ଭଉଣୀକୁ ! ସବୁବେଳେ ସାଙ୍ଗରେ ଧରି ବୁଲୁଥାଏ । କାଇଁ ମୋ ଧନ ? ଟିକିଏ ଦେଖା ତାକୁ ମତେ ମେଘମାଳା ।

ମେଘମାଳା କହିଲା...ସେ ତୁମ ଦୁହିଁଙ୍କୁ ଲୁଚି ଲୁଚି ଦେଖି ସାରିଚି ମାଉସୀ । ପ୍ରଥମେ ଏଠାକୁ ଆସି ଲତା ଆଡୁଆଳରେ ତୁମ ଦୁହିଁଙ୍କୁ ଦେଖିସାରି ମୋ ପାଖକୁ ସ୍କୁଲକୁ ଯାଇଥିଲା । ମୁଁ ତାକୁ ଡାକିଲି ଏଠାକୁ ଆସିବା ପାଇଁ । ସେ କିନ୍ତୁ ମନାକଲା । କହିଲା.. ଏ ସମାଜ ତା' ପାଇଁ ନୁହେଁ । ସେ ତୁମକୁ ଦେଖାକରି ତୁମକୁ ସମାଜ ଆଖିରେ ଲଜ୍ଜିତ କରିବାକୁ ଚାହେଁ ନାହିଁ । ସେହି ଅନ୍ଧାର ଭିତରେ ସେ ରହିବାକୁ ଚାହେଁ ।

ପ୍ରଣତି ଆଖିରୁ ବହି ଯାଉଥାଏ ଲୁହର ବନ୍ୟା । ତା' ବୋଉଙ୍କ କୋଳରେ ମୁଣ୍ଡରଖି କଇଁ କଇଁ ହୋଇ କାନ୍ଦୁଥାଏ ସେ ।

ମେଘମାଳା କହିଲା...ଆଉ କନ୍ଦାକଟା କରି ଲାଭ ନାହିଁ । ଯିବା ପୂର୍ବରୁ ମାଳତି ଏଇ ପନ୍ଦର ହଜାର ଟଙ୍କା ଦେଇ ଯାଇଛି । ରଖ, ସେ ଆଉଥରେ ନିଶ୍ଚିତ ଭାବରେ ଆସିବ । ସେତେବେଳେ ତାକୁ ଅଟକାଇ ତୁମ ସହିତ ଦେଖା କରାଇବାର ଚେଷ୍ଟା କରିବି ।

ପ୍ରଣତିର ସାନ୍ତ୍ୱନା ପରେ ପ୍ରକୃତିସ୍ଥ ହେଲେ ପ୍ରଣତି ଏବଂ ତା' ବୋଉ । ମେଘମାଳା କହିଲା... ମାଳତି ଯେଉଁ ଟଙ୍କା ଦେଇଛି ତାହା ଆମର ଗାଈ ଫାର୍ମର ଡାଉନ୍ ପେମେଣ୍ଟ୍ ପାଇଁ କାମ ଦେବ । ତମେ ଚାହିଁଲେ ସେଥିପାଇଁ ଖର୍ଚ୍ଚ କରି ଲୋନ ଟଙ୍କାରେ ଗାଈ କିଣି ଶୀଘ୍ର ଡାଇରୀ ଫାର୍ମଟିଏ ଆରମ୍ଭ କରିପାରିବ । କିଛି ସମୟ ନିରବତା ପରେ ମେଘମାଳା କହିଲା.. ମୁଁ ସମସ୍ତଙ୍କୁ ଗୋଟିଏ କଥା କହିବାକୁ ଚାହେଁ...ଆମେ ସମସ୍ତେ ସମୟର ଏକ ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଛେ । ଯେ ପର୍ଯ୍ୟନ୍ତ ବୃଦ୍ଧାଶ୍ରମ ପାଇଁ ସରକାରୀ ଅନୁଦାନ ନଆସିଛି, ସେଯାଏ ଆମେ ନିଜେ ଯାହା ଏହି ଫାର୍ମରୁ କମେଇବା, ତାହା ହିଁ ଖାଇବା, ସେଥିରେ ଚଳିବା । ଏଠାରେ କେହି ଦରମା ଆଶା କରିବା ଉଚିତ ନୁହେଁ ।

Source: Author, Digitized by PPRACHIN, SOA

ଶ୍ରୀକାନ୍ତ କହିଲା...ଦିଦି, ତୁ ଆସିବା ପୂର୍ବରୁ ଆମେ ସେଇଆ ହିଁ କଥା ହେଉଥିଲୁ । ଶୁକୁରିଆ କାକାଙ୍କୁ ଖାଲି ଦରମା ଦିଆଯିବ, ବାକି ଆମେ ସମସ୍ତେ ଫାର୍ମରୁ ଯାହା କମେଇବା ସେଥିରେ ଚଳିବା । ଅତି ଶୀଘ୍ର ଆମର ଅବସ୍ଥା ସ୍ୱଚ୍ଛଳ ହେବ ବୋଲି ମୋର ବିଶ୍ୱାସ । ଏବର୍ଷ ଆମର ମାଛ ଚାଷରୁ ଭଲ ଦି'ପଇସା ମିଳିବ । ତା'ଛଡ଼ା କାଜୁଗଛରେ ମଧ୍ୟ ଭଲ ଫଳ ଆସିଛି । ପନିପରିବା ମଧ୍ୟ ପ୍ରଚୁର ଆଦାୟ ହେବ । ଏକେରେ ଜାଗା ସପୁରୀ ଲଗେଇଚି । ସାବିତ୍ରୀ ଅମାବାସ୍ୟା ବେଳକୁ ଫଳଗୁଡ଼ିକ ପାଚି ଯାଇଥିବ । ସେଥିରୁ ମଧ୍ୟ ଭଲ ଦି'ପାଇସା ପାଇବା । ତୁ ଚିନ୍ତା କରେନା ଦିଦି; ସବୁ ଠିକ୍ ହୋଇଯିବ । ଖାଲି ବୃଦ୍ଧାଶ୍ରମ ପାଇଁ ଅନୁଦାନ ଆସିଲେ ଆମର ଆଉ କିଛି ଅସୁବିଧା ହେବନାହିଁ । ଛତୁଚାଷ ପାଇଁ କାଲି ବେଡ୍ ପ୍ରସ୍ତୁତି କାମ ଆରମ୍ଭ ହୋଇଯିବ । ପ୍ରଥମେ ଶହେଟା ବେଡ୍ ପାଇଁ ଛତୁମଞ୍ଜି ଅର୍ଡର୍ ଦେଇଛି । ବଜାର ଚାହିଦା ଦେଖି ଅଧିକା ବଢ଼େଇବା ।

ଫାର୍ମରୁ ମେଘମାଳା ସିଧା ସ୍କୁଲକୁ ଗଲା ବେଳେ ବାଟରେ ଭାବୁଥାଏ.. କେତେ ସମନ୍ୱୟ ଅଛି ସତେ ତାର ଏହି ଛୋଟ ଦୁନିଆଁଟିରେ ! କିନ୍ତୁ ଏତିକିରେ କଣ ସତରେ ସେ ସନ୍ତୁଷ୍ଟ ? ଏ ତ ତାର ପରିକଳ୍ପନାର ଏକ ଚତୁର୍ଥ ଅଂଶ ମାତ୍ର । ତୁଳସୀପୁରରେ ସମନ୍ୱିତ କୃଷି ଉନ୍ନୟନ କରିବାକୁ ହେଲେ ବୈଷୟିକ ଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି ଏବଂ ସେହି ଅଭାବ କେବଳ ବିଜୟ ହିଁ ପୂରଣ କରିପାରିବ । ଆଜି ବୋଉଙ୍କ ପାଖକୁ ପ୍ରତାପଗଡ଼ ଫୋନ୍ କରି ପରିସ୍ଥିତି ସେଠାରେ କିପରି ଅଛି, ବୁଝିବାକୁ ପଡ଼ିବ; ମେଘମାଳା ଭାବିଲା ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୫

ମେଘମାଳା ସ୍କୁଲରୁ ଫେରି ଘରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ସାରିଲାଣି । ବାବାଙ୍କୁ ଚିନ୍ତାଗ୍ରସ୍ତ ହୋଇ ଦୁଆରେ ଚଉକିରେ ବସିଥିବାର ଦେଖି ମେଘମାଳା ପଚାରିଲା...କଣ ହେଇଚି ବାବା, ଏମିତି ମୁହଁ ଶୁଖିଲା କରି କାହିଁକି ବସିଚ ?ଦେହ ଭଲ ଲାଗୁନି ? ଚାଲ . ଘର ଭିତରକୁ , ଗୋଡହାତ ଟିକିଏ ଚିପି ଦେବି ।

ମେଘମାଳାର ବାବା କହିଲେ... ନାଇଁରେ ମାଆ, ଦେହ ଭଲ ଅଛି, ମନଟା ଭଲ ଲାଗୁନି । ବିଜୟର ବୋଉ ଏତେଦିନ ହେଲା ଗଲେଣି କିଛି ଖବର ଅନ୍ତର ନାହିଁ । ବିଜୟ କଥା ବି କିଛି ଜଣା ପଡୁନି ।

ଚଉକିରୁ ଉଠି, ମେଘମାଳା ସହିତ ଘର ଭିତରକୁ ଯାଉ ଯାଉ ମେଘମାଳାର ବାବା କହିଲେ... ତୁମ ଦୁଇଜଣଙ୍କ ଭିତରେ ଯେଉଁ ମନୋମାଳିନ୍ୟ ଚାଲିଛି ମତେ ଅଜଣା ନାହିଁ । ଭାବୁଥିଲି ଏ ବର୍ଷ ତମ ଦି'ଜଣଙ୍କର ବାହାଘରଟା ସାରିଦେଲେ ଟିକିଏ ଶାନ୍ତିରେ ନିଶ୍ୱାସ ମାରନ୍ତି । କିନ୍ତୁ କେଉଁ ପାଣି କୁଆଡ଼କୁ ଯାଉଚି ମତେ କିଛି ଜଣା ପଡୁନି ।

ମେଘମାଳା କହିଲା...ତମେ ଅଯଥାରେ କାହିଁକି ମୋକଥା ଏତେ କଥା ଚିନ୍ତା କରି ମୁଣ୍ଡ ଖରାପ କରୁଚ କହିଲ ? ମୋର ଏଇଲେ ବାହାସାହା ହବାର ନାହିଁ । ତମେ ଖାଲି ତମର ଦାୟିତ୍ୱ ତୁଲେଇ ଦେଇ ମତେ ଦୂରକୁ ପଠେଇ ଦବାକୁ ଚାହୁଁଛ । ମୁଁ କଣ ତମ କାନ୍ଧରେ ବୋଝ ହେଇଗଲି କି ବାବା ? ମୁଁ କିନ୍ତୁ ଏଇଲେ କୁଆଡ଼େ ଯିବାର ନାହିଁ । ମୁଁ ବାହା ହେଇଗଲେ ମୋ ଫାର୍ମ, ସ୍କୁଲ୍, ବୃଦ୍ଧାଶ୍ରମ କଥା କିଏ ବୁଝିବ ?

Source: Author, Digitized by PPRACHIN, SOA

ବିଷ୍ଣୁପଦ ବାବୁ କହିଲେ... ମୁଁ ବୁଝିବି । ତୁ ତ ପୁଣି ତୋର ଘର ସଂସାର କରିବୁ ନା ଏମିତି ସମାଜ ସେବାରେ ମାତିଥିବୁ ?

ମେଘମାଳା କହିଲା...ତମର ତ ବୟସ ମାଡ଼ି ଆସୁଛି ଏ ସବୁ ଦେଖିବାକୁ । ମୁଁ ହିଁ ସବୁ କରିବି । ମୋ ସର୍ତ୍ତ ଯେବେ ବିଜୟ ମାନିବେ ତାହେଲେ ତ ତାଙ୍କ ସହିତ ବାହାଘର ହେବ, ନହେଲେ ସାରା ଜୀବନ ମୋ ସ୍ୱପ୍ନକୁ ସାକାର କରିବା ପାଇଁ ଏକା ବିତେଇ ଦେବି ।

ବିଷ୍ଣୁପଦ ବାବୁ କହିଲେ... ଭାବପ୍ରବଣ ହୋଇ ଏଭଳି ନିଷ୍ପତ୍ତି ନିଆଯାଏନାହିଁ ମା' । ବିବାହ ଏକ ଅନୁଷ୍ଠାନ । ସଂସାରକୁ ଯିଏ ବା ଆସେ, ସମସ୍ତେ ସେ ଅନୁଷ୍ଠାନରେ ସାମିଲ୍ ହେବା ଉଚିତ । ନହେଲେ ଭାବପ୍ରବଣତା ଶେଷ ହୋଇଯିବା ପରେ ଜୀବନ ଏକାକୀ ବିତାଇବା କଷ୍ଟକର ହୋଇଯାଏ । ଯେଉଁମାନେ ବିବାହ ନକରିବାର କ୍ଷଣିକ ଭାବପ୍ରବଣ ନିଷ୍ପତ୍ତି ନିଅନ୍ତି କିମ୍ବା ବିବାହ ପରେ କୌଣସି କାରଣରୁ ବିବାହ ବିଚ୍ଛେଦ କରିବାର ନିଷ୍ପତ୍ତି ନିଅନ୍ତି ସେମାନେ ଜୀବନରେ ବହୁତ ଦୁଃଖ ପାଆନ୍ତି । ଏ ବିଷୟରେ ତେଣୁ ବାପାମାଆଙ୍କର ନିଷ୍ପତ୍ତି ପିଲାମାନେ ମାନିବା ଉଚିତ । ତୁମମାନଙ୍କର ଲମ୍ବା ଜୀବନ ପଡ଼ିଛି । ମୋର କ'ଣ ଭରସା ଅଛି ମାଳା, ଶୁଖିଲା ପତ୍ର, ଏଇଲେ ଅଛି, ଆଉ ଟିକକୁ ଝଡ଼ିଯିବି । କଥାରେ ଅଛିରେ ମା'.. ନିଃଶ୍ୱାସକୁ ବିଶ୍ୱାସ ନାହିଁ । ହଠାତ୍ ମୋର ଯଦି କିଛି ହୋଇଯାଏ, ତୋର କ'ଣ ହବ କହିଲୁ ?

ମେଘମାଳା କହିଲା.. କାହିଁକି ସେ ଅଲକ୍ଷଣା କଥାଗୁଡା କହୁଚ କହିଲ, କିଛି ତମର ହବନି,ତମେ ମୋର ସୁଇଟେଷ୍ଟ, କ୍ୟୁଟେଷ୍ଟ,ୟଙ୍ଗେଷ୍ଟ୍ ବାବା । ଏ ସବୁ ବାଜେ ଚିନ୍ତାଗୁଡା ମନକୁ ଆଣନି । ବସ, ମୁଁ ତମ ପାଇଁ କଫି କରି ଆଣୁଚି ।

କିଛି ନିରବତା ପରେ ବିଷ୍ଣୁ ବାବୁ କହିଲେ..ତୁ କ'ଣ ଭାବୁଚୁ ତୋର ଏ ଜିଦ୍‌ରେ ରାଜି ହୋଇ ବିଜୟ ତାର ଏଡ଼େବଡ଼ ଚାକିରି ଛାଡ଼ିଦେଇ ଗାଆଁକୁ ଆସି ଫାର୍ମ୍ ପ୍ରତିଷ୍ଠା କରିବ ?

ମେଘମାଳା କହିଲା...ମୋର ଜିଦ ଦ୍ୱାରା ସମାଜର ଯଦି ମଙ୍ଗଳ ହେଲା ତା'ହେଲେ ସେ ଜିଦ୍ ତ ଖରାପ୍ ନୁହେଁ ନା ବାବା । ଏଥିରେ କଣ ମୋର ଏକା ସ୍ୱାର୍ଥ ଅଛି, ତାଙ୍କର କିଛି ନାହିଁ ? ଚାକିରି କଥା କହୁଚ ବାବା ? ଚାକିରିର ଦୁଇଗୁଣ ପାଇବେ ସେ ଫାର୍ମରୁ । ତା ସହିତ ନିଜ ଅଞ୍ଚଳର ଚାଷୀମାନଙ୍କୁ ବୈଷୟିକ ଜ୍ଞାନ ଦେଇ ପାରିବେ ସେ । ସହରର ଚାକଚକ୍ୟ ସେ ଯେବେ ଛାଡି ନପାରିବେ ତାହେଲେ ମାଟି ମାଆର ମମତା ମୁଁ ଛାଡ଼ିବି କାହିଁକି ? ମୋ କଥାଟା ଜିଦ୍‌ରେ ଧରାଯିବ କାହିଁକି ନା ମୁଁ ଝିଅପିଲା, ନୁହଁ ବାବା ?

Source: Author, Digitized by PPRACHIN, SOA

ହସିଦେଲେ ବିଷ୍ଣୁପଦ ବାବୁ । କହିଲେ... ତୋ ସାଙ୍ଗେ ଯୁକ୍ତିରେ କ'ଣ ମୁଁ ପାରିବି ମାଆ ? ମୋର ବିଶ୍ୱାସ ବିଜୟ ନିଶ୍ଚୟ କୌଣସି ସନ୍ତୁଳିତ ନିଷ୍ପତ୍ତି ନେବ । ହଉ ଆଜି ଟିକେ ବିଜୟ ବୋଉଙ୍କ ପାଖକୁ ଫୋନ୍ କଲୁ । ସେଠାକାର ଭଲ ମନ୍ଦ ଜାଣିବା ।

ମେଘମାଳା କହିଲା.. ହଁ ଏଇ କଥାଟା ବେଶ୍ ମନକୁ ପାଇଲା । ଆଜି ବୋଉଙ୍କ ପାଖକୁ ଫୋନ୍ କରି ବୁଝୁଛି ।

ମେଘମାଳା ରାତିରେ ଫୋନ୍ କଲା । ସେପଟେ ବିଜୟ ଫୋନ୍ ଧରି କହିଲା...କିଏ, ମେଘମାଳା ? କେମିତି ଅଛୁ ?

ମେଘମାଳା କହିଲା... ମୁଁ ତମ ସାଙ୍ଗେ କଥା ବାର୍ତ୍ତା କରୁନି ତ । କାହିଁକି ମେଘମାଳା ମେଘମାଳା ହଉଚ୍ ? ଏତେ ଦିନ ହେଲା ଥରେ ଫୋନ୍ କରିଚ୍ ?

ବିଜୟ କହିଲା...ବାପ୍‌ରେ କି ଅଭିମାନ ! କେମିତି ଫୋନ୍ କରିଥାନ୍ତି ଯେ, ତୁ ପରା ମନା କରିଥିଲୁ ଫୋନ୍ କରିବାକୁ । ଗାଳି ଶୁଣିବାକୁ କରିଥାନ୍ତି ?

ମେଘମାଳା କହିଲା....ସତେ ଯେମିତି ସବୁକଥା ମୋର ମାନିକି ଅଛ, ହଉ ବୋଉଙ୍କୁ ଫୋନ୍ ଦେଲ ।

ବିଜୟ କହିଲା...ମୋ ସାଙ୍ଗେ କଥାବାର୍ତ୍ତା କରିବାକୁ ଭଲ ଲାଗୁନି ? ଆଗରୁ ସିନା ଭଲ ପାଉଥିଲୁ, ଏବେ ତ ପୁରା ଭୁଲିଗଲୁଣି । ମୁଁ ଏକା ଦିନରାତି ତୋ କଥା ଭାବୁଚି ।

ମେଘମାଳା କହିଲା...ମିଛୁଆ, ଏମିତି ଅଲଣା କଥାରେ ମୋର ବିଶ୍ୱାସ ନାହିଁ । ଏଇଲେ କହିବ କଣନା ତୋ ବେଣୀ ଛୁଇଁ କହୁଚି, ଶାଢ଼ି ଛୁଇଁ କହୁଚି ତତେ ଜୀବନରୁ ବଳି ଭଲ ପାଏ ।

ସେଥିରେ ମୁଁ ଭଳିଯିବା ପିଲା ନୁହଁ । ତମେ ମୋର ସର୍ତ୍ତ ଦୁଇଟି ଯେଉଁ ଦିନ ମାନିବ ସେଇଦିନ ତମ ଭଲପାଇବା ଜଣା ପଡ଼ିବ । ଏତେ କଥାରୁ ମତେ କଣ ମିଳୁଚି ଯେ, ତମେ ଫୋନ୍ ବୋଉଙ୍କୁ ଦେଲ ।

ବିଜୟ ବୋଉଙ୍କୁ ଫୋନ୍ ଦେଲା ପରେ ମେଘମାଳା କହିଲା...ବୋଉ ତମେ କେବେ ଆସିବ, ଏଠି ତମ ବିନା କିଛି ଭଲ ଲାଗୁନି । ତମ ଘରର ଚାବି ଖୋଲିବାକୁ ଇଚ୍ଛା ହଉନି, ସବୁଆଡେ ଖାଲି ଖାଲି ଲାଗୁଛି । ତମେ ଶୀଘ୍ର ଆସ ବୋଉ ।

ବିଜୟ ବୋଉ କହିଲେ...ତମ ଘର ବୋଲି କଣ କହୁଚୁ, ସେ ଘରଟା କ'ଣ ତୋର ନୁହେଁ କି ଧନ ? ତତେ ସେଠି ଏକା ଛାଡ଼ି ମତେ ବି ଭଲ ଲାଗୁନି । ସବୁବେଳେ ଖାଲି ତୋ ଗୁଲସନ୍ ମୁହଁଟା ଆଖି ଆଗରେ ଭାସିଯାଉଚି । ଗାଁ ଛାଡି ଏଠି ମଧ୍ୟ ମତେ ରହିବାକୁ ଭଲ ଲାଗୁନି ରେ ମାଆ । ବିଜୁକୁ ଏଠି ଏକା କେମିତି ଛାଡ଼ିଯିବି ବୋଲି ଯାଇ ପାରୁନି ।

Source: Author, Digitized by PPRACHIN, SOA

ତତେ କଥା ଦଉଚି ମାଳା, ଅଳ୍ପ ଦିନ ଭିତରେ ବିଜୁ ସାଙ୍ଗରେ ଗାଁ କୁ ଫେରିବି, ତାପରେ ତୁମ ଦୁଇଜଣ କଥାବାର୍ତ୍ତା ହୋଇ ଯାହା ନିଷ୍ପତ୍ତି ନବ ତାହା ହିଁ ହେବ ।

ତୁ ବିଜୟ ସହିତ କଥା ହୋଇ ସାରିବା ପରେ ଯାହା ସର୍ତ୍ତ ରଖିଚୁ ମତେ ବିଜୟ ସବୁ କହି ସାରିଛି । ବିଜୟ କହିବା କଥା ଇଲେକ୍ସନ ଶେଷ ନହେଲେ ଏବଂ ଟ୍ରଷ୍ଟର ଦାୟିତ୍ୱ ନେବାପାଇଁ ଜଣେ ଉଚ୍ଚପଦସ୍ଥ ଅଫିସର ନଆସିଲେ ସେ ପ୍ରତାପଗଡ଼ ଛାଡ଼ି ଯାଇପାରିବ ନାହିଁ ।

ଫାର୍ମ, ବୃଦ୍ଧାଶ୍ରମ, ଗୋପାଳନ, ଛତୁଚାଷ, ଏବଂ ଶ୍ରୀକାନ୍ତର ଫାର୍ମ ମ୍ୟାନେଜର ଭାବରେ ନିଯୁକ୍ତି ଇତ୍ୟାଦି ସବୁ କଥା ବିଜୟର ବୋଉଙ୍କୁ ଜଣାଇଲା ମେଘମାଳା ।

ବିଜୟର ବୋଉ କହିଲେ... ବାଃ ଝିଅ ମୋର କେତେ ଦାୟିତ୍ୱ ନେଇ ପାରିଲାଣି, ମୋର ଆଉ ଚିନ୍ତା କଣ ?

ମେଘମାଳା କହିଲା...ବୋଉ ତମେ ତାଙ୍କୁ ଟିକିଏ ଏସବୁ କଥା ଜଣେଇ ଦବ ।

ବିଜୟରବୋଉ କହିଲେ... କାହିଁକି ତୁ ଏକଥା ତାକୁ ଜଣେଇ ଦଉନୁ ?

'ମୁଁ ତାଙ୍କ ସହିତ କଟି ପକେଇଚି', କହିଲା ମେଘମାଳା ।

ତମେ ଶୀଘ୍ର ଫେରିଆସ ବୋଉ, ମତେ କିଛି ଭଲ ଲାଗୁନି ଏଠି, କହି ଫୋନ୍ ରଖିଲା ମେଘମାଳା ।

ମେଘମାଳା ଫୋନ୍ ରଖୁ ରଖୁ ସେଆଡୁ ଶ୍ରୀକାନ୍ତ ଫୋନ୍ କରି କହିଲା...ଦିଦି,ପ୍ରଣତି ବୋଉଙ୍କର ଦେହ ଖରାପ ହେବାରୁ ମୁଁ ତାଙ୍କୁ ସୁଜନପୁର ଡାକ୍ତର ଖାନାକୁ ନେଇ ଆସିଛି । ତୁ ଯିବା ପରେ ସେ ପୁଅ କଥା ମନେ ପକେଇ ବହୁତ୍ କାନ୍ଦିଲେ । ଆଗରୁ ବ୍ଲଡ଼ପ୍ରେସର୍ ଥିଲା । ହଠାତ୍ ଆଜି ପ୍ରେସର ଅଧିକ ହୋଇଥିବାରୁ ଚେତାଶୂନ୍ୟ ହୋଇ ପଡିଲେ ।

ମେଘମାଳା ପଚାରିଲା...ତୁ ତାଙ୍କୁ କେମିତି ନେଲୁ, ଟାକ୍ସିରେ ?

ଶ୍ରୀକାନ୍ତ କହିଲା... ନାଇଁ ଦିଦି, ଟାକ୍ସି ଆସିବାରେ ଡେରି ହେଲା । ସେଥିପାଇଁ ମୋ ବାଇକ୍‌ରେ ବସେଇ ମୁଁ ମାଉସୀଙ୍କୁ ନେଇ ଆସିଛି । ପଛରେ ତାଙ୍କୁ ଧରି ପ୍ରଣତି ବସିଲା । ଧୀରେ ଧୀରେ ଗାଡ଼ି ଚଲେଇ ମୁଁ ତାଙ୍କୁ ଡାକ୍ତରଖାନାକୁ ନେଇ ଆସିଛି । ଡାକ୍ତର କହିଲେ...ଆପଣ ଠିକ୍ ସମୟରେ ତାଙ୍କୁ ନେଇ ଆସିଛନ୍ତି, ଆଉ ଦଶ ମିନିଟ ଡେରି ହୋଇଥିଲେ କଣ ଯେ ହୋଇଥାନ୍ତା ଜଣାନାହିଁ ।

ମେଘମାଳା କହିଲା...ଏବେ କେମିତି ଅଛନ୍ତି ମାଉସୀ । ପ୍ରଣତି ଠିକ୍ ଅଛି ତ ?

ଶ୍ରୀକାନ୍ତ କହିଲା... ହଁ ଦିଦି, ମାଉସୀ ପୂରା ଠିକ୍ ଅଛନ୍ତି । ବିପି ପୂରା ନର୍ମାଲ୍ ହୋଇଯାଇଛି । ପ୍ରଣତି ମଧ୍ୟ ଠିକ୍ ଅଛି । ଡାକ୍ତର କହୁଛନ୍ତି ରାତିରେ ପେସେଣ୍ଟ୍‌କୁ ନେଇ

Source: Author, Digitized by PPRACHIN, SOA

ଯାଆନ୍ତୁ ନାହିଁ । ସକାଳୁ ନେବେ । ପ୍ରଣତି ଏବଂ ମୁଁ ଏଠି ଡାକ୍ତରଖାନାରେ ଆଜି ମାଉସୀଙ୍କ ପାଖରେ ରହିଯାଉଛୁ, ତୁ ବ୍ୟସ୍ତ ହେବୁନାହି ।

ମେଘମାଳାର ମନେ ହେଲା... ସଂସାରରେ ଯାହା କିଛି ଘଟିଥାଏ ତା'ପଛରେ ବିଧାତାଙ୍କର ନିଶ୍ଚିତ ଭାବରେ କିଛି ଅନ୍ତର୍ନିହିତ ଉଦ୍ଦେଶ୍ୟ ଥାଏ । ବିନା ଉଦ୍ଦେଶ୍ୟରେ ଏ ସଂସାରରେ ଗଛର ପତ୍ରଟିଏ ମଧ୍ୟ ହଲେ ନାହିଁ । ପ୍ରଣତି ଜୀବନରେ ଘଟିଯାଉଥିବା ଘଟଣା ପ୍ରବାହ ଏବଂ ଶ୍ରୀକାନ୍ତର ସେହି ଘଟଣା ସହିତ ସମ୍ପୃକ୍ତି ସେହି ଉଦ୍ଦେଶ୍ୟ ସାଧିତ ହେବାର ସଙ୍କେତ ଭଳି ମନେହେଲା ମେଘମାଳାର । ଆବଶ୍ୟକ ପଡ଼ିଲେ ସେଥିପାଇଁ ସେ ନିଜେ କ୍ୟାଟାଲିଷ୍ଟ ହୋଇପାରିବ ବୋଲି ଭାବିଲା ମେଘମାଳା ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୬

ଆଜି ରବିବାର । ତେଣୁ ମେଘମାଳା ଟିକିଏ ବାସିଶେଯରେ ଶୋଇଯାଇଛି । ସକାଳୁ ସକାଳୁ ସୂର୍ଯ୍ୟ ଝରକା ବାଟେ ଘର ଭିତରକୁ ଅନେଇ, ମେଘମାଳାର ମୁହଁକୁ ମୁକ୍ତ କବରୀ କୋଳରେ ଦେଖି, ଆଶ୍ଚର୍ଯ୍ୟ ହୋଇ ଭାବିଲେ...ଆରେ ! ଏ ଛୋଟିଆ କୋଠରି ଭିତରକୁ ଜହ୍ନ କେମିତି ଆସିଲା ! ନିଜ ପ୍ରଶ୍ନରେ ନିଜେ ଲଜ୍ଜିତ ହୋଇ ସୂର୍ଯ୍ୟ ପତ୍ର ଆଢୁଆଳରେ ଲୁଚି ଯାଉଯାଉ ଗଛରେ ଶାରୀ ଡାକଦେଲା... ମେଘମାଳା ମେଘମାଳା, ତୋ ଶାରୀ ଆସିଗଲା, ଖାଇବାକୁ ଦେ ।

ନିଦ ଭାଙ୍ଗିଗଲା ପରେ ନିମିଳିତ ଆଖିରେ ମେଘମାଳା କୋଠରୀର ଛାତକୁ ଚାହିଁ ଦେଖିଲା ସେଠାରେ ତା'ର ଅଭିଳାଷ ଏବଂ ବିଜୟର ଆକାଂକ୍ଷା ମୁହାଁମୁହିଁ ବସି ଯୁକ୍ତିତର୍କରେ ଲାଗିଯାଇଛନ୍ତି । ସେଠାରୁ ଟିକିଏ ଦୂରରେ ସେ ଦୁହିଁଙ୍କର ପ୍ରେମ ମୁହଁ ଶୁଖେଇ ବସିଛି କାରଣ ତା କଥା ନାଁ ଶୁଣୁଚି ମେଘମାଳାର ଅଭାଳାଷା ନାଁ ବିଜୟର ଆକାଂକ୍ଷା ।

ରବିବାରର ଅଳସ ସକାଳକୁ, ଶେଯରେ ପଡ଼ି ଆଉ ଟିକିଏ ଉପଭୋଗ କରିବାକୁ ମନ ଚାହୁଁଥିଲେ ମଧ୍ୟ ପାରୁନଥିଲା ମେଘମାଳା । ଅସଂଖ୍ୟ ଚିନ୍ତା ମନକୁ ଆସି ତାର ତନ୍ଦ୍ରା ହଜେଇ ଦେଲେ ।

କଫି କପ୍ ବାବାଙ୍କୁ ଧରେଇ ଦେଇ ନିଜେ କପକୁ ଓଠରେ ଛୁଆଁଇବାକୁ ଯାଉଛି ବାହାରୁ ଶୁଣାଗଲା... ମେଘମାଳା , ଘରେ ଅଛ ତ ?

ମେଘମାଳା ଭାବିଲା...ଏତେ ସକାଳୁ କିଏ ?

ଘର ଭିତରକୁ ପଶି ଆସୁଥିଲେ ଅଶୋକ ବାବୁ ଏବଂ ତାଙ୍କ ସହିତ ଜଣେ ପରିଣତ ବୟସର ବ୍ୟକ୍ତି, ବୟସ ଷାଠିଏ ପଞ୍ଚଷଠି ହେବ । ଅଶୋକ ବାବୁ କହିଲେ..ଏ ମୋର ବାପା । ମୋଠାରୁ ତୁମ ଫାର୍ମ ବିଷୟରେ ଶୁଣି, ଇଚ୍ଛା କଲେ ଦେଖିବା ପାଇଁ । ଭାରି

Source: Author, Digitized by PPRACHIN, SOA

ପ୍ରକୃତିପ୍ରେମୀ ମଣିଷ । ସେଥିପାଇଁ ସକାଳୁ ସକାଳୁ ଆସିଛୁ ହଇରାଣ କରିବାକୁ । ରାଗୁ ନାହଁ ତ ଆମ ଉପରେ ?

ମେଘମାଳା ଅଶୋକ ବାବୁଙ୍କୁ ବିନମ୍ର ନମସ୍କାର କରି ତାଙ୍କ ବାପାଙ୍କୁ ଭୂମିଷ୍ଠ ପ୍ରଣାମ କଲା ।

ଆନନ୍ଦରେ ଗଦ୍‌ଗଦ୍ ହୋଇ ଆଶୀର୍ବାଦ କଲେ ଅଶୋକ ବାବୁଙ୍କ ବାପା । କହିଲେ... ଆଃ କି ସଂସ୍କାର ପାଇଛୁ ମା' ! ଆଜିକାଲି କିଏ ମୁଣ୍ଡିଆ ମାରୁଚି । ଜଗନ୍ନାଥ ତୋର ମଙ୍ଗଳ କରନ୍ତୁ । ଭଲ ବରଟିଏ ପାଇ ଅଖଣ୍ଡ ସୌଭାଗ୍ୟବତୀ ହୁଅ ମାଆ ।

ଇତି ମଧ୍ୟରେ ବିଷ୍ଣୁପଦ ବାବୁ ଆସିଯାଇଥିଲେ । ପରିଚୟ ଆଦାନ ପ୍ରଦାନ ସହିତ ସମ୍ମାନ ବିନିମୟ ପରେ ଚା' କପ୍ ସହିତ ବିଷ୍ଣୁପଦ ବାବୁ ଏବଂ ଅଶୋକ ବାବୁଙ୍କ ବାପା କଥାବାର୍ତ୍ତାରେ ମଜ୍ଜିଗଲେ । ଅଶୋକ ବାବୁଙ୍କ ବାପା କହିଲେ..ଅତି ସୁନ୍ଦର ଗୁଣବତୀ ଝିଅଟିଏ ଅଛି ଆପଣଙ୍କର । ମୁଁ ଆସିଛି ଆପଣଙ୍କଠାରୁ ତାକୁ ବିନୟପୂର୍ବକ ମୋ ପୁଅ ପାଇଁ ମାଗି ନେବାକୁ ।

ମେଘମାଳା ଏବେ ବୁଝି ପାରିଲା ବାପାଙ୍କ ସହିତ ଅଶୋକ ବାବୁଙ୍କ ଆଗମନର କାରଣ । ଫାର୍ମ ଦେଖିବା ଖାଲି ବାହାନା ମାତ୍ର ।

ବିଷ୍ଣୁପଦ ବାବୁ କହିଲେ...ଆଜ୍ଞା ଆପଣଙ୍କ ପୁଅଙ୍କୁ ଜୋଇଁ କରିବାପାଇଁ କିଏ ବା ନ ଚାହିଁବ ! କିନ୍ତୁ ମୁଁ ନାଚାର । ସବୁ ନିର୍ଭର କରେ ମେଘମାଳା ଉପରେ । ଆପଣମାନେ ତ ଜାଣନ୍ତି ଆଜିକାଲି ପିଲାମାନେ ନିଜ ଚିନ୍ତାଧାରା ଭିତରକୁ ଅନ୍ୟ କାହାର ଅନୁପ୍ରବେଶ ସହ୍ୟ କରି ପାରନ୍ତି ନାହିଁ, ବାପା ମାଆ ନହେଲେ କାହିଁକି । ମେଘମାଳାକୁ ମୁଁ ସବୁ ପ୍ରକାର ସଂସ୍କାର ଦେଇଚି, କିନ୍ତୁ ତା'ର ସ୍ୱାଧୀନ ଚିନ୍ତାଧାରାରେ ହସ୍ତକ୍ଷେପ କରିବାର ଅଧିକାର ମୋର ନାହିଁ ।

ପଡ଼ୋଶୀ ଘରେ ମୋର ଜଣେ ବନ୍ଧୁଙ୍କର ପୁଅ ବିଜୟ ରହେ । ପେଶାରେ ଇଞ୍ଜିନିୟର୍ । ମାଳା ସହିତ ତା'ର ବାହାଘର କରିବା ପାଇଁ ଆମେ ମନସ୍ଥ କରିଥିଲୁ । ମେଘମାଳା ମଧ୍ୟ ତାକୁ ପସନ୍ଦ କରେ । କିନ୍ତୁ ମେଘମାଳାର ସ୍ୱପ୍ନ ଅଲଗା । ତା'ର ନିଜର ଫାର୍ମ, ସ୍କୁଲ୍ ଏବଂ ବୃଦ୍ଧାଶ୍ରମ ହେଉଛି ତାର ପରିକଳ୍ପନାର କେନ୍ଦ୍ରବିନ୍ଦୁ । ସେଇ ତାର ଦୁନିଆଁ । ବିଜୟର ଚାକିରି ଜୀବନ ସହିତ ମେଘମାଳାର ସ୍ୱପ୍ନ ସାଲିସ୍ କରି ନପାରିବାରୁ ସେ ଦୁଇଜଣଙ୍କର ବାହାଘର ଦିଗରେ ଆମେ ଆଗେଇ ପାରୁନାହୁଁ ।

ମେଘମାଳା ଚାହେଁ ନାହିଁ, ତା'ର କାମ ଛାଡ଼ି, ଗାଁ ଛାଡ଼ି ବିଜୟ ସହିତ ଏ ସ୍ଥାନରୁ ସେ ସ୍ଥାନକୁ ବୁଲିବ । ଆପଣଙ୍କ ପୁଅ ତ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ କର୍ମଚାରୀ । ସାରା

Source: Author, Digitized by PPRACHIN, SOA

ରାଜ୍ୟରେ ବିଭିନ୍ନ ସ୍ଥାନରେ ସେ ଚାକିରି କରିବେ । ମୋ ଝିଅକୁ ଆପଣଙ୍କ ପୁଅ ସହିତ ବାହା ଦେଇ ଉଭୟଙ୍କର ଦାମ୍ପତ୍ୟ ଜୀବନ ନଷ୍ଟ କରିବାକୁ ମୁଁ ଚାହେଁ ନାହିଁ । ଦୟା କରି ଆପଣ ମତେ ଭୁଲ ବୁଝିବେ ନାହିଁ ।

ଅଶୋକ ବାବୁଙ୍କ ବାପା କହିଲେ...ତା ହେଲେ ମାଳାକୁ ବୋହୂ କରି ନେବା ଆମ ଭାଗ୍ୟରେ ନାହିଁ । ତଥାପି ଦରଖାସ୍ତଟା ପଡ଼ିଥାଉ ।

ମେଘମାଳା ଦେଖିଲା ଅଶୋକ ବାବୁଙ୍କୁ ଅଯଥା ଅନ୍ଧକାର ଭିତରେ ରଖିବା ଠିକ୍ ହେବନାହିଁ । ତାଙ୍କୁ ତା ମନକଥା ଶେଷଥର ପାଇଁ ଜଣାଇ ଦେବାକୁ ହେବ । ଅଯଥା କାହିଁକି ସେ ତା' ଠାରୁ ସମ୍ମତି ଆଶା ରଖି ବସିଥିବେ ।

ଅଶୋକ ବାବୁଙ୍କୁ ଭିତରକୁ ଡାକିନେଲା ମେଘମାଳା । କହିଲା... ସାର୍, ଆପଣଙ୍କ ଭଲପାଇବାର ପ୍ରତିଦାନ ନ ଦେଇ ପାରି ମୁଁ ବାସ୍ତବରେ ଦୁଃଖିତ । ଆପଣ ଦୟାକରି ମୋଠାରୁ ସମ୍ମତି ଆଶା କରନ୍ତୁ ନାହିଁ । ମୋ ଭବିଷ୍ୟତ ବିଷୟରେ ମୁଁ ନିଜେ ସନ୍ଦିହାନ । ମୁଁ ବିଜୟଙ୍କ ପାଖରେ ଦୁଇଟି ସର୍ତ୍ତ ରଖିଛି । ପ୍ରଥମ ସର୍ତ୍ତଟି ହେଲା ପ୍ରତାପଗଡ଼ରେ ସମିତା ଦିଦିଙ୍କର ଅସମ୍ପୂର୍ଣ୍ଣ କାମ ଶେଷ କରିବା ଏବଂ ଦ୍ୱିତୀୟ ସର୍ତ୍ତଟି ହେଲା ସେ କାମ ଶେଷ ହେବାପରେ ଚାକିରି ଛାଡ଼ି ନିଜ ଜନ୍ମମାଟି ତୁଳସୀପୁର ଫେରି ଆସି ନିଜର ମଡେଲ୍ ଫାର୍ମ ପ୍ରତିଷ୍ଠା କରିବା ଏବଂ ଅଞ୍ଚଳର ଚାଷୀମାନଙ୍କୁ ବୈଷୟିକ ଏବଂ କୃଷି ବିଜ୍ଞାନ ସମ୍ବନ୍ଧୀୟ ସେବା ପ୍ରଦାନ କରିବା । ସେ ଯଦି ଏହି ସର୍ତ୍ତାବଳୀ ପୂରଣ ନକରିବେ, ତାହେଲେ ଆମ ଦୁହିଁଙ୍କର ମିଳନ ଅସମ୍ଭବ ।

ଅଶୋକ ବାବୁ କହିଲେ... ରହନ୍ତୁ, ରହନ୍ତୁ ,ଆପଣ ଚମ୍ପାଝରବାଲା ପ୍ରତାପଗଡ଼ କଥା କହୁନାହାନ୍ତି ତ ? ସେଠାରେ ଯେଉଁ ଇଞ୍ଜିନିୟର୍ ବିଜୟ ବାବୁ ତାଙ୍କର ତାହେଲେ ଆପଣ ବାଗ୍‌ଦତ୍ତା ?

ମେଘମାଳା କହିଲା...ଆଜ୍ଞା ହଁ, କିନ୍ତୁ ଆପଣ କିପରି ଜାଣିଲେ ?

ଅଶୋକ ବାବୁ କହିଲେ...ପ୍ରତାପଗଡ଼ କଥା କିଏ ନଜାଣିଛି ? ସେଠାରେ ସମିତା ଦେବୀ ତାଙ୍କର ଅବଦାନ ପାଇଁ ଘରେ ଘରେ ପୂଜା ପାଆନ୍ତି । ବିଜୟ ବାବୁଙ୍କୁ ମଧ ସେଠାକାର ଲୋକମାନେ ଦେବତା ଭାବରେ ମାନନ୍ତି । ବିଜୟ ବାବୁ କୁଆଡ଼େ ସମିତାଙ୍କୁ ବହୁତ ଭଲ ପାଉଥିଲେ । ସେଠାରେ ସମିତା ଦେବୀ ଯେଉଁ ଟ୍ରଷ୍ଟ୍ ପ୍ରତିଷ୍ଠା କରିଥିଲେ, ତାର ଜଣେ ଟ୍ରଷ୍ଟି ହେଉଛନ୍ତି ବିଜୟ ବାବୁ । ଲୋକେ କହନ୍ତି...ପୋତାଧନ ଜଙ୍ଗ ଜଗିବା ଭଳି ସେ ଟ୍ରଷ୍ଟ ଧନକୁ ଜଗି ରହିଛନ୍ତି ବିଜୟ ବାବୁ । ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ସେଠାରେ ଯୋଗଦେଇ ଚିଫ୍ ଟ୍ରଷ୍ଟି ଭାବେ ଦାୟିତ୍ୱ ତୁଲେଇବା ଆରମ୍ଭ କଲେ ହିଁ ବିଜୟ

Source: Author, Digitized by PPRACHIN, SOA

ବାବୁଙ୍କର ବଦଳି ହେବ ବା ସେ ଅନ୍ୟ କୁଆଡ଼େ ଯିବେ ।

ମେଘମାଳା କହିଲା....ଆପଣ ଏତେ କଥା ଜାଣିଲେ କିପରି ?

ଅଶୋକ ବାବୁ କହିଲେ... ମେଘମାଳା, ମୋର ପ୍ରତାପଗଡ଼ ସବ୍ ଡିଭିଜନକୁ ବଦଳି ହୋଇଯାଇଛି । ମୁଁ ସେଠାରେ ତହସିଲଦାର ଭାବରେ ଜଏନ୍ କଲାପରେ ଚ଼ିଫ୍ ଟ୍ରଷ୍ଟିର ଦାୟିତ୍ୱ ମୋ ଉପରକୁ ଆସିବ । ସେଥିପାଇଁ ମତେ ଏତେ ସବୁ ତଥ୍ୟ ସଂଗ୍ରହ କରିବାକୁ ପଡ଼ିଲା ।

କିଛି ନିରବତା ପରେ ଅଶୋକ ବାବୁ କହିଲେ...କାଲି ହେଉଛି ବରଗଡ଼ ଅଫିସରେ ମୋର ଶେଷ ଦିନ । ସେଥିପାଇଁ ତୁମ ଠାରୁ ବିଦାୟ ନେବାପାଇଁ ଆସିଛି ମେଘମାଳା । ତୁମର ବହୁତ ପ୍ରଶଂସା ବାପାଙ୍କ ଆଗରେ କରୁଥିଲି ତ, ସେଥିପାଇଁ, ତମେ କେମିତି ଝିଅଟିଏ ବୋଲି ବାପା ଆସିଥିଲେ ଦେଖିବାପାଇଁ । ସେ ଭଲ ଭାବରେ ଜାଣନ୍ତି ଯେ ତମେ ମତେ ବାହାହେବାକୁ ରାଜି ନୁହଁ ।

ମେଘମାଳାକୁ ଆକାଶରୁ ଖସି ପଡ଼ିଲା ପରି ଲାଗିଲା । କହିଲା...ସାର୍ ଆପଣ ତା'ହେଲେ ଚ଼ାଲିଯିବେ ? କେତେ ସାହାଯ୍ୟ ଆପଣ କରିଛନ୍ତି ମତେ । କେମିତି ଆପଣଙ୍କର ସେ ଋଣ ଶୁଝିବି ? ଆଉ କିଛି ଦିନ ରହିଯାଆନ୍ତୁନା ସାର୍ ।

ଅଶୋକ ବାବୁ କହିଲେ... ରହିଥାନ୍ତି, କିନ୍ତୁ ବିଜୟ ବାବୁ ପ୍ରତାପଗଡ଼ରେ ଅଛନ୍ତି ଜାଣି ରହିପାରୁନାହିଁ । ସେଠାରେ ଜଏନ୍ କରି ଟ୍ରଷ୍ଟର ଦାୟିତ୍ୱ ନେଇ ଏବଂ ଅନ୍ୟାନ୍ୟ ସବୁ ସମସ୍ୟାର ସମାଧାନ କରି ତାଙ୍କୁ ତୁମ ପାଖକୁ ପଠାଇବି ମେଘମାଳା । ତୁମର ସାହାନାଇ ନିଶ୍ଚୟ ଅଳ୍ପ ଦିନରେ ବାଜିବ ।

ମେଘମାଳା ମୁହଁ ତଳକୁ କରି ବସିଥାଏ । ଆଖିରୁ ଝରି ଯାଉଥାଏ ଧାରଧାର ଅଶ୍ରୁ, କହୁଥାଏ...ମତେ କ୍ଷମା କରିଦେବେ ସାର୍, ଆପଣଙ୍କୁ ଅନେକ ଅପେକ୍ଷା କରାଇଲି, ଅନେକ କଷ୍ଟ ଦେଲି ।

ଅଶୋକ ବାବୁ ପ୍ରଥମ ଥର ପାଇଁ ଭାବାବେଗ ଭିତରେ ହଜିଗଲେ । କହିଲେ...ମତେ ବନ୍ଧୁ ଭାବରେ ସବୁବେଳେ ହୃଦୟ ଭିତରେ ରଖିଥିବ ମେଘମାଳା । ଏ ଜନ୍ମରେ କିଛି ଭଲ କାମ କଲେ ଆର ଜନ୍ମରେ ହୁଏତ ତୁମକୁ ଜୀବନସାଥୀ ଭାବରେ ପାଇବି ।

ହୃଦୟରୁ ଝରି ଆସୁଥିବା ଭାବାବେଶ କାଳେ ଆଖି କୋଣରେ ଧରା ପଡ଼ିଯିବ ସେଥିପାଇଁ ଉଠି ଚ଼ାଲିଗଲେ ଅଶୋକ ବାବୁ...ଚ଼ାଲିଗଲେ, ପଛକୁ ଥରେ ମାତ୍ର ନ ଚ଼ାହିଁ ।

XXXXXXXXXXXXXXXXXXXX

Source: Author, Digitized by PPRACHIN, SOA

୪୭

ପ୍ରକୃତି ଭିତରେ ହଜିଗଲେ ହିଁ ଜଣେ ଏକ ଶୁଦ୍ଧ ଅବ୍ୟକ୍ତ ଶାଶ୍ୱତ ସତ୍ତାକୁ ଖୋଜି ପାଏ ଏବଂ ସେ ହଜିଯିବାର ପ୍ରକୃଷ୍ଟ ସ୍ଥାନ ହେଉଛି ପ୍ରତାପଗଡ଼ । ତ୍ରମ୍ପାଝରର ଡ୍ୟାମ ଉପରେ ଠିଆହୋଇ ଅଶୋକବାବୁ ପ୍ରତାପଗଡ଼ର ସବୁଜିମାର ପ୍ରାଚୁର୍ଯ୍ୟ ଭିତରେ ନିଜର ସତ୍ତା ହଜେଇ ବସିଲେ । ସେ ଜାଣି ପାରୁନଥିଲେ ଯେ ସେଠାରେ ସଶରୀରେ ଉପସ୍ଥିତ ଅଛନ୍ତି ନା ସ୍ୱପ୍ନ ଦେଖୁଛନ୍ତି ! ନିଜକୁ ନିଜେ ଚିମୁଟି ଜାଣି ପାରିଲେ ଯେ ସେ ସେଠାରେ ସଶରୀରେ ଉପସ୍ଥିତ ଅଛନ୍ତି । ଆଃ ! ସତରେ ପୃଥିବୀରେ କଣ ଏତେ ସୌନ୍ଦର୍ଯ୍ୟ ସମ୍ଭବ ! ଅଶୋକ ବାବୁ ଭାବିଲେ..ଆମ ଓଡ଼ିଶା ଭିତରେ ମଧ୍ୟ ଲଦାଖ, ସ୍କଟଲାଣ୍ଡ ଏବଂ ଶିଲଂ ଭଳି ଅପର୍ଯ୍ୟାପ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ପସରା ଭରିରହିଛି । ଖାଲି ଦେଖି ଉପଭୋଗ କରିବା ଲୋକଙ୍କର ଯାହା ଅଭାବ । ଦୀପ ତଳ ଅନ୍ଧାର ଭଳି ସେସବୁ ଆମମାନଙ୍କର ଆଖିର ଅନ୍ତରାଳରେ ରହିଯାଇଛି ସିନା ।

ଗୋଟିଏ ପାହାଡ଼ୀ ଉପତ୍ୟକାକୁ ସ୍ୱର୍ଗଠାରୁ ବଳି ସୁନ୍ଦର ଶସ୍ୟଶ୍ୟାମଳା ଭୂଖଣ୍ଡରେ ପରିଣତ କରଥିବା ରାଜକନ୍ୟା ସମିତାର ସ୍ମୃତିରେ ମଥା ନୁଆଁଇଲେ ଅଶୋକ ବାବୁ । ଦେଖିଲେ ଡ୍ୟାମ ଉପରେ ଦଣ୍ଡାୟମାନ, ରାଜକନ୍ୟା ସମିତାଙ୍କର ଏକ ବିଶାଳ ବ୍ରୋଞ୍ଜମୂର୍ତ୍ତି ଡ୍ୟାମର ବିସ୍ତୃତ ଜଳରାଶି ଆଡ଼କୁ ମୁହଁ କରି ଠିଆ ହୋଇଛି । ଦକ୍ଷିଣ ହାତ ଲମ୍ବିଯାଇଛି

Source: Author, Digitized by PPRACHIN, SOA

ଆକାଶକୁ କିଛି ନିର୍ଦ୍ଦେଶ କରିବା ଠାଣିରେ ଏବଂ ସେ ହାତ ଉପରେ ବସିଛି ଏକ ଗୋଲ୍‌ଡେନ୍ ଇଗଲ୍ । ବାଃ, କେଉଁ ଶିଳ୍ପୀର ଏ ରାଜକୀୟ ପରିକଳ୍ପନା !

ଅଶୋକ ବାବୁଙ୍କ ପାଖରେ ଠିଆହୋଇ ଥିବା ଡ୍ରାଇଭର ଏହି ପ୍ରଶ୍ନର ଉତ୍ତରରେ କହିଲା...ସାର୍ ପରିକଳ୍ପନା ତ ରାଜା ବାବୁଙ୍କର, କିନ୍ତୁ ରୂପାୟନ ଶିଳ୍ପୀର ।

ଅଶୋକ ବାବୁ ପଚାରିଲେ...ଏ ରାଜାବାବୁଟି କିଏ ?

ଡ୍ରାଇଭର କହିଲା..ସାର୍,ଆଉ କିଏ ? ସେ ପରା ଆମ ରାଜକେମାଙ୍କ ସାଙ୍ଗ ବିଜୟ ବାବୁ ।

ଅଶୋକ ବାବୁଙ୍କ ମନକୁ ଆସିଲା ଏକ ଅସମ୍ଭବ ମଧ୍ୟଯୁଗୀୟ ଖିଆଲ, ସେ ଭାବିଲେ.... ମୁଁ ଯଦି ଏ ମହାନ୍ କୃତିର ମାଲିକ ହୋଇଥାନ୍ତି ଏବଂ ମୋ ପାଖରେ ଅଧିକାର ଥାଆନ୍ତା ତା'ହେଲେ ମୁଁ ଶିଳ୍ପୀକୁ ଆଜୀବନ ଗୃହବନ୍ଦୀ କରି ରଖିଥାନ୍ତି ଯାହା ଫଳରେ ସେ ଏଭଳି ଦ୍ୱିତୀୟ କଳାକୃତି ସୃଷ୍ଟି କରିପାରି ନଥାନ୍ତା ।

ଅଶୋକ ବାବୁ ପ୍ରତାପଗଡ଼ରେ ତହସିଲଦାର ଭାବରେ ଯୋଗଦେବା ସମ୍ବାଦ ବିଜୟ ପାଖରେ ପହଞ୍ଚି ଯାଇଥିଲା । ଅଶୋକବାବୁ ଜଣାଇ ଦେଇଥିଲେ ଯେ ସେ ବିଜୟ ସହିତ ଦେଖା କରିବା ପାଇଁ ତା' ବାସଭବନକୁ ଆସୁଛନ୍ତି । ଖବର ପାଇ ବିଜୟର ବୋଉ ଖୁବ୍ ଖୁସି ହୋଇଯାଇଥିଲେ, କାରଣ ତୁଳସୀପୁରରେ ଥରେ ଦି'ଥର ମେଘମାଳା ସହିତ ତାଙ୍କ ଘରକୁ ଆସି ଅଶୋକବାବୁ ତାଙ୍କ ଆଶୀର୍ବାଦ ନେଇଛନ୍ତି; ତାଙ୍କ ସଂସ୍କାରରେ ସେ ବିମୋହିତା ହୋଇଛନ୍ତି ।

ଚମ୍ପାଝରର ଡ୍ୟାମ ପରିଦର୍ଶନ ପରେ ଅଶୋକ ବାବୁ ସିଧା ବିଜୟ ଘରେ ପହଞ୍ଚିଲେ । ବିଜୟ ବୋଉ ଆନନ୍ଦିତ ହୋଇ କହିଲେ...ଯା'ହଉ ବାପା ତମେ ଏଠିକି ଆସିଲ ମୋ ବିଜୟର ମନୋବଳ ବହୁତ୍ ବଢିଯିବ । ଏଠାରେ ଚକ୍ରାନ୍ତକାରୀଙ୍କ ମଝିରେ ରହି ସେ ଏକା ଲଢ଼େଇ କରି ଚାଲିଛି । ସେଠି ତୁଳସୀପୁରରେ ମଧ୍ୟ ଝିଅଟାକୁ ଏକା ଛାଡ଼ି ଆସିଛି, ମନଟା ମୋର ଭଲ ଲାଗୁନି । ମେଘମାଳା ସେଠାରେ ଭଲ ଅଛି ତ ? ତା' କଥା ଟିକିଏ କହୁନ ବାପା । ଅଶୋକ ବାବୁ କହିଲେ...ସେ ବହୁତ୍ ଭଲ ଅଛନ୍ତି ମାଉସୀ । ଏଠାକୁ ଆସିବାର ଦି'ଦିନ ପୂର୍ବରୁ ମୁଁ ତୁଳସୀପୁର ଯାଇଥିଲି ମୋ ବାପାଙ୍କୁ ନେଇ । ମେଘମାଳା ଆପଣଙ୍କ ପାଇଁ ଢ଼େର୍ ସାରା ସ୍ନେହ ଆଉ ସମ୍ମାନ ମୋ ହାତରେ ପଠାଇଛନ୍ତି; ଏଇ ଗ୍ରହଣ କରନ୍ତୁ କହି ବିଜୟ-ବୋଉଙ୍କ ପାଦ ଛୁଇଁଲେ ଅଶୋକ ବାବୁ । ଅଶୋକ ବାବୁଙ୍କ ମଥାରେ ହାତ ବୁଲେଇ ବିଜୟର ବୋଉ ଆଶୀର୍ବାଦ ଛଳରେ କହିଲେ...ନୀଳାଚଳବାସୀ ତୁମର ମଙ୍ଗଳ କରନ୍ତୁ ବାପା, ଏଠି ଢ଼େର୍ ନାଁ କମାଅ ।

Source: Author, Digitized by PPRACHIN, SOA

ଚା’ପର୍ବ ପରେ ଅଶୋକ ବାବୁ ବିଜୟକୁ କହିଲେ... ମୁଁ ଆପଣଙ୍କ ସମର୍ପିତ କର୍ତ୍ତବ୍ୟ ପାଳନ ଏବଂ ପ୍ରତାପଗଡ଼ ପାଇଁ ତ୍ୟାଗର କାହାଣୀ ଶୁଣିଛି ବିଜୟ ବାବୁ । ଆପଣଙ୍କର ରାଜକନ୍ୟା ସମିତାଙ୍କ ସହିତ ଶାଶ୍ୱତ ସମ୍ବନ୍ଧ ଏଠାରେ ପରୀରାଜ୍ୟର କାହାଣୀ ଭଳି ଘରେ ଘରେ ସମସ୍ତଙ୍କ ମୁହଁରେ ଶୁଣାଯାଏ । ଆପଣଙ୍କ ଲୋକପ୍ରିୟତା ତ ନିଶ୍ଚିତ ଭାବରେ ଆପଣଙ୍କର ଅନେକ ଶତ୍ରୁ ସୃଷ୍ଟି କରିଥିବ । ଆଚ୍ଛା କେଉଁ ମାନେ ଆପଣଙ୍କର ଶତ୍ରୁ ଏବଂ କ’ଣ ସେମାନଙ୍କର କାର୍ଯ୍ୟକଳାପ ଟିକିଏ ବିସ୍ତୃତ ଭାବରେ କହିଲେ, ହୁଏତ ମୁଁ ଆପଣଙ୍କୁ ସେ ଦିଗରେ କିଛି ସାହାଯ୍ୟ କରିପାରିବି ।

ବିଜୟ କହିଲା...ଅଶୋକ ବାବୁ,କେବଳ ଏକା ରାବଣ ଯେପରି ସବୁ ଦେବତାମାନଙ୍କ ଉପରେ ଭାରି ପଡ଼ିଥିଲା, ସେହି ଭଳି ମଳୟେନ୍ଦୁ ନାମକ ଏକ ଖଳଚରିତ୍ର ପ୍ରତାପଗଡ଼ରେ ସମସ୍ତ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମର ବାଧକ ସାଜିଛି । ସାମାଜିକ ବିପ୍ଳବର ଯେଉଁ ପବିତ୍ର ଗଙ୍ଗା ଏଠାରେ ସମିତା ସୃଷ୍ଟି କରିଯାଇଛି ତାକୁ କଳୁଷିତ ଓ ପୂତିଗନ୍ଧମୟ କରୁଛି ମଳୟ ନାମକ ଏହି ନର୍ଦ୍ଦମାର ପାଣି ।

କଥାରେ ଅଛି..‘ଏକା ମାଧିଆ ବାଇଶି ପଳ’, ସେହିପରି ଏକା ମଳୟେନ୍ଦୁ ସବୁ ମୁଣ୍ଡବ୍ୟଥାର କାରଣ । ସେ ସମିତାର ଦାଦାଙ୍କର ଶାଳକ । ନିଜକୁ ରାଜପୁତ୍ର ବୋଲି ଫୁଟାଣି ମାରି ସବୁଠାରେ ନାକ ପୂରାଇବା ତାର କାମ । ଟାଉଟରି ତା’ର ବେଉସା । ସମିତା ଥିବା ସମୟରେ ତାକୁ ବାହା ହୋଇ ରାଜପ୍ରାସାଦର ସବୁ ସମ୍ପତି ହଡ଼ପ କରିବାକୁ ବସିଥିଲା । ସମିତାଠାରୁ ଚପଲ ମାଡ଼ ଖାଇବା ପରେ ସେ ନିଶା ତା’ର ଭାଙ୍ଗି ଯାଇଥିଲା ।

ସମିତା ସହିତ ମୋର ନିକଟତମ ସମ୍ପର୍କରେ ଈର୍ଷାନ୍ୱିତ ହୋଇ ମତେ ବିଷ ଦେଇ ମାରିବାପାଇଁ ମଧ ଚେଷ୍ଟା କରିଥିଲା ମଳୟେନ୍ଦୁ । ସମିତା ଯୋଗୁଁ ସେଥିରେ ସେ ସଫଳ ହୋଇ ନଥିଲା । କିନ୍ତୁ ପ୍ରମାଣ ଅଭାବରୁ ଆଇନର ପଞ୍ଝାରୁ ଖସିଯାଇଥିଲା । ସମିତାର ମୃତ୍ୟୁ ପରେ ତା’ର ସବୁ ଭଲ କାମକୁ ନଷ୍ଟ କରିବା ମତଲବରେ ଅଛି ମଳୟ । ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ଭିତରେ ପଶି ସେଗୁଡ଼ିକ ଭାଙ୍ଗିବା ପାଇଁ ଚେଷ୍ଟା ଚଳାଇଛି ।

ଯେତେ ସବୁ ଅଣ୍ଡରୱର୍ଲ୍ଡ ଲୋକ ଜିଲ୍ଲାରେ ଅଛନ୍ତି, ସେମାନଙ୍କ ସହିତ ତା’ର ଯୋଗାଯୋଗ ରହିଛି । କାହାକୁ ଜୀବନରେ ମାରିଦେବା ତା' ବାଁ ହାତର ଖେଳ । ଗରିବ ଚାଷୀମୂଲିଆମାନଙ୍କର ଜମି ଜବରଦସ୍ତ ହଡ଼ପ କରି ଅନ୍ୟ ମାନଙ୍କୁ ବିକ୍ରି କରିବାରେ ସେ ଓସ୍ତାଦ୍ । ତା’ର ଗୁଣ୍ଡା ଦଳ ଏ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛନ୍ତି । ଜବରଦସ୍ତ ଝିଅବୋହୂଙ୍କୁ ଘରୁ ଉଠାଇ ନେଇ ଧର୍ଷଣ କରିବା ଏବଂ ରାତିଅଧରେ ସ୍ଥାନୀୟ ଲୋକଙ୍କ ଘରେ ପଶି ଝିଅ ବୋହୂଙ୍କୁ ଗଣଧର୍ଷଣ କରିବା, ତା’ ଦଳ ପାଇଁ ସାଧାରଣ କଥା ।

Source: Author, Digitized by PPRACHIN, SOA

ଅବୈଧ ଭାବରେ ଦେଶୀ ମଦ ତିଆରି କରି ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରେ ସେ । ଲୋକାଲ ପୋଲିସ ତା' ପକେଟ୍‌ରେ । ବନ୍ଧୁକ ଏବଂ ପିସ୍ତଲ୍ ତିଆରି କରିବାର ଗୋଟିଏ ଅବୈଧ ମାଟିତଳ-କାରଖାନା ତାର ଅଛି । ପୋଲିସ ସବୁ ଜାଣି ମଧ୍ୟ ଅଜଣା ହୋଇ ରହୁଛନ୍ତି, କାରଣ ଲୋକାଲ୍ ଫାଣ୍ଡିର ପ୍ରତି ପୋଲିସ ତା ପେ'ଲିଷ୍ଟ୍‌ରେ ଅଛନ୍ତି । ତାଛଡା ଭୋଜିଭାତ ପାଇଁ ପ୍ରତି ମାସରେ ଥାନାକୁ ସେ ଦଶହଜାର ଟଙ୍କା ଦିଏ ।

ଅଶୋକ ବାବୁ କହିଲେ...ଏତେ ଅପକର୍ମ କଲାପରେ ଲୋକଟା ବାହାରେ ସ୍ୱଷ୍ଟ ଦିବାଲୋକରେ ବୁଲୁଛି କେମିତି ! ସେ ତ ଜେଲ୍ ଭିତରେ ରହିବା କଥା ।

ବିଜୟ କହିଲା...ତାକୁ କିଏ ଜେଲରେ ପୂରେଇବ ? ପୂରା ସିଷ୍ଟମ୍‌କୁ ସେ ଜେଲରେ ପୂରେଇ ରଖିଛି । ତା ବିରୋଧରେ କେହି ସାକ୍ଷୀ ଦେବା ପାଇଁ ପ୍ରସ୍ତୁତ ନୁହନ୍ତି । ତେଣୁ ଭୟଙ୍କର ଅପରାଧ କରି ମଧ୍ୟ ସେ ସବୁଥର ଖସିଯାଏ । ଅଳ୍ପଦିନ ତଳେ ଲୋକାଲ୍ ଏମଏଲ୍‌ଏଙ୍କର ଭାଇକୁ ଥାନା ଭିତରେ ଗୁଳିକରି ମାରିଥିଲେ ମଧ୍ୟ ଥାନାର କୌଣସି କର୍ମଚାରୀ ତା ବିରୋଧରେ ସାକ୍ଷ୍ୟ ଦେଲେ ନାହିଁ । ତେଣୁ ସେ ସହଜରେ କାନୁନର ପଞ୍ଝାରୁ ଖସିଗଲା ।

ଏଥର ନିର୍ବାଚନରେ ବିଧାୟକ ପଦ ପାଇଁ ସେ ଜଣେ ପ୍ରାର୍ଥୀ । ଆପଣ ଅନୁମାନ କରନ୍ତୁ, ସେ ଯଦି ନିର୍ବାଚିତ ହୋଇ ଆସେ କି ଭୟଙ୍କର ପରିସ୍ଥିତି ନ ଉପୁଜିବ ପ୍ରତାପଗଡ଼ରେ ! ରାଜ୍ୟର ଅନେକ ବଡ଼ ବଡ଼ ନେତାଙ୍କ ସହିତ ସମ୍ପର୍କ ଅଛି ଏହି ନର୍ଦ୍ଦମା କୀଟର ।

ଅଶୋକ ବାବୁ କହିଲେ...ତାର ଭିଣୋଇ ଏଥିପାଇଁ କିଛି କରୁନାହାନ୍ତି ? ପ୍ରତାପଗଡର ରାଜପରିବାରର ସଦସ୍ୟ ଭାବରେ ଜନସାଧାରଣଙ୍କ ପ୍ରତି ତାଙ୍କର ତ କିଛି ଉତ୍ତରଦାୟିତ୍ୱ ଅଛି ନା ନାହିଁ ?

ବିଜୟ କହିଲା.. ରାଜୁଡା ଗଲା ପରେ ତାଙ୍କର କି ଉତ୍ତରଦାୟିତ୍ୱ ଆଜ୍ଞା ? ତା' ଛଡା ମଳୟର ଭିଣେଇ ରାଜେନ୍ଦ୍ର ବାବୁ ଶାଳକକୁ ଡରିମରି ରହିଛନ୍ତି । ନାଗ ସାପକୁ କ୍ଷୀର ଖୁଆଇ ରଖିଲେ ଯାହା ହବାକଥା ତାହା ଘଟିବାକୁ ଯାଉଛି ତାଙ୍କ ଜୀବନରେ ।

କିଛି ନିରବତା ପରେ ବିଜୟ କହିଲା...ମୁଣ୍ଡରେ ତା'ର ସବୁଠାରୁ ଏକ ଭୟଙ୍କର ପ୍ଲାନ୍ କାମ କରୁଛି । ଚ଼ମ୍ପାଝରର ଡ୍ୟାମ୍‌କୁ ଡିନାମାଇଟ୍ ଲଗାଇ ଉଡ଼ାଇ ଦେବାର ଯୋଜନା ତା ମୁଣ୍ଡରେ କାମ କରୁଛି ।

ଆଶ୍ଚର୍ଯ୍ୟ ହୋଇ ଅଶୋକ ବାବୁ କହିଲେ... ଓଃ ମାଇଁ ଗଡ୍ ! ଆପଣ କେମିତି ଟେର୍ ପାଇଲେ ସେ ପ୍ଲାନ୍‌ର ?

Source: Author, Digitized by PPRACHIN, SOA

ବିଜୟ କହିଲା...ତାର ଗୋଟାଏ ଚାମଚାକୁ ପଇସାପତ୍ର ଦେଇ ହାତ କରିଛି । ଯେଉଁ ଦିନ ଏହି ଭୟଙ୍କର ଯୋଜନା ସେ କାର୍ଯ୍ୟକାରୀ କରିବାକୁ ଠିକ୍ କରିବ ତା'ର କିଛି ଘଣ୍ଟା ପୂର୍ବରୁ ସେ ଚାମ୍‌ଚା ଆମକୁ ଖବର ଦେବ । ସେହି ସମୟରେ ଆମେ ତାକୁ ଧରି ଥାନାରେ ଦେବାପାଇଁ ଠିକ୍ କରିଛୁ ।

ଅଶୋକ ବାବୁ କହିଲେ...ଏଠି ଲୋକାଲ ଥାନାରେ ଦେଲେ କଣ ହେବ ? ପୁଣି ସେ ଖସିଯିବ । ସେଥିପାଇଁ ଅନ୍ୟ କିଛି ବ୍ୟବସ୍ଥା କରିବାକୁ ହେବ । ଗତ ସପ୍ତାହରେ ମୋର ଜଣେ ବନ୍ଧୁ ପ୍ରମୋଦ ବାବୁ ବରଗଡର ଏସ୍.ପି. ଭାବେ ଯୋଗ ଦେଇଛନ୍ତି । ମୁଁ ତାଙ୍କ ସହିତ କଥା ହୋଇ ସ୍ପେଶାଲ୍ ସ୍କ୍ୱାର୍ଡ ମଗାଉଛି । ଆପଣ ମଳୟର ଚାମଚାକୁ ହାତ କରି ତାର ସବୁ ଆଡ୍ଡା ଏବଂ ଦେଶୀମଦ ତିଆରି କାରଖାନାର ଠିକଣା ସଂଗ୍ରହ କରନ୍ତୁ । ଡ୍ୟାମ୍ ଉଡ଼ାଇବା ଯୋଜନାର ଟିକିନିଖି ପ୍ଲାନ୍ ସଂଗ୍ରହ କରି ମତେ ଜଣାନ୍ତୁ । ତାର ସେହି ଚାମଚା ଯେତେ ଟଙ୍କା ନେଉଛି ନେଉ, କିଛି କଥା ନାହିଁ, ମୁଁ ଦେବାପାଇଁ ପ୍ରସ୍ତୁତ ଅଛି । କିନ୍ତୁ ପୂରା ଅପରେସନ୍ ଯେପରି ଗୁପ୍ତ ରହିବ ସେଥିପାଇଁ ଧ୍ୟାନ ଦେବେ । ଏ ଭିତରେ କଲେକ୍ଟରଙ୍କ ସହିତ ଆଲୋଚନା କରି ବିହିତ ବ୍ୟବସ୍ଥା କରୁଛି । ଏଥର କାନୁନ୍ ହାତରୁ ବଞ୍ଚି ପାରିବ ନାହିଁ ମଳୟ ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୮

ଅଶୋକ ବାବୁଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜୟ ଗୁପ୍ତଚର ସାହାଯ୍ୟରେ ମଳୟେନ୍ଦୁର ସବୁ ଗୁପ୍ତ ଆଡ୍ଡାର ସନ୍ଧାନ ନେଲା । ସେଠାରେ ଚାଲୁଥିବା ଦେଶୀମଦ ତିଆରି ଭାଟି , ଦେଶୀ ପିସ୍ତଲ୍ କାରଖାନା ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟସ୍ଥଳର ଗୋପନୀୟ ବିବରଣୀ, ନିଜେ ଯାଇ ଏସ୍.ପି. ପ୍ରମୋଦ ବାବୁଙ୍କର ହସ୍ତଗତ କରାଇଲା ।

ବିଜୟା ଦଶମୀ ଦିନ ମଳୟେନ୍ଦୁର ଆଡ୍ଡାମାନଙ୍କରେ ଚଢ଼ାଉ କରିବାର ଯୋଜନା ପ୍ରସ୍ତୁତ ହେଲା । ବିଜୟା ଦଶମୀ ଦିନଟି ଅଶୋକ ବାବୁ ବାଛି ଥିଲେ କାରଣ ପ୍ରତାପଗଡ଼ର ରାବଣର ଗର୍ବ ଖର୍ବ କରିବା ପାଇଁ ଏହାଠାରୁ ବଳି ଭଲ ଦିନ ଆଉ କଣ ଥାଇ ପାରେ ? ଏସ୍.ପି. ପ୍ରମୋଦ ବାବୁ ମଧ୍ୟ ଅଶୋକ ବାବୁଙ୍କ କହିବା ଅନୁଯାୟୀ ବିଜୟା ଦଶମୀ ଦିନରେ ଅପରେସନକୁ କାର୍ଯ୍ୟକାରି କରିବା ପାଇଁ ସ୍ଥିର କଲେ ; କାରଣ ପର୍ବପର୍ବାଣୀରେ ସମସ୍ତେ ବ୍ୟସ୍ତ ଥିବା ସମୟରେ, ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା କାମ ଛାଡ଼ି, ଏଭଳି ଅପରେସନ୍ କରିବେ ବୋଲି କୌଣସି ଅସାମାଜିକ ଗୋଷ୍ଠୀ କେବେ ସନ୍ଦେହ କରିବେ ନାହିଁ । କାର୍ଯ୍ୟକ୍ରମଟିର ନାମ ରଖା ଯାଇଥିଲା 'ଅପରେସନ୍ ରାବଣ' ।

ଯୋଜନାଟି ଏତେ ଗୋପନୀୟ ଥିଲା ଯେ ସ୍ଥାନୀୟ ଥାନା ଅଧିକାରୀ ମଧ୍ୟ କାର୍ଯ୍ୟକ୍ରମର ଟେର୍ ପାଇପାରିଲେ ନାହିଁ । ଜିଲ୍ଲା କଲେକ୍ଟର, ଏସ୍ ପି, ଅଶୋକ ବାବୁ ଏବଂ ବିଜୟ ଏହି ଚାରିଜଣଙ୍କ ଜ୍ଞାତସାରରେ ସୀମିତ ଥିଲା ଏହି ଯୋଜନାର ରୂପରେଖ । କଲେକ୍ଟର, ମଳୟେନ୍ଦୁର ଅପକୀର୍ତ୍ତି ବିଷୟରେ ଆଗରୁ ଅବଗତ ଥିଲେ । କିନ୍ତୁ ଯେତେବେଳେ ସେ ଶୁଣିବାକୁ ପାଇଲେ ଯେ ମଳୟେନ୍ଦୁ ଚମ୍ପାଝରର ଡ୍ୟାମ୍ ଉଡ଼ାଇବା

Source: Author, Digitized by PPRACHIN, SOA

ଯୋଜନାରେ ଅଛି, ସେତେବେଳେ ଏସ୍.ପି.ଙ୍କୁ କହିଥିଲେ... ଡ଼ମ୍ପାଝର ଆମ ଜିଲ୍ଲାର ଗର୍ବ ଏବଂ ଗୌରବ । ଡ୍ୟାମ୍‌ର କିଛି କ୍ଷତି ଘଟିବା ପାଇଁ ଆମେ ଅପେକ୍ଷା କରିବା ଉଚିତ ନୁହେଁ, ଯଥାଶୀଘ୍ର ସେ ଅସାମାଜିକ ପ୍ରାଣୀର କଳା ସାମ୍ରାଜ୍ୟକୁ ଧ୍ୱଂସ କରି ତାକୁ ଜେଲ ଭିତରେ ପୂରାଇବା ଚେଷ୍ଟା କରନ୍ତୁ ।

ସ୍ଥାନୀୟ ଥାନାର ଅଧିକାରୀ ଏବଂ ପୋଲିସ୍‌ମାନଙ୍କୁ ଛୁଟି ନ ନେବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥାଏ । କୁହାଯାଇଥିଲା, କଲେକ୍ଟର ଭସାଣି ଦେଖିବାପାଇଁ ପ୍ରତାପଗଡ଼ ଆସି ପାରନ୍ତି, ତେଣୁ ଥାନାର କୌଣସି କର୍ମଚାରୀ ଛୁଟିରେ ଯାଇପାରିବେ ନାହିଁ ।

ସେଦିନ ସାଦା ପୋଷାକଧାରୀ ପୋଲିସ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରୁ ଆସି ମଳୟେନ୍ଦୁର ବିଭିନ୍ନ ଆଡ୍ଡା ଉପରେ ଦିନବେଳୁ ନଜର ରଖିଥିଲେ । ଜଙ୍ଗଲ ଭିତରେ ଯେଉଁଠାରେ ଦେଶୀମଦ ତିଆରି କାରଖାନା ଏବଂ ଦେହ ବ୍ୟବସାୟ ଆଡ୍ଡା ଥିଲା ସେ ସବୁ ସ୍ଥାନଗୁଡ଼ିକ ଉପରେ କଡ଼ାକଡ଼ି ନଜର ରଖିଥାନ୍ତି ଏହି ସାଦା ପୋଷାକଧାରୀ ପୋଲିସ ବାହିନୀ । ସେମାନଙ୍କ ମଧ୍ୟରୁ ଜଣେ ଦୁଇଜଣ ମଧ୍ୟ ଗ୍ରାହକ ହୋଇ ଭିତିରି କାରବାର ଜାଣିବା ପାଇଁ ଚେଷ୍ଟା ଚଳାଇଥାନ୍ତି ।

ଏ ସବୁ ଯୋଜନାର ତିଳେ ମାତ୍ର ପୂର୍ବାଭାସ ପାଇପାରିନଥିଲା ମଳୟ । କଲିକତାରୁ ଦଶଜଣ ସୁନ୍ଦରୀ ଯୁବତୀ ଦେହ ବ୍ୟବସାୟ ଆଡ୍ଡାରେ ସନ୍ଧ୍ୟା ସୁଦ୍ଧା ପହଞ୍ଚି ସାରିଥିଲେ । ଆଜିର ଭସାଣି ଦିନରେ ସେମାନଙ୍କର ଚାହିଦା ଅଧିକ । ଭସାଣି ଦେଖିବା ବାହାନାରେ ସହରରୁ ଆସିଥିବା ନାମଜାଦା ରାଜନେତା ଏବଂ ବ୍ୟବସାୟୀମାନେ, ସନ୍ଧ୍ୟା ଗଡ଼ିବା ପରେ ଧୀରେ ଧୀରେ ପହଞ୍ଚିବା ଆରମ୍ଭ କଲେ ।

ଯୋଜନା ଅନୁସାରେ ରାତି ସାଢେ ନଅଟା ସମୟରେ ଜଙ୍ଗଲ ଭିତରେ ଲୁଚିଥିବା ପୋଲିସ ସ୍କ୍ୱାର୍ଡ ଆଡ୍ଡାସ୍ଥଳକୁ ଚାରିପଟୁ ଘେରାଉ କରିଦେଲେ ।

ମଦ ତିଆରି କାରଖାନା ଭିତରେ ଥାଏ ମଳୟେନ୍ଦୁ । ଜଣେ ସାଦା ପୋଷାକଧାରୀ ପୋଲିସ ତା ପାଖରେ ପହଞ୍ଚି ପରିଚୟ ଦେବାପରେ ମଳୟ ଅବିଶ୍ୱାସ ଆଖିରେ ତାକୁ ଚାହିଁ କହିଲା..କେତେ ଲକ୍ଷ ଦରକାର ? ପହଞ୍ଚିଯିବ ତୁମ ପାଖରେ । ଶୀଘ୍ର ଏଠାରୁ ଗାଏବ ହୋଇଯାଅ, ନହେଲେ ଗୁଳି କରିଦେବି ।

ମଳୟେନ୍ଦୁ ଭାବି ପାରିନଥିଲା ଯେ ବାହାରେ ଏତେ ସଂଖ୍ୟାରେ ପୋଲିସ ତା' ଆଡ୍ଡାକୁ ଘେରାଉ କରିସାରିଛନ୍ତି । ମଦ ଭାଟି ଉପରେ ଚଢ଼ାଉ କରି ପୋଲିସ, ଚଟାପଟ୍ ମଦ ତିଆରି ପାଇଁ ଥିବା ଶହେ ବ୍ୟାରେଲ୍ ପୋଚ଼ ତଳେ ଢାଳି ନଷ୍ଟ କରିଦେଲେ । ଦେହ ବ୍ୟବସାୟ ଆଡ୍ଡାରୁ ଦୁଇଜଣ ଏମ୍ ଏଲ୍ ଏ, ଚାରିଜଣ ବ୍ୟବସାୟୀ ଏବଂ ଚାରିଜଣ

Source: Author, Digitized by PPRACHIN, SOA

ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ସମେତ ଦଶଜଣ କଲିକତୀ ଝିଅଙ୍କୁ ଗିରଫ କରି ଭ୍ୟାନରେ ବସାଇଲେ ପୋଲିସ । ନିଜେ ଏ.ଏସ୍.ପି. ପୂରା ଅପରେସନକୁ ପରିଚାଳିତ କରୁଥାଆନ୍ତି ।

ମଳୟେନ୍ଦୁ ବହୁତ ଚେଷ୍ଟା କଲା ଟଙ୍କା ଦେଇ ମୁହଁ ବନ୍ଦ କରିବା ପାଇଁ । କିନ୍ତୁ ସମ୍ଭବ ହେଲା ନାହିଁ । ଏ.ଏସ୍.ପି. କହିଲେ.. ଯାହା କହିବା କଥା ଥାନାରେ କହିବ, ଜିପ୍‌ରେ ବସ ।

ହଠାତ୍ ଏକ ଅଭାବନୀୟ ଘଟଣା ଘଟିଲା । ଏ.ଏସ୍.ପି.ଙ୍କ ହାତରୁ ପିସ୍ତଲ ଛଡ଼ାଇ ନେଇ ମଳୟେନ୍ଦୁ ତାଙ୍କ ଛାତିକୁ ଲକ୍ଷ୍ୟ କରି ଗୁଳି ଚଳାଇଲା । ଏ.ଏସ୍.ପି. ଘୁଞ୍ଚିଗଲେ । ତଥାପି ତାଙ୍କ କାନ୍ଧରେ ଗୁଳି ବାଜିଲା । ମଳୟେନ୍ଦୁ ସେଠାରେ ଅପେକ୍ଷା ନକରି ଜଙ୍ଗଲ ଭିତରେ ଲୁଚି ଯିବାପାଇଁ ଚେଷ୍ଟା କଲା । କିନ୍ତୁ ଏ.ଏସ୍.ପି. ମଳୟକୁ ଲକ୍ଷ୍ୟ କରି ଗୁଳି ଚଳାଇଲେ । ଲକ୍ଷ ଅବ୍ୟର୍ଥ ଥିଲା । ମଳୟର ପିଠିରେ ଗୁଳି ବାଜିଲା ଏବଂ ସେ ସେହିଠାରେ ଟଳି ପଡ଼ିଲା ।

ସେପଟେ ଚମ୍ପାଝରର ଡ୍ୟାମ ଉପରେ ରାବଣ ଦେହରେ ଅଗ୍ନି ସଂଯୋଗ କରୁଥିଲେ ତହସିଲଦାର ଅଶୋକ ବାବୁ । ଅଶୋକ ବାବୁଙ୍କର ଜଣେ ବିଶ୍ୱସ୍ତ ବ୍ୟକ୍ତି, ମଳୟେନ୍ଦୁର ଗୁଳି ବିନିମୟରେ ଗୁରୁତର ଆହତ ହେବା ସମ୍ବାଦ ସେଠାରେ ତାଙ୍କୁ ଜଣାଇବା ସମୟରେ ପାଖରେ ଉପସ୍ଥିତ ଥିଲା ବିଜୟ । ଅଶୋକ ବାବୁ ବିଜୟ କାନରେ କହିଲେ... ସୁସମ୍ବାଦ ବିଜୟ ବାବୁ । ଅପରେସନ୍ ସମ୍ପୂର୍ଣ୍ଣ ସଫଳ ହୋଇଛି ।

ଏ.ଏସ୍.ପି. ଯନ୍ତ୍ରଣାରେ ଛଟପଟ ହେଉଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଗଲା । ଅନ୍ୟ ଏକ ଆମ୍ବୁଲାନ୍ସରେ ମଳୟର ସଂଜ୍ଞାହୀନ ଶରୀରକୁ ଡାକ୍ତରଖାନାକୁ ପଠାଇ ଦିଆଗଲା । ଡାକ୍ତରଖାନାରେ ମଳୟେନ୍ଦୁକୁ ମୃତ ଘୋଷିତ କଲେ ଡାକ୍ତର । ଏ.ଏସ୍.ପି.ଙ୍କୁ ଜିଲ୍ଲା ଡାକ୍ତରଖାନାକୁ ପଠାଇ ଦିଆଗଲା ଅଧିକ ଚିକିତ୍ସା ପାଇଁ ।

ଜିଲ୍ଲାପାଳ ଏବଂ ଏସ ପି ଙ୍କ ପାଖରେ ଖବର ସଙ୍ଗେ ସଙ୍ଗେ ପହଞ୍ଚିଗଲା । ପ୍ରତାପଗଡ଼ରେ ମଳୟେନ୍ଦୁର ମୃତ୍ୟୁ ଖବର ବନାଗ୍ନି ପରି ଖେଳିଗଲା । ମଳୟର ଯେତେ ସବୁ ପୋଷାଗୁଣ୍ଡା ଥିଲେ ରାତାରାତ ଯେ ଯୁଆଡ଼େ ପଳାୟନ କଲେ ।

ପ୍ରତାପଗଡ଼ରେ ଆନନ୍ଦର ଲହରୀ ଖେଳିଗଲା । ଶବ ବ୍ୟବଚ୍ଛେଦ ପରେ ଯେତେବେଳେ ରାଜେନ୍ଦ୍ର ବାବୁଙ୍କ ଦୁଆରେ ମଳୟେନ୍ଦୁର ଶବ ପହଞ୍ଚିଲା, ଶବ ଦେଖି ରାଜେନ୍ଦ୍ର ବାବୁ କହିଲେ..'ଯାହା ହେଇଚି ଭଲ ହେଇଚି, ଗୋଟାଏ କଳଙ୍କ ଗଲା । ଏଭଳି ଅସାମାଜିକ କାର୍ଯ୍ୟର ପରିଣତି ଦିନେ ନା ଦିନେ ଏହିପରି ହୁଏ ।

Source: Author, Digitized by PPRACHIN, SOA

ପରଦିନ ସକାଳେ ପ୍ରତାପଗଡ଼ ଶାନ୍ତିର ନିଃଶ୍ୱାସ ମାରୁଥିଲା । ଏକ କଳଙ୍କିତ ଅଧ୍ୟାୟର ଅବସାନ ଘଟିଲା ପ୍ରତାପଗଡରେ । ମଳୟର କିଛି ଗୋଡାଣିଆ ଲୋକ ରାଜକୀୟ ସମ୍ମାନ ସହିତ ତା'ର ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ଚାହୁଁଥିଲେ, କିନ୍ତୁ ଆଶ୍ଚର୍ଯ୍ୟ କଥା, ରାଜେନ୍ଦ୍ର ବାବୁ ଏଥିପାଇଁ ସମ୍ମତି ଦେଲେ ନାହିଁ । ସେ କହିଥିଲେ...ମୋର ଶାଳକ ହେଲେ କ'ଣ ହେଲା, ସେ ପ୍ରତାପଗଡ଼ ପାଇଁ ଅଶନି ସଙ୍କେତ ଥିଲା । ତାର ଦଗ୍‌ଧୀଭୂତ ଶରୀରର ପାଉଁଶ ମଧ୍ୟ ଏ ମାଟିକୁ ଅପବିତ୍ର କରିଦେବ । ତେଣୁ ତା' ନିଜ ଜନ୍ମ ସ୍ଥାନରେ ତାର ଅନ୍ତ୍ୟେଷ୍ଟି କ୍ରିୟା ହେଉ ।

ଏ ଭିତରେ ବିତି ଯାଇଛି କିଛି ଦିନ । ଦିନେ ସନ୍ଧ୍ୟା ସମୟରେ ଅଶୋକ ବାବୁ ପହଞ୍ଚିଲେ ବିଜୟ ପାଖରେ । ବାର୍ତ୍ତାଳାପ ସମୟରେ ମଳୟର ମୃତ୍ୟୁ ସମ୍ବନ୍ଧୀୟ ଅନେକ କଥା ଆଲୋଚନା ହେଲା । ଅଶୋକ ବାବୁ କହିଲେ..ମଳୟର ମୃତ୍ୟୁ ଉପରେ ରାଜନୀତିର ଝଡ଼ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ । କିନ୍ତୁ ଜନସାଧାରଣ ତାର ମୃତ୍ୟୁରେ ଖୁସି । ସେମାନଙ୍କ ମତରେ ମଳୟେନ୍ଦୁ ଭଳି ଗୁଣ୍ଡା ପାଇଁ ଏନ୍‌କାଉଣ୍ଟର୍ ମର୍ଡର ହିଁ ଠିକ୍ ।

ବିଜୟ କହିଲା... ଜନସାଧାରଣଙ୍କର ଏଭଳି ମତ ପାଇଁ ଆମର ସିଷ୍ଟମ୍ ହିଁ ଦାୟୀ । ନ୍ୟାୟପାଳିକା ଉପରେ ଲୋକମାନଙ୍କର ବିଶ୍ୱାସ କମିଯାଉଛି । ଗୋଟାଏ ଗୁଣ୍ଡା ଆତଙ୍କରାଜ ସୃଷ୍ଟି କରି ଧରାପଡ଼ିଲେ ମଧ୍ୟ ବାରମ୍ୱାର ଆଇନର ପନ୍‌ଝାରୁ ଖସିଯାଏ । ସେଥିପାଇଁ ଲାଞ୍ଚଖୋର୍ ମନୋବୃତ୍ତିର ନେତା, ପୋଲିସ ଏବଂ ଅଫିସର୍‌ମାନେ ଦାୟୀ । ଟଙ୍କା ସେମାନଙ୍କର ମୁହଁ ବଙ୍କା କରି ଦିଏ ।

ଆଇନ୍ ବ୍ୟବସ୍ଥା ମଧ୍ୟ ସେହିପରି । ଦିବାଲୋକରେ ଧର୍ଷଣ ଏବଂ ହତ୍ୟା କରି ମଧ୍ୟ ବର୍ଷ ବର୍ଷ ଧରି କୋର୍ଟରେ କେସ୍‌ର ସମାଧାନ ହୁଏ ନାହିଁ ଏବଂ ଦୋଷୀ ଦଣ୍ଡ ପାଉ ପାଉ ପନ୍ଦର କୋଡ଼ିଏ ବର୍ଷ ବିତିଯାଏ । ତା' ଭିତରେ ହୁଏତ ଦୋଷୀର ମୃତ୍ୟୁ ହୋଇଯାଏ ଅଥବା ସେ ନିର୍ଦ୍ଦୋଷରେ ଖଲାସ ହୋଇଯାଏ । ଜନସାଧାରଣ ଏବଂ ସମ୍ପୃକ୍ତ ପରିବାରର କ୍ଷୋଭ ସହଜରେ ଅନୁମେୟ । ଜନସାଧାରଣ ଚାହାଁନ୍ତି ଶୀଘ୍ର ନ୍ୟାୟ ମିଳୁ । ତେଣୁ ଆମର ନ୍ୟାୟିକ ପ୍ରକ୍ରିୟାରେ ସଂଶୋଧନ ଏବଂ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଅଶୋକ ବାବୁ କହିଲେ...ସେ ଯାହା ହେଉ ପ୍ରତାପଗଡ଼ ଗୋଟାଏ ଆତଙ୍କରାଜରୁ ମୁକ୍ତିଲାଭ କଲା । ହଁ,ଆଉ ଗୋଟିଏ ଖବର ବିଜୟ ବାବୁ, ପ୍ରତାପଗଡ଼ ଜଳସେଚନ ଅଫିସ୍ ଅପ୍‌ଗ୍ରେଡେସନ ହୋଇଯାଇଛି । ଏଠାରେ ଜଣେ କାର୍ଯ୍ୟବାହୀ ଇଞ୍ଜିନିୟରଙ୍କର ନିଯୁକ୍ତି ହେବାର ଅଛି । ଆପଣଙ୍କର ବଦଳି ମଧ୍ୟ ହୋଇଯାଇପାରେ ।

ବିଜୟ କହିଲା... ମୁଁ ସେ ଖବର ପାଇ ସାରିଛି ଅଶୋକ ବାବୁ । ଏଥର ମୁଁ ଆନନ୍ଦରେ

Source: Author, Digitized by PPRACHIN, SOA

ପ୍ରତାପଗଡ଼ ଛାଡ଼ି ଯାଇପାରିବି, କାରଣ ପ୍ରତାପଗଡ଼ ବର୍ତ୍ତମାନ ଉପଯୁକ୍ତ ବ୍ୟକ୍ତିଙ୍କ ହାତରେ । ଆପଣ ଟ୍ରଷ୍ଟର ଦାୟିତ୍ୱ ନେବା ଏବଂ ମଳୟେନ୍ଦୁର ମୃତ୍ୟୁ ହେବା, ମୋ କାମକୁ ସହଜ କରିଦେଇଛି । ପ୍ରତାପଗଡ଼ ପାଇଁ ଆଉ ବିପଦ ନାହିଁ । ଏଣିକି ସମିତାର ଶେଷ ଇଚ୍ଛା ଏବଂ ମେଘମାଳାର ଆଶା ପୂରଣ କରିବା ମୋର ପରବର୍ତ୍ତୀ ଲକ୍ଷ ହେବ ।

ଅଳ୍ପ ବିରାମ ପରେ ବିଜୟ ପଚାରିଲା...ଆପଣ ଜାଣନ୍ତି ଅଶୋକ ବାବୁ ସମିତାର ଶେଷ ଇଚ୍ଛା କ'ଣ ଥିଲା ? ତାର ଶେଷ ଇଚ୍ଛା ଥିଲା, ପ୍ରତାପଗଡ଼ରେ ଅସମ୍ପୂର୍ଣ୍ଣ କାମ ଶେଷ କରି ମୁଁ ମେଘମାଳାକୁ ଅଙ୍କଲକ୍ଷ୍ମୀ କରି ତା'ର ଆଶା ପୂରଣ କରେ ।

ଅଶୋକ ବାବୁ କହିଲେ...ଆପଣ ବାସ୍ତବରେ ଭାଗ୍ୟବାନ ବିଜୟ ବାବୁ । ମେଘମାଳା ଆପଣଙ୍କୁ ବହୁତ ଭଲ ପାଆନ୍ତି । ଚାତକ ଭଳି ସେ ଅନାଇଁ ରହିଛନ୍ତି ଆପଣଙ୍କ ଫେରିବା ବାଟକୁ ।

xxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୪୯

ନୂତନ ସୂର୍ଯ୍ୟର ଆଲୋକରେ ଉଦ୍ଭାସିତ ହୋଇ ଉଠିଛି ମେଘମାଳାର ତୁଳସୀପୁରର ଛୋଟିଆ ପୃଥିବୀ । ପାଞ୍ଚ ଏକର ପରିମିତ ଛୋଟିଆ ଫାର୍ମରେ ଅପରିମିତ ପ୍ରାଣପ୍ରାଚୁର୍ଯ୍ୟ ଓ ଚଳଚଞ୍ଚଳତା ମଧୁମୟ ଓ ସୁଧାମୟ କରି ତୋଳିଛି ସମ୍ପୂର୍ଣ୍ଣ ପରିବେଶକୁ । ସମସ୍ତଙ୍କ ମନରେ ଖୁସି....ମେଘମାଳା ଆଉ ତା ପୋଖରୀର ମାଛ, ବତକ, ପାଣିକୁଆ, ଝରଣା ଜଳର କୁଳୁକୁଳୁ ଶବ୍ଦ, ଆମ୍ରବନର କୋଇଲି, ବୁଦାମୂଳର କୁମ୍ଭାଟୁଆ, ରାଧାଚୁଡା ଆଉ କୃଷ୍ଣଚୂଡାର ଫୁଲ ଉପରାନ୍ତ ସବୁଜପତ୍ର, ସମସ୍ତେ । ସବୁ ଅଭିଯୋଗ ଶେଷ ହୋଇଛି ସିନା, ଯେଉଁ ଅଭିଯୋଗଟି ଅଛି ତାହା ଅଭିମାନିନୀ ରାଧାରାଣୀର କାହ୍ନା ପାଇଁ... ତାହା କାହ୍ନାର ଦରବାରରେ ସେମିତି ପଡ଼ିଛି । 'ତାଙ୍କ ଇଚ୍ଛା' ,ଭାବିଲା ମେଘମାଳା ।

ଏ ଭିତରେ ଆଉ ଦୁଇଜଣ ଅସହାୟ ବୃଦ୍ଧାଙ୍କୁ ଆଶ୍ରୟ ଦେଇଛି ମେଘମାଳା ତାର ଫାର୍ମ ଭିତରେ ଥିବା ବୃଦ୍ଧାଶ୍ରମରେ । ସେମାନଙ୍କ ଭିତରୁ ଜଣଙ୍କର କାହାଣୀ ଅତି କରୁଣ । ସେ ମହିଳାଙ୍କର ବୟସ ଆନୁମାନିକ ଅଶି ବର୍ଷରୁ ଉର୍ଦ୍ଧ୍ୱ ହେବ । କଥା କହିବାର ଶକ୍ତି ନାହିଁ ; ଶ୍ରବଣ ଶକ୍ତି ମଧ୍ୟ ହରେଇ ବସିଛନ୍ତି । କାହିଁକି କେଉଁ ପରିସ୍ଥିତିରେ ଗାଁ ଶିବ ମନ୍ଦିର ପାଖରେ ତାଙ୍କୁ କିଏ ଛାଡ଼ିଦେଇ ଗଲା, କାହାକୁ ଜଣାନାହିଁ । ଯାହା ପଚାରିଲେ ଖାଲି ଜୁଳୁଜୁଳୁ କରି ଚାହୁଁଛନ୍ତି, କିଛି କହୁନାହାନ୍ତି । ଆଶ୍ରମର ଅନ୍ତେବାସୀମାନେ ତାଙ୍କୁ ନୂଆ ନାଆଁଟିଏ ଦେଇଛନ୍ତି । ପାଟିରେ ଗୋଟିଏ ମଧ୍ୟ ଦାନ୍ତ ନଥିବାରୁ ତାଙ୍କ ନାଁ ଦିଆ ହୋଇଛି 'ପାକନ' ମାଉସୀ ।

Source: Author, Digitized by PPRACHIN, SOA

ପାକନ ମାଉସୀ ସବୁ ଅନ୍ତେବାସୀଙ୍କର ବଡ଼ ଗେହ୍ଲା ହୋଇଛନ୍ତି । ତାଙ୍କୁ ଗାଧୋଇ ଦେବା, ଲୁଗା ପାଲଟେଇ ଦେବା, ଖୁଆଇ ଦେବା ଇତ୍ୟାଦି କାମ କରିବା ପାଇଁ ସମସ୍ତେ ଆଗଭର । ଚତୁର୍ଥ ଅନ୍ତେବାସିନୀ ଜଣକ ପଞ୍ଚସ୍ତରୀ ବର୍ଷ ବୟସ୍କା ପ୍ରମିଳାରାଣୀ; ଏକ ଧୋକା ଏବଂ ତଞ୍ଚକତାର ଶିକାର । ସ୍ୱାମୀଙ୍କ ଦେହାନ୍ତ ପରେ ପୁଅ ପାଖକୁ ଯାଇଥିଲେ ଆମେରିକା । ଏକମାତ୍ର ପୁତ୍ର ସନ୍ତାନ ସେ ତାଙ୍କର । ଆମେରିକା ଯିବା ପୂର୍ବରୁ ଗାଁରେ ଯାହାକିଛି ଜମିବାଡ଼ି ଥିଲା ବିକାବିକି କରି ଚାଲିଯାଇଥିଲେ । ସେଠାରେ ବୋହୂ ସହିତ ଝଗଡ଼ା ହେବାରୁ ପୁଅ ଆଣି ଓଡ଼ିଶାରେ ଛାଡ଼ି ଦେଇ ଯାଇଛି ।

ଭୁବନେଶ୍ୱର ଇଣ୍ଟରନାସନାଲ୍ ଏୟାରପୋର୍ଟରେ ଛାଡ଼ି ଦେଇ ସେଇଠୁ ପୁତ୍ରମଣି ଫେରି ଯାଇଛନ୍ତି ଆମେରିକା । ଟଙ୍କା ପାଞ୍ଚଶ, ହଜାରେ କିଛି ହାତରେ ଗୁଞ୍ଜି ଦେଇ ନିଜ ଭାଗ୍ୟର ସାହାରାରେ ଛାଡ଼ିଦେଇ ଚାଲିଯାଇଛନ୍ତି ପୁତ୍ ନର୍କରୁ ଉଦ୍ଧାରକାରୀ ମହାନୁଭବ ପୁତ୍ର ।

ପ୍ରମିଳାରାଣୀଙ୍କର ଆଖି ଆଗରେ ଅନ୍ଧାର ଏବଂ ପିଠିରେ ପ୍ରବଞ୍ଚନାର ଚାବୁକ ମାଡ଼ ; ହାତରୁ ପଇସାପତ୍ର ଶେଷ ହୋଇଯିବା ପରେ ପୁରୀ ସିଂହଦ୍ୱାରରେ ଭିକ ମାଗୁଥିବା ଅବସ୍ଥାରେ ମେଘମାଳା ସହିତ ତାଙ୍କର ଦେଖାହୋଇଥିଲା । ମେଘମାଳା ସବୁ ଶୁଣିବାପରେ ତାଙ୍କୁ ଆଶ୍ରୟ ଦେବାପାଇଁ ନେଇ ଆସିଛି ନିଜ ଆଶ୍ରମକୁ ।

ଚାରିଜଣ ବୃଦ୍ଧା ଆଶ୍ରମଟିକୁ ସ୍ୱର୍ଗରେ ପରିଣତ କରିଦେଇଛନ୍ତି । ଘର ପଛପଟେ ନାନା ପ୍ରକାର ଶାଗ, ବାଇଗଣ ଗଛ, ଲଙ୍କାଗଛ, ଧନିଆପତ୍ର, କଦଳୀ ଗଛ ଇତ୍ୟାଦି ଲଗାଇ ସୁନ୍ଦର ବଗିଚାଟିଏ ସୃଷ୍ଟି କରିଛନ୍ତି ସେମାନେ । ସେଥିରୁ ଆଶ୍ରମର ପରିବାପତ୍ର ଖର୍ଚ୍ଚ ଚଳିଯାଉଛି । ସଦେଇବୋଉ ମାଉସୀ ତାଙ୍କର ସଞ୍ଚିତ ବାର୍ଦ୍ଧକ୍ୟ ଭତ୍ତା ପଇସାରୁ ଗୋଟିଏ ଧଳା ଦେଶୀ ଗାଈ କିଣିଛନ୍ତି । ଗାଈଟି କଅଁଳେଇଚି । ସେହି ଗାଈର କ୍ଷୀର ଆଶ୍ରମରେ ସାରାଦିନ ଚା' ତିଆରି କରିବାପାଇଁ ଯଥେଷ୍ଟ ।

ଅନ୍ତେବାସୀମାନେ ସକାଳୁ ଉଠି ଫାର୍ମରେ ଥିବା ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ସ୍ୱତଃପ୍ରବୃତ୍ତ ଭାବରେ ନିଜ ନିଜ କାମରେ ଲାଗିଯାଆନ୍ତି । ପ୍ରଣତିର ମାଆ ଆଚାର ତିଆରି କରିବାରେ ଓସ୍ତାଦ । ସଦେଇ-ବୋଉ ମାଉସୀ ଅତି ବଢିଆ ମଞ୍ଜିବଡ଼ି ତିଆରି କରନ୍ତି । ପ୍ରମିଳାରାଣୀ ମାଉସୀ ଛୋଟ ପିଲାମାନଙ୍କ ପାଇଁ ସୁନ୍ଦର ଡ୍ରେସ୍ ତିଆରି କରନ୍ତି । ସମସ୍ତଙ୍କର ହାତ ତିଆରି ପଦାର୍ଥ ଫାର୍ମ ଗେଟ୍ ପାଖରେ ହିଁ ବିକ୍ରି ହୋଇଯାଏ ।

ଏଣେ ଶ୍ରୀକାନ୍ତର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଫାର୍ମରେ ସୁନାର ଫସଲ ହସିଉଠିଛି । ପୋଖରୀରୁ ଆଦାୟ ହୋଇଥିବା ମାଛର ଚାହିଦା ଆଖପାଖ ଗାଁ ଗଣ୍ଡାରେ ବହୁତ ବଢିଯାଇଛି । ପନିପରିବା ଏବଂ ସପୁରୀ ଫସଲରୁ ଖୁବ ଭଲ ଲାଭ ମିଳିଛି ଏ ବର୍ଷ । ଫୁଲ

Source: Author, Digitized by PPRACHIN, SOA

ଚାଷ ମଧ୍ୟ ଖୁବ୍ ଲାଭଦାୟକ ହୋଇଛି । ମୋଟାମୋଟି ଭାବରେ ଫାର୍ମର ଆଦାୟ ଭିତରୁ ଆଶ୍ରମ ଖର୍ଚ୍ଚ ସମେତ ଫାର୍ମର ସବୁ ଖର୍ଚ୍ଚ ତୁଲାଇବା ସମ୍ଭବ ହୋଇପାରିଛି ।

ପ୍ରଣତିର ଶୁଷ୍କ ମରୁଭୂମି ଭଳି ଜୀବନରେ ନୂତନ ବସନ୍ତ ଆସିଛି । ଡାଇରୀ ଫାର୍ମ ଏବଂ ଛତୁଚାଷ କାମରେ ଦିନ ସାରା ଲାଗି ରହୁଛି ସେ । ପ୍ରଣତିବୋଉଙ୍କର ଦେହ ଖରାପ ସମୟରେ ଶ୍ରୀକାନ୍ତ ତାଙ୍କୁ ଠିକ୍ ସମୟରେ ଡାକ୍ତରଖାନାକୁ ନେଇ ତାଙ୍କର ଜୀବନ ରକ୍ଷା କରିଥିଲା ଏବଂ ରାତି ଅନିଦ୍ରା ରହି ଡାକ୍ତରଖାନାରେ ସେବା କରିଥିଲା । ଏହି ଘଟଣା ପ୍ରଣତିର ତା'ପ୍ରତି ଦୁର୍ବଳତା ଏବଂ ତା ବୋଉଙ୍କର ସ୍ନେହ ବଢ଼େଇ ଦେଇଛି । ପ୍ରଣତିର ବୋଉ ଦିନରାତି ଶ୍ରୀକାନ୍ତକୁ ପୁଅ ପୁଅ କହି ମୁଣ୍ଡରେ ବସେଇଛନ୍ତି ।

ସମୟର ଗତି ସହିତ ପ୍ରଣତି ଭୁଲିଯାଇଛି ତାର ଧୋକାବାଜ୍ ପୂର୍ବତନ ପ୍ରେମିକକୁ । ଜଣାଯାଉଛି ସତେ ଯେମିତି ଶ୍ରୀକାନ୍ତ ଏବଂ ପ୍ରଣତି ଭିତରେ ପ୍ରଣୟର ବୀଜ ଅଙ୍କୁରିତ ହେବା ଆରମ୍ଭ ହୋଇଛି । ସମୟ ସୁନ୍ଦର ଭାବରେ କଡ଼ ଲେଉଟାଇଛି ।

ଦିନେ ପ୍ରଣତିର ବୋଉ ମେଘମାଳାକୁ କହିଛନ୍ତି...ମା'ମାଳା, ଶ୍ରୀକାନ୍ତ ମୋର ଯେଉଁ ଭଳି ଭଲମନ୍ଦ ବୁଝାବୁଝି କରୁଚି, ନିଜର ପୁଅ ମଧ୍ୟ ଏଭଳି କରିବ ନାହିଁ । ମୋର ଇଛା ତାକୁ ଜୋଇଁ କରିବା ପାଇଁ । ତୁ ଟିକିଏ ତା ମନକଥା ବୁଝି ମତେ କହନ୍ତୁନି ?

ମେଘମାଳା କହିଲା...ମାଉସୀ, ତମେ ଭଲ ଭାବରେ ଜାଣ ପ୍ରଣତି ଜୀବନରେ କିଭଳି ଝଡ଼ ବହିଯାଇଛି । ବହୁ କଷ୍ଟରେ ନିଜକୁ ସେ ସମ୍ଭାଳି ପାରିଛି । ପ୍ରଥମେ ତା' ମନକଥା ବୁଝି ମତେ କୁହ । ପ୍ରଣତି ଛୋଟପିଲା ନୁହେଁ । ତାର ଅନେକ ସ୍ୱପ୍ନ ଥାଇପାରେ । ଶ୍ରୀକାନ୍ତ ବହୁତ ଭଲ ପିଲା । କିନ୍ତୁ ଆଜିକାଲି ଖାଲି ଭଲ ହେଲେ ତ ଚଳିବ ନାହିଁ । ତାର ଚାକିରି ବାକିରିରୁ ରୋଜଗାର ନାହିଁ । ବାହାଘର ପରେ ପ୍ରଣତିର ଆଶା ଆକାଂକ୍ଷା ସେ ପୂରଣ କରି ନପାରିଲେ ସେମାନଙ୍କ ଜୀବନରେ ଅଶାନ୍ତିର ଝଡ଼ ସୃଷ୍ଟି ହେବ । ତେଣୁ ପ୍ରଣତି ଯେ କୌଣସି ପରିସ୍ଥିତିରେ ଶ୍ରୀକାନ୍ତ ସହିତ ସୁଖରେ ଦୁଃଖରେ ହୋଇ ଚଳିବାକୁ ପ୍ରସ୍ତୁତ ହେବା ଆବଶ୍ୟକ । ଏସବୁ କଥା ପ୍ରଣତି ସହିତ ଆଲୋଚନା କରି ମତେ ଜଣାଅ ମାଉସୀ, ତାପରେ ମୁଁ ପ୍ରସ୍ତାବ ଶ୍ରୀକାନ୍ତ ପାଖରେ ରଖିବି ।

ଆପଣ ତ ଜାଣିବା ଶୁଣିବା ଲୋକ । ଆପଣ ଜାଣନ୍ତି ବାହାଘର କେବଳ ଦୁଇଟି ଜୀବନର ମିଳନ ନୁହେଁ ଏହା ଦୁଇଟି ପରିବାରରେ ମିଳନ । ପ୍ରଣତି ଏବଂ ଶ୍ରୀକାନ୍ତ ରାଜି ଥିଲେ ମଧ୍ୟ ଶ୍ରୀକାନ୍ତର ପରିବାର ଲୋକଙ୍କର ସମ୍ମତି ନିହାତି ଆବଶ୍ୟକ ।

ପ୍ରଣତିର ବୋଉ କହିଲେ...ମା ହୋଇ ମୁଁ ଝିଅର ମନକଥା ଜାଣିପାରିବିନି ? ତାର ମନ ଅଛି । ଦୁଇଦିନ ତଳେ ଥରେ ପଚାରିଥିଲି । ମୁହଁକୁ ତଳକୁ ପୋତି କହିଥିଲା. 'ମୁଁ

Source: Author, Digitized by PPRACHIN, SOA

ଜାଣିନି,ଯା ।' ତାର କହିବାର ଭଙ୍ଗୀରୁ ମୁଁ ଅନୁମାନ କଲି ଯେ ସେ ରାଜି ଅଛି । ତଥାପି ତୋ କହିବା ଅନୁଯାୟୀ ମୁଁ ତାକୁ, ଆଗତ ଭବିଷ୍ୟତର ସମ୍ଭାବ୍ୟ ସମସ୍ୟା କଥା କହି ଆଉଥରେ ପଚାରିବି ।

ମେଘମାଳା ପଚାରିଲା... କୁଆଡେ ଗଲେ ସେମାନେ, କାଇଁ ଦେଖା ଯାଉନାହାନ୍ତି ତ ।

ସେମାନଙ୍କୁ ଖୋଜି ଖୋଜି ମେଘମାଳା ଝରଣା କୂଳରେ ପହଞ୍ଚିଲା । ଦୂରରୁ ଦେଖିଲା ପାଖାପାଖି ଠିଆ ହୋଇଛନ୍ତି ଶ୍ରୀକାନ୍ତ ଓ ପ୍ରଣତି । ଶ୍ରୀକାନ୍ତ ହାତରେ ରହିଛି ପ୍ରଣତିର ହାତ । ମେଘମାଳାର ଉପସ୍ଥିତିରେ ସେମାନେ ପରସ୍ପରଠାରୁ ଦୂରେଇଗଲେ ।

ମେଘମାଳା କହିଲା...କଥା ତା'ହେଲେ ଏତେ ଦୂର ଗଲାଣି ? ସେଇ କଥା ଏଇଲେ ମାଉସୀ କହୁଥିଲେ ।

ପ୍ରଣତି ମୁହଁ ପୋତି ଠିଆ ହୋଇଥାଏ ।

ମେଘମାଳା କହିଲା... ତାହେଲେ ଆମକୁ ଶ୍ରୀକାନ୍ତର ଘର ଲୋକଙ୍କ ପାଖକୁ ପ୍ରସ୍ତାବ ନେଇ ଯିବାକୁ ପଡ଼ିବ । କାଲି ମୁଁ ମାଉସୀଙ୍କ ସହିତ ଶ୍ରୀକାନ୍ତର ଗାଁକୁ ଯିବି । ତା' ପୂର୍ବରୁ ତୋର କ'ଣ କହିବା କଥା କହିଦେ ପ୍ରଣତି । ଶ୍ରୀକାନ୍ତ ସହିତ ତା' ସୁଖରେ ଦୁଃଖରେ ଭାଗୀହୋଇ ତାର ଜୀବନସାଥୀ ହୋଇପାରିବୁ ତ ?

ପ୍ରଣତି ସେମିତି ମୁହଁ ପୋତି ଠିଆ ହୋଇଥାଏ ।

ମେଘମାଳା କହିଲା... ତାହେଲେ ମୁଁ କଣ 'ମୌନେ ସମ୍ମତି ଲକ୍ଷଣ' ବୋଲି ଧରିନେବି ?

ପ୍ରଣତି ସମ୍ମତିସୂଚକ ମୁଣ୍ଡ ହଲେଇଲା ।

ମେଘମାଳା କହିଲା... ଶ୍ରୀକାନ୍ତ, କାଲି ତମ ଗାଁକୁ ଯିବା । ବହୁତ ଦିନ ହେଲା ତୁ ମତେ ନିମନ୍ତ୍ରଣ କରୁଥିଲୁ । ଏବେ ତୋ ଇଚ୍ଛା ପୂରଣ ହେଇଯିବ । ଆଜି ଗାଁକୁ ଯାଇ ଘରେ ସବୁକଥା ଜଣେଇଦେ । ପ୍ରଣତି ବିଷୟରେ ସବୁ ସତକଥା ଟିକିନିଖି ଘରେ ଜଣେଇବୁ, ପରେ ଯେମିତି କିଛି ସମସ୍ୟା ନହୁଏ । ମୁଁ କାଲି ମାଉସୀଙ୍କୁ ନେଇ ତମ ଗାଁ ପଦ୍ମାବତୀ ପୁରରେ ପହଞ୍ଚିବି ।

ଶ୍ରୀକାନ୍ତ, ମେଘମାଳାକୁ ଧନ୍ୟବାଦ ଜଣାଇ ସଙ୍ଗେ ସଙ୍ଗେ ବାଇକ୍ ଧରି ଗାଁ'କୁ ବାହାରିଗଲା । ମେଘମାଳା ପ୍ରଣତି ପାଖକୁ ଯାଇ ପଚାରିଲା...ତୁ ଖୁସି ତ ପ୍ରଣତି ?

ପ୍ରଣତି ମେଘମାଳାକୁ ଆଲିଙ୍ଗନ କରି କହିଲା... ଧନ୍ୟବାଦ ମେଘମାଳା, ମୋ ଜୀବନକୁ ନୂଆ କରି ଗଢ଼ି ଦେଇଥିବାରୁ ।

Source: Author, Digitized by PPRACHIN, SOA

ପରଦିନ ମେଘମାଳା ପଦ୍ମାବତୀପୁରରେ ପ୍ରଣତିର ବୋଉଙ୍କୁ ନେଇ ପହଞ୍ଚିଲା ବେଳକୁ ଦିନ ପ୍ରାୟ ଦଶଟା ହେଲାଣି । ଶ୍ରୀକାନ୍ତର ଭାଇ-ଭାଉଜ ମେଘମାଳାକୁ ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇ ଆଦରର ସହିତ ଘରକୁ ପାଛୋଟି ନେଲେ । ଶ୍ରୀକାନ୍ତର ଭାଇ ଆନନ୍ଦ ବାବୁ କହିଲେ... ମେଘମାଳା ଦିଦି ଆସିବେ ଆସିବେ ବୋଲି କେବେଠାରୁ ଶ୍ରୀକାନ୍ତ କହୁଛି, ଯା'ହଉ ଏତେ ଦିନେ ଭାଇ ଘର ମନେ ପଡ଼ିଲା ଭଉଣୀର ।

ମେଘମାଳା କହିଲା...ଆପଣ ମତେ ତାହେଲେ ଆଗରୁ ଜାଣିଛନ୍ତି ଆନନ୍ଦ ଭାଇ ?

ଆନନ୍ଦ ବାବୁ କହିଲେ...କି କଥା କହୁଛନ୍ତି, ଆପଣଙ୍କ ଯୋଗୁଁ ଆମ କଲେଜ ଗୋଟାଏ ଗୁଣ୍ଡାର ଦୌରାତ୍ମ୍ୟରୁ ରକ୍ଷା ପାଇଲା, ଆପଣଙ୍କୁ ମୁଁ ଭୁଲିଯିବି ? ଅଶୋକ ବାବୁଙ୍କ ସହିତ କଥାବାର୍ତ୍ତା ହୋଇ ସମୁଚିତ ବ୍ୟବସ୍ଥା ନ କରିଥିଲେ 'ବେନୁଆ' ଗୁଣ୍ଡା ଆଜି ପର୍ଯ୍ୟନ୍ତ କଲେଜ ଉପରେ ଶାଗୁଣା ହୋଇ ବସିଥାନ୍ତା । ଆପଣ ସେ ସରକାରୀ ସର୍କୁଲାର୍ ପଠାଇବା ପରେ ମ୍ୟାନେଜମେଣ୍ଟ୍ କମିଟି ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରି ସରପଞ୍ଚକୁ ପ୍ରେସିଡେଣ୍ଟ୍ ପଦରୁ ହଟାଇଲେ । ଏବେ କଲେଜ୍‌ର ଆମର ପ୍ରେସିଡେଣ୍ଟ୍, ତେଣୁ ମହା ସୁରୁଖୁରୁରେ କଲେଜ ଚାଲିଛି ।

ମେଘମାଳା କହିଲା... 'କାନଫୋଡି ବେନୁଆ' ଦାଉରୁ ଆପଣ ତା'ହେଲେ ରକ୍ଷା ପାଇଗଲେ ଆନନ୍ଦ ଭାଇ ।

ଆନନ୍ଦ ବାବୁ କହିଲେ...ଏହା ଆପଣଙ୍କ ଯୋଗୁଁ ହିଁ ସମ୍ଭବ ହେଲା ।

ମେଘମାଳା କହିଲା... ଦୟାକରି ମତେ ଆପଣ ବୋଲି ସମ୍ବୋଧନ କରନ୍ତୁ ନାହିଁ । ଆପଣ ମୋର ବଡ଼ ଭାଇ ସହିତ ସମାନ ।

ଆନନ୍ଦ ବାବୁ କହିଲେ... ଆଚ୍ଛା ଠିକ୍ ଅଛି ।

ତାପରେ ମେଘମାଳା ଆସିବାର ଉଦ୍ଦେଶ୍ୟ କହିବାକୁ ଯାଉଥିଲା । ବାଧା ଦେଇ ଆନନ୍ଦ ବାବୁ କହିଲେ... ସେ ବିଷୟରେ ଆମେ ଅବଗତ ଅଛୁ ମେଘମାଳା । ଶ୍ରୀକାନ୍ତ ଆମକୁ ସବୁ କହିଛି । ମେଘମାଳାର ନିଷ୍ପତ୍ତି କେବେ ଭୁଲ୍ ହେବନାହିଁ । ତେଣୁ ଆମେ ଝିଅକୁ ଦେଖିବା ଆଗରୁ ମଧ୍ୟ ତାକୁ ବୋହୂ କରି ଆଣିବା ପାଇଁ ସମ୍ମତ ଅଛୁ । ଶ୍ରୀକାନ୍ତ ନିଜେ ବହୁତ ଖୁସି । ତା ଖୁସି ହିଁ ଆମର ଖୁସି । ଭଲ ତିଥି ବାର ଦେଖି ବାହାଘର କରିଦେବା ।

xxxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୫୦

ସକାଳୁ ସକାଳୁ ଅଗଣାରେ ଡାମରା କାଉଟା କା କା କରି ଶୁଆଇ ଦେଲାନି । ମେଘମାଳା ଭାବିଲା... ବୋଉ କହୁଥିଲେ ଘରକୁ କିଏ କୁଣିଆ ଆସିବାର ଥିଲେ କୁଆ କା' କା' କରେ । କିଏ ଆଉ କୁଣିଆ ଆସିବ ?

କୁଆ ଆଗରେ ଖଣ୍ଡେ ବାସି ରୁଟି ଫିଙ୍ଗି ଦେଇ ମେଘମାଳା କହିଲା...ଆଉ କିଛି ନାଇଁ, ଏଇ ଖଣ୍ଡକ ନେଇ ଉଡ଼ିଯା' । କୁଆ ନଯାଇ ତଥାପି କା କା କଲା । ମେଘମାଳା କହିଲା...କଣ ଆଉ ମାଗୁଚୁ ଯେ, ତୁ ତ କଫି ପିଇବୁନି ତୋର ଥଣ୍ଟ ପୋଡ଼ିଯିବ ।

ମେଘମାଳାର ଡାମରା କାଉ ସହିତ ଏପରି କଥାବାର୍ତ୍ତା ଶୁଣୁଥିଲେ ବିଷ୍ଣୁବାବୁ । ହସି ହସି କହିଲେ...ବାଇଆଣୀ ହେଇଗଲୁ କି ମାମା ? କଣ କଥାବାର୍ତ୍ତା ହଉଚୁ କାଉ ସହିତ ?

ବାବାଙ୍କ କଥାର କିଛି ଉତ୍ତର ଦବାକୁ ଯାଉଥିଲା ମେଘମାଳା, ଏଣେ ଦୁଆର ମୁହଁରେ ଜିପ୍‌ର ହର୍ଣ୍ଣ ଶୁଣି ଦାଣ୍ଡ ଦୁଆରକୁ ଅନେଇଲା । ତା'ର ଆଶ୍ଚର୍ଯ୍ୟର ସୀମା ରହିଲାନି...ଜିପ୍ ଭିତରୁ ବାହାରି ଆସୁଥିଲେ ବିଜୟ, ଅଶୋକ ବାବୁ ଏବଂ ବିଜୟର ବୋଉ । ସେମାନଙ୍କ ଆକସ୍ମିକ ଆବିର୍ଭାବରେ ହଡ଼ବଡ଼େଇ ଗଲା ମେଘମାଳା । ଅନ୍ୟମାନଙ୍କ କଥା ଅଲଗା । ଅଶୋକ ବାବୁଙ୍କ ଆଗକୁ ଏମିତି ଘରପିନ୍ଧା ଲୁଗା ଖଣ୍ଡେ ପିନ୍ଧି କେମିତି ଯିବ ଯେ ସେ !

ଘର ଭିତରକୁ ଦଉଡ଼ି, ତରତରରେ ଭଲ ଶାଢ଼ି ଖଣ୍ଡେ ପିନ୍ଧି ଆସୁ ଆସୁ, ବାବାଙ୍କଠୁ ଚାବି ନେଇ, ଘର ଖୋଲି ବିଜୟର ବୋଉ ତାଙ୍କ ଘର ଭିତରେ ପ୍ରବେଶ କରିସାରିଥିଲେ । ବୋଉଙ୍କ ପାଦରେ ମୁଣ୍ଡିଆ ମାରି ଅଶୋକ ବାବୁଙ୍କୁ ପ୍ରଣାମ କଲା ମେଘମାଳା । ବିଜୟ ଆଡ଼କୁ ଚାହିଁଲାନି ମଧ । ବିଜୟ ହସିଦେଇ ପଚାରିଲା...ସମସ୍ତଙ୍କୁ ଯଥାମାନ୍ୟ ଆଉ ମୋ ପାଇଁ କିଛି ନାହିଁ ? ମେଘମାଳା ମୁହଁ ମୋଡ଼ି ଦେଇ କହିଲା...ତମକୁ ମୁଁ କଥା କହୁନି ।

ମେଘମାଳାର କହିବାର ଭଙ୍ଗୀ ଦେଖି ସମସ୍ତେ ହସି ଉଠିଲେ ।

ସେତେବେଳକୁ ବିଷ୍ଣୁପଦ ବାବୁ ମଧ ପହଞ୍ଚି ଯାଇଥିଲେ । ବିଜୟର ବୋଉଙ୍କୁ ନମସ୍କାର କରି ବିଷ୍ଣୁପଦ ବାବୁ କହିଲେ...ଏଥର ବହୁତ୍ ଦିନ ରହିଗଲ ଭାଉଜ । ତମେ ନଥିବାରୁ

Source: Author, Digitized by PPRACHIN, SOA

ସବୁ ଖାଲିଖାଲି ଲାଗୁଥିଲା ।ଏପଟକୁ ଚାହିଁବାକୁ ମଧ ଇଚ୍ଛା ହଉନଥିଲା । ସବୁଠାରୁ ବେଶି ଦୁଃଖୀ ଥିଲା ତମର ଏଇ ଝିଅଟି ।

ବିଜୟର ବୋଉ ମେଘମାଳାକୁ କୋଳେଇ ନେଇ କପାଳରେ ଚୁମା ଦେଇ କହିଲେ...ଆଉ ତତେ ଛାଡ଼ି କୁଆଡେ ଯିବିନି ଲୋ ଧନ । ସବୁବେଳେ ତୋ ପାଖରେ ରହିବି । ବିଜୟ ସେଠାକାର ସବୁ କାମ ତୁଟେଇ ଦେଇ ଆସିଛି । ଖାଲି ମଝିରେ ଯାଇ ଜିନିଷପତ୍ର ଯାହା ଅଛି ନେଇ ଆସିବ ।

ଏ ଖବର ଶୁଣି ମେଘମାଳାର ହୃଦୟ ବୀଣାରେ ହଠାତ କିଏ ଯେପରି ସୁନ୍ଦର ମୂର୍ଚ୍ଛନାଟିଏ ତୋଳି ଦେଲା । ବିଦ୍ୟୁତତରଙ୍ଗ ଖେଳି ଗଲା ହୃଦୟ ତନ୍ତ୍ରୀରେ । ଗଭୀର ଆବେଗରେ ବିଜୟ ବୋଉଙ୍କୁ ଆଲିଙ୍ଗନ କରି ଏମିତି ଖୁସି ଜାହିର୍ କଲା ଯେ ତା'ର ପ୍ରଭାବରେ ସମସ୍ତଙ୍କ ମୁହଁରେ ଚେନାଏ ଲେଖା ହସ ଝଲକି ଉଠିଲା ।

ଅଶୋକ ବାବୁ କହିଲେ...ଏବେ ମନ ଖୁସି ତ ମେଘମାଳା ?

ମେଘମାଳା ଏ ପ୍ରଶ୍ନର ଉତ୍ତର ନଦେଇ ଅଶୋକ ବାବୁଙ୍କୁ କହିଲା...ଆପଣ ଆସିଲେ ଭାରି ଭଲ ହେଲା । ମୁଁ ତ କେବେ ଆଶା କରି ନଥିଲି ଯେ ଆପଣଙ୍କ ସହିତ ଜୀବନରେ ଆଉ କେବେ ଦେଖାହେବ ।

ଅଶୋକ ବାବୁ କହିଲେ... କେମିତି ଆସି ନଥାନ୍ତି ମେଘମାଳା ? ପ୍ରତିଶ୍ରୁତି ଦେଇଥିଲି ତୁମ ମନର ମଣିଷକୁ ତୁମ ପାଖରେ ପହଞ୍ଚାଇ ଦେବାପାଇଁ । ତୁମର ତପସ୍ୟା ସଫଳ ହେଇଚି ମେଘମାଳା ।

ଲାଜେଇ ଗଲା ମେଘମାଳା । ବିଜୟ ମୁରୁକି ମୁରୁକି ହସୁଥିଲା ।

ଅଶୋକ ବାବୁ କହିଲେ ଆଉ ଗୋଟିଏ ଭଲ ଖବର ଅଛି ମେଘମାଳା, ମୋ ବାହାଘର ଠିକ୍ ହେଇଯାଇଚି । ଝିଅଟିର ନାଁ ଶ୍ୱେତପଦ୍ମା, ସାଇକୋଲୋଜିରେ ଏମ୍.ଏ. କରି ବରଗଡ଼ କଲେଜରେ ଅଧ୍ୟାପିକା ଅଛି ।

ମେଘମାଳା ଖୁସିରେ ନିଜକୁ ସମ୍ଭାଳି ନପାରି ଚିଲ୍ଲେଇ ଉଠିଲା...ଓ ମାଇଁ ଗଡ୍ । ମତେ ଭାଉଜଙ୍କର ଫଟୋ ଟିକିଏ ଦେଖାନ୍ତୁ ତ ।

ଅଶୋକ ବାବୁ ମୋବାଇଲରେ ଥିବା ଫଟୋଟି ଦେଖାଇଲେ ମେଘମାଳାକୁ ।

ଫଟୋ ଦେଖି ମେଘମାଳା କହିଲା... ବାଃ ଭାଉଜ ସତେ କି ସୁନ୍ଦର !

ବିଜୟର ବୋଉ କହିଲେ.. କାଲି ଆମେ ପ୍ରତାପଗଡରୁ ଆସିବା ବେଳେ, ଅଶୋକ ଆମକୁ ବାଟରୁ ଝିଅ ଦେଖିବାକୁ ନେଇ ଥିଲେ । ସତରେ ମାଳା, ଝିଅଟି ଭାରି ସୁନ୍ଦର, ଗୁଣର ମଧ । କି ସଂସ୍କାର ଦେଇଛନ୍ତି ବାପମାଆ ! ପାଦତଳେ ପଡ଼ି ମୁଣ୍ଡିଆ ମାରିଲା,

Source: Author, Digitized by PPRACHIN, SOA

ପାଖରେ ବସି କେତେ ଦୁଃଖସୁଖ ହେଲା । ଭାରି ଖୋଲା ବ୍ୟବହାର । ମୁଁ ତ ଭାବିଲି, ମୋ ମାଳାର ଇଏ କାର୍ବନ କପି । ଅଶୋକଙ୍କ ପାଇଁ ପିଲାଟି ପୂରା ଫିଟ୍ ।

ମେଘମାଳା କହିଲା... ମୁଁ ଆଜି ବହୁତ୍ ଖୁସି ଅଶୋକ ବାବୁ । ବାହାଘର ଭୋଜି କେବେ ମିଳିବ କହନ୍ତୁ ।

ଅଶୋକ ବାବୁ କହିଲେ...ସେଇଟା ତ ଅତି ଶୀଘ୍ର ଆୟୋଜନ କରାଯିବ । ଆପଣଙ୍କ ପରିବାର ଏବଂ ବୃଦ୍ଧାଶ୍ରମ ପରିବାରକୁ ଆଗରୁ ନିମନ୍ତ୍ରଣ ରହିଲା । ଆଚ୍ଛା କହିଲେ...ଆପଣଙ୍କର ବୃଦ୍ଧାଶ୍ରମ କେମିତି ଚାଲିଛି ?

ମେଘମାଳା କହିଲା...ବଢିଆ ଚାଲିଚି ସାର୍ । ଗୋଟିଏ ଆଦର୍ଶ ଓଲ୍ଡଏଜ୍ ହୋମ୍‌ରେ ପରିଣତ ହୋଇଛି । ଆଉ ଗୋଟିଏ ଶୁଭ ଖବର ସାର୍, ପ୍ରଣତି ସହିତ ଶ୍ରୀକାନ୍ତର ବାହାଘର ଠିକ୍ ହୋଇଯାଇଛି । ଉଭୟ ପରିବାର ଖୁବ୍ ଖୁସି ସେଥିପାଇଁ । ତା' ବାହାଘରକୁ ଆପଣ ନିଶ୍ଚିତ ଭାବରେ ଆସିବେ ବରକନ୍ୟାଙ୍କୁ ଆଶୀର୍ବାଦ ଦେବାପାଇଁ ।

ଅଶୋକ ବାବୁ କହିଲେ... ବାଃ ବଢ଼ିଆ ଖବର ଶୁଣେଇଲ ମେଘମାଳା; ପ୍ରଣତି ବହୁତ ଭଲ ପିଲା, ଶ୍ରୀକାନ୍ତ ମଧ୍ୟ । ପ୍ରଣତିର ଦୁର୍ଦ୍ଦିନର ଶେଷ ହେଲା । ଭଗବାନ ସେମାନଙ୍କ ଜୀବନରେ ଚିର ବସନ୍ତ ଆଣି ଦିଅନ୍ତୁ ।

ବିଜୟ କହିଲା...ମାଳା, ସବୁ ହେଲା ଯେ, ତୁ ମୋ ପାଦ ସହିତ ପାଦ ମିଳାଇ ଚାଲି ପାରିବୁ ତ ? ଚାକିରି ଛାଡ଼ି ଆସିଛି, ସବୁଜ ବିପ୍ଳବ ଅଭିଯାନରେ ମୋ ସହିତ ଆଗେଇ ଯିବା ଅବସରରେ ଅନେକ ଝଡ଼ଝଞ୍ଜା ଆସିବ; ପ୍ରଥମେ ପ୍ରଥମେ ଅନେକ ଆର୍ଥିକ ଅନାଟନ ଆସିପାରେ । ମୋ ଅଭିଜ୍ଞତାରୁ ମୁଁ ଜାଣେ ମଡେଲ ଫାର୍ମ ପ୍ରସ୍ତୁତ କରିବା, କୃଷକ-ସହାୟକ ସଂସ୍ଥା ପ୍ରତିଷ୍ଠା କରି ସ୍ଥାନୀୟ କୃଷକ ସମାଜକୁ ଉପଯୁକ୍ତ ସେବା ଯୋଗାଇ ଦେବା ତଥା ଅନ୍ୟାନ୍ୟ ସାମାଜିକ ଉନ୍ନୟନ କାମରେ ନିଜକୁ ସମର୍ପଣ କରିବା ସହଜ କାମ ନୁହେଁ । ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେବାପାଇଁ ପଡ଼ିବ, ପାରିବୁ ତ ମାଳା ?

ମେଘମାଳା କହିଲା... ତଥାପି ମୋ ଉପରେ ବିଶ୍ୱାସ ନାହିଁ ତମର ବିଜୟ ? କୁହ କେଉଁ ପ୍ରକାର ଅଗ୍ନିପରୀକ୍ଷା ଦେବି ?

ବିଜୟ କହିଲା... ନା ମେଘମାଳା, ତୁ ବହୁତ୍ ଅଗ୍ନିପରୀକ୍ଷା ଦେଇ ସାରିଛୁ । ବହୁତ କଷ୍ଟ ଦେଇଚି ମୁଁ ତତେ ଜୀବନରେ ଏ ପର୍ଯ୍ୟନ୍ତ । ଏଥର ଅଗ୍ନିପରୀକ୍ଷା ପାଳି ମୋର । ତୁ ମୋର ପ୍ରେରଣାର ସ୍ରୋତ ହୋଇ ମତେ ଆଗେଇଯିବା ପାଇଁ ଉତ୍ସାହ ଦେବୁ ମାଳା; ମୋର ଆଉ କିଛି ଆବଶ୍ୟକ ନାହିଁ ।

ମେଘମାଳା କହିଲା...ଲକ୍ଷ୍ୟ ପଥରେ ଆଗେଇ ଯିବା ଅବସରରେ ଯେତେ ବାଧା

Source: Author, Digitized by PPRACHIN, SOA

ବିଘ୍ନ ଆସିବ ତାହା ପ୍ରଥମେ ମୁଁ ସାମନା କରିବି ବିଜୟ ; ତୁମ ଉପରକୁ ଯିବାପାଇଁ ଦେବି ନାହିଁ । ଆବଶ୍ୟକ ପଡ଼ିଲେ ତୁମ ସହିତ ଶାଗ ପଖାଳ ଖାଇ, ମୂଲିଆ ସହିତ ମୂଲିଆଣୀ ହୋଇ ଆମ ଅଞ୍ଚଳରେ କୃଷି ବିପ୍ଲବକୁ ଏବଂ ସାମାଜିକ ଉନ୍ନୟନ କାମକୁ ଫଳପ୍ରଦ କରିବା ପାଇଁ ଜୀବନ ସଳିତାକୁ ତିଳତିଳ କରି ଜାଳି ଦେବି ବିଜୟ, ବିଶ୍ୱାସ କର ।

ବିଜୟ କହିଲା...ମୋର ବିଶ୍ୱାସ ଅଛି ମେଘମାଳା, ନିଜଠାରୁ ଅଧିକ ବିଶ୍ୱାସ ତୋ ଉପରେ ଅଛି ।

ଅଶୋକ ବାବୁ କହିଲେ...ତା'ହେଲେ ଆଜି ମୁଁ ଆସୁଛି ମେଘମାଳା । ଶ୍ରୀକାନ୍ତ ଏବଂ ପ୍ରଣତିର ବାହାଘର ଦିନବାର ଠିକ୍ କରି ଖବର ଦେଲେ ମୁଁ ଆସିବି ।

ମେଘମାଳା କହିଲା... ଗୋଟିଏ କଥା ଜାଣନ୍ତି ସାର୍? ଶ୍ରୀକାନ୍ତର ବିଲକୁଲ ଇଚ୍ଛା ନାହିଁ ବାହାଘରରେ ଭୋଜିଭାତ କରି ହଜାରେ ଦି'ହଜାର ଅତିଥି ଡାକି ଅଯଥା ଖର୍ଚ୍ଚ କରିବାପାଇଁ । ତା' ଇଚ୍ଛା କେବଳ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଅତି ସାଦାସିଧା ନିରାଡ଼ମ୍ବରରେ ବାହାଘର ସମ୍ପନ୍ନ କରିବା ପାଇଁ । ସେ ଚାହେଁ ଯେଉଁମାନେ ଖାଇବାକୁ ପାଉନାହାନ୍ତି ସେଭଳି ଲୋକଙ୍କୁ ଡାକି ବାହାଘର ଭୋଜି ଖୁଆଇବ । ସେମାନେ ଖାଇଲେ ଖୁସି ହେବେ । ବଡ଼ବଡ଼ିଆଙ୍କୁ ଡାକି ଖୁଆଇଲେ ଲାଭ କ'ଣ?

ଅଶୋକ ବାବୁ କହିଲେ.. ବାଃ ବଢ଼ିଆ କଥା । କିନ୍ତୁ ତା' ଭାଇ, ଭାଉଜ, ମା ବାପା ଏ ବିଷୟରେ କ'ଣ କହୁଛନ୍ତି ?

ମେଘମାଳା କହିଲା...ତାର ତ ମାଆବାପା ନାହାନ୍ତି, ଭାଇଭାଉଜଙ୍କୁ ଘରର ମୁରବି ଭାବରେ ସେ ମାନେ । ସେମାନଙ୍କର ସ୍ୱତନ୍ତ୍ର ମତ କିଛି ନାହିଁ । ଶ୍ରୀକାନ୍ତ ଯାହା କହିବ ସେଥିରେ ସେମାନେ ରାଜି ।

ଅଶୋକ ବାବୁ କହିଲେ... ବହୁତ୍ ସୁନ୍ଦର ଚିନ୍ତାଧାରା ଶ୍ରୀକାନ୍ତର । ମୁଁ ମଧ ବେଳେ ବେଳେ ଭାବେ ବାହାଘରମାନଙ୍କରେ ଲୋକଦେଖାଣିଆ ଜାକଜମକ ସବୁ ନିରର୍ଥକ । ବରଂ ସେହି ଖର୍ଚ୍ଚ ଗରିବ ଗୁରୁବାଙ୍କ ପାଇଁ କଲେ ସମାଜ ଉପକୃତ ହେବ । ମୋ ବାହାଘରରେ ମୁଁ ଶ୍ରୀକାନ୍ତ ମଡେଲ୍ ଅନୁସରଣ କରିବି ବୋଲି ଭାବୁଛି ।

'ଶ୍ରୀକାନ୍ତ ମଡେଲ୍'ନାଁ ଟି ଶୁଣି ବିଜୟ ହସ ରୋକିପାରିଲା ନାହିଁ । କହିଲା.. ବାଃ ଅଶୋକ ବାବୁ, ଆପଣ ବି 'ଶ୍ରୀକାନ୍ତ ମଡେଲ୍' ଆପଣେଇବେ? ତା'ହେଲେ ଆମେ କାହିଁକି ଛାଡ଼ିବା, କଣ କହୁଚୁ ମାଳା? ମେଘମାଳା ଟିକିଏ ହସିଦେଇ ଭିତରକୁ ଚାଲିଗଲା ।

xxxxxxxxxxxxxxxxxxxxx

Source: Author, Digitized by PPRACHIN, SOA

୫୧

ଶେଷ ଅଙ୍କ

ଅଶୋକ ବାବୁ ବିଦାୟ ନେଇ ଚାଲି ଯାଇଛନ୍ତି । ଆଠଦିନ ପରେ ବିବାହର ତିଥି ବାର ଠିକ୍ କରି ପୁଣି ଥରେ ନିମନ୍ତ୍ରଣ ପତ୍ର ସହିତ ଆସି ଅନୁରୋଧ କରିଛନ୍ତି ତାଙ୍କ ବିବାହ ଉତ୍ସବରେ ଯୋଗ ଦେବାପାଇଁ । ମେଘମାଳା ଓ ବିଜୟର ପରିବାର, ବରଗଡରେ ବିବାହ ଉତ୍ସବରେ ଯୋଗ ଦେଇ ଆନନ୍ଦରେ ଫେରି ଆସିଛନ୍ତି ତୁଳସୀପୁରକୁ । ଅଶୋକ ବାବୁ ଯେଉଁ 'ଶ୍ରୀକାନ୍ତ ମଡେଲ୍'ରେ ନିଜର ବାହାଘର କରିବେ ବୋଲି କହୁଥିଲେ, ଠିକ୍ ସେହିପରି ବାହାଘରଟି ଅନୁଷ୍ଠିତ ହେଲା । ନିଜ ପରିବାରର ସଦସ୍ୟମାନଙ୍କ ବ୍ୟତୀତ କେବଳ ଅତି ଜଣାଶୁଣା ବନ୍ଧୁଙ୍କୁ ବାହାଘରରେ ସାମିଲ କରିଥିଲେ ଅଶୋକ ବାବୁ । ଭୋଜି ପାଇଁ, ବରଗଡ଼ରେ ଯେତେ ସବୁ ଗରିବ ଗୁରୁବା ଏବଂ ମୂଲିଆ ଶ୍ରେଣୀର ଲୋକ ଥିଲେ, କେବଳ ସେମାନେ ହିଁ ନିମନ୍ତ୍ରିତ ହୋଇଥିଲେ । ଶ୍ୱେତପଦ୍ମାଙ୍କର ପାଣିଗ୍ରହଣ କରି ଅଶୋକ ବାବୁ ଖୁବ୍ ଖୁସିରେ ସମୟ ଅତିବାହିତ କରୁଥିଲେ । ଶ୍ୱେତପଦ୍ମାଙ୍କ ପ୍ରୀତିମଧୁ ଆସ୍ୱାଦନରେ ନିଜକୁ ହଜାଇ ଦେଇଥିଲେ ଅଶୋକ ବାବୁ ।

ଶ୍ରୀକାନ୍ତ ଏବଂ ପ୍ରଣତି ମଧ୍ୟ ପରିଣୟର ପବିତ୍ର ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି । ଅଶୋକ ବାବୁ ସପରିବାର ଆସି ଶ୍ରୀକାନ୍ତ ଏବଂ ପ୍ରଣତିକୁ ବିବାହ ବେଦୀରେ ଆଶୀର୍ବାଦ ଦେଇ ଫେରିଯାଇଛନ୍ତି ।

ସବୁ ବାଧା ବିଘ୍ନ ସତ୍ତ୍ୱେ ବିଜୟର ମଡେଲ୍ ଫାର୍ମ୍‌ର କାମ ଆଗେଇ ଚାଲିଲା । ମେଘମାଳାର ଫାର୍ମ ସହିତ ବିଜୟ ତାର ଫାର୍ମକୁ ଯୋଡ଼ିଦେଇ ଏକ ବିରାଟ ଇଣ୍ଟିଗ୍ରେଟେଡ୍ ଫାର୍ମ ସୃଷ୍ଟି କଲା ।

ବିଜୟ ଗାଁକୁ ଫେରିବା ପରେ ତୁଳସୀପୁର ଏବଂ ଆଖପାଖ କୋଡ଼ିଏ ଖଣ୍ଡ ଗାଁର କୃଷକମାନଙ୍କର ମୁହଁରେ ହସ ଫୁଟି ଉଠିଲା । ସେମାନଙ୍କୁ କୃଷି ଉତ୍ପାଦନ କ୍ଷେତ୍ରରେ ନୂଆ ଦିଗଦର୍ଶନ ଦେବାପାଇଁ ବିଜୟ ଭିତରେ ଜଣେ ଦେବତାଙ୍କୁ ସେମାନେ ପାଖରେ ପାଇଲେ ।

Source: Author, Digitized by PPRACHIN, SOA

ଫାର୍ମ-ଯାନ୍ତ୍ରୀକରଣ ପାଇଁ ବିଜୟ ସେମାନଙ୍କୁ ସାହାଯ୍ୟ କରିଛି । ନିଜେ ଗୋଟିଏ 'ଫାର୍ମର୍ ସର୍ଭିସ୍ ସେଣ୍ଟର୍' ପ୍ରତିଷ୍ଠା କରି ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ପାୱାର ଟିଲର୍, ଥ୍ରେସର, ସ୍ପ୍ରେୟର୍, ଟ୍ରାକର୍ ଇତ୍ୟାଦି ଯୋଗାଇ ଦେଇଛି । ଅଭାବୀ ବିକ୍ରିରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଶସ୍ୟାଗାର ବା ଗ୍ରେନ-ଗୋଲା,ସମବାୟ ଭିତ୍ତିରେ ଗାଁ ଗାଁ ରେ ନିର୍ମାଣ କରାଇଛି । ତାର ପ୍ରେରଣା ଯୋଗୁଁ ବେସରକାରୀ ସ୍ତରରେ ଦୁଇଟି ଶୀତଳ ଭଣ୍ଡାର ସ୍ଥାପିତ ହୋଇଛି । ସହଜ ମୂଲ୍ୟରେ ଚାଷୀମାନେ ସେମାନଙ୍କର କୃଷିଜାତ ଦ୍ରବ୍ୟ ସେଠାରେ ରଖି, ଅଭାବୀ-ବିକ୍ରିରୁ ରକ୍ଷା ପାଇଁ ପାରିଛନ୍ତି ।

ଆଗରୁ ପାଣି ଅଭିବରୁ ଫସଲ ନଷ୍ଟ ହୋଇଯାଉଥିଲା । ତୁଳସୀପୁର ଉପକଣ୍ଠରେ ଗହୀର ଭିତରୁ ବହି ଆସୁଥିବା ନାଳର ପାଣିକୁ ଚାଷୀମାନେ ଠିକ୍ ଉପଯୋଗ କରି ପାରୁନଥିଲେ । ବିଜୟ, ସ୍ଥାନୀୟ ବିଧାୟକ ଏବଂ ଜଳସେଚନ ବିଭାଗର ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ନାଳରେ କେତେ ଗୁଡ଼ିଏ ଆଡ଼ିବନ୍ଧ ନିର୍ମାଣ କରାଇଛି । ଫଳରେ କ୍ଷୁଦ୍ର ଜଳଭଣ୍ଡାରର ସୃଷ୍ଟି ହୋଇପାରିଛି । ସେହି ଜଳାଶୟମାନଙ୍କରୁ ଦୂରରେ ଥିବା ଜମିମାନଙ୍କୁ କେନାଲ ଦ୍ୱାରା ଜଳସେଚନର ବ୍ୟବସ୍ଥା ହୋଇପାରିଛି । ନିକଟରେ ଥିବା ଜମିଗୁଡିକ ଉଠା ଜଳସେଚନ ଦ୍ୱାରା ସେଚିତ ହୋଇ ପାରିଛନ୍ତି । ଜଳସେଚନ ସୁବିଧା ଯୋଗୁଁ ଚାଷୀ ମାନେ ବିଭିନ୍ନ ପ୍ରକାରର ପନିପରିବା ଏବଂ ଫୁଲ ଚାଷକରି ଖୁବ୍ ଲାଭବାନ ହୋଇ ପାରିଛନ୍ତି ।

ସେପଟେ ଅଶୋକ ବାବୁଙ୍କ ସୁପରିଚାଳନା ଯୋଗୁଁ ପ୍ରତାପଗଡ଼ ମଧ୍ୟ ସମସ୍ୟା ଶୂନ୍ୟ ହୋଇପାରିଛି ।

ଏ ଭିତରେ ବିତିଯାଇଛି ଅନେକ ଦିନ । ନିଜ ନିଜ କର୍ମଜଞ୍ଜାଳ ଭିତରେ ବ୍ୟସ୍ତ ରହି ବିଜୟ ଏବଂ ମେଘମାଳା ଭୁଲି ଯାଇଛନ୍ତି ନିଜର ସାଂସାରିକ ଜୀବନ କଥା । ବାହାଘର ପାଇଁ ବାରମ୍ବାର ଏଡ଼େଇ ଦେଇଛନ୍ତି ଘରର ମୁରବିମାନଙ୍କର ଅନୁରୋଧକୁ ।

ଦିନେ ବିଜୟର ବୋଉ ବିଜୟକୁ ପାଖକୁ ଡାକି କହିଲେ... ମୁଁ ବୃନ୍ଦାବନ ଯାଇ ସେଠାରେ ମୋ ଶେଷ ଜୀବନ ବିତାଇବାକୁ ଠିକ୍ କରିଛି, ମୋ ଯିବାର ବ୍ୟବସ୍ଥା କରିଦେ ।

ବିଜୟ ପ୍ରମାଦ ଗଣିଲା, କହିଲା... କାହିଁକି ବୋଉ ? ମୋର ଅପରାଧ କ'ଣ ?

ବିଜୟର ବୋଉ କହିଲେ...ତୋ ଅପରାଧ ତୁ ଜାଣିଚୁ । ତୁ ଯଦି ଚାହୁଁଚୁ ମୁଁ ତୋ ପାଖରେ ରହେ, ତାହେଲେ ତୁମେ ଦୁହେଁ ବାହା ହେଇଯାଅ, ଡିସେମ୍ବର ପନ୍ଦର ତାରିଖକୁ ଭଲ ତିଥି ଅଛି । ବିଜୟ କହିଲା... ଠିକ୍ ଅଛି, ତୋ କଥା ହିଁ ହେବ । ଆଉ ଦିନେ ବୃନ୍ଦାବନ ଯିବା ନାଁ ଧରିବୁନି ।

Source: Author, Digitized by PPRACHIN, SOA

ସେଦିନ ସନ୍ଧ୍ୟାରେ, ମେଘମାଳାକୁ,ଫାର୍ମ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚ଼ନା ଅଛି ବୋଲି କହି ଘରକୁ ଡାକିଲା ବିଜୟ । ମେଘମାଳା ପହଞ୍ଚିବା ପରେ ନିଜ ରୁମ୍‌କୁ ଡାକି ବିଜୟ କହିଲା...ତୁ ଗୋଟାଏ ବିରାଟ ଭୁଲ୍ କରିଛୁ, ତାହା ଅକ୍ଷମଣୀୟ । ମେଘମାଳା ଡରିଯାଇ କହିଲା...କଣ କରିଚ଼ି କହୁନ ? ବିଜୟ କହିଲା ...ଦେଖ୍ ମାଳା, ତୋ ଫାର୍ମ ସହିତ ମୋ ଫାର୍ମର ମିଳନ ହେଲା । ତୁ ଚ଼ାହୁଁଥିଲୁ ମୁଁ ଗାଆଁକୁ ଆସି ମୋର ବୈଷୟିକ ଜ୍ଞାନ ଉପଯୋଗ କରି ଆମ ଅଞ୍ଚଳର ଚ଼ାଷୀ ଓ ଚ଼ାଷର ଉନ୍ନତି କରେ, ତାହା ମଧ ହେଲା । ସଂକ୍ଷେପରେ କହିବାକୁ ଗଲେ ତୋର ସ୍ୱପ୍ନ ସାକାର ହେଲା । ଆଉ ବାକି ରହିଲା ମୋର ସ୍ୱପ୍ନ, ତୋ'ସହିତ ମିଳନ । ତାହା ସାକାର ନକରି ତୁ ବିରାଟ ଭୁଲ୍ କରୁଛୁ, କେବେ ଭୁଲ୍ ସୁଧାରିବୁ, ଶୀଘ୍ର କହ ?

ଲାଜକୁଳୀ ଲତା ପରି ଅପରିସୀମ ଲାଜରେ ଝାଉଁଳି ପଡ଼ିଲା ମେଘମାଳା । 'ମୁଁ ଜାଣିନି' କହି ଚ଼ାଲିଯାଉଥିଲା । ବିଜୟର ହାତର ସାମାନ୍ୟ ସ୍ପର୍ଶରେ ସବୁ ବଳ କୁଆଡ଼େ ଉଭେଇ ଗଲା । ମୁହଁ ପୋତି ତୁନି ହୋଇ ଠିଆ ହେଲା ବିଜୟ ପାଖରେ । ବିଜୟ କହିଲା... ଜାଣିନୁ ଯଦି ଜାଣେ...ତୋ ବାବା ଓ ମୋ ବୋଉ, କଥାବାର୍ତ୍ତା ହୋଇ ଦିନବାର ଠିକ୍ କରି ସାରିଲେଣି ।

ବାହାରେ ବୋଉଙ୍କର ଖଣ୍ଡିକାଶ ଶୁଣି ନିଜକୁ ବିଜୟ ଠାରୁ ଟିକିଏ ଦୂରେଇ ନେଲା ମେଘମାଳା । ଘର ଭିତରକୁ ପଶି ଆସୁ ଆସୁ ବିଜୟର ବୋଉ କହିଲେ... ଡିସେମ୍ବର ପନ୍ଦରରେ ବା'ଘର । ରହିଲା ଆଉ ଦିନ କୋଡ଼ିଏଟା । ନିମନ୍ତ୍ରଣପତ୍ର ଛପା କାମ କେବେ କରିବୁ ବିଜୁ ? ଆଉ କ'ଣ ଦିନ ମାଡି ଆସୁଚ଼ି ?

ମେଘମାଳାର ବାହା ହେବାପାଇଁ ରାଜି ନହେବାର କୌଣସି କାରଣ ନଥିଲା । ବାହାଘର ହୋଇଗଲା ଠିକ୍ ଡିସେମ୍ବର ପନ୍ଦରରେ ; 'ଶ୍ରୀକାନ୍ତ-ମଡେଲ୍'ରେ । ଆଖପାଖ ଗାଆଁର ଯେତେ ସବୁ ଚ଼ାଷୀ ମୂଲିଆ ଗରିବଗୁରୁବା ସମସ୍ତେ ଭୋଜିକୁ ନିମନ୍ତ୍ରିତ ହୋଇଥିଲେ ।

ମଧୁଚ଼ନ୍ଦ୍ରିକା ରାତିରେ ହାଡ଼ଭଙ୍ଗା ଶୀତ । ହେଲେ ପଲଙ୍କରେ ରଖା ହୋଇଥିଲା ଗୋଟିଏ ମାତ୍ର ମୋଟା ଚ଼ାଦର । ନିଶ୍ଚୟ କେଉଁ ସମ୍ପର୍କୀୟ ଭାଉଜଙ୍କର ଏ ବଦମାସୀ । ବିଜୟ ଘର ଭିତରକୁ ଆସିବା ପୂର୍ବରୁ ଚ଼ାଦରଟି ଘୋଡେଇହୋଇ ମିଛିମିଛିକା ନିଦରେ ଶୋଇ ପଡ଼ିଥିଲା ମେଘମାଳା । ବିଜୟ ପଚ଼ାରିଲା..ଏତେ ଶୀଘ୍ର ଶୋଇଗଲୁ ମାଳା । ଛଳନାରେ ମେଘମାଳା କହିଲା...ମତେ ଭାରି ନିଦ, ଡିଷ୍ଟର୍ବ କରନି, ହେଲା ।

ବିଜୟ, ମେଘମାଳା ଠାରୁ ନିଜକୁ ଟିକିଏ ଦୂରେଇ ପଲଙ୍କ ଉପରେ ଶୋଇଲା । ମେଘମାଳା କହିଲା...ଚ଼ାଦର ଭିତରକୁ ଆସୁନ, କ'ଣ ଡର ଲାଗୁଚ଼ି ?

Source: Author, Digitized by PPRACHIN, SOA

ବିଜୟ ଚାଦରକୁ ନିଜ ଉପରକୁ ଟାଣି ଆଣୁ ଆଣୁ ମେଘମାଳା ଗଭୀର ଆବେଗରେ ତାର ମୃଣାଳ ବାହୁ ବନ୍ଧନରେ ବିଜୟକୁ ଛନ୍ଦିଦେଇ କହିଲା....ତମେ କଣ ଭାବୁଥିଲ ମୁଁ ହାତେ ଓଢ଼ଣା ଟାଣି ମାନ କରି ବସିବି, ତମେ ମତେ ହୋମରୁ ବାହାରିଥିବା ପୋଡ଼ା ନଡ଼ିଆ ଖୁଆଇବ, ମୁଁ ତୁମକୁ କ୍ଷୀର ଗ୍ଲାସଟିଏ ପିଆଇବି ଆଉ ତମେ ମୋ ମାନ ଭଞ୍ଜନ କରିବ ? ମୁଁ ବହୁତ୍ ଅପେକ୍ଷା କଲି, ଆଉ ଫର୍ମାଲିଟି ପାଇଁ ଅପେକ୍ଷା କରିପାରିବି ନାହି । ମଧୁକର ସହିତ ମଧୁର ମିଳନ ପାଇଁ ଗୋଲାପ-ପାଖୁଡ଼ା ଅଧୀର ବିଜୟ ।

ବିଜୟ ମେଘମାଳାର ମୁକ୍ତ କବରୀ ଭିତରେ ଥିବା ଜହ୍ନରୁ ମନଭରି ଅମୃତ ଆସ୍ୱାଦନ କରୁଥିଲା । ସୁବର୍ଣ୍ଣ ଲତାଟିଏ ଭଳି ବିଜୟ ଦେହରେ ଛନ୍ଦି ହୋଇ ଯାଇଥିଲା ମେଘମାଳା । କାନ୍ଥରେ ଝୁଲୁଥିବା ବନ୍ଧେଇ ଫଟୋ ଭିତରୁ ସମିତାର ମୃଦୁ ମନ୍ଦ ହସ ଝରିପଡୁଥିଲା ।

========================

(ସମାପ୍ତ)

Source: Author, Digitized by PPRACHIN, SOA

ଶ୍ରୀଯୁକ୍ତ କୁଳମଣି ଷଡ଼ଙ୍ଗୀଙ୍କ ଦ୍ୱାରା ରଚିତ 'ମେଘମାଳାର ସ୍ୱପ୍ନ' ଏକ ସଂସ୍କାରଧର୍ମୀ ଉପନ୍ୟାସ । ଲେଖକ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଖଣ୍ଡପଡ଼ାର ତତ୍କାଳୀନ ଆଦର୍ଶ ଗୁରୁ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୈଦ୍ୟନାଥ ଷଡ଼ଙ୍ଗୀଙ୍କର କନିଷ୍ଠ ପୁତ୍ର । ଶ୍ରୀଯୁକ୍ତ ଷଡ଼ଙ୍ଗୀ ଜଣେ ଭାବଅବଗାହୀ ବ୍ୟକ୍ତିତ୍ୱ । ପଦ୍ୟ ହେଉ ବା ଗଦ୍ୟ ହେଉ ଭାବରେ ସାନ୍ଦ୍ରତା ଏବଂ ପରିବେଷଣରେ ପଟୁତା ତାଙ୍କ ଲେଖନୀର ବିଶେଷତ୍ୱ । ତାଙ୍କ ଦ୍ୱାରା ରଚିତ କାବ୍ୟକୌମୁଦୀ, ସାମନ୍ତ ସ୍ମରଣେ, ମାୟା ମହ୍ଲାର, ଜୀବନରଙ୍ଗ, ଶ୍ରୀମଭାଗବଦ୍ ଗୀତାର କାବ୍ୟାନୁବାଦ ଏବଂ ଏମିଲିଆ ଫର୍ଣ୍ଣାଡେଜ (ଭ୍ରମଣ କାହାଣୀ)ଆଦି ପୁସ୍ତକ ଗୁଡ଼ିକ ପାଠକୀୟ ଆଦୃତି ଲାଭ କରିଛନ୍ତି ।

ଏହି ସଂସ୍କାରଧର୍ମୀ ଉପନ୍ୟାସଟି ନିଶ୍ଚିତ ଭାବରେ ପାଠକଙ୍କ ହୃଦୟକୁ ଛୁଇଁବ ।

ପ୍ରକାଶକ

ଶାନ୍ତିସେନା ପବ୍ଲିକେଶନ୍ସ

MEGHAMALARA SWAPNA

(a novel)

by Kulamani Sarangi

Published by

Shantisena Publications

Jagatsinghpur, Bhubaneswar, Odisha

788194 103950

₹220/-

Source: Author, Digitized by PPRACHIN, SOA